ଜୁଲାଇ ୨୦୨୧



ପ୍ରଚ୍ଛଦ ଫଟୋ: ପ୍ରଦୀପ ପଣ୍ଡା, ଜଗନ୍ନାଥନଗର, ଭୁବନେଶ୍ୱର-୧୦
ଦୂରଭାଷ - ୯୪୩୭୦୫୩୮୦୬

**ISSN NO – 2582-208X**

[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

"ଜଗନ୍ନାଥ ସ୍ୱାମୀ, ନୟନ ପଥଗାମୀ ଭବ ତୁମେ"। ପବିତ୍ର ରଥଯାତ୍ରା ଉପଲକ୍ଷେ ବେଦାନ୍ତୀର ହାର୍ଦ୍ଦିକ ଅଭିନନ୍ଦନ। ରଥଯାତ୍ରା ହେଉଛି ବିଶ୍ୱ ପ୍ରସିଦ୍ଧ। ଠାକୁର ବାହାରି ଆସନ୍ତି ମନ୍ଦିର ଭିତରୁ ସମସ୍ତ ଜନସମାଜକୁ ଦେଖାଦେବା ପାଇଁ ଆଉ ଏହି ଯାତ୍ରାର ସାକ୍ଷୀ ହେବାପାଇଁ ଓ ଠାକୁରଙ୍କ ରଥକୁ ଛୁଇଁବା ପାଇଁ ପ୍ରତିଟି ଓଡିଆ ମନରେ ଥାଏ ଏକ କାମନା। ପ୍ରଭୁ ତାଙ୍କ ଭାଇ ଓ ଭଉଣୀଙ୍କ ସହ ୯ ଦିନ ପାଇଁ ଗୁଣ୍ଡିଚା ମନ୍ଦିରକୁ ଯାଆନ୍ତି। ତିନୋଟି ରଥ ଭିତରୁ ଜଗନ୍ନାଥଙ୍କ ରଥଟି, ଯାହାର ନାମ ହେଲା ନନ୍ଦିଘୋଷ ରଥ, ସବୁଠାରୁ ଅଧିକ ଉଚ୍ଚା। ଏହାର ଉଚ୍ଚତା ୪୫ ଫୁଟ ୬ ଇଞ୍ଚ। ଏହାର ଷୋଳ ଚକ ଷୋଳକଳାର ପ୍ରତୀକ। ଚକର ବ୍ୟାସ ୭ ଫୁଟ। ୪ ଘୋଡାଙ୍କ ନାମ ହେଲା ଶଙ୍ଖ, ବଳାହକ, ଶ୍ୱେତ, ହରିଦ୍ୱାଶ। ରଥର ଦ୍ୱାରପାଳ ହେଲେ ଜୟ ଓ ବିଜୟ। ନେତର ନାମ ତ୍ରୈଲୋକ୍ୟମୋହିନୀ। ଦୁଇଟି ଶୁଆଙ୍କ ନାମ ଜୀବ ଓ ପରମ।

ବଡଦାଣ୍ଡର ବଡପଣ କେବଳ ଏହି ବଡଠାକୁରଙ୍କ ପାଇଁ। କୁହାଯାଏ ଅତୀତରେ ବଡଦାଣ୍ଡର ବଡଶଙ୍ଖ ନିକଟରେ ପ୍ରବାହିତ ହେଉଥିଲା ମାଳନୀ ନଦୀ। ତେଣୁ ରଥଯାତ୍ରା ସମୟରେ ପ୍ରଭୁ ଗୁପଡଙ୍ଗାରେ ନଦୀ ପାର ହୋଇ ଗୁଣ୍ଡିଚା ଘରକୁ ଯାତ୍ରା କରୁଥିଲେ। ଏହି ଅସୁବିଧାକୁ ଦୂର କରିବାପାଇଁ ଗଙ୍ଗବଂଶୀ ରାଜାମାନେ ଏହି ନଦୀକୁ ପୋତିପକାଇ ଥିଲେ। ଏହି ନଦୀକୁ ପୋତିବା ପୂର୍ବରୁ ମାଉସୀମା ଙ୍କୁ ପ୍ରତିଷ୍ଠା କରାଯାଇଥିଲା ଆଉ ରଥଯାତ୍ରା ସୁରୁଖୁରୁରେ ହୋଇପାରିଥିଲା। ବଡଦାଣ୍ଡର ଶେଷଭାଗରେ ଗୁଣ୍ଡିଚାମନ୍ଦିର ନିକଟରେ

ଅବସ୍ଥିତ ଶରଧାବାଲି । ଏହି ବାଲି ଅତୀବ ପବିତ୍ର । ପ୍ରଭୁଙ୍କର ତିନ ରଥ ଏହି ଶରଧାବାଲିରେ ବାହୁଡା ଯାତ୍ରା ପର୍ଯ୍ୟନ୍ତ ଅପେକ୍ଷା କରନ୍ତି ।

କିନ୍ତୁ କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ଏହି ବର୍ଷ ମଧ୍ୟ ରଥ ବଡଦାଣ୍ଡରେ ଗଡିବ ବିନା ଭକ୍ତଙ୍କ ଗହଣରେ । ଏହା ଏକ ଅତ୍ୟନ୍ତ ଦୁଃଖଦ ଘଟଣା । କିନ୍ତୁ ଏବର ପରିସ୍ଥିତିକୁ ଦେଖିଲେ ସରକାରଙ୍କର ଏହା ଏକ ଆବଶ୍ୟକୀୟ ପଦକ୍ଷେପ, ଏଥିରେ ସନ୍ଦେହ ନାହିଁ । ଏଥିପ୍ରତି ଧ୍ଯାନଦେଇ ସରକାର ଏହାକୁ ସିଧା ପ୍ରସାରଣ କରିବା ପାଇଁ ପଦକ୍ଷେପ ନେଇଛନ୍ତି ।

ପ୍ରଭୁ ହେଉଛନ୍ତି ଜନତାଙ୍କ ଠାକୁର । ତାଙ୍କପାଇଁ ସମସ୍ତ ମାନବ ଜାତି ଏକ । ରଥଯାତ୍ରା ହେଉଛି ଏକତାର ପ୍ରତୀକ । ଆସନ୍ତୁ ଏହି ପବିତ୍ର ରଥଯାତ୍ରାରେ ସମଗ୍ର ମାନବଜାତିର କଲ୍ୟାଣ ପାଇଁ ସଂକଳ୍ପ ନେବା ଯାହାଦ୍ୱାରା ଆମେ ପ୍ରଭୁ ଜଗନ୍ନାଥଙ୍କୁ ମଧ୍ୟ ଦେଇପାରିବା ପରମ ଆନନ୍ଦ ।

ଜୟ ଓଡିଶା, ଜୟ ଓଡିଆ ।

ଅରବିନ୍ଦ ମିଶ୍ର



# ଭିତର ପୃଷ୍ଠାରେ....


| | | |
|---|---|---|
| ଫନ୍ଦି | ଡକ୍ଟର ବିଜ୍ଞାନୀ ଦାସ | ୧୨ |
| ଚନ୍ଦ୍ରମଦ ଶୁଭଙ୍କୀ | ଡ. ଶକୁନ୍ତଳା ଗୁପ୍ତା | ୨୨ |
| ଅକାଳ ମୃତ୍ୟୁର ଲେଲିହାନ ଶିଖା | ଭାସ୍କର ଚନ୍ଦ୍ର ଖଣ୍ଡା | ୨୪ |
| ସୁରଟ ଡାକୁଛି ଆ' କହ୍ନେଇ | ଶଶଧର ମହାପାତ୍ର | ୨୭ |
| ଅସାଧାରଣ ସୁନ୍ଦରବନ | ଅଶୋକ ବିଶ୍ୱାଳ | ୩୦ |
| ଜୀବନ ଦୀପ | ଡ. ପ୍ରସନ୍ନ କୁମାର ବଳ | ୪୦ |
| ରଜ ଆସିଛି | ସନାତନ ମହାକୁଡ | ୪୨ |
| ରାଗ ଅଭିମାନ | ଧରିତ୍ରୀ ଦାସ | ୪୪ |
| ହେ କ୍ରାନ୍ତିପଥର ଯାତ୍ରୀ | କୁଞ୍ଜବିହାରୀ ରାଉତ | ୪୫ |
| ସାରଳା ମହାଭାରତ ରେ ଚଲିକାର ଜନ୍ମ ବୃତ୍ତାନ୍ତ | ଅଧାପକ ତାପସ କୁମାର ଜେନା | ୪୭ |
| ଲକଡାଉନ ଓ ଜୀବନ | ଛବିରାଣୀ ପତି | ୫୨ |
| ଆହାତ ସ୍ୱପ୍ନ | ପ୍ରଦୀପ୍ତ କୁମାର ସାହୁ | ୫୩ |
| କର୍ମ ହିଁ ଜୀବନ | ଅମ୍ବିକା ସ୍ୱାଇଁ | ୫୫ |
| ମୌସୁମୀ ଗୋ ତୁମେ | ବିନୋଦିନୀ ଦାଶ | ୫୬ |
| ଜୀବନ ଯାତ୍ରା | ଅଳକା ମହାନ୍ତି | ୫୭ |
| ବିଚ୍ଛେଦ | ଅଲେଖ ମେହେର | ୬୫ |
| ଇଏ ବି ଗୋଟେ ଲଭ୍ ଷ୍ଟୋରୀ | ରଶ୍ମୀବାଳା ଶତପଥୀ | ୬୭ |
| ନୟନ ମୋ ହେଲା ନଇ | ଅଶୋକ କୁମାର ପ୍ରଧାନ | ୬୯ |
| ମଣିମା | ସରୋଜ ଲକ୍ଷ୍ମୀ ମହାନ୍ତି | ୭୦ |
| ଅନୁର୍ବରା | ଆରତୀ ସାହୁ (ଆଶା) | ୭୨ |

| | | |
|---|---|---|
| ମନୋଜ ଦାସଙ୍କ ସ୍ମୃତିରେ | ବରୁଣ କୁମାର ଦାସ | ୭୯ |
| ଦୁଃଖଦ ସମୟ | ବିଷ୍ଣୁପ୍ରିୟା ଶତପଥୀ | ୮୦ |
| ସନ୍ଧ୍ୟା | ଡ. ସୁଧାଂଶୁ ମେହେର | ୮୧ |
| ବିରଜା ପରିଦର୍ଶନ | ଉମାକାନ୍ତ ଦାସ | ୮୨ |
| ଭୂମେ ର୍ଗରୀୟସୀ ମାତା ସ୍ୱାର୍ଗାଦୁଚ୍ଚତରଃପିତା | ଡ. ଅର୍ଜୁନ ଚରଣ ବାରିକ୍ | ୮୫ |
| ଆଶା | ଅମୂଲ୍ୟ କୁମାର ପଣ୍ଡା | ୮୯ |
| ଫେରି ଆ ଫଗୁଣ | ମୀନାକ୍ଷୀ ପାଢୀ | ୯୦ |
| ମୋ ଦେଶ | ନନ୍ଦିନୀ ରାଉତ | ୯୧ |
| ଜୀବନ୍ତ ଠାକୁରାଣୀ | ଶୁଭଲକ୍ଷ୍ମୀ ସାହୁ | ୯୩ |
| ରଜପର୍ବ ଆସିଛି ! | କୁଞ୍ଜ ବିହାରୀ ସାହୁ | ୯୪ |
| ଆମଘର ... | ପ୍ରକାଶ କୁମାର ଗୁନ୍ଦ | ୯୬ |
| ବୃକ୍ଷ ର ବେଦନା.. | ପ୍ରିୟଦର୍ଶିନୀ ମହାପାତ୍ର | ୯୭ |
| ହୁଅ ଯୁଗ ଉପଯୋଗୀ | ସତ୍ୟନାରାୟଣ ମିଶ୍ର | ୯୮ |
| ଧାଡିଏ ଗପ : ଲକଡାଉନରେ ବାପା | ସତ୍ୟନାରାୟଣ ଗନ୍ତାୟତ | ୧୦୦ |
| ମମତାମୟୀ ମା | ଶିତିକଣ୍ଠ ଗାଇଗାରିଆ | ୧୦୧ |
| ଗପ ରେ ଥାଅ | ପ୍ରଫୁଲ୍ଲ ପାଢୀ | ୧୦୨ |
| ଅକ୍ଷୟ ତୃତୀୟା | ବାସନ୍ତୀ ଲତା ଜେନା | ୧୦୩ |
| ଏଇ କ ମଣିଷ ପଣିଆଁ | ଗୁପ୍ତେଶ୍ୱର ଗୁନ୍ଦ | ୧୦୬ |
| ମୋ ପିତା | ଦେବାର୍ଚ୍ଚନ ମେହେର | ୧୦୮ |
| ଅକୁହା କଥା | ଦୀପକ କୁମାର ନାୟକ | ୧୦୯ |
| ଅତିମାନସର ମନ | କାଳକଙ୍କର | ୧୧୦ |
| ପ୍ରଥମ ଦେଖାରେ | ଜୟ କୁମାର ମିଶ୍ର | ୧୧୪ |
| ମୌସୁମୀ | ମନୋରମା ମହାନ୍ତି | ୧୧୬ |

| | | |
|---|---|---|
| କାହିଁ ସେ ରଜ ମଉଜ | ପ୍ରାଧ୍ୟାପିକା ଜ୍ୟୋସ୍ନା ରାୟ | ୧୧୭ |
| ସାମ୍ପ୍ରତିକ ସମନ୍ୱୟବୋଧ | ଡକ୍ଟର ମନୋରଞ୍ଜନ ବିଷୋୟୀ | ୧୧୯ |
| ସମୟର ଚକ୍ର | ନରେନ୍ଦ୍ର ପ୍ରସାଦ ବେହେରା | ୧୨୨ |
| ମୋ ମନ ଆକାଶେ | ରାଜକିଶୋର ସାଇଁ | ୧୨୫ |
| ଦୁଇଟି କବିତା | ଆଶୁତୋଷ ମେହେର | ୧୨୭ |
| ଜୀବନ ଯମୁନାରେ | ଅଭିମନ୍ୟୁ ବେହେରା | ୧୨୯ |
| ମିଠା କଥା | ବିଶ୍ୱରଂଜନ ପଣ୍ଡା | ୧୩୨ |
| ବିଶ୍ୱ ପରିବେଶ ଦିବସ | ବିଷ୍ଣୁପ୍ରିୟା ଦାସ | ୧୩୪ |
| ବୟସ ନଦୀର ତୀରେ | ବେଣୁଧର ସୂତାର | ୧୩୫ |
| ଲଘୁ ଆଲୋଚନା-ସତକଥା | ବଦ୍ରୀ ମହାନ୍ତି | ୧୩୮ |
| ସ୍ମୃତି | କୀର୍ତ୍ତି ଦେବୀ | ୧୪୧ |
| ଡର | ଡ. ଜ୍ଞାନେଶ୍ୱର ମିଶ୍ର | ୧୪୨ |
| ନମସ୍କାର | ବିନୟ ମିଶ୍ର | ୧୪୩ |
| ଭଲପାଇବାର ଶକ୍ତି | ଝରଣା ବାରିକ | ୧୪୫ |
| ଆତଙ୍କବାଦୀ | ତ୍ରିପତି ପ୍ରଧାନ | ୧୪୭ |
| ପ୍ରିୟା ହଜିଯାଏ | ନବ କୁମାର ଦାସ | ୧୪୮ |
| ମହାବାହୁ ରଖ ମୋତେ | ବିଜୟ କୁମାର ସାହୁ | ୧୪୯ |
| ଜାତିପ୍ରାଣ ଅନନ୍ତ | ବିଜୟ କୁମାର ଛାଟୋଇ | ୧୫୦ |
| ବ୍ରହ୍ମସତ୍ତା | ଡ଼ା ସୀମାନ୍ତ କୁମାର ନନ୍ଦ | ୧୫୩ |
| ପ୍ରତୀକ୍ଷା | ଚୈତନ୍ୟ ବାଗ | ୧୫୫ |
| କେଚଲ୍ ଗାଁ ରେ ଏକ ବିନଦ୍ର ରଜନୀ | ପ୍ରିୟବ୍ରତ ପାତ୍ର | ୧୫୬ |
| ମୋ ପରିବେଶ ମୋ ପାଇଁ ସ୍ୱର୍ଗ | ବାସନ୍ତୀ ଲତା ଜେନା | ୧୬୩ |
| ଗୁଣଗ୍ରାହୀଠାରେ ପ୍ରକାଶ | ଶୋଭଗିନ ବିଶି | ୧୬୬ |
| ଖୁସି | ନିରଞ୍ଜନ ସାହୁ | ୧୬୭ |

| | | |
|---|---|---|
| ମୋ ମାଆ | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି | ୧୬୮ |
| ନାଟକ ।। ରାମ ରାବଣ ରାମାୟଣ ।। | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୭୦ |
| ଗୋଲାପୀ ଚଠି | ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ | ୧୮୦ |
| ୟସ ବାତ୍ୟା ଅନୁଚନ୍ତା | ଦୀନବନ୍ଧୁ ବେଜ | ୧୮୨ |
| ସବୁ ତୁମରି ଲୀଳା | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୮୩ |
| କୋଡ଼ିଏ ଏକୋଇଶିର ଅବୋଲକରା କାହାଣୀ | ବିଜୟ କୁମାର ଜେନା | ୧୮୪ |
| ପ୍ରେମ ଓ ପ୍ରତାରଣା | ସଞ୍ଜୟ କୁମାର ନାଏକ(ସଞ୍ଜୁ) | ୧୮୮ |
| ପ୍ରଭୁ  ବରୁଣେଶ୍ୱର | ଜନ୍ମେଜୟ ନାୟକ | ୧୮୯ |
| ହଜି ଯାଇଥିବା ଈଶ୍ୱର [ଏକ ପ୍ରତୀକଧର୍ମୀ ନାଟକ] | ଡକ୍ଟର କଶୋର ମହାନ୍ତି | ୧୯୧ |
| ପ୍ରକୃତି | ରୁବ୍ଲିନ୍ ସାହୁ | ୧୯୫ |
| ଅବୁଝା ମନ | ରଶ୍ମିତା ସାହୁ | ୧୯୬ |
| ଫୁଲର ସୌନ୍ଦର୍ଯ୍ୟ | ରଶ୍ମିତା ସାହୁ | ୧୯୭ |
| ଆମ ସାହିତ୍ୟ | ସିଦ୍ଧେଶ୍ୱର ତ୍ରିପାଠୀ | ୧୯୮ |
| ହେ ଶିବ ! | ଅଜିତ ପାଢ଼ି | ୨୦୦ |
| କେବେ ହବ ଅନ୍ତ ଏହି ମସିହା | ଅନଙ୍ଗ ମଞ୍ଜରୀ | ୨୦୧ |
| ହୃଦୟ | ସାଗରିକା ସାହୁ | ୨୦୩ |
| ଛୋଟ ମୋର ନାଆଟି (ଧାରାବାହିକ) | ପ୍ରଫେସର ଅନତା ପଣ୍ଡା | ୨୦୪ |
| ରଜ ମଉଜ | ଅମରନାଥ ବାରିକ | ୨୧୭ |
| ବାଲ୍ୟ ଜୀବନ | ସରୋଜ କୁମାର ଜେନା | ୨୧୯ |
| ବିରହି ରାଧା | ସୁଲୋଚନା ବେହେରା | ୨୨୦ |
| ଅଚହ୍ନା ବନ୍ଧନ (ଧାରାବାହିକ) | ଜୟଲକ୍ଷ୍ମୀ ସେଠୀ | ୨୨୧ |
| ଏ ସଂସାର ଏକ ରଙ୍ଗମଞ୍ଚ | ଶଶୀକାନ୍ତ ମେହେର | ୨୨୭ |

| | | |
|---|---|---|
| ହେ ! ପ୍ରଥମ ରଜ | କଲେଶ କୁମାର ଭୋଇ | ୨୨୮ |
| ଇତିଶ୍ରୀ | ଖଗେଶ୍ୱର ବାଗ | ୨୨୯ |
| ମାଲକାନଗିରି "ବଣ୍ଡା ଜନଜାତି" ମାନଙ୍କର ଜୀବନ ଶୈଳ-ଚୁମ୍ବକରେ | ପ୍ରତାପ ଚନ୍ଦ୍ର ସାହୁ | ୨୩୦ |
| ଅଭିସାର | ଡ଼ଃ.ମଧୁମିତା ଷଡଙ୍ଗୀ | ୨୩୫ |
| ବର୍ଷା... | କେଶରୀ ପ୍ରସାଦ ମହାନ୍ତି | ୨୩୬ |
| ମୃତ୍ୟୁ | ଲଲ୍ଲେନ୍ଦୁ ବାରିକ | ୨୩୭ |
| ରଜ | ତପନ ଦୀକ୍ଷୀତ | ୨୩୮ |
| ଆନମନା ମନ | ପ୍ରିୟଦର୍ଶିନୀ ମହାନ୍ତି | ୨୪୭ |
| ଶିଳ୍ପୀ | ସ୍ୱର୍ଣ୍ଣମୟୀ ଷଡଙ୍ଗୀ | ୨୪୯ |
| ଜଗାକୁ କାହିଁକି ଆମେ ଦୋଷ ଦେବା | ସୌମ୍ୟ ରଞ୍ଜନ ମିଶ୍ର | ୨୫୧ |
| ରକ୍ତ ର ପ୍ରତିଦାନେ | ସୁଶୀଲ କୁମାର ମହାପାତ୍ର | ୨୫୩ |
| ମହାମାରୀରୁ କରରକ୍ଷା | ସଂଯୁକ୍ତା ମେହେର | ୨୫୬ |
| ସୁଖ କଜ ହାତରେ | ସଂଯୁକ୍ତା ସାହୁ | ୨୫୭ |
| ସକାଳର ଅପେକ୍ଷାରେ | ସୌଭାଗ୍ୟବତୀ ଗିରି | ୨୫୯ |
| ଆଧୁନକ ମୃଗତୃଷ୍ଣା | ମୟଙ୍କ | ୨୬୧ |
| ମହୁଲ ଫୁଲର ଟୋକେଇ | ଦୁଷ୍ମନ୍ତ ବେହେରା | ୨୬୩ |
| ଦେଖୁଚ ତୁମରି ପଥ | ମନୋରଞ୍ଜନ ସୁରୁଜାଲ | ୨୬୬ |
| ବୋଉ | ଶିବରାମ ଦଳେଇ | ୨୬୮ |
| ସୁନା ସଂସାର | ଶାନ୍ତନୁ କୁମାର ରାଉତ | ୨୬୯ |
| ଗୁରୁ | ଦିନେଶ ମେହେର | ୨୭୦ |
| କାଳ | ସନ୍ତୋଷ ସାହୁ | ୨୭୧ |
| ଗଳ୍ପ ରେ ଅଳ୍ପ | ଦେବେନ୍ଦ୍ରନାଥ ବଳ | ୨୭୨ |
| ଜୀବନର ଅନ୍ତେ | ରୁଦ୍ର ନାରାୟଣ ଦାଶ | ୨୭୩ |

| | | |
|---|---|---|
| ପୃଥିବୀ | ସନାତନ ଦାସ | ୨୭୫ |
| ମୁଇଁ ତ ଗରିବ ଛାତ୍ର | ମହେଶ୍ୱର ସାହୁ | ୨୭୬ |
| ମୁଁ ଜୋକର | ମେନକା ସାହୁ | ୨୮୧ |
| ଭକ୍ତି ବନ୍ଦନା ଚଉତିଶା | ଆନନ୍ଦ ସାହୁ | ୨୮୩ |
| ତିନୋଟି ଡାଏରୀ ର କାହାଣୀ | କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ | ୨୮୯ |
| ବିଶ୍ୱାସ | ଉମେଶ କୁମାର ବିଶ୍ୱାଲ | ୨୯୪ |
| ଅନୁତାପ | ଟୋକେସ ରୋହିଦାସ | ୨୯୭ |
| ଅତୀତକୁ ଯିବି ଫେରି | ଦୀପକ କୁମାର ନାୟକ | ୨୯୮ |
| ଗୁରୁବାର | କ୍ଷୀରମୋହନ ପଟେଲ | ୨୯୯ |
| ଅଭିଳାଷ | କ୍ଷୀରୋଦ୍ର କୁମାର ସାହୁ | ୩୦୨ |
| ଦିନେ ତୁମେ ଫେରିବ | କାହ୍ନୁ ଚରଣ ସାହୁ | ୩୦୩ |
| ମରିଠାରେ | ଜ୍ୟୋତି ପଧାନ | ୩୦୪ |
| ମଶାଣି ରେ ଅଗ୍ରୀମ... | ଜୁମର ନାଥ ପାତ୍ର | ୩୦୫ |
| କାହିଁକି ପଛରେ ରହିଗଲେ? | ହରିବନ୍ଧୁ ମେହେର | ୩୦୭ |
| ନୀଳ ନୟନା | ହରେରାମ ପଣ୍ଡା | ୩୦୯ |
| ରଙ୍ଗୀନ ଅନ୍ଧାର | ଗଜାନନ ମିଶ୍ର | ୩୧୧ |
| ମହାଭାରତ କଥା.. | ନରେନ୍ଦ୍ର ପ୍ରସାଦ ବେହେରା | ୩୧୩ |
| ମାଆ | ଧନଞ୍ଜୟ ସ୍ୱାଇଁ | ୩୧୭ |
| ମାରୁଛ ଆମକୁ ତୁମେ ନକ୍ସଲ ସଜାଇ | ସୁଶୀଲ୍ କୁମାର ଭୋଇ | ୩୧୮ |
| ମୁଁ ଫେରିଯିବି | ସୂର୍ଯ୍ୟକାନ୍ତ ମଲିକ | ୩୨୦ |
| ତାଲା ବନ୍ଦ | ବିଶ୍ୱ ରଞ୍ଜନ ମହାନ୍ତି | ୩୨୨ |
| ପ୍ରୀତି ବିରହ | ରଞ୍ଜନ କୁମାର ପ୍ରଧାନ | ୩୨୬ |
| ମୌସୁମୀ | ଶୁଭେନ୍ଦୁ ମେହେର | ୩୨୭ |
| ନିରୂପାୟ | ସୁଭଦ୍ରା ରାଉତ | ୩୨୯ |

| | | |
|---|---|---|
| ପଥର | ଶୁଭ ପଧାନ୍ | ୩୩୦ |
| ଧାରେ ଲୁହ | ସସ୍ମିତ ଦାଶ | ୩୩୧ |
| ବୁଢା ବରଗଛ | ପ୍ରଶାନ୍ତ କୁମାର ନାଥ | ୩୩୩ |
| କର୍ମ ର ଫଳ | ରୀକ୍ଷିର୍‌ମ ମେହେର | ୩୩୫ |
| ପ୍ରଶ୍ନ | ପୂର୍ଣ୍ଣଚନ୍ଦ୍ର ରଣା | ୩୩୭ |
| ମୌସୁମୀ | ପବିତ୍ର ବେହେର୍ | ୩୩୯ |
| ପ୍ରକୃତି | ନକୁଞ୍ଜ କୁମାର ଘୋଷ | ୩୪୧ |
| ବୃଦ୍ଧାଶ୍ରମରେ ସ୍ଥାନ ନାହିଁ | ବାଲ୍ମୀକ ନାୟକ | ୩୪୩ |
| ସକଳ ତୀର୍ଥ ତୁମ ଚରଣେ | ଦମୟନ୍ତୀ ରଥ | ୩୪୭ |
| ଇଚ୍ଛା ହୁଏ | ଆଶିଷ କୁମାର ବଣିଆ | ୩୫୨ |
| ମୁଁ କଣ | ଆନନ୍ଦ କୁମାର ମାଇତି | ୩୫୩ |
| ଗୃହକରିଆ ବୋହୂ | ର୍‌ଧାମୋହନ ପୂଜାହାରୀ | ୩୫୫ |


## ଆଞ୍ଚଳକ


| | | |
|---|---|---|
| ପାଏନ୍ ଗଲିଗଲ୍ କଂକର୍ ଭୁଲେ | ବାଙ୍କାବିହାରି ମହାକୁର | ୩୫୯ |
| ଗୃହେଁନ ମାହେଜୀ | ପ୍ରମୋଦ କୁମାର ସାହୁ | ୩୬୧ |
| ମୋର୍ ମନର କଥା | ତ୍ରିଲୋଚନ ସାହୁ | ୩୬୩ |
| ଗଛ୍ | ଗୁପ୍ତେଶ୍ୱର ନନ୍ଦ | ୩୬୪ |
| ପଥର୍ | ସନୟ ଭୁଷଣ ମେହେର (ମିତ୍ର କଂସ) | ୩୬୬ |
| କାଁଚ୍ | ସୁନୀଲ କୁମାର ଅଗସ୍ତି | ୩୬୮ |

# ଶିଶୁ ବିଭାଗ



| | | |
|---|---|---|
| ଅତି ଚପୁଡ଼ିଲେ ଲେମ୍ବୁ ପିତା | ଡ଼ଃ ରଞ୍ଜିତ କୁମାର ସାହୁ | ୩୭୦ |
| ନଦାଘର ଆଗମନ | ଅମୂଲ୍ୟ କୁମାର ପଣ୍ଡା | ୩୭୪ |
| ଟିକି ପୂଜାରୀ | ମୀନାକ୍ଷି ପାଢୀ | ୩୭୬ |
| ଶ୍ରେଷ୍ଠ ଚନ୍ଦ୍ରକର | ବିନୟ ଭୂଷଣ ପାଣିଗ୍ରାହୀ (ମିଟୁ) | ୩୭୭ |
| ତୃଣଭୂମି ଓ ଏହାର ପରିବେଶ | ନୀଳମାଧବ ସାହୁ | ୩୮୭ |
| ଦୁଇ କେ ଦୁଇ | ରାମ ଚନ୍ଦ୍ର ପ୍ରଧାନ | ୩୯୧ |
| ଚନ୍ଦ୍ର | ରିଧ୍ୟାନ୍ସ ପଣ୍ଡା | ୩୯୨ |
| ଜୁନ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୯୩ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୩୯୪ |
| ଆପଣଙ୍କ ମତାମତ | ବେଦାନ୍ତୀ ପରିବାର | ୩୯୮ |



[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

ଯୋଗାଯୋଗ

Whatsapp:+ 91 9594993733

# ଫନ୍ଦି



ଡକ୍ଟର ବିଜ୍ଞାନୀ ଦାସ

ଦୀର୍ଘନିଃଶ୍ୱାସ ନେଲା ତନ୍ମୟ । ଆଜି ଏତେ ଗୁଳୁଗୁଳ ହେଉଛି ଯେ, କବାଟ ଖୋଲିବାକୁ ଭୟ ଲାଗୁଛି । ପ୍ରାୟ ଘଣ୍ଟାଏ ହେଲା ବିଜୁଳି ଗଲାଣି ଯେ, ଏ ପର୍ଯ୍ୟନ୍ତ ଆସିବାର ନାଁ ନାହିଁ। କଣ ନା ସ୍ମାର୍ଟ ସିଟି ଭୁବନେଶ୍ୱର । ସ୍ମାର୍ଟ ନା ଛେନା ଗୁଡ । ଏମିତି ସବୁ ବାହାରକୁ ବଡବଡ କଥା । ହେଲେ ଭିତର ପୂରା ଫମ୍ପା । ମନେ ପଡିଲା ଅକ୍ଷୟ ମହାନ୍ତିଙ୍କର ଗୀତ, "ଭିତର ଫମ୍ପା ଉପର ଚକଚକଆ ।"

ଏବେ ତ ସିଏ ଫମ୍ପା । ଫମ୍ପା ନୁହେଁ ତ ଆଉ କଣ? କଛି କାମକୁ ନୁହେଁ । କ କରୋନା ପଜିଟିଭ୍ ବାହାରିଲା ଯେ, ଏବେ ନିଜ ଘରେ ବି ସିଏ ଗୃହବନ୍ଦୀ । ଆମେରିକାରୁ ଧାଇଁ ଆସିଥିଲା ଏପ୍ରିଲ୍ ମାସରେ, ଫାଇଜର୍ ଟିକାର ଦୁଇଟି ଡୋଜ୍ ନେଇ ସାରିବା ପରେ । ଗତବର୍ଷ ବାପା ଚାଲିଗଲେ ଏପ୍ରିଲ୍ ୧୦ ତାରିଖରେ । କରୋନା ଭୂତାଣୁ ସହିତ ଅନେକ ଯୁଝିଥିଲେ । ଶେଷକୁ ଥକପଡିଲେ । ଆସି ପାରିନଥିଲା ତନ୍ମୟ, ଆମେରିକାରେ ସେତେବେଳେ ନ୍ୟୁୟର୍କ ରାଜ୍ୟର ଯେଉଁ ଭଳି ଅବସ୍ଥା, ସେଥିରେ ସମସ୍ତଙ୍କ ତାଟି କବାଟ ବନ୍ଦ । ଦେଶ ଦେଶ ଭିତରେ ଗମନାଗମନ, ବିମାନ ଚଳାଚଳ ସଂପୂର୍ଣ୍ଣ ବନ୍ଦ ।

ଅସହାୟ ହୋଇ ଅନେକ କାନ୍ଦିଥିଲା ତନ୍ମୟ । ଦୁଇ ଭଉଣୀରେ ଗୋଟିଏ ଭାଇ ସିଏ । ଗୋଟିଏ ପୁଅ ବୋଲି ବାପା, ବୋଉଙ୍କର ମୁହଁରେ ଶେଷ ସମୟରେ ନିଆଁ ଦେବ ବୋଲି କେତେ ଭରସା । ହେଲେ ଏ କରୋନା ଭଳି ଦୁର୍ଦ୍ଦାନ୍ତ ଭୂତାଣୁ ପାଖରେ ନା ଦୟା, ନା ମାୟା। ତା'ପାଖରେ ସଂପର୍କ ସବୁ ଅର୍ଥହୀନ । ଖୁବ୍ ଜୋର୍‌ରେ ସେଦିନ କାନ୍ଦୁଥିବା ବେଳେ, ରେଖା ଆସି ପାଖରେ ବସି ଆଶ୍ୱାସନା ଦେଇଥିଲା । "ତମେ ଏମିତି ଅଧୈର୍ଯ୍ୟ

ହୁଅନ୍ତ । ଅବସ୍ଥା ସୁଧୁରିଗଲେ ଆମେ ସମସ୍ତେ ଓଡିଶା ଯାଇ ବୋଉଙ୍କ ପାଖରେ କଛିଦିନ ରହିବା ଓ ତାଙ୍କୁ ଆମ ପାଖକୁ ନେଇଆସିବା ।"

ସେଇ ଆଶା ରଖି ନଜକୁ ସମ୍ଭାଳବାକୁ ଚେଷ୍ଟା କରିଥିଲା ତନ୍ମୟ । ହେଲେ କରୋନା ପରିସ୍ଥିତି ନୟନ୍ତ୍ରିତ ହୋଇନଥିଲା । ଏବେ ବର୍ଷଟିଏ ବିତିଗଲାଣି । ତେବେ ପ୍ରତିଷେଧକ ଟିକା ବାହାରିବା ପରେ ତନ୍ମୟ ସ୍ୱପ୍ନ ଦେଖିବା ଆରମ୍ଭ କରିଥିଲା । "ବାପାଙ୍କ ଶ୍ରାଦ୍ଧ ବେଳକୁ ନଶ୍ଚୟ ଯିବି ।" ମାର୍ଚ୍ଚ **15,** ୨୦୨୧ରେ ସେ ଫାଇଜର୍ ଟିକାର ଦ୍ୱିତୀୟ ଡୋଜ୍ ନେଇଥିଲା । ସେଥିପାଇଁ ଏପ୍ରିଲ୍ ୫ ତାରିଖରେ ସିଏ ଓଡିଶାରେ ପହଞ୍ଚିଥିଲା । ଭାବିଥିଲା ମାସେ ଖଣ୍ଡ ବୋଉ ପାଖରେ ରହିବ ଓ ମେ' ମାସ ୫ ତାରିଖରେ ଫେରିବ । ଝିଅର ହାଇସ୍କୁଲ୍ କ୍ଲାସ୍ କାମ ଥିବାରୁ, ସିଏ କେବଳ ଏକା ଓଡିଶା ଗଲା, ରେଖା ଓ ଝିଅ ଯାଇପାରିନଥିଲେ ।

ଏପ୍ରିଲ୍ ୧୦ ତାରିଖରେ ବାପାଙ୍କର ଶ୍ରାଦ୍ଧ ଭଲରେ ହେଲା । ଯଦିଓ କରୋନାର ନୂଆ ଭାରିଆ ରୂପ ଭାରତରେ ବ୍ୟାପିଲାଣି ବୋଲି ଶୁଣା ଯାଉଥିଲା, ତେବେ ବି ସିଏ ଶ୍ରାଦ୍ଧରେ ସାନବାପା, ଦାଦା, ମାମୁ, ମାଉସୀ ଅନ୍ୟାନ୍ୟ ବନ୍ଧୁବାନ୍ଧବଙ୍କୁ ଶଙ୍ଖୋଳଥିଲା । ସମସ୍ତେ ମଧ ଆସିଥିଲେ । ତାର ଦୁଇଭଉଣୀ ବିନ ଦେଇ ଓ ନନ ମଧ ଆସିଥିଲେ । ବାସ୍ ସେଇଥିରୁ ତ ଉପୁଜିଲା ସମସ୍ୟା । ଏତେ କମ୍ ଲୋକ ଥାଇ କ ବି, ସେ କରୋନା କେମିତି ପରିବାରକୁ ମାଡିଆସିଲା । ଏପ୍ରିଲ୍ ୨୦ ତାରିଖ ବେଳକୁ ନନର ସାନ ଝିଅକୁ ପ୍ରଥମେ ଜ୍ୱର, କାଶ ହେଲା । ସିଏ ଯାଇ କରୋନା ଟେ କରାଇବାରୁ ତାର ପଜିଟିଭ୍ ବାହାରିଲା । ବାସ୍, ସେଇଠୁ ପରିବାରରୁ ପରିବାରକୁ ବ୍ୟାପିଲା । ଯଦିଓ ସିଏ ଦୁଇଟି ଟିକା ନେଇଥିଲା, ତଥାପି ସାଙ୍ଗ ଡାକ୍ତର ଆଦିତ୍ୟର ପରାମର୍ଶରେ ସିଏ ଟେ କରେଇଦେଲା ଓ ତାର ପଜିଟିଭ୍ ବାହାରିଲା । ସେଇଦିନରୁ ତ ତା' ମୁଣ୍ଡ ଖରାପ । ଏବେ ତାକୁ ଘରେ ସଙ୍ଗରୋଧରେ ରହିବାକୁ ପଡିଲା । ମା'ର ବି ପଜିଟିଭ୍ ବାହାରିଲା । ହେଲେ, ହୋଇନଥିଲା ସୌଭାଗ୍ୟବଶତଃ ତା' ଦେହ ବିଶେଷ କଛି ଖରାପ ।

ଏଣେ କରୋନା ପଜିଟିଭ୍ ଖବର ସାଙ୍ଗକୁ ଆଉ ଗୋଟିଏ ଦୁଃଖ ଖବର ଆସି ପହଞ୍ଚିଲା । ନନର ଶାଶୁ କରୋନାରେ ଗ୍ଲାଲିଗଲେ । ଏମାନେ ଏତେ ବନ୍ଧୁବାନ୍ଧବ, ଏତେ ଲୋକ, କେହି ସେମାନଙ୍କର ଏ ଦୁର୍ଦ୍ଦିନରେ ପାଖରେ ଛିଡା ହୋଇପାରିଲେନ । ତନ୍ମୟକୁ ଏସବୁ ଖବର ଆହୁରି ବିବ୍ରତ କରୁଥିଲେ । କେବଳ ଗୋଟିଏ କଥା ଖୁସି ଦେଉଥିଲା, ପତ୍ନୀ ରେଖା ଓ ଝିଅ ରିନ ସହିତ ଗୁଗୁଲ୍ ମିଟ୍‌ରେ କଥା ହେବା । ସେମାନେ ଚନ୍ତିତ ରହୁଥିଲେ ବି

ତନ୍ମୟଙ୍କୁ ଆଶ୍ୱାସନା ଦେଉଥିଲେ । "ନିଜକୁ ଆଶାବାଦୀ କର ବାବା । ଭାବ ତ କେତେଲୋକ ବି କରୋନା ରୋଗରୁ ମୁକ୍ତ ହେଉଛନ୍ତି ନା ନାହିଁ । ତାପରେ ତମେ ତ ଦୁଇଟି ଡୋଜ୍ ଟିକା ନେଇଛ । ତମର କିଛି ବି ହେବନି ।" ରିନିର ଏମିତି ଆଶ୍ୱାସନା ତାକୁ ଆଶାବାଦୀ କରାଉଥିଲା । ସିଏ ଅପେକ୍ଷା କରୁଥିଲା, କେମିତି ଶୀଘ୍ର ଆମେରିକାକୁ ଫେରିଯିବ ।

ହେଲେ ଏପ୍ରିଲ୍ ୨୮ ତାରିଖରେ ରଟ୍‌ଗର୍‌ସ୍ ୟୁନିଭର୍‌ସିଟିର ପ୍ରଫେସର୍ ରାଜେନ୍ଦ୍ର କାପିଲାଙ୍କ କରୋନାରେ ମୃତ୍ୟୁ ହୋଇଥିବାର ସମ୍ବାଦ ବ୍ୟାପିବା ପରେ ତାର ଆଶା ବି ଆଶଙ୍କାରେ ପରିଣତ ହୋଇଗଲା । ଏତେବଡ ମେଡିକାଲ୍ ପ୍ରଫେସର୍, ସଂକ୍ରାମକ ରୋଗ ବିଶେଷଜ୍ଞ ଦୁଇଟି ଡୋଜ୍ ଟିକା ବି ନେଇଥିଲେ ଓ ନିଜ ପିତାଙ୍କର ଯତ୍ନନେବାକୁ ଭାରତ ଆସିଥିଲେ । ସେଭଳି ଜ୍ଞାନୀ, ଗୁଣୀ ଲୋକଙ୍କୁ ଯଦି କରୋନା ନିଜ ଅକ୍ତିଆରକୁ ନେଇଆସିଲା, ତେବେ ତନ୍ମୟ କିଏ କି ଆଉ ? ପୁଣି ଖବର ଆସୁଥିଲା ବ୍ଲାକ୍ ଫଙ୍ଗସ୍ ରୋଗ ବିଷୟରେ ।

ଏବେ ଓଡିଶା ଲକ୍‌ଡାଉନ୍ । କୌଣସି ଇଣ୍ଟର୍‌ନେସ୍‌ନାଲ୍ ଫ୍ଲାଇଟ୍ ଯାଉନି । ତନ୍ମୟ ଫେରିବ କେମିତି ? କଂପାନୀ କାମ ସିଏ ସେଠାରୁ କରିପାରୁଥିଲା । ହେଲେ ରିନିର ହାଇସ୍କୁଲ୍ ଗ୍ରେଡ୍ ୧୧ର ପାଠ୍ୟ କାର୍ଯ୍ୟକ୍ରମରେ କିଛି ସାହାଯ୍ୟ କରିନପାରୁଥିବାରୁ ତାକୁ ଅପରାଧୀ ଲାଗିଲା । ଯଦିଓ ସିଏ ଗୁଗୁଲ୍ ମିଟ୍‌ରେ ରିନିର କୋଣସି ବିଷୟରେ କିଛି ପ୍ରଶ୍ନ ଥିଲେ, ତାକୁ ବୁଝାଇ ପାରୁଥିଲା, ତଥାପି ସେଇଟା ଏତେଟା ନିଖୁଣ ନଥିଲା ।

ଯେଉଁ ଓଡିଶାର ପର୍ବପର୍ବାଣୀ ଦିନକୁ ଝୁରି ହୋଇ ସିଏ ଦିନେ ଏସବୁ ପର୍ବପର୍ବାଣୀ ଅନୁଭବ କରିବା ପାଇଁ କିଛିଦିନ ଛୁଟି ନେଇ ଓଡିଶାରେ ରହିବ ବୋଲି ଭାବୁଥିଲା, ଏବେ ଓଡିଶାରେ ଥିଲେ ମଧ୍ୟ, ସିଏ କିଛି ବି ପର୍ବପର୍ବାଣୀକୁ ଉପଭୋଗ କରିପାରୁନଥିଲା । ସିଏ କଣ କରିବ, ସ୍ୱୟଂ ଜଗନ୍ନାଥଙ୍କ ମନ୍ଦିରରେ ତ ଠାକୁର ଏକାଟିଆ ସମୟ କଟାଉଥିଲେ । ନା' ଭକ୍ତ ଥିଲେ, ନା ତାଙ୍କ ଯାନିଯାତ୍ରା ଠିକ୍ ଭାବେ ହେଉଥିଲା । ଚନ୍ଦନଯାତ୍ରାର ନାବକେଳି ଉତ୍ସବ ସେମିତି ଧୀମାଧୀମା । କେମିତି ଅସ୍ତବ୍ୟସ୍ତ ଲାଗୁଥିଲା ତନ୍ମୟକୁ । ମନ କହୁଥିଲା ତାର ପକ୍ଷୀଙ୍କ ଭଳି ଡେଣା ଥାଆନ୍ତା କି, ସିଏ ଉଡିଉଡି ଆମେରିକା ଫେରିଯାଆନ୍ତା, ତା' ରୂପସୀ ପତ୍ନୀ ପାଖକୁ, ଗେହ୍ଲି ଝିଅ ପାଖକୁ, ନିଜର ମଡର୍ଣ୍ଣ ଡିଜାଇନ୍‌ର ସୁନ୍ଦର ଘରକୁ । ମନେ ପଡୁଥିଲା ବନ୍ଦୀର ଆତ୍ମକଥାର ପଂକ୍ତି, "ଥାଆନ୍ତା ଯେବେ ମୋର ବିହଙ୍ଗ ପକ୍ଷ; ଲଂଘି

ଭୀଷଣ ଗିରି ସମୁଦ୍ର ବକ୍ଷ । ଦେଖନ୍ତି ପ୍ରିୟଜନ ମୁଖ କମଳ, ହୁଅନ୍ତା ସନ୍ତାପିତ ପ୍ରାଣ ଶୀତଳ ।”

ଏମିତି ଭାବୁଥିବା ବେଳେ ନିଜକୁ କେମିତି ଦୋଷୀଦୋଷୀ ଲାଗୁଥିଲା । “ଆରେ, ଏଇଟା ପରା ମୋ ଘର । ଏଇଠି ପରା ମୁଁ ଜନ୍ମ ହୋଇଛି, ବଢିଛି, ସ୍କୁଲ୍ ଯାଇଛି । ଏଇଠି ପରା ମୋ ବୋଉ ଏବେ ଅଛି । ତେବେ କାହିଁକି ଏ ଘର ମୋତେ ମୋ ଘର ବୋଲି ମନେ ହେଉନାହିଁ । କାହିଁକି ମୁଁ ମୋ ଆମେରିକାର ଘରକୁ ଝୁରୁଛି ?”

କିଏ ଯେମିତି ମନ ଭିତରୁ କହୁଥିଲା, “ସମୟ ବଦଳିଲେ, ମନ ବି ବଦଳିଯାଏ । ଏ ଘର ତୋ ବାପାଙ୍କର । କିନ୍ତୁ ସେ ଘର ତୋର । ତୁ ସେ ଘର ନିଜ ଉପାର୍ଜନରେ କରିଛୁ, ନିଜ ମନ ଦେଇ ଘରକୁ ସଜାଇଛୁ; ଆଉ କାହାର ଉପାର୍ଜନରେ ନୁହେଁ ।”

କିଛିଦିନ ପରେ ଯଦିଓ ତନ୍ମୟ ସଙ୍ଗରୋଧରୁ ବାହାରିଥିଲା, ତେବେ ସେଇ ଗୃରିକାନ୍ଥ ଭିତରେ ହିଁ ଆବଦ୍ଧ ରହୁଥିଲା । ଲକ୍‌ଡାଉନ୍ ପାଇଁ ବାହାରକୁ ବାହାରୁନଥିଲା । ବିଶେଷ କରି ତାକୁ ସବୁବେଳେ ଚଡିଚଡା ଲାଗୁଥିଲା । ଭଗବାନଙ୍କ ଉପରେ ରାଗୁଥିଲା । କେମିତି ଏମିତି ଫାନ୍ଦି କରି ତାକୁ ଛଟପଟ କରାଉଛନ୍ତି । କଣ ପାଇଁ ? କ ଅପରାଧରେ ?

ତନ୍ମୟର ଚଡିଚଡା ଭାବ ବୋଉ ବୁଝିପାରୁଥିଲା ଓ ତାକୁ ବୁଝେଇବାକୁ ଚେଷ୍ଟା କରୁଥିଲା । ସିଏ ବୋଉକୁ ବୁଝେଇବ କଣ, ବୋଉ ତାକୁ ବୁଝାଉଥିଲା । ନିଜକୁ ଏତେ ଅସହାୟ ସେ କେବେ ମନେକରିନଥିଲା । ଜୀବନ ଏମିତି ଭାବେ ଫାନ୍ଦି ହୋଇଯିବ, ପରିସ୍ଥିତି ବଦଳିଯିବ । ଏସବୁ କଣ ଚାଲିଛି ? ଶେଷରେ ସ୍ଥିରକଲା ସମୟ କଟେଇବାକୁ କିଛି ଗୋଟିଏ ସକାରାତ୍ମକ କାମରେ ମନ ଲଗେଇଦେବା ଉଚିତ୍ । ହଠାତ୍ ତା’ ଚିନ୍ତାଧାରା ଭିତରକୁ ବାଡିପଟ ବଗିଚା ଆସିଲା । ଘରକୁ ଲାଗି ପଛପଟେ ସେମାନଙ୍କର ଛୋଟ ବଗିଚାଟିଏ ଥିଲା । ଜଣେ ମାଳି ସେ ବଗିଚାର ଯତ୍ନ ନେଉଥିଲା । ସେ ବଗିଚାର ଶେଷ ଆଡକୁ ଆଉଟ୍‌ହାଉସ୍‌ଟିଏ ଥିଲା । ମାଳି ସେ ଆଉଟ୍ ହାଉସ୍‌ରେ ରୁହେ । ତାର ପରିବାରର ଯିଏ ଆସିଲେ ବି ଆଉଟ୍‌ହାଉସ୍‌ରେ ରୁହନ୍ତି । ହେଲେ ଏବେ ସିଏ ଆଉ ତାଙ୍କ ଗାଁରୁ ଫେରିପାରୁନ । ତେଣୁ ବଗିଚାରେ ଅନାବନା ଗଛ ଉଠି ଜଙ୍ଗଲ ପ୍ରାୟ ଦେଖାହେଲାଣି ।

ଯଦିଓ ବିନି ଦେଇ ଓ ନନି ଘଣ୍ଟାଏ, ଦୁଇଘଣ୍ଟା ଦୂରରେ ରୁହନ୍ତି, ସେମାନେ ଆସିପାରୁନଥିଲେ । ତେବେ ବିନି ଦେଇର ସାନ ପୁଅ, ମାନେ ତନ୍ମୟର ଭଣଜା ସୋନୁ

ବୋଉ ପାଖରେ ରହୁଥିଲା ଓ ସେଇଠୁ କଲେଜ୍ ଯିବାଆସିବା କରୁଥିଲା । ସିଏ ବି.ଜେ.ବି କଲେଜ୍‌ର ଛାତ୍ର ଥିଲା । କଲେଜ୍ ତ ଏବେ ବନ୍ଦ । ସିଏ ଅନ୍‌ଲାଇନ୍‌ରେ କ୍ଲାସ୍ କରୁଥିଲା । ହେଲେ ଏବେ ସବୁ ଛୁଟି । ସିଏ ଅନ୍‌ଲାଇନ୍‌ରେ ଏବେ ସଫ୍‌ଟ୍‌ଓ୍ୱାୟାର୍ ଟ୍ରେନିଙ୍ଗ୍ ନେଉଥିଲା । ବୋଉର ଦେଖାଶୁଣା କରିବା ପାଇଁ ବିନ ଦେଇ ଏମିତି ବ୍ୟବସ୍ଥା କରିଥିଲା । ଏବେ ତନ୍ମୟ ମନରେ ଗୋଟିଏ ଧାରଣା ଆସିଲା । ଆଉଟ୍‌ହାଉସ୍‌କୁ ଓ ବଗିଚାକୁ ସଫା କରିବାର ଓ ସଜାଡିବାର ନିଶା । ଏମିତି ବି ଘରେ ରହିରହି ସିଏ ମୋଟା ହେଇଆସିଲାଣି । ତା' ପରଦିନଠାରୁ ସିଏ ଲାଗିପଡିଲା ବଗିଚା ସଜାଡିବାରେ । ଭଣଜାକୁ ବି ଲଗେଇଦେଲା କାମରେ । ଶିଖେଇଦେଲା ତାକୁ ଅନେକ କାମ । ଆମେରିକାରେ ରହିବା ପରେ ନିଜ ବଗିଚାର ଓ ଲନ୍‌ର ସମସ୍ତ କାର୍ଯ୍ୟ ନିଜେନିଜେ କରି ସିଏ ଅନେକ କିଛି ଶିଖିଥିଲା । ଏବେ ସେସବୁ ଶିକ୍ଷା କାମରେ ଆସିଲା ।

ବହୁତ ବର୍ଷ ହେଲା ସିଏ ଆଉଟ୍‌ହାଉସ୍ ଯାଇନଥିଲା । ଆମେରିକାରୁ ଭାରତ ଆସିଲେ ସେମାନଙ୍କ ଦିନ ସବୁ ଏମିତି ବ୍ୟସ୍ତତାରେ କଟିଯାଉଥିଲା ଯେ ଆଉଟ୍‌ହାଉସ୍ ଯିବା କି ଆଉ କିଛି ସ୍ମୃତିମନ୍ଥନ କରିବାକୁ ସମୟ ହିଁ ମିଳୁନଥିଲା । ତାପରେ ମାଳିର ପରିବାର ବି ସେଠି ରହୁଥିଲେ । ଏବେ ଦିନେ ଆଉଟ୍‌ହାଉସ୍ ସଫା କରୁକରୁ ଦୃଷ୍ଟିପଡିଲା ତାର ଗୋଟିଏ ଟ୍ରଙ୍କ୍ ଉପରେ । "ଆରେ ଏଇଟା ତ ମୋ ଟ୍ରଙ୍କ୍ । ଖଡଗ୍‌ପୁର୍‌ରେ ପଢୁଥିବା ସମୟରେ ଏଇ ଟ୍ରଙ୍କ୍ ନେଇ ମୁଁ ଭୁବନେଶ୍ୱରରୁ ଯାଇଥିଲି । ଚାରିବର୍ଷ କାଳ ଏ ଟ୍ରଙ୍କ୍ ମୋ ସାଥୀରେ ଥିଲା ।"

ସେ ଟ୍ରଙ୍କ୍ ଭିତରେ କଣ ସବୁ ଅଛି ବୋଲି ଦେଖିବାକୁ ତାର ଇଚ୍ଛା ହେଲା । ହେଲେ ସେଥିରେ ତାଲା ପଡିଥିଲା । "ଧେତ୍, ଏବେ ଏ ଚାବି ମିଳିବ କି ନାହିଁ କିଏ ଜାଣେ ।" ଏମିତି କହି ସୋନୁକୁ ବୋଉ ପାଖକୁ ପଠେଇଲା । "ଗଲୁ ବୋଉକୁ ପଚାରିବୁ, ଏ ଟ୍ରଙ୍କ୍ ର ଚାବି ତା'ପାଖରେ ଅଛି କି ନାହିଁ ?"

ସୋନୁ ଗଲା ଓ କିଛି ସମୟ ପରେ ଚିତ୍କାର କରି ଫେରିଆସିଲା ।

"ଆରେ ଏମିତି କାହିଁକି ହେଉଛୁ ? ଘରେ ଚୋର ପଶିଗଲା କି ।"

"ସେଇ ଭଳଆ କଥା ମାମୁ । କଏ ଜଣେ ସ୍ତ୍ରୀ ଲୋକ ଆମ ଘର ଆଗପଟ କଲିଂ ବେଲ୍ ରିଙ୍ଗ୍ କରୁଛି । ଆଇ ତାକୁ ଜାଣିନ କ ମୁଁ ବି ତାକୁ ଜାଣିନ । ଆମେ ଡରି ଯାଇଛୁ ।" - ଏତିକ କହି ସୋନୁ ପାଖରେ ପଡିଥିବା ଚେୟାର୍ ଉପରେ ବସିପଡିଲା ।

"ହେଲେ ସେଥିରେ ଡରିବାର କଣ ଅଛି ? ତାପରେ ସ୍ତ୍ରୀ ଲୋକଟିଏ କଣ କରିପକେଇବ?"

"ତମେ ଜାଣିନ ମାମୁ । ଏବେ ଏମିତି ଅନେକ କଥା ଘଟୁଛି । ଚୋର ମାନେ ସ୍ତ୍ରୀ ଲୋକ ବେଶରେ ନଜର ନରୀହ ପଣିଆ ଦେଖେଇ ଅନେକ ଘର ଲୁଟ୍ କଲେଣି । ତମେ ତ ଆମେରିକାରେ ଅଛ । ଏଠିକାର ସବୁ ଘଟଣା ଜାଣି ନଥିବ । ତାପରେ ଏବା କରୋନା ବେଳ । କଣ ପାଇଁ କଏ ଆମ ଘରକୁ ଆସିବ ? ଆଇ ଡାକୁଛି, ତମେ ଚାଲ ।"

ଆଉଟ୍ ହାଉସ୍ କାମ ସେମିତି ରଖି ତନ୍ମୟ ଘର ଭତରକୁ ଗଲା । ରକ୍ଷା ଯେ ସେମାନଙ୍କର ଘର ଚାରିପଟେ ପାଚେରି ବୁଲିଯାଇଛି । ନହେଲେ ସେ ଅଜଣା ସ୍ତ୍ରୀ ଲୋକ ହୁଏତ ସେମାନଙ୍କୁ ଦେଖିପାରିଥାନ୍ତା । ମନେମନେ ବାପାଙ୍କ ଦୂରଦର୍ଶିତାକୁ ବାହାବା କଲା । ଏ ଘୋର କଳକାଳରେ କାହାକୁ ଅବା ବିଶ୍ୱାସ ?

ବୋଉ ସତରେ ଡରି ଯାଇଥିଲା ଓ ଚେଷ୍ଟେଇ ଘରେ କଣ ଖୋଜୁ । ବାହାରୁ ସେମିତି କଲିଂବେଲ୍ ରିଙ୍ଗ୍ ହେଉଥିଲା । ବୋଉ ତନ୍ମୟକୁ ଦେଖି କହିଲା, "ସିଏ ସେମିତି ରିଙ୍ଗ୍ ହେଉଥାଉ । ତୁ କବାଟ ଖୋଲନା ।"

ତନ୍ମୟ କହିଲା, "ମୁଁ କବାଟ ଖୋଲିବିନ । ହେଲେ ଭିତରୁ ଦେଖେ ତ କଏ ଡାକୁଛି ?"

ତନ୍ମୟ ଭିତରୁ ଯେତିକ ଦେଖିଲା, ହଠାତ୍ ଆଶ୍ଚର୍ଯ୍ୟ ହେଇଗଲା । ଆରେ ଇଏ ତ କସ୍ତୁରୀ। ରେଖାର ସାଙ୍ଗ । ଆମେରିକାରେ ଥାଏ । ଇଏ ଏଠି କଣ କରୁଛି ? ଆଉ ଇଏ ଏ ଘର ଠିକଣା ଜାଣିଲା କେମିତି ?

ସାଙ୍ଗେସାଙ୍ଗେ ମା ଟିଏ ମୁହଁରେ ଲଗେଇ ସିଏ କବାଟ ଖୋଲିଲା । ବୋଉ ଯାଇ ତା' ରୁମ୍‌ରେ ପଶି କବାଟ ବନ୍ଦ କରିଦେଲା । ସୋନୁ ବି ତା' ନଜ ରୁମ୍‌କୁ ଚାଲିଗଲା । ଏମାନଙ୍କର କରୋନାକୁ ଅନେକ ଭୟ । ବିଶେଷ କରି "ଯା' ପୁଅକୁ ସାପ କାମୁଡେ, ତା'ମା'ପାଳ ଦଉଡି ଦେଖି ଡରେ"ଭଳ ଅବସ୍ଥା ସମସ୍ତଙ୍କର । କସ୍ତୁରୀକୁ ସେମିତି ବାହାରେ

ଥାଇ ସିଏ ପ୍ରଶ୍ନ କଲା, "ତମେ କେମିତି ଏଠି ? ଆଉ ଆମ ଘର ଠିକଣା କେମିତି ଜାଣିଲ?"

କସ୍ତୁରୀ କହିଲା, "ତମ ଠିକଣା ରେଖା ମତେ ଦେଲା । ପ୍ରକୃତରେ ମୁଁ ବି ତମ ଭଳି ଓଡିଶା ଆସି ଫସି ଯାଇଛି । ଫେରି ପାରୁନ । ଆମେ ତ ଏଠି ରହୁନୁ । ଏଇ ପଡୋଶୀରେ ମୋ ମାଉସୀ ରୁହନ୍ତି । ସକାଳୁ ମଉସାଙ୍କ ଦେହ ଭଲ ନାହିଁ । ତାଙ୍କ ପିଲାମାନେ ତ ସମସ୍ତେ ଦୂରରେ । ସିଏ ଡରିକରି ଆମକୁ ଡାକଲେ । ମୁଁ ଏକଥାଟା ହ୍ୱାଟ୍ସ୍ଆପ୍‌ରେ ପକେଇଥିଲି ତ ରେଖା ଜଣେଇଲା ଯେ ତମେ ଏଠି ଅଛ । ଟିକେ ମଉସାଙ୍କୁ ହସ୍ପିଟାଲ୍ ନେବାରେ ସାହାଯ୍ୟ କରିପାରିବ ?"

ତନ୍ମୟ କଣ କରିବ କଛି ବୁଝିପାରିଲାନ । ସିଏ ତ ଏଇ ଅଳ୍ପଦିନ ହେଲା ସଙ୍ଗରୋଧରୁ ବାହାରିଛି । ଦୁଇ ଡୋଜ୍ ଟିକା ନେଇଛି ବୋଲି ତାର ଯେଉଁ ସାହସ ଥିଲା, ସେ ସାହସର ବନ୍ଧ ବି ତାର ଭାଙ୍ଗି ଗଲାଣି । ଏବେ ତାର କଣ କରିବା ଉଚତ୍ । କଣ ଦରକାର ଥିଲା ରେଖାର କସ୍ତୁରୀକୁ ତାଙ୍କ ଘର ଠିକଣା ଦେବାର ?

"ଏ ପଡୋଶୀରେ ଯାହାକୁ ଡାକଲେ କଏ ବି କବାଟ ଖୋଲୁନାହାନ୍ତି । ସତରେ ଆମର ମାନବିକତା ସବୁ କୁଆଡେ ଗଲା ? ମୁଁ ତ ବିଶ୍ୱାସ କରିପାରୁନ ଯେ ଏମିତି ସବୁ ଘଟୁଛି । ଏ କରୋନା ମଣିଷକୁ ପଥର କରିଦେଇଛି ସତେ କ ।"କସ୍ତୁରୀ କହିଚାଲିଥାଏ ।

ଘରେ ବୋଉ ଓ ସୋନୁ ଅଛନ୍ତି । ସେମାନଙ୍କ ଚନ୍ତା ବି ତା' ମୁଣ୍ଡକୁ ଆସିଲା । ସେମାନେ ହୁଏତ ଏ ଘଟଣା ସହଜରେ ନେବେନ । ତନ୍ମୟକୁ ପୁଣି ଥରେ ସଙ୍ଗରୋଧରେ ରହିବାକୁ ପଡିପାରେ । ହେଃ, ଏତେ ଧନ୍ଦାରେ କଏ ପଶିବ ? ଏ ରେଖା ନା, ସବୁବେଳେ ତନ୍ମୟକୁ ହାଣ ମୁହଁକୁ ଠେଲିଦେବ ।

ହେଲେ ହୃଦୟ ଭିତରୁ କଣ ଗୋଟିଏ ଯେମିତି ଧିକ୍କାର କରିବାକୁ ଲାଗିଲା । "ଆରେ ତୁ ସେଇ ତନ୍ମୟ ତ ? ଅନ୍ୟର ବେଳ ଅବେଳରେ ଯିଏ ସାହାଯ୍ୟ କରିବାକୁ ଆଗଭର ହେଇ ବାହାରି ଆସୁଥିଲା । ଏବେ ଏତେ ଭୀରୁ ହେଇଯାଉଛୁ କାହିଁକ ?"

ତାପରେ ଯାହା ଘଟିଗଲା ସବୁ ସ୍ୱୟଂଚାଳିତ ଭାବେ । କରୋନା ଜନତ ସମସ୍ତ ସତର୍କତାର ସାମଗ୍ରୀ ରହିଥିବା ବ୍ୟାଗ୍ ଧରି, ବୋଉକୁ ଓ ସୋନୁକୁ ସତର୍କ ରହିବାକୁ କହି ବାହାରୁ

କବାଟ ଦେଇ ଗାଡି ବାହାର କଲା ତନ୍ମୟ । କସ୍ତୁରୀକୁ କହିଲା, "ତମେ ଯାଅ । ମଉସାଙ୍କୁ ଡାକ୍ତରଖାନା ନେବାପାଇଁ ସବୁ ପ୍ରସ୍ତୁତି କର । ଆମେ ତାଙ୍କୁ ଏବେ ଡାକ୍ତରଖାନା ନେଇଯିବା ।"

"ଧନ୍ୟବାଦ" କହି କସ୍ତୁରୀ ତା'ମାଉସୀଙ୍କ ଘରକୁ ଗଲା । କିଛି ସମୟ ପରେ ମଉସାଙ୍କୁ ଗାଡିରେ ବସେଇ ସେମାନେ ଡାକ୍ତରଖାନା ଅଭିମୁଖେ ଗ୍ଲଲିଲେ । କ୍ୟାପିଟାଲ୍ ହସ୍‌ପିଟାଲ୍‌ଟା ସେମାନଙ୍କ ଘରଠାରୁ ପାଖ । ହେଲେ ହସ୍‌ପିଟାଲ୍ ପାଖରେ ପହଞ୍ଚି ସେମାନେ ଯାହା ଦେଖିଲେ, ମୁଣ୍ଡ ଗୋଳମାଳ ହୋଇଗଲା । ଏତେ ଲୋକ ? ଏ ଗହଳ ଭିତରେ ତ ଭଲ ମଣିଷ ବି ଅସୁସ୍ଥ ହୋଇଯିବ ।

ମଉସାଙ୍କୁ ନିଃଶ୍ୱାସ ନେବାରେ କଷ୍ଟ ହେଉଥିଲା । ହେଲେ ତାଙ୍କୁ ଜ୍ୱର କି କାଶ କିଛି ନଥିଲା ।

ଏତିକି ବେଳେ ସାଙ୍ଗ ଆଦିତ୍ୟର କଥା ମନେପଡିଲା । ତନ୍ମୟ କହିଲା, "ମୁଁ ମୋ ସାଙ୍ଗ ଡାକ୍ତର ଆଦିତ୍ୟ ପ୍ରଧାନ ସହିତ କଥାବାର୍ତ୍ତା କରେ ।"

ଆଦିତ୍ୟ ପରାମର୍ଶ ଦେଲା ତା' କ୍ଲିନିକ୍‌କୁ ଆଣିବାକୁ ।

ସ୍ୱସ୍ତିର ନିଃଶ୍ୱାସ ନେଲା ତନ୍ମୟ । ଆଦିତ୍ୟର କ୍ଲିନିକ୍‌ରେ ପହଞ୍ଚିବା ପରେ ଆଦିତ୍ୟ କରୋନା ପାଇଁ ଗୋଟିଏ ସ୍ପୀଡ୍ ଟେଷ୍ଟ କରେଇନେଲା । ତାପରେ କେତେ ଜଣ ଷ୍ଟାଫ୍ ମଉସାଙ୍କୁ ପରୀକ୍ଷା କୋଠରିକୁ ନେଇଗଲେ । ସେଇଠୁ ଜଣାପଡିଲା ମଉସାଙ୍କର ରକ୍ତଗ୍ଲପ ବଢିଯାଇଛି । ତାଙ୍କୁ ଔଷଧ ଦେଇ କିଛି ସମୟ ଅବ୍‌ଜର୍‌ଭେସନ୍‌ରେ ରଖିବାକୁ ପଡିବ । ଆଦିତ୍ୟ କହିଲା, "ଯାହାହେଉ ତୁ ଠିକ୍ ସମୟରେ ନେଇଆସିଲୁ । ଟିକେ ଡେରି ହୋଇଥିଲେ ଅବସ୍ଥା ହୁଏତ ନିୟନ୍ତ୍ରଣରେ ନଥାନ୍ତା । ଆଜିକାଲି ତାହାହିଁ ହେଉଛି । ଏ କରୋନା ଚକ୍କର୍‌ରେ ଲୋକ ଏମିତି ନର୍ଭସ୍ ଅଛନ୍ତି ଯେ, ସବୁକୁ କରୋନା ଭାବେ ନେଇଯାଉଛନ୍ତି ଓ ଠିକ୍ ସମୟରେ ସାହାଯ୍ୟ କରୁନାହାନ୍ତି । ଫଳରେ ଅନ୍ୟ ରୋଗୀମାନେ ବି ଅକାଳରେ ଜୀବନ ହରାଉଛନ୍ତି ।"

ତନ୍ମୟ କହିଲା, "ଧନ୍ୟବାଦ ସାଙ୍ଗ । ତୁ ଥିଲୁ ବୋଲି । ନହେଲେ ମୋ ଅବସ୍ଥା ବି ସେମିତି । ହଁ, ମଣିଷ ଏତେ ଡରିଯାଇଛି ଯେ, ତାର ମାନସିକତା ବଦଳଯାଇଛି । ଭଗବାନଙ୍କୁ ଧନ୍ୟବାଦ ଯେ ସିଏ ମତେ ଭଲବୁଦ୍ଧି ଦେଲେ । ମୁଁ ବି ଡରିଯାଇଥିଲି ।"

ଆଦିତ୍ୟର ପରାମର୍ଶରେ କସ୍ତୁରୀର ମଉସା ତା'କ୍ଲିନକ୍ ସହିତ ସଂଯୁକ୍ତ ଏକ ଛୋଟ ରୋଗୀ ସେବା ଗୃହରେ ଦୁଇଦିନ ରହିବାର ବ୍ୟବସ୍ଥା ହେଲା । ତନ୍ମୟ ଓ କସ୍ତୁରୀ ଫେରିଆସିଲେ। କସ୍ତୁରୀ ତା' ମାଉସୀଙ୍କ ଘରକୁ ଗଲା ।

ଘରେ ପହଞ୍ଚି ତନ୍ମୟ ଗାଧୁଆ ଘରେ ପଶିଲା ଓ ପିନ୍ଧିଥିବା କପଡା ସବୁ ଧୋଇ ସଫା କଲା। ତାପରେ ନୂଆ ସାର୍ଟ ଓ ହାଫ୍ ପ୍ୟାଣ୍ଟ ପିନ୍ଧିଲା ଓ ଆଉ ଗୋଟିଏ ନୂଆ ମାସ୍କ ପିନ୍ଧି ବୋଉ ଓ ସୋନୁଙ୍କୁ ଡାକଲା । ସେମାନେ ତଥାପି ଭୟଭୀତ ଥିଲେ । ସେମାନଙ୍କୁ ଆଶ୍ୱାସନ ଦେଇ ତନ୍ମୟ କହିଲା, "ଡରନ । ସେ ମଉସାଙ୍କର ବ୍ଲଡ୍‌ପ୍ରେସର୍ ବଢି ଯାଇଥି । କରୋନା ନୁହେଁ । ଆଉ ତାଙ୍କୁ ନେଇ ମୁଁ ଆଦିତ୍ୟର କ୍ଲିନକ୍‌କୁ ଯାଇଥିଲି । ଅନ୍ୟ କେଉଁଆଡେ ନୁହେଁ।"

ତାପରେ ସେମାନେ ହଜହଜ ରୁମ୍‌ରୁ ବାହାରି ଡ୍ରଇଂରୁମ୍‌କୁ ଆସିଲେ । ବୋଉ ପଚାରିଲା, "କୋଉ ମଉସା କରେ ?"

ତନ୍ମୟ କହିଲା, "ଦାମୋଦର ମଉସା । ଏଇ ପଡୋଶୀରେ ରୁହନ୍ତି । ଦୁଇବର୍ଷ ହେଲା ଏ ସାହିରେ ରହୁଛନ୍ତି ।"

ବୋଉ କହିଲା, "ଦାମ ବାବୁ ! ହଁ, ହଁ, ଭାରି ଭଲ ଲୋକ । ହେଲେ ସେ ସ୍ତ୍ରୀ ଲୋକଟି ତ ଆମ ସାହିର ନୁହେଁ । ତୁ ତାଙ୍କୁ କେମିତି ଜାଣିଲୁ ?"

"ସତ କହିଲୁ ବୋଉ । ସେ ସ୍ତ୍ରୀ ଲୋକଟି ଏ ସାହିର ନୁହେଁ । ସିଏ ରେଖାର ସାଙ୍ଗ । ଆମେରିକାରେ ରୁହେ । ଦାମ ମଉସା ତା'ର ମଉସା । ସିଏ ବି ମୋ ଭଳି ଓଡିଶା ଆସି ଫସି ଯାଇଛି । ଫେରି ପାରୁନ ।"

ସେଦିନ ରାତିରେ ରେଖା ସହିତ କଥାବାର୍ତ୍ତା କରିବା ବେଳେ ରେଖାକୁ ଯେଉଁ ଗାଳଦେବାକୁ ମନସ୍ଥ କରିଥଲା ତନ୍ମୟ, ସେଇଟା କରିପାରିଲାନ । ପ୍ରତି ବଦଳରେ ଧନ୍ୟବାଦ

ଜଣେଇଲା, “ଜାଣିଛ ରେଖା, ଆଜି ତମ ପାଇଁ ଗୋଟିଏ ବହୁତ ଭଲ କାମ ହେଲା । ନହେଲେ କଣ ଯେ ହୋଇଥାନ୍ତା ?”

ରେଖା ବି କୃତକୃତ୍ୟ ହୋଇଗଲା । “ହଁ, ମୁଁ ଜାଣିଛି । କସ୍ତୁରୀ ମତେ ମେସେଜ୍ କରିଥିଲା । ଠାକୁର ସିନା ତମକୁ ଏ ଅସମୟରେ ଫନ୍ଦି ଦେଇଥିଲେ । ଦେଖ, ତମ ଦ୍ୱାରା ଗୋଟିଏ ସୁକର୍ମ କରେଇଲେ ।”

ଦୁଇଦିନ ପରେ କସ୍ତୁରୀର ମଉସାଙ୍କୁ ସିଏ ନିଜ ଗାଡି ନେଇ ଘରକୁ ଫେରାଇ ଆଣିଥିଲା ।

କସ୍ତୁରୀର ମା, ତା’ମଉସା ଓ ତା’ ମାଉସୀଙ୍କ ମୁହଁରେ ସିଏ ସେଦିନ ଯେଉଁ କୃତଜ୍ଞତା ଓ ଆଶୀର୍ବାଦର ଝଲକ ଦେଖିଥିଲା, ତାହା ଯେମିତି ସାକ୍ଷାତ୍ ମହାପ୍ରଭୁଙ୍କ ଆଶୀର୍ବାଦର ଝର । ମଣିଷର ମୁହଁ ପୁଣି ଏତେ ସ୍ୱର୍ଗୀୟ ହୋଇପାରେ ?

ଏକ ସ୍ୱର୍ଗୀୟ ତୃପ୍ତିରେ ତନ୍ମୟର ହୃଦୟ ପୂରିଉଠିଲା ।

ରଦରେ଼ଫାର୍ଡ ୱେ, ଡେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# ଚନ୍ଦ୍ରମଦ ଶୁଭାଙ୍ଗୀ

(ବ୍ଳଗ-ରେଖା)



ଡ. ଶକୁନ୍ତଳା ଗୁପ୍ତା

------------------------------------------

ପ୍ରାଚୀ-ପୟୋଧି-ମୟୂଖ, ଅପୂର୍ବ ତେଜ ଶ୍ରୀମୁଖ,
କୁନ୍ତଳ ଘନ-ବିଶାଖ, ଠାଣି ତ୍ରିଭଙ୍ଗୀ
ଚଞ୍ଚଳ ଚନ୍ଦ୍ରକ ଚୂଳ, କପୋଳେ ବଳ ପଟଳ
ଉଜଳ ବ୍ରଜ-ମଣ୍ଡଳ, ଭାଳେ ଶୁଭାଙ୍ଗୀ
ଚନ୍ଦ୍ରମଦ ମନ-ପ୍ରାଙ୍ଗଣ,
ପଦ୍ମତୋଳା-ବଂଶୀ-ସୁରେ, ସୁର ଭୂଷଣ | (୧)

ଲୀଳା କପଟ କର୍ତ୍ତୀତ, ସର୍ବାଙ୍ଗେ ଛଳ ବୀକ୍ଷିତ
ନଟବର ମଦମତ୍ତ, ରମଣୀ ହରେ
ଲୋତ-ସ୍ରବଣ ନୟନ, ଅତନ୍ଦ୍ରୀ ରାଇ ସଦନ,
ଅଜର-ଅତଣ୍ଡି ଧନ, ପ୍ରୀତି ସୁଧାରେ
କର୍ଦ୍ଦମ ଚନ୍ଦନ ବଳକ୍ଷ,
ହରିରେ କରି ବରଣ, ଭୂଷା ହରିଲା | (୨)

ପ୍ରେଷଣେ କୁସୁମ-ଶର, ଗହନ ବାସ ଅତର
ନନ୍ଦସୂତ ଧୁରନ୍ଧର, ପରିକଳ୍ପନ
ପୁଷ୍ପବନ୍ତ ନ ଦିଶଇ, ନ୍ଦପାରେ କୂପେ ଭସାଇ

ମୋହନେ ଚକ୍ଷୁ ମିଳାଇ, ପଦ-ସ୍ଖଳନ
ବଡ଼ବାଗ୍ନି ଶିଖା ବହିଲା,
ଗୁପତେ ମଣ୍ଡାଇ ତନୁ, ଗର କଷିଲା | (୩)

କିଛି ଶବ୍ଦାର୍ଥ ଭାଷାକୋଷ ରୁ:

-----------------------------------------------------

ମୟୂଖ— କରଣ; ରଶ୍ମି
ବିଶାଖା ଯୂପ— ପୌରାଣିକ ବନବିଶେଷ
ଚନ୍ଦ୍ରକ ଚୂଳ—ମସ୍ତକ ଉପରେ ଅଳଙ୍କାର ରୂପେ ମୟୂରପୁଚ୍ଛର ଗୁଚ୍ଛ
ବ୍ରଜ ମଣ୍ଡଳ— ବ୍ରଜଭୂମି
ମଥୁରାମଣ୍ଡଳ—ମଥୁରା ଓ ବୃନ୍ଦାବନର ଚତୁଃପାର୍ଶ୍ୱସ୍ଥ ଅଞ୍ଚଳ
ଚନ୍ଦ୍ରମଦ— ନାଟକ ଓ ଉପନ୍ୟାସରେ କୌଣସି ସ୍ତ୍ରୀର ଆପଣାର ଅନୁପସ୍ଥିତ ପତି ବା ପ୍ରେମିକାର ଚନ୍ଦ୍ର ଦେଖି ବିରହୋତ୍କଣ୍ଠା ପ୍ରକାଶ କରିବା
ବୀକ୍ଷିତ— ନିରୀକ୍ଷିତ, ଦର୍ଶନ
ଅଜରା— କପିକଚ୍ଛୁ; ବାଇଡ଼ଙ୍କ
ଅତଣ୍ଡି— ଲତାବିଶେଷ
ପୁଷ୍ପବନ୍ତ - ଚନ୍ଦ୍ର ଓ ସୂର୍ଯ୍ୟ
ପରିକଳ୍କନ— ପ୍ରବଞ୍ଚନା; ଦଗାବାଜୀ
ତ୍ରପା— ଲଜ୍ଜା, ଶୀଳତା
ପଦ ସ୍ଖଳନ— ଗୋଡ଼ ଖସି ଯିବା, ପଦଚ୍ୟୁତି, କଥା କହୁଁ କହୁଁ କୌଣସି ପଦ ଛାଡ଼ିଯିବା
ବଡ଼ବାଗ୍ନି— ବଡ଼ବାନଳ, ବଡ଼ବାର ମୁଖରୁ ଉତ୍ପନ୍ନ ଅଗ୍ନି
ଗର— ବିଷ; ଜହର

ରାଉରକେଲା

# ଅକାଳ ମୃତ୍ୟୁର ଲେଲିହାନ ଶିଖା



ଭାସ୍କର ଚନ୍ଦ୍ର ଖଣ୍ଡା

ଜାଳ ଦିଏ ସବୁକିଛି ସିଏ
କେତେବେଳେ ଜାଳେ ଜଂଗଲକୁ
କରି ଦିଏ ପାଉଁଶ
ବେଳେ ବେଳେ ପ୍ରାଣ ବିକଳରେ
ବିଚର୍ ନିର୍ଦୋଷ ପଶୁପକ୍ଷୀ ମାନେ
ହୁଅନ୍ତି ବାଧ୍ୟ
ଛାଡିବାକୁ ନିଜର ଚିରପରିଚିତ ବାସସ୍ଥାନ
ଅର୍ଦ୍ଧ ଦଗ୍ଧ ଅବସ୍ଥାରେ
ପାଇବାକୁ ଉଦ୍ଧାର
ଅକାଳ ମୃତ୍ୟୁର ସେଇ ଲେଲିହାନ ଶିଖାରୁ ।୧।

ତାଣ୍ଡବଲୀଳା କଣ କେବଳ ଜଂଗଲରେ ସୀମିତ?
ନା, ତା ନୁହଁ
ତା'ର ଲେଲିହାନ ଶିଖା
ନ ଛାଡେ କାହାକୁ
ମନ, ହୃଦୟ ଏପରିକି ସମାଜକୁ
କରେ ଗ୍ରାସ ବେଳେ ବେଳେ
କୋମଳମତି ଶିଶୁର ଭବିଷ୍ୟତକୁ ।୨।

କରୋନା ଭୂତାଣୁ ଭୟର ଲେଲିହାନ ଶିଖା
କରିଛି ଗ୍ରାସ ଏବେ ସମାଜକୁ
କରିଲାଣି କେତେ ହନ୍ତସନ୍ତ
ମୃତ୍ୟୁର ବିଭୀଷିକା ରଚ
ଆତ୍ମୀୟସ୍ୱଜନଙ୍କ ବିୟୋଗରେ
ଶୋକାକୁଳ ପରିବାର
ଲଗାଇଛି ହୃଦୟରେ ନିଆଁ
ହରାଇ ପିତାମାତାଙ୍କୁ
ବିଚରା କୋମଳମତି ଶିଶୁ
ପ୍ରତୀକ୍ଷାରତ ଆଜି ସମାଜର ସହାନୁଭୂତିକୁ ।୩।

ଏକ ସୁଦୃଢ ପରିକଳ୍ପନା ନେଇ
ଆସିଛି ଆଗେଇ ଆଜି ସମାଜ
ନେଇ ଆପଣାଇ ଶିକ୍ଷା ଆଉ ଭରଣ ପୋଷଣ
ଦେବାକୁ ମାନବିକତାର ସୁଦୃଢ଼ ପରିଚୟ
ମରୁଭୂମିରେ ମରୁଦ୍ୟାନ ପରି
ମେଣ୍ଟାଇବାକୁ କଛିଟା ତୃଷା ।୪।

ହେ ଅକାଳ ମୃତ୍ୟୁର ଲେଲିହାନ ଶିଖା
କର ଟିକେ ତୁ ବାଛ ବିଚ୍ଚର
ନେଇ ଯାଇ ଶିଶୁ ଠାରୁ ତା ପିତାମାତାଙ୍କୁ
କ ଲାଭ ପାଉଛୁ ତୁହି
ଶୁଣିଲିଣି ଆସୁଛି ମୌସୁମୀ ପ୍ରବାହ
ଦିଅନ୍ତାକ ଧୋଇ ତା ପରଶ
ହୁଅନ୍ତା ନଷ୍ଟଭ
ତୋର ସେଇ ଦାରୁଣ ପ୍ରକୋପ
ହେଲାଣି ଅସହ୍ୟ ତୋ ଯନ୍ତ୍ରଣା

ଗ୍ଭଲିବ ଆଉ କେତେଦିନ
ମୌସୁମୀର ପ୍ରବାହ ସହିତ
କୋଭାକ୍ସିନ ଆଉ କୋଭିସିଲ୍ଡ ରୂପରେ
ଝରିପଡୁ ପ୍ରଭୁଙ୍କର ବିନ୍ଦୁ ବିନ୍ଦୁ ଆଶୀଷ
ଧୋଇ ଯାଇ ସେ ଆଶୀଷ ବାରିରେ
ଲିଭିଯାଉ ଅକାଳ ମୃତ୍ୟୁର ଲେଲିହାନ ଶିଖା |୫|

ରୋଡ୍ ନମ୍ବର ୩,
ଜଗନ୍ନାଥ ନଗର, ଭୁବନେଶ୍ୱର

# ସୁରଟ ଡାକୁଛି ଆ'
# କହ୍ନେଇ



ଶଶଧର ମହାପାତ୍ର

ପ୍ରବାସୀ ଓଡିଆ ସୁରଟ ଯାଇକ
କାମଧନ୍ଦା କରୁଥିଲେ
ସୂତା କଳରେ ମେସିନ୍ ଚଳେଇ
ନିଜ ପେଟ ପୋଷୁଥିଲେ
କିଏ ଯାଇଥିଲା ଯାଜପୁରରୁ
କିଏ ଥିଲା ଗଞ୍ଜାମରୁ
କିଛି ଯାଇ ଥିଲେ ବାଲେଶ୍ୱରରୁ
କିଛ ଥିଲେ ଭଦ୍ରକରୁ
ଜଗତସିଂହପୁର, କେନ୍ଦ୍ରାପଡାରୁ
ଯାଇଥିଲେ କିଛି ଲୋକେ
ତାଙ୍କ ଜୀବନ ବିତୁଥିଲା ସେଠି
ଯାହାହେଉ ଦୁଃଖେ ସୁଖେ
କରୋନା ଭଳି ମହାମାରୀ ଯୋଗୁ
ବଦଳିଲା ଗତିପଥ
ଜୀବନ ଭୟରେ ପଳାଇ ଆସିଲେ
ସରକାର ଦେଲେ ହାତ
କାରଖାନା ସବୁ ବନ୍ଦ ହେଇଗଲା
ନମିଳିଲା କାମ ଦାମ
ଉପାସ ଭୋକରେ ଦିନ କାଟୁଥିଲେ
ତାଙ୍କ ଭାଗ୍ୟ ହେଲା ବାମ
ବେମାରି ହେଲେ ବି କେହି ବୁଝିଲେନ

କିଏ ବଞ୍ଚେ କିଏ ମରେ
ସ୍ୱାର୍ଥପର ଏହି ଦୁନିଆଟା ଭାଇ
ମାଲିକ ଲୁଚିଲା ଘରେ
ବାଜି ଲଗେଇକି ନିଜ ଜୀବନକୁ
ଫେରିଗଲେ ନିଜ ଘର
ବସରେ ଆସିଲେ ଗ୍ଭରିହଜାର
ନିଜେ ଗଣି ଜଳଧର
ସୁରଟରେ ଆଠ, ଦଶ ହଜାର
ମାସକରେ ରୋଜଗାର
ଭାବିଥିଲେ ନିଜ ଗାଁକୁ ଫେରିଲେ
କରିହେବ ପ୍ରତିକାର
ଜୀବନ ବଞ୍ଚିଲା, ଜୀବିକା ବୁଡିଲା
ବୁଲୁଛନ୍ତି ଗାଆଁ ଦାଣ୍ଡେ
ସରକାରଙ୍କର ନାହିଁ ବ୍ୟବସ୍ଥା
ଯୋଜନା ଗ୍ଭଲୁଛି ତୁଣ୍ଡେ
ସରକାରଙ୍କଠୁଁ ରାଶନ ମିଳୁଛି
ଚଳୁନାହିଁ ହେଲେ ମାସେ
ଭାବୁଛି ଫେରିବ ସୁରଟ ବସରେ
କହିଦେଇ ଟିକେ ହସେ
କିଏ ଟାଣୁଅଛି ପଟା ରିକ୍ସା ଆଜି
ସିମିଟି ନିଅଇ ବୋହି
ପଗ୍ଭଶ କି ଶହେ ରୋଜଗାର କରେ
ଦୁଃଖ, ଯାତନା ସହି
ଘରେ ପାଞ୍ଚ ପ୍ରାଣୀ କୁଟୁମ୍ବ ଅଛନ୍ତି
ତା' ଫେରିଲା ବାଟ ଗ୍ଭହିଁ
ଗ୍ଭଉଳ ଆଣିଲେ ଚୂଲୀ ଜଳିବ
ପେଟ ଖାଲି ଅଛି ରହି

କିଏ ରହୁଅଛି ଘରଭଡା ନେଇ
ଚୂଲୀ, ଚୁଳ ଯା'ର ନାହିଁ
ଇନ୍ଦିରା ଆବାସ ସ୍ୱପ୍ନରେ ରହିଲା
ଶୁଣିବାକୁ କିଏ କାହିଁ ?
ହିତାଧିକାରୀ ଯିଏ ଯୋଗ୍ୟ ଜାଣ
ଘରଟିଏ ପାଇବାକୁ
ଛିଣ୍ଡା ପାଲଟିଏ ଝୁଲୁଛି ଛାତରେ
ଦୁଃଖ ଲାଗେ ଦେଖିବାକୁ
ଯାହାକୁ ମିଳୁଛି ପକ୍‌କା ଘର ଆଜି
ଯିଏ ଦିଏ ହାତଗୁଞ୍ଜା
ବାବୁ ବାବୁ ଡାକ, ଦଉଡି ଦଉଡି
କିଏ ଦିଏ ଦେଶୀ ଗଞ୍ଜା
କର୍ମଭୂମି ଡାକେ ଆସିଯା କହେଇ
ଖୋଲିଲାଣି କାରଖାନା
ଜନ୍ମଭୂମି କହେ ଅନ୍ୟ ବାଟ ନାହିଁ
ମନଟା ଝୁରଇ ସିନା
ସାରା ରାଜ୍ୟରେ କରୋନା ବଢୁଛି
ଲକ୍‌ଡାଉନ ଚାଲୁଅଛି
ଘରେ ବସି ବସି ସବୁ ଭାବୁଛନ୍ତି
କେତେ ଦିନ ବାକି ଅଛି ?
ଦି'ହଜାର କୋଡିଏ ମସିହା
ଯେତେ ଶୀଘ୍ର ପାର ଯାଅ
ବହୁତ ହୀନସ୍ତା କଲଣି ସଭିଙ୍କୁ
ସ୍ମୃତି ହେଇ ରହିଥାଅ

ହିଡେନ୍ ଭ୍ୟାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ଅସାଧାରଣ ସୁନ୍ଦରବନ- ୧୦



ଅଶୋକ ବିଶ୍ୱାଳ

ଏକ ମାଙ୍କଡ ବାହରି ଆସିଲା । ତା'ର ଆଗ ହାତ ଆଉଗୋଡ ପଙ୍କଭିତରେ ବୁଡିଯାଇଥିଲା। ମୁହଁ ପାଖରେ କଛି ପଙ୍କ ଲାଗିଥିଲା । ସେ ହରିଣ ଆଉ ବାରହା ଗୁଡିକ ଲୁଣିଆ ପାଣି ପିଇ ନେଉଥିଲେ । ପାଓଲିଙ୍କୁ ଟିକେ ଆଶ୍ଚର୍ଯ୍ୟ ଲାଗିଲା । ସେ ଏ ପର୍ଯ୍ୟନ୍ତ ପଶୁଙ୍କର ପାଣିପିଆ ଦେଖିନଥିଲେ । କଥାଟା କେବଳ ଶୁଣିଥିଲେ । ଏସ ଟି ଆର୍ ଭିତରେ ମିଠା ପାଣିପାଇଁ କଛି ପୋଖରୀ ଖୋଳାଯାଇଛି ।

"ଏମାନେ ତ ଲୁଣିଆ ପାଣି ପିଉଛନ୍ତି । ଭିତର ଖୋଳା ଯାଇଥିବା ପୋଖରୀର ମିଠାପାଣି ପିଉନାହାନ୍ତି ?"– ସେ ସପନବାବୁଙ୍କୁ ପଗ୍ଚରିଲେ ।

"ଆଉ ଉପାୟ କ'ଣ? ସବୁଆଡେ ମିଠା ପାଣି କାହିଁ ? ଏ ଜୀବଜନ୍ତୁଗୁଡିକ ଅଳ୍ପ ଲୁଣିଆ ପାଣି ପିଇବା ଶିଖି ନେଇଛନ୍ତି । ଏଇଟାକୁ କୁହାଯାଏ ଆଡାପ୍ଟେସନ ବା ବଞ୍ଚିବାର ଶୈଳୀ । ନ ହେଲେ ଏ ଲୁଣା ଜଙ୍ଗଲରେ ବଞ୍ଚିବା ଅସମ୍ଭବ ।"-ସପନବାବୁ କହିଲେ ।

"ସତକଥା । ଜଙ୍ଗଲରେ ପିଇବା ପାଣି କାହିଁ, ମିଠା ପାଣି କାହିଁ ? ସବୁଆଡେ ପାଣି କନ୍ତୁ ପିଇବା ପାଣି ନାହିଁ । ସାଧାରଣ ଜନ୍ତୁଙ୍କ ପିଇବା ପାଇଁ ମିଠା ପାଣି ଆବଶ୍ୟକ କନ୍ତୁ ଏଠି ଜୁଆରିଆ ପାଣି ଲୁଣିଆ । ତେଣୁ ଏ ଲୁଣିଆ ପାଣି ପିଇ କଛି ଜୀବଙ୍କୁ ବଞ୍ଚିବାକୁ ହେବ । ଏହା ହରିଣ, ମାଙ୍କଡ, ବାରହା ଆଦି ସବୁ ଜୀବ ଶିଖି ନେଇଛନ୍ତି । ବାଘ ପାଇଁ ଏଠି ଖାଇବାକୁ ବେଶୀ କଛି ନାହିଁ । କେତେଟା ମାଙ୍କଡ, ଗୋଧି, ହରିଣ । ବାଘ ଖାଇବାକୁ ବେଶି ପାଏନା । ତେଣୁ ସୁନ୍ଦରବନର ବାଘ ଏ ସବୁ ଶିକାର ଛଡା ମାଛ, କଙ୍କଡା, ଗୋଧି, କଇଁଛ ଇତ୍ୟାଦିକୁ ଖାଇ ନେଇଥାଏ । ବେଳେବେଳେ ପକ୍ଷୀ ଶିକାର କରିନଏ । ଏମିତି କ

ଏକ ମଲା ବାଘର ପେଟରୁ ସାପର ଅବଶେଷ ମିଳିଥିଲା । ବଡ଼ ଆଶ୍ଚର୍ଯ୍ୟର କଥା ।”- ସପନବାବୁ କହୁଥିଲେ ।

“ପାଓଲି, ଷ୍ଟାଟିଷ୍ଟିକ୍ସ ଆଉ ଗବେଷକମାନଙ୍କ ଗବେଷଣା କହୁଛି ସୁନ୍ଦରବନର ବାଘ ପ୍ରାୟ ୫୩ ପ୍ରତିଶତ ହରିଣ ଶିକାର କରେ । ବାରହା ତା’ର ଭୋଜନର ପ୍ରାୟ ୨୦ ପ୍ରତିଶତ । ବାଘ ଏ ଚତୁର ମାଙ୍କଡମାନଙ୍କୁ ମଧ୍ୟ ସହଜରେ ଶିକାର କରିନିଏ । ମାଙ୍କଡ ତା’ର ଭୋଜନର ୭ ପ୍ରତିଶତ, ପାଣି ଗୋଧି ୯ ପ୍ରତିଶତ, ମାଛ ୪ ପ୍ରତିଶତ, କଙ୍କଡା ୫ ପ୍ରତିଶତ। ବାକି ଅଂଶ ଅନ୍ୟ ଶିକାର ।”- ସପନବାବୁ ବିସ୍ତୃତ ଭାବେ ବୁଝାଇଦେଲେ ।

ଏ ଗବେଷଣାସବୁ ବାଘର ଜୀବନ ଉପରେ ଗଭୀର ଆଲୋକପାତ କରେ । ପାଓଲି ଜଙ୍ଗଲକୁ ଅନାଇଥିଲେ । ଏ ଜଙ୍ଗଲରେ କେଉଁଠି ଏ ଜୀବମାନେ ଛପିଛନ୍ତି ଆଉ ବାଘ ସେମାନଙ୍କୁ ବୁଦ୍ଧିରେ ହରାଇଦେଇ ଶିକାର କରି ନେଉଛି ।

ପାଣି ଗୋଧିଟିଏ ଧୀରେଧୀରେ ଆଗାଉଥିଲା । ତା’ର ନାକ, ଶରୀର ମାଟିର ଉପରେ ଥିଲା, ଲାଞ୍ଜଟି ତଳେ ଘୁସୁରୁ ଥିଲା । ଏମିତିଆ ଗୋଧିକୁ ବାଘ ଧରି ଖାଇନିଏ । ଅନ୍ୟ ଯାଗାରେ ବାଘ ଏ ପ୍ରାଣୀକୁ ଦେଖୁ ନଥିବ । ଏକ ଘୃଣ୍ୟ ପ୍ରାଣୀ ଭାବୁଥିବ ।

“ବାଘ ଜୋରରେ ଚାଲି ପାରୁ ନଥିବ ?”- ପାଓଲି ପଚାରିଲେ ।

ତାଙ୍କର ଆଖି ସେ କାଦୁଆ ଜଙ୍ଗଲ ଉପରେ ଲାଗିଥିଲା । ସବୁଆଡେ କଣ୍ଟା ଭଳିଆ ମୁନିଆ ଶ୍ୱାସମୂଳ ସବୁ ବାହରି ଆସିଛି । ତା’ ଭିତରେ ଚାଲିବା କଛି ସହଜ ନୁହେଁ । ଏଠାର ଏକ ଅଧିକ ଓଜନିଆ ପ୍ରାଣୀ ବାଘ ତ କେମତି ଜୋରରେ ଚାଲିବ ? ଯଦି ମଣିଷ ଚାଲୁଛି ତ ତା’ର ଆଣ୍ଠୁ ପର୍ଯ୍ୟନ୍ତ ପଙ୍କରେ ବୁଡିଯାଉଛି । ତେଣୁ ଏଠି କାହା ପକ୍ଷେ ଚାଲିବା କଛି ସହଜ ନୁହେଁ ।

“ଆକାର ପାଓଲି ଆକାର ।”– ସପନବାବୁ କହିଲେ । ସେ ଜଙ୍ଗଲ ଭିତରେ ଘଟୁଥିବା ପ୍ରତି ଘଟଣା ଭିତରେ କାରଣ ଖୋଜିନିଅନ୍ତି । ବାଘ ସହଜରେ ଚାଲିବା ଏକ ଅସ୍ୱାଭାବିକ

ଘଟଣା । ବାଘର ଶରୀରର କିଛି ବିଶେଷତ୍ୱ ଅଛି ବୋଲି ସେ ନିଶ୍ଚିତ ହୋଇଥିଲେ । ସେହି ମତକୁ ପାଓଲିଙ୍କ ଆଗରେ ରଖିଥିଲେ । ପାଓଲି ସପନବାବୁଙ୍କ ଆଡକୁ ଅନାଇଥିଲେ ।

ପାଓଲି ବାଘମାନଙ୍କ ବିଷୟରେ କିଛି ତଥ୍ୟ ଜାଣିଥିଲେ । ବାଘମାନେ ସମୁଦ୍ରକୂଳରୁ ନେଇ ବରଫର ପାହାଡ ପର୍ଯ୍ୟନ୍ତ ଅଞ୍ଚଳକୁ ଅଧିକାର କରିନେଇଛନ୍ତି । ଜାଭାର ସମୁଦ୍ରକୂଳଆ ଯାଗାରୁ ଆରମ୍ଭକରି ଭାରତ ବର୍ଷ, ଚୀନା, ଇଣ୍ଡୋବର୍ମା ଅଞ୍ଚଳ, ସାଇବେରିଆ ପର୍ଯ୍ୟନ୍ତ ବାଘମାନେ ଦେଖା ଯାଆନ୍ତି । ଅଞ୍ଚଳ ନେଇ ବାଘର ଆକାରର ପରିବର୍ତ୍ତନ ଘଟିଛି ।

“ଏ ବାଘଗୁଡିକ ଆକାରରେ ଛୋଟ । ଅନ୍ୟ ଯାଗାରେ ବାଘଗୁଡିକ ୨୦୦ କିଲୋରୁ ଅଧିକ ଓଜନ ହୋଇପାରନ୍ତି । କିନ୍ତୁ ଏଠିକାର ବାଘର ଓଜନ ୧୦୦ ରୁ ୧୨୦ କିଲୋ ପର୍ଯ୍ୟନ୍ତ । ତେଣୁ ଛୋଟ ବାଘ । ଅନ୍ୟଥା ବଡ଼ ବାଘଗୁଡିକ ଏମିତିଆ ଶ୍ୱାସମୂଳ ଭିତରେ କେମିତି ଯାଇପାରିବେ?”- ସପନବାବୁ କହିଲେ । ତାଙ୍କର ଆଖି ସେଇ ଗୋଧି ଉପରେ ଲାଗି ରହିଥିଲା । ଗୋଧିଟି ଘୋଷାରି ଘୋଷାରି ହୋଇ ଆଗାଉଥିଲା ।

ବୈବର୍ତ୍ତନବାଦ କାରଣରୁ ଯାଗା ଯାଗା ନେଇ ଜୀବଙ୍କର ଆକାର ଭିନ୍ନ ହୋଇଛି । ସମସ୍ତେ ପରିବେଶ ସହ ନିଜକୁ ମିଳାଇ ନେଇଛନ୍ତି । ବାଘ କେବଳ ଏ ଯିବା ଆସିବାର ଅସୁବିଧା କାରଣ ବା ଅନ୍ୟ କାରଣରୁ ଛୋଟ ହୋଇ ଯାଇଛି । ସେ କାରଣଟା କଣ ହୋଇପାରେ?

“ବାଘର ଛୋଟ ଆକାର ହେବାର କି କାରଣ ହୋଇପାରେ ? ଖାଇବା ହୋଇପାରେ । ମାଂସ ତ ମିଳୁଛି ।”- ପାଓଲି ପଚାରିଲେ ।

“ଲକ୍ଷ୍ୟକର ଏଠି କି କି ପ୍ରାଣୀ ଏ ଜଙ୍ଗଲରେ ମିଳୁଛନ୍ତି? ହରିଣ ବା ବାରହା ଭଳି ଛୋଟ ଜୀବ ବା ଆଉ ବେଳେବେଳେ କେମିତି ମାଙ୍କଡ । ହରିଣ ବା ବାରହାର ଓଜନ ବେଶିରେ ବେଶି ପଖାପାଖି ୫୦କିଲୋ ପର୍ଯ୍ୟନ୍ତ ହେଇପାରେ । ତେଣୁ ବାଘକୁ ଏଇ ଛୋଟ ଶିକାର କରିବା ପାଇଁ ବେଶି ବଳ ଖର୍ଚ୍ଚ କରିବାକୁ ପଡିବନାହିଁ । ଆକାର ବଡ଼ ହେବା ଦରକାର ନାହିଁ । ସମ୍ବର ବା ଗୟଳ ଶିକାର କରିବାକୁ ହେଲେ ବାଘର ଆକାର ବଡ଼ ହେବା ଦରକାର। ଆଉ ଏଠି ଏମିତି ଶିକାର ନାହିଁ । ତେଣୁ ସୁନ୍ଦରବନର ବାଘ ଛୋଟ ଆକାରର

ହୋଇଯାଇଛନ୍ତି । ବେଶ ଘଞ୍ଚ ଜଙ୍ଗଲରେ ଆକାର ବଡହେଲେ ଯାତାୟତରେ ଅସୁବିଧା ହେବ । ସ୍ଥାନ ସହ ନଜର ଆଡାପ୍ଟେସନ ।"- ସପନବାବୁ କହିଲେ ।

ପାଓଲି ମୁଣ୍ଡ ଟୁଙ୍ଗାରୁ ଥିଲେ । ସପନବାବୁ ବଡ଼ ଗହନର କଥା କହିଛନ୍ତି । ବାଘର ଆକାର ଏଠି ନିଶ୍ଚିତ ଭାବରେ ଛୋଟ ହେବ । ପାଓଲି ନିଜ କଥା ଭାବୁଥିଲେ । ସେ ଥରେ ସେ କାଦୁଅରେ ଗଳିଥିଲେ । ତାଙ୍କ ଜଙ୍ଘ ପର୍ଯ୍ୟନ୍ତ କାଦୁଅରେ ବୁଡିଯାଇଥିଲା । ସେଇଠୁ ଗୋଡ ବାହର କରିବା କଷ୍ଟ । ଖୋଜେ ଦି ଖୋଜ ଗଲିଲା ପରେ ଆଉ ଗୋଡ ଉଠୁନଥିଲା । ଏମିତିଆ କାଦୁଅରେ ଆଉ କଣ୍ଟା ମୂଳ ଥିବା ମ୍ୟାଙ୍ଗରୁଭ ଜଙ୍ଗଲରେ ଗଳିବାତ ବହୁତ ଅସୁବିଧା ହେବା ତେଣୁ ନିଶ୍ଚିତ ଭାବରେ ବାଘର ଆକାର ଛୋଟ ହେଇଥିବ ।

"ଏଠି ସବୁ ଜୀବ ବଦଳି ଯାଇଛନ୍ତି । ଘାସ କମ୍, ତେଣୁ ହରିଣମାନେ ତାଙ୍କ ଖାଇବାର ଅଧିକାଂଶ ଅଂଶ ଡାଳପତ୍ରରୁ ପାଆନ୍ତି । ଘାସ ଖାଉଥିବା ଅନ୍ୟ ବଡ଼ ପ୍ରାଣୀ ସମ୍ବର, ଗୟଳ ଇତ୍ୟାଦି ଏଠି ନାହାନ୍ତି । ଏକରେ ତ ଓଜନ ଅଧିକ ତେଣୁ ଏ ଅଞ୍ଚଳରେ ରହିପାରି ନାହାନ୍ତି। ସମସ୍ତେ ପରିବେଶ ହିସାବରେ ନିଜର ରୂପ, ଭେକ ଆଉ ବ୍ୟବହାରକୁ ପରିବର୍ତ୍ତିନ କରିଛନ୍ତି ।"-ସପନବାବୁ କହୁଥିଲେ ।

ପାଓଲିଙ୍କ ଆଖି ସପନବାବୁଙ୍କ ଉପରେ ଲାଗି ରହିଥିଲା । ସପନବାବୁ ସବୁ କଥାଟା ଗଭୀର ଭାବେ ଚିନ୍ତା କରି କୁହନ୍ତି । ଏମତି କିଛି ହାଲୁକାରେ କୁହନ୍ତି ନାହିଁ । ଏଇ ଗୁଣଟା ପାଓଲିଙ୍କୁ ଭାରି ଭଲ ଲାଗେ । ବୁଦ୍ଧିମାନ ଲୋକ ସବୁବେଳେ ଅଯଥାରେ କଥା କୁହନ୍ତି ନାହିଁ । ପାଓଲି ମୁଣ୍ଡ ଟୁଙ୍ଗାରୁଥିଲେ କିନ୍ତୁ ତାଙ୍କ ମନ ଭିତରେ ସପନବାବୁଙ୍କ ପାଇଁ ଅସୀମ ପ୍ରଶଂସା । ସପନବାବୁ ଗହନ କଥାଗୁଡା କେତେ ସହଜରେ ବୁଝେଇ ପାରନ୍ତି । ଖାଲି ଦେଖିକରି ସୁନ୍ଦରବନର ବହୁତ କଥା ବୁଝିହେବ ନାହିଁ ।

ଦୁଇଟା ଛୁଆ ମାଙ୍କଡ ଏକ ଗଛରେ ଡାଳମାଙ୍କୁଡି ଖେଳୁଥିଲେ । ସେମାନଙ୍କର ପଛ ଗୋଡମାନ ଡାଳକୁ କୁଣ୍ଡେଇ ଧରିଥିଲା ଆଉ ଶରୀର ତଳକୁ ଝୁଲି ଯାଇଥିଲା । ନିଜର ହାତରେ ଜଣେ ଜଣଙ୍କୁ ଠେଲା ଠେଲି କରୁଥିଲେ । ମୁହଁ ଖୋଲି ଦେଉଥିଲେ ଆଉ ଟିକେ ଟିକେ କାମୁଡା କାମୁଡି ହେଉଥିଲେ । ଛୁଆଗୁଡିକ ସବୁଠି ସମାନ । ମଣିଷଛୁଆ ହୁଅନ୍ତୁ କି

ମାଙ୍କଡଛୁଆ ହୁଅନ୍ତୁ ସେମାନଙ୍କର ହାତ ଗୋଡ ସବୁବେଳେ କଛି ନା କଛି କାମ କରେ । ମାଙ୍କଡ ଛୁଆଗୁଡାଙ୍କୁ ଡାଳମାଙ୍କୁଡି ଖେଳବାକୁ ମଜା ଲାଗୁଥିଲା । ତାଙ୍କର ବାପା ମାଆମାନେ ଉପରେ କୋଉଠି ଖାଦ୍ୟ ସଂଗ୍ରହରେ ବ୍ୟସ୍ତଥିବେ । ଏମାନଙ୍କୁ ବି ନଜର ଖାଦ୍ୟ ସଂଗ୍ରହ କରିବାକୁ ପଡିବ । କନ୍ତୁ ଏବେ ତ ଖେଳବାର ସମୟ । ସେମାନେ ଠେଲା ଠେଲି ହେଉଥିଲେ ଆଉ ଖେଳୁଥିଲେ । ତଳେ ପଡିଲେ ସିଧା ପାଣିରେ କନ୍ତୁ ସେଥିପାଇଁ ଡର ନଥିଲା । ମାଙ୍କଡମାନଙ୍କର ହାତ ଆଉ ଗୋଡ ବଡ଼ ଶକ୍ତ । ସହଜରେ ସେମାନେ ତଳେ ପଡିବେ ନାହିଁ । ଗୋଟିଏ ଛୁଆ ଆଉ ଗୋଟିଏ ଛୁଆର କାନ ଟାଣି ଦେଉଥିଲା । ସେ ଛୁଆଟି ତ ଆର ଛୁଆଟିକୁ କାମୁଡିବାକୁ ଚେଷ୍ଟା କରୁଥିଲା, ହଲୁକା କାମୁଡା ।

ସେପଟେ ବଡ଼ ମାଙ୍କଡଟିଏ ଏଡେଏଡେ ଆଖିକରି ସବୁଆଡକୁ ଅନାଉଥିଲା । ସେ ବୋଧହୁଏ ଦଳପତି । ତା’ କାନଗୁଡିକ ଠିଆ ହୋଇଯାଇଥିଲା । ଆଖିଗୁଡିକ ଲାଲ୍ ଲାଲ୍ ହେଇଯାଇଥିଲା । ତା’ର ମୁହଁଟା ଗୋଲାପି ଆଉ ସେଥିରେ ହାଲୁକା ସୁନେଲି ଧଳା ବାଳ ଭରିଯାଇଛି । ମାଙ୍କଡଟି ଏକ ଲୟରେ ଏ ଛୁଆଙ୍କୁ ଅନେଇଲା । ଛୁଆମାନେ କଛି ଧ୍ୟାନ ଦେଉ ନାହାନ୍ତି । ସେ ଧିରେ ଖିକ୍ ଖିକ୍ ହେଲା । ସାମାନ୍ୟ ବିପଦର ଡାକ, ସାବଧାନ ହେଇଯାଅ । ତା’ ବାଳଗୁଡିକ ମୁଣ୍ଡ ଉପରେ ଠିଆ ହେଇଯାଇଥିଲା । ସେଇଠି ଟିକେ ସୂର୍ଯ୍ୟ ଆଲୋକ ପଡୁଥିଲା । ମାଙ୍କଡର ଦେହଟା ପ୍ରାୟ ଲୁଚ ଯାଇଥିଲ, କେବଳ ଆଖି ଆଉ ମୁହଁର କଛି ଅଂଶ ଦେଖାଯାଉଥିଲା । ପାଣିଧାରରେ ଅନେକ ମାଙ୍କଡ ଥିଲେ । ତଳେ ମାଙ୍କଡଗୁଡିକ କଣସବୁ ଖୋଜୁଥିଲେ । ଉପରେ ବଡ଼ ମାଙ୍କଡର ଧ୍ୱନ ଶୁଣି ସମସ୍ତେ ଠିଆ ହୋଇଗଲେ ଆଉ ଏଣେତେଣେ ଅନେଇବାକୁ ଲାଗିଗଲେ । ସେମାନଙ୍କ ଠିଆ ହେବା ଦେଖି ଏମିତି ଲାଗୁଥିଲା ଯେମିତି ବାଙ୍ଗରା ଛୋଟ ମଣିଷର ସିପାହୀଦଳ ଠିଆ ହୋଇଛନ୍ତି । ସେମାନେ ପ୍ରାୟ ଗୋଟିଏ ହାତରେ ବାଡି ଭଳ ଉଠିଥିବା ମ୍ୟାଙ୍ଗରୁଭ୍ ବା ଲୁଣା ଜଙ୍ଗଲ ଗଛର ଚେରକୁ ଧରିଥିଲେ । ସମସ୍ତଙ୍କର ଆଖି ବୁଲୁଥିଲା ଆଉ ସମସ୍ତେ ସାବଧାନ ଥିଲେ । ଏ ମାଙ୍କଡଗୁଡିକୁ ସବୁବେଳେ ସାବଧାନ ରହିବା ଦରକାର । ଏଠି ବାଘ ଏକମାତ୍ର ଶିକାରୀ ନୁହେଁ । କୁମ୍ଭୀର ମଧ୍ୟ ମାଙ୍କଡକୁ ଶିକାର କରିନଏ । ଏମତି ଏମାନେ କଛି ସମୟ ଅନେଇଲେ । ଉପରୁଆଉ ସତର୍କ ଡାକ ଆସୁ ନଥିଲା । ଉପରର ବଡ଼ ମାଙ୍କଡ ଏପଟ ସେପଟ ଡେଉଁ ନଥିଲା । ଏତେ ସତର୍କ ହେବା ଆଉ ଆବଶ୍ୟକ ନାହିଁ । ବୋଧହୁଏ ବାଘ ପାଖରେ ନାହିଁ ।

ମାଟିରେ ମାଙ୍କଡଗୁଡିକ ପୁଣି ହାତକୁ ତଳକୁ କରି ଦେଇ ଖାଦ୍ୟ ଖୋଜିବାରେ ଲାଗିଗଲେ । ଗୋଟିଏ ମାଙ୍କଡ ପାଣି ଭିତରକୁ ପଶି ଆସିଲା । ତା'ର ହାତ, ଗୋଡ କାଦୁଅ ହେଇଯାଇଥିଲା । ଅଳ୍ପ ପାଣି । ଆଗରେ ଛୋଟ ନଦୀଟିଏ ଥିଲା। ବହୁତ ପତଳା ନଦୀ । ସେ ନଦୀକୁ ପାର ହେବାକୁ ଚେଷ୍ଟାକରୁଥିଲା । ପାଓଲି ଆଉ ସପନବାବୁ ଦୂରରୁ ବାଇନୋକୁଲାରରେ ସେହି ମାଙ୍କଡକୁ ଲକ୍ଷ୍ୟ କରୁଥିଲେ । ମାଙ୍କଡମାନେ ସାଧାରଣତଃ ପହଁରି ପାରି ହେବାକୁ ଭାବିବେ ନାହିଁ । ଦଳ ପାଖରେ ଅଛି । ତେଣୁ ତା'ର ନଦୀ ପାରି ହେବାର ଆବଶ୍ୟକ ନଥିଲା । ସମସ୍ତଙ୍କ ହାତରେ ଖାଇବାକୁ ଅଛି ।

ଧିରେ ତା'ର ଗୋଡ ପର୍ଯ୍ୟନ୍ତ ପାଣି ହୋଇଗଲା ଆଉ ସେ ଗଭୀରକୁ ଆସିଗଲା । ତା'ର ପେଟ ପର୍ଯ୍ୟନ୍ତ ପାଣି ହେଉଥିଲା । ସେଇଠି ଗୋଟିଏ ଫଳ ଭାସୁଥିଲା । ସେ ଜଲଦି ସେ ଫଳଟିକୁ ହାତରେ ଉଠେଇ ନେଲା ଆଉ ଦାନ୍ତରେ କାମୁଡି ଖାଇବାକୁ ଲାଗିଲା । ସ୍ୱାଦିଷ୍ଟ ଫଳ । ତାପରେ ଜଲଦି କୂଳକୁ ଆସିଗଲା । ପାଣିରେ କୁମ୍ଭୀରମାନେ ହୁଏତ ଛପି ପାରନ୍ତି। ପାଣି ତ କୁମ୍ଭୀର ରାଜ୍ୟ । ସେଇଠି କେହି କଛି କରିପାରିବେ ନାହିଁ । ତେଣୁ ମାଙ୍କଡ ବେଶ ସାବଧାନ ଥିଲା ଆଉ ଜଲଦି କୂଳକୁ ଆସୁଥିଲା । କିଛି ବିପଦର ଡାକ ନଥିଲା । ତଥାପି କିଛି ମାଙ୍କଡ ବିପଦର ଆଶଙ୍କା କରୁଥିଲେ । ସେମାନେ ଖାଉଥିଲେ କିନ୍ତୁ ମଝିରେ ମଝିରେ ଠିଆ ହୋଇଯାଇ ଏପଟ ସେପଟ ଅନାଉଥିଲେ । ସୁନ୍ଦରବନରେ ଖାଲି ଦଳପତି ଉପରେ ସବୁ ଛାଡିଦେଲେ ହେବନାହିଁ । ନିଜକୁ ମଧ୍ୟ ସାବଧାନ ହେବାକୁ ପଡିବ ।

ଉପରେ ଛୁଆ ମାଙ୍କଡଗୁଡିକ ଆଉ ନ ଖେଳି ଏକ ଭଲ ପତ୍ରଥିବା ଡାଳକୁ ଆସିଯାଇଥିଲେ । ସେଇଠୁ କିଛି କିଛି ପତ୍ର ଛିଣ୍ଡେଇ ଖାଇବାକୁ ଲାଗିଗଲେ । ସେମାନଙ୍କ ଆଖି ଜଙ୍ଗଲ ଆଉ ପାଣି ଉପରେ ଲାଗିରହିଥିଲା । ସେମିତି କିଛି ବିପଦ ନାହିଁ । ମଝିରେ ମଝିରେ ସେମାନଙ୍କର ପାଟି ବଡ଼ ଆଁ ହେଇଯାଉଥିଲା ଆଉ ମୁଣ୍ଡ ଉଚା ହେଇଯାଉଥିଲା । ସେମାନେ କୌତୁହଳଭରା ଆଖିରେ ସବୁଆଡେ ଅନାଉଥିଲେ । ପାଣିରେ ଏମିତି ଗୋଟିଏ ମଲାମାଛ ଭାସୁଥିଲା । ଗୋଟିଏ ମାଙ୍କଡ ତା'କୁ ଦେଖିନେଲା । ପାଣିଭିତରେ ପଶିଯାଇ ଜଲଦି ସେ ମାଛଟିକୁ ନେଇଆସିଲା ଆଉ ଖାଇବାକୁ ଲାଗିଲା । ଏ ମାଙ୍କଡଗୁଡିକ ସାଧାରଣତଃ ଶାକାହାରୀ କିନ୍ତୁ ବେଳେବେଳେ ଏମାନଙ୍କୁ ମାଛ ବା କଙ୍କଡା ମିଳିଗଲେ ଖାଇନଅନ୍ତି ।

ଏଇଟା ବଡ଼ ଆଶ୍ଚର୍ଯ୍ୟ କଥା । ମାଙ୍କଡମାନେ ମଧ୍ୟ ଆବଶ୍ୟକ ହେଲେ କିଛି କିଛି ମାଂସାହାର କରି ନଥାନ୍ତି ଯଦି ଏହା ସହଜରେ ମିଳଯାଏ ତେବେ ।

"ହରିଣ, ବାରହାମାନେ ବାଘର ସାଧାରଣ ଆହାର । ହରିଣ ସବୁଠାରୁ ବେଶି ଅଂଶରେ ଅଛନ୍ତି । ବାରହା ଅପେକ୍ଷାକୃତ କମ ମିଳନ୍ତି । ମାଙ୍କଡ ବାରହାଠାରୁ ଟିକଏ ଅଧିକା ସଂଖ୍ୟାରେ ଅଛନ୍ତି । ହରିଣମାନେ ସାଧାରଣତଃ ଅଳ୍ପ ଉଚ୍ଚ ଅଞ୍ଚଳରେ ରୁହନ୍ତି । ଏସବୁ ସ୍ଥାନ ସବୁବେଳେ ଜୁଆର ପାଣିରେ ବୁଡେନା । ମାଙ୍କଡମାନେ କେଉଡା ଜଙ୍ଗଲକୁ ପ୍ରାୟ ପସନ୍ଦ କରନ୍ତି ।" – ସପନବାବୁ ବାଘର ଶିକାର ଉପରେ କହୁଥିଲେ ।

"ଏ ପ୍ରାଣୀମାନେ ସବୁ ବାଘର ଆହାର । କନ୍ତୁ ରୁହନ୍ତି କେଉଁଠି ?"- ପାଓଲି ପଗ୍ଚରୁଥିଲେ।

ପାଓଲି ଜଙ୍ଗଲକୁ ଅନାଇଥିଲେ । ସବୁଆଡେ ଗାଢ ସବୁଜ ଘଞ୍ଚ ଜଙ୍ଗଲ । ଭିତରକୁ କିଛି ଦିଶୁନ । ସେମିତିଆ ଜଙ୍ଗଲରେ କିଛି ଅଞ୍ଚଳ ପାଣିରେ ପ୍ରାୟ ବୁଡେନା । ଏ ଜଙ୍ଗଲରେ ପାହାଡ, ପର୍ବତ ନାହିଁ । ବାଘର ଆଶ୍ରୟପାଇଁ ବଡ଼ ପଥର ଖୋଲ ଆଦି ନାହିଁ । ଏ ଯାଗାରେ ବାଘ ହେନ୍ତାଳ ଆଉ Heritiera ବା ସୁନ୍ଦରୀ ଜଙ୍ଗଲରେ ରହିବାକୁ ବେଶି ପସନ୍ଦ କରେ । ଏ ଗଛ ଥିବା ଅଞ୍ଚଳ ପ୍ରାୟ ଜୁଆରରେ ବୁଡେନା । ମାଟି ଟିକେ ଶକ୍ତ । ଯିବା ଆସିବାରେ ମଧ୍ୟ ଏତେ ଅସୁବିଧା ହୁଏନା । ହେନ୍ତାଳର ଶ୍ୱାସମୂଳ ନାହିଁ । ବାଘ ସାଧାରଣତଃ କିଛି ପ୍ରକାର ଗଛର ଥିବା ଅଞ୍ଚଳକୁ ପସନ୍ଦ କରେ । ସେ ଗଛ ଗୁଡିକ ହେଲା ଗର୍ଜ୍ଜନ- କକଡା (Rizophora-Bruguiera), ବାଇନ- ଧନୀଘାସ (Avicennia-Oryzha), ଗେଉଁଆ-ହେନ୍ତାଳବନ (Excoecaria-phoenix), ଗେଉଁଆ- ଗୋଗ୍ୱନ (Exoecaria-Ceriops), ଗୋଗ୍ୱନ (pure Ceriops) ଏବଂ ଧନୀଘାସ (pure Oryzha) | ବାଘର ପଦଚହ୍ନ ସବୁଠାରୁ ବେଶି ହେନ୍ତାଳ ବନରେ (ପ୍ରାୟ ୨୦ ପ୍ରତିଶତ) ଦେଖାଯାଇଛି । ତାପରେ ବାଇନ- ଧନୀଘାସ ଅଞ୍ଚଳରେ (ପ୍ରାୟ ୨୦ ପ୍ରତିଶତ) ବାଘର ଯାତାୟତ ଅଧିକ । ଏ ଜଙ୍ଗଲ ଛଡା ବାଘ ଗେଉଁଆ- ହେନ୍ତାଳବନ ଜଙ୍ଗଲକୁ (ପ୍ରାୟ ୧୮ ପ୍ରତିଶତ) ମଧ୍ୟ ଯାତାୟତ କରେ ।

ସୁନ୍ଦରବନର ଉତ୍ତରରେ ବେଶି କଳା ବାଇନ (**Avicennia marina**), ପିଆସ୍ ବାଇନ (**A. alba**) ଆଉ ସାଦା ବାଇନ (**A. officinalis**) ମିଳେ । କାଦୁଆ ଚଡାରେ ଧନୀଘାସ (**Oryza coarctata**) ମିଳେ । ଧୀରେଧୀରେ ତଳକୁ ଗେଉଁଆ (**Excoecaria agallocha**) ଆଉ ଗୋସ୍ୱନ (**Ceriops decandra**) ଗଛ ମିଳେ । ଦକ୍ଷିଣ ଆଉ ପୂର୍ବ ଆଡକୁ ଗର୍ଜ୍ଜନ (**Rhizophora apiculata**), କକଡା (**Bruguiera sexangula**) ଆଉ ସୁନ୍ଦରୀ (**Heritiera fomes**) ମିଳେ । ହେନ୍ତାଳବନ (**Phoenix paludosa**) ଟିକଏ ଉଚ୍ଚ ଭୂମିରେ ମିଳେ । ମାଟି ଏଠି ବେଶି କାଦୁଆ ନୁହେଁ । ଧୁନ୍ଦୁଲ (**Xylocarpus granatum**), ପାସୁର (**Xylocarpus mekongensis**) ଆଉ ଗୋଲପତା (**Nypa fruticans**)ର ଜଙ୍ଗଲ ବହୁତ ବେଶି ନାହିଁ । କେଉଡା (**Sonneratia apetala**) ଗଛ ସାଧାରଣତଃ ନୂଆକରି ଗଢି ଉଠୁଥିବା ଅଞ୍ଚଳରେ ବେଶି ମିଳେ । କେଉଡା ଗଛକୁ ତୃଣଭୋଜୀ ପ୍ରାଣୀମାନେ ବେଶି ପସନ୍ଦ କରନ୍ତି ।

ପ୍ଲାଣ୍ଟ ସକସେସନ ପ୍ରଥମେ ଧନୀଘାସର ନୂଆ କାଦୁଆ ଚଡାର ଉତ୍ପତ୍ତିରୁ ଆରମ୍ଭ ହୁଏ । ସମୟକ୍ରମେ ଏହି ଘାସୁଆ ଜମିରେ **Avicennia** ଏବଂ **Sonneratia spp.** ବୀଜ ପାଣିରେ ବୋହି ଅଟକଯାଏ ଆଉ ଗଛ ଉତ୍ପନ୍ନ ହୁଏ । ତାପରେ ପରେ ଗୋସ୍ୱନ, ଗେଉଁଆର କଲୋନୀ ତିଆରି ହୁଏ । ଶେଷରେ ଉତ୍ତର ଆଡକୁ ଉଚ୍ଚ ଜମିରେ ଭଲ ହେନ୍ତାଳ **Phoenix paludosa** ଦେଖାଯାଏ । ନୂଆ ଜମିରେ ବାଇନ ମଧ୍ୟ ଭଲ ହୁଏ । ଧୀରେଧୀରେ ବାଇନ ଯାଗାରେ ଗୋସ୍ୱନ ଆଉ ଗେଉଁଆ ଗଛ ବଢିଥାଏ । ଜଙ୍ଗଲରେ ପ୍ରାୟ ୭୦ ପ୍ରତିଶତ ଗଛ ଗେଉଁଆ ଆଉ ଗୋସ୍ୱନର ମିଶ୍ରଣ । ଦକ୍ଷିଣ ଆଉ ପୂର୍ବଭାଗରେ ଗର୍ଜ୍ଜନ, କଙ୍କଡା, ସୁନ୍ଦରୀ, ଆଦିର ଜଙ୍ଗଲ ଦେଖାଯାଏ । ହେନ୍ତାଳ ଜଙ୍ଗଲ ଟିକେ ଉଚ୍ଚ ଜମିରେ ହୁଏ । ଗୋଲପତା ପାମ ନଦୀ ଆଉ ନାଳ କୂଳରେ ଦେଖାଯାଏ । ଏଠି ମାଟିର ଉପରେ ମିଳୁଥିବା ପାଣି ଲୁଣିଆ । ଗୃଷବାସ ଆଉ ପିଇବା ପାଣି ହିସାବରେ ବ୍ୟବାହାର ପାଇଁ ଏ ପାଣି ଅନୁପେଯାଗୀ । ମିଠାପାଣି ପ୍ରାୟ ୩୦୦ ଶହରୁ ୪୦୦ ମିଟର ତଳେ ମିଳେ ।

ସୁନ୍ଦରବନ ପୃଥିବୀର ସବୁଠାରୁ ବଡ଼ ଲୁଣା ଜଙ୍ଗଲ । ଗଙ୍ଗା ଆଉ ବ୍ରହ୍ମପୁତ୍ରର ମିଳନ ସ୍ଥଳରେ ଗଢି ଉଠିଛି ବିଶାଳ ଜୁଆର ଭଟ୍ଟାର କ୍ଷେତ୍ର । ୧୦,୨୦୦ ବର୍ଗ କିଲୋମିଟରର ବିଶାଳ ଅଞ୍ଚଳ । ଭାରତରେ ୪,୨୦୦ ବର୍ଗ କିଲୋମିଟର ଆଉ ବାଙ୍ଗଲାଦେଶରେ ୬,୦୦୦ ବର୍ଗ କିଲୋମିଟରର ହିସାବରେ ଦୁଇ ଦେଶରେ ବ୍ୟାପ୍ତ ହୋଇଛି ଏ ଅଞ୍ଚଳ । ଏହା ଛଡା

ଭାରତରେ ୫,୪୦୦ ବର୍ଗ କିଲୋମିଟରର ଅଞ୍ଚଳ ଲୁଣା ଜଙ୍ଗଲକୁ ଲାଗି ରହିଛି । ଭାରତର ସୁନ୍ଦରବନରେ ୧୦୬ଟି ଦ୍ୱୀପ ଅଛିଯାହା ଭିତରୁ ୫୪ଟି ଦ୍ୱୀପରେ ଲୋକାବସତି ଅଛି ।

ସୁନ୍ଦରବନର ଅର୍ଥ ହେଉଛି ସୁନ୍ଦର ଅରଣ୍ୟ । କିନ୍ତୁ କିଏ କିଏ କୁହନ୍ତି ସୁନ୍ଦରବନ ସୁନ୍ଦରୀ ବୃକ୍ଷରୁ ଉତ୍ପତ୍ତି ହୋଇଛି । ଦିନେ ଏ ବୃକ୍ଷ ପ୍ରଚୁର ପରିମାଣରେ ମିଳୁଥିଲା । ଲୁଣା ଜଙ୍ଗଲର ମହତ୍ତ୍ୱ ସାରା ପୃଥିବୀରେ ଅଛି । ଏମିତି ସବୁ ଦେଶରେ ଲୁଣା ଜଙ୍ଗଲ ଦେଖାଯାଏ ନାହିଁ । ଇଣ୍ଡୋନେସିଆ, ବ୍ରାଜିଲ, ନାଇଜେରିଆ, ଅଷ୍ଟ୍ରେଲିଆ ଆଉ ମେକ୍ସିକୋ ଭଳି ଦେଶରେ ପୃଥିବୀର ୪୭ ପ୍ରତିଶତ ଲୁଣା ଜଙ୍ଗଲ ମିଳେ । ଭାରତରେ ଲୁଣା ଜଙ୍ଗଲ ପୃଥିବୀର ପ୍ରାୟ ୩ ପ୍ରତିଶତ । ଏହି ଦେଶମାନଙ୍କ ଛଡା ପାପୁଆ ନିଉଗିନି, କ୍ୟୁବା, ମାଲୟେସିଆ ଆଦି ଦେଶରେ ବହୁତ ପରିମାଣରେ ଲୁଣା ଜଙ୍ଗଲ ଅଛି ।

ଲୁଣା ଜଙ୍ଗଲର ଉପକାରିତା ଅନେକ । ସବୁଠାରୁ ବଡ଼ ଉପକାରିତା ହେଲା ଲୁଣା ଜଙ୍ଗଲ ସମୁଦ୍ର ତୋଫାନ ଆଉ ଲହିଡରୁ କୂଳକୁ ରକ୍ଷା କରିଥାଏ । ଅନ୍ୟଥା ମୃତ୍ତିକା କ୍ଷୟ ବହୁତ ଅଧିକ ମାତ୍ରାରେ ହୁଅନ୍ତା । ଲୁଣା ଜଙ୍ଗଲର ଗଛ ଆଉ ଜାଲ ଭଳି ଛନ୍ଦି ହିଇଥିବା ଚେର ମାଛ ପ୍ରଜନନ ଆଉ ବଢିବାରେ ବହୁତ ସାହାର୍ଯ୍ୟ କରେ । କୁହାଯାଇପାରେ ଲୁଣା ଜଙ୍ଗଲ ହେଉଛି ମାଛର ନର୍ସରୀ । ଜାଆଁଳ ଲୁଣା ଜଙ୍ଗଲରେ ସହଜରେ ଆଶ୍ରୟ ପାଇ ଥାଆନ୍ତି ।

ସୁନ୍ଦରବନକୁ ୧୯୯୭ ମସିହାରେ ଓ୍ୱାଲର୍ଡ ହେରିଟେଜ ସାଇଟ ବା ବିଶ୍ୱ ଐତିହ୍ୟ ସ୍ଥଳ ଭାବରେ ନାମିତ କରାଯାଇଛି ।

ସ୍ଥାନ ଅନୁପାତରେ ସୁନ୍ଦରବନରେ ମୁଖ୍ୟତଃ ବାଇନ, ଗେଉଁଆ, କକଡା, ସୁନ୍ଦରୀ, ହେନ୍ତାଳ, ଧୁନ୍ଦୁଲ, ପାସୁର, ଗୋଲପତା ଭଳି ବୃକ୍ଷ ମିଳେ । ଧନୀଘାସ ସୁନ୍ଦରବନର ସବୁଆଡେ ମିଳଥାଏ । ଏ ଜଙ୍ଗଲରୁ କାଠ, ଛପରପାଇଁ ପତ୍ର, ଜାଳେଣୀ କାଠ, ମାଛ, କଙ୍କଡା, ଆଉ ମହୁ ବହୁପରିମାଣରେ ମିଳେ । ସୁନ୍ଦରୀ, ବାଇନ, କେଉଡା, ପାସୁର, ଗେଉଁଆ ଆଦି ଗଛରୁ ଘର ତିଆରି କରିବା ସାମଗ୍ରୀ ମିଳଥାଏ । ଗୋରାନ, ହେନ୍ତାଳ, କକଡା ଆଦି ଗଛକୁ ଜାଳେଣିକାଠ ହିସାବରେ ବ୍ୟବହାର କରାଯାଏ । ମହୁ

ସଂଗ୍ରହକାରୀମାନେ ଖୁଲସୀ, ଗୋରାନ, ବାଇନ, ଗେଉଁଆ, କେଉଡା ଗଛରେ ଲାଗିଥିବା ମହୁଫେଣାରୁ ମହୁ ସଂଗ୍ରହ କରିଥାନ୍ତି ।

ପାଣିରେ ଲୁଣା ଅଂଶ ନେଇ ଯାଗା ଯାଗାରେ ଗଛ ବଦଳଥାଏ । ସୁନ୍ଦରୀଗଛ କମ ଲୁଣା ଅଞ୍ଚଳ ଆଉ କମ କୂଳ ଖାଉଥିବା ଅଞ୍ଚଳରେ ଭଲ ବଢେ । ଅନ୍ୟ ପକ୍ଷରେ ଗୋରାନ ଭଳ ଗଛ ବେଶି ଲୁଣା ପାଣିକୁ ଆଉ ମଧ୍ୟମ ଧରଣର କୂଳ ଖାଉଥିବା ଅଞ୍ଚଳକୁ ପସନ୍ଦ କରେ । ଗେଉଁଆ ଭଳ ଗଛ କମରୁ ମଧ୍ୟମ ଧରଣର ଲୁଣା ଆଉ ମଧ୍ୟମ ଧରଣର କୂଳ ଖାଉଥିବା ଅଞ୍ଚଳ ପସନ୍ଦ କରେ ।

କ୍ରମଶଃ -

ସେକ୍ଟର-୩, ସଲ୍ଟଲେକ, କଲିକତା

ବେଦାନ୍ତୀ ର ୱେବସାଇଟ୍ ରେ ଆପଣମାନଙ୍କ ପୁସ୍ତକ କିମ୍ବା ଅନ୍ୟ କୌଣସି ବିଷୟରେ ବିଜ୍ଞାପନ ଦେବାପାଇଁ ସଂପର୍କ କରନ୍ତୁ

ଦୂରଭାଷ – ୯୫୯୪୯୯୩୭୩୩ / 9594993733

# ଜୀବନ ଦୀପ



ଡ. ପ୍ରସନ୍ନ କୁମାର ବଳ

ଘରେ ଦୀପ ଜଳେ, ସଞ୍ଜ ସକାଳେ,
ମନେ ଦୀପ ଜଳେ, ପ୍ରତି ମୂହୁର୍ତ୍ତରେ ॥
ଏନ୍ତୁଡି ଶାଳରେ ଦୀପ ବି ତ ଜଳେ,
ଛୋଟ ଛୁଆଟିକୁ ଶେକ ଦେବାବେଳେ ॥
ଛୁଆ ଶୁଭ ପାଇଁ ମାଆ ଦୀପ ଜାଳେ,
ପରିବାରର ସୁଖ ସଦା ମନେ ପଡେ ॥
ଜନମ ଦିନରେ ଦୀପ ପୁଣି ଜଳେ,
ଉତ୍ସବ ମୁଖର ସବୁ ହୋଇପଡେ ॥
ବାହାଘର ପର୍ବ ହୁଏ ଦୀପ ଜାଳ,
ଶପଥ ନଅନ୍ତି ଅଗ୍ନୀ ସାକ୍ଷୀ କରି ॥
ଜୀବନ ବୋଇତ ଗ୍ଳଲେ ଏହିପରି,
ସୁଖ ଦୁଃଖ ଭର୍‌ ମିଶ୍ରିତ ହୋଇ ॥
ସବୁ ସୁଖ ବେଳେ ସବୁ ଭଲ ଥାଏ,
ଦୁଃଖ ଆସିଗଲେ ଦୀପ ମନେପଡେ ॥
ଗ୍ଳଲନ୍ତି ସଭିଏଁ ମନ୍ଦିର ବେଢାକୁ,
ମାନସିକ କରି ଦୀପ ଜାଳିବାକୁ ॥
କରୋନା ଭୟରେ ଲକଡାଉନ୍ ହେଲା,
ଦୀପ ଜାଳିବାକୁ ସମୟ ମିଳିଲା ॥
ସତରେ ଏ ସୃଷ୍ଟି କେତେ ବା ବିଚିତ୍ର,
ମିଛ ମାୟାରେ ଭି ଅନେକ ନାଟକ ॥

ପରିସ୍ଥିତି ମଣିଷକୁ କରେ ଦାସ
ପ୍ରଭୁ ସମସ୍ତଙ୍କ ଠାରେ ହିଁ ପ୍ରକାଶ ॥
ଏ କରୋନା ଭୟେ ସବୁ ଭୟଭୀତ,
ଜୀବନ ଦୀପ ଯେ କେବେ ହେବ ଶେଷ ॥
କରୋନା ବୁଝେନା ଧନୀ ବା ଦରୀଦ୍ର,
ଜୀବନ ନେଇ କ ପାଏ ସେ ଆନନ୍ଦ ॥
ଦୀପର ମାନ ତ ରଖ ନରହରୀ,
ଜୀବନ ଦୀପକୁ ଅକ୍ଷତ କରି ॥
ସବୁ ଲୀଳା ପୁଣି ତୁମ ଇସାରାରେ,
ଦୟା ରଖ ପ୍ରଭୁ ଏ ମଣିଷ ଠାରେ ॥
ଭକ୍ତର ଦୀପର ମାନ ଟିକେ ରଖ,
ଜୀବନ ଦୀପର ନରାପତା ଦେଖ ॥

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରି, ଭୁବନେଶ୍ୱର

# ରଜ ଆସିଛି



ସନାତନ ମହାକୁଡ

ବରଷକ ପରେ ଆସିଅଛି ରଜ
ହୋଇ ନାନା ସଜବାଜ ।

ଧରଣୀ ରାଣୀକୁ ଆନନ୍ଦିତ କରେ
ପହିଲି ବରଷା ଧାରେ ।

ସଭିଏଁ ଲାଗନ୍ତି ରଜଦୋଳ ଖେଳେ
ବାନ୍ଧି ଦୋଳ ଆମ୍ବ ଡାଳେ ।

ପିଲାଏ ଖେଳନ୍ତି ଗାଁଆ ଦାଣ୍ଡେ ପୁଚ
ଯାହାର ଯେମିତି ରୁଚ ।

ମାଆ ଭଉଣୀଏ ପିଠାପଣା କରି
ମନକୁ ଦିଅନ୍ତି ଭରି ।

ଛେନା ପୋଡ଼ପିଠା ପାନର ମହକ
ଅତୀବ ମନ ମୋହକ ।

ସୁଆଦିଆ ଫଳ ଲେଡା ହୁଏ କେତେ
ଏ ଋତୁରେ ମିଳେ ଯେତେ।

ଆମ ପରମ୍ପରା ପରବ ଯାତରା
ମଜା ମଉଜେ ଭଆରା।

ଓଡ଼ିଆ ଜାତିର ଗଉରବ ଗର୍ବ
ଏମିତି ଅନେକ ପର୍ବ।

ଆମର ସଂସ୍କୃତି ଅତୀବ ମହାନ
କେହି ନୁହେଁ ତା ସମାନ।

ବେରୁଆଁବାରୀ, ନୟାଗଡ, ଓଡିଶା

ବେଦାନ୍ତୀ ର ୱେବସାଇଟ୍ ରେ ଆପଣମାନଙ୍କ ପୁସ୍ତକ କିମ୍ବା ଅନ୍ୟ
କୌଣସି ବିଷୟରେ ବିଜ୍ଞାପନ ଦେବାପାଇଁ ସଂପର୍କ କରନ୍ତୁ:

ଦୂରଭାଷ – ୯୫୯୪୯୯୩୭୩୩ / 9594993733

# ରାଗ ଅଭିମାନ



ଧରିତ୍ରୀ ଦାସ

ରାଗ ଅଭିମାନ     ସବୁ ବର୍ଷାପରି
    ଆସି ବର୍ଷିଯାଉ କ୍ଷଣେ
ହେଲେ ଶାନ୍ତ କାନ୍ତ ନିରିମଳ ବାୟୁ
    ଭସାଇ ନେଉ ଗଗନେ।

ଚିରସ୍ଥାୟୀ ନୋହୁ     ଏ ଧରା ଧାମରେ
    କ୍ଷଣେ ଆସି ଗଳିଯାଉ
ପୃଥିବୀର ଶୋଭା     ଦ୍ୱିଗୁଣିତ କରି
    କାଳ କାଳ ରଖିଥାଉ।

ବର୍ଷା ପରେ ପରେ     ପରିବେଶ ହେଉ
    ପ୍ରେମାଙ୍ଗନେ ନିମଜ୍ଜିତ
ନିରବ ନିଶ୍ଚଳ     ସୁଶୀତଳ କାନ୍ତି
    ପ୍ରେମରସେ ବିମୋହିତ।

ପବନର ଗତି     ପରି ରାଗ ହେଉ
    ସରବଦା ଗତିଶୀଳ
କାହାରି ପାଶରେ     ନରହିଣ ସ୍ଥିର
    ବହିଯାଉ ଅନର୍ଗଳ।

ମତଭେଦ ଦୂର     ହୋଇଯାଉ ସଦା
    ନରହୁ କୁଟ କପଟ
ପବନ ପରିକା     ପାଶେ ପାଶେ ଥାଉ
    ପ୍ରେମର ଅତି ନିକଟ।

ସେହି ପ୍ରେମ ଯାଦୁ     ମୂର୍ତ୍ତିମନ୍ତ ହେଉ
    ବିଭୁଙ୍କ ଆଶିଷ ପାଇ
ରାଗ ଅଭିମାନ     ମଣିଷ ମନରୁ
    ଲିଭିଯାଉ ତୋତେ ଧାଇ।

ରାଉତରା ପୁର, ପହଙ୍ଗା, ଯାଜପୁର

# ହେ କ୍ରାନ୍ତିପଥର ଯାତ୍ରୀ



କୁଞ୍ଜବିହାରୀ ରାଉତ

ହେ କ୍ରାନ୍ତିପଥର ଯାତ୍ରୀ,
ତୁମର ଏ ଶେଷହୀନ ଯାତ୍ରାପଥେ,
କାହିଁ ତୁମେ ଗୋଲାର୍ଦ୍ଧର
କେଉଁଠାରେ ଦୂରଚକ୍ରବାଳେ
ମିଶିଗଲ,
ନିର୍ନିମେଷ ନୟନରେ
ନିବୁଜ ଆଖିରେ ଧ୍ୟାନକଲେ,
ତୁମ ରୂପ, ତୁମ ଛବି, ତୁମ କଥା
ସ୍ୱପ୍ନ ପରି ଗୋଟିଗୋଟି ଭାସି ଆସେ
ଲାଗେ, ଯେପରି ତୁମେ ଆମ ପାଖେପାଖେ
ରହି ନିର୍ଣ୍ଣାୟକ ପଥ ଦେଖାଉଛ।
ତୁମେ ଥିଲ ଭୀଷ୍ମ ପିତାମହ,
ଲକ୍ଷ୍ମଣର ରେଖା ଟାଣି ବିପ୍ଳବର
ନାନ୍ଦୀପାଠ କଲାବେଳେ,
ତୁମ ଧନୁଷ୍କୋଟିର ପ୍ରତିଜ୍ଞାରୁ
ଝରୁଥିଲା ଅଗ୍ନିର ସ୍ଫୁଲିଙ୍ଗ
ଆଉ ଶୁଭୁଥିଲା ଝଡର ଝଙ୍କାର।
ହେ କରିତକର୍ମା କର୍ମଯୋଗୀ!
ସାଲିସ ବିହୀନ ଯୁଦ୍ଧପାଇଁ
ସଂଗ୍ରାମର ହେ ସାଥୀ, ସାରଥୀ
କୁରୁକ୍ଷେତ୍ରେ ଯୁଦ୍ଧ ଭୂମେ

କଏ ଆଉ ଶୁଣାଇବେ
ସାମ୍ୟବାଦର ଗୀତା
କଏ ଆଉ
ଅର୍ଜୁନମାନଙ୍କୁ ଦିବ୍ୟନେତ୍ର ଦେଇ
କରାଇବେ ବିଶ୍ୱରୂପର ଦର୍ଶନ।
ତୁମର ଏ ମହାଯାତ୍ରା ପଥୁ
ଫେରିଆସ, ହେ ସୀମାନ୍ତ ପଥିକ!
କ୍ଳାନ୍ତିହୀନ କ୍ରାନ୍ତିପଥ
କେବେ ହୁଏ ନାହିଁ ଶେଷ।
ନର୍ବାକ ନଷ୍ପନ୍ଦ ଆଜି ତୁମରି ସେନାନୀ
ତୁମ ପ୍ରେରଣାରେ
ସାମ୍ରାଜ୍ୟବାଦୀ ପୁଞ୍ଜିପତିର ମହାସମାଧିରେ
ସାମ୍ୟବାଦୀ ଧ୍ୱଜା ତୋଳ
ବାହିନେବେ ମୃତ୍ୟୁଞ୍ଜୟୀ ରଥ....ବାହିନେବେ......

ପ୍ଲଟ-୧୪୮/୫, ହମିରପୁର, ରାଉରକେଲା-୩

# ସାରଳା ମହାଭାରତ ରେ ଚଲିକାର ଜନ୍ମ ବୃତ୍ତାନ୍ତ



ଅଧ୍ୟାପକ ତାପସ କୁମାର ଜେନା

ଓଡିଆ ସାହିତ୍ୟରେ ସାରଳା ଦାସଙ୍କ "ମହାଭାରତ" ଗ୍ରନ୍ଥକୁ ଓଡିଆ ଭାଷାର ମହାନ ଅର୍ଘ ଭାବରେ ଗ୍ରହଣ କରାଯାଇଥାଏ । ସଂସ୍କୃତ ଭାଷାରେ ବ୍ୟାସଦେବ "ମହାଭାରତ" ଲେଖିଥିବା ଭଳି ଓଡିଆ ଭାଷାରେ ସାରଳା ଦାସ "ମହାଭାରତ" ଗ୍ରନ୍ଥକୁ ଭାବାନୁବାଦ ମାଧ୍ୟମରେ ରଚନା କରିଥିବାରୁ କେହି କେହି ତାଙ୍କୁ ଉତ୍କଳର ବ୍ୟାସ ରୂପେ ସମ୍ବୋଧନ କରିଥାନ୍ତି । ଅଧିକନ୍ତୁ ତାଙ୍କ କୃତିରେ ଓଡିଶାର ମାଟି, ପାଣି, ପବନ, ପ୍ରକୃତି ଓ ମଣିଷ ଜୀବନର ବାସ୍ତବଗାଥା କଳାତ୍ମକ ଭାବରେ ପରିବେଷିତ ହୋଇଥିବାରୁ ତାଙ୍କୁ "ମାଟିର ମହାକବି" ମଧ୍ୟ କୁହାଯାଏ । ଓଡିଶାର ଅନେକ ସ୍ଥାନଗୁଡିକ ତାଙ୍କ ଲେଖନୀର ପରାକାଷ୍ଠାରେ ପୁଟ ଦେଇ ସେ ସ୍ଥାନର ମାହାତ୍ମ୍ୟକୁ ଲୋକଲୋଚନରେ ପରିପ୍ରକାଶ କରିଛନ୍ତି । କେବଳ ଓଡିଶାର ଲୋକଲୋଚନରେ ପରିପ୍ରକାଶ କରିଛନ୍ତି ତାହା ନୁହଁ, ପରନ୍ତୁ ସ୍ଥାନର ମାହାତ୍ମ୍ୟକୁ ବିଶ୍ୱବିଦିତ୍ କରି ଓଡିଶାର ଅସ୍ମିତାକୁ ବଜାୟ ରଖିଛନ୍ତି । କପୋଳକଳ୍ପିତ କାହାଣିଗୁମ୍ଫନ ସହିତ ସ୍ଥାନଗୁଡିକୁ ଏପରି ଭାବରେ ସଜ୍ଜୀକରଣ କରିଛନ୍ତି ଯେ ପାଠକ ଏହାକୁ ଅଧ୍ୟୟନ କରିବା ସମୟରେ ସ୍ରଷ୍ଟାଙ୍କ ମାଟି ପ୍ରତି ମମତ୍ୱବୋଧ ଦେଖି ଅଭିଭୂତ ହୋଇପଡେ । କାହାଣୀ ଗୁମ୍ଫନ ଯେ ସାରଳା ମହାଭାରତର ଅନ୍ୟତମ ମୌଳିକତା ଏଥିରୁ ପ୍ରତିପାଦିତ ହୋଇଥାଏ । ଯେଉଁଥିପାଇଁ କାହାଣୀ ଗୁମ୍ଫନ ମାଧ୍ୟମରେ ଓଡିଶାର ନଦୀ, ହ୍ରଦ, ପାହାଡ, ପର୍ବତ, ତୀର୍ଥସ୍ଥଳ ଆଦି ମହାଭାରତ ଗ୍ରନ୍ଥରେ ଜନ୍ମ ନେଇଛି ।

ସାରଳା ଦାସଙ୍କ "ମହାଭାରତ" ଗ୍ରନ୍ଥଟି ୧୮ ପର୍ବ ବିଶିଷ୍ଟ ଏକ ମହାକାବ୍ୟ । ଏହି ପର୍ବଗୁଡିକ ହେଉଛି ଆଦିପର୍ବ, ମଧ୍ୟ ପର୍ବ, ସଭାପର୍ବ, ବନପର୍ବ, ବିରାଟ ପର୍ବ, ଉଦଯୋଗ ପର୍ବ, ଭୀଷ୍ମ ପର୍ବ, ଦ୍ରୋଣପର୍ବ, କର୍ଣ୍ଣପର୍ବ, ଶଲ୍ୟ ପର୍ବ, ଗଦାପର୍ବ, କାଇଁଶିକ ପର୍ବ, ନାରୀ ପର୍ବ, ଶାନ୍ତିପର୍ବ, ଆଶ୍ରମିକ ପର୍ବ, ଅଶ୍ୱମେଧ ପର୍ବ, ମୂଷଳ ପର୍ବ ଓ ସ୍ୱର୍ଗାରୋହଣ ପର୍ବ ।

ଏହି ପର୍ବଗୁଡିକ ମଧ୍ୟରେ "ବନପର୍ବ" ହେଉଛି ଏକ ବିଶିଷ୍ଟ ସ୍ୱତନ୍ତ୍ର ପର୍ବ । ଯେଉଁଥିରେ ସାରଳା ଦାସ ପାଣ୍ଡବ ମାନଙ୍କୁ ଓଡିଶାର ବିଭିନ୍ନ ସ୍ଥାନ ପରିଭ୍ରମଣ କରାଇଥିବା ଲକ୍ଷ୍ୟ କରାଯାଏ । ବିଭିନ୍ନ କପୋଳକଳ୍ପିତ କଥାବସ୍ତୁ ଗୁଡିକୁ ବିଭିନ୍ନ ସ୍ଥାନ ସହିତ ଏଥିରେ ସଂଯୋଜିତ କରାଯାଇଛି । ଏହି କ୍ରମରେ ଓଡିଶାର ବୃହତ୍ତମ ହ୍ରଦ "ଚିଲିକା" ସୃଷ୍ଟିର ମଧ୍ୟ ଏକ କାହାଣୀ ବର୍ଣ୍ଣିତ ହୋଇଥିବା ଲକ୍ଷ୍ୟ କରାଯାଏ । ଏହି ବନପର୍ବ ଅନ୍ତର୍ଗତ "ଗଜ କଚ୍ଛପ ଯୁଦ୍ଧ" ରେ ଚିଲିକା ହ୍ରଦର ଉତ୍ପତ୍ତି ପ୍ରସଙ୍ଗ ବର୍ଣ୍ଣନା କରାଯାଇଛି ।

"ଗଜ କଚ୍ଛପ" ଯୁଦ୍ଧ ପ୍ରସଙ୍ଗଟି ମାର୍କଣ୍ଡେୟ ଓ ଯୁଧିଷ୍ଠିରଙ୍କ କଥୋପକଥନରେ ବର୍ଣ୍ଣନା କରାଯାଇଛି । ଏଠାରେ ବକ୍ତା ମାର୍କଣ୍ଡେୟ ଚିଲିକାର ଉତ୍ପତ୍ତି ଓ ଗଜ କଚ୍ଛପଙ୍କ ଯୁଦ୍ଧର କାରଣ ସଂପର୍କରେ ଶୁଣାଇଛନ୍ତି । "ଇନ୍ଦ୍ରଙ୍କ ଠାରୁ ଉତ୍ତଙ୍ଗ ଋଷି ଅପମାନିତ ହେବାପରେ ଦେବଲୋକରୁ ଇନ୍ଦ୍ରପଦକୁ ହଟାଇବା ପାଇଁ ବା ଗାଦିଚ୍ୟୁତ କରିବା ପାଇଁ ତପସ୍ୟା କରିଛନ୍ତି । ଯଦି ତପସ୍ୟାଟି ସଫଳ ହୁଏ ତେବେ ଇନ୍ଦ୍ରଦେବ ନିଶ୍ଚିତ ରୂପେ ଗାଦିଚ୍ୟୁତ ହେବ । ତେଣୁ ନାରଦଙ୍କସୂଚନା କ୍ରମେ ଇନ୍ଦ୍ରଦେବ ସୁପ୍ରତୀକ ଓ ବିଭାବସୁ ଦୁହିଁଙ୍କୁ ଉତ୍ତଙ୍ଗ ଋଷିଙ୍କ ତପଭଙ୍ଗ କରିବା ପାଇଁ ସୁପ୍ରତୀକ ମତ୍ତଗଜ ଓ ବିଭାବସୁ କୂର୍ମ ବା କଚ୍ଛପ ରୂପ ଧାରଣ କଲେ । ମତ୍ତଗଜ ସୁପ୍ରତୀକ ଓ କୂର୍ମ ବିଭାବସୁଙ୍କ ଦ୍ୱାରା ଉତ୍ତଙ୍ଗ ଋଷିଙ୍କ ତପସ୍ୟା ଭଙ୍ଗ ହେବା ପରେ ଦୁହିଁଙ୍କୁ ମୁନିବର ଅଭିଶାପ ଦେଇଛନ୍ତି ।

ମୋ ତପ ଭାଙ୍ଗିବା ଅର୍ଥେ ମିଳିଲେ ଏ ରୂପେ
ଯୁଗେ ଯୁଗେ ଏହି ରୂପ ଥାଉ ମୋର ଶାପେ ।
ତୁମ୍ଭ ଦୁଷ୍ଟପଣେ ଏହି ଭୂମଣ୍ଡଳ ଭାଞ୍ଜୁ
କାଳେ ତୁମ୍ଭ ଦୁହିଁଙ୍କୁରେ ପକ୍ଷୀରାଜ ଗଞ୍ଜୁ ।" **(ବନପର୍ବ)**

ଅଭିଶାପ ଫଳ ସରୂପ ଏ ଦୁହେଁ ପୃଥିବୀ ପୃଷ୍ଠରେ ନିଜ ରୂପ ବଦଳରେ ଗଜ ଓ କଚ୍ଛପ ରୂପରେ ରହିଲେ । ଅପର ପକ୍ଷରେ ଦକ୍ଷ ପ୍ରଜାପତିଙ୍କ ଷାଠିଏ କନ୍ୟା ମଧ୍ୟରୁ କଶ୍ୟପ ଋଷିଙ୍କୁ ବିବାହ କରିଥିବା ତେର କନ୍ୟା ମଧ୍ୟରୁ କଦ୍ରୁ ଓ ବିନତାଙ୍କ ମଧ୍ୟରେ ଯେଉଁ ଦ୍ୱନ୍ଦ ଦେଖାଯାଇଥିଲା ସେଥିରେ ବିନତା ହାରିଯାଇ କଦ୍ରୁଙ୍କର ଦାସୀତ୍ୱ ସେବା କରୁଥିଲେ । ଦାସୀତ୍ୱ ଭାବେ କଦ୍ରୁଙ୍କ ନିକଟରେ ସେବା କରିବା ପୂର୍ବରୁ ବିନତା ନିଷାଦପୁର ଅଧିବାସୀଙ୍କ

ଠାରୁ ଅଟହାସ୍ୟର ପାତ୍ରୀ ହୋଇଥିଲେ । ନିଷାଦପୁର ଅଧିବାସୀଙ୍କ କଟୁ ଭାଷା, ନିନ୍ଦା, ଅପମାନ ବିନତାଙ୍କୁ ଅଭିଶାପ ଦେବାପାଇଁ ବାଧ୍ୟ କରିଥିଲା ।

"ସାତ ବେଣ୍ଟି କରି ତାକୁ ନେଲେ ଏହି ବାଟେ
ତାକୁ ଦେଖି ଚାହି କଲେ ଲୋକେ ହାତପାଟେ ।
ବିନତା ଦେଲେ ହସୁଛୁ ମନେ ରଖିଥାଅ
ନିଷାଦପୁର କାଳେ ଭାଙ୍ଗିବ ମୋ ପୁଅ ।" (ବନପର୍ବ-ଗଜକଚ୍ଛପ ଯୁଦ୍ଧ)

ମାତା ବିନତାଙ୍କ ବଚନ ରକ୍ଷା କରିବା ଥିଲା ପୁତ୍ର ଗରୁଡଙ୍କ ଦାୟିତ୍ୱ । ଏକଦା ମତ୍ତଗଜ ବାରାଣସୀ କୂଳକୁ ପାଣି ପିଇବାକୁ ଯାଏ ଏବଂ ସେଠାରେ କଚ୍ଛପ ସହିତ ଭେଟ ହୁଏ । କଚ୍ଛପଟି ମତ୍ତଗଜର ଏକ ନିଶ୍ୱାସରେ ଅନେକ ଦୂରରେ ଆଘାତ ପାଇ ପଡେ ଏବଂ ମତ୍ତଗଜ ମଧ ପୁନଶ୍ଚ ତା ନିକଟରେ ଉପସ୍ଥିତ ହୋଇ ତାକୁ ଆଘାତ ଦେବାପାଇଁ ପ୍ରୟାସ କରେ । ଉଭୟଙ୍କ ମଧ୍ୟରେ ଏହିପରି ଯୁଦ୍ଧ ଚାଲିଥିବା ବେଳେ ଅନେକ ପାହାଡ ପର୍ବତ, ଗ୍ରାମ, ନଗର ଧ୍ୱଂସ ହୋଇଯାଏ । ତେଣୁ ଏ ଦୁହିଁଙ୍କ ଯୁଦ୍ଧକୁ ରୋକିବା ପାଇଁ ପକ୍ଷୀରାଜ ଅରୁଡ ପ୍ରୟାସ କରେ । କିନ୍ତୁ ଗରୁଡ ମତ୍ତଗଜର ପ୍ରଖର ନିଶ୍ୱାସରେ ସେଠାରୁ ଅନେକ ଦୂରରେ ପଡେ ଏବଂ ଗରୁଡ ନିଜର ବିଶ୍ୱରୂପୀ ବାହୁରେ ଉଭୟଙ୍କୁ ଆଘାତ ଦେଇ ପଞ୍ଝାରେ ନିଷାଦପୁରକୁ ଟାଣିଆଣେ । ନିଷାଦପୁରଠାରେ ଉଭୟ ଗଜ ଓ କଚ୍ଛପଙ୍କ ଘମାଘୋଟ ଯୁଦ୍ଧରେ ନିଷାଦପୁର ଧ୍ୱଂସ ହୋଇ ଅତଳତଳ ଗଭୀରକାର ସୃଷ୍ଟି ହୁଏ । ଏହି ଅତଳତଳ ଗଭୀର ଜଳପୂର୍ଣ୍ଣ ସ୍ଥାନ "ଚିଲିକା" ରୂପ ଧାରଣ କଲାବୋଲି ସାରଳା ଦାସ ଏଥିରେ ଦର୍ଶାଇଛନ୍ତି । କବିଙ୍କ ଭାଷାରେ –

"ମାତା ବଚନ ଗରୁଡ ମନେରଖିଥିଲା
ଗଜ କଚ୍ଛପ ସମରେ ଏ ନଗ୍ର ଭାଙ୍ଗିଲା ।
ନଗ୍ର ନାଶ ଯାଇ ହେଲା ତାଳେକ ଗଭୀର
ତହିଁର ମଧ୍ୟରେ ପୂର୍ଣ୍ଣ ହୋଇଗଲା ନୀର ।
କହନ୍ତି ଅଗସ୍ତି ଶୁଣ ରାଜା ତୋଷ ମନେ
ସେ ଚିଲିକା ହେଲା ମହାଉଦଧି ଦକ୍ଷିଣେ ।" (ବନପର୍ବ)

ତେବେ ସାରଳା ଦାସ ଚିଲିକାର ଉତ୍ପତ୍ତି ଏହି ଗଜ ଓ କଚ୍ଛପ ଯୁଦ୍ଧରୁ ହୋଇଛି ବୋଲି ବନପର୍ବରେ ଦର୍ଶାଇଥିବା ଆମେ ଜାଣିବାକୁ ପାଉ ଏବଂ ବର୍ତ୍ତମାନ ଯେଉଁ ଚିଲିକା ହ୍ରଦଟି ରହିଛି ତାହା ପୂର୍ବେ ନିଷାଦପୁର ନଗର ନାମରେ ପରିଚିତ ଥିଲା ।

ଆମେ ଜାଣିଛେ ଭାରତୀୟ "ରାମାୟଣ" ଓ ମହାଭାରତ" ପରମ୍ପରାରେ ଜଙ୍ଗଲ, ପାହାଡ଼, ପର୍ବତ, ନଦୀ, ହ୍ରଦ, ଆଦିଗୁଡିକର ଉତ୍ପତ୍ତି ସହିତ ଏକ ଏକ ଛୋଟବଡ କାହାଣୀ ସଂଶ୍ଳିଷ୍ଟ ରହିଛି । ବୋଧହୁଏ ସେହି ସୂତ୍ରରେ ସାରଳା ଦାସ ଓଡିଆରେ "ମହାଭାରତ" ଗ୍ରନ୍ଥ ରଚନା କରିବା ଅବକାଶରେ ଓଡିଶାର ମାଟି, ପାଣି, ପବନର ମାହାତ୍ମ୍ୟକୁ ବିଶ୍ୱବିଦିତ କରିବାପାଇଁ ଗ୍ରନ୍ଥରେ କାହାଣୀଗୁଡିକୁ ସୁଚିନ୍ତିତ ଚିନ୍ତାଧାରାରେ ପ୍ରୟୋଗ କରିଛନ୍ତି । କାହାଣୀ ମଧ୍ୟ ସମୟ ସମୟେ ଅତିରଞ୍ଜିତ ହୋଇଯାଇଛି । ଏଥିରେ ଯେପରି ମତ୍ତଗଜର ନିଶ୍ୱାସରେ କଚ୍ଛପ ବାରାଣସୀରୁ କୁଣ୍ଡାଟ ନାମକ ଦେଶରେ ପଡିବା ଏବଂ ସେଠାରୁ ପୁନଶ୍ଚ ମତ୍ତଗଜର ନିଶ୍ୱାସରେ ଗରୁଡ ନିଷାଦପୁର (ବର୍ତ୍ତମାନର ଚିଲିକା)ରେ ପଡିବା ଘଟଣା ଅବିଶ୍ୱନୀୟ ପରେ ମନେହୁଏ । କିନ୍ତୁ ଘଟଣାଟି ଯେହେତୁ ଦୈବଶକ୍ତି ଦ୍ୱାରା ପରିଚାଳିତ ହେଉଛି, ସେଥିପାଇଁ ଅନେକ ପାଠକ ତଥା ଶ୍ରୋତା ତାହାକୁ କେତେକାଂଶରେ ମାନି ନେଉଛନ୍ତି । ମନରେ ପ୍ରଶ୍ନ ଉଠେ ସାରଳା ଦାସେ ଯେଉଁ ସ୍ଥାନଗୁଡିକର ଅବତାରଣା କରିଛନ୍ତି, ସେଥିପାଇଁ ସେ ସମଗ୍ର ଓଡିଶା ଭୂଖଣ୍ଡ ପରିଭ୍ରମଣ କରିଥିବେ ନା କୌଣସି ଭ୍ରମଣକାରୀ କିମ୍ବା ରାଜଦୂତଙ୍କଠାରୁ ବିଭିନ୍ନ ସ୍ଥାନ ସଂପର୍କରେ ସୂଚନା ପ୍ରାପ୍ତ ହୋଇଥିବେ**?** ନା ବାସ୍ତବରେ ମା ସାରଳାଙ୍କ ଆଶୀର୍ବାଦର ଫଳପ୍ରସୁ ଏ ଓଡିଆ ଜାତିର ପରିଚାୟକ "ମହାଭାରତ" ଗ୍ରନ୍ଥ**?** ଏମିତି ଅନେକ କିଛି କିଛି ପ୍ରଶ୍ନ ମନରେ ଉଙ୍କିମାରୁଥିଲେ ହେଁ ବାସ୍ତବରେ ଏହା ଯେ ସାରଳା ଦାସଙ୍କ ମୌଳିକତା ଏଥିରେ ଦ୍ୱିମତ ନାହିଁ । ମାତ୍ର ଏଥିରେ ଯେଉଁ ଯେଉଁ ସ୍ଥାନଗୁଡିକର ବର୍ଣ୍ଣନା ରହିଅଛି ସେଗୁଡିକ ସଂପର୍କରେ କୌଣସି ଭ୍ରମଣକାରୀ କିମ୍ବା ରାଜଦୂତ ମାନେ ସୂଚନା ପ୍ରଦାନ କରୁଥିବା ମନେହୁଏ । କାରଣ ତତକାଳୀନ ସମୟରେ ବା ପଞ୍ଚଦଶ ଶତାବ୍ଦୀରେ ଓଡିଶାରେ ଗମନାଗମନ କରିବା ପାଇଁ ଜଳ କିମ୍ବା ସ୍ଥଳ ପଥର ବିଶେଷ ସୁବିଧା ନଥିଲା । ଶାସକ ବା ସୈନ୍ୟ ସାମନ୍ତ ମାନେ ହାତୀ, ଘୋଡା ଏବଂ ପାଦରେ ଚାଲି ଚାଲି ଗୋଟିଏ ଭୂଖଣ୍ଡରୁ ଅନ୍ୟ ଏକ ଭୂଖଣ୍ଡ ଯାଉଥିଲେ । ଯେଉଁଥିପାଇଁ ସମଗ୍ର ଓଡିଶା ପରିଭ୍ରମଣ କରି ସାହିତ୍ୟ ରଚନା କରିବା ଅସମ୍ଭବ ମନେହୁଏ ।

ଅତଏବ ଆଲୋଚନାର ନିଷ୍କର୍ଷ ରୂପେ ଏତିକି କୁହାଯାଇପାରେ ସାରଳା ଦାସଙ୍କ "ମହାଭାରତ" ଗ୍ରନ୍ଥରେ ସ୍ଥାନିତ ସ୍ଥାନଗୁଡିକ ବିଭିନ୍ନ କପୋଳକଳ୍ପିତ କାହାଣୀ ଗୁମ୍ଫନ ଦ୍ୱାରା ଜଡିତ । ଭାରତୀୟ "ରାମାୟଣ" (ବାଲ୍ମିକୀ ରଚିତ) ଓ "ମହାଭାରତ" (ବ୍ୟାସଦେବ କୃତ) ପରମ୍ପରାରେ ସ୍ରଷ୍ଟାମାନେ ବିଭିନ୍ନ ପ୍ରାକୃତିକ ପରିବେଶକୁ ବା ସ୍ଥାନଗୁଡିକୁ ଘଟଣାକ୍ରମ ସହିତ ସଂଯୋଗ କଲାପରି ସାରଳା ଦାସ ଓଡିଆ "ମହାଭାରତ" ଗ୍ରନ୍ଥ ରଚନା କରିବା ସମୟରେ ଓଡିଶାର ବିଭିନ୍ନ ସ୍ଥାନକୁ ପରିଚିତ କରାଇବା ପାଇଁ ଘଟଣା ସହିତ ସଂଯୋଗ କରିଛନ୍ତି । ଯାହା ସେ ସ୍ଥାନର ଶ୍ରୀବୃଦ୍ଧି କରିବା ସହ ଓଡିଶାର ଅସ୍ମିତା ସୃଷ୍ଟି କରିବାରେ ସଂଯୋଗ ସେତୁ ପାଲଟିଛି । ନଚେତ୍, ବଙ୍ଗୋପସାଗରରୁ ଭୂକମ୍ପ ଦ୍ୱାରା ବା ସାମୁଦ୍ରିକ ସ୍ରୋତର ପ୍ରଭାବ ଦ୍ୱାରା ସୃଷ୍ଟି ହୋଇଥିବା ଏକ ଜଳଭଣ୍ଡାର ଅର୍ଥାତ ଚିଲିକାକୁ ଗଜକଚ୍ଛପ ଯୁଦ୍ଧରୁ ଉତ୍ପତ୍ତି ହୋଇଛି ବୋଲି ଦର୍ଶାଇ ନଥାନ୍ତେ । ଏହି କାଳ୍ପନିକ କାହାଣୀଟି ଓଡିଶା ତଥା ଚିଲିକା ଉପକୂଳବର୍ତ୍ତି ଅଧିବାସୀଙ୍କ ହୃଦୟରେ ଏପରି ସ୍ଥାନ ଅର୍ଜନ କରିଛି ଯେଉଁଥିପାଇଁ ଆଦି କବି ସାରଳାଦାସକ ନିକଟରେ ଚିଲିକାବାସୀ ସଦାସର୍ବଦା ଚିର ନମସ୍ୟ ।

ଢେଙ୍କାନାଳ ମହିଳା ବିଦ୍ୟାଳୟ, ଢେଙ୍କାନାଳ

# ଲକଡାଉନ ଓ ଜୀବନ



ଛବିରାଣୀ ପତି

ଜୀବନର ରଥ ପ୍ରଗତିର ପଥ
ପଛକୁ ଆସିଛି ଫେରି !
ଭୟ ଆଶଙ୍କାରେ ସମୟ ବିତୁଛି
ଯନ୍ତ୍ରଣା ରହିଛି ଘେରି ।।

ଗୃହକରି ବାକରି, ସୁଖର ସଉଦା
ଗଲାଣି ବେଉସା, ପ୍ରେମ
ଶୂନ୍ୟ ପକେଟକୁ ଚଡିଚଡ଼ା ମନ
ବାହାରେ ଜଗିଛି ଯମ ।।

ଇସ୍କୁଲ, କଲେଜ, ଟିଉସନ୍ ବନ୍ଦ୍
ପିଲାଙ୍କର ଘରେ ଖେଳା
ନିତି ଖୋଜିଲେଣି ନୂଆ ନୂଆ ଖାଦ୍ୟ
ସହଜେ ବୁଡୁଛି ଭେଳା ।।

ଘଣ୍ଟାଏ ରହେନ ଘରେ ଯାହା ଗୋଡ଼
ହାତ ଧୋଇ, ଖାଇ ବସେ
ଛକ, ପାର୍ଟି, କ୍ଲବ୍ ମାଜାମସ୍ତି ଛାଡ଼ି
ନେଟ୍ ରେ ଖାଲି ରସେ ।।

କିଛି ଦିନ ହେଲେ ଏକତ୍ରିତ ସବୁ
ମନେ ଭରିଯାଏ ଖୁସି
ଦୀର୍ଘ ଦିନ ଯଦି ଗୃହ ବନ୍ଦି ହେବା
ସଂସାରଟା ଯିବ ଭୁସି ।।

ମଧ୍ୟଶାସନ
ବିରିଡ଼ି, ଜଗତସିଂହପୁର

# ଆହ୍ଵାତ ସ୍ୱପ୍ନ



ପ୍ରଦୀପ୍ତ କୁମାର ସାହୁ

ତୁମେ ଦେଖୁଥିବା କଛି ସ୍ୱପ୍ନ
ଆଜି ବି ମୋ ଆଖିରେ ଲାଗିଛି,
ଆଖିତଳେ ନେସି ହୋଇଗଲା ପରି।
ସାଗ୍ ଶ୍ରାବଣ ଧୋଇପାରିନ ଯାହାକୁ,
ଚହ୍ନ ରହିଛି, ଛାତିତଳେ 'ଆହା' ଟିଏ ହୋଇ।

ନଶବ୍ଦରେ କଛି ଭଙ୍ଗିଯାଏ,
ନୀରବରେ ଝଡ ଆସେ,
ନଆଁ ନଥାଇ ଧୂଆଁ ଉଠେ
ସବୁକଛି ଜଳ ପାଉଁଶ ହୋଇଯାଏ।
ବିନା ବର୍ଷାରେ ଭିଜିଯାଏ ମନ, ପ୍ରାଣ।
ପେଟ ଭିତରେ କଛି ଆଉଟୁ ପାଉଟୁ ହୋଇଯାଏ,
ଅଜଣା ଯନ୍ତ୍ରଣାରେ।

କ୍ଲାନ୍ତ ପୃଥିବୀ, ଅବଶ ଆକାଶ,
ମଝିରେ ନଡହର୍ ପକ୍ଷୀଟିଏ
ଖୋଜିବୁଲେ ଏକ ଅଜଣା ଠିକଣା,
ପାଇବା ଆଶାରେ ସେଇ ଦୂର ଦିଗନ୍ତରେ।
ମାପିବାକୁ ଅନନ୍ତର ସୀମା,
ଶୂନ୍ୟର ଗଭୀରତା।

ତୁମେ ଗଲାପରେ ସେମିତି
କଛି ବଦଳନ ଏଠି ।
ତୁମେ ଗଲା ପରେ ସେଇ ଉଷ୍ଣତା
ନିଃଶ୍ୱାସରେ, ଶୀତଳତା ଆଖିତଳେ
ଓ ହୃଦୟରେ ସ୍ପନ୍ଦନ ଆଜି ବି ଅଛି।
ତୁମେ ଗଲା ପରେ ବାକି ଅଛି
ତୁମର ସ୍ମୃତି, ସ୍ମୃତି, ଆଉ ସ୍ମୃତି।

ପ୍ରାଚୀ ବିହାର, ରସୁଲଗଡ
ଭୁବନେଶ୍ୱର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# କର୍ମ ହିଁ ଜୀବନ



ଅମ୍ବିକା ସ୍ୱାଇଁ

ସିନ୍ଦୁର୍ ଫାଟିଲ୍ ରଜନୀ ପାହିଲ୍
ଶେଯ ରୁ ଉଠିଲେ ଜନ
ମଥାନତ କରି ପ୍ରଭୁ ପାଦେ ସ୍ମରି
କରି ବସିଲେ ଯେ ଧ୍ୟାନ ।।

ମୁଖ ପ୍ରଖାଳନ ଚା ପାଣି ପାନ
କର୍ମ ରେ ଦେଲେ ଯେ ମନ
କର୍ମ ହିଁ ଜୀବନ କର୍ମ ଯେ ଧରମ
କର୍ମ ଦିଏ ସୁଖ ଧନ ।।

କର୍ମ କୁ ମଣିବା ଜୀବନ ଜିଇଁବା
କର୍ମ ବିନା ନୁହେଁ ଆନ
କର୍ମ ଗୁଣେ ଆମ ଏ ସଂସାର ଧାମ
ହେଳା ନ କର ହେ ଜନ ।।

କର୍ମ ଦିଏ ସୁଖ କର୍ମ ଦିଏ ଦୁଃଖ
କର୍ମ କର ଭାବି ଚନ୍ତି
ବିପଦ ରୁ ମୁକ୍ତ ହୁଅ ଆହେ ଭକ୍ତ
ପାପରେ ନ ଦେଇ ମତି ।।

ସଂସାର ନାବରେ କର୍ମ ର ଭାବ ରେ
ଚାଲି ଥାଏ ଦିବାରାତ୍ରୀ
ଦିବସ, ରଜନୀ ଅନ୍ତରାଳେ ମିଳେ
ସୁକର୍ମରେ କେତେ ଶାନ୍ତି ।।

କର୍ମ ନେବ ଟାଣି ଦେଇ ଶୂନ୍ୟ ବାଣୀ
କର୍ମ ଆମ ଶ୍ରେଷ୍ଠ ଧନ
ଭଲ ମନ୍ଦ କର୍ମ ଅଟେ ଆମ ଧର୍ମ
ଭଲ କର୍ମ ମହା ପୂଣ୍ୟ ।।

ଶ୍ୟାମପୁର, ଭୁବନେଶ୍ୱର, ଓଡ଼ିଶା

# ମୌସୁମୀ ଗୋ ତୁମେ

ବିନୋଦିନୀ ଦାଶ

ମୌସୁମୀ ଗୋ ତୁମେ ମେଘ ମହ୍ଲାରର
ପ୍ରିୟତମା ରାଜକନ୍ୟା
ପହିଲି ଆଷାଢ଼ ରିମଝିମ୍ ଛନ୍ଦ
ରୂପ ତୁମର ଅନନ୍ୟା,
ବାଦଲ ଓଢ଼ଣୀ ଟାଣି,
ପଦପାତ କର ପ୍ରକୃତି କୋଳରେ
ଭିଜାଭିଜା ସ୍ୱପ୍ନ ବୁଣି ।

ଚାତକ ପରାଏ ଧରା ଚାହିଁଥାଏ
ପରା ତୁମ ଆଗମନ,
ଝରଝର ଝରି ଶୀତଳତା ଭର
ହୁଅଇ ବନ୍ଧୁ ମିଳନ,
ଫୁଲିଉଠେ ତାର ଛାତି,
ବାନ୍ଧବୀ କେ ଅଛି ତୁମ ସମ ତା'ର
(ଯିଏ କ) ଛୁଇଁଲେ ଜାଗଇ ପ୍ରୀତି ।

ତୁମେ ଶ୍ରାବଣର ଭିଜାଭିଜା ସ୍ମୃତି
ପାଦପର ଅତି ପ୍ରିୟ,
ଚାତକ ପକ୍ଷୀର ତୃପ୍ତି ପ୍ରାଣଧନ
ମୟୂର ଆଶା ବଳୟ,
କୃଷକର ମନ୍ତ୍ର ଧ୍ୱନ,
ତୁମ ପରଶରେ ପୁଲକତ ମନେ
ତୋଳଇ ମଧୁ ରାଗିଣୀ ।

କୁରୁଆଁ, ମୁଗପାଳ, ଯାଜପୁର

# ଜୀବନ ଯାତ୍ରା



ଅଳକା ମହାନ୍ତି

ସେଦିନ ପୁସ୍ତକମେଳା ରେ ସୁରଭି କୁ ଆମନ୍ତ୍ରିତ କରିଥିଲେ ସହରର ବିଶିଷ୍ଟ ସାରସ୍ୱତ ସାଧକ ଶ୍ରୀ ଈଶ୍ୱର ଚନ୍ଦ୍ର ଦେଓ। ଅନେକ ପୁରସ୍କାର ବିଜେତା, ଚଳଚ୍ଚିତ୍ର କାହାଣୀ ର ଲେଖକ ଆଉ ନିର୍ଦ୍ଦେଶକ ଈଶ୍ୱର ବାବୁ। ଦେଶ ବିଦେଶ ରେ ମଧ୍ୟ ଓଡ଼ିଆ ଭାଇ ଭଉଣୀ ମାନଙ୍କର ସେ ପ୍ରିୟପାତ୍ର। କାହାପାଇଁ ଆଦର୍ଶ ତ ଆଉ କାହାର ପଥ ପ୍ରଦର୍ଶକ। ନୂତନ ଯୁବାପିଢ଼ି ଙ୍କୁ ଚୟନ କରିବା, ସେମାନଙ୍କ କଳା କୌଶଳକୁ ପ୍ରଶଂସା କରିବା ତାଙ୍କର ଏକ ବିଶେଷ ଗୁଣ । ଅଭିନବ ଚଳଚ୍ଚିତ୍ର ର ପରିକଳ୍ପନା କରି ସେ ଅନେକଙ୍କର ପ୍ରେରଣାର ଉତ୍ସ ହୋଇପାରିଛନ୍ତି। ଲୋକେ କୁହନ୍ତି ସେ ନିଦରେ ବି ନୂତନତତା ର ସ୍ୱପ୍ନ ଦେଖନ୍ତି, ଯେଉଁ ସ୍ୱପ୍ନରେ ଥାଏ ଯୁଗ ପରିବର୍ତ୍ତନର ଚିତ୍ର, ସମାଜ ପରିବର୍ତ୍ତନ ର ସ୍ୱର । ପ୍ରତିବର୍ଷ ନୂଆ ନୂଆ ଯୁବକ ଯୁବତୀମାନେ ପୁରସ୍କୃତ ତଥା ପ୍ରୋତ୍ସାହିତ ହୁଅନ୍ତି ତାଙ୍କର ଏଇ ଅନନ୍ୟ ପ୍ରୟାସ ପାଇଁ। ସୁରଭି ଯୁବତୀ ନହେଲେ ବି ସାହିତ୍ୟ ଜଗତରେ ଏକ ଶିଶୁ କନ୍ୟା। ତାର "ଜୀବନ ଯାତ୍ରା" ପୁସ୍ତକ ଏତେ ଲୋକପ୍ରିୟ ହୋଇଛି ଯେ ତା'କୁ ଈଶ୍ୱର ବାବୁ ଚୟନ ନକରି ରହି ପାରିଥାନ୍ତେ କପରି !!

ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମିତା ସୁରଭିର ଲୁକ୍କାୟିତ ପ୍ରତିଭାକୁ କେହି ଜାଣି ପାରୁନଥିଲେ। ବିବାହଯୋଗ୍ୟା ସତ୍ତ୍ୱେ ବି ଅବିବାହିତା, ଅବହେଳିତା ପ୍ରାଣୀ ପରି ଜୀବନ ବିତାଉଥିଲା ସେ। ସାଥିରେ ଥିଲେ ତା'ର କିଛି ଅସହାୟା ମହିଳା ଆଉ ବାଳକା।

ଦୂର ଦିଗବଳୟକୁ ଚାହିଁ ସୁରଭି ହଜି ଯାଇଛି କେଉଁ ଅତୀତ ର ଘନ ଅନ୍ଧକାର ମଧ୍ୟରେ...ବାଲକୋନୀ ଧାରରେ ଠିଆ ହୋଇ ଗୋଧୂଳିର ରକ୍ତିମ ଆକାଶ ତଳେ- ଉଜ୍ଜ୍ୱଳ,

ମଧୁର, ଶୀତଳ, ଜହ୍ନ ତାର୍‌ଭର୍ ଦୃଶ୍ୟକୁ ଦେଖିବାକୁ ଅପେକ୍ଷାରତ ସୁରଭି କେଜାଣି କେତେସବୁ ସ୍ଵପ୍ନରେ ବିଭୋର ହୋଇ ଆଗାମୀ ଦିନକୁ ସ୍ଵାଗତ କରିବାକୁ ବସିଛି ଆଜି।

ସମୁଦାୟ ଆକାଶ କୁ ଅବଲୋକନ କରିବାର କ୍ଷମତା ଚନ୍ଦ୍ରଲୋକର ଅଧିବାସୀ ମାନଙ୍କର ବୋଧେ ଥାଇ ପାରେ...ହେଲେ ଯେ ଚେନାଏ ଆକାଶ ତା'ପାଇଁ କେତେ ଅସୀମ ଦିଗନ୍ତ ପ୍ରସାରି ଆଜି ସେ ଅନୁଭବ କରି ଉଲ୍ଲସିତ ହେଉଛି। କେତେ ଘାତ ପ୍ରତିଘାତ ଆସିଛି ହେଲେ ସେ ସବୁ ଏ  ଚେନାଏ ଆକାଶ ଆଗରେ ଫିକା ପଡ଼ି ଯାଇଛି। ଦିଗବଳୟ ପଛରେ କଣ ସବୁ ତା'ପାଇଁ ଈଶ୍ଵର ସାଇତି ରଖିଛନ୍ତି କେବଳ ସେ ହିଁ ଜାଣିଛନ୍ତି।

କିନ୍ତୁ ସେଦିନ ସେ ଝଡ଼ରାତିର ଆକାଶ ର ରୂପ କିନ୍ତୁ ଅନ୍ୟ ପ୍ରକାର ର ଥିଲା...ବେଦନାସିକ୍ତ ଜୀବନ ସଂଗ୍ରାମ ର ପ୍ରଥମ ସୋପାନ ଯେମିତି ଦୁଃଖଯନ୍ତ୍ରଣାକୁ ଚର ସହଚର ରୂପେ ତା ଉପରେ ଲଦି ଦେଉଛି  ସେଦିନର ସେଇ ଅଜବ ରାତିର ରୂପରେ!!

ମନେ ପଡୁଛି ସେ ଅଦିନମେଘ ଓ ବତାସୀ ଝଡ଼ର ପ୍ରଳୟଙ୍କାରୀ ଦୃଶ୍ୟ। ଅଫିସ ରୁ ଫେରିବା ବେଳେ ସୁରଭି ପାଣିପାଗ ର ଆଭାସ ପାଇ ନିଜ ବସ୍ ରାଜେଶ ଙ୍କୁ କହିଲେ,

-- " ସାର୍ ଆଜି ପ୍ରବଳ ଝଡ଼ତୋଫାନ ର  ସତର୍କ ସୂଚନା ମିଳିଛି। ମୁଁ ଟିକେ ଜଲଦି ଘରକୁ ଯିବି। ବୋଉ ଏକା ଅଛି, ପୁଣି ଭାଇ କାଲିଠାରୁ କଲିକତା ଯାଇଛି। ସେ ବି ଗୋଟେ ସପ୍ତାହ ପରେ ଆସିବ । ବୋଉ ର ଅତ୍ୟଧିକ ଡାଇବେଟିସ ଯୋଗୁଁ ତା' ଆଖିକୁ ଆଉ ଭଲକି ଦେଖା ଯାଉନି। ଆଜି ଏତିକି ଥାଉ.. ବାକି କାମ ମୁଁ କାଲି କରିଦେବି।"

-- ସରି ସୁରଭି। ତୁମ ରିପୋର୍ଟଟା ବହୁତ ଜରୁରୀ.. ମତେ ଦେଇଦେଲେ ମୁଁ ଅପଡେଟ କରିବି। ତେଣୁ ତୁମେ ସାରିଦିଅ, ମୁଁ ମୋ  କାରରେ ତମକୁ ଘରେ ଛାଡ଼ିଦେବି।

-- ସନ୍ଧ୍ୟା ହୋଇ ଗଲାଣି। ବୋଉ ଏକା, ସାର୍ । ପ୍ଲିଜ ମୋତେ ଆଜି ପାଇଁ ଛାଡ଼ିଦିଅନ୍ତୁ। ମୁଁ କହୁଛି କାଲି ଆସି ସବୁ ଫାଷ୍ଟ ଆୱାରରେ କରିଦେବି।

-- ସୁରଭି, କହିଲି ନା ଆଜି ମୋତେ ରିପୋର୍ଟ ପଠାଇବାର ଅଛି। କାଲି କଣ କରିବ??? ମୋତେ ତୁମେ ଆଜି ରିପୋର୍ଟ ଦେଇକ ଯାଅ!

କଣ କରିବ, ମନରେ ଅସୁମାରି ଆଶଙ୍କା। ଅନ୍ଧୁଣୀ ମାଆ, ବର୍ଷା ପବନ ମାଡ଼ି ଆସୁଛି। ସୁରଭି ନିରୁପାୟ ହେଇ ଜଲଦି ଜଲଦି କାମ କରିବାରେ ଲାଗିଥାଏ। ତାର କାମ ର ତୀବ୍ରତା ଯେତିକ ଅଧିକ ହେଉଥାଏ ସେତିକ ତୀବ୍ରତର ହୋଇ ଅନ୍ଧାର ଘୋଟି ଆସୁଥାଏ। ମନର ଚଞ୍ଚଳତାରେ ଅନେକ ଭୁଲ ଭଟକା କୁ ସୁଧାରି କାମ କରି ଚାଲିଥାଏ। ହେଲେ ରାତି ଆଠଟା ବାଜିଲାଣି ତଥାପି ମଧ କାମ ସରୁନ!! ସାଙ୍ଗ ଲୀନା କୁ ଅପେକ୍ଷା କରିବାକୁ କହିବାରୁ ରାଜେଶ ସାର୍ କହିଲେ, ତୁମେ କରିଦିଅ। ବାଟରେ ଗଲାବେଳେ ମୁଁ ତୁମକୁ ଡ୍ରପ କରିଦେବି ଲୀନା ର କାମ ସରିଛି ଯଦି ସେ ଯାଉ । ଲୀନା ବି ତାର ବସ୍ ଧରି ଚାଲି ଗଲାଣି। ରାଜେଶ ସାର୍ ଙ୍କ ଭାବମୂର୍ତ୍ତି ଖୁବ୍ ନିର୍ମଳ। ସମସ୍ତଙ୍କ ସହିତ ମିଳମିଶି କାମ କରିବା ଆଉ କରାଇ ନେବା, ଅନ୍ୟ କୁ ସ୍ୱାଧୀନତା ଦେବାରେ ସେ କେବେ ପଛ ଘୁଂଚା ଦିଅନ୍ତିନ। ତେଣୁ ପୁରା ଟିମ୍ ତାଙ୍କ ହାତରେ ହାତ ମିଳାଇ ସବୁ କାମ କରି ଚାଲିଥାନ୍ତି। ସେଦିନ ସତରେ ସୁରଭି ର କାମ ବାକି ବି ଥାଏ । ଆଉ ରାଜେଶ ଙ୍କ ରିପୋର୍ଟ ମାଗିବା ଯୁକ୍ତିଯୁକ୍ତ ଭାବି ସେ ଏକାଗ୍ର ହୋଇ କାମ କରି ଚାଲିଥାଏ। ଅଫିସ ରୁ ଗୋଟି ଗୋଟି କରି ସବୁ ସହକର୍ମୀ ଅପସରି ଗଲେଣି। ମନରେ କେବଳ ବୋଉ ର ଚନ୍ତା ଛଡ଼ା ତାକୁ ଅନ୍ୟ କଛି ମନେ ପଡୁ ନଥାଏ। ଅକସ୍ମାତ ସେ ତାକୁ ଲାଗିଲା ଯେମିତି ପୁରା ଅଫିସ ଖାଲି ହୋଇ ଯାଉଛି ଯ୍ୟା ଭିତରେ। ବର୍ଷା ତୋଫାନ କୁ ଡରି ସମସ୍ତେ ଚାଲିଗଲେଣି ବୋଧହୁଏ। ତଳେ ଜଣେ ସିକ୍ୟୁରିଟି ଗାର୍ଡ ଆଉ ତାର ବସ୍ ରାଜେଶ ଛଡ଼ା ଆଉ ବୋଧେ କେହି ନାହାନ୍ତି.. ହେଃ ପ୍ରଭୁ!!! ଟିକେ ଚନ୍ତିତ ହୋଇ ପଡୁଥିଲା। ହେଲେ ତାର ବିଶ୍ୱାସ ଥିଲା ଯେ ତାର ବସ୍ ରାଜେଶ ନିଶ୍ଚୟ ତାକୁ ସାହାଯ୍ୟ କରିବେ ଘରେ ପହଞ୍ଚିବାକୁ।

ରାଜେଶ ତାର କର୍ଣ୍ଣର କେବିନ୍ ରୁ ବାହାରି ଆସି କହିଲେ-ସୁରଭି ସରିଲା??

ନା ସାର୍ ଆଉ ଟିକେ ବାକି ଅଛି। ଚେଷ୍ଟା କରୁଛି ଜଲଦି ସାରିଦେବି ବୋଲି।

-- ଆରେ କିଛି ବ୍ୟସ୍ତ ହେବାର ନାହିଁ। ଆରାମ ରେ କର..ମୁଁ ଅଛିନା ତୁମକୁ ଛାଡ଼ିଦେବି। ରାଜେଶ, ସିକ୍ୟୁରିଟୀ ଗାର୍ଡ କୁ କଫି ଆଉ ଜଳଖିଆ ଆଣିବାକୁ କହିଲେ।

- ନା ସାର୍ । ମୋ ପାଇଁ ମଗାନ୍ତୁ ନାହିଁ।

-- ବାହାଦୁର, ତୁ ଯାଆ ଟିକେ କଫି ଆଉ ଆଳୁଚପ, ଭେଜିଟେବୁଲ ଚପ ଆଣିବୁ। ଆମର କାମ ସରୁନି। ଭୋକ ଲାଗୁଛି। ନେଇଆସେ ଦି ପ୍ଲେଟ। ତୋ ପାଇଁ ବି ଆଣିବୁ।

-- ହଉ ଆଜ୍ଞା। କହି ଚାଲିଗଲା ବାହାଦୁର।

-- ସାର୍, ମୋର ଦରକାର ନାହିଁ କଫି । ମୁଁ ଟିକେ ଜଲଦି ରେ ଅଛି। ଏବେ ପାଞ୍ଚ ମିନଟ ରେ କାମ ସାରିଦେବି। ମୋତେ ଖାଲି ଟିକେ ଛାଡ଼ିଦେବେ।

- ରାଜେଶ ଆସି ସୁରଭି ପାଖରେ ବସିଲେ। ସେ କେବେ କାହା ପାଖରେ ବସନ୍ତିନି। ସେ ସାମ୍ନା ରୁ କଥା ହୋଇ ଚାଲିଯାଆନ୍ତି, ଏବେ ଚେୟାରଟାକୁ ସେ ସୁରଭି ପାଖକୁ ଟାଣିଆଣିଲେ, ତାଙ୍କର ତୃଷାତୁର ଆଖି, ମନତଳର କ୍ଷୁଧାକୁ ସୁରଭି ପଢିପାରୁଥିଲା ବୋଧେ...

କହିଲା-- ସାର୍ ଆପଣ କେବିନ ରେ ବସନ୍ତୁ। ମୁଁ ରିପୋର୍ଟ ଟା ତୁରନ୍ତ ଦେଇ ଦେବି।

-- ସୁରଭି । ତୁମେ ହିଁ ମୋର ରିପୋର୍ଟ। ଆଜି ଅନେକ ଦିନ ପରେ ସେ ସୁଯୋଗ ଆସିଛି। ପ୍ଲିଜ ମନା କରନାହିଁ। ଆସ ମୋ କେବିନକୁ।

- ହ୍ୱାଟ!!! କଣ କହିଲେ,ଆଉଥରେ କୁହନ୍ତୁ ତ ??

-- ସୁରଭି, ଆଇ ନଡ୍ ୟୁ।

ସୁରଭି ହତବାକ୍ ହୋଇ ପଥର ପାଲଟି ଯାଉଥିଲା ଯେମିତି!! ଏଇ ଝଡ଼ବର୍ଷା ଗତିରେ ରାଜେଶ ତାର କ୍ଷୁଧା ମେଣ୍ଟେଇବାକୁ ଏମିତି ପ୍ଲାନ୍ କରିଛି ବୋଲି ତାର ସରଳ ହୃଦୟ ବିଶ୍ୱାସ କରି ପାରିଲାନ। ସେ ନିଜ ବ୍ୟାଗ ଉଠାଇ କମ୍ପ୍ୟୁଟର କୁ ସଟ ଡାଉନ୍ ନକରି ବାହାରିବାକୁ ଉଦ୍ୟମ କଲା। କହିଲା, ଆପଣ ଜାଣିଛନ୍ତି, ମୁଁ ଏକା ନୁହେଁ, ପୁରା ଅଫିସ ଷ୍ଟାଫ ଆପଣଙ୍କୁ କେତେ ସମ୍ମାନ ଦିଅନ୍ତି। ମୋର ସେତିକ ବିଶ୍ୱାସ ଅଛି ବୋଲି ତ ଆଜି ଆପଣଙ୍କ କଥା ମାନ ଆପଣଙ୍କ ସହିତ କାମ କରୁଛି। ୟେ ଦୁନଆଁ ବିଶ୍ୱାସ ରେ ଚାଲୁଛି। ହେଲେ ଆପଣ ଆଜି ମୋର ବିଶ୍ୱାସ ର କଛି ମୂଲ୍ୟ ଦେଲେ ନାହିଁ!! ଏସବୁ କଣ ସାର୍?? ମୋତେ ଯିବାକୁ ହେବ । ମୋ ଆଗରୁ ବାହାରି ଯାଆନ୍ତୁ। ମୋତେ ଯିବାକୁ ଦିଅନ୍ତୁ ।

ଏପରି ଏକ ଅମାନବୀୟ ଆତ୍ମା ୟେ ଖୋଳପା ଭିତରେ ଅଛି ବୋଲି ମୁଁ କେବେ ଭାବି ନଥିଲି। ଆପଣ ମାନଙ୍କ ପରି ଉଚ୍ଚ ପଦସ୍ଥ ଅଧିକାରୀଙ୍କ ମତି ଗତି ଏପରି ହେଲେ ଆମ ପରି ମହିଳା ବା କନ୍ୟା ବାହାରକୁ ତ ଯାଇ ବି ପାରିବେନ। ଏପରି ମାନସିକତା ନେଇ ଆପଣ ମାନେ ନିଜ ମା, ଝିଅ ଙ୍କୁ କପରି ସୁରକ୍ଷା ଦେବେ!!!?? ନାରୀ ର ଶାରୀରିକ ଦୁର୍ବଳତାକୁ ଦେଖି ଭାବନ୍ତୁ ନାହିଁ ଯେ ସେ ମାନସିକ ସ୍ତରରେ ଦୁର୍ବଳ ବୋଲି। ପଇସା ର ପ୍ରାଚୂର୍ଯ୍ୟ ଭିତରେ ରହି ଆପଣ ଧର୍ମ କର୍ମ ସବୁ ଭୁଲି ଗଲେଣି ବୋଧହୁଏ। କହି ଦୌଡି କ ବାହାରକୁ ଯିବାକୁ ଚେଷ୍ଟା କରୁଥାଏ।

ହେଲେ କାମାସକ୍ତ ରାଜେଶ ର କବଳରୁ ନିଜକୁ ରକ୍ଷାକରି ପାରିଲାନି। ଅନେକ ଚେଷ୍ଟା ଓ କୌଶଳ କରି ମଧ୍ଯ ସେ ଆତ୍ମରକ୍ଷା କରି ପାରିଲାନି। ବାହାଦୁର ଆସିବା ଆଗରୁ ସବୁ ଶେଷ ହୋଇ ଯାଇଥିଲା..!!!

ନିଜର ଅସଂଯତ ପୋଷାକ, ଚେୟାର, ଆଉ ପେପରକୁ ସଜାଡୁ ସଜାଡୁ ରାଜେଶ କହିଲେ, "ସୁରଭି, ସରି.. ମୁଁ ଜାଣିଛି ତୁମେ ତୁମ ରେପୁଟେଶନ କୁ ବଞ୍ଚାଇ ରଖିବ।

-- ଶକ୍ତ ଗୋଟେ ଚାପୁଡ଼ା ଟେ ତା ଗାଲରେ ଦେଇ, ସୁରଭି କହିଲା। ନିଜର ୧୬ ବର୍ଷର ଝିଅ କୁ ରକ୍ଷା କରିବେ ସାର୍। ଉପର ବାଲା ସୁଧ ସହିତ ଫେରସ୍ତ କରେ।

ରାଜେଶ ହୋସ ରେ ଆସି ଗଲା ଯେମିତି। କାକୁତି ବିନତୀ ହୋଇ କହିଲା, ମୋତେ ରକ୍ଷା କର। ଏକ ଦୁର୍ବଳ ମୁହୂର୍ତ୍ତ ର ସୁଯୋଗ ନେଇ ମୁଁ ବହୁତ ବଡ ଭୁଲ କରିଦେଲି।

: ସୁରଭି ଆଖିରୁ ଦୁଇ ଧାର ରକ୍ତ ବାହାରି ଆସିଲା। ବାପାଙ୍କ ମୃତ୍ୟୁ ପରେ ଛୋଟ ଭାଇ କୁ ମଣିଷ କରିବାକୁ ଖୁବ୍ ସାହସ କରି ସେ ଗୋଟେ ବହୁ ରାଷ୍ଟ୍ରୀୟ କମ୍ପାନୀ ରେ ଚାକରୀ ଟିଏ କରିଛି। ତାର ଭାଇକୁ ବିବାହ କରାଇ ଦେଇ ତାକୁ ଥଇଥାନ କରିବାକୁ ଇଛା ରଖିଛି। ଏକଥାକୁ ପ୍ରଘଟ କରିଦେଲେ ଭାଇ ବିଭାଘର ପାଇଁ ଅସୁବିଧା ହୋଇପାରେ। କାହାକୁ କହିବ, କଣ କହିବ...ମାଆ ବୃଦ୍ଧା ପୁଣି ଅନ୍ଧୁଣି। ତାକୁ ଆଉ କହିବ କଣ...

ସମସ୍ତ ଗ୍ଲାନି ଓ ଗରଳକୁ ଆତ୍ମସାତ୍ କରି ସେ ଘରକୁ ଫେରିଲା, ଯେମିତି ତା ସହିତ କିଛି ହୋଇନାହିଁ। ତାର ଆଉ ରେପୁଟେସନ୍ କଣ। ଭାବିଲା, କମାନ୍ଧ ରାଜେଶ ଜଣେ ଧନୀ ବ୍ୟକ୍ତି। ତା ସହିତ କୋର୍ଟ ରେ ଲଢ଼ାଇ କରିବା ଅର୍ଥ ନିଜର ସମ୍ମାନ କୁ ଆହୁରି ବିଚ୍ ରାସ୍ତା ରେ ବେଇଜ୍ଜତ କରିବା। ଓକିଲ, କଚେରି, ସାମ୍ବାଦିକ ମାନଙ୍କୁ କି ଭରଷା। ଏମିତି ବର୍ଷ ବର୍ଷ ଯିବ ହେଲେ, କିଛି ଫଳ ହେବନି।

ଭୟଂକର ତୋଫାନ ଗତି ର ପରିସମାପ୍ତି ପରେ ଏକ ଗଭୀର  ନିରବତା ରେ କିଛିଦିନ ଅତିବାହିତ ହୋଇ ଯାଇଥିଲା। ହେଲେ ଜୀବନଯାତ୍ରା କୁ ତ ଅଧାରୁ ବାତିଲ କରିହେବନି। ପୁଣି ନିଜକୁ ପ୍ରସ୍ତୁତ କରି ଉଠିଲା.. ନିଜ ମନକୁ ବୁଝାଇଲା..କ୍ଷତ ସବୁ କ୍ରମଶଃ ଭରି ଆସିଲାଣି।ମ ନ ଆଉ ହୃଦୟ କୁ କିଏ ଦେଖୁଛି?? ନିଜ ମନ ଆଇନା ନିଜକୁ ନିଜର ପ୍ରତିବିମ୍ବ ଦେଖାଇ ଦିଏ, ହେଲେ ଅନ୍ୟମାନେ କଣ ଜାଣିପାରିବେ?? ତେଣୁ ଯାତ୍ରା ତ ଅବ୍ୟାହତ ରଖିବାକୁ ହେବ।

: ଆଉ ସେ ରାଜେଶ କୁ ମୁହଁ ଦେଖେଇ ପାରିଲାନି । ଈଶ୍ୱର ଙ୍କୁ ସମର୍ପଣ କରି ଏକ ନୂଆ ଚାକିରି ର ସନ୍ଧାନ ରେ ଲାଗି ପଡ଼ିଲା  । ମାସେ ଛୁଟି ନେଇ ଅନ୍ୟ ଏକ ବେସରକାରୀ ସଂସ୍ଥା ରେ ଜୟନ୍ କରିଗଲା।

: ମାଆ ବାପାଙ୍କ ଠାରୁ ଅନେକ ପ୍ରେରଣା ମିଳିଛି ବିବାହ କରିବା ପାଇଁ।ହେଲେ ସୁରଭି ବିବାହ ନକରି  ଗୋଟେ ସ୍ୱୟଂସହାୟକ ଗୋଷ୍ଠୀ ବା ସେଲ୍ଫହେଲ୍ପ ଗ୍ରୁପ କରିଛି। ନିଜେ ନିଜକୁ କିପରି  ରକ୍ଷା କରିବେ, ତାଙ୍କର ସମାଜରେ କଣ ସବୁ ଅଧିକାର ଅଛି, ତାଙ୍କର ଆତ୍ମନିର୍ଭରଶୀଳ ହେବା ସ୍ୱାବଲମ୍ବୀ ହୋଇ କେମିତି ରୋଜଗାରକ୍ଷମ ହେଇହବ ଏ ସବୁକୁ ଭଲରୂପେ ବୁଝାଇ ପ୍ରଶିକ୍ଷଣ ଜରିଆରେ ସେମାନଙ୍କ ଦକ୍ଷତା କୌଶଳକୁ ଉନ୍ନତ ଓ ବିକଶିତ କରିବାକୁ ଗୋଟେ  ସଂସ୍ଥା କରିଛି। ଅନେକ ପରିତ୍ୟକ୍ତ ସ୍ତ୍ରୀ ପିଲା ମାନଙ୍କର ଆଶ୍ରୟ ଦାତ୍ରୀ ସେ।

ଯୌନ ଅପରାଧ ର ଅଧିନିୟମ (POCSO)-୨୦୧୨ ଅନୁସାରେ ପିଲା ମାନଙ୍କୁ ତାଲିମ ଦେଉଛି। କିଭଳି ଭାବରେ ସେମାନେ ନିର୍ଭୀକ ହୋଇ ସମାଜ କୁ ଲଜ୍ଜିତ ହେବାକୁ ନଦେବେ ସେ  ନିୟମାବଳୀ କୁ ବୁଝାଇ ଦେଉଛି।

ପିଲାମାନେ ଙ୍କୁ ଯୌ ନିୟମ କିପରି ରକ୍ଷା କରୁଛି ସେ ବିଷୟରେ ସେ ସ୍କୁଲ କଲେଜ ରେ ଯାଇ ପ୍ରୋଗ୍ରାମ କରୁଛି। ଏବେ ତାର ଏକମାତ୍ର ଲକ୍ଷ ସମାଜ ପରିବର୍ତ୍ତନ ଆଉ ଅତ୍ୟାଚାରୀ

ଙ୍କ କବଳରୁ ସମାଜ କୁ ରକ୍ଷା କରିବା । କାରଣ ଆମ ଦେଶରେ କେବଳ କେସ୍ ହୁଏ ସମୟ ଆଉ ସମ୍ମାନ କୁ ବରବାଦ କରିବା ପାଇଁ। ତେଣୁ ନଜ ସୁରକ୍ଷା ନଜ ହାତରେ ବୋଲି ସେ ଭଲ ଭାବରେ ଜାଣିଥିଲା। ଆଉ ଅନ୍ୟ କୁ ସକ୍ଷମ କରିବାରେ ଅବିରାମ ଚେଷ୍ଟା ଚଳାଇ ଥିଲା।

ତାର ଜୀବନ ଯାତ୍ରାର କାହାଣୀ ଆଜି ଲୋକ ଲୋଚନକୁ ଆସିଛି ଏକ ପୁସ୍ତକ ଆକାରରେ। ସେଥିରେ ସେ ଏକ ଏସିଡ ଆକ୍ରାନ୍ତ ଝିଅ ର ଜୀବନ ବୃତ୍ତାନ୍ତ ସହିତ ନଜ ଜୀବନ କୁ ତୁଳନା କରିଛି । ଲୋକାଦୃତ ହୋଇଛି ଏକ ପୁରସ୍କାରପ୍ରାପ୍ତ ପୁସ୍ତକ ଭାବରେ । ଗଳ୍ପ କୁ ନେଇ ସିନେମା ପ୍ରଯୋଜକ ଙ୍କ ଭିଡ଼ ଲାଗିଛି। ହେଲେ ସୁରଭି ଭାବୁଛି---ଗଳ୍ପ ଭଲ ଲାଗେ ପଢିବାକୁ, ଦେଖିବାକୁ ସିନେମା ବି ଭଲ ଲାଗେ। ହେଲେ କେହି ଜାଣି ନାହାନ୍ତି ସେ ଏସିଡ ଆକ୍ରାନ୍ତ ଝିଅ ଟି କଏ। ସେ ଆଉ କେହି ନୁହେଁ, ରାଜେଶ ଙ୍କ ଝିଅ।ସେ ନଜ ଜୀବନ କୁ ସୁଧାରିବାରେ କେତେ ସକ୍ଷମ, ତାହା ସେ ଖବର କାଗଜ ରେ ପଢ଼ିଥିଲା। ତାକୁ ପାଥେୟ କରି ତାର ଯେ ପୁସ୍ତକ *ଜୀବନ ଯାତ୍ରା* ର ସୃଷ୍ଟି।

ସୁରଭି ପଥର ପାଲଟି ଯାଇଥିଲା ଅହଲ୍ୟା ପରି। ସେ ବର୍ଷା ରାତିରେ ରାଜେଶ ର କ୍ଷୁଧା ତାର ଜୀବନ ଯାତ୍ରା ର ମୋଡ଼ ବଦଳାଇ ଦେଇଛି। ଜୀବନ ନୌକା ର ନାଉରୀ ସେ ଏବେ ହେବାକୁ ଚେଷ୍ଟା କରୁଛି। ନଜେ ବଦଳୁଛି ଆଉ ସମାଜ କୁ ବଦଳାଉଛି। ଭାବୁଛି ଉପର ବାଲା ର ଲାଠି ରେ ସତରେ ଅଓ୍ଵାଜ ନଥାଏ।

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

# ବିଚ୍ଛେଦ



ଅଲେଖ ମେହେର

ତୁ ସିନା ଧନରେ ପର କରିଦେଇ ଛାଡି ଚାଲିଗଲୁ ମତେ,
ମୋ' ଶ୍ୱାସ ପ୍ରଶ୍ୱାସ  ହୃଦୟ ସ୍ପନ୍ଦନ  ନାମଗାଏ ଅବିରତେ ।
ସୁପତେ ଯାଗ୍ରତେ  ପ୍ରତିଟି ମୁହୂର୍ତ୍ତେ ଆଚ୍ଛାଦିତ  କରି ମନ,
ଦହଗଞ୍ଜ କରି  ମାରୁଛୁ ମଣିରେ ହୋଇ ଅକ୍ଷି ଅନ୍ତର୍ଧାନ ।
ସତର ବସନ୍ତ ଅଭୁଲା ମୁହୂର୍ତ୍ତ ମୂକ କରିଦେଲା ହସି,
ପୂର୍ଣ୍ଣମୀ ଚାନ୍ଦକୁ ରାହୁ ଗ୍ରାସିନେଲା ରୋଦନ କରୁଛି ବସି।
ପଞ୍ଚଭୂତ କାୟା ଇକ୍ଷଣ  ପଟଳୁ ହୋଇଛି  ସିନା ଅନ୍ତର,
ବିହାୟସେ ମୋର  ଭାସୁଛି ଆତ୍ମଜ ଆଙ୍କାଧିନ ଛବି ତୋର।
ପିତା ମାତା ଭଗ୍ନି ପ୍ରେମ ରଜ୍ଜୁ କାଟି ହେଲୁ ମହାପଥ ଯାତ୍ରୀ,
ନଅ ମାସ ଗର୍ଭ ବେଦନା କେମିତି ଭୁଲିବ ତୋ'ଜନ୍ମଦାତ୍ରୀ।
ପିତାର ଆକଟେ ଶେଷ କି କରିଛୁ ବାପଧନ ଗଳା ମାଳ,
ବାପା ଡାକ ଆଜି ଶୂନ୍ୟ କରି ଦେଇ ପର ପାରି ଗଲୁ ଚାଲି।
ସାଧ୍ୟମତେ ଯାହା କରିଲି ପ୍ରଚେଷ୍ଟା ସର୍ବକରି  ଧୂଳିସାତ,

ଅଭୁଲା ଜାତନା ଦେଇ ଗଲୁ ସୁନା ବକ୍ଷେକରି  ଶରାଘାତ।

ଶୋକର୍ତ୍ତ କୁଟୁମ୍ବ  ସର୍ବଜନ ବିଭୁ ପାଦେ କରୁଅଛୁ ଅଳ,

ଅମର ଆତ୍ମାର  ସତଗତି ହେଉ  ପାଉ ଶ୍ରୀ ଚରଣ ଧୂଳ।

ହେ ଜଗତ ତାତ ବଂଶ ନାଶ କରି ତନୟ ନେଲ ଛଡେଇ,

କେଉଁ  ଅପରାଧ କରିଛି ଜୀବନେ ଆତୁରେ ମାର କନ୍ଦେଇ ।

ମଇ ଉଣେଇଶ  କଟକ ନଗରେ ହରେଇ  ଅମୂଲ ଧନ,

ପିଣ୍ଡଟା ମୋହର ପଡିଅଛି ଖାଲି ପାଇ ଦୁଃଖ ଘୋର  ଘନ।

ମୋର ଏକମାତ୍ର  ପୁତ୍ର ଶେଖର  କୁମାର  କୁ କଟକ ଶ୍ରୀରାମ ନରସିଂହ ହୋମ୍  ରେ ତା-୧୯/୫/୨୦୨୧ ହରେଇଲା ପରେ ଏହା ଲେଖୁଛି।

ସୋହେଲା, ବରଗଡ

# ଇଏ ବି ଗୋଟେ ଲଭ୍ ଷ୍ଟୋରୀ



ରଶ୍ମୀବାଳା ଶତପଥୀ

ଜଣେ ଆଉ ଜଣଙ୍କ ଠାରୁ ଦୂରରେ ରହିବି
ତା ମନ କଥା ଜାଣିପାରୁଛି
ତା ନିଜ ଭିତରେ ନିଜକୁ ହଜେଇ ଦେବାକୁ
ଚେଷ୍ଟା କରି ଗ୍ଲଲିଛି,
ନା କେବେ ଦୁହିଁଙ୍କର ଦେଖା ହେଇଛି
ନା କେବେ ଦେଖା ହେବାର ସମ୍ଭାବନା ଅଛି,
ହେଲେ ଦୁହେଁ ଦୁହିଁଙ୍କର ସାଜିଛନ୍ତି କମଜୋରୀ
ଇଏ ବି ଗୋଟେ ଲଭ୍ ଷ୍ଟୋରୀ.........

ଏ କେମିତିକା ସଂପର୍କ କୁହତ !!!!

ଜଣେ କବି ହେଲେ ଆଉ ଜଣେ ସାଜିଛି ତା କବିତା
ଗୋଟିଏ ଭାବନା ଗୋଟିଏ କାମନା
ଗୋଟିଏ ପସନ୍ଦ ଆଉ ଗୋଟିଏ ଚରିତ୍ର
ଜଣଙ୍କ ଦୁଃଖରେ ଆସେ ଆଉ ଜଣଙ୍କ ଆଖିରେ ଲୁହ
ଜଣଙ୍କ ଖୁସିରେ ଆସେ ଆଉ ଜଣଙ୍କ ଓଠରେ ହସ
ସତରେ ଏହା କଣ ସମ୍ଭବ!!!!!!!
ଦୁହେଁ ଦୁହିଁଙ୍କର ସାଜିଛନ୍ତି ମଜବୁରୀ
ଇଏ ବି ଗୋଟେ ଲଭ୍ ଷ୍ଟୋରୀ...................

ପିଞ୍ଜରାବଦ୍ଧ ଚଢ଼େଇ ଦୁଇଟି ଉଡ଼ି ଯାଉଛନ୍ତି
ନିର୍ଭୟରେ ସତେ ହାତ ଧରାଧରି ହୋଇ,
ଶ୍ରାବଣର ଟୋପାଏ ବିନ୍ଦୁ ହୋଇ ବରଷି ଯାଉଛି
ନୀଳ ଆକାଶର ଭସା ବଦଲରେ
ଅପୂର୍ବ ଇନ୍ଦ୍ରଧନୁ ପରି ଦେଖା ଯାଉଛି,
ଦୁହିଁଙ୍କ ଭଲ ପାଇବା ସତେ ଏହିପରି
ଇଏ ବି ଗୋଟେ ଲଭ୍ ଷ୍ଟୋରୀ...........

ବାସ୍ତବରେ ଏମିତି ପ୍ରେମ କଣ ସମ୍ଭବ!!!!

ସେ ତାର କେବେ ବି ହବନି ଜାଣିବି
ମନ ତାକୁ ହିଁ ଝୁରୁଛି କାହିଁକି?
ମନ ଭିତରେ ଏତେ ବ୍ୟସ୍ତତା ତା ପାଇଁ କାହିଁକି?
ତା ପାଇଁ ଏତେ ଅନ୍ୟମନସ୍କତା କଣ ପାଇଁ?
କେଜାଣି କାହିଁକି ଏମିତି ଲାଗେ
ଦୁହିଁଙ୍କ ସମ୍ପର୍କ ଆଜିର ନୁହେଁ କି କାଲିର ନୁହେଁ
ସତେ ଯେପରି ସମ୍ପର୍କ ତାଙ୍କର ଜନ୍ମ ଜନ୍ମାନ୍ତର ପରି
ଇଏ ବି ଗୋଟେ ଲଭ୍ ଷ୍ଟୋରୀ.............
ଇଏ ବି ଗୋଟେ ଲଭ୍ ଷ୍ଟୋରୀ.............

ଯାଜପୁର ଟାଉନ୍, ଯାଜପୁର

# ନୟନ ମୋ ହେଲ୍ ନଈ



ଅଶୋକ କୁମାର ପ୍ରଧାନ

ନିଅଣ୍ଟ ପେଟକୁ ଦାନା ଖୋଜୁ ଖୋଜୁ ନ ମିଳଲ୍ ମୁଠେ ଦାନା
ନିର୍ଶ୍ର ମନରେ ଫେରିଲି ସେଠାରୁ ଉଦରେ ଉଡାଇ ବାନା
ନିଆଁ ପେଟ ନେଇ ଗୃହିଁଲି କଣେଇ  ନ ମିଳଲ୍ ଖାଦ୍ୟ ମୁଠେ
ନିସ୍ତବ୍ଧ ନୟନୁ ଝରେ ତାର ଲହୁ ଲୁହ ହୋଇ ଆଖି ତୁଠେ।

ନୟନ ପଖାଳି ଗୃହିଁଲ୍ ଆଗକୁ ନେତ୍ର ତା ଝଲସିଗଲ୍
ନିର୍ଯାତିତ ମନେ ବସିଛି ସେଠାରେ ଧର୍ଷିତା ଗୋଟେ ଅବଳା
ନିରିମାଖି ବାଳା ହାତରେ ଧରିଛି ଭିତର ଥାଳିଆ ଗୋଟେ
ନିର୍ଣ୍ଣୟ ନକରି ଭେକ ନାଶିବାକୁ ଯାଇଛି ଅମଡା ବାଟେ।

ନିନ୍ଦା ସହିବି ସମାଜ ଦାଣ୍ଡରୁ ଯିଏ କହୁ ଯେତେ କଥା
ନିଜର ବୋଲି ତ କେହି ସେ ପାଉନି କାହାକୁ କହିବ ବ୍ୟଥା
ନିଷ୍ପାପ ମନ ତା ନିଷ୍ଠୁର ସମାଜେ ଯାଏ ଦିନୁ ଦିନ ଜଳି
ନିଃସ୍ୱାର୍ଥପର ସେ ଖୋଜିବି କେମିତି ସବୁ ଭଦ୍ର ମୁଖାବଳୀ।

ନିର୍ବିକାର ସେ ହୋଇବ ସତତ ଫୁଟାଇବ କଅଁ ପାଟି
ନୟନ ତା ନଈ ହେଲାଣି କେବେଠୁ ଖାଇ ଖାଇ ତଡା ମାଟି।

ଶିକ୍ଷକ
ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରେହିଗାଁ, ଗଞ୍ଜାମ

# ମଣିମା



ସରୋଜ ଲକ୍ଷ୍ମୀ ମହାନ୍ତି

ଅନେକ ଦୂରରୁ ଧାଇଁ ଆସି ଥିଲି
ଭରସା ବିଶ୍ୱାସ ନେଇ
ରଥାରୁଢ ତୁମ ଭାଇ ଭଉଣୀ ଙ୍କୁ
ନରେଖି ଦେଖିବା ପାଇଁ

ଶୁଣିଛି ମଣିମା ରଥ ରେ ଦେଖିଲେ
ପୁନର୍ଜନ୍ମ ଦୋଷ ଯାଏ
କାହିଁକି କେଜାଣି ତୁମକୁ ଦେଖିଲେ
ଆପେ ମୁଣ୍ଡ ନଇଁ ଯାଏ

ବରଷ କେ ଥରେ ଭକତ ବନ୍ଧୁ ହେ
ଭକତ ପାଇଁ ବାହାର
ଭାଇ ଭଉଣୀ ଙ୍କୁ ରଥରେ ବସାଇ
ଯାଅ ମାଉସୀ ମା' ଘର

ଲକ୍ଷ୍ମୀ ଠାକୁରାଣୀ ଆଡରୁଷା କରି
କୋଲପ ଦେଲେ କ ଆଉ
ମାନ ଭଞ୍ଜନ ହେ ହାରିଗଲ କବା
ଭକ୍ତ ଡାକ ଶୁଭୁନାହିଁ

ଅନବସର ରେ ସଂକ୍ରମଣ ଭୟ
ତୁମକୁ ଲାଗି ନ ଥାଉ

ଫୁଲୁରି ତେଲ ର ପ୍ରଲେପ ଲାଗିଲେ
ସର୍ବାଙ୍ଗ ସୁନ୍ଦର ହେଉ

କେଉଁ ଅଭିମାନେ ଆଡେଇ ଦେଇଛ
ଦୁଆର ଦେଇଛ କଳ
ଜୀବନ ଯନ୍ତ୍ରଣା ସହି ହେଉ ନାହିଁ
ରକ୍ଷା କର ବନମାଳୀ

ତାରିବା ମାରିବା ଙ୍କ ଅବା ଅଜଣା
କେତେବେଳେ କେଉଁ ରୂପ
କାଳୟ ଗଞ୍ଜନ ଆହେ ଭକ୍ତପ୍ରାଣ
ଶୁଭୁନ ଭକତ ଦୁଃଖ

ସୁନାବେଶ ତୁମ ଦେଖିବା ପାଇଁକି
ଭକତେ ଅଛନ୍ତି ଗୁହିଁ
ଗମ୍ଭୀର ଭିତରେ ଭଲରେ ଅଛକି
ସନ୍ଦେଶ ଦିଅ ଗୋସାଇଁ

ଅନୁଭବି ତୁମେ ଭବର ଠାକୁର
ଦୋଷା ଦୋଷ କ୍ଷମା କର
ଅତିଷ୍ଠ ହେଲାଣି ଦୁଃଖ ଜୀବନର
ମଣିମା ଖୋଲ ଦୁଆର ।

**271/3,** ଏ.ଭି. ରେସିଡେନ୍ସି,
ପୋ-କଟ୍, ଭୁବନେଶ୍ୱର

# ଅନ୍ତର୍ବର୍ତ୍ତୀ



ଆରତୀ ସାହୁ (ଆଶା)

ମମ୍ମୀ .....

ଚମକ ପଡିଲା ଶାରଣ୍ୟା । କଏ ଡାକଲା ତାକୁ ?

ଇଣ୍ଡିଆ ଗେଟ ଅନ୍ତର୍ଗତ ଚିଲଡ୍ରେନ୍ସ ପାର୍କ । ଏକ୍ୟୁରିୟମ୍ ପାଖାପାଖି ଗୋଟିଏ ବେଞ୍ଚରେ ବସିଛି ସିଏ । ପାର୍କଟା ସାରା ରଙ୍ଗୀନ ପ୍ରଜାପତି ମାନଙ୍କ ପରି ସୁନ୍ଦର କୁଲୁକୁଲିଆ ପିଲାମାନଙ୍କ କୋଳାହଳରେ ମୁଖରିତ । କେଉଁ ଛୁଆ ହୁଏତ ତା ମାଆକୁ ଡାକୁଥିବ ।

 ଏତେକରି ପ୍ରଦୀପଙ୍କୁ କହିଲା ସିଏ ସାଙ୍ଗରେ ଆସିବାକୁ । ସେ ମନା କଲେ କଣ ସବୁ କାମ ଅଛି ବୋଲି । ଏଇ ପଣ୍ଡାର ରୋଡ଼ରେ ତ କ୍ୱାର୍ଟର୍ ତାଙ୍କର । ଟିକେ ଆସିଥିଲେ ହେଇ ନଥାନ୍ତା ? ଏକାନ୍ତରେ ଥିଲା ବେଳେ ଏଇ ମମ୍ମୀ ଡାକଟା ତାକୁ ବେଶି ହଇରାଣ କରେ ।

 ହେଇ, ଏଇଥର ଓଡ଼ିଶାରୁ ଫେରିଲା ବେଳେ ବ୍ଲୁ ଆଇଡ୍, ଗୁଲଗୁଲି ଝିଅଟିଏ କାନ୍ଦି କାନ୍ଦି ତାକୁ ମମ୍ମୀ ବୋଲି କହି କୁଣ୍ଢାଇ ପକାଇ ଥିଲା, ରାଜଧାନୀରୁ ଓହ୍ଲାଇଲା ପରେ, ଷ୍ଟେସନରେ। ତାର ନୀଳପରୀ କ !

ନା, କୁନଝିଅଟି ହଜି ଯାଇଥିଲା ଭିଡ଼ ଭିତରେ, ନିଜ ମାଆ ବାପାଙ୍କ ଠାରୁ ଅଲଗା ହୋଇ ।

ସେ ମଧ୍ୟ ତାକୁ କାଖେଇ ପକେଇ ଜାବୁଡ଼ି ଧରିଥିଲା । ସେହି ମୁହୂର୍ତ୍ତକ ମଧ୍ୟରେ ଠାକୁରଙ୍କ ପାଖରେ ଅଗଣିତ ମାନସିକ କରି ପକାଇଥିଲା, ଠାକୁରେ, ତା ମାଆ ବାପା ନ ମିଳନ୍ତେ କି। ନୀଳପରୀ ତାର ହେଇଯାନ୍ତା ।

କିନ୍ତୁ ସେମିତି କଣ ହୁଏ ? ତା ବାପା ମାଆ ବି ତ ଠାକୁର ପାଖରେ ଗୁହାରୀ କରି ମାନସିକ କରିଥିବେ ।

ତୁରନ୍ତ ଦୁଇଟି ହାତ ଆସି ଝିଅଟିକୁ ତା କୋଳରୁ ଝାଙ୍କି ନେଇଗଲା, ଗୋଟିଏ ମିଠା' ଥେଙ୍କ୍ୟୁ' କହି ।

- ଚଲୋ ବେଟେ, ଆଣ୍ଟି କୋ ପରେଶାନ୍ କୟା ? ଚଲୋ, ବାୟ କରୋ ।

ଶାରଣ୍ୟାର ହାତ ଦୁଇଟି ସେମିତି ସଂପ୍ରସାରିତ ହୋଇ ରହିଥିଲା କିଛି ସମୟ ଯାଏ, ଯେ ପର୍ଯ୍ୟନ୍ତ ପ୍ରଦୀପ ଆସି ତା ହାତ ଦୁଇଟିକୁ ଧରି ନରମ ଚାପ ନ ଦିଅନ୍ତି । ତାଙ୍କର ପ୍ରଶ୍ନୀଳ ଦୃଷ୍ଟିର ଉତ୍ତର ଦେବାଟା ନହାତି ଜରୁରୀ ବୋଲି ସେ ଭାବି ନଥିଲା ।

ସେ ଗାରିଆଡ଼େ ଅନେଇଲା । କାଳେ କେଉଁ ଛୁଆ ହଜି ଯାଇଛି କି ?

ନିଜ ପ୍ରତି ତାର ଦୟା ଆସିଲା, ଆଉ ଘୃଣା ବି । ସେ କଣ ଶେଷରେ ପିଲା ଚୋରଣୀ ହେଇଯିବ କି ? ସବୁବେଳେ ସେ ମନାସୁଛି କାହାର ପିଲା ହଜିଯାଉ ବୋଲି ।

ଏଣ୍ଟି ଡିପ୍ରେସନ୍ ପିଲ୍ ବି ସେ ନେଉଛି, ପ୍ରଦୀପଙ୍କ ଅଜାଣତରେ ।

ପ୍ରଦୀପ ମଧ୍ୟ ଜାଣନ୍ତି, ଏ ବିଷୟରେ କଥାବାର୍ତ୍ତା କଲେ ସେ ବେଶି ଡିପ୍ରେସଡ୍ ହୋଇଯାଏ । ତାଛଡ଼ା, ସେ ପୁରୁଷ । ବନ୍ଧ୍ୟାତ୍ୱର କଷ୍ଟ ସେ କେମିତି ବୁଝି ପାରିବେ ?

କିନ୍ତୁ ବେଳେବେଳେ ସେ ମଧ୍ୟ କେମିତି ଉଦାସ ଦେଖା ଯାଆନ୍ତି । ଆଉ ତାଙ୍କ ଲେପଟପରେ ସେ କେତେଥର ଅର୍ଫନେଜ୍ ମାନଙ୍କର ନୋଟିଫିକେସନ ଦେଖିଛି । ଯାହାହେଲେ ବି ବାପା

ମାନଙ୍କ ହୃଦୟରେ ମଧ୍ୟ ମାତୃତ୍ୱ ଟିକେ ତ ଥିବ ହିଁ ନା । ସେଇଥିପାଇଁ ତ ତାକୁ ସେ ଓଡିଶା ପଠାଇଥିଲେ କାହାଠାରୁ ଛୁଆଟାଏ ଏଡପ୍ଟ କରିବା ପାଇଁ ପ୍ରବର୍ତ୍ତାଇ । ଶାଶୁ ମଧ୍ୟ ଭାବିଥିଲେ, ତା ଦେଢ଼ଶୁରଙ୍କ ତ ତିନି ତିନଟା ଛୁଆ ଅଛନ୍ତି । ଛୋଟ ଛ ମାସିଆ ପୁଅଟାକୁ ନେଇଗଲେ ମଣିଷ ହୋଇ ଯାଆନ୍ତା । ନିଶାସକ୍ତ ଦେଢ଼ଶୁରଙ୍କ ପାଖରେ ରହିଲେ ପିଲାଏ କୁମାର୍ଗକୁ ଯିବେ ସିନା । ଦେଢ଼ଶୁର ତ ନିର୍ବିକାର ମହାପୁରୁଷ । କିନ୍ତୁ ଗୃହାବାଳୀ ବଡ଼ ଯାଆ ଚଣ୍ଡିକାର ରୂପ ଧାରଣ କରି କହିଲେ,

- କଣ ହେଲା, ଆମ ଛୁଆଙ୍କୁ ଆମେ ଅମଣିଷ କରି ଦେବୁ ? ହୁଅନ୍ତୁ ପଛେ, ମୋ ପିଲାଏ ମୋ ପାଖରେ ରହିବେ । ଛୁଆ ଆଣିବା ପାଇଁ କଣ ଅନାଥାଶ୍ରମ ନାହିଁ କି ଦିଲ୍ଲୀରେ ?

ଶାଶୁଙ୍କ ମୁହଁ ଅପମାନରେ କଳାକାଠ ପଡ଼ି ଗଲା । ଶାରଣ୍ୟା କିଛି ହେଇନାହିଁ ପରି ଅଭିନୟ କଲା ନିଜର ଲୁହ ନିଜେ ପିଇ ।

ନିଜ ଭଉଣୀର ତ ପିଲାଟାଏ ଯେ ସେଁ ସେଁ ହେଉଛି । ଭଉଣୀର ମଧ୍ୟ ଜୀବନ ଆଉଛି, ଯାଉଛି । ନହେଲେ ତାକୁ ବା କହିଥାନ୍ତା ଆଉ ଗୋଟିଏ ପିଲା ଜନ୍ମ କରି ତାକୁ ଦେଇ ଦିଅନ୍ତା ।

ତା ଏକାକିତ୍ୱକୁ ଦୂର କରିବା ପାଇଁ ଶାଶୁ କେବେ କେବେ ଆସନ୍ତି ଦିଲ୍ଲୀ । କିନ୍ତୁ ଏଠାକାର ଏକ୍ସଟ୍ରିମ୍ କ୍ଲାଇମେଟ ସହ୍ୟ କରି ନପାରି ଅସୁସ୍ଥ ହୋଇ ପଡ଼ନ୍ତି । ତା ଛଡ଼ା ତାଙ୍କର ଏକାଦଶୀ, ସୋମବାର, ମଠବାଡ଼ି, ଠାକୁର ବାଡ଼ି କେତେ କାମ ।

କେବେକେବେ ପଡ଼ିଶା ଘରର ପୁଅ ଝିଅ ଦିଜଣଙ୍କୁ କିଛି କାମ ଥିଲେ ତାଙ୍କ ମାଆ ଶାରଣ୍ୟା ପାଖରେ ଛାଡ଼ି ଦେଇ ଯାଆନ୍ତି । ଖୁବ୍ ଖୁସି ହୁଏ ଶାରଣ୍ୟା । କାମଦାମ ଛାଡ଼ି ତାଙ୍କ ସହିତ ଖେଳୁ ଖେଳୁ ନିଜକୁ ମଧ୍ୟ ଭୁଲିଯାଏ । ଘରଦ୍ୱାର ବେଶ୍ ଅଳିଆ କରନ୍ତି ପିଲାମାନେ । ପରିଷ୍କାର ପରିଚ୍ଛନ୍ନ ଘରଟା ପାଲଟି ଯାଏ ଅଳିଆଗଦା । କୁଶନ, ତକିଆ, ବେଡସିଟ, ଶୋ ପିସ୍ ସବୁ ଏମିତି କି କିଚେନର ମଧ୍ୟ କୌଣସି ଜିନିଷ ନିଜ ସ୍ଥାନରେ ରୁହେ ନାହିଁ । କେଉଁଠି ଟୁକୁଡା କାଗଜ, କେଉଁଠି ବିସ୍କୁଟ ଗୁଣ୍ଡ, କେଉଁଠି ପାଣି ପଡ଼ି ଘରଟା ଭରି ଅସନା

ହୋଇଯାଏ । ପିଲାମାନେ ଗଲାପରେ ସେ ସେମିତି ଛାଡ଼ି ଦିଏ ଘରକୁ । ସେମିତି ନିରିଖେଇ ଦେଖୁଥାଏ । ପ୍ରଦୀପ କିନ୍ତୁ ବେଶ୍ ସିଷ୍ଟମେଟିକ୍ । ସେ ଆସିଲେ ବିରକ୍ତ ହୁଅନ୍ତି। ଶାରଣ୍ୟା ଅଗତ୍ୟା ଘର ସେଟ୍ କରେ । ଯଦି ସମ୍ଭବ ହୁଅନ୍ତା, ସେ ଘରଟା ସେମିତି ଅଳିଆ ହୋଇ ରହନ୍ତା ଆଉ ଶାରଣ୍ୟା ତାକୁ ନିରିଖେଇ ଦେଖୁଥାନ୍ତା ଅନନ୍ତ କାଳଯାଏ ।

ମମ୍ମୀ......

ପୁଣି ଥରେ ସେହି ଡାକ ।

ସେ ବୁଲି ଦେଖିଲା ବେଳକୁ, କୁଞ୍ଚୁକୁଞ୍ଚିଆ ଚୁଟିରେ ଆବେଷ୍ଟିତ ଅତ୍ୟନ୍ତ ଗୌର ବର୍ଣ୍ଣର ମନ ମୋହକ ଚେହେରା ଟିଏ । ଚକ୍ଷୁ ଡୋଳା ବ୍ଲୁ । ଅନ୍ଦାଜ ଦୁଇ ବର୍ଷର ଝିଅଟିଏ ଆସି ତା ଜଙ୍ଘରେ ହାତ ରଖେ ।

ତାର ନୀଳପରୀ ! !

ମମ୍ମୀ ... ଝାମ୍ପୁଲା ଚୁଟିକୁ ଆଡ଼େଇ ସେ ପୁଣି ଥରେ ଡାକେ । ଶାରଣ୍ୟାର ହୃତପିଣ୍ଡରେ ସତେ ଯେମିତି କିଏ ହାତୁଡ଼ି ମାଡ଼ ଦେଉଛି । ତାକୁ କୋଳେଇ ନେଇ ଛାତିରେ ଯୋରରେ ଜାବୁଡ଼ି ଧରେ । କେତେକାଳରୁ ତୃଷାତୁରା ପୃଥିବୀରେ ସତେକି ଏଇମାତ୍ର ବର୍ଷାବିନ୍ଦୁ ପଡ଼ିଛି। ଆଃ , କି ଶାନ୍ତି !!

ସମ୍ବିତ୍ ଫେରିଲା ପରେ ସେ ଖୋଜେ ଛୁଆଟିର ମାଆ ବାପାକୁ । ଏ ଭିତରେ ଅନ୍ଧାର ହେଇ ଆସିଲାଣି । ପାର୍କରେ କେହି କୁଆଡ଼େ ନାହାନ୍ତି । ପୋଲିସ ଆସି କୁହେ,

- ମେମ୍, ଅବ୍ ପାର୍କ ବନ୍ଦ ହୋଗା । ଆପ କୃପୟା ଘର ଯାଇୟେ ।

ଶାରଣ୍ୟା ଭିତରେ ଥିବା ମାଆଟିକୁ ଉନ୍ମାଦ ଘାରି ବସେ । ସେ ପୋଲିସକୁ କଛି ନକହି ଘରକୁ ଶୀଘ୍ର ଶୀଘ୍ର ପଳେଇ ଆସେ ଝିଅକୁ ଧରି । ଭୟରେ ସେ ପଛକୁ ମଧ ଫେରି ଗ୍ବହେଁ ନାହିଁ, କାଳେ କଏ ତାକୁ ଗୋଡ଼ଉଛି କ ।

ପ୍ରଦୀପ ଙ୍କର ହତବମ୍ବ ଅବସ୍ଥା ।

- ଶାରଣ୍ୟା, ଇଏ କ ପାଗଳାମି, ଏଟା କାହାର ଛୁଆ ?

- ବର୍ତ୍ତମାନ ପାଇଁ ତ ଆମର, ଶହେରୁ ଶହେ । ଗ୍ବଲ୍ ମାମା, ତୋତେ ଭୋକ ହେବଣି ।

- ଶାରଣ୍ୟା, କାହିଁକ ବିପଦକୁ ଆମନ୍ତ୍ରଣ ଦେଉଛ ? କହିଲ । ଯାଅ, ଯାହାର ଛୁଆ ତାଙ୍କୁ ଫେରେଇ ଦେଇ ଆସିବ ।

- ଆରେ, ମୁଁ ଜାଣିଥିଲେ ସିନା । ଦେଖ୍ ତ ମାମା, ତୋ ପାପା କେମିତି ଗ୍ବୁଗୁଛନ୍ତି। ପାପାଙ୍କୁ ଡାକ ତ । କହ, ପାପା , ପାପା ।

- ହେ ଭଗବାନ, ଶାରଣ୍ୟା , ହୋସକୁ ଆସ । ଛାଡ଼, ମୁଁ ପୋଲିସରେ ଜଣାଏ ।

- ହେ ହେ, ପ୍ରଦୀପ, ପ୍ଲିଜ୍, ଡୋଣ୍ଟ ଇନଫର୍ମ ଦି ପୋଲିସ । ଇଏ ଅନାଥ ପିଲାଟିଏ । ତା ମାଆ ବାପାକୁ ମୁଁ କେତେ ଖୋଜିଲି । ପାଇଲିନ ବୋଲି ତ ନେଇ ଆସିଲି ।

- ତାର ବେଶପୋଷାକ ଦେଖୁଛଟି । କେଉଁ ଆଡୁ ତୁମକୁ ସେ ଅନାଥ ଦେଖା ଯାଉଛି ?

- ମୁଁ କଛି ଜାଣିନ । ଏ ଝିଅ କେବଳ ମୋର । ବାସ୍ ।

ପୋଲିସ କୁ କନ୍ତୁ ଜଣାଇଦିଅନ୍ତି ପ୍ରଦୀପ ।

- ଅଭି ହମାରେ ସେ କୁଛ ନହିଁ ହୋଗା । ସୁବହ ହୋଣେ ଦୋ ।

ରାତି ସାରା ପ୍ରଦୀପ ଓ ଶାରଣ୍ୟା ଯେ ଯାହାର ଚନ୍ତା ନେଇ ଅନଦ୍ରା ।ସକାଳୁ ପୋଲିସ ଆସିଲା । ଲେଡି କନେଷ୍ଟବଳ କୁ ପଠାଇଲା ।

- ଯା, ମାଲୁମ କରକେ ଆଇୟୋ, କହ୍ଣେ ମିଳା ଏ ବଚ୍ଚା ?

ଏମିତି ତନାଘନା ଭିତରେ ଝିଅଟିର ମାଆ ବାପାଙ୍କ ଚହ୍ନଟ ହୋଇଗଲା । ସେମାନେ ଆସିଲେ । ଅନେକ ଅନେକ ଧନ୍ୟବାଦ ଦେଇ ଝିଅଟିକୁ ନେଇଗଲେ ଶାରଣ୍ୟାର କୋଳକୁ ପୁଣି ଥରେ ତାକୁ ଶୂନ୍ୟ କରିଦେଇ । ତାର ହାତ ଦୁଇଟି ସେମିତି ସମ୍ପ୍ରସାରିତ ହୋଇ ରହିଗଲା ପୁଣି ଥରେ ।

ଏଣ୍ଟି ଡିପ୍ରେସନ୍ ଡୋଜ ବଢ଼ି ଯାଇଥିଲା ଶାରଣ୍ୟାର, ପ୍ରଦୀପଙ୍କ ଅଗୋଚରରେ । ଦିନେ କନ୍ତୁ ଧରା ପଡ଼ିଯାଏ ।

- ଏସବୁ ମେଡିସିନ ଖାଇବା କେବେଠାରୁ ଆରମ୍ଭ ହେଲାଣି ଶୁଣେ । କେମିତି ? କେମିତି ଶାରଣ୍ୟା ତୁମକୁ ବୁଝେଇବି । ଆମ ଭାଗ୍ୟରେ ସନ୍ତାନ ନାହିଁ । ନିଃସନ୍ତାନ ମାନେ ସମସ୍ତେ କଣ ଏମିତି ହେଉଛନ୍ତି ? ମୋ ପାଇଁ ତୁମେ ସବୁଠାରୁ ମୂଲ୍ୟବାନ ଶାରଣ୍ୟା, ପ୍ଲିଜ୍ ନିଜକୁ ନଷ୍ଟ କର ନାହିଁ ।

କାନ୍ଦି ପକେଇ ଥିଲେ ପ୍ରଦୀପ ଶାରଣ୍ୟାକୁ କୁଣ୍ଢେଇ ଧରି । ଶାରଣ୍ୟାର ହୃଦୟରୁ ମଧ କୋହ ଉଚ୍ଛୁଳୁଥିଲା ହାବୁକା ମାରି ।

- ପ୍ରଦୀପ, ଆଇ ଆମ ହେଲ୍ପ ଲେସ୍ । ହ୍ୱାଟ କେନ ଆଇ ଡୁ । ପ୍ଲିଜ୍, ଗେଟ ମି ଏ ଗ୍ୱାଇଲ୍ଡ । ଆଇ ଓ୍ୱାଣ୍ଟ ଟୁ ଲିଭ । ପ୍ଲିଜ୍ ପ୍ଲିଜ୍ ।

ଶାରଣ୍ୟାର ଶରୀରଟା ତରଳ ଯାଇ ପ୍ରଦୀପଙ୍କ ହାତରୁ ଖସି ଯାଉଥିଲା ଯେମିତି । ବେହୋସ ସେ । ନିର୍ଜୀବ ପ୍ରାୟ ଶାରଣ୍ୟାକୁ ଦେଖି ପାରୁ ନଥିଲେ ପ୍ରଦୀପ । ତାର ଅବସ୍ଥା ଦିନକୁ ଦିନ କାହିଲା ହୋଇ ଚାଲିଥିଲା ।

- ଶାରଣ୍ୟା, ଚାଲ ଗୋଟିଏ ଜାଗାକୁ ଯିବା । ବହୁତ ଭଲ ଲାଗିବ ତୁମକୁ । ଇଟସ୍ ମାଇ ପ୍ରମିସ୍ ।

ବଡ଼ ଅନିଚ୍ଛାରେ ଉଠିଲା ଶାରଣ୍ୟା । ପ୍ରଦୀପ ତାକୁ ନେଇଗଲେ ଯୋଗାଡ଼ କରିଥିବା ଏକ ଅର୍ଫନେଜ୍ କୁ । ଶାରଣ୍ୟାର ଆଖିରେ ଚମକ । ତା ମୁହଁରେ ଅପୂର୍ବ ସ୍ଫୁର୍ତ୍ତି ।

ଧାଡ଼ି ବାନ୍ଧି ଠିଆ ହେଇଛନ୍ତି ବିଭିନ୍ନ ବୟସର ପିଲାମାନେ । ଶାରଣ୍ୟା ଯାହାକୁ ପସନ୍ଦ କରିବ ସୁବର୍ଣ୍ଣ କଳସ ତାରି ମୁଣ୍ଡରେ ଝରିବ । ସବୁ ପିଲାଙ୍କ ଆଖିରେ ନୀରବ ଆବେଦନ। କିଏ ହେବ ଏହି ମମତାମୟୀ ମାଆଟିର ସନ୍ତାନ । ସମସ୍ତେ ଉତ୍ସୁକ ତାର ସନ୍ତାନ ହେବାପାଇଁ । ଝିଅଟିଏ ତାର ଶାଢ଼ୀ ଅଞ୍ଚଳକୁ ଭିଡ଼ି ଧରିଛି । ବୁଲି ଦେଖିଲା ସିଏ । କୁଞ୍ଚୁକୁଞ୍ଚିଆ ଚୁଟି । ନୀଳ ଆଖି ।

ତାର ନୀଳପରୀ ! ତାକୁ କୋଳକୁ ଉଠେଇ ନେଉ ନେଉ ଆଉ ଗୋଟିଏ ଟିକି ପୁଅ ତାର ହାତକୁ ଟାଣି ଧରେ ।ଆଖିରେ ତାର ଆଖିଏ ଆବେଗ ।

ଅର୍ଫନେଜ୍ ଅଫିସରେ ଆସି ପ୍ରଦୀପ ସେହି ଦୁଇଟି ପିଲା ନେବାପାଇଁ ଫର୍ମ ଭରୁ ଭରୁ , ଶାରଣ୍ୟା ଆଉ ଗୋଟିଏ ଫର୍ମ ଭରୁଥାଏ । ସେ କାଲିଠାରୁ ଏହି ଅର୍ଫନେଜ୍ ରେ କାମ କରିବ । ସବୁ ପିଲାଙ୍କର ମାଆ ହେବ ସିଏ । ଅର୍ଫନେଜ୍ ର ପ୍ରତ୍ୟେକଟି ପିଲା ତାର ସନ୍ତାନ ।

ସାମନାରେ ଟଙ୍ଗା ହୋଇଥିବା ମଦର ଟେରେସାଙ୍କ ଫଟୋଟିକୁ ଏକ ଲୟରେ ଅନେଇଥାନ୍ତି ସେଠାକାର ମେନେଜର ମେଡମ ।

ବସନ୍ତ ବିହାର, ନୂଆ ଦିଲ୍ଲୀ

# ମନୋଜ ଦାସଙ୍କ ସ୍ମୃତିରେ

ବରୁଣ କୁମାର ଦାସ

ସଜେଇ ହୋଇଥିବ
ସ୍ମୃତିର ପ୍ରଦୀପ
ସୁବର୍ଣ୍ଣ କଳସ
ଚନ୍ଦ୍ରାଲୋକର ପ୍ରହରୀ ପାଇଁ,
ଲମ୍ବିଥିଲେ ପଛେ ଲମ୍ବି ଥାଉ
ଜିଜ୍ଞାସାର ଦିଗ ଦିଗନ୍ତ ।
ଆକାଶର ଇସାରାରେ
ପ୍ରହର ଗଣୁଛି
ଗୋଧୂଳିର ବାଘ
ଶେଷ ତାନ୍ତ୍ରୀକର ସନ୍ଧାନରେ ।
ବାସ୍ନାୟିତ ଶେଷ ବସନ୍ତର ଚଠି
ଦୂର ଦୂରାନ୍ତର,
ସ୍ମୃତି ବିସ୍ମୃତିର
ଲୁଚ କାଲି ଖେଳରେ
ସୃଷ୍ଟି ଭିତରେ ଶାଶ୍ୱତ
ଶବ୍ଦର ଯାଦୁକର।

(କବିତାଟି 'ବାଇ ଚଢ଼େଇ', ଭଦ୍ରକ ତରଫରୁ ଆୟୋଜିତ ଗୁଗଲ ମିଟ କବିତା ଆସରରେ ପଠିତ )

ପାଳୁସିଆ, ଦେହୁର୍ଦ୍ଦା,ବାଲେଶ୍ୱର -୭୫୬୦୩୬

# ଦୁଃଖଦ ସମୟ



ବିଷ୍ଣୁପ୍ରିୟା ଶତପଥୀ

କେଉଁଠି ଥିଲା ଏ ଦୁଃଖଦ ସମୟ
ଝଡ ପରି ମାଡି ଆସିଲା,
ହା ହା କାର ପଡିଗଲା
ସାରା ବିଶ୍ୱରେ ।

ଅଜଣା ଆତଙ୍କ ଏବଂ ଅବୁଝା ସମସ୍ୟା
ନାହିଁ ତାର ସମାଧାନ,
ସଂକ୍ରମଣର ଭୟ
ସବୁରି ପ୍ରାଣରେ ।

କେଉଁ ଅପରାଧର ଦଣ୍ଡ କମ୍ବା
ଅଭିଶପ୍ତ ଜୀବନ
ପଶୁ ଭଳ ତୁଣ୍ଡି ଭିଡି
ଚଳବାକୁ ହୁଏ,
ଆଜିର ଦୁନଆରେ ।

ଅତୀତର ଛୁଆଁ ଛୁତ୍, ପୁଣି
ତାର କାୟା ବିସ୍ତାର କରି
ପ୍ରିୟଜନେ ନେଇଯାଏ,
ନଜଠାରୁ ଦୂରେ,
ବହୁଦୂରେ ।

କେଉଁ ଭୁଲ୍ ର ପରିଣାମ ?
କଣ ତାର ପ୍ରତିକାର?
କପରି ଧ୍ୱଂସ ହେବ
ଏ କରୋନା?
କେବେ ଯିବ ଏ ଦୁର୍ଦ୍ଦଶା?
କେବଳ ଅପେକ୍ଷାରେ. . . . . .

ଜେନାପଦା, ଆଠଗଡ, କଟକ

# ସନ୍ଧ୍ୟା



ଡ. ସୁଧାଂଶୁ ମେହେର

ପ୍ରତୀଚୀ ଗଗନେ ଦିଶେ ନାଲିମା
ଫଗୁ ପୂର୍ଣ୍ଣ ଥାଳ ପ୍ରାୟେ ସୁଷମା ।
ବାରୁଣୀ ମଣ୍ଡଳେ କମ୍ବୁ ବର୍ତ୍ତୁଳ
ବଲ୍ଲୀରେ ଶୋହୁଛି ଯେହ୍ନେ ପ୍ରବାଳ ।
ସନ୍ଧ୍ୟାରୁଢ ଛାୟାଶ୍ୟାମ ଏକନ୍ତ
ରଜ ତମ ମିଶୁଛନ୍ତି ଯେମନ୍ତ ।
ସନ୍ଧ୍ୟା ନଭ ବକ୍ଷ କୁଙ୍କୁମ ବୋଳା
ହିମାଳୟେ ଯେହ୍ନେ ମୁକୁତାମାଳା ।
ପତୀଚୀ ନଭେ ଶୋଭିତ କ ଜବା
ଲୋହିତ ସାଗର ପ୍ରାୟ ତା ଶୋଭା ।
ଲୋହିତ ସିନ୍ଧୁରେ ଶୁକ୍ଳ ବୋଇତ
ବାରୁଣୀୟ ଘନମାଳ ଗ୍ଳକତ ।
ସନ୍ଧ୍ୟାବଧୂର ସିନ୍ଦୁର ମଣ୍ଡଳ
ସୂର୍ଯ୍ୟମୁଖୀ ବର୍ଣ୍ଣନୀରେ ସୁଢଳ ।
ଦୂର ଦିଗନ୍ତରେ ଭାସ୍କର ବିମ୍ବ
ରତି ଦର୍ଶନେ କାମଦେବ ଅଙ୍ଗ ।

ଅଧକ୍ଷ, ଶିକ୍ଷା ନିକେତନ
ଶିକ୍ଷକ ଶିକ୍ଷା ତାଲିମ ମହା ବିଦ୍ୟାଳୟ, ସାଲେପାଲି, ବଲାଙ୍ଗିର

# ବିରଜା ପରିଦର୍ଶନ

## (ରାଗ-ଶ୍ରେଖି)

ଉମାକାନ୍ତ ଦାସ

ମାତୃଶକ୍ତି ରୂପେ ଖାତି,
ଜାଣିଛନ୍ତି ବେଦପତି,
ଲେଖିଲେ ତୋ ଗାଥା ପରାଶର କୁମର ।
ମହାଭାରତେ ବର୍ଣ୍ଣିତ,
ସୁଶବ୍ଦେ କଲେ ରଚତ,
ତୁହି ମାତ ଆଦି ଶକ୍ତି ଏ ଜଗତର ।
ତୋ ଗାରିମା ଅଟେ ଅପାର ।
ମହାପୁରୁଷେ ଆସିଲେ ଦର୍ଶନେ ତୋର ।।୧

ପ୍ରଥମ ଶଙ୍କରାଚାର୍ଯ୍ୟ,
ଶିଖଙ୍କ ଗୁରୁ ନାନକ,
ଦର୍ଶନ କଲେ ଚୈତନ୍ୟ କ୍ଷେତ୍ର ତୋହର ।
ମାଳକାକାର ଅଚ୍ୟୁତ,
ଅତିବଡୀ ଜଗନ୍ନାଥ,
ମହାତ୍ମାଗାନ୍ଧୀ ଆସିଲେ ଜାତି ପିଅର ।
ତୀର୍ଥ ଦେଖି ପୂଣ୍ୟ ତାଙ୍କର ।
ଧର୍ମାଗୁର୍ଯ୍ୟ, ସଂସ୍କାରକ କଲେ ବିହାର ।। ୨

ଅନେକ  ମହାପୁରୁଷ,
ହୋଇ ଅତ୍ୟନ୍ତ ହରଷ,
ବହୁଗୁଣେ ତୋ କରତି କଲେ ପ୍ରଗ୍ଭର ।
ବୈତରଣୀ କୂଳେ ବାସ,
ଭକ୍ତଙ୍କ  ତୁହି  ବିଶ୍ୱାସ,
ଯଯାତି ବିମ୍ବଳା ଥିଲେ ତୋର ଦୟା ର।
ତୁହି ସାହା ଥିଲୁ ତାଙ୍କର ।
ଯଯାତି ନାମେ ହୋଇଲା ଯାଜ ନଗର ।।୩

କର୍ପୂର ଯାଇଛି ଉଡ଼ି,
କନା ଖଣ୍ଡେ ଅଛି ପଡ଼ି,
ସେହି ଜୀର୍ଣ୍ଣକନା ମଧ୍ୟେ ସଂସ୍କୃତି ସ୍ୱର ।
ଦିଗଦିଗନ୍ତକୁ ଯୋଡ଼ି,
ଦିଏ ସାଂସ୍କୃତିକ ରଡି,
ବୈତରଣୀ ଜଳ ହୋଇ ସ୍ରୋତ ପ୍ରଖର।
ଚତେ ଚେତି ହେ ନାରୀ ନର।
ଅପକର୍ମ ଯେତେ ସବୁ କର ବାହାର ।।୪

ସମୟ ଦିନେ ଆସିବ,
ଗୌରବ ଫେରି ପାଇବ,
ଅତୀତର ଶତଗୁଣ ଆଲୋକ ତାର।
ମହିମା ମଣ୍ଡିତ ହେବ,
ଜଗତ ରକ୍ଷା ହୋଇବ,
ଯେତେ ସବୁ ମହାମାରୀ ହେବେ ସଂହାର ।
ଖୋଲିଲେ ପଶ୍ଚିମ ଦୁଆର ।
ଉଡ଼ି ଅଗାଡି ରହିବ ବୀଜ ଧାନର ।।୫

ଆସ ହେ ଭକତେ ଆସ,
ଯିବା ମା' ବିରଜା ପାଶ,
ଯାଇ ଆନନ୍ଦେ ସେବିବା ଚରଣ ତାର ।
ବେଲୁ ଧାୟୀ ମୂର୍ଖ ଦାସ,
ଲଗାଏ ତୋ ପଦେଆଶ,
କର ନାହିଁ ଲୋକହସା ମାଗୁଣି ମୋର । ।
ତୁହି ମାଲୋ ଜ୍ଞାନ ସାଗର ।
ତୋ ପ୍ରଗ୍ଭରେ କବା ଲୋଡ଼ା ମାୟା ସଂସାର ।।୬

ଲାଲବାଗ, ଖାନନଗର
ମଙ୍ଗଳ ପୁର, ଯାଜପୁର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଭୂମେ ଗରୀୟସୀ ମାତା
# ସ୍ୱାର୍ଗାଦୁଛତରଃପିତା



ଡ. ଅର୍ଜୁନ ଚରଣ ବାରିକ୍

ବୈଚିତ୍ର୍ୟମୟୀ ଏଇ ପୃଥିବୀ । ବିଶ୍ୱବିଧାତା ବିଚିତ୍ର କର୍ମାଙ୍କର ଏ ଅନବଦ୍ୟ ସୃଷ୍ଟି । ପ୍ରତ୍ୟେକ ନାରୀ, ମାତୃସ୍ଥାନୀୟା । ମାଧବଙ୍କର ଶ୍ରେଷ୍ଠ କୃତୀ ହେଉଛି ମାନବ । ଅନେକ ଜୀବ ସୃଷ୍ଟି କରି ଈଶ୍ୱର ସନ୍ତୋଷ ଲାଭ କରିନଥିଲେ । ପରିଶେଷରେ ସେ ମାନବ ସୃଷ୍ଟି କରିଥିଲେ । ଯାହା ତାଙ୍କୁ ଚରମ ଆନନ୍ଦ ପ୍ରଦାନ କରିଥିଲା । କାରଣ ସେ ମଣିଷ ମଧ୍ୟରେ ଦିବ୍ୟଜ୍ଞାନର ପ୍ରକଟ କରାଇଥିଲେ । ସେଥିପାଇଁ ତ ଭାଗବତରେ ଉକ୍ତିଟି ପ୍ରଣିଧାନ ଯୋଗ୍ୟ । ମାନବ ଦେହେ ଦିବ୍ୟଜ୍ଞାନ, ଦେଖି ସନ୍ତୋଷ ଭଗବାନ । କାହିଁ କେଉଁ ଆବହମାନ କାଳରୁ ଏହି ଜୀବନ ଚକ୍ରର ପରିକ୍ରମଣ ।

ସାରା ସଂସାରରେ ଯେତେ ଜୀବ ଦେଖାଯାଆନ୍ତି, ସମସ୍ତେ ପ୍ରଜନନର କିଛି ଘଣ୍ଟା ପରେ ବା କିଛି ଦିନ ପରେ ନିଜ ନିଜର ଖାଦ୍ୟ ସଂଗ୍ରହରେ ପାରଙ୍ଗମ ହୋଇଯାଆନ୍ତି । ଆଉ ମା ଉପରେ ନିର୍ଭରଶୀଳ ହୋଇ ରହିନଥାନ୍ତି । ଯେପରି ଗାଇଟିଏ ବାଛୁରୀ ଜନ୍ମ ଦେବାର କିଛି ଘଣ୍ଟା ପରେ ବାଛୁରୀ ଟି ଡେଇଁ କୁଦି ମାରି ସ୍ତନ୍ୟପାନ ସହିତ ଘାସ ପତ୍ର ଚୁଙ୍କିଥାଏ । ସ୍ୱାଧୀନ ଭାବେ ବିଚରଣ କରିଥାଏ । ସେହିପରି ପକ୍ଷୀ ଶାବକଟିଏ ଅଣ୍ଡାରୁ ବାହାରି ଅଳ୍ପ କିଛି ଦିନ ପରେ ତାର ପର କଅଁଳିବାରୁ ଆଉ ମାଆ ପକ୍ଷୀ ଉପରେ ନିର୍ଭର ନକରି ସ୍ୱଆହାର ଅନ୍ୱେଷଣରେ ବ୍ରତୀ ହୋଇଥାଏ । ସେହିପରି କୁକୁର, ଛେଳି, ବିଲେଇ ଏପରିକି ବନ୍ୟପ୍ରାଣୀଙ୍କ ମଧ୍ୟରେ ସିଂହ ବାଘ ଓ ଭାଲୁ ପ୍ରଭୃତି ଜନ୍ତୁମାନଙ୍କର ଶାବକମାନେ କମ ସମୟ ମଧ୍ୟରେ ନିଜ ନିଜର ଖାଦ୍ୟ ସଂଗ୍ରହରେ ଲାଗିପଡନ୍ତି । କିନ୍ତୁ ହାଏ ମଣିଷ ! ନିରାଶ୍ରୟ ଜୀବଟିଏ । ଜନ୍ମବେଳେ ସଂପୂର୍ଣ୍ଣ ଅସହାୟ । ମାନବ ଶିଶୁଟି ମାଆ ବାପାଙ୍କର ଉପଯୁକ୍ତ ଲାଳନପାଳନ ସତ୍ତ୍ୱେ ୫/୬ ବର୍ଷ ହେଲାଯାଏ ନିଜ କର୍ମ ସମ୍ପାଦନରେ ଅକ୍ଷମ ଅଟେ । ଖାଦ୍ୟ ଉପାର୍ଜନ ନିମନ୍ତେ ତାଙ୍କୁ ଦୀର୍ଘ ଦଶନ୍ଧି ଦଶନ୍ଧି ସମୟ ଆବଶକ ପଡିଥାଏ । ତେଣୁ ଭାଗବତଙ୍କର ଭାଷାରେ: - "ବାଳକ ବନ୍ଧୁ ପିତାମାତା, ନୟନ ବନ୍ଧୁ ଲୋମପତା ।"

ତେଣୁ ମାନବ ଶିଶୁଟି ଜନ୍ମଠାରୁ ବର୍ଷବର୍ଷ ଧରି ପିତାମାତାଙ୍କ ଉପରେ ନିର୍ଭରଶୀଳ। ପିତାମାତାଙ୍କର ଋଣ କେବେ ବି ଜୀବନକାଳ ମଧ୍ୟରେ ପରିଶୋଧ କରିହୁଏ ନାହିଁ। ତେଣୁ ପିତାମାତାଙ୍କର ନମସ୍ୟ ଓ ଜୀବନ ଠାକୁର ଅଟନ୍ତି। ପିତାମାତାଙ୍କର ସେବା ସନ୍ତାନର ପରମ ଧର୍ମ।

ସନ୍ତାନର ସର୍ବଶ୍ରେଷ୍ଠ କର୍ତ୍ତବ୍ୟ ହେଲା ପିତାମାତାଙ୍କ ସେବା। ଈଶ୍ୱରଙ୍କ କୃପାଲାଭ ତଥା ସୁଖୀ ହେବାର ଏହା ସର୍ବଶ୍ରେଷ୍ଠ ମାଧ୍ୟମ। ସଂସାରରେ ଏହାଠାରୁ ବଳ ପବିତ୍ର....ବଡ କର୍ତ୍ତବ୍ୟ କିଛି ନାହିଁ ଯାହା ସୁଖୀ ମଣିଷର ସାଧନା ବିବେଚିତ ହୁଏ। ସଂସାରରେ ପ୍ରତ୍ୟକ୍ଷ ଚାରିଦେବତା ହେଉଛନ୍ତି ପିତା, ମାତା, ଗୁରୁ ଓ ଅତିଥି। ଆମ ସଂସ୍କୃତରେ ଏହି ଚାରି ଗୁରୁଙ୍କର ଜୟଗାନ କରି କୁହାଯାଇଛି – ମାତୃଦେବୋ ଭବ, ପିତୃଦେବୋ ଭବ, ଆଚାର୍ଯ୍ୟ ଦେବୋଭବ, ଅତିଥି ଦେବୋଭବ। ମାତାପିତା ଈଶ୍ୱରଙ୍କ ପ୍ରତ୍ୟେକ୍ଷ ସ୍ୱରୂପ। ତୁମେ ସାରା ଜୀବନ ଜପ କର ମାଳ ଗଡା ଓ ତପସ୍ୟାକର। ଯଦି ପିତାମାତାଙ୍କ ସେବା ନକରି ତାଙ୍କୁ ଅବହେଳା କରିବ, ତାଙ୍କୁ ଅସଦବ୍ୟବହାର କରିବ, ତେବେ ତୁମର ସବୁ ତପସ୍ୟା ବିଫଳ ହେବ। ତୁମର ମଙ୍ଗଳ ହେବନାହିଁ। ସଦଗୁରୁ ଶ୍ରୀ ସାଇନାଥଙ୍କର ଏହି ବାଣୀରୁ ପିତାମାତାଙ୍କର ଶ୍ରେଷ୍ଠତ୍ୱର ପରିଚୟ ମିଳିଥାଏ। ପିତାମାତା ପରମାତ୍ମାଙ୍କର ପ୍ରତ୍ୟେକ୍ଷ ସ୍ୱରୂପ। ପିତାମାତାଙ୍କ ଥାରେ ଯାହାଙ୍କର ଭକ୍ତିଭାବ ନଥାଏ, ନିତି ମନ୍ଦିରକୁ ଯାଇ ସହକାରେ ଯେତେ ଆରାଧନା କଲେ ବି ତାହା ନିଷ୍ଫଳ ପ୍ରତିପାଦିତ ହୋଇଥାଏ। ପିତାମାତା ମର୍ତ୍ତ୍ୟମଣ୍ଡଳର ଜୀବନ୍ତ ଠାକୁର। ଶାସ୍ତ୍ରରେ ମଧ୍ୟ ଏହିପରି ଉଲ୍ଲେଖ ଅଛି – ଯିଏ ପିତାମାତାଙ୍କୁ ପରମାତ୍ମା ମନେକରି ତାଙ୍କର ସେବାପୂଜା କରିଥାନ୍ତି ପରମାତ୍ମା ସ୍ୱୟଂ ସେହି ପୂଜା ଗ୍ରହଣ କରିଥାନ୍ତି। ମାତାପିତାଙ୍କ ସେବା ସର୍ବୋତ୍ତମ, ସର୍ବଶ୍ରେଷ୍ଠ ଓ ମହାନ ପୂଣ୍ୟ କର୍ମ। ଅନେକ ଯଜ୍ଞ କଲେ ଯେଉଁ ପୂଣ୍ୟ ମିଳେ, ପିତାମାତାଙ୍କ ସେବାରେ ତତୋଧିକ ପୂଣ୍ୟଫଳ ସୁଲଭ ହୋଇଥାଏ।

ପୁଣ୍ଡରିକ ଥିଲେ ଜଣେ ଏହିଭଳି ପିତୃ-ମାତୃଭକ୍ତ। ବର୍ଣ୍ଣିତ ଅଛି ଯେ ଶ୍ରୀକୃଷ୍ଣଙ୍କୁ ସେ କେବଳ ଅବସର ସମୟରେ ହିଁ ସ୍ମରଣ କରୁଥିଲେ ମାତ୍ର ବିଧିବଦ୍ଧ ଭାବରେ ପିତାମାତାଙ୍କ ପୂଜାର୍ଚ୍ଚନା କରୁଥିଲେ। ଏକଦା ଶ୍ରୀକୃଷ୍ଣ ସ୍ୱୟଂ ତାଙ୍କ ମାତୃପିତୃ ଙ୍କ ଭକ୍ତିର ପରୀକ୍ଷା ନେବା ପାଇଁ ତାଂକ ଦ୍ୱାରଦେଶରେ ଉପସ୍ଥିତ ହୋଇ ତାଙ୍କ ନିକଟକୁ ଆସିବା ପାଇଁ ଭାବିଲେ।

ପୁଣ୍ଡରିକଙ୍କୁ ପରୀକ୍ଷା କରିବା ପାଇଁ ପ୍ରଭୁ କହିଲେ –ଅନନ୍ତ କୋଟି ବ୍ରହ୍ମାଣ୍ଡର ଅଧିନାୟକ ତୁମ ଦ୍ୱାରଦେଶରେ ଦଣ୍ଡାୟମାନ ।

ଶ୍ରୀକୃଷ୍ଣଙ୍କ କଥା ଶୁଣି ଘର ଭିତରେ ଥିବା ପୁଣ୍ଡରିକ କହିଥିଲେ – ପ୍ରଭୁ! ମୁଁ ଆପଣଙ୍କୁ ଏହିଠାରୁ ପ୍ରଣାମ କରୁଛି । ମୋ ଦ୍ୱାରକୁ ଆସିଥିବାରୁ ମୁଁ ବହୁତ ଖୁସି । ଏହା ମୋର ପରମ ସୌଭାଗ୍ୟ । ଏବେ ମୁଁ ପିତାମାତାଙ୍କ ସେବାରେ ବ୍ୟସ୍ତ ଅଛି । ଆପଣ ଟିକଏ ଅପେକ୍ଷା କରନ୍ତୁ । ତାଙ୍କ ସେବା ଯେହେତୁ ମୋର ପ୍ରଥମ କର୍ତ୍ତବ୍ୟ, ଏହା ସରିଲାପରେ ମୁଁ ଯିବି । ଏଇ ମୁହୁର୍ତ୍ତରେ କନ୍ତୁ ଯାଇପାରୁନ ।

ତେବେ କଣ ମୁଁ ନରାଶ ହୋଇ ଗ୍ଲିଯିବି! କ୍ଷୋଭର ସହ କହିଥିଲେ ଗୋକୁଳ ବିହାରୀ । ଯଦି ଯିବାକୁ ଇଚ୍ଛା କରୁଛନ୍ତି, ଯାଇପାରନ୍ତି । କହିଥିଲେ ପୁଣ୍ଡରିକ ।

ପିତାମାତାଙ୍କ ପ୍ରତି ଏକନଷ୍ଠ ଭକ୍ତି ଥିବା ପୁଣ୍ଡରିକଙ୍କ ଦୃଢ ବିଶ୍ୱାସ ଥିଲା । ପ୍ରଭୁ ଦ୍ୱାରଦେଶରୁ କେବେ ବି ଲେଉଟି ଯିବେନ ଦେଖା ନକରି । ଯଦି ଲେଉଟି ଯାଆନ୍ତି ତେବେ ପୁଣିଥରେ ନଷ୍ଚୟ ଆସିବେ । କାରଣ ପିତୃମାତୃ ଭକ୍ତଙ୍କ ନକଟକୁ ସେ ସ୍ୱୟଂ ଆକର୍ଷିତ ହୋଇ ଆସିଥାନ୍ତି ।

ବାସ୍ତବରେ ବିବେକ ହେଉଛି ଶ୍ରେଷ୍ଠ ଧର୍ମୋପଦେଷ୍ଟା ସମୟ ଶ୍ରେଷ୍ଠ ଶିକ୍ଷକ, ପୃଥିବୀ ଶ୍ରେଷ୍ଠ ପୁସ୍ତକ (ଜ୍ଞାନ ଆହରଣ କ୍ଷେତ୍ର)ଶ୍ରେଷ୍ଠ ବନ୍ଧୁ ହେଉଛନ୍ତି ଭଗବାନ, କନ୍ତୁ ନଶ୍ୱର ସଂସାରରେ ଶ୍ରେଷ୍ଠ ସମ୍ବଳ ହେଉଛି ପିତାମାତାଙ୍କ ସେବା, ଯାହାର ତୁଳନା ନାହିଁ ।

ଉପସଂହାରରେ ଜଣେ ପଥପ୍ରଦର୍ଶକକ ଚତ୍ତାକର୍ଷକ ଦୁଇଧାଡି:
ଭୁଲିଯାଅ ପଛେ ସଭିଙ୍କୁ, ଭୁଲନାହିଁ ମାଆ -ବାପାଙ୍କୁ
ଭୁଲନାହିଁ ଭାଇ ଆଉ ବି ତାଙ୍କର, ଅଗଣିତ ଉପକାରକୁ ॥
କେତେ ଯେ ପଥର ପୂଜିଛନ୍ତି ସିଏ, ତୁମରି ଜନମ ପାଇଁରେ
ତାଙ୍କ ମନେ କେବେ ନଦିଅ ଯାତନା, ଛାତିକୁ ପଥର କରିରେ ॥
ନଜେ ନଖାଇ ବଢାଇଲେ ତୋରେ ଦେଇ ତୋତେ ନଜ ଆହାର

ଅମୃତ ଦାତା ସେ ତାଙ୍କ ଜୀବନରେ, ଭରିଦିଅ ନାହିଁ ଗରଳ ॥
କାହିଁ କେତେ ସ୍ନେହ ମମତା ଦେଇଣ ପୂର୍ଣ୍ଣକଲେ ସବୁ ତୁମ୍ଭରି ଇଚ୍ଛା
ଭୁଲନାହିଁ କେବେ ପୂର୍ଣ୍ଣ କରିବାକୁ, ତାଙ୍କର ପ୍ରତିଟି ମନୋବାଞ୍ଛା ॥
ଲକ୍ଷେ ଧନ ଆମେ ଅର୍ଜିଲେ ବି, ମା ବାପାଙ୍କଠୁ ତାହା ନୁହଁଇ ବେଶୀ
ତାଙ୍କ ସେବା ବିନା ସବୁ ତ ଅସାର, ଅକାରଣେ କଆଁ ଫୁଲାଅ ଛାତି ॥
ସନ୍ତାନଠୁ ସେବା ପାଇବା ପାଇଁ, ସେବାକର ତୁମେ ସନ୍ତାନ ହୋଇ
ଦେଇଥିଲେ ପାଇ, ବୁଣିଥିଲେ ଦାୟୀ, ଏହି ନ୍ୟାୟ କଥା ଭୁଲିବ ନାହିଁ ॥
ଶୁଅଇ  ନଜେ ସେ ଓଦା କନ୍ଥାରେ, ତୁମ ପାଇଁ ଶେଜ ଶୁଖିଲା ପାରେ
ମାଆ ନେତ୍ରୁ ସଦା ଅମୃତ ଝରେରେ, ନ ଭିଜାଅ ତାକୁ କେବେ ଲୁହରେ ॥
ତୁମେ ଚଲାପଥ ଅବିରତ ଯିଏ, କରିଛନ୍ତି ଭାଇ କୁସୁମିତ
ସେହି ପଥିକର ପଥକୁ କେବେ ହେଁ କରନାହିଁ ତୁମେ କଣ୍ଟକତ ॥
ଧନଦଉଲତ ମିଳବରେ ଭାଇ, ମାଆ-ବାପା ପୁଣି ମିଳବେ କାହିଁ?
ତାଙ୍କର ପବିତ୍ର ଚରଣ ବନ୍ଦନା କରିବାକୁ କେବେ ଭୁଲିବ ନାହିଁ ॥

ଅଧ୍ୟାପକ, ଇଂରାଜୀ ଭାଷା ସାହିତ୍ୟ,
ସା:ପୋ-ମହୁ, ଜି-କେନ୍ଦ୍ରାପଡା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ
ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନଜର ମତାମତ ଦିଅନ୍ତୁ ।

# ଆଶା



ଅମୂଲ୍ୟ କୁମାର ପଣ୍ଡା

ଛୋଟ ଏ ଜୀବନେ ସପନ ହଜାରେ
ଅସରନ୍ତି ଆଶା ମୋର
ଜାଣେନା କଏ ସେ ରହିବେ ମୋ ସାଥେ
ଦେଇକ ସ୍ନେହର ଡୋର ।

ମନ ଗୁହେଁ ଜଣେ ଏମିତିକା ସାଥି
ମିଳଯାଉ ଜୀବନରେ
ବୁଝି ପାରୁଥିବ ସୁଖ ଦୁଃଖ ସବୁ
ରହି ହୃଦ କନ୍ଦରରେ ।

ଅପେକ୍ଷାରେ ଅଛି ଆସିବ ସେ ଦିନେ
ଉତ୍କଣ୍ଠାରେ ଦିନ କଟେ
ଫଗୁଣ ଆସିବ ମଳୟ ବାସିବ
ଜୀବନ ନଦୀର ତଟେ।

ଅରଙ୍ଗାବାଦ, ବରୀ, ଯାଜପୁର

# ଫେରି ଆ ଫଗୁଣ



ମୀନାକ୍ଷୀ ପାଢ଼ୀ

ସକାଳ ସୂରୁଜ ମଥାନ ଧରିଲା
ନିକାଞ୍ଚନ ହେଲା ପଥ
ତୋ ଫେରା ବାଟକୁ ଚାହିଁ ଲୋ ଫଗୁଣ
ମଉଳଲା ଆଶା ଶତ
ସହକାର କୁଞ୍ଜେ ଶୁଭୁନାହିଁ ଆଉ
କୋଇଲି ର କୁହୁତାନ
ଗୁମାନ କରିଛି ପୁନେଇ ର ଜହ୍ନ
ବକୁଳ ବନ ମଉନ
ଭରି ଦେଇଥିଲୁ ଅଳକାପୁରୀ ର
ସ୍ୱପ୍ନ ମଧୁର ତାନ
ମନର ଆକାଶେ ତୋଳ ଦେଇଥିଲୁ
ଆଶାର ଚନ୍ଦ୍ରାନନ
ଭୂଲି କ ତୁ ଗଲୁ ତୋଳ ଧରିଥିଲୁ
ସାତ ସୁର ର ଗୁଞ୍ଜନ
ଅଧିର ମଳୟେ ପୁଷ୍ପିତ ଆଳୟେ
ପ୍ରମତ୍ତ ମଧୁପ ଅଞ୍ଜନ
ନୀଳାମ୍ବର କୋଳେ ଆଙ୍କି ଦେଇଥିଲୁ
ନୀଳମା ର ନୀଳ କେଶ

ନିଖିଳ ଧରାରେ ସଜାଇ ଥିଲୁ ଲୋ
ପ୍ରେମ ପ୍ରଣୟର ବେଶ
ତୋ ବିହୁନେ ଶିରୀ ତୁଟି ଯାଇଛି ଲୋ
ପାଂଶୁଳ ମନର ଗାର
ଭଗ୍ନ ବୀଣାର ଛିନ୍ନ ତନ୍ତ୍ରି ଆଜି
ବାଜି ଉଠେ ଭିନ୍ନ ସ୍ୱର
ବେଦନା ବିଧୁର ବ୍ୟଥାର ଅନ୍ତର
ରଂଗହୀନ ଫୁଲବନ
ପ୍ରଣୟ ମହ୍ଲାର ହଜି ଯାଇଛି ଲୋ
ଫେରି ଆ' ତୁ ଫଗୁଣ

ଥାନେ, ମହାରାଷ୍ଟ୍ର

# ମୋ ଦେଶ



ନନ୍ଦିନୀ ରାଉତ

ମସ୍ତକେ ଯାହାର ହିମାଳୟ ଗିରି
ମୁକୁଟ ପରାଏ ଶୋହେ,
ଅତି ସରାଗରେ ସାଗରର ଊର୍ମି
ଯେ ଦେଶ ପୟର ଧୁଏ,
ଆକୁମାରୀ ଠାରୁ ହିମାଳୟ ଯାଏଁ
ସବୁଜ ଶାରିରେ ଶୋହେ
ସେହି ଭାରତରେ ଜନମ ମୋରରେ
ଏକ ଗଉରବ ନୁହେଁ.... 1

ପାହାଡୁ ଝରଣା ଝର ଝର ହୋଇ
ନଦୀ ସାଥେ ମିଶିଯାଏ,
ପାଦପ ଉହାଡେ ବିହଙ୍ଗମ ଯହିଁ
ସୁନ୍ଦର ନୀଡ ରଚଏ,
ଗୁଣୁ ଗୁଣୁ ହୋଇ ଗୀତ ଗାଇ ନଈ
ସାଗର ଗର୍ଭକୁ ଧାଏଁ,
ସେହି ଭାରତରେ ଜନମ ମୋର ରେ
ଏକ ଗଉରବ ନୁହେଁ..... 2

ପବିତ୍ର ସାଧକ ମନ୍ତ୍ର ର ଓଁ କାର
ବିପିନରେ ଶୁଭୁ ଥାଏ,
ଜାତି ଧର୍ମ ଭେଦ ନଥାଏ ମୋ ଦେଶେ
ଅହିଂସା ର ମନ୍ତ୍ର ଗାଏ,
ବିଶ୍ୱ ଅଟେ ପର୍ ଏକ ପରିବାର
ମୋ ଦେଶ ବାରତା ଦିଏ,
ସେହି ଭାରତ ରେ ଜନମ ମୋରରେ
ଏକ ଗଉରବ ନୁହେଁ..... **3**

ପ୍ରତି ଭାରତୀୟ ଜୀବନ ଠୁ ବେଶି
ଦେଶ କୁ ତା ଭଲ ପାଏ,
ଆପଣା ସୁଖକୁ ଭୁଲିଯାଇ ସଦା
ଦେଶ ସେବା ପାଇଁ ଧାଏଁ,
ସୀମାନ୍ତ ସୁରକ୍ଷା କରିଣ ସୈନକ
ହସି ହସି ପ୍ରାଣ ଦିଏ,
ସେହି ଭାରତ ରେ ଜନମ ମୋର ରେ
ଏକ ଗଉରବ ନୁହେଁ..... **4**

ବାଲିପଟା, ଅନୁଗୁଳ

ଚଳତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତ୍ତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଜୀବନ୍ତ ଠାକୁରାଣୀ

ଶୁଭଲକ୍ଷ୍ମୀ ସାହୁ

କୋଟି ପ୍ରଣାମ ସେ ଠାକୁରାଣୀକୁ
ସଦା ହୁଏ ଯିଏ ସାହା
ତା ସହିତ ବା କିଏ ସମାନ ହେବ
ସେ ପରା ମୋର "ମା" ।

ଆହା ପଦେ କହି ଦେଇ
କିଣିନିଏ ସେ ମନକୁ
ତା ଆଗରେ ଦାମି ଜିନିଷ
ମୁଣ୍ଡ ନୁଆଏ ତଳକୁ ।

ତା ବିନା ଜୀବନ ମୋ ଅଧୁରା
ସେ ଥିଲେ ଲାଗେ ଭରା ଭରା
ତା ବିନା ହସି ମୁଁ ଶିଖିନି
ଖୁସି କଣ ଜାଣେ ନାହିଁ ପରା ।

କୁଆଁ କୁଆଁ କାନ୍ଦରୁ ଆଜି ଲୁଚକ କାନ୍ଦିଲେ ବି
ବୁଝେଇ ଦିଏ ମତେ ସିଏ
ତା ଠାରୁ ଭଲକିନି ବୁଝିବ
ମୋ ମନ କଥା ବା ଆଉ କିଏ ।

ତାହାରି ପାଇଁ ସ୍ୱର୍ଗ ସୁଖ ମର୍ତ୍ତ୍ୟେ ଆଜି ପାଉଛି
ପଣତ କାନୀରେ ତାର ମୁଣ୍ଡ ରଖି ଶୋଉଛି
ଆର ଜନ୍ମେ ତାରି କୋଳେ ଜନ୍ମିବି
ପରମେଶ୍ୱର ପାଖେ ପ୍ରାର୍ଥନା ଏତିକି କରୁଛି ॥

ନେତୁଆ, କେନ୍ଦ୍ରାପଡା

# ରଜପର୍ବ ଆସିଛି !



କୁଞ୍ଜ ବିହାରୀ ସାହୁ

ଆକାଶରେ ଏବେ ମେଘର ପଟୁଆର। ଜ୍ୟେଷ୍ଠ ଫେରୁ ଫେରୁ ଆଷାଢ଼ ଆସିଯାଇଛି । ବିଜୁଳି ଘଡଘଡିର ଆର୍ତ୍ତସ୍ୱର । ଚମକୁ ପଡୁଛି ବସୁଧା । କନ୍ତୁ ଭୂଦେବୀ ପାଲଟିଛି ରଜୋବତୀ । କେତେ ବା ସହିଥାନ୍ତା ବୈଶାଖର ଝାଞ୍ଜି ବାଆ / ଟାଆଁସିଆ ଖରା । ଗୁଳୁଗୁଳର ଅସହିଷ୍ଣୁତା ସେ ଛଟପଟ ! ଏବେ କନ୍ତୁ ସତରେ ବହୁତ ଖୁସି ଭୂଦେବୀ । ରଜସ୍ୱଳା ହେଇ ବିଶ୍ରାମ ନେଇଛି । ସବୁଆଡେ କହିବୁଲୁଛି ରଜ ପର୍ବ ଆସିଛିରେ ..ରଜ ପର୍ବ ଆସିଛି ।

ଖାଁ..ଖାଁ ଲାଗୁଛି ଗାଁ ପରିବେଶ । ସହରରେ ବି ଶୂନ୍ୟତା । "ଯାସ୍" ବାତ୍ୟାରେ ଉଜୁଡିଯାଇଛି ଘର ସଂସାର । ବେସାହାରା ଜୀବନ । ଅସଜଡା ଜୀବିକା । ରାସ୍ତା କଡରେ ଆକାଶଛୁଆଁ ବୃକ୍ଷ ଶୋଇପଡିଛି ମୁର୍ଦ୍ଦାର ପରି । ନା ଅଛି ଆମ୍ବ ତୋଟା, ପଣସ ତୋଟା ନା ଅଛି ଦୋଳି ଝୁଲେଇବାର ମଉକା ।

ଥିଲା ଥିଲା ଏତିକବେଳରେ ହିଁ ମୌସୁମୀ ସାଥୀରେ ଜିଦଖୋର ଲଘୁଚାପ ବି ଧାଇଁ ଆସିଲା। ତୁହାକୁ ତୁହା ବର୍ଷାରେ ଭିଜିଗଲା ବାଟଘାଟ । ଓଦା ସରସର ନୂଆଁଣିଆ ଆଜବେଷ୍ଟସ ଘର। ଚୁଲୀ ଭିତରେ ଧସେଇପଶିଛି ପାଣି । ରାନ୍ଧେଇପାଇଁ ହନ୍ତସନ୍ତ ମା' ଟିଏ ।

କରୋନା ବି ଡରେଇଦେଉଛି । ବାହାରକୁ ଯିବାକୁ ମନା । ଖେଳିବାକୁ ମନା ।

ଏତେ ମନା ଭିତରେ ଅଳଅଳ ଝୁଅଟିଏ ଭେଁ..ଭେଁ ହେଇ କାନ୍ଦୁଛି । "ମା..ମୁଁ ଦୋଳ ଖେଳିବି। ମୁଁ ନୂଆ ଜାମା ପିନ୍ଧିବି । ମୁଁ ସଜ ହେବି ।"

ମା ଝୁଅର ଲୁହ ଭିଜା ଆଖିରୁ ଲୁହ ପୋଛିଦେଉଛି କାନ ପଣତରେ । "ଝୁଅଲୋ ତୋ ବାପ ନାହିଁ ବୋଲି ତୁ ଏ ରଜ ପରବରେ କାନ୍ଦୁଚୁ କଆଁ । ଦେଖୁନୁ କେମିତି କଆଁଲଗା କରୋନା ଭୂତାଣୁ ବୁଲୁଛି ଯେ ତୋ ବାପକୁ ଖାଇଲା । ଆଉ କେତେବେଳେ ଆମ ଦିଇଟାକୁ ଗିଳପକେଇବ ! ଆମ ପଡିଶା ଘରେ ପର୍ ଲୁଚକ ବଇଚ । ତୁ ରଜରେ କେମିତି ବା ସଜ ହେବୁ । ତୋ ବାପ ଥିଲେ ବଜାରରୁ ସଜବାଜ କଣିଆଣି ଥାଆନ୍ତେ । ନୂଆ ଜାମାଟିଏ ତୋତେ ପିନ୍ଧେଇ ଦେଇଥାଆନ୍ତେ । ତୁ ତ ମୋ ସୁନାନାକୀ ଝୁଅଟେ । ଏ ବରଷ ବୁଝି ଯା । ମୋ ପାଖେ ପାଖେ ରହିଥା । ତୋ ପାଇଁ ପୋଡପିଠା କରିଛି । ପେଟ ପୁରେଇ ଖାଇଦେବୁ।"

ମା' ର କାନପଣତକୁ ଧରି ଝୁଅଟି ତୁନ ହେଇଗଲା ।

ଏଲ୍.ଆଇ.ଜି. ୧୫ ନୟାପଲ୍ଲୀ
ବ୍ରିଟ୍ କଲୋନୀ ଭୁବନେଶ୍ୱର ୭୫୧୦୧୨

# ଆମଘର ...



ପ୍ରକାଶ କୁମାର ଗୁନ୍ଦ

ଗୁଳ ଛପର ଆମରି ଘର
ମାଟିରେ କାନ୍ଥ ଗଢା
ସହସେ କେତେ ଖର୍‌ବରଷା
ହୋଇଛିପୁଣି ଛିଡା ।।

ଘର ମଝିରେ ଟିକି ଅଗଣା
ସୁନ୍ଦର ଦିଶେ ଭାରି
ଜାତିଜାତିକା ଫୁଲତ ଫୁଟି
ହସନ୍ତି କରିକରି ।।

ସକାଳ ହେଲେ ଗୁଳଉପରେ
କାଉ ରାବଇ ବସି
ଅଗଣା ସାର୍ ପଡଇ ପର୍
କଅଁଳ ଖର୍ ଆସି ।।

ଏଇଘରେ ତ ସଭିଁଏ ପର୍
ଏକାଠି ଆମେ ରହୁ
ଏକାଠି ବସୁ ଏକାଠି ହସୁ
ଏକାଠି ପୁଣି ଖାଉ ।।

ସଂଜ ନଇଁଲେ ଚଉର୍ ମୂଳେ
ସଂଜବତୀଟି ଜଳେ
ବୁଢ଼ୀମା ପାଶେ ଗପଟି ଶୁଣି
ନିଦରେ ଆଖି ଢୁଳେ ।।

ଆମରି ଘର ସରଗପୁର
ସ୍ନେହ ଶରଧା ଭର୍
ହସଖୁସିରେ ସଭିଁଏ ବନ୍ଧା
ବହେ ଶାନ୍ତିର ଧାର୍ ।।

ଜୟପୁର ଶାସନ, ପିପିଲି, ପୁରୀ

# ବୃକ୍ଷ ର ବେଦନା..



ପ୍ରିୟଦର୍ଶିନୀ ମହାପାତ୍ର

ଆଦ୍ୟ ଠାରୁ ଅନ୍ତ ଯାଏ
ମୁଁ ଯେ କାର୍ଯ୍ୟ ରତ
ତୁମେକ ପାରୁନା ବୁଝି
ମୋହର ମହତ ।।

ପ୍ରକୃତିର ଅବଦାନ
ମୁଁ ହିଁ ସେହି ବୃକ୍ଷ
ଉପଭୋଗ କରୁଅଛ
ଯାର ଚରି ବକ୍ଷ ।।

ଦେଖି ଆଜିର ଏ ଦୁଃଖ
ଝରେ ମୋର ଲୁହ
ତୁମେ କ ପାରିବ ବୁଝି
ଏମନର କୋହ ।।

ମୋର ବିନା ତୁମେ ଯଦି
ପାରୁଥାନ୍ତ ବଞ୍ଚି
ନଜେ ନଜେ ମୋ ବଂଶକୁ
ସମୂଳେ ନାଶିଦ୍ୟନ୍ତି ।।

ପ୍ରକୃତର ବେନୟମ
ଆଉ ହୁଅ ନାହିଁ
ଲଗାଇ ମୋ ଗଛ୍
ସବୁଜିମା ଖୁସି ଦିଅ ବୁଣି ।।

ଶ୍ରେଷ୍ଠ ଜାତି ବୋଲି
କରିଦେଇ ପ୍ରମାଣିତ
ସୁସ୍ଥ ସମାଜ କୁ ଗଢ଼ି
ରଖ ପ୍ରକୃତି ମହତ ।।

ଝରିଯାଉ ବର୍ଷା ଧାର୍
ହସୁ ଏଇ ଧର୍
ସବୁଜ ଶାଢ଼ୀ ରେ
ଶୋଭି ଦିଶୁ ବସୁନ୍ଧର୍ ।।

ଜୟଦେବ ବିହାର
ଭୁବନେଶ୍ୱର

# ହୁଅ ଯୁଗ ଉପଯୋଗୀ

ସତ୍ୟନାରାୟଣ ମିଶ୍ର

ଠାକୁର ଙ୍କ ଆଗେ ଗୁହାରୁଛି ଦେଖ
ଚନ୍ଦନ ପେଡି
ମତେ ପର କଲେ ଭକତ ଯେତେକ
ପାରୁ ନ ତୋ ସେବା କରି
ଗୁଣ୍ଡ ଚନ୍ଦନ ରେ କାମ ଚଳାଇଲେ
ମୁଁ ହେଲି ଅଦର କାରୀ ।

କହେ  ଧୂପ ଦାନୀ ହେ ଭଗବାନ
ମୋର ବି ତ ସେଇ ଦୁଃଖ
ମୋ ଦ୍ୱାର୍ ଆଉ ଧୂପ ଦଉ ନାହିଁ
ତମ କୁ ତମ ଭକତ
ଧୂପ ଗୁଗୁଲ ର ବତୀ ରେ କାମ ଚଳାଇ
ତମ ସେବାରୁ ମୁଁ ବଂଚତ ହେଲି  ଗୋସାଇଁ ।

ଅଭିମାନେ କହେ ଶଙ୍ଖ
ମତେ ତ ଭକତେ ଦେଉନାହିଁ ଆଉ ଫୁଙ୍କ
ମୋବାଇଲି ଦ୍ୱାର୍ ଶଙ୍ଖ ଶବ୍ଦ ଶୁଭେ
ମୁଁ ହେଲି ଆଜି ଅନାଥ ।

କହେ ଭାଗବତ ବହି
ମତେ ପଢ଼ନ୍ତିନ କେହି

ପଡି ରହିଛି ମୁ ଅବହେଳତ ଯେ ଭକ୍ତ କୁ
ଭକ୍ତ ଙ୍କୁ ସମୟ ନାହିଁ ।

କହୁଛନ୍ତି ଭଗବାନ
କାହିଁକ ରେ ସବୁ କରୁଛ ମୋ ପାଖେ ଏତେ
ମାନ ଅଭିମାନ ?
ଯୁଗ ଉପଯୋଗୀ ହେବା ରୁ ଯେତେ ଭକତ
ମୁଁ ବି ହେଉଛି ପୂଜାରେ ଅବହେଳତ
ମାଡ଼ ଗୋଳ ହେଲେ ପଣ୍ଡା
ଆଠ ଦିନ ଯାଏ ଭୋକରେ ମାରନ୍ତି
ମୋ ଶରୀର ହୁଏ ଥଣ୍ଡା ।
ମୁଁ ଭକତ ଭାବରେ ବନ୍ଧା । ଭକ୍ତ ର ଭାବରେବନ୍ଧା।

ସିଂଧେକେଲା ବଲାଙ୍ଗୀର

# ଧାଡିଏ ଗପ :
# ଲକଡାଉନରେ ବାପା



ସତ୍ୟନାରାୟଣ ଗନ୍ତାୟତ

'ଲକ ଡାଉନ ଲ୍ଗି ଏ ବର୍ଷ 'ଫାଦର୍ସ ଡେ'ରେ ଯାଇ ଭେଟି ପାରୁନ' ବୋଲି ପୁଅ ଗୁଣନଧି ଜର୍ଶ୍ରମରେ ଥିବା ତା' ବାପାଙ୍କୁ ଜଣାନ୍ତେ, 'ବ୍ୟସ୍ତ ହୁଅନା, ଲକ ଡାଉନଠୁ ବଳ ଦୁଃସ୍ଥିତି ମୋ ଦିହସୁହା ହୋଇଯିବା ପରି ଏ ଲକଡାଉନ ବି ଏଣିକ ତୋ ପାଇଁ ମାମୁଲି ହୋଇଯିବ ଯେ' କହି ଫୋନ ରଖିଲେ ବାପା ! □□□

"ସୁହାସିତମ୍", କସ୍ତୁରୀ ନଗର, ରାୟଗଡା: ୭୬୫୦୦୧
(୯୪୩୭୯୦୯୭୭୫)

# ମମତାମୟୀ ମା



ଶିତିକଣ୍ଠ ଗାଇଗାରିଆ

ନେତ୍ର ଯେଉଁଦିନ ପ୍ରଥମେ ଖୋଲିଲି
ଦେଖିଲି ତୋ ସୁନ୍ଦର ମୂରତି....
ଓଠ ଖୋଲୁ ଖୋଲୁ ଆପେ ଝରିଥିଲା
ସୁନ୍ଦର ଶବ୍ଦ ମା ଟି.....
ମା ବୋଲି ତତେ ଥରେ ଡାକଦେଲେ
ମିଳଇ ସକଳ ସୁଖ....
ଅବିଳମ୍ବେ ତୁହି ପାଖେ ଧାଇଁ ଆସୁ
ହୋଇ ହସ ହସ ମୁଖ......
ଜୀବନ ପଥରେ ଆସିନାହିଁ କଣ୍ଟା
ଝୁଣ୍ଟି ମୁଁ ପଡିନ କେବେ.....
ହାତ ଧରି ମୋର ଚଲା ଶିଖାଇଲୁ
ଦେଖାଇଲୁ ପଥ ଯେବେ....
ସଂସାରରେ କେବେ କେହି
ହେବେନାହିଁ ତୋର ସମତୁଲ.
ତୋପାଖେ ସର୍ବଦା ଋଣୀ
ସୁଝିକ ପାରିବି ତୋର ମମତାର ମୂଲ...
ମିଛ ଦୁନଆକୁ ପର କରିପାରେ
ତୋକୋଳ ଛାଡିବି ନାହିଁ.....
ସାର୍ା ସଂସାର ଟା ବିଷ ଭଣ୍ଡ ହେଲେ
ଅମୃତ ଟୋପାଏ ତୁହି.....

କଳାପଥର, ସୁବର୍ଣ୍ଣପୁର

# ଗପ ରେ ଥାଅ



ପ୍ରଫୁଲ୍ଲ ପାଢୀ

ତମେ ଗୋଟେ ଗପ।
ସକାଳରୁ ରାତି
ରାତି ରୁ ସକାଳ
ସ୍ୱପ୍ନଂକ ଗହଳ
ଅହଂକାର ର
ଜୀବନ୍ୟାସ ସବୁ ବେଳେ ।
ତୋଳ ବାକୁ ଥିଲା ଛାତ
ଗପ ହେଇ ଗଲ ତ'
ଲୋଡ଼ା ପଡ଼ିଲାନ
ରାଗ ରୁଷା ର ସୁଅ ।
ତମେ ଗପ ହେଇ ଥାଅ
ଭଲ ।

କୋଲନରା, ରାୟଗଡ଼ା ଜିଲ୍ଲା

# ଅକ୍ଷୟ ତୃତୀୟା



ବାସନ୍ତୀ ଲତା ଜେନା

ସୁଜଳା ସୁଫଳା ଶସ୍ୟ ଶ୍ୟାମଳା ଆମ ଉତ୍କଳ ପ୍ରଦେଶ । ଆରାଧ୍ୟ ଦେବତା ବଡ଼ ଠାକୁର ପ୍ରଭୁ ଶ୍ରୀଜଗନ୍ନାଥ । ତାଙ୍କର ନୀତି କାନ୍ତିକୁ ଧରି ଓଡ଼ିଶାର ବାରମାସରେ ତେର ପର୍ବ ପାଳନ ହୁଏ । ରାତି ପାହିଲେ ଅକ୍ଷୟ ତୃତୀୟା । ସନିଆର ବାପା ମା ଙ୍କର ଆନନ୍ଦ କହିଲେ ନ ସରେ । ସନିଆର ବାପା ରଘୁଆ ହାଟକୁ ଯାଇ ନୂଆ ଗଉଣି, ନୂଆ ବୋଝ କିଣି ଆଣିଛନ୍ତି । ନିଜ ପାଇଁ ଧୋତି ଗାମୁଛା କିଣିଛନ୍ତି । ଆସନ୍ତା କାଲିକୁ ଧାନ ଅନୁକୂଳ ହେବ । ଜମିରେ ଅକ୍ଷିମୁଠି ବୁଣାଯିବ । ମା ଲକ୍ଷ୍ମୀଙ୍କୁ ସ୍ୱାମୀ ସ୍ତ୍ରୀ ଦ୍ୱିଜଣ ଯାକ ବାରବାର ଡାକୁଛନ୍ତି । ମା ଗୋ ଏ ବର୍ଷ ଯେମିତି ଫସଲ ଭଲ ହେଉ । ରାତିରେ ଖିଆ ପିଆ ସାରି ସନିଆ, ରଘୁଆ, ରତନୀ ଓ ରଘୁଆର ମା ଶୁକୁରି ଶୋଇ ପଡିଲେ । ବଡି ଭୋରୁ ରତନୀ ଉଠି ଦାଣ୍ଡ ଦୁଆରରେ ଗୋମୟ ପାଣି ଛାଟିଲା । ଘର ଦ୍ୱାର ଲିପା ପୋଛା କଲା । ଶୌଚ ସାରି ତରତରରେ ଗାଧୋଇ ପଡିଲା । ଅରୁଆ ଚାଉଳ ବାଟି ବୋଝ, ଗଉଣୀକୁ ଝୋଟି ଚିତାରେ ସଜାଇଲା । ଦାଣ୍ଡ ଦୁଆରରେ ଝୋଟି ଦେଲା । ସେଠାରେ କଳସ ଗୋଟିଏ ବସାଇଲା । କଳସ ତଳେ ଧାନ କିଛି ରଖିଲା । ଆମ୍ବ ଡାଳ ତା ଉପରେ ଥୋଇଲା । ଦୁବ, ବରକୋଳି ପତ୍ର ଓ ଫୁଲ ରଖି କଳସରେ ସଜାଇଲା । ଧୂପ ଦୀପ, ଚନ୍ଦନ, ସିନ୍ଦୂର ସବୁ ରଖିଲା । ବୋଝରେ ଧାନ ରଖି ହଳଦୀ, ଚନ୍ଦନ, ସିନ୍ଦୂର ଲଗାଇ ଦେଲା । ଗଉଣିରେ ଚକୁଳି ପିଠା କ୍ଷିରୀ କରି ରଖିଲା । ଏହି ସମୟରେ ରଘୁଆ ଗାଧୋଇ ନୂଆ ଲୁଗା ପିନ୍ଧି ସେଠାକୁ ଆସିଲା । ରଘୁଆ ମହାଲକ୍ଷ୍ମୀଙ୍କୁ ଭୋଗ ଲଗାଇଲା । ରଘୁଆର ସ୍ତ୍ରୀ ରତନୀ ଶଙ୍ଖ ବଜାଉଥାଏ । ହୁଳହୁଳି ପକାଉଥାଏ ।

ରଘୁଆ ଅକ୍ଷୀ ମୁଠି ବୁଣିବା ପାଇଁ ଧାନ ବୋଝ ଓ ଗଉଣି ଧରି ଜମିକୁ ବାହାରିଲା । ସାଙ୍ଗରେ ତାର ପୁଅ ସନଆ ଗଲା ହଳ ଲଙ୍ଗଳ ନେଇ । ଜମି ପାଖରେ ପହଂଚ ରଘୁଆ ଜମିର ପୂର୍ବ ଦିଗରେ ଐଶାନ୍ୟ କୋଣରେ କଛି ମାଟି ଖୋଳ ସେଠାରେ ଗୁଆ ଓ ଅକ୍ଷୀ ମୁଠି ବୁଣି ମାଟି ଘୋଡାଇ ଦେଲା । କ୍ଷିରୀ, ପିଠା ଥୋଇ ଭୋଗ ଲଗାଇଲା । ଧୂପ ଦୀପ ଜାଳଲା । ମା ଲକ୍ଷ୍ମୀଙ୍କୁ ଆରାଧନା କରି କହିଲା କୃପା କରିବୁ ଲୋ ମା, ଏ ବର୍ଷ ଯେପରି ଫସଲ ଭଲ ହେବ । ପେଟ ପାଟଣା କଥା । ଦୟା କରିବୁ ଲୋ ମା । ଏତିକ କହି ସାଷ୍ଟାଙ୍ଗ ପ୍ରଣିପାତ କଲା ।

ତା ପରେ ଜମିରେ ମୁଠା ମୁଠା ଧାନ ଛାଟି ଜମିକୁ କର୍ଷଣ କଲା । ଦିନ ଦ୍ୱିପ୍ରହରରେ ଅକ୍ଷୀ ମୁଠି ବୁଣି ରଘୁଆ ଘରକୁ ଫେରିଲା । ଖାଇ ପିଇ ଟିକେ ଦାଣ୍ଡ ପିଣ୍ଡାରେ ଶୋଇ ପଡିଲା । ଗଛ ଲତାର ସୁଲୁସୁଲୁ ପବନରେ ରଘୁଆକୁ ନଦ ହୋଇଗଲା । ସନଆର ଜେଜେମା ଦାଣ୍ଡ ପିଣ୍ଡାରେ ବସି ଆମ୍ବରୁ ଚୁପା ଛଡାଉ ଥିଲେ । ଆମ୍ବୁଲ କରିବା ପାଇଁ । ସନଆ କହିଲା, ଜେଜେମା ଅକ୍ଷୀ ମୁଠି ତ ବାପା ବୁଣି ଦେଲେ । ଆଜି ଦିନକୁ ଅକ୍ଷିମୁଠି ଦିନ ନ କହି କାହିଁକ ଅକ୍ଷୟ ତୃତୀୟା କହନ୍ତି ? ଜେଜେମା ତାକୁ ବୁଝାଇ କହିଲେ ଅକ୍ଷୟ ମାନେ ଯାହାର କ୍ଷୟ ନାହିଁ । ତୃତୀୟା ମାନେ ନତି । ଅର୍ଥାତ ବୈଶାଖ ମାସ ଶୁକ୍ଳ ପକ୍ଷ ତୃତୀୟା ତିଥିକୁ ଅକ୍ଷୟ ତୃତୀୟା କହନ୍ତି । ଏହି ଦିନ ଯେଉଁ କର୍ଯ୍ୟ କଲେ ସବୁ କାର୍ଯ୍ୟ ଶୁଭ ହୋଇ ଥାଏ । ଏହା ଓଡ଼ିଶାର କୃଷି ଭିତିକ ଗଣ ପର୍ବ । ପବିତ୍ର ଦିବସ । ସିଦ୍ଧିର ଦିବସ । ଆଜିର ଦିନରେ ପାଞ୍ଜି ଦେଖି ଶୁଭ ଦିନ ନର୍ଣ୍ଣୟ କରିବା ଦରକାର ହୁଏ ନାହିଁ । ଅକ୍ଷୟ ତୃତୀୟରେ ଗୃହ ନର୍ମାଣ, ଗୃହ ପ୍ରତିଷ୍ଠା, ବିବାହ, ଉପନୟନ ଯାହା କଲେ ସବୁ ଶୁଭ ହୁଏ ।

ଜାଣିଛୁ ସନଆ ! ଆଜି ଦିନରେ ମା ସୀତା ଜନ୍ମ ହୋଇ ଥିଲେ । ରାଜା ଜନକ ଜଣେ ରାଜା ହେଲେ ବି ସେ କୃଷି କାର୍ଯ୍ୟ କରୁ ଥିଲେ । ଅକ୍ଷୟ ତୃତୀୟା ଦିନ ସେ ଅକ୍ଷୀ ମୁଠି ବୁଣି ଜମିରେ ହଳ କରୁଥିବା ସମୟରେ ସୀତାଙ୍କୁ ମାଟି ତଳୁ ପାଇ ତାଙ୍କୁ ନଜ ଝିଅ କରି ରଖି ଥିଲେ । ସୀତା ଭୂମିରୁ ଜନ୍ମ ହୋଇ ଥିବାରୁ ତାଙ୍କୁ ଭୂମିଜା ବୋଲି କହନ୍ତି । ସନଆ କହିଲା ଆଉ କଣ ହୁଏ ଜେଜେମା ? ସୁକୁରି କହିଲା ଆଜି ଦିନରେ ବଳଦେବଙ୍କର ରେବତୀଙ୍କ

ସହିତ ବିବାହ ହୋଇ ଥିଲା । ଭଗବାନ ବିଷ୍ଣୁ ଷଷ୍ଠ ଅବତାରରେ ପର୍ଶୁରାମ ରୂପେ ଜନ୍ମ ନେଇ ଥିଲେ ପୃଥିବୀ ପୃଷ୍ଠରେ । ଆଜି ଦିନରେ ଜୟ ଦେବ ଜନ୍ମ ହୋଇଥିଲେ । ସେ ଗୀତ ଗୋବିନ୍ଦ ଲେଖି ଥିଲେ । ସେହି ଗୀତ ଶୁଣି ବଡ଼ ଠାକୁର ଶୋଉଥିଲେ । ଆଜି ଦିନରେ ବଡ଼ ଠାକୁରଙ୍କର ରଥ ଯାତ୍ରା ପାଇଁ ରଥ କାଠ ଅନୁକୂଳ ହୁଏ । ଚନ୍ଦନ ଯାତ୍ରା ଆରମ୍ଭ ହୁଏ । ଶ୍ରୀଜଗନ୍ନାଥ ଓ ଲିଙ୍ଗରାଜ ପ୍ରଭୁ ଗ୍ଧପ ଖେଳନ୍ତି । ଅର୍ଥାତ ଜଳ କ୍ରୀଡା କରନ୍ତି । ଏ ସବୁ ଘଟିଥିଲା ସତ୍ୟ ଯୁଗ ଶେଷ ଓ ତ୍ରେତୟା ଯୁଗ ଆରମ୍ଭରେ । ସନଆ କହିଲା, ଜେଜେମା ! ତୁମେ ଏତେ କଥା କେଉଁଠୁ ଜାଣିଲ ? ଜେଜେମା କହିଲେ ଏ ସବୁ ପୁରାଣରେ ଲେଖା ଅଛି । ତୁ ପଢିଲେ ବହୁତ କଥା ଜାଣି ପାରିବୁ ।

ଗାନ୍ଧୀନଗର, ନବରଙ୍ଗପୁର

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **5** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /

editor.vedantimagazine@gmail.com

ହ୍ୱାଟସଆପ୍ ନଂ-9594993733

# ଏଇ କ ମଣିଷ ପଣିଆଁ



ଗୁପ୍ତେଶ୍ୱର ଗନ୍ଧ

ଧନ୍ୟ ଆହେ ସ୍ରଷ୍ଟା ଧନ୍ୟ ତୁମ ସୃଷ୍ଟି
ବିଚିତ୍ର ଲାଗେ ଦୁନିଆଁ ।
ତୁମେ ଦେଇ ଥିବା ବିବେକ ବିଚାର
ଦୟା କ୍ଷମା ହେଲା ଲୁଣିଆଁ ॥1
ପର ଉପକାର ସମ୍ବେଦନଶୀଳ
ଆଦି ସବୁ ଗୁଣ ଅଲଣା ।
ମଣିଷ ଜନମ ମିଳିଛି ସିନା ହେ
ମଣିଷ ରେ ନୋହିଲା ଗଣା ॥2
ମୂର୍ଖ କାଳିଦାସ ପରି ଆଚରଣ
ବସିଲା ଡାଳ ହେଲା ହଣା ।
ଆଖି ଥାଉଁ ଥାଉଁ ଦିବସ ସମୟେ
କି ଦୁଃଖ ହେଲେ ବାଟ ବଣା ॥3
ଯେଉଁ ତରୁ ଲତା ଜୀବନ ରଖିଛି
ପୋଡ଼ି ଦେଲୁ ଲଗାଇ ନିଆଁ ।
ଶାନ୍ତ ସରଳ କେତେ ଯେ ନିରୀହ
ପଶୁ ପକ୍ଷୀ ଭୟେ ଛାନିଆଁ ॥4
ଗୋ'ମାତା ର କ୍ଷୀର ପିଇ ତୁ ବଂଚିଲୁ
ଏବେ ହୋଇଲୁ ଅମାନିଆଁ ।
ବଳଦ ବାପୁଡ଼ା ପରି ବନ୍ଧୁ କାହିଁ
ତାକୁ ତୁ ଭାବିଲୁ କୁଣିଆଁ ॥5

ନଡ଼ା ଖାଇ ସିଏ ଦିନ ବଂଚୁଥିଲା
ତା' ଆହାର ନେଲୁ ଛଡ଼ାଇ ।
ବୃଦ୍ଧ ବୟସରେ ଘରୁ ତଡ଼ି ଦେଲୁ
କଣି ନେଲା ତାକୁ କସାଇ ॥6
ଜନ୍ମ ଦାତା ପିତା ମାତା ଙ୍କୁ ନ ପୋଷି
ଶୋକରେ ମାରିଲୁ କନ୍ଦାଇ ।
ତୋ' ସ୍ନେହ ଆଦର ଟିକେ ପାଇବାକୁ
ହୋଇଥିଲେ କେତେ ଆଶାୟୀ ॥7
ଶେଷରେ ପତ୍ନୀର କଥାରେ ପଡ଼ି ତୁ
ବୃଦ୍ଧାଶ୍ରମ କୁ ଦେଖାଇଲୁ ।
ବିବେକ ତୋହର ବାଧା ଦେଲା ନାହିଁ
କେଡ଼େ ମନ୍ଦ କର୍ମ ତୁ କଲୁ ॥8
ଦୁଃଖୀ ଗରୀବ ଙ୍କୁ ତିରସ୍କାର କଲୁ
ଭିକ ମୁଠିଏ ବି ନ ଦେଲୁ ।
ସଂସାର ର ବଡ଼ ଧନୀ, ମାନୀ, ଜ୍ଞାନୀ
ବୋଲି ତୁ ନିଜକୁ ଭାବିଲୁ ॥9
ଦେବଙ୍କୁ ଦୁର୍ଲଭ ଏ ଦିବ୍ୟ ଜୀବନ
ଭାବ ତୋ ସାର ଦେଖାଣିଆଁ ।
ଏଥି ପାଇଁ ଆଜି ଭୋଗୁ ଏ ଯାତନା
ଏଇ କ ମଣିଷ ପଣିଆଁ ॥10

ଗ୍ରା/ପୋ :-ସମାସିଂହା.
ଜିଲ୍ଲା -ଝାରସୁଗୁଡା

# ମୋ ପିତା



ଦେବାର୍ଚ୍ଚନ ମେହେର

ବାପା ତୁମ ଠାରୁ ବଡ଼ ଏ ସଂସାରରେ ନାହିଁ କେହି,
ନିଜର ସବୁ ଦୁଃଖ କଷ୍ଟ ରଖ ଗୁପି, ସନ୍ତାନ ମୁଖ ଚାହିଁ।।-୧

ସକାଳୁ ବାହାରି ସନ୍ଧ୍ୟା ରେ ଫେର କର୍ମ କରି,
କେତେ ପରିଶ୍ରମ କର ସନ୍ତାନ ପାଇଁ ରାତିଦିନ ଏକ କରି।।-୨

ନିଜେ ଭୋକ ଉପାସରେ ରହି ସନ୍ତାନ ମୁହେଁ ଦିଅ ଆହାର,
ଆକାଶ ଠୁ ବଡ଼ ତୁମେ ବାପା ମୋର।।-୩

ଜନ୍ମ ଜନ୍ମ କରି ସାତ ଜନ୍ମ ନେଲେ ଶୁଝି ପାରିବିନି ବାପା ତୁମ ଋଣ,
ଜଗତେ ଜିତିବି ଥିଲେ ତୁମ ଆଶିର୍ବାଦ ଜାଣ।।-୪

ମୁଁ ଅବାଟେ ଗଲେ ବାଟକୁ ଆଣଇ କାନ ଧରି ମୋର,
ବାପା ତୁମେ ହିଁ ମୋର ପରମେଶ୍ୱର ଠାକୁର।।-୫

କରେ ମୁଁ ପ୍ରଣତି ପଦ୍ମେ ତୁମ ପିତା,
ଧନ୍ୟ ତୁମ ତ୍ୟାଗ, ବଳଦାନ ଧନ୍ୟ ତୁମରି ଗାଥା।।-୬

ଗ୍ରାମ - ବାପୁଜିନଗର
ଜିଲ୍ଲା – ବୌଦ୍ଧ

# ଅକୁହା କଥା

ଦୀପକ କୁମାର ନାୟକ

ମଣିଷ ଜୀବନରେ
ଅନେକ ଘଟଣା ଦୁଘଟଣା ଘଟିଥାଏ ।
କଛି କଥା ସେ ଭୁଲିଯାଏ
କଛି କଥା ଭୁଲିପାରେନା
ଯୋଉ କଥା ଭୁଲିପାରେନେ
ସେ କଥା ଅକୁହା କଥା ।
ଜୀବନର ଚଲାପଥ କେବେ କଣ୍ଟା
କେବେ ପୁଣି ଫୁଲ,
ଛାତି ତଳେ ଗୋଟେଏ ହୃଦୟ ଟେ ଅଛି,
ସବୁ ସ୍ମୃତି ରଖେ ସାଇତୀ
ଜୀବନରେ ସେ କେବେ ପାଇଗଲେ
ଆପଣା ଲୋକକୁ
କହେ ସେ ସ୍ମୃତି
ସେ ସ୍ମୃତି ତ ଏକ
ଅକୁହି କଥା
ଅକୁହା କଥା

ଧର୍ମଶାଳା, ଯାଜପୁର

# ଅତିମାନସର ମନ



କାଳକଙ୍କର

ମନୋଜ ଦାସଙ୍କ ଘର ମୋ ଘରଠାରୁ ବେଶ କଛି ଦୂରରେ । ତେବେ ତାଙ୍କ ଘର ଗାଁ ଓ ମୋ ଘର ଗାଁ ଭିତରେ ବିଶେଷ କଛି ପ୍ରଭେଦ ନଥାଏ । ଭେଗଭ୍ଇର ଅଧିକାଂଶ ଗାଁର ଭୌଗଳକ ସ୍ଥିତି ପ୍ରାୟ ଏକପ୍ରକାରର । ନଈ ସମୁଦ୍ର ପରିବେଷ୍ଟିତ ଏହି ଭେଗଭ୍ଇ ଅଞ୍ଚଳ । ପାନ, ଧାନ, ମୀନରେ ସମୃଦ୍ଧ ଅଞ୍ଚଳ ଆଦିମ କାଳରୁ । ଏହା ଏକ ସମୃଦ୍ଧ ଦ୍ୱୀପଟିଏ ଥିବାର କଥା କହିଛନ୍ତି ପ୍ରଖ୍ୟାତ ଐତିହାସିକ ମନ୍ମଥ ଦାସ, ମନୋଜ ଦାସଙ୍କର ବଡ ଭ୍ଇ ଓ ଭେଗଭ୍ଇର ଅନ୍ୟତମ ସୁଯୋଗ୍ୟ ସନ୍ତାନ । ସେହି ଦ୍ୱୀପରେ ଏହି ଦାସ ପରିବାର ଅନେକ ଭୂ-ଭ୍ଗର ଅଧିକାରୀ ଥିଲେ । ମନ୍ମଥ ଓ ମନୋଜଙ୍କ ପୂର୍ବରୁ ଅର୍ଥାତ ତାଙ୍କ ପିତା ମଧୁସୂଦନ ଦାସଙ୍କ ପୂର୍ବରୁ କେତେ ପିଢି ଯେ ସେହି ଦ୍ୱୀପର ଜମିଦାର ଥିଲେ ତାର କୌଣସି ତଥ୍ୟ ମହଜୁଦ ନାହିଁ । ତେବେ ସାଗର-ଦ୍ୱୀପ ନାମରେ ଏହି ଦ୍ୱୀପଟି ଅତୀତରେ ପ୍ରସିଦ୍ଧ ଥିଲ୍ବୋଲି କୁହାଯାଏ ।

ଜମ୍ବୁମାଳ ନାମକ ଜଣେ ସାଗର କନ୍ୟା ସାଗରର ଉପରେ ଖେଳ ଖେଳ ଭୂ-ଭ୍ଗକୁ ଆସୁଥିଲେ ଓ ଭୂଦେବଙ୍କ କନ୍ୟା ବିଶାଳାକ୍ଷୀଙ୍କ ସହ ଖେଳୁଥିଲେ । ସମୟକ୍ରମେ ସେମାନ ବନ୍ଧୁତ୍ୱ ଅତ୍ୟନ୍ତ ନିବିଡ ହେବାକୁ ଲ୍ଗିଲ୍ । ଦୁହେଁ ଦୁହିଁଙ୍କୁ ନଦେଖିଲେ କଷ୍ଟ ଅନୁଭବ କରୁଥିଲେ । ତେବେ ଯେତେବେଳେ ସାଗର କନ୍ୟା ଜମ୍ବୁମାଳ ଯେତେବେଳେ ଚ୍ହୁଁଥିଲେ ସେ ଭୂଦେବଙ୍କ ଭୂମିକୁ ଆସି ବିଶାଳାକ୍ଷୀଙ୍କୁ ଭେଟିପାରୁଥିଲେ । କନ୍ତୁ ବିଶାଳାକ୍ଷୀ ଯେବେ ଚ୍ହିଁଲେ ସାଗର ଭିତକୁ ଯାଇ ଜମ୍ବୁମାଳଙ୍କୁ ଭେଟିପାରୁ ନଥିଲେ । ଦିନେ ବିଶାଳାକ୍ଷୀଙ୍କର ମନ ବହୁତ ବ୍ୟାକୁଳ ହେଲ୍ ଜମ୍ବୁମାଳଙ୍କୁ ଭେଟିବା ପାଇଁ । ସେ ଭ୍ବିଲେ ଯେ ଯେମିତି ଜମ୍ବୁମାଳ ପାଣିରେ ଆସି ପୁଣି ଫେରିଯାଆନ୍ତି, ସେ ସେମିତି ଯାଇ ତାଙ୍କୁ ଭେଟି ଆସିବ । ସମୁଦ୍ର ଭିତରର ସବୁ ସୁନ୍ଦର ଜିନଷ ଦେଖି ଆସିବ । ଏହା ଭ୍ବେ ସେ ସାଗର ପାଣିର ଭିତରକୁ ଯିବାପାଇଁ ଲ୍ଗିଲେ । ସାଗରର ଢେଉମାନେ କହିଲେ – ରେ କନ୍ୟା, ତୁମେ ଶୀଘ୍ର ଫେରିଯାଅ,

ନହେଲେ ବିପଦ ପଛରୁ ଆସୁଛି ଅର୍ଥାତ ବିଶାଳ ଅମାନିଆ ଢେଉ ଆସୁଛି ଯେ ତୁମକୁ ଭିଡି ନେଇଯିବ ।

ହସିଲା ବିଶାଳାକ୍ଷୀ । କହିଲା, ମୁଁ ସାଗର କନ୍ୟା ଜମ୍ବୁମାଳର ବାନ୍ଧବୀ, ଏଣୁ ମୋର କେହି କଛି ଅନଷ୍ଟ କେମିତି କରିବେ? ହଠାତ ବିଶାଳ ଢେଉ ଆଖି ପିଛୁଳାକେ ଆସି ବିଶାଳାକ୍ଷୀକୁ ଟାଣି ନେଇଗଲା ବହୁତ ଦୂରକୁ । ଏ ଖବର ଜମ୍ବୁମାଳଙ୍କୁ ମିଳିଲାରୁ ସେ ସାଗରକୁ ଜମ୍ବୁମାଳ ଟଣାହୋଇ ଯାଇଥିବା ଜଳରାଶି ପର୍ଯ୍ୟନ୍ତ ପଛକୁ ଯିବାକୁ ବାଧ କଲା । ସେହି ଭୂଭାଗ ସାଗର-ଦ୍ୱୀପ ନାମରେ ନାମିତ ହେଲା ଓ ଏହି ଭୁଇଁରେ ଅନାଦି କାଳରୁ ଏକ ଅତ୍ୟନ୍ତ ସୁନ୍ଦର ମନ, ବିଶାଳ ହୃଦୟ ଓ ଅପରିସୀମ ସମୃଦ୍ଧିର ସ୍ଥାନ ଗ୍ରହଣ କଲା । ଭାଗ୍ୟ ଓ ଭୋଗର ଭୂଇଁ ଭୋଗରାଇ ନାମରେ ନାମିତ ହେଲା । ସଭ୍ୟତା, ସଂସ୍କୃତି ଓ ସାହି ଏ ଭୁଇଁରେ ଫଳପ୍ରସୂ ହେଲା ।

କୁହାଯାଏ ଏ ଭୁଇଁରେ ବହୁ କାଳରୁ ଅତିମାନସ ଶକ୍ତି ବିରାଜିତ ହୋଇଛି । ଏ ଭୂଇଁ ଛୁଇଁଲାପରେ ରାବଣ ଭଳି ଅସୁର ଶିବଙ୍କୁ ନେଇଯାଇ ପାରିନାହିଁ ଏବଂ ଛାଡି ଦେଇଯାଇଛି ଯିଏ ବାବା ଭୂଷଣ୍ଡେଶ୍ୱର ନାମରେ ପୂଜା ପାଉଛନ୍ତି ଏବଂ ସେହି ସ୍ଥାନର ଅଅତି ଦୂରରେ ମାଆ ବିଶାଳାକ୍ଷୀ ବା ମାଆ ବାଶୁଳଙ୍କ ମନ୍ଦିର ଅବସ୍ଥିତ । ମନୋଜ ଦାସଙ୍କର ଜନ୍ମ ଏହି ସାଗର ଦ୍ୱୀପରେ ।

ମନୋଜଙ୍କର ମାମୁଁଙ୍କ ଘର ସେହି ସାଗର କୂଳରେ ଏକ ଗାଁ । ଆଧୁନକ ଶଙ୍ଖାରି ଠାରୁ ଚାରିପାଞ୍ଚ କୃଶ ବାଟ । ମାମୁଁ ଘରକୁ ଯିବା ବାଟରେ ପଡେ ଶ୍ୱେତପଦ୍ମ ବା ରକ୍ତପଦ୍ମ ପୁଷ୍କରିଣୀ । ସାଗର କନ୍ୟା ବିଶାଳାକ୍ଷୀଙ୍କ କାହାଣୀ ପରି ଥିଲା ଆଉ ଏକ କାହାଣୀ । ଆଧୁନକ ସୁବର୍ଣ୍ଣ ରେଖା ନଈ ସେହି ସାଗର ଦ୍ୱୀପ ନକଟରେ ମିଶିଥିଲା ସମୁଦ୍ର ଭିତରେ । ନଈକୂଳରେ ବାସ କରୁଥିବା ଜଣେ ଧୀବର କନ୍ୟାଙ୍କୁ ଅତ୍ୟଧିକ ପ୍ରେମ କରୁଥିଲେ ଏକ ରାଜୁ ନାମକ ଜାତିର ଯୁବକ । ତେବେ ସେତେବେଳେ ଏହି ସାଗର ଦ୍ୱୀପ ଅଞ୍ଚଳରେ ଜାତିଆଣ ପ୍ରଥା ଅତ୍ୟନ୍ତ ବିଷମ ଥିଲା । ଏଣୁ ଏ ପ୍ରେମିକ ଓ ପ୍ରେମିକାଙ୍କର ମିଳନ ସମ୍ଭବ ନଥିଲା । ଧୀବର କନା ନାବ ଚାଳନାରେ ନପୁଣା ଥିଲେ । ସେ ଆପଣାର ପ୍ରେମିକଙ୍କୁ ଏକ ନାବରେ ବସେଇ ମୁହାଣକୁ ଗଲେ । ସେମାନଙ୍କର ବିଶ୍ୱାସ ଥିଲା ଯେ ସାଗର ପଥରେ ସେମାନେ ଦୂରକୁ ଚାଲିଯିବେ ଯେଉଁଠି କୌଣସି ବାଧା ଓ ବନ୍ଧନ ନଥିବ । କନ୍ତୁ ମୁହାଣ ଅତିକ୍ରମ କରି ଯେମିତି ସାଗର ଢେଉର ସେମାନେ ସମ୍ମୁଖୀନ ହୋଇଛନ୍ତି, ନେଇଛନ୍ତି ଜଳ

ସମାଧି । କୁହାଯାଏ ଯେ ସେଇଠି କାଳକ୍ରମେ ଦୁଇଟି ପୁଷ୍କରଣୀ ସୃଷ୍ଟି ହେଲା । ସାଗର ପଛକୁ ଘୁଞ୍ଚିଗଲା । ସେ ଦୁଇ ପୁଷ୍କରିଣୀରେ ଫୁଟିଲା ଶ୍ୱେତ ପଦ୍ମ ଓ ରକ୍ତ ପଦ୍ମ । ମନୋଜଙ୍କ ଶୈଶବର ସେହି ଦୁଇ ପୁଷ୍କରଣୀ ଥିଲା ମାମୁଁଘର ଯିବାର ପଥପାର୍ଶ୍ୱରେ ।

ମନୋଜ ଦାସ ଛାତ୍ର ଜୀବରୁ ଏକ ସ୍ୱତନ୍ତ୍ର ମନ ନେଇ ବିଚରଣ କରୁଥିଲେ । ଏକ ସମ୍ପନ୍ନ ପରିବାରରେ ସେ ଜନ୍ମ ନେଇଥିଲେ ତେବେ ସମାଜ ମଧ୍ୟରେ ଯେଉଁ ଶ୍ରେଣୀ ବିଭଜନ, ଯେଉଁ ଦୁଃଖ ସେ ସବୁ ସେହି ମନକୁ ଆଲୋଡ଼ିତ କରୁଥାଏ । ସେ ଶ୍ରେଣୀହୀନ ସମାଜ ଗଠନର ସ୍ୱପ୍ନ ଦେଖିଲେ । ଧନୀ, ଦରିଦ୍ର, ଉଚ୍ଚ ନୀଚ ପାତର ଅନ୍ତର ହୀନ ସମାଜ କେମିତି ହେବ ତାହା ଭାବିବାକୁ ଲାଗିଲେ । ସେ ସାମ୍ୟବାଦୀ ଚନ୍ତା ଚେତନାରେ ଉଦବୁଦ୍ଧ ହେଲେ । ଛାତ୍ରମାନଙ୍କର ନେତୃତ୍ୱ ନେଲେ, କବିତା, ପ୍ରବନ୍ଧ, ଗଳ୍ପ ଲେଖିଲେ । ରକ୍ତ ପଦ୍ମର ଆଭା ବିଚ୍ଛୁରିତ ହେଲା ଅର୍ଥାତ ଏକ ଅନନ୍ୟ ମନ ତାଙ୍କୁ ଆଚ୍ଛାଦିତ କଲା ଯାହା ପରବର୍ତ୍ତୀ ସମୟରେ ତାଙ୍କ ଜୀବନର ଗତିପଥକୁ ସମ୍ପୂର୍ଣ୍ଣ ବଦଳେଇ ଦେଲା ।

କେହି କେବେ ଚନ୍ତା କରି ନଥିଲେ ଯେ ଏହି କ୍ରାନ୍ତିକାରୀ ରକ୍ତପଦ୍ମା ମନର ମଣିଷ ଶ୍ରୀ ଅରବିନ୍ଦ ଆଶ୍ରମ ଯିବ ଓ ଶ୍ରୀ ଅରବିନ୍ଦଙ୍କ ସାବିତ୍ରୀ ମହାକାବ୍ୟ ଭିତରେ ତଲ୍ଲୀନ ହୋଇ ଶ୍ୱେତପଦ୍ମର ଶୋଭା ଓ ଆଭା ବିଚ୍ଛୁରିତ କରିବ । ୧୯୪୯ ମସିହାରେ ପ୍ରକାଶ ପାଇଥିବା ତାଙ୍କର ପ୍ରଥମ କବିତା ସଂକଳନ ଶତାବ୍ଦୀର ଆର୍ତ୍ତନାଦ ପଢିଲେ ବୁଝିହେବ ଆଗାମୀର ବାର୍ତ୍ତା ।

ମନୋଜ ବାବୁ କୁଜଙ୍ଗ ରାଜ ପରିବାରର କନ୍ୟା ପ୍ରତିଜ୍ଞା ଦେବୀଙ୍କୁ ବିବାହ କରି ସୁଖୀ ଦାମ୍ପତ୍ୟ ଜୀବନର ଆରମ୍ଭ କଲେ । ଏକ ପୁତ୍ର ସନ୍ତାନର ଜନକ ହୋଇଥିଲେ ହେଁ ସେ ସନ୍ତାନର ଅକସ୍ମାତ ମୃତ୍ୟୁ ହୁଏତ ତାଙ୍କ ଜୀବନର ଗତିପଥ ବଦଳେଇ ଦେବାରେ ସାହାଯ୍ୟ କରିଥାଇପାରେ ।

୧୯୮୫-୮୬ ମସିହାର କଥା । ସେତେବେଳେ ମୁଁ ସମ୍ବଲପୁରରେ ରହି ଏମ.ଏଡ୍. କରୁଥିଲି । ସମ୍ବଲପୁର ମାତୃନିବାସ ଓ ସେଠାରେ ସ୍ଥାପିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ସହ ଜଡିତ ଥିଲି । ସେହି ମାତୃନିବାସ କେନ୍ଦ୍ରରୁ ପ୍ରକାଶ ପାଉଥିବା ବିକାଶ ପତ୍ରିକାର ମୁଁ ସମ୍ପାଦକ ଥିଲି । ସେହି ସମୟରେ ପ୍ରଥମଥର ମୁଁ ମନୋଜବାବୁଙ୍କୁ ଭେଟିଥିଲି । ସେ ଦିନେ ସନ୍ଧ୍ୟାରେ ମାତୃନିବାସ ପରିସରର ଜୀବନ ଓ ମୃତ୍ୟୁ ସମ୍ପର୍କରେ

ଶ୍ରୀମା ଶ୍ରୀଅରବିନ୍ଦ ଶୀର୍ଷକ ବିଷୟରେ ବକ୍ତବ୍ୟ ରଖିଥିଲେ । ତା ପୂର୍ବରୁ ସେ ମାତୃନବାସର ସମସ୍ତ ଅନୁଗତଙ୍କୁ ଭେଟିଥିଲେ ଓ ପାଠଚକ୍ରରେ ଯୋଗ ଦେଇଥିଲେ । ମନୋଜବାବୁ ଓ ମୁଁ ଗୋଟିଏ ମାଟିରୁ ଜନ୍ମ, ତାଙ୍କ ବଡ ଭାଇ ଥିଲେ ମୋର ଉତ୍କଳ ବିଶ୍ୱବିଦ୍ୟାଳୟର ଗୁରୁ ତଥା ମୁଁ ଲେଖାଲେଖି କରୁଥିବା ଜାଣି ସେ ବହୁତ ଖୁସି ହୋଇଥିଲେ । ତେବେ ସେ ମୋତେ କଥାଟିଏ କହିଥିଲେ ଯାହା ମୁଁ ତାଙ୍କର ଅତିମାନସ ମନର ମହତ୍ୱକୁ ଅନୁଭବ କଲି । ମନୋଜ ବାବୁ କହିଲେ, "ଏ ପୃଥିବୀରେ ଅତିମାନସ ଶକ୍ତିର ଅବତରଣ ହୋଇସାରିଛି ସେଥିପାଇଁ ତ ଶ୍ରୀ ଅରବିନ୍ଦ ଓ ମାଆଙ୍କ ଆବିର୍ଭାବ ଏବଂ ଏ ମନୋଜ ଦାସର ପଣ୍ଡିଚେରୀ ପ୍ରସ୍ଥାନ । ସେ କହିଥିଲେ, ସମାଜ ଓ ସାହିତ୍ୟ ଉଭୟର ପଥ ସୁଦୂର ପ୍ରସାରୀ କିନ୍ତୁ ଆମକୁ ଚାଲିବାକୁ ହେବ ଅତିମାନସର ମନ ଦେଇ ।

ତାପରେ ମୁଁ ମନୋଜ ବାବୁଙ୍କୁ ଦୀର୍ଘ ବର୍ଷ ସାକ୍ଷାତ କରିନାହିଁ । ବିହାର ଓ ଝାଡଖଣ୍ଡରେ ଚାକରୀ କଲାବେଳେ ଶ୍ରୀ ଅରବିନ୍ଦ ଆଶ୍ରମର ବାବାଜୀ ମହାରାଜ, ପ୍ରପତ୍ତିଜୀ, ଚିତ୍ତ ଭାଇ, ରାଜୁ ଭାଇନା ଓ ମନୋଜ ବାବୁ ଆଦିଙ୍କ ସହ ମୋର ପତ୍ରାଳାପ ହେଉଥାଏ । ବାବାଜୀ ମହାରାଜ, ରାଜୁ ଭାଇନା, ଚିତ୍ତ ଭାଇନା ମୋର ପତ୍ର ମାନଙ୍କର ଅପେକ୍ଷାକୃତ ଦୀର୍ଘ ଉତ୍ତର ଦେଉଥିଲା ବେଳେ ପ୍ରପତ୍ତିଜୀ ଓ ମନୋଜ ବାବୁଙ୍କ ଉତ୍ତର ଥାଏ ଯଥେଷ୍ଟ ସଂକ୍ଷିପ୍ତ । ବେଳେବେଳେ ମନୋଜବାବୁଙ୍କ ପାଖରୁ ପତ୍ର ପ୍ରାପ୍ତିର ବିଳମ୍ବ ହୁଏ । ତେବେ ସେ ସେହି ବିଳମ୍ବର କାରଣ ମଧ୍ୟ ଖୁବ ସହଜରେ ଉଲ୍ଲେଖ କରିଥାନ୍ତି ।

ମନୋଜ ବାବୁଙ୍କ ସମ୍ପର୍କରେ ଲେଖି ବସିଲେ ଅନେକ କଥା ଲେଖିହେବ । ତାଙ୍କ ସାହିତ୍ୟ ସର୍ଜନା ଭିତରେ ମଧ୍ୟ ଅନୁଭବ କରିହୁଏ ଅତିମାନସର ମନ ।

ଅତିମାନସର ମୃତ୍ୟୁ ନାହିଁ ବୋଲି ଶ୍ରୀ ଅରବିନ୍ଦ ସାବିତ୍ରୀ ମହାକାବ୍ୟରେ ଉଲ୍ଲେଖ କରିଛନ୍ତି । ଏଣୁ ଅତିମାନସର ଏହି ସାଧକଙ୍କର ହୁଏତ ସ୍ଥୂଳ ଶରୀର ଆଉ ଆମ ସମ୍ମୁଖରେ ରହିବ ନାହିଁ ସତ କିନ୍ତୁ ତାଙ୍କର ଅତିମାନସର ମନ ସବୁବେଳେ ଆମକୁ ଆପଣାର ସାନ୍ନିଧ ଦେଇ ଚାଲିଥିବ ।

ଅଧକ୍ଷ, ଝାଡେଶ୍ୱର ଇଣ୍ଟର ନେସନାଲ ସ୍କୁଲ୍,
ବାଲେଶ୍ୱର-୧

# ପ୍ରଥମ ଦେଖାରେ



ଜୟ କୁମାର ମିଶ୍ର

ପ୍ରଥମ ଦେଖାରେ, ସ୍ମୃତି ଘର କରେ
ହୃଦୟ କନ୍ଦରେ ମୋର,
ରୂପ ସୁଷମାଟି, ରହିଛି ସାଇତି
ଉଙ୍କି ମାରେ ବାର ବାର ॥(1)
ତୁମେ ଜାଣ ନାହିଁ, ଗ୍ଭେରିଇ ନେଇଛି
ତବ ରୂପ, ସେହି ଦିନ
ଏକା ଏକାନ୍ତରେ, ମନ ଗ୍ଭଇଜରେ
ସ୍ମୃତିରେ ଦେଖେ ସପନ ॥(2)
ଅଭୁଲା ଅତୀତ, ତୁମ ରୂପ ଚନ୍ଦ
ମନ ମନନରେ ଛାପ,
ଗୋପନ ପୀରତି, ହୋଇ ନାହିଁ ଇତି
କରେ ଆଜି ଅନୁତାପ ॥(3)
ନଥିଲା ସାହାସ, ଦେବାକୁ ସନ୍ଦେଶ
ଦେବାକୁ  ଗୁପତ କଥା,
ବାହାନା ଛଳନା, ଅକାରଣ ହେଲା
ପ୍ରୟାସ ହୋଇଲା ବୃଥା ॥(4)
ସମୟ ସୁଅରେ, ତୁମେ ଗ୍ଭଲିଗଲ
ପର ହାତ ଧରି ସାଥେ,
ଅସୁମାରୀ ଆଶା, କଳ୍ପନାର ବସା
ଧୋକା ଦେଇ ଗଲା ମୋତେ ॥(5)
ପରିସ୍ଥିତି ଦାସ, ଭାଗ୍ୟ ବଳେ ବଶ୍ୟ
ହୋଇ କଲି ହାତ ଛଡା,

ମନ କାଚ ଘର, ହେଲା ଚୁର ମାର
ହୋଇ ସେତ ଫଡା ଫଡା ‖(6)
କାଳ ନୀର ବହେ, ଜୀବନ ନଈରେ
ଦୁଃଖ ସୁଖ ଢେଉ ପରେ,
ସାଗର ସଙ୍ଗମ, ଅବଶୋଷ ଭ୍ରମ
ନାହିଁ ଏହି ଜୀବନରେ ‖(7)
ଝୁରେ ନିତି ଦିନ, ସେହି ଆକର୍ଷଣ
ଅଭୁଲା ହୋଇଛି ଆଜି,
ପାଉଁଶ ତଳର, ନିଆଁ ହୋଇ ସେତ
ବେଳେ ବେଳେ ଦହେ ହେଜି ‖(8)
ଭୁଲ ବୁଝିବନି, ରଖି ପାରିଲିନି
ମନର ଗୋପନ କଥା,
ଖୋଲି କହିଦେଲି, ଏତେ ଦିନ ପରେ
କରି ମନେ ବହୁ ଚିନ୍ତା ‖(9)
ଗୋପନ ସପନ, ରୂପ ଯଉବନ
ପ୍ରେରଣା ଦେଇଛି କେତେ,
ଆଗକୁ ଆଗକୁ, ଗତି କରିବାରେ
ସାହାଯ୍ୟ ମୋ ଚଲା ପଥେ ‖(10)
ସବୁ ସପନତ, ସତ ହୁଏ ନାହିଁ
ଇଚ୍ଛା ସବୁ ଫଳେ ନାହିଁ,
ଇଚ୍ଛା ସପନଟି , ସ୍ୱଜାତ ପ୍ରବୃତି
ସବୁରି ପ୍ରାଣୀଙ୍କ ପାଇଁ ‖(11)
ମନ ଆକାଶର, ଉଡ଼ନ୍ତା ବିହଙ୍ଗ
ଡେଣା ଝାଡ଼ି ଉଡି ବୁଲେ,
ବୁଲି ବୁଲି ଯେବେ, ହୁଅଇ ନୟାନ୍ତ
ବସା କରେ କେଉଁ ଡାଳେ ‖(12)

ଗ୍ରାମ-ବୁଦୁରୁ, ଜିଲ୍ଲା-ଗଜପତି

# ମୌସୁମୀ

ମନୋରମା ମହାନ୍ତି

ମଉସୁମୀ ତୁମ
ଆସିବାର ବାର୍ତ୍ତା
ଶୀତଳତା ଭରି ଦେଉଛି !
ତୁମରି ଶୀତଳ
ମଧୁର ପରଶ
ସତେ କି ଏ ମନ ଗୁହୁଁଛି !
ବଇଶାଖୀ ଝାଞ୍ଜି
ଜାଳ ଦେଇଥିଲା
ଯେତେ ଥିଲା ସବୁଜିମା !
ଭିଜା ଭିଜା ତୁମ
କଁଅଳ ପରଶେ
ପଲ୍ଲବୀ ଉଠିବ ଏ ଦୁନିଆ !!

# କାହିଁ ସେ ରଜ ମଉଜ



ପ୍ରାଧାପିକା ଜ୍ୟୋସ୍ନା ରାୟ

କାହିଁ ସେ ରଜ ମଉଜ କାହିଁ ସେହି ସଜବାଜ
କାହିଁ ସେହି ମହମହ ପ୍ରୀତିର ମହକ
କାହିଁ ସେ ଆପଣାପଣ କାହିଁ ସେ କୁଆଁରୀ ମନ
ଅପୂର୍ବ ଉଲ୍ଲାସ ଭରା ଖୁସିର ଚମକ,
କରୋନା ବସିଛି ଏଠି ଡେରାବାନ୍ଧି ମାରୁଛି କୁହାଟ
ଲହର ପରେ ଲହର କରୁଛି ସେ କଲବଲ
ସ୍ନେହପ୍ରୀତି ସୁଖଶିରୀ ସବୁକୁ ଆକଟ
ଜୀବନ ଜ୍ୟୋତି ନଷ୍ଟପ୍ରଭ ଜୀବିକା ବ୍ୟାହତ
ଭାଙ୍ଗିଛି ସୁଖ ସଂସାର ଛିଣ୍ଡିଛି ମମତା ଡୋର
ସଂଶୟର କଜ୍ଜଳ ଛାଇ ଭୟଗ୍ରାସେ ସବୁରି ଅନ୍ତର..
ଖୁସିର ଲହରୀ ନାହିଁ ଗାଁ କି ସହରେ
ରଜ ଦୋଳ ଝୁଲୁନାହିଁ ଆମ୍ବ ବଗିଚାରେ
ନାହିଁ ଆଜି ସାଙ୍ଗମେଳ ପୁଚ ବାଗୁଡିର ଖେଳ
କଣ୍ଢେଇର ବାହାଘର ଗୀତ ନାଚ ମଉଚ୍ଛବ
ଆସୁନାହିଁ ଭାଉର କି ବେଭାର
ଜମୁନାହିଁ ତାସ ଲୁଡୁ ପଶାପାଲି ମେଳ
ଅନୁଭବି ହେଉନାହିଁ ପାର୍ବଣ ପୁଲକ କିଛି
ଭାରି ଫିକା ଫିକା ଲାଗେ ରଜପର୍ବ ରଜ ସଜବାଜ
ବୋଉହାତ ପୋଡପିଠା, ଆରିଷା, କାକରା, ମିଠା
ଜାତିଜାତି ମିଠାପାନ, ନବବସ୍ତ୍ର ପରିଧାନ

ମଥାର ସେ କୁଙ୍କୁମଚନ୍ଦନ
ସ୍ମୃତି ହୋଇ ଭସିଆସେ ମନଦର୍ପଣରେ..
ଗୃହବନ୍ଦୀ ଜୀବନରେ ଏକା ଏକା ରହି
ବନ୍ଧୁ ଅବା ସଂଙ୍ଗୋଳବ କେମିତି କେ କାହିଁ
ସୁଖ ନାହିଁ ସ୍ୱପ୍ନ ନାହିଁ ଉଦାସ ଆଖିରେ
ରୋଗୀ ହୁଏ ଛଟପଟ ଦୁଃଖଯନ୍ତ୍ରଣାରେ
ବଞ୍ଚିବାର ସ୍ୱପ୍ନ ଦେଖେ ଏକନୋ ଅପେକ୍ଷାରେ
ଅପେକ୍ଷା ଉପେକ୍ଷା ହୁଏ ଜିତୁଜିତୁ ହାରିଯାଏ
ଏ ମଣିଷ କେବେ କେବେ ଜୀବନ ଯୁଦ୍ଧରେ
ଶବ ଖୋଜେ ରାମନାମ ଖଇକଉଡିରେ
ସମ୍ପର୍କ ଗୁମୁରି କାନ୍ଦେ ଏକଲା ପଣରେ
ଜୀବନ ଝୁଲୁଛି ଛାଏଁ ଅରକ୍ଷଝୁଲାରେ
ନିଃଶ୍ୱାସ ବିଶ୍ୱାସ ମରେ କରୋନା କୀଳାରେ
ଉଗ୍ର ଆଧୁନିକତାର ଅନୁକରଣରେ
ଅନ୍ଧ ଏ ମଣିଷ ଆଜି ନଷ୍ଟଭ୍ରଷ୍ଟ
ନିଜ ଗୋଡ ମାରିଛି ସେ ନିଜ କୁରାଢିରେ
ହଜାଇଛି ସୁଖଶାନ୍ତି ନିଜ ନିଜ ନିର୍ବୋଧପଣରେ
ହରାଇ ମାଟିମା ପ୍ରୀତି ଜୀବନର ରୀତିନୀତି
ସଂସ୍କୃତି ଓ ପରମ୍ପରା ମିଶାଏ ମାଟିରେ
ରଜଦୋଳ ଝୁଲୁଥାଏ ସ୍ମୃତିର କାନ୍ଧରେ
ସ୍ମୃତି କାନ୍ଦେ କଇଁକଇଁ ସମୟ ଫାଙ୍କରେ ॥

ବାଲେଶ୍ୱର, ଓଡ଼ିଶା

# ସାମ୍ପ୍ରତିକ ସମୟବୋଧ



ଡକ୍ଟର ମନୋରଞ୍ଜନ ବିଷୋୟୀ

ଏକବିଂଶ ଶତକର ବିଶ୍ୱ ସମଗ୍ର ଜଗତ ପାଇଁ ଆଣିଛି ଏକ ଅବିଶ୍ୱାସନୀୟ ପରିବର୍ତ୍ତନ । ଜଗତୀକରଣର ଦୃଷ୍ଟିଭଙ୍ଗୀ ନେଇ ଆଜି ସମଗ୍ର ବିଶ୍ୱ ହୋଇଛି ଗୋଟିଏ ପରିବାର । ବୈଷୟିକ ଜ୍ଞାନର ବିକାଶ ଫଳରେ ପୃଥିବୀର କୋଣ ଅନୁକୋଣରେ ଘଟିଯାଉଥିବା ଘଟଣା ମୁହୂର୍ତ୍ତକ ଭିତରେ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି । ପୃଥିବୀର ଯେକୌଣସି ଅଞ୍ଚଳରେ ଘଟୁଥିବା ଏକ ଆକସ୍ମିକ ବିପର୍ଯ୍ୟୟ ସମଗ୍ର ବିଶ୍ୱପାଇଁ ଆଣିଛି ସମାନ ଭାବରେ ଦୁଃଖଦ ସ୍ମୃତି । ଏପରିକି ବିଜ୍ଞାନର ଚରମ ଅଭ୍ୟୁଦୟ ଯେତିକି ଆଣିଛି ସମନ୍ୱୟ, ସେତିକି ବି ସୃଷ୍ଟି କରିଛି ବିପର୍ଯ୍ୟୟ । ଯାହାର ଜ୍ୱଳନ୍ତ ଉଦାହରଣ ସଂପ୍ରତି ଦେଖାଦେଇଥିବା ପରିସ୍ଥିତି ।

ପ୍ରକୃତପକ୍ଷେ କହିବାକୁ ଗଲେ ଆଜି ମଣିଷ ମୁହୂର୍ତ୍ତ ସର୍ବସ୍ୱ ମନସ୍ଥିତିକୁ ନେଇ କାଳ ଅତିବାହିତ କରୁଛି । ଅତୀତର ପ୍ରଲମ୍ବିତ ଯୁଗସର୍ବସ୍ୱ ମନୋବୃତ୍ତି ଆଜି ତିରୋହିତ । ଆଜି ମଣିଷ ପରିବର୍ତ୍ତିତ ପରିସ୍ଥିତି ସହ ସାଲିସ୍ କରିବାକୁ ବାଧ୍ୟ । ସାମ୍ପ୍ରତିକ କାଳରେ ଛଳନାମୟ ରାଜନୈତିକ ଯାତ୍ରା, ଫମ୍ପା ମୂଲ୍ୟବୋଧର ଜୟଗାନ, ମାନବୀୟ ଦୃଷ୍ଟିଭଙ୍ଗୀର ଅବମୂଲ୍ୟାୟନ ସହ ସମ୍ପର୍କ ଓ ସଂପ୍ରୀତିର ମୃତ୍ୟୁ ଘଟିଛି । ପ୍ରତିଷ୍ଠା ଓ ସ୍ୱୀକୃତି କାଙ୍ଗାଳ ମଣିଷ ବସ୍ତୁବାଦୀ ଦୃଷ୍ଟିକୋଣର ମୋହରେ ଆତ୍ମମଗ୍ନ ହୋଇଉଠିଛି । ଭୋଗସର୍ବସ୍ୱ ମନୋବୃତ୍ତି ଆଜି ମଣିଷକୁ ମଣିଷ ପାଖରେ ବିଭେଦର ରେଖା ଟାଣି ଠିଆ କରାଇଛି । ସଂପ୍ରତି ଏହି ସମସ୍ୟା କେବଳ ବ୍ୟକ୍ତିର ନୁହେଁ; ଏହା ହେଉଛି ସମୟର । ମଣିଷପଣିଆର ଡୋରି କ୍ରମେ ଶିଥିଳ ହେବାରେ ଲାଗିଛି । ଆଜି ପାରସ୍ପରିକ ସଂପ୍ରୀତି ଓ ସୌହାର୍ଦ୍ଦ୍ୟ

ପର୍ଯ୍ୟବେସିତ ହୋଇଛି । ଦେଶ ଠାରୁ ଆରମ୍ଭ କରି ବିଦେଶ ସର୍ବତ୍ର ଆଜି ମଣିଷ ଆପଣାର ପ୍ରାପ୍ତି ପାଇଁ; ନିଖିଳ ବିଶ୍ୱକୁ ଉପେକ୍ଷା କରିଚାଲିଛି ।

ଏ ପରିପ୍ରେକ୍ଷୀରେ କହିରଖେ; ବ୍ୟକ୍ତି ଏକ ବୃହତ୍ତର ପରିସରରେ ସଂଚରିତ ହେବାର ଅଭିପ୍ରାୟ ରଖି ସୃଷ୍ଟି କରିଛି ସମାଜ । ବୃହତ୍ତର ମଣିଷର ସ୍ୱାର୍ଥ ସିଦ୍ଧି ଏବଂ କଲ୍ୟାଣ ଉଦ୍ଦେଶ୍ୟରେ ସମାଜର ପରିକଳ୍ପନା । ସମାଜକୁ ଶୃଙ୍ଖଳିତ କରିବା ଏକ ସାମୂହିକ କଲ୍ୟାଣର ପ୍ରତିଫଳନ ମାତ୍ର । ନୀତି, ଆଦର୍ଶ, ଚଳଣି ଓ ବିଶ୍ୱାସ ବଞ୍ଚିବାର ମାର୍ଗ ଉପରେ ପର୍ଯ୍ୟବେସିତ । ସମୟର ଧାରାରେ କିନ୍ତୁ ଆଜି ମୂଲ୍ୟବୋଧ କ୍ରମଶଃ ଏକ କ୍ଷୟିଷ୍ଣୁ ପଥରେ ଗତି କରୁଛି । ଦିନେ ଉପନିଷଦୀୟ ଅଭିବ୍ୟକ୍ତିର ମଣିଷ ଥିଲା ଅମୃତର ସନ୍ତାନ । ଏ ବିଶ୍ୱ ଏକ ମହତ୍ କାର୍ଯ୍ୟ ସମ୍ପାଦନ ଦିଗରେ ମଣିଷ ସୃଷ୍ଟିଲାଭ କରିଥିବା ବିଶ୍ୱାସ କରାଯାଏ । ଜୀବନ ବ୍ୟକ୍ତିରୁ ଆରମ୍ଭ ହୋଇ ପରିବାରକୁ ଆଧାର କରି କ୍ରମେ ବୃହତ୍ତର ସମାଜ ଦିଗରେ ପରିବ୍ୟାପ୍ତ ହୋଇଥିଲା । କିନ୍ତୁ ଆଜିର ଏହି ସଂକଟମୟ ବିଶ୍ୱରେ ଜୀବନ ହୋଇଛି ସତତ ବିଦୀର୍ଣ୍ଣ ।

ଏଠାରେ କହିରଖେ; ଭାରତୀୟ ଅନୁଭୂତିରେ ଜୀବନ-ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏକ ଯାତ୍ରାପଥ ମାତ୍ର ନୁହେଁ । ଧର୍ମ, ଅର୍ଥ, କାମ, ମୋକ୍ଷ ପରି ଚତୁଃବର୍ଗ ପ୍ରାପ୍ତି ହେଉଛି ଜୀବନର ଲକ୍ଷ୍ୟ । ଏକଦା ମନୁଷ୍ୟ ବିଶ୍ୱାସ କରୁଥିଲା, ଏକ ବୃହତ୍ତର ସ୍ୱାର୍ଥ ସିଦ୍ଧି ପାଇଁ ଆତ୍ମ ଉତ୍ସର୍ଗ ହିଁ ହେଉଛି ଏକମାତ୍ର ପନ୍ଥା । ସମଗ୍ର ବସୁଧାକୁ ଏକ କୁଟୁମ୍ବ ଭାବରେ ପରିକଳ୍ପନା କରି ସାମୂହିକ ସ୍ୱାର୍ଥସିଦ୍ଧି ନିମନ୍ତେ ବ୍ୟକ୍ତି ଆପଣାକୁ ଉତ୍ସର୍ଗ କରିଥିଲା । କିନ୍ତୁ ପରିବର୍ତ୍ତିତ ପରିବେଶରେ ପରମ୍ପରା କ୍ରମେ ଗଢ଼ି ଆସୁଥିବା ଏହି ଚିନ୍ତାଧାରାରେ ପରିବର୍ତ୍ତନ ଆଜି ଜୀବନକୁ କରିଛି ବିପର୍ଯ୍ୟସ୍ତ । ଆପଣାର ସ୍ୱାର୍ଥସିଦ୍ଧି ପାଇଁ, ଅହରହ ଚେଷ୍ଟିତ ମଣିଷ ପ୍ରତ୍ୟେକ ମୁହୂର୍ତ୍ତରୁ ସଫଳତା ହିଁ ଖୋଜି ଚାଲିଛି । ପରିଣତି ସ୍ୱରୂପ ନା' ସେ ବ୍ୟକ୍ତିଗତ ଜୀବନରେ ପାଇଛି ପୂର୍ଣ୍ଣତା; ନା ସମୂହରେ ପାଇଛି ସ୍ୱୀକୃତି । ବାସ୍ତବିକ କହିବାକୁ ଗଲେ ସାଂପ୍ରତିକ ମଣିଷ ଆଜି ଦୁଇଟି ପୃଥିବୀର ଅଧିବାସୀ । ଗୋଟିଏ ଦିଗରେ ପରମ୍ପରାର

ପୃଥୀବୀ ତାକୁ ନିତ୍ୟ ପ୍ରତ୍ୟହ ଆନ୍ଦୋଳିତ କଲାବେଳେ, ଅନ୍ୟ ଏକ ପୃଥିବୀ ତାକୁ ପ୍ରତିଷ୍ଠା ଓ ସଫଳତା ଦିଗରେ ଉଚ୍ଚକିତ କରିଛି ।

ପରିଶେଷରେ କେବଳ ଏତିକି କହିବି- ସାଂପ୍ରତିକ ସମାଜରେ ସମସ୍ୟା ବିଜଡ଼ିତ ମଣିଷ ନିଶ୍ଚିତ ଭାବରେ ଏକ ବିଷଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଛି । କିନ୍ତୁ ଏ ବିଷଣ୍ଣତା, ଏ ଅସହାୟତା; ବ୍ୟକ୍ତିତ୍ୱର ପରାଜୟ ନୁହେଁ । ଭାରତୀୟ ପରମ୍ପରା ଯୁଗେଯୁଗେ ଦସ୍ୟୁ ରତ୍ନାକରରୁ ବାଲ୍ମୀକିରେ ରୂପାନ୍ତରଣ ପ୍ରକ୍ରିୟା ପାଇଁ ପଥ ଉନ୍ମୋଚନ କରିଥାଏ । ସେହି ଧାରାରେ ସମାଜର ପୁନଃଗଠନ ଓ ନୈତିକ ଉତ୍ତରଣ ନିମନ୍ତେ ସାମୂହିକ ଉଦ୍ୟମର ଆବଶ୍ୟକତା ରହିଅଛି ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର-୭୬୦୦୦୭

# ସମୟର ଚକ୍ର



ନରେନ୍ଦ୍ର ପ୍ରସାଦ ବେହେରା

ସ୍ୱାର୍ଥପର ଏହି  ମଣିଷ ସମାଜେ
ଚଳିବା କଷ୍ଟ ହେଲାଣି
ଧର୍ମ ପରିବର୍ତ୍ତେ  ଅଧର୍ମର ଭାର
ବଢିବଢି ଗଲାଣି  ।୧।

ରାଗ, ହିଂସା, ଦ୍ୱେଷ  ଗର୍ବ ଅହଙ୍କାର
କଲାଣି ସଭିଙ୍କୁ ନଷ୍ଟ
ଧର୍ମପଥ ଛାଡି  ଅଧର୍ମ ପଥରେ
ପାଉଛନ୍ତି ଆଜି କଷ୍ଟ  ।୨।

ମିଛପାଖେ ସତ  ବନ୍ଧାପଡେ ଆଜି
ଧର୍ମକାନ୍ଦ କଇଁ କଇଁ
ନ୍ୟାୟ ଦରବାରେ  ମିଳୁନାହିଁ ରାୟ
ଗରିବେ ସାହା ଗୋସାଇଁ  ।୩।

ଅନ୍ୟାୟ କରୁଛି  ବଳବାନ ବ୍ୟକ୍ତି
ଦୁର୍ବଳ ପାଉନ ନ୍ୟାୟ
ଧନବଳେ ଶକ୍ତି  ପ୍ରୟୋଗ କରୁଛି
କଏବା ହେବ ସହାୟ  ।୪।

ଗରୀବ ଜଣକ ନ୍ୟାୟପଥେ ରହି
କର୍ମକୁ କହୁଛି ବସି
ଧନବାନ ବ୍ୟକ୍ତି ଆଇନ୍ କଣୁଛି
ମନେ ମନେ ହୋଇ ହସି ।୫ ।

ଅତୀତର ସେହି ଘଟଣା ବଳୀକୁ
ମନେପକା ଥରେ ଭାଇ
ରହିନାହିଁ କେହି ରହିବେ ନାହିଁ ତ
ସମସ୍ତେ ଗଲେଣି ଶୋଇ ।୬ ।

କରନାହିଁ ଗର୍ବ ଅହଙ୍କାର ଆଉ
ଅତ୍ୟାଗ୍ଭରୀ ହୁଅ ନାହିଁ
ସମୟର ଚକ୍ର ଘୁରିଘୁରି ପୁଣି
ମୂଳକୁ ଆସିବ ଧାଇଁ ।୭ ।

ତଳ ବରଡାର ଖସିବାକୁ ଦେଖି
ଉପର ବରଡା ହସେ
ନ୍ୟାୟବନ୍ତ ସେହି ଡେଙ୍ଗା ତାଳଗଛ
ଦୂରକୁ ସୁନ୍ଦର ଦିଶେ ।୮ ।

ମିତ୍ୟାପାଖେ ବନ୍ଧା ପଡନାହିଁ ସତ୍ୟ
ହୋଇଯାଅ ସାବଧାନ
ବିନାଶର ବେଳ ହେଲାଣି ନିକଟ
ହେବ ତୁମେ ହୀନମାନ ।୯ ।

ବେଳ ଥାଉଥାଉ ହୋଇ ସାବଧାନ
ଗରିବଙ୍କୁ ନ୍ୟାୟ ଦିଅ
ଗ୍ଲଲିଯିବ ତୁମେ ଏ ମହିମଣ୍ଡଳୁ
ଭୋଗିବ ତୁମର ପୁଅ ।୧୦।

ଦିନପରେ ରାତି ରାତିପରେ ଦିନ
ବିଧିର ବିଧାନ ଏହି
ମଲାବେଳେ କେହି ନଥିବେ ସଙ୍ଗତେ
କର୍ମ ଏକାଥିବ ରହି ।୧୧।

ଆଳଦା, ଖଇରା, ବାଲେଶ୍ୱର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ମୋ ମନ ଆକାଶେ



ରାଜକିଶୋର ସାଇଁ

ଚକାଡୋଳା ହେ,
ସବୁ ତୋହରି ଲୀଳା
କାହାକୁ ହସାଉ କାହାକୁ କନ୍ଦାଉ
କାହାର ବୁଡାଇ ଦେଉ ତୁ ଭେଳା ।୦।

ଭଉଣୀ ସୁଭଦ୍ରା ଭାଇ ବଳିଆ
ଉଭା ତୁ ଏ ବେନ ସାଥେ କାଳିଆ
ନାହିଁ ତୋ ପାଖରେ ଛୁଆଁଅଛୁଆଁ
ଭକତର ତୁହି ଗଳାମାଳିଆ
ଭାଇ ଭଉଣୀ ଏ ବସିଛ ତୁନହେଁ
ଜଗତ ହିତରେ କରୁ ତୁ ଖେଳା ।୧।

ଦୂରେଇଯିବାରୁ ତୋଠାରୁ ମୁହିଁ
ଅନେକ ଯାତନା ପାଇଛି ସାଇଁ
ଆଖିର ଲୋତକେ ଡାକଇ ତୋତେ
ଦୋଷ ମୋର କ୍ଷମା କରିଦେ ଚତ୍ତେ
କ୍ଷମାଶୀଳ ପଣେନାହିଁ କେହି ଜଣେ
ତୋ ସରି ହୋଇବ ହେ ନନ୍ଦବଳା ।୨।

ତୁ ପରା ସଭିଙ୍କ ପରାଣ ଇନ୍ଦୁ
ଦୟା କ୍ଷମାର ତୁ ଅଗାଧ ସିନ୍ଧୁ

ଅନ୍ଧାରେ ଆଶାର ଆଲୋକ ତୁହି
ତୋବିନୁ ଜୀବନ ମଶାଣି ଭୂଇଁ
ତୋ କରୁଣା ବିନା ମିଳେନ ଠିକଣା
ଏ ଭବ ସରିତେ ବୁଡେ ମୋ ଭେଳା ।୩।

ନୟନୁ ନିଦ୍ରା ମୋ ଯାଇଛି ହଜି
ତୋ ଲାଗି ମନ ମୋ ବିକଳ ଆଜି
ହୃଦୟ ହୁଅଇ ଅତି ଅଧିର
ବେଦନା ଭରା ଏ ଜୀବନ ମୋର
ତୋ କୃପା ସଲିଳ ବୁନ୍ଦାଇ ମିଳଲେ
ପ୍ରଶମିତ ହେବ ମୋ ଦୁଃଖ ଜ୍ୱାଳା ।୪।

ମୋ ମନ ଆକାଶେ ରହିଛୁ ତୁହି
କାୟା ପଛେ ଯେହ୍ନେ ପଡଇ ଛାଇ
ତୋ ଠାରୁ ଏଣିକ ମୋତେ ହେ ହରି
ପାରିବେନ କେହି ଅଲଗା କରି
ନିରାଶ ନ କରି ଭରସା ଦିଅ ହେ
ଶରଣ ତୋ ପାଦେ ହେ ଭବଭୋଳା ।୫।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

# ଦୁଇଟି କବିତା



ଆଶୁତୋଷ ମେହେର

## ୧) ଆଶା

ଫୁଲ ପାଖୁଡାରେ ଭରାହସ ଦେଖି
ମନେ ପଡେ ତୁମ କଥା
ଅବୁଝା ଭାବରେ ମୁହଁ ମୋଡି ଗଲ
ମନେ ଭରି କେତେ ବ୍ୟଥା**!!**
କହି ବି ହୁଏନା ସହି ତ ପାରେନା
ମନ ଗହନ ର ଭାବ
ଭାବ ଅଭାବରେ ଏତେ ରାଗ ରୁଷା
ପିରତି ରେ କବା ଲାଭ**?**
ଅନାଇ ବସିଛି ତୁମ ବାଟ ସଖୀ
ଫେରି ତ ଆସିବ ଦିନେ
ସଂସାର ସାଗରେ ପୁଣି ସାଥୀ ହେବା
ଆଶା ଯେ ବାନ୍ଧିଛି ମନେ।

**

୨)ର୍ସ

ରଙ୍ଗ ଅବିରକୁ ବୋଳ ଦେଲି ଯେବେ
ମୁରୁକ ଦେଲ ଯେ ହସି
ସେଇ ଧାରକ ତ' ବିଜୁଳୀ ଚମକ
ହୃଦେ ହୋଇଗଲା ଲେସି ।
ସେ ରଙ୍ଗ ଚମକ ଛୁଆଁ ର ମହକ
କେତେ ଶିହରଣ ଭର୍
ଶୀତଳ ପରଶ ମନେ ଭରି ଦିଏ
ପୁନେଇ ଜୋଛନା ଧାର୍ ।
ଇନ୍ଦ୍ରଧନୁ ସାତ ରଙ୍ଗ ପସର୍ ସେ
ମହମହ ପ୍ରେମ ବାସ
ସ୍ୱର୍ଗୀୟ ମାଧୁରୀ ମନ ଅଗଣାରେ
ଅଜଣା ପୁଲକ ର୍ସ ।

୫୪ ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪

# ଜୀବନ ଯମୁନାରେ



ଅଭିମନ୍ୟୁ ବେହେରା

ସେଦିନ ବି ଯମୁନାରେ ଭୀଷଣ ଜୁଆର ଆସିଥିଲା । ଫୁଲି ଉଠିଥିଲା ଯମୁନାର ଗର୍ଭ, ଅଥଳ ଜଳରାଶି । କଂସ କାରାଗାରରେ ବନ୍ଦୀନ ମାତା ଦେବକୀଙ୍କର ଅଷ୍ଟମ ଗର୍ଭକୁ ନିଜ ମସ୍ତକରେ ବହନ କରି ମଥୁରାରୁ ଗୋପପୁରକୁ ନେଇ ଯାଉଥିବା ବସୁଦେବ ସେଦିନ ଅନୁଭବ କରିଥିଲେ ସ୍ୱଚକ୍ଷୁରେ ଦର୍ଶନ କରିଥିଲେ ଯମୁନାର ଜୁଆରକୁ । କଳା ଅନ୍ଧାର ବର୍ଷା ରାତିର ସେ ଦୃଶ୍ୟକୁ । ହର୍ଷରେ ଗର୍ବରେ ଫୁଲି ଉଠିଥିଲା ଯମୁନାର ଛାତି କାରଣ ଭଗବାନ କୃଷ୍ଣ ତା ଦେହରେ ପାଦ ଦେଇ ପାରିହେବେ । ତା ଜୀବନ ଧନ୍ୟ ହେବ ଠିକ୍ ଯେମିତି ରାମ ଅବତାରରେ ଅଭିଶପ୍ତ ପାଷାଣୀ ଅହଲ୍ୟା ଉପରେ ପାଦ ଦେଇ ଶାପ ମୁକ୍ତ କରିଥିଲେ ତାଙ୍କୁ, ସେଇ ରାମ ସେଇ କୃଷ୍ଣ ମୁକୁନ୍ଦ ମାଧବ ମୁରାରୀ ....... । ଯାହାଙ୍କ ଆସିବା ଖୁସିରେ ଯମୁନା ଫୁଲି ଉଠିଥିଲା ତା ବକ୍ଷରେ ଜୁଆର ଉଠିଥିଲା ତାଙ୍କରି ଦର୍ଶନ ପାଇବା ପରେ ଯମୁନାର ଭଟ୍ଟା ପଡିଥିଲା ।

ସେଦିନ କୃଷ୍ଣଙ୍କର ଜୀବନର ମୋଡ ହୁଏତ ଅଲଗା ଥିଲା ମାତ୍ର ଆଜି ମଣିଷ ଜୀବନ ଯମୁନାରେ ଯୋଉ କରୋନାର ଜୁଆର ଉଠିଛି ଯାହା ଥମିବାର ନାଁ ନେଉଛି ନା ଭଟ୍ଟା ପଡୁଛି। କେମିତିଉଦ୍ଧାର ପାଇବ ଏ ମଣିଷ ଜାତି ଏ ମହାମାରୀ କରୋନା କବଳରୁ । ଆଉ କେତେଦିନ ଉଜୁଡି ଚାଲିଥିବ ଜୀବନ ଆଉ ଜୀବିକା । ଜୀବନ ଯମୁନାରେ କରୋନାର ଜୁଆର ଲହର ପରେ ଲହର । ଅଭାବର ପର୍ବ ଚାରିଆଡେ ଯେମିତି ରାଜୁତି କରି ଚାଲିଛି । ରୋଗୀ ପାଇଁ ଅକ୍ସିଜେନର ଅଭାବ କରୋନା ଟିକାର ଅଭାବ ଜୁଇ ଜଳିବା ପାଇଁ ଜାଗାର ଅଭାବ ମଶାଣିର ଅଭାବ ମାଟି ପିଣ୍ଡ ମାଟିରେ ମିଶିବା ପାଇଁ ମାଟିର ଅଭାବ । କରୋନାରେ ମୃତ ବ୍ୟକ୍ତିଙ୍କୁ ମଶାଣି ପର୍ଯ୍ୟନ୍ତ ବୋହିନେବାକୁ ଛଅ ଖଣ୍ଡ କାଠର ଅଭାବ । ସହଯୋଗର ଅଭାବ ଶବକୁ ଚାରିକାନ୍ଧର ଅଭାବ ମାନବିକତାର ଅଭାବ । ମଣିଷକୁ କାମ ଧନ୍ଦାର ଅଭାବ ଖାଦ୍ୟର ଅଭାବ ଶିକ୍ଷାର୍ଥୀଙ୍କୁ ପାଠପଢାର ଅଭାବ ଆହା ପଦେର ଅଭାବ ମଣିଷ ପଣିଆର ଅଭାବ । ନୈତିକତାର ଅଭାବ ମନର ଅଭାବ ଜୀବିକା ଛାଡି ଜୀବିକାର ଅଭାବ । ଅଭାବର

ପର୍ବରେ ସବୁର ଅଭାବ ହେଲେ ଚଳବ ମାତ୍ର ମଣିଷ ପଣିଆର ଅଭାବ ହେଲେ ଏ ଦୁନିଆ ଚଳବ କେମିତି । ତା ପରର କାହାଣୀ ଅଭାବେ ସ୍ୱଭାବ ନଷ୍ଟ, ଚରିତ୍ରର ଅବକ୍ଷୟ, ସମ୍ପର୍କର ଅବକ୍ଷୟ, ସାଧୁତାର ଅବକ୍ଷୟ । ଏ ସବୁ ହେବା ଯେମିତି ସ୍ୱାଭାବିକ ହୋଇ ପଡିଛି । ଏ ସବୁ ପାଇଁ ମୂଖ୍ୟତଃ କରୋନା ଦାୟୀ । ଏ ସବୁକୁ ଆମେ ମର୍ମେ ମର୍ମେ ଅନୁଭବ କରି ସାରିଲେଣି ଏଇ କରୋନା କାଳରେ । ରାତି ପାହିଲେ କରୋନା ଖବର ଲକଡାଉନ୍ ସଟଡାଉନ୍ ଜୀବନ ଜୀବିକାର ଫର୍ଦ୍ଦ ପ୍ରଭୃତି ଧିରେ ଧିରେମ ଶିଷର ଦେହସୁଆ ହୋଇଗଲାଣି ନା ମଣିଷ ଏଥିରେ ଅଣନଶ୍ୱାସୀ ହୋଇପଡିଲାଣି ।

ଚାଣକ୍ୟ ନୀତି ଅନୁସାରେ ରୋଗ ପରି ଶତ୍ରୁ ନାହିଁ । ବର୍ଷବର୍ଷ ଧରି ଭାରତର ପଡୋଶୀ ଶତ୍ରୁ ଚୀନ ପଠାଇଥିବା ରୋଗ କରୋନା ଶତ୍ରୁ କେତେ ଭୟଙ୍କର ଖାଲି ଭାରତ ନୁହେଁ ସାରା ବିଶ୍ୱ ଅନୁଭବ କରିସାରିଲାଣି ।

କାମ, କ୍ରୋଧ, ମୋହ, ଲୋଭ ମଦ ମାତ୍ସର୍ଯ୍ୟ ପରି ଷଡରିପୁ ଯେଉଁମାନଙ୍କ ଠାରୁ ମଣିଷ ଯେତେ ଦୂରେଇ ରହିବ ସେତେ ଭଲ ମଣିଷ ହୋଇ ପାରିବ । ଷଡରିପୁଙ୍କ ପରେ ରୋଗ କଣ ମଣିଷର ଆଉ ଏକ ରିପୁ ନୁହେଁକି! ଷଡରିପୁ ଯେମିତି ସପ୍ତ ରିପୁ ପାଲଟିଛି ଆଉ ଏଇ ସପ୍ତ ରିପୁର ଦାଉ ମଣିଷ ସହି ଚାଲିଛି । ତଥାପି ମଣିଷ ଜିଇଁଛି । ଭବିଷ୍ୟତରେ ଜିଇଁବାକୁ ପଡିବ ମଧ୍ୟ । କଥାରେ ଅଛି ସ୍ୱାସ୍ଥ୍ୟହିଁ ସମ୍ପଦ । ସ୍ୱାସ୍ଥ୍ୟ ଭଲ ଥିଲେ ମଣିଷର ମନ ହୃଦୟ ଚନ୍ତାଧାରା ସବୁକିଛି ଭଲରହେ । ତେଣୁ ପ୍ରାଚୀନ ଋଷିମନୀଷି ମାନଙ୍କଠାରୁ ଆରମ୍ଭ କରି ସମସ୍ତେ ଏଥିରେ ଏକମତ । ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଉତ୍ତମ ଖାଦ୍ୟପେୟ ସହିତ ଯୋଗ ପ୍ରାଣାୟାମ ବ୍ୟାୟାମ ପ୍ରଭୃତି ସମସ୍ତଙ୍କ ପାଇଁ ଜରୁରୀ । ଖାଲି ଔଷଧ ପ୍ରତିଷେଧକ ନେଇଗଲେ ଚଳବନ ତତ ସହିତ ଯୋଗ, ପ୍ରଣାୟାମ, ବ୍ୟାୟାମ ତଥା ବିଭିନ୍ନ ପ୍ରକାର ପ୍ରାକୃତିକ ଚକିତ୍ସା ପଦ୍ଧତିର ଆବଶ୍ୟକତା ରହିଛି । ଖାଲି ସେତିକି ନୁହେଁ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଉତ୍ତମ ଦିନ ଚର୍ଯ୍ୟାର ଆବଶ୍ୟକତା ରହିଛି । ଜୀବନ ଯେତେ କର୍ମମୟ ହେଲେବି ଠିକ ସମୟରେ ଖଦ୍ୟପେୟ ବିଶ୍ରାମ ନେବା ଆବଶ୍ୟକ ଓ ତା ସହିତ ଯୋଗ ବ୍ୟାୟାମ ଆଦି ନୟମିତ କରିବା ଉଚତ । ତେବେ ଯାଇ ଏଇ କରୋନା କାଳରେ ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇପାରିବ । ଅମ୍ଳଜାନର ଅଭାବ ନୟନ୍ତ୍ରଣ ହୋଇ ପାରିବ ଇତ୍ୟାଦି ।

ସେ ରୋଗ ଶତ୍ରୁ କରୋନା ହେଉକ ପଡୋଶୀ ଶତ୍ରୁ ଚୀନ, ପାକସ୍ତାନ ହୁଅନ୍ତୁ ଆମକୁ ତାର ମୂଳ ଖୋଜିବାକୁ ପଡିବ । ଏଇ ପରିପେକ୍ଷୀରେ ତଥା କଥିତ ସମାଜର ଏକ ଛୋଟ ଲୋକଗଳ୍ପର ଉଦାହରଣ ନଆଯାଇପାରେ । କଥାଟି ହେଉଛି – କାହିଁକରେ ଫୁଲ ଗଛ ମଲୁ, ମୋତେ କାଳୀଗାଇ ଖାଇଦେଲା । କାହିଁକରେ କାଳୀଗାଇ ଖାଇଦେଲୁ ଫୁଲ ଗଛ ମରିଗଲା । ମୋତେ ଗଉଡ ଜଗିଲା ନାହିଁ । କାହିଁକରେ ଗଉଡ ଜଗିଲୁ ନାହିଁ – ମୋତେ ବଡବୋଉ ପାଉଣା ଦେଲା ନାହିଁ । କାହିଁକ ବଡବୋଉ ପାଉଣା ଦେଲୁ ନାହିଁ ଗଉଡ କାଳୀଗାଇକୁ ଜଗିଲା ନାହିଁ କାଳୀଗାଇ ଗଛ ଖାଇଗଲା ଫୁଲ ଗଛ ମରିଗଲା । ମୋ ପୁଅ କାନ୍ଦିଲା । କାହିଁକରେ ପୁଅ କନ୍ଦିଲୁ ମୋତେ ପିମ୍ପୁଡି କାମୁଡିଦେଲା । କାହିଁକରେ ପିମ୍ପୁଡି କାମୁଡିଲୁ? ପିମ୍ପୁଡି କହିଲା କଅଁଳଆ ମାଉଁସ ଦେଖିଲେ ମୋର କାମୁଡିବା ଇଛାହୁଏ । ଏହା ମୋର ପ୍ରକୃତି । ଫୁଲଗଛଟି କାହିଁକ ମଲା ତାର ମୂଳ କାରଣ ହେଉଛି ଦୁଷ୍ଟ ପିମ୍ପୁଡି । ଶେଷରେ ଫୁଲ ଗଛ ମରିବାର କାରଣ ଶତ୍ରୁ ପିମ୍ପୁଡିକୁ ଆବିଷ୍କାର କରିବାକୁ ହେଲେ ଏବଂ ତାର ମୂଳଉତ୍ପାଟନ କରିବାକୁ ହେଲେ କାରଣ ପଛର କାରଣ ଖୋଜିବାକୁ ପଡିବ, କାରଣ ପାଇଁ କାରଣ ଖୋଜିବାକୁ ପଡିବ । ତେବେ ଆମେ ଆମର ବିଦ୍ୟାବୁଦ୍ଧି ବଳରେ ପଡୋଶୀ ଶତ୍ରୁ ଚୀନ ଆଉ ତାର ପଠେଇଥିବା ଶତ୍ରୁ କରୋନାକୁ ଜିତିବାରେ ସକ୍ଷମ ହୋଇ ପାରିବା ।

ପୁରାଣ ପଠନରୁ ଆମେ ଜାଣିଛନ୍ତି ଯେ ଶିବ ବରରେ ହେଉକ ବିଷ୍ଣୁ ବରରେ ହେଉ କ ବ୍ରହ୍ମା ବରରେ ହେଉ ଏଇ ଅମର ବରରେ ବଳୀୟାନ ହୋଇ ରାକ୍ଷସ ଭାବିଥାଏ ତାର ମୃତ୍ୟୁ ନାହିଁ, ସେ ଅମର ବର ପାଇଛି, ସେ ମୃତ୍ୟୁକୁ ଜୟ କରିଛି ମାତ୍ର କୌଣସି ନା କୌଣସି ଗୋଟିଏ ଛୋଟ ରାସ୍ତା ଥାଏ ଆଉ ସେ ଭୁଲ କରିବ ସେ ଆଉ ଶେଷରେ ସେଇ ଭୁଲ ତା ମୃତ୍ୟୁର କାରଣ ହୋଇଥାଏ । ଠିକ ସେହିପରି କରୋନା ପରି ଶତ୍ରୁର ବିନାଶର କାରଣ କୋଉଠି ନା କୋଉଠି ରହିଥିବ ନଶ୍ଚୟ ଆଉ ସେଇ କାରଣ ଖୋଜି ପାରିଲେ କରୋନା ବିରୋଧୀ ଅଭିଯାନ ସଫଳ ନଶ୍ଚିତ ।

କୋଭିଡ ନୟମ ମାନବା ସରକାରଙ୍କ ଗାଇଡଲାଇନ ଅନୁସରଣ କରିବା, ଶେଷରେ କରୋନା ହାରିବ ମଣିଷ ଜିତିବ ପୁଣି ପୃଥିବୀ ହସିଉଠିବ ।

ଅଧ୍ୟକ୍ଷ – ମାଇଁ ପ୍ଲାନେଟ୍ ପବ୍ଲିକ୍ସ୍କୁଲ
ସ୍ୱାମପାଟଣା,କେନ୍ଦୁଝର

# ମିଠା କଥା

ବିଶ୍ୱରଂଜନ ପଣ୍ଡା

କଥା ରେ କଥାରେ ମଧୁର ବାର୍ତ୍ତା ରେ
ନଷ୍ଟେ ହୁଏ ମନ ଜିଣି
ଅକୁହା ଆବେଗ ଅମୋଘ ଅସ୍ତ୍ର ରେ
ହୃଦୟ କୁ ପାରେ କଣି ।।୧।।

କଥା ପଦେ ପଦେ ଭିଷ୍ୟ ଅନଳ ରେ
ଜଳେ ହୃଦୟ ପୁଣି
ଏ କଥା ଟିକକ ଯେ ସଜାଡି ଜାଣେ
ସେ ଏକା ଜ୍ଞାନୀ ଗୁଣୀ ।।୨।।

ମିଛ ଅହଙ୍କାର ଦମ୍ଭ ବାହାସ୍ଫୋଟ
ହୁଏ ଯେ ସର୍ବଦା ଭଣି
ତାକୁ ଯଦି ଜ୍ଞାନୀ ଗୁଣୀ ରେ ଗଣିବା
କେ ହେବ ଅଜ୍ଞାନୀ ପୁଣି ।।୩।।

ଲୋଡ଼ା ଯେତିକ ଭିସ ସେତିକ
ଜ୍ଞାନୀ ଙ୍କ ର ଏହି ବାଣୀ
ଅଲୋଡ଼ା କଥା ରେ କ ରସ ଅଛି ଯେ
ବୋଲୁ କବା ଅର୍ଥ ଜାଣି ।।୪।।

ବାକ୍ ସଂଯମତା ଆଚରଣ କରି
ସତ୍ୟବାଦୀ ମହାବୀର
କେତେ ଯେ ଦୁର୍ଭେଦ୍ୟ ଜ୍ଞାନ ର ରହସ୍ୟ
ଖୋଲିଦେଲେ ଆଗେ ଆଣି ।।୫।।

ଯେତିକ ମାତର କୌଶଳେ କହିବ
ମିଠା ମିଠା ପଦେ ପଦେ
ଜଗତ ଜନ ର ଚିତ୍ତ ଗ୍ଲେଇବ
ପ୍ରେମ ପାଶ ଯିବ ବୁଣି ।।୬।।

ମିଠା ମିଠା କଥା ଅଟେ ବଂଶୀ ସ୍ୱନ
କହି ଯାଅ ଅତି ଯତ୍ନେ
ବୀଣା ପାଣି ମାତା ସନ୍ତୁଷ୍ଟ ହୋଇବେ
ହୃଦ ଯମୁନା ବହିବ ଉଜାଣି ।।୭।।

ନବରଙ୍ଗପୁର
ଓଡ଼ିଶା

# ବିଶ୍ୱ ପରିବେଶ ଦିବସ



ବିଷ୍ଣୁପ୍ରିୟା ଦାସ

ଆସନ୍ତୁ ପାଳବା ବିଶ୍ୱ ପରିବେଶ ଦିବସ
ସାମାଜିକ ଗଣମାଧ୍ୟମରେ ଛାଇଯିବା
ହାତରେ ଧରକ ଗଛ-ମୁହଁରେ ମୁରୁକ ହସ
ସେପଟେ ଶାଗୁଣା, ବାଇ ଚଢେଇ
ଘରଚଟିଆଙ୍କ ବୁଡିଯାଉ ପଛେ ବଂଶ
ଆମେ କନ୍ତୁ ପାଳବା ବିଶ୍ୱ ପରିବେଶ ଦିବସ।

ବୁଢା ବରଗଛକୁ କାଟି ୫ଜି ଆରମ୍ଭ କରିବା
କଣ୍ଟ ସଡକକୁ ପୋତି କଂକ୍ରିଟରେ ଗ୍ଭଲିବା
ଗ୍ଭଳ ଛପର ଛାଡି ଛାତ ଘରେ ରହିବା
ଗଛମୂଳ ଛାଡି ଶୀତତାପ ନୟନ୍ତ୍ରଣରେ ଶୋଇବା
ସମୃଦ୍ଧିର ଡିଣ୍ଡିମ ପିଟି ପିଟି ହେଉ ପଛେ
ନଜେ ନଜର କରି ଗ୍ଭଲିଥିବା ସର୍ବନାଶ
ଆମେ କନ୍ତୁ ପାଳବା ବିଶ୍ୱ ପରିବେଶ ଦିବସ।

ଶଗଡ ସାଇକେଲ ଛାଡି ମଟର କାର ଚଢିବା
ଜଙ୍ଗଲ ଜମି କାଟି କଳ କାରଖାନା ଗଢିବା
ପ୍ରଦୂଷିତ ଆର୍ବଜନାକୁ ନଦୀରେ ଛାଡିବା
ଜଳ ସ୍ଥଳ ବାୟୁ ଆଦି କରି ପ୍ରଦୂଷଣ
କରୋନା ମହାମାରୀକୁ ଦେବା ନୟନ୍ତ୍ରଣ
ତା' ସହିତ ଆସିବେ କେତେ ଯେ ଝଡ ବତାସ
ଆମେ କନ୍ତୁ ପାଳବା ବିଶ୍ୱ ପରିବେଶ ଦିବସ!

ଗ୍ରାମ : ହୀରପୁର

# ବୟସ ନଦୀର ତୀରେ

ବେଣୁଧର ସୂତାର

ଅଳସୀ ଗତିର ବିଳାସୀ ସପନ
ଅମୀୟ ଆହ୍ଲାଦ ତୋଳେ
ରୂପ ଚନ୍ଦ୍ରିକାର ରୋମାଞ୍ଚିତ ଧାର
ଭସାମେଘ ଆଢୁଆଳେ
ସପନର ଫୁଲ ଝରେ
ପ୍ରୀତି ପାରିଜାତ ପ୍ରଣୟ କୁଞ୍ଜରେ
ନୀଳ ସମ୍ମୋହନ ଭରେ
ବୟସ ନଦୀର ତୀରେ ||

ସାଉଁଟୁ ଥିଲି ମୁଁ ସୁଧାମୟ ମଧୁ
ସ୍ୱପ୍ନଭିଜା ରଜନୀରେ
ପ୍ରୀତିସୁଧା ଖୋଜେ ମନ ପ୍ରଜାପତି
ପ୍ରିୟାଓଠ ଧାରେଧାରେ
ମିଠା ସପନର ପୁରେ
ସପନ ସୁନ୍ଦରୀ ମହକ ମାଧୁରୀ
ମନ ଆନମନା କରେ
ବୟସ ନଦୀର ତୀରେ ||

ଲାବଣ୍ୟବତୀର ରୂପ ପସରାରେ
ଅମାନିଆ ପ୍ରୀତି ଛନ୍ଦ
ଭିଜା ନିଶିଥର ମାଧୁର୍ଯ୍ୟ ମଧୁରେ
ଝରୁଥିଲା ମକରନ୍ଦ
ପ୍ରୀତିମୟ ଉପବନରେ
ମନ ଝୁମିଯାଏ ମୋହିନୀ ମାୟାରେ
ଅଳକାନନ୍ଦାର ଧାରେ
ବୟସ ନଦୀର ତୀରେ ||

ମନ ମଧୁଶାଳା ପୀରତି ଉଛୁଳା
ମୁକୁଳା ଯୌବନ ବନେ
ମାତବରୀ ଏଇ ବୟସ ଝୁମଇ
ପ୍ରିୟା ପ୍ରୀତି ଅନୁଦାନେ
ପ୍ରେମ ରଙ୍ଗ ଅଭିସାରେ
ସପନ କୁଞ୍ଜର ରେଶମୀ ଶେଯରେ
ପ୍ରୀତି ପଦ୍ମରାଗ ଝରେ
ବୟସ ନଦୀର ତୀରେ ||

ସପନେ ସପନେ ମନ ଉପବନେ
ମତୁଆଲା ପ୍ରୀତି ନିଶା
ଖୋଲିଗଲା ଯହିଁ ନୟନ ପେଟିକା
ମଉଳଲା ସ୍ୱପ୍ନ ଆଶା
ପ୍ରିୟା ମୋ ରହିଲା ଦୂରେ
ବିରହ ବ୍ୟଥାରେ ବିଦିର୍ଣ୍ଣ ବୁକୁରେ
ବେଦନା ଲହରି ମାରେ
ବୟସ ନଦୀର ତୀରେ ||

ବୟସ ନଦୀର ତୀରେ ମୁଁ ଖୋଜଇ
ପ୍ରିୟା ମୃଦୁ ପାଦଚହ୍ନ
ବିତିଗଲା ମୋର ରୂପରୁ ବୟସ
ଉଜୁଡିଲା ଯଉବନ
ପିଆସୀ ପରାଣ ଝୁରେ
ମାନସେ ପ୍ରିୟାର ରୂପଚନ୍ଦ୍ର ଆଙ୍କେ
ସପନର ବଲିଘରେ
ବୟସ ନଦୀର ତୀରେ ||

କେଶବଦୁରାପାଳ
କେନ୍ଦୁଝର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଲଘୁ ଆଲୋଚନା-
# ସତକଥା



ବଦ୍ରୀ ମହାନ୍ତି

ଏ ଗ୍ରହ କଥାକୁ ନେଇ ବଞ୍ଚିଛି ଓ ବିବିଧ କଥା ଓ ବ୍ୟଥାର କାରଣ ହୋଇ ଆସିଛି ଅନ କାଳରୁ । କଥାର ଭେକ ଓ ରଙ୍ଗର ସ୍ୱରୂପ ଯାହାବି ହେଉନା କାହିଁକ ଏହା ଉଦ୍ଭୂତ ହେଲ୍ ମାନେ ପୂର୍ଣଚନ୍ଦ୍ରଟିଏ ଉଇଁ ଆସେ ଶ୍ରୋତାର ମୁଖମଣ୍ଡଳରେ। ଗ୍ବରିପଟେ ହଠାତ ଫୁଟିଉଠନ୍ତି କଢ଼ ଫୁଲମାନେ।

ଭଲ କଥା, ଖର୍‌ପ କଥା ଓ ମିଛ କଥା ପରି ସତକଥାର ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି କଥା ଦୁନଆରେ । ସତକଥା କହି ହୁଏନା ବା କହିଲେ ଅନେକ ସମୟରେ ଥଇଥାନ କରି ହୁଏନା। ମଥା ଉପରେ ସଦାବେଳେ ବିପଦ ନାମକ ତଲ୍‌ଓ୍ୱାରଟିଏ ଝୁଲି ପଡିବାର ସମ୍ଭାବନା ଥିବାରୁ କଛି କୁହାଳ ଭ୍ବନ୍ତି-ସତକଥା କଆଁ ସଦା କହିବି ସତକଥା କହି କଆଁ ମାରିବି। ଆଶଙ୍କିତ ଓ ଆତଙ୍କିତ କୁହାଳ ବପୁଡା ଭ୍ବେ-ଯଦି କହିବା ଅନବାର୍ଯ୍ୟ ତେବେ ଢଙ୍ଗ ବାଗ ମିଶାଇ ଏମିତି କାହିଁକ ପେଶ କରିବ ନାହିଁ ଯାହା ଆତଙ୍କ ସୁଡଙ୍ଗରୁ ନଜକୁ ଦୂରେଇ ରଖିବ ଚରକାଳ।

ସତକଥାର ଆଦର ଘଟଣାନୁଯାୟୀ ସବୁ ସ୍ଥିତିରେ ନଥାଏ ବୋଲି ଆମ ସମାଜ ଜୀବନ ଗୋଟାଏ ବିଚନ୍ ସନ୍ତୁଳନ ଭିତରେ ରହି ଆସିଛି। ଅର୍ଥନୀତି ଓ ଗ୍ଜନୀତିରେ ସତକଥା ଏକ ଅପହଞ୍ଚ ବସ୍ତୁ। ପରିବାର ଭିତରେ ବାପାମାଆ, ପୁଅଝିଅ ଓ ଅନ୍ୟ ସଦସ୍ୟଙ୍କ ମଧ୍ୟରେ ଏକ ଅଦ୍ଭୁତ ସୂତ୍ରରେ ଏହା ବନ୍ଧା ହୋଇଥାଏ। ତା ଭିତରେ ଜଣେ ଅନ୍ୟ ଜଣକୁ, ଜଣେ ଅନ୍ୟର ଭ୍ବନା ଓ ଚନ୍ତନକୁ ଆନ୍ତରିକତା ଭିତରେ ଏମିତି ବୁଡାଇ ରଖିଥାଏ ଯେ ତାକୁ ଛିଣ୍ଡାଇବା ପାଇଁ ସ୍ୱତନ୍ତ୍ର ଉପଗ୍ବର ଲୋଡା ହୁଏ। ସବୁ ଠିକ ଠାକ ଗ୍ବଲିଥିଲାବେଳେ

ହଠାତ କଏ ଗୋଟେ ଧସେଇ ପଶି ବିଶ୍ୱାସ ଭବନାର ମଜବୁତ ଗ୍ରନ୍ଥୀଟିକୁ ହଲେଇ ଦିଏ। କଥା ବସ୍ତୁଟି ହୁଗୁଳା ହୋଇ ବିଭିନ୍ନ ଦିଗକୁ ମାଡିଯାଇ ଚୈତନ୍ୟର ବିଶେଷ ଅଂଶମାନଙ୍କୁ କ୍ଷତିଗ୍ରସ୍ତ କରିଦିଏ।

କଥା ମଝିରେ 'ବିଶ୍ୱାସ' ଖମ୍ବ ସଦୃଶ ଛିଡା ହୁଏ। ବିଶ୍ୱସ କରିବା ନକରିବା କେବଳ କୁହାଳର କଥନୀ ଉପରେ ନିର୍ଭର ନକରି ତାର ମର୍ମକୁ ଅନେଇଥାଏ। ଅତଏବ ସତକଥା ଅନେକ ସମୟରେ ନିର୍ଶ୍ରିତ ମନକୁ ଆନନ୍ଦରେ ଭରି ପାରେନା। ନାନାଦି ଖୁଣ ଅନୁପ୍ରବେଶ କରେ ବିଶ୍ୱାସ ଭିତରେ। ଏ ଅବସ୍ଥାରେ ଯେନତେନ କଥା ଆଗକୁ ବଢିବା ମାତ୍ରେ ମୁହଁ ଅମ୍ଳିଳମୟ ହୋଇ ଉଠୁଥାଏ। ବିଚରା କୁହାଳ ଜଣକ ସ୍ଥାନ ପରିତ୍ୟାଗ କର।

ସତ ଲେଖାଳଙ୍କ କଥା ନିଆରା। ମାଜି ଘଷି ସତ୍ୟ ନାମକ ବସ୍ତୁ ଉପରେ ପ୍ରଲେପ ଦେଲାବେଳେ ଚନ୍ତା କରୁଥାଏ ବିଚରା ପାଠକ କଣ ଭାବି ବସି ନିଜ ଭେଜା ଭିତରକୁ ନେବ। ଏଥିରେ ମଞ୍ଜ କଥାଟି ବାହାରି ଆସିବ ବୋଲି ଛାତିରେ ହାତ ରଖି କହି ହେବ ନାହିଁ। ମଞ୍ଜିକୁ ନଛାଡି ଗୁରିପଟର ନାନାକଥା ଓ ବ୍ୟବସ୍ଥାକୁ ସଜାଡ଼ିବାକୁ ଚେଷ୍ଟା କରିଥାଏ। ପାଠକର ଆନନ୍ଦ ସାଉଁଟିବା ନିର୍ଭର କରିବ ମଞ୍ଜ କଥାକୁ ଧରିବା ଉପରେ। ବେଳେବେଳେ ମଞ୍ଜିକୁ ଧରି ନପାରି ଦଲପତ୍ରକୁ ଆପଣେଇ ବିଚରା ପାଠକ ହନ୍ତସନ୍ତ ହୁଏ। ବାଟ ଅବାଟରେ ହାମୁଡେଇ ପଡେ।

ରାଜନୀତିରେ ସିଢ଼ି ଓ ଚୌକୀ ପ୍ରମୁଖ ଥିବାରୁ ଅନ୍ୟାନ୍ୟ କଥା ବସ୍ତୁ ସବୁ ଅଲୋଡ଼ା। କଥାକାହାଣୀ ରାଜନୀତିକାରୀଙ୍କ ଅସ୍ତ୍ର ହୋଇଥିବାରୁ ସତକଥା ଏକ ବର୍ଜ୍ୟବସ୍ତୁ ରୂପେ ଗ୍ରହଣ କରାଯାଏ। ସହସ୍ର କୋଶ ଦୂରତ୍ୱ ବଜାୟ ରଖିବା ରାଜନୀତିର ଦର୍ଶନ। ସିଢ଼ି ଚଢିବା ଚୌକୀ ହାତେଇବା ପାଇଁ ଯେଉଁସବୁ କଳା କୌଶଳ ଓ ପଦ୍ଧତି ବ୍ୟବହାର କରାଯାଏ ବିସ୍ତୃତ ରାଜନୀତି ଆକାଶକୁ ଫର୍ଚ୍ଚାମୟ କରିବାପାଇଁ।ସେଥିରେ 'ସତ୍ୟ'ଟି ଚରକାଳ ଅପାଉଁକ୍ତେୟ।

ମରପେଞ୍ଚ, ଏପଟସେପଟ ଓ ତଳ ଉପର କରିବା ଅର୍ଥନୀତିର ଏକ ବିଶେଷ ଗୁଣ। ସତକଥା ଏ ଅଭିଧାନରେ ସୁଦ୍ଧା ଅର୍ବଚୀନ। ବେପାର ବଣିଜଠାରୁ ବଡ ବଡ ଆର୍ଥିକ ବ୍ୟବସ୍ଥା ଭିତରକୁ ସତକଥାର ପ୍ରବେଶ ଅଧିକାର ନଥାଏ। ଏହାର ପ୍ରୟୋଗ ଓ ଗବେଷଣା

ସୁଦ୍ଧା ଅତୀତରେ ବିଶେଷ ଭାବରେ ହୋଇଥିବାର ଜଣାଯାଇଛି। ଗୃଣକ୍ୟ ସମୟଠାରୁ ଅଦ୍ୟାବଧି ରଙ୍ଗେଇ ବଙ୍ଗେଇ ବହୁ ବିଶ୍ୱ ପ୍ରସିଦ୍ଧ ନୀତିଜ୍ଞଗଣ ଅର୍ଥନୀତି ଖମ୍ବକୁ ଶକ୍ତିଶାଳୀ ଓ ମଜବୁତ କରିଛନ୍ତି। ସତକଥାର ଆଦର ଓ ଅଭ୍ୟର୍ଥନାକୁ ସେମାନେ କସ୍ମିନକାଳେ ବିଶ୍ୱାସ କରି ଆସିନାହାନ୍ତି।

ଜହ୍ନରେ ଭିଜୁଥିବା ପ୍ରାଣୀ କାକରରେ ଭିଜିଲାବେଳକୁ ସତକଥାର ପରିମାଣ ବୃଦ୍ଧିଘଟି ବର୍ଷସ୍ନାନ ବେଳକୁ ଏହା ଶତ ପ୍ରତିଶତ ହୋଇ ସରିଥାଏ। ବସ୍ତୁତଃ ଜହ୍ନ ଓ ଫୁଲକୁ ଆଦରେଇ ନେଲାବେଳେ ସଂସାରର କୌଣସି ଦିଗପ୍ରତି ଏମାନେ ଦୃଷ୍ଟି ପହଁରେଇ ପାରନ୍ତି ନାହିଁ। ବାପାମାଆ, ଭାଇବନ୍ଧୁ ଓ ସଖା ସହୋଦର ସଭିଏଁ ଅସାର ମନେହୁଅନ୍ତି। ନିଜ ପ୍ରାଣ ଭିତରେ ଅଙ୍କୁରିତ ହୋଇ ଆସୁଥିବା ସୁକ୍ଷ୍ମତମ ପ୍ରେମ ନାମକ ବସ୍ତୁର ପକ୍ୱତା ଓ ସ୍ଥାୟୀ ବସତି ପାଇଁ କୌଣସି କଥା ଅଚରେ ଅଚରେ ହତ୍ୟାର ସାମ୍ନା କରେ। ସତ୍ୟ, ତ୍ୟାଗ ଓ ତିତିକ୍ଷାର ସ୍ୱରୂପ ପ୍ରେମବିହ୍ୱଳନ ସ୍ଥିତିରେ ବଦଳ ଯାଉଥାଏ ଅବସ୍ଥା, ବ୍ୟବସ୍ଥା ଓ ବ୍ୟକ୍ତିତ୍ୱ ସମୟକ୍ରମେ।

ସତ୍ୟକଥା ଓ ସତ୍ୟରକ୍ଷା ଦୁଇଟି ଏକ ଅଭିନ୍ନ ନୁହନ୍ତି। ମାତ୍ର ସୂକ୍ଷ୍ମତମ ସ୍ତରରେ ଏମାନେ ପରସ୍ପର ସହିତ ସମ୍ପର୍କୀତ। ତେଣୁ ବାଇ ମହାନ୍ତି ସଦାବେଳେ କଣ୍ଠ ଫଟେଇ କହନ୍ତି - ଭୋ ସତ୍ୟରକ୍ଷାକାରୀ ଓ କୁହାଳ ବନ୍ଧୁଏ ! ଆଗକୁ ଦେଖ, ପଛକୁ ଦେଖ, ସମୟ ଦେଖ-ସୁବିଧା ଦେଖ, ବ୍ୟବସ୍ଥା ଦେଖ-ଆବଶ୍ୟକତା ଦେଖ। ତାପରେ ଯାଇ ସତକଥା ରୂପକ ମହାର୍ଘ୍ୟ ବସ୍ତୁର ପ୍ରୟୋଗ କର। ସତ୍ୟରକ୍ଷା ନିମନ୍ତେ ଚଉଦ ଜାଗାରେ ଶହେ ଗୁଳଶ ବର୍ଷ ବନବାସ ଯାଅ ପଛେ, କାହାଘର ଉଜାଡ଼ ନାହିଁ। ଉଚ୍ଛନ୍ନ କରନାହିଁ ସଂସାର। ବାଧ୍ୟ କରନାହିଁ ଆତ୍ମାହୁତି ଦେବାକୁ। ପାରୁଛ ଯଦି ସତକଥାକୁ ପଛ କରି ମନ ଯୋଡ। ହୃଦୟ ଯୋଡ଼ । ଦେଶ ଯୋଡ଼ । ସମୟ ଓ ବ୍ୟବସ୍ଥାକୁ ଯୋଡି ଗୋଟାଏ ମହମହ ବସୁଥିବା ପରିବେଶକୁ ଉତ୍ତୀର୍ଣ୍ଣ କରାଅ। ତାହେଲେ ସିନା ସଭିଏଁ କହିବେ - କଥାତ କଥା ସତକଥା।

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ,ଭୁବନେଶ୍ୱର-751028

# ସ୍ମୃତି



କୀର୍ତ୍ତି ଦେବୀ

ସ୍ମୃତି ବିନା ସୃଷ୍ଟି,
ସୃଷ୍ଟି ବିନା ସ୍ମୃତି,
ଅସମ୍ଭବ ।
ସ୍ମୃତି ତୁ ଅମୂଲ୍ୟ
ତତେ ଧରି କାଳ ହୁଏ ଜୟୀ
ସୃଷ୍ଟିରୁ ବିକାଶ
ସବୁ ତୋ ଖେଳଘର
ସବୁ କ୍ଷଣସ୍ଥାୟୀ ମଧ୍ୟେ
ତୁ ହେଉ ଚୀରସ୍ଥାୟୀ
ତୁ ସଦା ଦେଉ ମହତ ଶିକ୍ଷା
ତାକୁ ପାଶୋରି ଆଜି
ମଣିଷ ହୁଏ ବୁଦ୍ଧିବଣା ।
ସ୍ମୃତି ବିନା ସୃଷ୍ଟି
ସୃଷ୍ଟି ବିନା ସ୍ମୃତି
ଅସମ୍ଭବ ॥

ସିଭିଲ୍ ଟାଉନ୍ ସିପ୍, ରାଉରକେଲା

# ଡର



ଡ. ଜ୍ଞାନେଶ୍ୱର ମିଶ୍ର

ନୂଆ ପେନସିଲି ହଜିଛି ଖାତା ବହି ଚରି ଯାଇଛି ।
ଅଂକରେ ନମ୍ବର କମିଛି ଖର୍‌ରେ କ୍ରିକେଟ ଖେଳଛି ।
ପାଲୁରି ମା କହି ଦେଇଛି ପିଜୁଳ ତା ଗ୍ଭେରି ଯାଇଛି ।
ପଗ୍ଭରିଲେ କଥା କହୁନଥିଲ୍ ମୋ ଦଣ୍ଡ ଆକଟକୁ ଡରୁଥିଲ୍ ।
ଗ୍ଭକରୀଟେ ଭଲ ପାଇଛି ସେ ଡର ତାର ହଟିଯାଇଛି ।
ପଛ ସ୍ନେହ ଶ୍ରଦ୍ଧା ଆଦର ସବୁ କଣ ଭୂଲି ଯାଇଛି**??**
ଏବେ ମୋରେ ଡର ଲ୍‌ଗୁଛି ସେହି ପୁଅ କଥା ଭ୍‌ବୁଛି
ବୟସ ଅଧିକ ହୋଇଛି ହାତ ଗୋଡ ମୋର ଥରୁଛି
କାଶ ଦିନୁ ଦିନ ବଧୁଛି ଡାଇବେଟିସ୍ ରେ ଭେ୍‌ଗୁଛି
ଲୁଚ କରି ମିଠା ଖାଉଛି ଚଷମା କାଚଟା ଭ୍‌ଙ୍ଗିଛି
ତା ପଢା ପାଇଁ ହାତ ମୁଦିଟାକୁ ବିକଛି ଜମି ସବୁ ବନ୍ଧା ପଡିଛି
ତାକୁ ନକହି ଲୁଗ୍ଭଇ ରଖିଛି କଣ କରିବି କହିବି ଭ୍‌ବୁଛି
ଏବେ ମଏ ମନେ ତାକୁ ଡରୁଛି ସବୁଦିନେ ତାକୁ ଝୁରି ହେଉଛି
ସାମାଜିକ ସମ୍ମାନର ଡରରେ ତାଲ୍ ପଡିଛି ମୋ ପାଟିରେ ॥

୪୯/୫, କାର୍ଲମାର୍କ୍ସ ସରଣୀ, କଲିକତା

# ନମସ୍କାର



ବିନୟ ମିଶ୍ର

ନମସ୍କାର କଲି ଦୁଇହାତ ଯୋଡି
ଶିରେ ଲଗାଇ ଅଞ୍ଜଳି,
ପାଟିରେ କହିଲି, ଆଣ୍ଠୁମାଡି ମୋର
ଭୂମିଷ୍ଠ ପ୍ରଣାମ କଲି।

ବଡ଼ଭାଇ ମୋର କଛି କହିଲେନ
ମୁଣ୍ଡକୁ ଟୁଙ୍ଗାରି ଦେଲେ,
ଭାଉଜ ମୋହର ହଉ ବୋଲି କହି
ଦାନ୍ତ ଦେଖେଇ ହସିଲେ।

ବୋଉ ଆଉଁସଇ ମୁଣ୍ଡକୁ ମୋହର
ନନାଙ୍କର ଆୟୁସ୍ମାନ,
କକେଇ କହନ୍ତି କେବେ ଆସିଲୁ ଯେ
ଖୁଡିଙ୍କର ହସ ସାନ।

ଜଣାଶୁଣା ବଡ଼ମାନେ କହିଥାନ୍ତି
କେତେ କଏ କେଉଁପରି,
ନମସ୍କାର ମୋର ଗୋଟାଏ ପ୍ରକାର
ମନ ଯାଏ କନ୍ତ ମରି।

ଗୁରୁଙ୍କୁ ମୋହର ନମସ୍କାର କଲେ
କେବେ ନ କହନ୍ତି କଛି,
ଆଶ୍ଚର୍ଯ୍ୟ ଲାଗଇ ନମସ୍କାର ଦେଇ
ନମସ୍କାର ବି ଶୁଣୁଛି।

ଦିନେ ପଚାରିଲି ମୋ ଗୁରୁଙ୍କୁ ଯଦି
ଜଣେ କରେ ନମସ୍କାର,
କଅଣ କହିଲେ ଖୁସୀ ହେବ ସିଏ
ନ ଫେରାଇ ନମସ୍କାର।

କହିଲେ ମୋ ଗୁରୁ ନମସ୍କାର ଗୋଟି
ହୋଇ ନ ଥାଏ କାହାର,
କାହାଠାରୁ କେବେ କଏ ନ ନଅନ୍ତି
(ଏ) ଦେବା ନେବାର ସମ୍ଭାର ।

ଏ ମର୍ତ୍ତ୍ୟ ମଣ୍ଡଳେ ନମସ୍କାର ପାଇଁ
ଏହି ପଦେ ମନେ ଥାଉ,
"ତୁମ୍ଭ ଇଚ୍ଛାପୂର୍ଣ୍ଣ ହେଉ ମହାବାହୁ
ମଣିଷର ଇଚ୍ଛା ନୋହୁ।"

ମଲ୍ଲୀପୁର, ଖୋର୍ଦ୍ଧା

# ଭଲପାଇବାର ଶକ୍ତି



ଝରଣା ବାରିକ

ସବୁଦିନ ଭଳି ଆଜିବି ରୂପଶ୍ରୀ ରାଜେନ୍ଦ୍ର ବାଟକୁ ଚାହିଁ ବସିଛି। ଅଫିସ ରୁ ଫେରିବା ସମୟ ହେଇଗଲାଣି ରାଜେନ୍ଦ୍ରର । ମନଟା କାହିଁକି ଭାରି ଅସ୍ଥିର ହେଇ ଉଠୁଛି ରାଜଶ୍ରୀ ର। ଅପେକ୍ଷା କରି କରି ବିରକ୍ତ ହେଇ ଗଲାଣି। ଫୋନ କଲେ ବି ରିସିଭ କରୁ ନାହାନ୍ତି। କେମିତି ଏକ ଅଜଣା ଭୟରେ ଛାତି ଭିତର ଟା ଥରି ଉଠୁଛି। କେବେ ଏତେ ଡେରି ହୁଏ ନାହିଁ। ଥରକୁ ଥର ଘଣ୍ଟା କୁ ଚାହିଁ ସମୟ କୁ ଅନୁଧାନ କରୁଛି ରୂପଶ୍ରୀ। ବାହାଘର ଛଅ ମାସ ଭିତରେ ଏତେ ଡେରି କେବେ ହେଇ ନଥିଲା। ଫୋନ ରିସିଭ ନ କଲେ ବି ତାଙ୍କ ଆଡୁ ବି ଫୋନ କରୁଥିବା ନାହାନ୍ତି। ଏତେ ସବୁ କଥା ଭାବିଲା ବେଳକୁ ମୁଣ୍ଡ ଭିତର ଟା ଗୋଳମାଳ ହେଇ ଯାଉ ଥାଏ। ଲଥ କନା ସୋଫା ଉପରେ ବସି ପଡ଼ିଲା। କେତେ କ'ଣ ଭାବନାରେ ପଡି ଯାଇଥାଏ ରୂପଶ୍ରୀ । ଏଇ ସମୟରେ ଝଡ଼ ଭଳି ଘର ଭିତରକୁ ପଶି ଆସିଲେ ରାଜେନ୍ଦ୍ର। ରୁମ ଭିତରକୁ ପଶି ଯାଇବେଡ ଉପରେ ଗଡ଼ି ପଡ଼ିଲେ । ତକିଆରେ ମୁହଁ କୁ ଗୁଞ୍ଜି ଦେଇ ଛୋଟ ପିଲାଙ୍କ ଭଳି କାନ୍ଦି ବାକୁ ଲାଗିଲେ। ରାଜଶ୍ରୀ ତା ପାଖକୁ ଦୌଡି ଆସି କ'ଣ ହେଇଛି ବୋଲି ପଚାରିଲା। ତା କାନ୍ଦ ଦେଖି ରାଜଶ୍ରୀ ବି କଇଁ କଇଁ ହୋଇ କାନ୍ଦି ବାକୁ ଲାଗିଲା ଅଧ ଘଣ୍ଟାଏ ପର୍ଯ୍ୟନ୍ତ କେହି କଛି ବୁଝି ପାରୁ ନ ଥାନ୍ତି।

କଛି ସମୟ ପରେ ରାଜେନ୍ଦ୍ର କହିବା ଆରମ୍ଭ କଲା। ଆଜି ମୁଁ ଅଫିସ ରୁ ଫେରିବା ବାଟରେ ଗୋଟିଏ ଝିଅ କାରରେ ଯାଉଥିଲା। ମୋତେ ଦେଖିବା କ୍ଷଣି କାର ଅଟକାଇ ମତେ ଭିଡି ଧରିଲା ଆଉ କେତେ କ'ଣ କହି ଯାଉଥିଲା। ସେସବୁ ମୁଁ କଛି ବୁଝି ପାରୁନଥିଲି। ରାସ୍ତା ମଝିରେ ମତେ ଭିଡି ଧରି କସ୍ ପରେ କସ୍ କରି ଚାଲିଲା। ତା ସହିତ ଥିବା ଲୋକମାନେ ମତେ କାରରେ ବସିବା ପାଇଁ କହିଲେ ମୁଁ ମନା କରିବାରୁ ମତେ ବହୁତ ଅନୁରୋଧ କଲେ । ମୋ ଗୋଡ଼ ହାତ ଧରି ପକେଇଲେ। ମୁଁ ବାଧ ହୋଇ ଗାଡ଼ିରେ ବସିଲି। ସେଇ ଝିଅଟି ମତେ ଜୋରରେ ଜାବୁଡ଼ି ଧରି ଥାଏ। କହୁଥାଏ ମତେ ଆଉ କେବେ ଛାଡି କ କୁଆଡେ ବି

ଯିବ ନାହିଁ। ମୁଁ ସ୍ଥାଣୁ ପାଲଟି ଯାଇଥାଏ। କଛି ସମୟ ପରେ ଗାଡ଼ି ଗୋଟିଏ ଜାଗାରେ ରହିଲା ସମସ୍ତେ ଓହ୍ଲାଇ ପଡ଼ିଲେ ମୁଁ ବି ଓହ୍ଲାଇଲି । ତାପରେ ଝିଅ ଟିକୁ ନେଇ ସେମାନେ ଆଗେଇ ଗ୍ଲିଲେ। ମୁଁ ପୁର୍ ଆଶ୍ଚର୍ଯ୍ୟ ହୋଇ ଗ୍ହିଁ ରହିଥିଲି।

ସେ ଥିଲା ଗୋଟିଏ ମେଣ୍ଟାଲ ହସ୍ପିଟାଲ। ଝିଅ ଟି ଭିତରକୁ ଗଲା ପରେ ତା ବଡ଼ ଭ୍ଇ ମୋତେ ଆସି କ୍ଷମା ମାଗିଲେ । ଆଉ ଯାହା କହିଲେ ସେ କଥା ମୋତେ ବହୁତ କଷ୍ଟ ଦେଲା। ଝିଅ ଟି ଗୋଟିଏ ପୁଅକୁ ଭଲ ପାଉଥିଲା। ଏଇ କଛି ଦିନ ପରେ ତାଙ୍କର ବାହାଘର ହେଇଥାନ୍ତା। କନ୍ତୁ ଦୁର୍ଭାଗ୍ୟର କଥା ପୁଅଟି ଆକ୍ସିଡେଣ୍ଟ ରେ ମରିଗଲା। ସେଇ ଦିନ ଠାରୁ ଏଇ ଝିଅ ଟି ପାଗେଳ ହେଇ ଯାଇଛି। ଏକଥା ଶୁଣି ଗ୍ଜଶ୍ରୀ ପଗ୍ରିଲା ସେମାନେ ତମକୁ କାହିଁକ ନେଇ ଗଲେ। ଗ୍ଜେନ୍ଦ୍ର କହିଲା ସେ ପୁଅ କୁଆଡେ ଠିକ ମୋ ପରି ଦେଖିବାକୁ। ସେମାନେ ମୋତେ ନେଲାବେଳେ ମୋ ଆଖି ଆଗରେ ତୁମ ମୁହଁ ନାଚ ଉଠୁଥିଲା। ମୁଁ କଛି ଭ୍ବିବା ଜାଣିବା ଆଗରୁ ଏତେ ସବୁ ଘଟଣା ଘଟିଗଲା ମୁଁ ବିଶ୍ବାସ ବି କରି ପାରୁନ। ଯଦି ସେମାନେ ମତେ ଛାଡ଼ି ନଥାନ୍ତେ ତମେ କଣ କରିଥାନ୍ତ ସେଇ କଥା ଭ୍ବି ମୁଁ ଭ୍ଙ୍ଗି ପଡ଼ିଥିଲି।

ଗ୍ଜଶ୍ରୀ ଗ୍ଜେନ୍ଦ୍ର କୁ ତା ପାଖକୁ ଟାଣି ଆଣି କହିଲା ମୋ ଭଲ ପାଇବାର ଶକ୍ତି ଏତେ ଯେ ମୋ ଠୁ ତମକୁ କେହିବି ଅଲଗା କରି ପାରିବେ ନାହିଁ।

ସମଲ, ତାଳଚେର, ଅନୁଗୋଳ

# ଆତଙ୍କବାଦୀ



ତ୍ରିପତି ପ୍ରଧାନ

ଆତଙ୍କବାଦୀ ଏ ଆତଙ୍କ ଖେଳା ଏ
କଅବା ପାଉଛ ସୁଖ
ଦ୍ୱେଷ ମନ ବହି ଅନ୍ୟ ପ୍ରାଣ ନେଇ
ସଂସାରେ ହୋଇ ବିମୁଖ  (୧)
ଚନ୍ତିଛ କ ଥରେ ଜନ୍ମ ଯା କୋଳରେ
ଶୁଣି ତୁମ କଲ୍ କର୍ମ
ଧିକ୍କାର କରିବ ଧରି ନଜ ଗର୍ଭ
ପାଳଥିଲ୍ ନାର୍‌ଧମ  (୨)
ମାନବ ତୁ ହୋଇ ମନୁଷ୍ୟତା ନାହିଁ
ଦାନବ ପ୍ରକୃତି ନେଇଁ
ନରୀହ ଜନଙ୍କ ମନରେ ଆତଙ୍କ
ନମିଷେ ଦେଉ ଖେଳାଇ  (୩)
ହୃଦୟ ତୋହର ଗାଢା କ ପ୍ରକାର
ଦୟା ଧର୍ମ କ୍ଷମା ନାହିଁ
କୁକର୍ମ କରିଲେ ପାପ ଅରଜିଲେ
ଦଇବ ଛାଡ଼ିବ କାହିଁ (୪)
ସମୟ ଥାଉଣୁ ବଦଳ ହେଉନୁ
ରତ୍ନାକରୁ ବଲମିକ
ଜୀବନେ ଆନନ୍ଦ ଲଭିପ୍ରେମାନନ୍ଦ
ଦେହୁ ଛାଡିବ କଳଙ୍କ  (୫)

ସଂସ୍କୃ ଶିକ୍ଷକ, ଚକଟି

# ପ୍ରିୟା ହଜିଯାଏ



ନବ କୁମାର ଦାସ

ରାତି ସରିଗଲେ ଜହ୍ନ ହଜିଯାଏ
ସପନବି ଯାଏ ହଜି
ସପନର ସେହି ପ୍ରିୟା ହଜିଯାଏ
ଭାବନାରେ ଭିଜି ଭିଜି

ଭିଜା ଭାବନାର ମିଠା ହଜିଯାଏ
ସେ ପ୍ରିୟାକୁ ଖୋଜି ଖୋଜି
ଯେମିତି ଫୁଲଟି ରାହିଁ ବସିଥାଏ
ଭ୍ରମରକୁ ମନେ ହେଜି

ହଜିଗଲା ପ୍ରିୟା ଆଙ୍କି ଦେଇଯାଏ
ହୃଦ କାଗଜରେ ଛବି
ଛବି ନଖରାମି ଚତୁର୍ଯ୍ୟତା ଭରି
ହସାଏ ତାହାକୁ ଭାବି

ମନ ଲାଗେ ନାହିଁ ଏଠି ଅବା ସେଠି
ଖୋଜୁଥାଏ ଖାଲି ରାତି
ରାତି ଆସିଗଲେ ସପନ ସହରେ
ଭରିବାକୁ ଭାବ ପ୍ରୀତି

ରାତିର ପ୍ରିୟାଟି ସପନର ରାଣୀ
ସପନରେ ଆସେ ଯାଏ
ସପନ ଭାଙ୍ଗିଲେ ଆନ୍ଦୋଳତ ମନ
ତାକୁ ଖାଲି ଖୋଜି ହୁଏ ।

ସୁରଡ଼ିହା, ବାଲିଆପାଳ, ବାଲେଶ୍ୱର

# ମହାବାହୁ ରଖ ମୋତେ



ବିଜୟ କୁମାର ସାହୁ

ଆହେ ଜଗନ୍ନାଥ ! ବଡ ଠାକୁର ହେ!
ଭଉଣୀ ସୁଭଦ୍ରା ସଙ୍ଗେ ।
ସ୍ନାନ ମଣ୍ଡପରେ ସ୍ନାହାନ କରିଣ
ବିଜେ ଅଣସର ଗୃହେ ॥୧
ପ୍ରଖର ଗ୍ରୀଷ୍ମରେ ତାତିଗଲ୍ କ ହେ!
ଚନ୍ମୟ ସତ୍ତା ତୁମର ।
କଛି ଦିନ ପରେ ଜ୍ୱରରେ କମ୍ପିବ
ଖୋଜା ହେବ ଅଉଷଦ ॥୨
ଭ୍ଵବଗ୍ରାହୀ ତୁମେ ଭ୍ଵଗର ଭିକାରୀ
ସେଥିପାଇଁ ଲୀଳା ତୁମର ।
ଭକତ ହିତରେ ତୁମ ଲୀଳା ଖେଳା
ଭକତ ରକା ଠାକୁର ॥୩
କଛି ଦିନ ପରେ ଅଣସର ଘରୁ
ନବଯଉବନ ହୋଇ ।
ଗୁଣ୍ଡିଚ୍ଚ ଯାତର୍ କରିବ ହେ ପ୍ରଭୁ !
ପତିତ ଉଦ୍ଧାର ପାଇଁ ॥୪
ବଡ ଦାଣ୍ଡ ପ୍ରଭୁ ଉଛୁଳ ପଡିବ
ଜୟ ଜଗନ୍ନାଥ ଘୋଷେ ।
ସର୍ବେ ଡାକୁଥିବେ ମହାବାହୁ ବୋଲି
ମହାବାହୁ ରଖ ମୋତେ ॥

ବିଜିଗୋଳ, ଏନ ଟି ପିସି, ଅନୁଗୋଳ

# ଜାତିପ୍ରାଣ ଅନନ୍ତ



ବିଜୟ କୁମାର ଛାଟୋଇ

(ସତ୍ୟବାଦୀ ଗୋଷ୍ଠୀର ଏକନିଷ୍ଠ କର୍ମଯୋଗୀ ପ୍ରଚାରକ ଅନନ୍ତ ମିଶ୍ରଙ୍କର ଅନେକ ସ୍ମୃତିରୁ ଗୋଟିଏ ସ୍ମୃତିର ସାଉଁଟା କାହାଣୀ......!!!)

ପ୍ରଚାରକ ଅନନ୍ତ ମିଶ୍ର ପୁରୀ ଜିଲ୍ଲା ସତ୍ୟବାଦୀ ଥାନା ଅଧୀନ ଶ୍ରୀରାମଚନ୍ଦ୍ର ପୁର ଗ୍ରାମରେ ୧୮୮୪ ମସିହା କାର୍ତ୍ତିକ ମାସ ଅଁଳା ନବମୀ ତିଥିରେ ପିତା ରାମଚନ୍ଦ୍ର ମିଶ୍ର ଓ ମାତା ମୁକ୍ତାଦେବୀଙ୍କ କୋଳମଣ୍ଡନ କରିଥିଲେ। ଅନନ୍ତ ଯେତେବେଳେ  ପୁରୀ ଜିଲ୍ଲା ସ୍କୁଲର ଛାତ୍ର ଥିଲେ ସେହି ସମୟରୁ ସେ ଆଚାର୍ଯ୍ୟ ହରିହର ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଥାଆନ୍ତି । ତାହାପରେ ସେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଆଦର୍ଶକୁ ଗ୍ରହଣ କରିବାର ସୁବର୍ଣ୍ଣ ସୁଯୋଗ ଆସିଲା। ପିଲାଟି ବେଳୁ ତାଙ୍କ ମନରେ ଛୁଆଁ ଅଛୁଆଁ ପ୍ରତି ଅସୂୟାଭାବ ଥାଏ । ସମସ୍ତଙ୍କ ଭିତରେ ଗୋଟିଏ ଭଗବାନ ଅଛନ୍ତି ତେବେ ସମାଜରେ ଥିବା କୁମନୋଭାବ ମଣିଷମାନଙ୍କୁ କ'ଣ କହି ବୁଝାଇବେ ବୋଲି ଭାବୁଥାଆନ୍ତି। କିନ୍ତୁ ସେ ଛୋଟଥିବାରୁ ଲୋକଙ୍କୁ କହିବାକୁ ସାହସ ହେଉ ନ ଥାଏ ତାର। ସେ ଯାହାହେଉ ଅନନ୍ତ ଦିନେ ମହାମାନବରେ ପରିଗଣିତ ହେବ ଏକଥା ଲୋକେ ଅନୁମାନ କଲେ। ଶେଷରେ ବାବୁ ଅନନ୍ତ ଜାତୀୟ ସ୍ରୋତରେ ନିଜକୁ ନିୟୋଜିତ କରିଥିବାରୁ ଆଉ ପାଠରେ ମନ ନ ବଳାଇ ଦୁଃଖୀ ଦରିଦ୍ରଙ୍କ ସେବାରେ ଉତ୍ସର୍ଗୀକୃତ ହୋଇଗଲେ।

ଦିନେ ଗୋପବନ୍ଧୁଙ୍କ ଗାଁରେ ଭାଗବତ ସପ୍ତାହ ଚାଲିଥାଏ। ଭାଗବତ ସପ୍ତାହ ଦେଖିଯିବାକୁ ଅନନ୍ତଙ୍କ ମନରେ ବଡ଼ ଆଗ୍ରହ ସୃଷ୍ଟି ହୋଇଥାଏ। ତେଣୁ ସେ ଆଚାର୍ଯ୍ୟ ହରିହର ଦାସଙ୍କ ସହ ସୁଆଣ୍ଡୋ ଅଭିମୁଖେ ବାହାରି ପଡ଼ନ୍ତି। ତାଙ୍କ ସହିତ ନୀଳକଣ୍ଠ ମଧ୍ଯ ଥାଆନ୍ତି।ଏହି ତିନହେଁ ବଳପୁର ଦେଇ ଭାର୍ଗବୀ ନଦୀକୁ ପାରିହୋଇ ଆରପଟ କୂଳରେ ପହଞ୍ଚିଲେ। ନଦୀର ଉଭୟ ପାର୍ଶ୍ୱରେ ଥିବା ସବୁଜିମା ବଳୟକୁ ଉପଭୋଗ କରୁଥାଆନ୍ତି ସମସ୍ତେ।

ଯାହାହେଉ ଏ ତିନହେଁ ସୁଆଣ୍ଡୋରେ ପହଞ୍ଚିଗଲେ। ଏହି ତିନଜଣଙ୍କୁ ପାଇ ଗୋପବନ୍ଧୁଙ୍କ ଖୁସି କହିଲେ ନ ସରେ। ଶେଷରେ ଗାଆଁରେ ଭାଗବତ ପଢ଼ା ବଢ଼ିଲା। ସମସ୍ତେ ଏକନ୍ନ ଖାଇବାର ନଆର୍ ପରମ୍ପରା ଅନନ୍ତଙ୍କୁ ଅତ୍ୟନ୍ତ ଖୁସି ଦେଉଥିଏ। ଅନନ୍ତ ମଧ୍ୟ ଜାତିଫାଟିକୁ ନ ମାନ ପ୍ରସାଦ ସେବନ କଲେ। ଏକଥାଟି ସମସ୍ତଙ୍କୁ ଅଡୁଆ ଅଡୁଆ ଲାଗିଲେବି ଅନନ୍ତ ମିଶ୍ର କାହାରି ଛଳକୁ ନକଳ ନଜେ ନଜକୁ ପାରମାର୍ଥିକ ଚେତନାରେ ହଜାଇଦେଇ କୋଟିଏ ଜୀବରେ ଗୋଟିଏ ଶିବଙ୍କୁ ଦର୍ଶନ କରୁଥାଆନ୍ତି। ଅନନ୍ତଙ୍କର ଏତାଦୃଶ ବିସ୍ମୟ ଭାବନାକୁ ଆକଳନ କରୁଥାଆନ୍ତି ଗୋପବନ୍ଧୁ ବାବୁ । ଅନନ୍ତ ବୟସରେ ଏତେ ଛୋଟ ହୋଇ ବି କ୍ଷୁଦ୍ର ଭିତରେ ମହାନତା ନହିତ ଥିବାର ଅନୁଭବ କରୁଥାଆନ୍ତି ଏବଂ ସେ ଚନ୍ତାକରୁ ଥାଆନ୍ତି, ଯଦି ଅନନ୍ତ ପରି ଯୁବକମାନେ ଜାତୀୟ ସଂଗଠନରେ ଯୋଗଦିଅନ୍ତି ତେବେ ଏ ଜାତିର ଗୌରବ ବଢ଼ିପାରନ୍ତା। ରାତି ଗରଜୁଥାଏ। ଏତେ ରାତିରେ ଏ ତିନଜଣଙ୍କୁ ପାଖରୁ ଛାଡ଼ିବାକୁ ଗୋପବନ୍ଧୁ ଆଦୌ ଇଛା କରୁ ନ ଥାଆନ୍ତି। ଚାରିଆଡ଼େ ବିଲୁଆ କୁକୁରଙ୍କ ରଡ଼ି ଶୁଭୁଥାଏ। ନଦୀପଠାରେ କେତେ ଯେ ଶବ ସତ୍କାର ହେଉଥାଏ ତାହାର କଳ୍ପନା କଏ ବା କରିପାରେ ? କାନଫଟା ବିକଳ କ୍ରନ୍ଦନ ସଭିଙ୍କୁ ବିବ୍ରତ କରିଦେଉଥାଏ। କଏ ବା ଏପରି ଅସହ୍ୟ ଛାତିଥର୍ କ୍ରନ୍ଦନ ଶୁଣିବାକୁ ଇଚ୍ଛା କରିବ? ଏପରି ଦୃଶ୍ୟ ଅନନ୍ତଙ୍କ ମନକୁ ବଡ଼ କଷ୍ଟ ଦେଉଥାଏ। ମାଆ ଜାଗେଶ୍ୱରୀଙ୍କ ମନ୍ଦିର ସମ୍ମୁଖରେ ବସିଥାଆନ୍ତି ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର ଦାସ, ନୀଳକଣ୍ଠ ଦାସ ଓ ଅନନ୍ତ ମିଶ୍ର। ଏ ଚାରିଜଣ ଭାର୍ଗବୀର କଳାଭଅଁର ପାଣିକୁ ଚାହିଁଥାଆନ୍ତି।

ଏହି ଚାରିଜଣ ଦୀପଜାଳ ପ୍ରତିଂଗ୍ୟା କଲେ। "ଆମେ ଜନ୍ମହୋଇ ଯାହା ଦେଖୁଛେ ତାହାଠାରୁ ଅଧିକଦେଖି କରି ମରିବା ଏବଂ ସରକାରୀ ଚାକିରି କରିବା ନାହିଁ ।" ଏହି ଅଟଳ ପ୍ରତିଂଗ୍ୟାକୁ ଅନନ୍ତ ମିଶ୍ର ତାଙ୍କର ସାରା ଜୀବନରେ ବ୍ରତୀ କଲେ । ସେ ଏପରି ବଜ୍ର ଶପଥ ନେଇ ତାଙ୍କର ଜୀବନ ସଳତାକୁ ଜାତି ଉଦେଶ୍ୟରେ ସମର୍ପିତ ହୋଇଗଲେ ଜୀବନର ଶେଷ ନଶ୍ୱାସ ଥିବାଯାଏ। ସେ ସତ୍ୟବାଦୀ ବନବିଦ୍ୟାଳୟର ଅନନ୍ୟ ପୃଷ୍ଠପୋଷକ ଥିଲେ। ଏହି ବିଦ୍ୟାଳୟ ଲାଗି ଅର୍ଥ ସଂଗ୍ରହ କରିବା ପାଇଁ ଗାଁ କୁ ଗାଁ ଯାଇ ଲୋକଙ୍କର ପ୍ରିୟଭାଜନ ହୋଇ ପାରିଥିଲେ। ଅଛବ ପିଲାମାନଙ୍କୁ ଉପାନ୍ତ ଅଞ୍ଚଳ ତଥା ପାଖ ଅଞ୍ଚଳରୁ ଆଣି ସେମାନଙ୍କର ଭବିଷ୍ୟତ ଗଢ଼ୁଥିଲେ। ଉପାନ୍ତ ଅଞ୍ଚଳରେ ଓଡିଆ ଭାଷାର ପ୍ରଚାର ଓ ପ୍ରସାର ଲାଗି ବହୁ ଯତ୍ନ କରିଥିଲେ। ସେଠାରେ ବିଦ୍ୟାଳୟ ବସାଇ ଓଡ଼ିଆ ଭାଷାର ମର୍ଯ୍ୟାଦା ରଖିଲେ। ସାଥିରେ ଥାଆନ୍ତି ଗୋଦାବରୀଶ ମିଶ୍ର ଓ ଅନ୍ୟମାନେ । କନ୍ତୁ ଶେଷରେ

ଅନ୍ୟମାନେ ଏକାଠି ନ ରହି କିଏ କେଉଁ ଆଡ଼େ ଗଲେ, କେଉଁ ସ୍ୱାର୍ଥରେ ଗଲେ ? ସେ କଥା କିଏ ବା କହିବ? ନିଜେ କରିଥିବା ବଜ୍ର ଶପଥର ଜାତୀୟ ଏକତାକୁ ଭୁଲିଯିବା କ'ଣ ଜାତୀୟ ପାପ ନୁହେଁ କି ?

ଆମେ ସମଗ୍ର ସତ୍ୟବାଦୀ ଗୋଷ୍ଠୀକୁ ତଥାକଥିତ ଢ଼ଙ୍ଗରେ ପଞ୍ଚସଖା ବୋଲି କହିଥାଉ ! ଏହାକେତେ ଯୁକ୍ତିଯୁକ୍ତ ତାହା ଆମ ସମାଜର ଗୁଣଗ୍ରାହୀଗଣ ବିଚାର କରନ୍ତୁ! ଅନନ୍ତଙ୍କର ଜୀବନ ବ୍ୟାପି ସାଧନା ବୃଥା ଯାଇନାହିଁ । ଶେଷରେ ସେ ଏକାକୀ ଓଡ଼ିଆ ଜାତିର ସ୍ୱତନ୍ତ୍ରତାକୁ ଲକ୍ଷ୍ୟ କରି ୧୯୩୭ ମସିହା ମଇ ଛଅ ତାରିଖରେ ପଞ୍ଚଭୂତରେ ଲୀନ ହେଲେ। ଅନନ୍ତଙ୍କ ବିୟୋଗରେ ଗୋଟିଏ ଯୁଗର ଅବସାନ ଘଟିଲା ବୋଲି କହି ଆଚାର୍ଯ୍ୟ ହରିହର ଦାସ, ନୀଳକଣ୍ଠ ଦାସ, ରାଧାନାଥ ରଥ ଓ ରାମ ବାରିକ ଆଦି ଓଡ଼ିଶାର ଅସଂଖ୍ୟ ଜନଗଣ କାନ୍ଦିପକାଉ ଥାଇନ୍ତି।

ଆସନ୍ତୁ ! ଆମେ ସମସ୍ତେ ମିଳମିଶି ପ୍ରଚାରକ ଅନନ୍ତ ମିଶ୍ରଙ୍କର ସ୍ମୃତିକୁ ଆଗାମୀ ଭବିଷ୍ୟତଙ୍କ ପାଇଁ ସାଇତି ରଖିବା। ତେବେଯାଇ ସମଗ୍ର ଓଡିଆ ଜାତି ତାର ଅସ୍ମିତାକୁ ଅମରତ୍ୱ ପ୍ରଦାନ କରିପାରିବ ।

ମହୁରୀ, ପୁରୀ

# ବ୍ରହ୍ମସତ୍ତା



ଡ଼ା ସୀମାନ୍ତ କୁମାର ନନ୍ଦ

ମନରେ ଆସେନ କ ପ୍ରଶ୍ନ

ଏତେ ନିଦ୍ରା ଶିଶୁଟି ପାଇଲା କେଉଁଠୁ,

କଏ ପୁଣି ଏକାନ୍ତରେ ଆସି,

ତନ୍ଦ୍ରାସକ୍ତ କରିଦେଲା ନେତ୍ର ଯୁଗଳ କୁ

ଭାବିଛ କ କେବେ ?

ଜନନୀ ଗର୍ଭରୁ ଆହରଣ ନିଦ୍ରା ସହଚରୀ,

ସୃଷ୍ଟ ମାତୃତ୍ୱ      ନୁ ।

ନିଷ୍ପାପ, ନିରୀହ ଅଜ୍ଞାନ ଶିଶୁ ଟିଏ

ହସେ ପୁଣି, କ ଉଦ୍ଦେଶ୍ୟ ରେ,

ସେହି ହାସ୍ୟ ଆସୁଥାଏ, କେଉଁ ଅଜଣା ଦିଗରୁ ।

ଭାବିଛ କ କେବେ ?

ଆତ୍ମା- ପରମାତ୍ମା, ବାର୍ତ୍ତାଳାପ ଚାଲିଥାଏ, ସୁପ୍ତ ଅବସ୍ଥାରେ,

ସେହି ପରମାନନ୍ଦ ଉଛୁଳ ତରଙ୍ଗ,

ଅଟେ ହସର କାରଣ ।

ସେଠି ବିଦ୍ୟମାନ ସ୍ୱୟଂ ନାରାୟଣ ।

ଏତେ କୋମଳତାକୁ ଆସେ କେଉଁ ଠାରୁ ଶିଶୁର ଶରୀରେ,

ଭାବିଛ କ କେବେ ?

ପରିବର୍ଦ୍ଧିତ କଶୋରୀ ଟି ଲଭଇ ମାତୃତ୍ୱ,

ରହସ୍ୟମୟ ପ୍ରେମର, ମୃଦୁ ପ୍ରସନ୍ନତା ମଧ୍ୟେ,

ବିସ୍ତାରିତ ହୋଇଥିଲା ହୃଦୟ ତାହାର,

କୋମଳତା ଓ ସତେଜତା ଅଙ୍ଗେ ଅଙ୍ଗେ ବିକଶିତ ଥିଲା

ଯାହା ଉଦ୍ଭାସିତ, ଶିଶୁଟିର ଅଙ୍ଗ ଓ ପ୍ରତ୍ୟଙ୍ଗେ ।

**39,** ନାଗେଶ୍ୱର ଟାଙ୍ଗୀ
ହାଉସିଁ ବୋର୍ଡ କଲୋନୀ, ଲୁଇସ୍ ରୋଡ, ଭୁବନେଶ୍ୱର

# ପ୍ରତୀକ୍ଷା



ଚୈତନ୍ୟ ବାଗ

ଚାତକ ବିହଙ୍ଗ ପରି ଚାହିଁ ରହିଛି
ତୁମ ଅପେକ୍ଷା ପଥ କୁ,
କାଳେ ଶ୍ରାବଣ ର ବାରି ବିନ୍ଦୁ ହୋଇ
ଫେରି ଆସିବ ମୋ ପାଖକୁ ।

ନିର୍ଜନ ସେହି ଅମାବାସ୍ୟା ରାତ୍ରେରେ
ଖୋଜି ବୁଲୁଥାଏ ପୁନେଇଁ ଚାନ୍ଦ,
ସ୍ୱପ୍ନ ର ସହର ମହଲ ରେ
ଅନେଶ୍ୱଣ କରେ ତୁମ ପ୍ରତିବିମ୍ବ ।

ଅପେକ୍ଷା ର ଘଡ଼ି କରାଳ ମୁହୂର୍ତ୍ତ
ଶରୀର ରୁ ପ୍ରାଣ ହୁଏ ଯେ ବଞ୍ଚିତ,
ଶରୀର ଅବା ସପ୍ତ କଳା କୋଣାର୍କ,
ତୁମ ଆଗମନ ର ଆକାଂକ୍ଷା ଅଛି କଞ୍ଚିତ ।।

ଜୀବନ ର ଅଲିଭା ପ୍ରଦୀପ ଶିଖା
ଭାବନା ର ତୁମେ ଲକ୍ଷଣ ରେଖା,
ବାତ୍ୟା, ଝଡ଼ ବାୟୁ ଆସୁ ମରଣ
ତୁମ ପଥ କୁ କରିଛି ପ୍ରତୀକ୍ଷା ।।

ଚଚଆ, କଳାହାଣ୍ଡି

# କେଚଲା ଗାଁ ରେ ଏକ ବିନଦ୍ର ରଜନୀ

ପ୍ରିୟବ୍ରତ ପାତ୍ର

ଡିସେମ୍ବର ମାସର ହାଡଥରା ଶୀତ ରାତି । ସହରୀ ଜୀବନଠୁ କାହିଁ କେତେ ଦୂରରେ, ବିଚ୍ଛିନ୍ନାଞ୍ଚଳ କେଚଲା ଗାଁ ଥିଲା ଉତ୍ସବ ମୁଖର । ସେଇ ଗାଁ ର ଅନତି ଦୂରେ, ଏକ ଆଶ୍ରମରେ ମୁଁ ଶୋଇବାର ଉପକ୍ରମ କରୁଥିଲି । ଗଭୀର ଶୀତରାତିରେ ଦିବସର ତମାମ ସ୍ମୃତିରାଜି ଉଜ୍ଜୀବିତ ହୋଇ ଉଠୁଥିଲେ । ସଲପ ଓ ହାଣ୍ଡିଆ ନଶାରେ ଆଦିବାସୀ ଯୁବକ/ଯୁବତୀମାନେ ଗାଁରେ ମାତି ଉଠିଥିଲେ । ଢେମସା ନାଚ ସାରା ରାତି ଚାଲିଥିଲା ଏବଂ ମଝିରେ ମଝିରେ ବିକଟାଳ ଶବ୍ଦସବୁ ନଶାର୍ଦ୍ଧକୁ ବିଦୀର୍ଣ୍ଣ କରୁଥିଲା ।

ଅଧା ନଦ, ଅଧା ଜାଗ୍ରତରେ ମୁଁ ସ୍ୱପ୍ନ ଦେଖୁଥିଲି .. ବାଘରା ଗାଁରେ ଦୁଇ ପାହାଡକୁ ସଂଯୋଗ କରି ଏକ ନଦୀବନ୍ଧ ତିଆରି ହେଉଛି । କେତେ ହଜାର ବର୍ଷ ଧରି ବହି ଚାଲିଥିବା କୋଲାବ ନଦୀର ପାଣି ହଠାତ୍ କରି ଅଟକ ଯାଉଛି ଓ ବନ୍ଧକୁ ଅତିକ୍ରମ କରିବା ପାଇଁ ଫୁଲିବାରେ ଲାଗିଛି । ପାଖାପାଖି ୩୦୦ ଫୁଟ ଉଚ୍ଚର ନଦୀବନ୍ଧ ଅତିକ୍ରମ କରିବା ପାଇଁ ସେ ବର୍ଷର ତମାମ ପାଣି ନଅଣ୍ଟ ପଡୁଛି । ଖାତ, ଖମା, ଗର୍ତ୍ତ, ସୁଡଙ୍ଗ, ଗୁମ୍ଫା, ଉପତ୍ୟକା ସବୁ ପୂର୍ଣ୍ଣ ହୋଇଗଲା ପରେ ଧିରେ ଧିରେ ପର୍ବତ ମାଳା ସବୁ ସେହି ପାଣିରେ ବୁଡି ଯାଉଛନ୍ତି । ନଦୀକୂଳରେ ଶହଶହ ଆଦିବାସୀ ଗାଁ । କେତେ ପୁରୁଷର ଭିଟାମାଟି ଛାଡି ଲୋକେ ଦୌଡି ପଳାଉଛନ୍ତି । ଆଖି ଆଗରେ ସେମାନଙ୍କ ଗାଁ, ଘର ଜମି ସବୁ ବୁଡିବାରେ ଲାଗିଛି – ସେମାନଙ୍କ ବ୍ୟର୍ଥ ଚତ୍କାର ଓ କ୍ରନ୍ଦନ କ୍ରୁ ଦ୍ଧ କୋଲାବର ଗର୍ଜନରେ କୁଆଡେ ମିଳେଇ ଯାଉଛି । କଛି ଲୋକେ ନଜର ପାଳତ ଗାଇ, ଗୋରୁ, ମଇଁଷି, ଘୁଷୁରୀ ଓ ଆସବାବ ଜିନଷ ଧରି ପାହାଡ ମୁଣ୍ଡିଆକୁ ଉଠୁଛନ୍ତି ଓ କେତେ ଲୋକେ ସବୁଦିନ ପାଇଁ ଗାଁ ଛାଡି ସହରକୁ ଆସି ଯାଉଛନ୍ତି । ଏମିତି ଏକ ବୁଡି ଯାଉଥିବା ଗାଁ ହେଲା କୋଚଲା ଗାଁ ଓ ତତ୍ ସଂଲଗ୍ନ ଏକ ତିରିଶି ଫୁଟ ଉଚ୍ଚର ଜୈନ ମନ୍ଦିର । କେତେ ହଜାର ବର୍ଷର ସଭ୍ୟତା ଓ ପୁଞ୍ଜିଭୁତ ବିଶ୍ୱାସ ଭୁଷୁଡି ପଡୁଥିଲା । କେଚଲା ଗାଁ ର ପରଜା ଆଦିବାସୀ ମାନେ ବୁଡି ଯାଉଥିବା ଜୈନ ମନ୍ଦିରକୁ ନେଇ ବ୍ୟସ୍ତ ଥିଲେ । ସେମାନେ କଛି ପଥର ମୂର୍ତ୍ତିକୁ ଲଟା ତିଆରି ଦଉଡିରେ

ଟାଣିଟାଣି ଗଛମୂଳେ ଆଉଜେଇ ଦେଲେ । ମନ୍ଦିର ମଧ୍ୟସ୍ଥ ଅନ୍ୟାନ୍ୟ ମୂର୍ତ୍ତି ସବୁ ମନ୍ଦିର ସହ ସଲିଳ ସମାଧି ଲଭିଥିଲେ । ଉଦ୍ଧାର ପାଇଥିବା ମୂର୍ତ୍ତି ମଧ୍ୟରେ ଥିଲେ ଜୈନ ଦେବତା ଗୋମେଧ, ଦେବୀ ଅମ୍ବିକା, ଋଷଭନାଥ, ଶାନ୍ତି ନାଥ, ଅଜିତ୍ ନାଥ । ପରଜା ମାନେ ସେସବୁକୁ ବହୁ ଆଗରୁ ଭୈରବ ଓ ତନ୍ତ୍ରଦେବୀଙ୍କ ମୂର୍ତ୍ତି ଭାବେ ପୂଜା କରି ଆସୁଥିଲେ । ନୂଆ ବସତିରେ ପୁଣି ଚଳଣି ଅନୁଯାୟୀ ବଳ, ସଲପ ପିଆ, ନାଚଗୀତ ସବୁକିଛି ଆରମ୍ଭ ହୋଇଗଲା ।

ଆଶ୍ରମ ପରିସର ମଧ୍ୟରେ ଶ୍ୱାନ-ଶୃଗାଳଙ୍କ ଅହେତୁକ ଅଶ୍ରୁନକ ରଡିରେ ମୋର ସ୍ୱପ୍ନ ଭାଙ୍ଗିଗଲା । ଆଶ୍ରମ ବାସୀ ଜଣେ ଭାଇ କହିଲେ – ଭାଲୁପଲ ପଶିଆସିଛନ୍ତି ତ – ତେଣୁ ଏପ୍ରକାରର ଅବେଳ ଭୁକାଭୁକ । ଆପଣ ନିଶ୍ଚିନ୍ତରେ ସଶୋ ଯାଆନ୍ତୁ ।" ଏପଟେ ଭାଲୁ କବଳତ ଆଶ୍ରମରେ ଆତଙ୍କ, ସେ ପଟେ ଗାଢରୁ ଗାଢତର ହେଉଥିବା ଢେମସା ନାଚର ପର୍ବ – ଏ ଭିତରେ ଶୋଇଯିବାଟା କଣ ସମ୍ଭବ? ସ୍ୱପ୍ନ ପରି କଟି ଯାଉଥିବା ଦିବସର ତମାମ ସ୍ମୃତି ଗୋଟିଏ ପରେ ଗୋଟିଏ ଆଖି ଆଗରେ ନାଚ ଉଠିଲେ ।

ଆଗାମୀ ଦିନରେ କେଚଲା ଗାଁ ଏକ ବତୀଘର ଭଳି ସମଗ୍ର କୋରାପୁଟକୁ ମାର୍ଗ ଦେଖେଇବ – ଏକଥା କହିଥିଲେ ଜଣେ ଅଗ୍ରଜ ପ୍ରତିମ ବନ୍ଧୁ । ବହୁଦିନର ଅଭିଳାଷ ପୂରଣ ପାଇଁ ମୁଁ କେଚଲା ଦିଗେ ବାହାରି ପଡିଲି । ସେଠାକୁ ଯିବାପାଇଁ କୋଲାବ ଜଳ ଭଣ୍ଡାରର ଜଳପଥ ହିଁ ଏକମାତ୍ର ରାସ୍ତା । କୋଲାବ ନଗରରୁ ଛାଡୁଥିବା ଲଂଚ ରେ ମୁଁ ଥିଲି ଏକୁଟିଆ ଯାତ୍ରୀ । ଅଢେଇ ଘଣ୍ଟା ବ୍ୟାପି ଅଦ୍ଭୁତ ଜଳଘେରା ଭୂଖଣ୍ଡ ଓ ପର୍ବତମାଳା ଅତିକ୍ରମ କଲାପରେ ମତେ କୌଣସି ନାମହୀନ ଦ୍ୱୀପ ପ୍ରାୟ ପର୍ବତ କଡରେ ଛାଡି ଦେଇ ଲଂଚ ଆଗକୁ ସିମଲା ଗାଁ ଦିଗରେ ଚାଲିଗଲା । ଲଂଚ ବିଭିନ୍ନ ବୁଲାଣି ଭିତରେ କୁଆଡେ ଅଦୃଶ୍ୟ ହୋଇଗଲା, ଏପରିକି ବିରକ୍ତିକର ଇଞ୍ଜିନ୍ ଶବ୍ଦ ମଧ୍ୟ କିଛି ସମୟ ପରେ ଉଭେଇ ଗଲା । ମୁଣ୍ଡ ଉପରେ କଅଁଳ ସୂର୍ଯ୍ୟ ଓ ହାଡଥରା ଶୀତଳ ପବନ ଛଡା ମୋ ପାଖରେ କେହି ମଧ୍ୟ ନଥିଲେ । ରଙ୍ଗମାଟିଆ ପାହାଡଟି କେବଳ ଜଙ୍ଗଲୀ ଘାସ ଓ କଣ୍ଟା ଗଛରେ ପୂର୍ଣ୍ଣ ଥିଲା । ମତେ ଚମକାଇ ଦେଇ ଅଦୂରରେ ଖରା ଖାଉଥିବା କୁମ୍ଭୀରଟିଏ ଲାଞ୍ଜପିଟି ପାଣି ଭିତରକୁ ଚାଲିଗଲା । କୂଳରେ ଚାଲିଲେ ବିପଦ ଆସିପାରେ, ଅତଏବ୍ ପାହାଡ ଶିଖରକୁ ଚାଲିଗଲି । ଏଠାରୁ କେଚଲା ଗାଁ କୁ ମତେ ଚାଲିଚାଲି ଯିବାକୁ ହେବ, ଅଥଚ ପାହାଡ ଓ ପାଣିଛଡା ମତେ କିଛି ଦେଖାଯାଉନଥାଏ । ଜୀବନରେ ଏମିତି ହତବାକ୍ ଓ ଅସହାୟ ମୁଁ କେବେ ହୋଇ

ନଥିଲି । ଗ୍ରରିଆଡେ ଗ୍ରହିଁଲି – ଲୋକବାକ, ଗାଈଗୋରୁ, ଘରଦ୍ୱାର, ଏପରିକ ଗ୍ରଷଜମିର ଚହ୍ନବର୍ଣ୍ଣ ଦିଶୁ ନଥିଲା । ମୁଁ ଅନନ୍ୟୋପାୟ ହୋଇ ପାହାଡ ଟାପୁକୁ ଉଠିଗଲି ଏବଂ ବହୁ ଦୂରରେ ଅନ୍ୟ ଏକ ଦ୍ୱୀପ ପରି ଦିଶୁଥିବା ପାହାଡ ଚୂଳରେ ପବନ ଚକର ଚକଟି ଘୁରୁଥିବା ଦେଖି ପାରିଲି । ଦୃଶ୍ୟଟି ମୋତେ ଅଭୟ ପ୍ରଦାନକାରୀ ସୁଦର୍ଶନ ଚକ୍ର ପରି ଲାଗିଲା । ସେଠାରେ ଅନ୍ତତଃ କୌଣସି ଲୋକର ସନ୍ଧାନ ମିଳିଯିବ – ଏହି ଆଶାରେ ସେ ଦିଗେ ଗ୍ରଲିଲି । ବାଟରେ ଜଣେ ବାଉଁଶ ଭ୍ରରରେ କଛି ଅଙ୍ଗାର ବୋହି ନେଉଥିଲେ, ପଗ୍ରରନ୍ତେ ତାଙ୍କ ଭ୍ରଷାରେ କହିଲେ – ଆଗରେ ଆଶ୍ରମ, ତା ଆଗରେ କେଚଲା ଗାଁ ।

ଆଶ୍ରମର ଜଣେ ଅନ୍ତେବାସୀ ମତେ ଦୂରରୁ ପାଛୋଟି ନେଲେ ଏବଂ ସେଠାରେ ମୋର ରହିବା ଓ ଖାଇବା ବ୍ୟବସ୍ଥା ହୋଇଗଲା । ଆଶ୍ରମ କହିଲେ ଶ୍ରୀ ଅରବିନ୍ଦ ଆଶ୍ରମ, ଦୁଇତାଲା ବିଶିଷ୍ଟ କୋଡିଏଟି କୋଠରୀ ଥିବା ଏକ ଆଧୁନକ ଘର । ସେଠାରେ ସୌରଗ୍ରଳତ କରେଣ୍ଟର ବ୍ୟବସ୍ଥା ରହିଛି, ପବନ ଚକ ଦ୍ୱାରା ଭୂମିତଳୁ ପାଣି କଢାଯାଇ ବାଡି ବଗିଗ୍ରରେ ଦେବା ବ୍ୟବସ୍ଥା ରହିଛି । ତିରିଶି ଏକର ବ୍ୟାପି ସମସ୍ତ ଆଶ୍ରମ ପରିସର କଂକ୍ରିଟ୍ ଖମ୍ବ ଓ ବାରବେଡ୍ ତାର ଦ୍ୱାରା ଘେରିତ ହୋଇ ରହିଛି । ଆଗାମୀ ଦିନ ପାଇଁ ଏକ ସୁଚନ୍ତିତ ଯୋଜନା କାମ କରୁଛି । ବଡ ବଡ ବୃକ୍ଷ ଲଗାଯାଇଛି, ତା ସାଂଗକୁ ଔଷଧୀୟ ଗଛ ମଧ ଲଗାଯାଇଛି । ନଜେ ଚଳଲା ପରି ପନପରିବା ଗ୍ରଷ ମଧ ହେଉଛି । ଏହି ଆଶ୍ରମର ଗଠନ ଓ ନର୍ମାଣ ପଶ୍ଚାତରେ ଥିବା କଳ୍ପନା ଓ ଇଚ୍ଛାଶକ୍ତି ବଡ ବିଚତ୍ର ।

ଦିଲ୍ଲୀ ଆଶ୍ରମ ତରଫରୁ ନଷ୍ପତ୍ତି ନଆଗଲା କେଚଲା ଗ୍ରାମରେ ପାଖାପାଖି ତିରିଶି ଏକର ଜମି ଅଧିଗ୍ରହଣ କର୍ଯିବ ଏବଂ ଆଶ୍ରମ ପ୍ରତିଷ୍ଠା ହେବ । ଜମି ଅଧିଗ୍ରହଣ ପର୍ବ ସରିଲା । କଛି ଅନୁପ୍ରାଣିତ ତରୁଣ ଜମି ଦେଖିବାକୁ ଓ ନର୍ମାଣ ହେବାକୁ ଥିବା ଆଶ୍ରମର ନକସା କାଟିବାକୁ ଆସିଲେ । ସେମାନଙ୍କ ଆଗମନକୁ ଦେଖି ଗାଁ ଲୋକେ ଘୋର ଅବିଶ୍ୱାସରେ ରହିଲେ । ଢିଢି ବର୍ଷା ରେ ତରୁଣମାନେ ସେମିତି ବାହାରେ ଠିଆହୋଇ ରହିଲେ ସିନା ଜଣେ ମଧ ଆଦିବାସୀ ସେମାନଙ୍କୁ ଘର ଭିତରକୁ ଡାକଲେନ । ଥରେ ଏମିତି ହେଲା ଗୋଟିଏ ପାହାଡ ଟାପୁରେ ଖୋଲା ଆକାଶ ତଳେ ମାଟି ମା କୁ ଶେଜ କରି ସେମାନଙ୍କୁ ଶୋଇବାକୁ ପଡିଥିଲା । ସେଇ ଦଳରେ ଥିଲେ ମାଇକେଲ୍ ନାମକ ପଗ୍ରଶ ବର୍ଷର ଜଣେ ଅବିବାହିତ ଅମେରିକୀୟ ତରୁଣ ।

ସେଇ ମାଇକେଲ୍ ଙ୍କ କାହାଣୀ ମଧ୍ୟ ତଦ୍ରୁପ ବିଚିତ୍ର। ଦୀର୍ଘ ଦିନ ଧରି ସେ କୋରାପୁଟ ସହରରେ ଘୁରି ବୁଲିଥିବା ଲୋକେ ଦେଖିଛନ୍ତି। ଦାଢ଼ୀ ରଖିଥିବା ଏହି ବିଶାଳକାୟ ଲୋକଟିକୁ ଦେଖି କୋଲାବ ଜଳ ଭଣ୍ଡାରକୁ ଲାଗିକରି ଥିବା ଆଦିବାସୀ ଗାଁର ଲୋକେ ଡରି ଯାଇଥିଲେ। ଓଡିଶା ଆସି, କୋରାପୁଟ ସହରରେ ସେ ନିଜେ କାଠର ଡଙ୍ଗାଟିଏ କରିଥିଲେ ଏବଂ ସେଇ ଡଙ୍ଗାକୁ ନେଇ କୋଲାବ ଜଳ ଭଣ୍ଡାରରେ ଦୁଇମାସରୁ ଅଧିକ ଘୁରି ବୁଲିଥିଲେ। କିଛି କିଣାବିକା ପାଇଁ ସେ ଯାହା କେବେ କେମିତି ସହରକୁ ଆସୁଥିଲେ। ଡଙ୍ଗା ଉପରେ ଖରା ବର୍ଷାରୁ ରକ୍ଷା ପାଇବା ପାଇଁ କୁଟୀରଟିଏ କରିଥିଲେ। କୂଳରେ ପିଲାକୁ ଦେଖିଲେ ବଲ ଫୋପାଡି ସେମାନଙ୍କ ସାଙ୍ଗେ ଖେଳୁଥିଲେ। ସନ୍ଦେହୀ ବଡ ମାନଙ୍କୁ ଦେଖିଲେ କୁଟୀର ଭିତରକୁ ଚାଲି ଯାଉଥିଲେ। କେବେ ଗିଟାର କାଢି ବଜେଇବା ବେଳେ ଗାଁ ଲୋକେ ଭାବୁଥିଲେ ବନ୍ଧୁକ କାଢି ବସିଛି। କିଏ ଭାବୁଥିଲା ନକସଲ୍, କିଏ ଭାବୁଥିଲା ମାଓବାଦୀ, କିଏ ଭାବୁଥିଲା ପାକିସ୍ଥାନୀ ଗୁପ୍ତଚର ବା ଖ୍ରୀଷ୍ଟିଆନ୍ ମିଶନାରୀ। ତା ପରେ ଇଟା, ବାଲି ସିମେଣ୍ଟ ଲୁହା ଛଡ ବୁହା ହୋଇ ଆଶ୍ରମ ତିଆରି ଚାଲିଲା। ଦୀର୍ଘ ଏଗାର ବର୍ଷ ଭାରତରେ ଝଞ୍ଜାପରି ବ୍ୟସ୍ତ ରହିଲା ପରେ ମଧ୍ୟ ଏଠାରେ ସେ ତିଷ୍ଟି ପାରିଲେନି। ଘନଘନ ମାଲେରୀଆରେ ଆକ୍ରାନ୍ତ ହୋଇ ମଧ୍ୟ ସେ ଥକି ଯାଇ ନଥିଲେ ଏବଂ ଶେଷରେ ଆମେରିକା ଚାଲି ଯାଇଥିଲେ।

ଆଶ୍ରମ ଅନ୍ତେବାସୀ ମାନେ ଯାହା କୁହନ୍ତି – ମାଇକେଲ ଥିଲେ ଜଣେ ଓସ୍ତାଦ ଡଙ୍ଗା ବିଶାରଦ। ଆମେରିକା ରେ ସ୍କୁଲରେ ପଢୁଥିବା ସମୟରେ ବାପାଙ୍କ ଦ୍ୱାରା ବିତାଡିତ ହୋଇ ମା ଓ ଭଉଣୀ ଙ୍କୁ ସାଥିରେ ନେଇ ଏକ ଡଙ୍ଗାଘରେ ବାକି ଜୀବନ କଟେଇଥିଲେ। ଭାଇ ଭଉଣୀ ଦୁଇଜଣ ଯାକ ସ୍କୁଲ ବା କଲେଜ ଯାଉଥିଲେ, ଯିଏ ଆଗ ଫେରୁଥିଲା ସେ ଅପରକୁ କୂଳରେ ଅପେକ୍ଷା କରୁଥିଲା ଏବଂ ଶେଷରେ ସମସ୍ତେ ମଝି ଦରିଆକୁ ଚାଲି ଯାଉଥିଲେ। ଥରେ କୌଣସି ଏକ ଚାକରୀ ପାଇଁ ନିଯୁକ୍ତି-ଆଦେଶନାମା ଆସିଲା। ବିମାନରେ ଯିବାକୁ ପଇସା ନ ହେବାରୁ ସେ ଆହୁଲା ମାରି ଡଙ୍ଗା ବାହି ଆଟଲାଣ୍ଟିକା ଅତିକ୍ରମ କରି ନିଜର ଅଭିଳଷିତ ଜାଗାରେ ପହଞ୍ଚିଥିଲେ। ସେଦିନ ମାଇକେଲ୍ ଙ୍କ ବିଷୟରେ ଏସବୁ ଶୁଣି ରୋମାଞ୍ଚିତ ହୋଇଥିଲି। ଗତାନୁଗତିକ ଜୀବନ ବଂଚୁଥିବା ଯେ କୌଣସି ଲୋକଙ୍କୁ ଏସବୁ କଥା କାହାଣୀ ପରି ଲାଗିପାରେ।

ଭୋଜନ ପରେ ସେଦିନ ଆମେ ଗାଁ ବୁଲି ବାହାରିଲୁ । ଡୁବି ଯାଇଥିବା କେଚଲା ଗାଁର ଲୋକେ ପାଞ୍ଚ ଭାଗରେ ବିଭକ୍ତ ହୋଇ ପରସ୍ପରଠୁ ଡାକେ ଦୂରରେ ରହିଲେ ସତ, କିନ୍ତୁ ସମସ୍ତେ ନିଜନିଜ ପଡାକୁ କେଚଲା ବୋଲି ନାମ ଦେଇଥିଲେ । ଆମକୁ ଦେଖିବା ପାଇଁ ଗାଁ ମୁଣ୍ଡରେ ପିଲାଏ ରୁଣ୍ଡ ହୋଇଥିଲେ । ଆଠ ଦଶଟି ଘର ଥିବା ଗୋଟିଏ ପଡାରେ ଏତେ ପିଲା ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ମତେ ବୁଲାଇ ନେଇଥିବା ବନ୍ଧୁ ଜଣକ କହିଲେ – ଦୁଇବର୍ଷ ପରେ ଆସନ୍ତୁ ଏଥିରୁ ତିନିଭାଗ ନଥିବେ । ସାପକାମୁଡା, ମେଲେରିଆ, ଧନୁଷ୍ଟଙ୍କାର, ପେଟରୋଗ ତଥା ଅନ୍ୟାନ୍ୟ ଅଜଣା ରୋଗରେ ବହୁ ପିଲା ମରିଯାନ୍ତି, ପୁଣି ଜନ୍ମ ବି ହେଉଥାନ୍ତି । ଏଠାରେ ଆଦିବାସୀମାନେ ଧରି ନିଅନ୍ତି ଯେ ଜନ୍ମପରି ମୃତ୍ୟୁ ମଧ୍ୟ ସ୍ୱାଭାବିକ ପ୍ରକ୍ରିୟା, ତା ଭାଗ୍ୟରେ ଥିଲା ତେଣୁ ସେ ମରିଗଲା । ଜଣେ ଯୁବକ ମୁଣ୍ଡରେ ଗୋବର ଲେପ ଦେଇ ବସିଥିଲେ । ମୁଣ୍ଡ ଫାଟି ରକ୍ତ ସ୍ରାବ ହେଲେ ଏମିତି କରିବା ଏଠାକାର ଚଳଣି । ଏମିତିରେ କିଛି ଲୋକଙ୍କ ମୁଣ୍ଡଫଟା ଶୁଖିଯାଏ, ଆଉ କେତେ ଜଣଙ୍କର ଧନୁଷ୍ଟଙ୍କାର ଯୋଗୁଁ ମୃତ୍ୟୁ ମଧ୍ୟ ହୋଇଥାଏ ।

ଗାଁ ମୁଣ୍ଡରେ ପରିତ୍ୟକ୍ତ ହୋଇ ପଡିଥିବା ଜୈନ ମୂର୍ତ୍ତି ସବୁ ଦେଖିବାକୁ ଗଲୁ । ଅଦ୍ଭୁତ କାରୁକାର୍ଯ୍ୟ ଭରା, ବହୁମୂଲ୍ୟର, ବହୁ ସ୍ମୃତି ବିଜଡିତ ଓ ବିଶ୍ୱାସର ପରାକାଷ୍ଠା ଭାବେ ଆଉଜା ହୋଇ ପଡି ରହିଛନ୍ତି ମୂର୍ତ୍ତି ସବୁ । ବହୁ ଆଗରୁ ଚତୁର ମନ୍ତ୍ରୀଯନ୍ତ୍ରୀଙ୍କ ଦ୍ୱାରା କିଛି ଅପହୃତ, ଆଉ କିଛି ଜୟପୁର ଓ ଭୁବନେଶ୍ୱର ସଂଗ୍ରହାଳୟରେ ସଂରକ୍ଷିତ । ସରକାରଙ୍କ ତରଫରୁ ସବୁ ଗାଁକୁ ପାଖ ହେଲା ଭଳି ଗୋଟିଏ ଜାଗାରେ ଏକ ଭବ୍ୟ ଜୈନ ସ୍ମୃତି ମନ୍ଦିରଟିଏ ତିଆରି ହୋଇଥିଲା । ସେ ସମୟରେ ଜିଲ୍ଲାପାଳ ମହୋଦୟାଙ୍କ ନାମ ଖୋଦିତ ମାର୍ବଲ ଫଳକଟି ଦାଉଦାଉ ହୋଇ ଦିଶିଲା ସିନା ଜୈନ / ବୁଦ୍ଧ ମୂର୍ତ୍ତି ସବୁ ସେଠାକୁ ସ୍ଥାନାନ୍ତରୀତ ହୋଇ ପାରିଲା ନାହିଁ । କାରଣ ମୂର୍ତ୍ତିସବୁର ଏବଳ ବିକଳ ବିସ୍ଥାପନକୁ ପରଜାମାନେ ବିରୋଧ କଲେ । ମୂର୍ତ୍ତି ମଧ୍ୟସ୍ଥ ଭୈରବ ଓ ଭୈରବୀ ଅତି ଶକ୍ତିଶାଳୀ, ତାକୁ ଖରାବର୍ଷା କ୍ଷତି ପହଞ୍ଚାଇ ପାରିବନି – ଏମିତି ଏକ ସରଳ ବିଶ୍ୱାସ ଗାଁ ଲୋକଙ୍କ ଭିତରେ ବଳବତ୍ତର ଥିଲା । ଦେବତା ପୁଣି ମାର୍ବଲ ବସା, ଟିଣ ଛାତଘରେ ତାଲା ପଡି ରହିବେ ଏବଂ କେବେ କେମିତି ତାଲା ଖୋଲି ତାଙ୍କୁ ଦେଖିବାକୁ ପଡିବ – ଏକଥା ଗାଁ ଲୋକଙ୍କୁ ପସନ୍ଦ ହେଲାନାହିଁ । ଅତଏବ୍ ମୂର୍ତ୍ତି ସବୁ ସେମିତି ଗଛମୂଳେ ପଡି ରହିଲେ । ସେଦିନ ଗାଁରେ ବୁଲୁବୁଲୁ ଏକଥା ହିଁ ମତେ ଖୁବ୍ ଆଚମ୍ବିତ କରୁଥିଲା । ଗାଁ ର ଦେବାଦେବୀ ସ୍ଥାନାନ୍ତରୀତ ହେବେ, ଅଥଚ ଗାଁ ଲୋକଙ୍କୁ ନ ପଚାରିଯାଇ ଭବ୍ୟ ଭବନ ତିଆରି ହୋଇଗଲା । କେତେ

ଭଲ ହୋଇଥାନ୍ତା ଯଦି ପ୍ରଶାସନ ମୂର୍ତ୍ତିଥିବା ସ୍ଥାନଟିକୁ ଘେରେଇ କରି ଅନ୍ତତଃ ସଂରକ୍ଷଣ ହେଲାଭଳି ବଡ ବଖରାଟିଏ କରିଥାନ୍ତେ ଏବଂ ଏ ସମସ୍ତ ନିଷ୍ପତ୍ତିରେ ଗାଁ ଲୋକଙ୍କୁ ସାମିଲ କରିଥାନ୍ତେ ।

ସେ ଅଞ୍ଚଳରେ ପରଜାମାନଙ୍କ ଛଡା ଗଦବା, ଭୂମିଆ ଓ କନ୍ଧମାନେ ମଧ୍ୟ ଅଳ୍ପ ସଂଖ୍ୟାରେ ରହନ୍ତି । ଅନ୍ୟ ଆଦିବାସୀ ଗାଁ ପରେ କେତଲା ଗାଁରେ ମଧ୍ୟ ସଲପ ଗଛ ରହିଛି । ଗାଢ ସବୁଜ ରଙ୍ଗର ବାହୁଙ୍ଗା ପରି ଦିଶୁଥିବା ପତ୍ର ସବୁ ବୃକ୍ଷଟିକୁ ଏକ ତନ୍ତ୍ରମନ୍ତ୍ରର ଗଛପରି ପ୍ରତିଭାତ କରାଇଥାଏ । ଦଶବର୍ଷ ପରେ ଗଛର ଶୀର୍ଷଭାଗରେ କଟାଦାଗ କରାଯାଇ ସେଠାରୁ ସଲପ ସଂଗ୍ରହ କରାଯାଏ । ଚୈତ ମାସରେ ଏହି ସଲପ ପିଇ ମାସସାରା ଗାଁର ସଭିଏଁ ନାଚଗୀତରେ ମାତନ୍ତି । ସେତେବେଳେ ସେ ଗାଁ କୁ ଯିଏ ଯାଏ ସମସ୍ତଙ୍କୁ ବଡ ଆଦରରେ ଡକାଯାଇ ସଲପ ଦିଆଯାଏ । ବୁଲୁବୁଲୁ ଏମିତି ଏକ ଘରେ ପହଞ୍ଚିଲା ବେଳକୁ ଭିତରୁ ହସଖୁସିର ଲହରୀ ଉଠୁଥିଲା । କୌଣସି ଶିଶୁର ଏକୋଇଶି ଦିନିଆ ପର୍ବ ଭାବେ ଘର ମଝିରେ କରାଯାଇଥିବା ଗାତ "ବମନ କନର"କୁ ଜାନି ଡକାଇ ପୋତିବାର ପର୍ବ ଚାଲିଥିଲା । ଜନ୍ମଠୁ ୨୧ ଦିନ ଯାଏ ପିଲାର ସମସ୍ତ ଧୂଆପୋଛା ପାଇଁ ଏହି ଗାତ ଟି ବ୍ୟବହୃତ ହୋଇ ଆସୁଥିଲା । ତା ପରେ ପିଲାର ନାମକରଣ ପର୍ବ ଆରମ୍ଭ ହେଲା । ଜଣେ ଆସି ଶିଶୁଟିର ହାତରେ ମହୁଲ ପତ୍ରଟିଏ ଧରେଇ ଦେଇ କୌଣସି ପିତୃ ପୁରୁଷଙ୍କ ନାମ ଉଚ୍ଚାରଣ କଲା । ପିଲାଟି ହାତମେଲା କରିଦେଲା । ପୁଣି ଆଉଜଣେ ଆସି ଅନ୍ୟ ଏକ ନାମରେ ପତ୍ର ଧରାଇଲା । ଏମିତି ଚାଲୁଚାଲୁ ଯେଉଁ ନାମ ଉଚ୍ଚାରଣରେ ପିଲାଟି ପତ୍ରକୁ ମୁଠେଇ ଧରିଥିଲା, ସେଇ ନାମରେ ପିଲାଟିକୁ ଡକାଗଲା । ଏଭଳି ପ୍ରଥା ପରଜାମାନଙ୍କ ଭିତରେ ନଥିଲା । କନ୍ଧ ସଂପ୍ରଦାୟର ଲୋକେ ଏଭଳି ପ୍ରଥା ପାଳନ୍ତି, ଯାହାକି କୌଣସି ବ୍ୟତିକ୍ରମ ଭାବେ ସେଇ ପରଜା ପରିବାରରେ ଚାଲିଥିଲା ।

ଅପରାହ୍ନ ବେଳକୁ କନ୍ୟାଟିଏ ନିଜ ଗାଁର କିଛି ଯୁବତୀ ସାଙ୍ଗଙ୍କୁ ଧରି କେତଲା ଗାଁକୁ ବିବାହ ନିମନ୍ତେ ଆସୁଥିଲା । ତା ପୂର୍ବରୁ କନ୍ୟାର ଗାଁରେ ଗାଁ ମୁଖିଆ ବା ଜାନିର ଉପସ୍ଥିତିରେ ସେହି କନ୍ୟାକୁ ତା ବର ହାତରେ ସମର୍ପଣ କରି ଦିଆସରିଥିଲା । ପରଜା କନ୍ୟା ସାଥିରେ ତା ଘରର କେହି ଆସନ୍ତି ନାହିଁ କି କୌଣସି ପୁରୁଷ ଲୋକ ଆସନ୍ତି ନାହିଁ । ପରଜା ବଧୂ ତଥା ସାଙ୍ଗରେ ଆସିଥିବା ଯୁବତୀଙ୍କ ଶୁଭ ଆଗମନ ଉପଲକ୍ଷେ ଗାଁ ରେ ଆରମ୍ଭ ହୋଇଗଲା ଢେମସା ନାଚ । ପରସ୍ପର ଅଣ୍ଟା ଧରାଧରି ହୋଇ ଗାଁର ଆବାଳବୃଦ୍ଧ ବନିତା ନାଚବାକୁ

ଲାଗିଲେ । ସବା ଆଗରେ ମୟୁର ପୁଚ୍ଛ ଧରିଥିବା ବାଟକଢା ଯୁବତୀଟି ସାରା ଦଳକୁ ପରିଚାଳନା କରୁଥିଲା । ମହୁରୀଆ ସହ ତାଳ ଦେଇ ଢୋଲ, ଟମକ, ଡିବିଡିବି, ଡୁଙ୍ଗଡୁଙ୍ଗା ବାଜି ଉଠୁଥିଲା । ସେମାନେ ସମସ୍ତେ ଅଣ୍ଟା ଝୁଲାଣି ଢେମସାରେ ମାତିଥିଲେ । ସାରା ବନଭୂଇଁ କୋଲାବ ଉପକୂଳ ଚମକ ଉଠୁଥିଲା ସେଇ ଅଦ୍ଭୁତ ଝଙ୍କାରରେ ।

ସନ୍ଧ୍ୟାବେଳେ ଅଦ୍ଭୁତ ନୀରବତା ଓ ବହଳ ଅନ୍ଧକାର ତମାମ ଢୋଲ ଶବ୍ଦ ସତ୍ୱେ କୋଲାବ ଅବବାହିକାକୁ ଗ୍ରାସ କରୁଥିଲା । ଆଦିବାସୀ ଗାଁରେ କୁକୁଡା ମାନେ ଚାଳ ଉପରକୁ ଉଠି ଯାଇଥିଲେ । ଘୁଷୁରିମାନେ ପେଟପାରି ଶୋଇ ଯାଇଥିଲେ ଏବଂ କୁକୁରମାନେ ଭୁକାଭୁକ ଆରମ୍ଭ କରିଦେଇଥିଲେ । ରାତି ବଢିବା ସାଥିସାଥି ଗାଁ ଲୋକଙ୍କ ନିଶା ବଢିବାରେ ଲାଗିଥିଲା, ଉଦ୍ଦାମତା ଓ ଆଦିମତା ବଢି ଚାଲିଥିଲା । ମୁଁ ବା ଶୁଅନ୍ତି କେମିତି ଯେବେ ଚାରିଆଡେ ପର୍ବ ଚାଲିଛି? ଶରୀର ସିନା ପଡିରହିଲା, ମନ କିନ୍ତୁ ଢେମସାରେ ସାମିଲ୍ ହୋଇଗଲା । ରାତି ଶେଷରେ ମୁଁ ଜାଣି ପାରିଲିନି ମୁଁ ବିନିଦ୍ର ଥିଲି ।

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

# ମୋ ପରିବେଶ ମୋ ପାଇଁ ସ୍ୱର୍ଗ



ବାସନ୍ତୀ ଲତା ଜେନା

ଜନନୀ ଗର୍ଭରୁ ଜନ୍ମ ଭୂମି କୋଳେ
ଯେ ଦିନ ପାଦ ଥାପିଲି
ପରିବାର ମୋତେ ଆପଣାଇ ନେଲା
ଭାଗ୍ୟବାନ ମୁଁ ହୋଇଲି ।୧।

ମୋର ଚତୁଃପାର୍ଶ୍ୱ ଜଳ ସ୍ଥଳ ବାୟୁ
ମାଟି ତାପ ଅଛି ରହି
ପ୍ରକୃତିରୁ ସୃଷ୍ଟି ଏ ସବୁ ହୁଅନ୍ତି
ସଜୀବ ଜନଙ୍କ ପାଇଁ ।୨।

ସକାଳ ସମୀର ଦେହେ ଶିହରଣ
ମଧୁ ବାସ୍ନା ସୁମନର
ପକ୍ଷୀ କାକଳୀର ଗୁଞ୍ଜରଣ ଶୁଭେ
ହଳଆର କଣ୍ଠ ସ୍ୱର ।୩।

ନଦୀର ସଲୀଳ ବୃକ୍ଷ ଲତା ଫଳ
ମୋ ଜୀବନ ପରିପୁଷ୍ଟ
ମୋର ପରିବେଶ ମୋର ପାଇଁ ସ୍ୱର୍ଗ
ହେଉ ଅଛି ମୁଁ ସନ୍ତୁଷ୍ଟ ।୪।

ପରିବେଶ ଦିଏ ଖାଦ୍ୟ ବାସଗୃହ
ଥାଏ ବସ୍ତ୍ର ଯୋଗାଇଣ
ମାନବ ଜାତିର ମଉଳକ ଦ୍ରବ୍ୟ
ସବୁରିଙ୍କ ପ୍ରୟୋଜନ ।୫।

ପରିବେଶ ଶୋଭା ଉଦ୍ଭିଦ ହୁଅଇ
ମାନବ କରୁଛି ନଷ୍ଟ
ପ୍ରଗତିର ନାମ ବୈଜ୍ଞାନକ ଦିଏ
ଗଛ କାଟି ପଥ ଭ୍ରଷ୍ଟ ।୬।

ଶିଳ୍ପ କାରଖାନା ଗଢି ଉଠୁ ଅଛି
ଜଙ୍ଗଲକୁ ନଷ୍ଟ କରି
ବାୟୁ ମଣ୍ଡଳରେ ଧୂଳ ଧୂଆଁ ପୂର୍ଣ୍ଣ
ଅମ୍ଳଜାନ ଯାଏ ସରି ।୭।

ରାସାୟନକ ସାର କୃଷକ ପକାଇ
ବହୁତ ଅମଳ କରେ
କାରଖାନା ଜଳ ନଦୀ ନାଳେ ଛାଡି
ଜଳକୁ ଦୂଷିତ କରେ ।୮।

ସରଗ ସୁଷମା ଏ ମର୍ତ୍ତ୍ୟରେ ଥିଲା
ଆଜି ଭରି ଯାଏ ବିଷ
ବୃକ୍ଷ ତ ବଞ୍ଚିଲେ ମଣିଷ ବଞ୍ଚିବ
ନ ହେଲେ ଜୀବନ ଶେଷ ।୯।

ସୁସ୍ଥ ପରିବେଶ ଗଢିବା ପାଇଁ କ
ବୃକ୍ଷ ଲଗାଇବା ଭାଇ
ହାତକୁ ହାତ ଯେ ମିଶାଇଣ ଦେବା
ପାଦପ ସୁରକ୍ଷା ପାଇଁ ।୧୦।

ପରିବେଶ ରକ୍ଷା ଜୀବନ ସୁରକ୍ଷା
ଏକଥା ମନେ ରଖିବା
ଶିଶୁଟିଏ ପରି ଗଛଟିର ଯତ୍ନ
ନିତି ଆମେ ନେଉଥିବା ।୧୧।

ପ୍ରକୃତି ହସିଲେ ମଣିଷ ହସିବ
ରୋଗ ବ୍ୟାଧି ହେବ ନାହିଁ
ଦୈବୀ ଦୁର୍ବିପାକ ଦୂରେଇଣ ଯିବ
ଏ କଥାକୁ ଭୁଲ ନାହିଁ ।୧୨।

ଗାନ୍ଧୀନଗର, ନବରଙ୍ଗପୁର

# ଗୁଣଗ୍ରାହୀଠାରେ ପ୍ରକାଶ



ଶୋଭ୍ଗିନ ବିଶି

ସମସ୍ତ ଗୁଣରେ ଅଭିଷିତ କଲ, କାହାକୁ କରେ ପ୍ରକାଶ,
କେଉଁ ଗୁଣର ମୁଁ କରିବି ପ୍ରକାଶ, କାହାକୁ କରିବି ନାଶ ।
ଭଲ ଗୁଣ ସବୁ ଚହ୍ନିବାର ଯେଉଁ ପଥଟିକ ଅଛି ରହି,
ହାତ ଧରି ମୋର ସାଥେ ଗ୍ଲଲ ପ୍ରଭୁ, ଗୁଣ ଅବଗୁଣ କହି ।
ମାୟାମୋହେ ହାଟେ ହାତଧରି ଆଣି, ଛାଡି ଗ୍ଲଲିଗଲ ଏକା,
"ସଭିଏଁ ତୋହର" କୁହ ମହାବାହୁ,"ଚହ୍ନ ତୁହିଁ କା ର ସଖା" ।
ଏହି ଭବାର୍ଣ୍ଣବେ ଚହ୍ନିବି କପରି, କଏ ଯେ ମୋହର ସଖା
ମୋ ଗୁଣ ପ୍ରକାଶେ ଚହ୍ନାଇ ଦିଅହେ, ଚହ୍ନି ମୁଁ ପାରିବି ଏକା ।
ଗୁଣର ପ୍ରକାଶ ନକର ପଛକେ, ଏତିକ ଅବଶ୍ୟ କର
ବାକ୍ୟେ ମୋ ଆଘାତ ନ ହୁଅନ୍ତୁ କେହି, ସବୁ ହୃଦେ କରେଁ ଘର ।
ସର୍ବ ଗୁଣ ଧର୍ମ ଉର୍ଦ୍ଧ୍ୱରେ ରହିଣ, ମାନବ ଧର୍ମଟି ସାଧ
ଯାହା ଗୁଣ ଧର୍ମ ତାକୁ ଅରପିଲେ, ହେବ ସିନା ଅପରାଧ ॥

ଗ୍ରାମ-ଦୁଆନ ପାଲି,
ସୋହେଲା, ବରଗଡ଼

# ଖୁସି

ନିରଞ୍ଜନ ସାହୁ

ତୁମକୁ ନେଇ ମୁଁ କବିତା ଲେଖିଲେ
ଯେଉଁ ଖୁସି ମିଳେ ମୋତେ
ଯେତେ ଯାହା କଲେ ସେହି ଖୁସିକୁ ମୁଁ
ପ୍ରକାଶି ପାରେନା ସତେ ॥
ସେ ଖୁସିରେ ଏତେ ମାଦକତା ଅଛି
ବୁଝାଇ ହେବନି କେବେ
ଯେମିତି କହିଲେ ଯେତେ ବୁଝାଇଲେ
ବାକି ରହିଯିବ ତେବେ
ବୁଝାଇ ବୁଝାଇ ଥକିଯିବି ପଛେ
କହିବି ଅବା ମୁଁ କେତେ**??**
ସେ ଖୁସିରୁ ଯେତେ ଆନନ୍ଦ ଲଭଇ
ମାପି ବା ପାରିବ କିଏ
ଅନୁଭବି ଯେବେ ବାଣି ପାରୁନି
ଏତେ ଖୁସି ପାଏ ସିଏ
ସେ ଖୁସିରୁ ଭାଗ ତୁମକୁ ଦେବାକୁ
ମନାକରେ ମନ ଯେତେ ॥

ନିହାଲପ୍ରସାଦ,
ଗନ୍ଧିଆପାଟଣା, ଢେଙ୍କାନାଳ

# ମୋ ମାଆ



ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି

ଚିର ବନ୍ଦନୀୟା,
ପ୍ରାତଃ ସ୍ମରଣୀୟା
ଜନନୀ ମୋହର, ସ୍ୱର୍ଗାଦପି ଗରୀୟସୀ;
ପାର୍ଥିବ-ଜଗତୁ ଗଲେବି ଦୂରେଇ,
ମୋ ହୃଦୟ-ସ୍ୱର୍ଣ୍ଣ-ମନ୍ଦିରେ ଏବେବି
ପୂଜା ପାଉଛି ସେ ବସି ।
ମମତା-ନିର୍ଝର,
ଦୟା-ଅବତାର,
ସେବା ଓ ତ୍ୟାଗର ସେ ତ ଅସରନ୍ତି ଉତ୍ସ;
ତା ପଣତ ଭରେ ନିଦ ମୋ ଆଖିରେ,
ତା କୋଳେ ଥିଲେ ମୁଁ ସବୁ ଦୁଃଖ ମଣେ ତୁଚ୍ଛ ।
ତା ଦେହର ବାସ୍ନା
ଏବେବି ମହକେ,
ନିଶ୍ୱାସେ, ପ୍ରଶ୍ୱାସେ-ଏତ ଅନୁଭୂତି ମୋର;
ବିପଦେ ଆପଦେ
ମୋ ପଛରେ ଥାଇ,
ଦିଏ ସେ ବଢାଇ – ତା ଆଶିଷ-ବୋଳା କର ।

ଅନ୍ଧାରେ ଝଲକେ
ମୁଖଶ୍ରୀ ତାହାର,
ମାନସ ଚକ୍ଷୁରେ ସ୍ୱତଃ ଆଙ୍କିହୁଏ-ତାର ମନଲୋଭା ଛବି;
ବିପଦ, ଆପଦ
ଅପସରି ଯାଏ,
ଥରଟିଏ ଯଦି ତା କଥା ବସେ ମୁଁ ଭାବି ।
ତା ଦେହର ରକ୍ତ,
ଧମନୀରେ ମୋର
ପ୍ରବାହିତ ହୁଏ ଅହରହ ଦିବାନିଶି;
ଥକ ପଡିନ ସେ
ଜୀବନେ କଦାପି,
ମୋ ଦେବେ ଦେଇଛି ସବୁତକ ସ୍ନେହ ନେସି ।
ତା ଦେହ ଉଷ୍ଣତା
ଗଭୀର ମମତା
ଆଜି ମୁଁ ଖୋଜୁଛି ପୁଣ୍ୟ ମାତୃ ଦିବସରେ
କୁଣ୍ଠିତ ନହୋଇ,
ମୁଠାଏ ସେଥିରୁ
ପଠାଇ ଦେବୁ ମା! ଥାଇ ବୈକୁଣ୍ଠ ପୁରେ ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,
ରାଉରକେଲା, ଓଡିଶା

# ନାଟକ

## ।। ରାମ ରାବଣ ରାମାୟଣ ।।



ସୁଧାଂଶୁ ଶେଖର ଦ୍ୱିବେଦୀ

(ପୂର୍ବ ମାସରେ ପ୍ରକାଶିତ ପାତ୍ର ପରିଚୟରେ ଭୁଲ ବଶତଃ ଜଣେ ମୁଖ୍ୟ ଚରିତ୍ରର ପରିଚୟ ପ୍ରଦାନ କରିପାରିନାହିଁ। ତେଣୁ ପ୍ରଥମେ କ୍ଷମା ମାଗିନେଉଛି। ସେ ଚରିତ୍ରଟି ହେଉଛି ହନୁମାନ। ହନୁମାନଙ୍କ ବିନା ରାମାୟଣ ଅସଂପୂର୍ଣ୍ଣ। ରାମାୟଣକୁ ଅନୁସରଣ କରି ନାଟକଟି ଲେଖା ହେଉଥିବାରୁ ହନୁମାନଙ୍କ ଚରିତ୍ର ନିହାତି ପ୍ରୟୋଜନ।)

।। ୩ୟଦୃଶ୍ୟ ।।

(ଏକାକୀ କୂଳବଧୂ ସୀମା ନିଜ ଦୁଃଖ କାହାଣୀ ଭଗବାନଙ୍କୁ ଜଣାଉଥାଏ)

ସୀମା- ହେ ପତିତପାବନ! ହେ ନୀଳଶୈଳବାସୀ! ମୁଁ ତୁମର କି ଅପରାଧ କରିଥିଲି ଯେ ଏପରି କନ୍ଦେଇ କନ୍ଦେଇ ମାରୁଛ? ବିବାହ ବେଦୀରେ ନିର୍ବାଚିତ ସ୍ୱାମୀଙ୍କୁ ଫେରାଇଦେଲ। ତାପରେ ଯାହାଙ୍କୁ ସ୍ୱାମୀ ରୂପେ ପାଇଥିଲି ତାଙ୍କୁ ବି ତୁମେ ମୋଠାରୁ ଛଡ଼ାଇନେଲ।କେମିତି ଏତେଗୁଡିଏ ବର୍ଷ ଏ ଘରେ ମୁଁ ଦିନ କାଟିବି? କୁହ ପ୍ରଭୁ କେମିତି ମୁଁ ବଞ୍ଚିବି? ମୋ ପ୍ରତି ଭରତଙ୍କର ଦୁଃବ୍ୟବହାର ଦିନକୁ ଦିନ ଅସହଣୀୟ ହୋଇ ପଡୁଛି। ସେ ଯଦି ଚାହିଁବେ.....

ଭରତ- ଭରତ ଯାହା ଚାହେଁ କଳେ ବଳେ କୌଶଳେ ହାସଲ କରେ।

ସୀମା- ଭରତ ତୁମେ ଏଠି?

ଭରତ- କାହିଁକି ତୁମ ବେଡ଼ ରୁମକୁ ଆସିବାପାଇଁ କଣ ମନା। ସେଦିନ ମୁଁ ତୁମକୁ ଚେତାବନୀ ଦେଇଥିଲିନା ମୋ ଗାଲରେ ନେଗେଟିଭ ହୋଇ ରହିଥିବା ତୁମର ସେ

ଫିଙ୍ଗରପ୍ରିଣ୍ଟ ଏବେବି ମୋତେ ବିବ୍ରତ କରିଦିଏ। ଆଉ ସେଇ ବିବ୍ରତରୁ ମୁକ୍ତି ପାଇବା ପାଇଁ ମୁହୂର୍ତ୍ତ ପରେ ମୁହୂର୍ତ୍ତ ଖୋଜି ଚାଲିଥିଲି। ଆଜି ଏତେ ସହଜରେ ସେ ମୁହୂର୍ତ୍ତ ମୋ ହାତ ମୁଠାରେ ଧରା ଦେବ ତାହା ମୁଁ କଣ ଜାଣିଥିଲି**?**

ସୀମା- ତାମାନେ ତୁମେ କଣ କହିବାକୁ ଚାହଁ**?**

ଭରତ- ଆଛା ତୁମେ କୁହତ ତୁମ ସ୍ୱାମୀ ଜେଲକୁ ଗଲା। ତା' ବିନା ତୁମେ ଏତେଗୁଡିଏ ଦିନ କେମିତି ବିତେଇବ**?** ଦେଖ ସୀମା ତୁମ ଦେହରେ ଭରା ଯୌବନ ଅଛି ମନରେ ଅସୁମାରୀ ନଶା ଅଛି ଆଉ ଆଖିରେ ଆଖିଏ ସ୍ୱପ୍ନ ନେଇ ତୁମେ କଣ ଏତେଦିନ ରମଣ ପାଇଁ ପ୍ରତୀକ୍ଷା କରିପାରିବ**?**

ସୀମା- କାହିଁକ ପାରିବିନ ବୋଲି ତୁମେ ଭାବୁଛ। ମା' ସୀତା ତ ପୁଣି ଏତେବର୍ଷ ଧରି ପ୍ରଭୁ ଶ୍ରୀରାମଙ୍କୁ ଅପେକ୍ଷା କରିଥିଲେ। ମୁଁ ବି ତ ସେଇ ଦେଶର ନାରୀ। ତାହେଲେ ପାରିବିନାହିଁ କାହିଁକ**?**

ଭରତ- ନୋ- ନୋ ମୁଁ ଥାଉ ଥାଉ ତୁମ ଯୌବନ ଯେ ଶୁଷ୍କ ହୋଇଯିବ ତାହା କେମିତି ସହିବି**?**

ସୀମା- ମାନେ**....?**

ଭରତ- ମାନେଟା କଣ ଯଦି ଜଣେ ବିବାହିତା ନାରୀ ବୁଝି ପାରିବନ ତେବେ ତାକୁ ଆଉଥରେ ମୋତେ ପୁଣି ବୁଝେଇବାକୁ ପଡିବ। ଦେଖ ସୀମା ତୁମେ ଆମ ଘରକୁ ବୋହୂ ହୋଇ ଆସିବା ପରେ ମୋ ମନରେ ଗୋଟେ ଅହେତୁକ କାମନା ଜନ୍ମ ନେଇଛି। ଅନେକ ନାରୀଙ୍କ ସଂସ୍ପର୍ଶରେ ମୁଁ ଆସିଛି ହେଲେ ତୁମପରି ଅତୁଳନୀୟା କେବେ ଦେଖିନଥିଲି। ତୁମେ ଚାହିଁବତ ମୁଁ ଅଲକୋହଲ ନେବା ଛାଡ଼ିଦେବି ଲଜ ଏଟେଣ୍ଡ କରିବା ଛାଡ଼ିଦେବି। ସେଦିନ ମଧ୍ୟ ତୁମେ ଏଇୟା ଚାହିଁଥିଲ ନୁହେଁ**?**

ସୀମା- ମୋ ଚାହିଁବା ନଚାହିଁବାରେ ତୁମେ ତୁମ ଆଦତକୁ କେବେବି ବଦଳାଇ ପାରିବନି। ତୁମେ ଚାହିଁଲେ ସ୍ୱୟଂ ତୁମ ଆଦତକୁ ବଦଳାଇ ପାରିବ। ମୁଁ ଚାହେଁ ତୁମେ ଭଲ ମଣିଷ ହୁଅ ତୁମ ଭାଇଙ୍କ ପରି ମର୍ଯ୍ୟାଦା ଜନକ କାମ କର।

ଭାରତ- (ହସ) ହେଇଯିବି। କଥା ଦେଉଛି...ପ୍ରମିଶ..। ତୁମେ ଯଦି ମୋ କାମନାର ଅଗ୍ନିକୁ ନିର୍ବାପିତ କରିଦେବ ସତ କହୁଛି ରମଣ ଭଳି ଭଲ ମଣିଷ ହୋଇଯିବି ମର୍ଯ୍ୟାଦା ଜନକ କାର୍ଯ୍ୟ କରିବି।

ସୀମା- ଚୁପକର...ତୁମକୁ ଏମିତି କଥା କହିବାକୁ ବିବେକ ବାଧା ଦେଉନି! ମୁଁ ଯେ ତୁମ ଭାଉଜ...।

ଭାରତ- କିଏ ମନା କଲା ତୁମେ ମୋର ଭାଉଜ ନୁହେଁ ବୋଲି। ଏ ଦୁନିଆରେ କେତେ ଏମିତି ଅଛନ୍ତି ଯେଉଁମାନେ ପବିତ୍ର ସମ୍ପର୍କର ଅନ୍ତରାଳେ ଅପବିତ୍ର କଳଙ୍କିତ ଖେଳ ଖେଳନ୍ତି। ତାଛଡା ମୁଁ ତ କିଛି ଭୁଲ କରୁନି ନିଜ ଭାଉଜକୁ ମ୍ୟାରେଜ କରିବି। ଏମିତି ଉଦାହରଣ କାହିଁ ପୁରାଣରୁ ସମାଜଯାଏ ସବୁଠି ସବୁ କ୍ଷେତ୍ରରେ ଅନେକ ଦୃଷ୍ଟାନ୍ତ ଅଛି। ଶୁଣିବ....?

ସୀମା- ନା ସେସବୁ ଦୃଷ୍ଟାନ୍ତ ହୁଏତ ସତ ହୋଇପାରେ କିମ୍ବା କବି କଲମର ଗାର ହୋଇପାରେ ତାହା ମୁଁ ଜାଣେନି। କିନ୍ତୁ ମୁଁ ଏତିକି ଜାଣେ ଜଣେ ହିନ୍ଦୁ ନାରୀ କେବଳ ଥରେ ବିବାହ କରିଥାଏ।

ଭାରତ- ହିନ୍ଦୁ (ହସ) ଏ ମଡର୍ଣ୍ଣ ଯୁଗରେ ମୁଁ ତୁମକୁ ମରହଟିର ଖୋଳ ପିନ୍ଧିବାକୁ ଦେବିନି ସୀମା। ପ୍ଲିଜ ତୁମେ ମୋତେ ହାରେସ କରନା..। ଏଇ ଦେଖ କେମିତି ମଳୟ ପବନ ଆମକୁ ସ୍ୱାଗତ କରୁଛି। (ଧରିନେଇ ପାଖକୁ ଭିଡି ଆଣିବାକୁ ପ୍ରୟାସ କରେ)

ସୀମା- (ଥପଡ଼ ମାରି) ବେଇମାନ, ଲମ୍ପଟ, ମଦୁଆ କୌଶଳ କରି ଭାଇଙ୍କୁ ଜେଲ ପଠାଇ ସାରିବାପରେ ଶେଷରେ ଆସିଛ ମୋ ଜୀବନରେ ଖେଳ ଖେଳିବା ପାଇଁ...।

ଭରତ- ଦେଖ ସୀମା ସବୁ ସହ୍ୟ କରିବାର ଗୋଟେ ପରିଧି ଥାଏ।
ସୀମା- କିନ୍ତୁ ସବୁ ଥପଡ଼ର ପରିଧି ନଥାଏ।

ଭରତ- ଭଲରେ ଭଲରେ ମୋ କଥାରେ ରାଜି ହୋଇଯାଅ ଦେଖିବ ତୁମେହିଁ ହେବ ଆମ ଅଚଳାଚଳ ସମ୍ପତ୍ତିର ମାଲିକାଣୀ।

ସୀମା- ଛି-ଥୁ.. ଯିଏ ସମ୍ପତ୍ତିର ମୋହରେ ଅନ୍ଧ ହୋଇ ନିଜ ଭାଇଙ୍କୁ କୌଶଳ କରି ଜେଲ ପଠାଇପାରେ, ବାପାଙ୍କୁ ଅନ୍ଧାରି ଘରେ ରଖି ହଣ୍ଟରରେ ବାଡେଇପାରେ ଆଉ ମୋତେ ନଜର କରିବାକୁ ଇଛାକରେ ସେ ମଣିଷ ନୁହେଁ ଗୋଟେ ପଶୁ।

ଭରତ- ହଁ....ଏତେବେଳେ ପଦେ କହିଲ। ହଉ ଆଜି ଦେଖିବି ଏଇ ପଶୁର ପରାକ୍ରମରୁ ତୁମକୁ କିଏ ଉଦ୍ଧାର କରିବ। (ଶାଢ଼ୀ ଧରି ଟାଣିନିଏ)

ସୀମା- ନା ଦୟାକରି ମୋତେ ଛାଡିଦିଅ ଭରତ...। ପ୍ଲିଜ ମୁଁ ତୁମକୁ ହାତ ଯୋଡୁଛି ମୋତେ ଛାଡିଦିଅ।

ଭରତ- ଦୟା (ହସ) ନୋ ନୋ ଦୟା ମାୟା ମମତା ମୁଁ କିଛି ବୁଝେନା। ମୁଁ ଚାହେଁ ତୁମର ଏ ଲୋଭିଲା ଦେହ...କଞ୍ଚା ଯୌବନ...ତୁମ ସହ ମୋର ମିଳନ (ଟଣା ଓଟରା କରେ, ସୀମାର ଚିତ୍କାର। ସହସା ଲଛମନ ଠେଙ୍ଗା ହସ୍ତେ ପ୍ରବେଶୀ ଭରତକୁ ବାଡ଼ାଏ। ଭରତ ମୂର୍ଚ୍ଛିତ ହୋଇ ପଡିରହେ)

ଲଛ- ବୋହୂ ମା' ଆପଣ ମୋ ସହିତ ଶୀଘ୍ର ଏ ଘର ଛାଡ଼ି ପଳାଇ ଚାଲନ୍ତୁ। ନଚେତ ଏ କଂସେଇଟାର ଚେତା ଫେରିଲେ କଣ ନାଇଁ କଣ କରି ବସିବ। ଏ ଘରର ପୁରୁଣା ଚାକର ମୁଁ। ଲୁଣ ଖାଇଛି। ସାନ ବାବୁଙ୍କୁ କଥା ଦେଇଛି ମୁଁ ଆପଣଙ୍କୁ ମୂଲ ଲାଗି ରିକ୍ସା ଟାଣି ପୋଷିବି ପଛେ ହେଲେ କଂସେଇ ପାଖରୁ ଶୀଘ୍ର ପଳେଇ ଚାଲନ୍ତୁ ବୋହୂ ମା' ଶୀଘ୍ର ପଳାଇ ଚାଲନ୍ତୁ।

**(ଆଗେ ଆଗେ ସୀମା ଓ ପଛରେ ଲଛମନ ପ୍ରସ୍ଥାନ କରନ୍ତି)**
**( ମଞ୍ଚ ଅନ୍ଧାର)**

।। ୪ର୍ଥ ଦୃଶ୍ୟ ।।

**(କାଳ କୋଠରୀ। ଦଶରଥ ସିଂହଙ୍କର ମଳିନ ବେଶ, ମୁହଁରେ ସ୍ମଶ୍ରୁ ଓ କୋଟର ଆଖିରେ ଆଖିଏ ଲୁହ ଘେନି ନିଜକୁ ନିଜେ କହି ହେଉଥାଆନ୍ତି।)**

ଦଶ- ଏଇ କାଳ କୋଠରୀ...। ଦୀର୍ଘ ୧୦ ବର୍ଷ ହୋଇଗଲା ଅଜାତ ଶତ୍ରୁ ହାତରୁ ହଣ୍ଟର ପାହାର, ବୁଟ ଗୋଇଠା, ସିଗାରେଟ ଚେଙ୍କା ଖାଇ ଖାଇ ଏଯାଏ ବଞ୍ଚିଛି। ତଥାପି ...ତଥାପି ମୁଁ କେବେ ଜୀବନ ଭୟରେ ତା ନାମରେ ସମ୍ପତ୍ତି ଉଇଲ କରି ଦେଇନାହିଁ। ଆଉମାତ୍ର ଚାରୋଟି ବର୍ଷ। ଆଉ ଚାରିବର୍ଷ ପରେ ମୋ ପ୍ରିୟ ପୁତ୍ର ରମଣ ଜେଲରୁ ଫେରିବ। ତାହାରି ହାତରେ ମୋର ସମସ୍ତ ସମ୍ପତ୍ତି ଧରେଇ ଦେଇ ନିଶ୍ଚିନ୍ତରେ ମରି ପାରିବି। କିନ୍ତୁ ଏଇ ଚାରି ବର୍ଷ ମୁଁ କଣ ଯନ୍ତ୍ରଣା ଜୀବନ ଧରି ବଞ୍ଚି ପାରିବି**?** ହେ ଜଗତ କର୍ତ୍ତା ଆପଣ କଣ ଏଇଭଳି ଅତ୍ୟାଚାର ଦେଖୁ ଥିବେ**?** କେତେ ଆଉ ଅତ୍ୟାଚାରର ଯନ୍ତ୍ରଣାକୁ ସହ୍ୟ କରିବି ପ୍ରଭୁ**?** କେତେଦିନ**?** ଏ ଯନ୍ତ୍ରଣାରୁ କଣ ମୁକ୍ତି ନାହିଁ**?**

ଭରତ- (ହାତରେ ହଣ୍ଟର ଧରି ପ୍ରବେଶ) ମୁକ୍ତି (ହସ) ତୁମେ ମୁକ୍ତି ଚାହୁଁଛ ଡାଡ଼। ମିଳିବ, ତୁମକୁ ନିଶ୍ଚୟ ମୁକ୍ତି ମିଳିବ। ଏବେବି ଆହୁରି ୪ ବର୍ଷ ବାକି ଅଛି କୁହ ମୋ ନାମରେ ସମସ୍ତ ସମ୍ପତ୍ତି ଉଇଲ କରିଦେବତ**?**

ଦଶ- ଆରେ ଅଭାଗା ତୁ କେତେ ବର୍ଷ ସେଇ ଗୋଟିଏ କଥାକୁ ମୋ ପାଖେ ଉତ୍ଥାପନ କରି ହଣ୍ଟରରେ ବାଡେଇବୁ, ବୁଟ ଗୋଇଠା ମାରିବୁ, ସିଗାରେଟ ଚେଙ୍କା ଦେବୁ**?**

ଭରତ- ଚୀନର ଲୋକକଥା ଶୁଣିଛ ଡାଡ଼ ସେ ଦେଶରେ କୁଆଡେ ବୁଢା ଲୋକମାନଙ୍କୁ

ମାରିଦିଆଯାଏ। ଦ ଲାଷ୍ଟ ହୁଏର ଦେଆର ଉଏର ନୋ ଓଲଡ଼ ମେନ। ମୋର ମଧ୍ୟ ବେଳେ ବେଳେ ସେହିପରି ଇଚ୍ଛା ହୁଏ ତୁମକୁ ସବୁଦିନ ପାଇଁ ଫିନଶ କରିଦିଅନ୍ତି, ବଟ....

ଦଶ- ପାରୁନାହୁଁ-- କାରଣ ଗନ୍ତାଘରର ଗୁବିକାଠି ମୋ ପାଖରେ| ଆରେ ସୈତାନ ସେତିକ ଯଦି ପାରନ୍ତୁ ...ଭାଇ ଭାଉଜ, ଗୃକର ପୁଝାରି ସମସ୍ତଙ୍କୁ ତ ଖାଇଲୁ ମୋତେ କାହିଁକ ଛାଡି ଦେଉଛୁ ନେ ମୋ ମାଂସକୁ ଝୁଣି ଝୁଣି ଖାଇଯା--। ଏ ବୃଦ୍ଧ ବାପର ମାଂସ ଖାଇ ତୋ ମନରେ ଜାଗିଥିବା ସମ୍ପତ୍ତିର ସ୍ୱାଦ ଲୋପ ପାଇଯାଉ।

ଭାରତ- ବ୍ୟସ୍ତ ହୁଅନା ଯେଉଁ ସମ୍ପତ୍ତି ପାଇଁ ଦୀର୍ଘ ୧୦ ବର୍ଷ ତୁମେ ଅବାଧ ହୋଇଛ ତାହା ମୁଁ ଆଜିରେ ଫାଇନାଲ କରି ଦେଉଛି। (ତାଳ ମାରି ସଙ୍କେତ ଦିଏ। ଦୁଇଜଣ ଗୁଣ୍ଡା ଓକଲଙ୍କୁ ଧରି ଆସନ୍ତି। ଓକଲଙ୍କ ହାତରେ ଆଟାଚ ଥାଏ) ଏ ମହାଶୟଙ୍କୁ ଚହ୍ନି ପାରୁଛନ୍ତି ଡାଡ଼? ଏ ହେଉଛନ୍ତି ଆମ ବଂଶର ପୁରୁଣା ଓକଲ ମି: ନାୟକ।

ଦଶ-ବାରିଷ୍ଟର ଆପଣ ଶେଷରେ ମୋ ସହିତ....

ଓକଲ- କ୍ଷମା କରିବେ ସିଂହ ବାବୁ ମୁଁ ଆଉ ସହ୍ୟ କରିପାରିଲି ନାହିଁ। ଭାରତ ବାବୁ ଏଇ ସମ୍ପତ୍ତିର ଦଲିଲ କରିବା ନମନ୍ତେ ମୋ ଝିଅକୁ କଡନାପ କଲେ, ରେଫ କଲେ। ଶେଷରେ ଝିଅ ମୋର ଆଜି ପର୍ଯ୍ୟନ୍ତ ନଖୋଜ। ଥାନାରେ ରେପୋର୍ଟ ଲେଖିଲି| ବଳଷ୍ଠ ପ୍ରମାଣ ଓ ଭାରତ ବାବୁଙ୍କଠାରୁ ଲାଞ୍ଚ ଖାଇ ସମସ୍ତେ ଚୁପଗୁପ ବସିଗଲେ। ଆଖି ଲୁହ ଆଖିରେ ମାରି ସବୁ ସହ୍ୟ କଲି। ଆଉ ଆଜି ମୋତେ କଡନାପ କରି ଏଇଠିକୁ ନେଇ ଆସିଛନ୍ତି ସିଂହ ବଂଶରେ ଥିବା ସମସ୍ତ ଉଇଲ ପେପରରେ ଆପଣ ସାଇନ କରିବେ।

ଦଶ- ବାରିଷ୍ଟର....ଏ ମୁଁ କଣ ଶୁଣୁଛି ଆଜି...। ଏସବୁ ଶୁଣିବା ପୂର୍ବରୁ ମୁଁ କାହିଁକ ବଧିର ହୋଇଗଲିନାହିଁ!!

ଭାରତ- ଶୁଣିଲେ ଡାଡ଼ ଓକଲ ଅଙ୍କଲଙ୍କ ଲହୁ ଲୁହର କାହାଣୀ ଶୁଣିଲେତ? ଏଥର କୁହନ୍ତୁ ସୁନା ପିଲାଟି ପରି ଏଇ ଆଟାଚରେ ଥିବା ସମସ୍ତ ଉଇଲ ପେପରରେ ସାଇନ କରିବେ ନା ମୁଁ କଛି ଗୋଟେ ଅସାମାନ୍ୟ ପରିସ୍ଥିତି ସୃଷ୍ଟି କରିବାକୁ ବାଧ ହେବି।

ଦଶ- ଦୀର୍ଘ ୧୦ ବର୍ଷ ହେବ ଯିଏ ଖାଲି ପରିସ୍ଥିତି ସହ ଲଢ଼ି ଆସିଛି ତାକୁ ତୁ ପୁଣି କପ୍ରକାର ପରିସ୍ଥିତିର ମୁକାବିଲା କରାଇବୁ?

ଭରତ- ଆବେ ତୁମେ ଦୁହେଁ ଆଁ କରି ଛିଡା ହୋଇଛ କଣ ଯାଅ ଇଲେକ୍ଟ୍ରିକ ରଡ ନେଇଆସି ବୁଢା ଦେହରେ ଶକ ଲଗାଅ (ଦୁଇ ଗୁଣ୍ଡା ତୁରନ୍ତ ଦୌଡିଯାଇ ଇଲେକ୍ଟ୍ରିକ ରଡ ଆଣିଲେ)

ହୁଁ..ଏଥର ଦେଖିବି କେମିତି ସାଇନ କରିବନାହିଁ। ସିଧା ଆଙ୍ଗୁଳରେ କେବେ ଘିଅ ଉଠିଲାଣି ନା ଉଠିବ। ଆବେ ବୁଢା ଦେହରେ କରେଣ୍ଟ ଲଗାଅ। (ଦୁହେଁ ଇଲେକ୍ଟ୍ରିକ ରଡ଼ ଧରି ଦଶରଥଙ୍କ ନକଟକୁ ଆଗେଇ ଯାଇ ତାଙ୍କ ଦେହରେ ଶକ ଲଗାନ୍ତି। ଦଶରଥ ଯନ୍ତ୍ରଣାରେ ଖୁବଯୋରରେ ଚତ୍କାର କରି ବେହୋସ ହୋଇଯାଆନ୍ତି।) (ସହସା ହନୁମାନ ପ୍ରବେଶୀ ଦୁହିଁଙ୍କୁ ପଛପଟୁ ଟେକଧରନ୍ତି। ଦୁହେଁ ଶୂନ୍ୟରେ ଝୁଲିବା ଅବସ୍ଥାରେ ହାତରୁ ଇଲେକ୍ଟ୍ରିକ ରଡ଼ ଖସିପଡ଼େ)

ଭରତ-କଏ...?କଏ ତୁ..?

ହନୁ-ଜୟ ଶ୍ରୀରାମ। ହନୁମାନକୁ ଚହ୍ନି ପାରୁନ ବନ୍ଧୁ।

ଭରତ-ହନୁମାନ!!

ହନୁ- ଯିଏ ସ୍ୱର୍ଣ୍ଣ ଲଙ୍କାକୁ ପୋଡି ଛାରଖାର କରିଦେଇଥିଲା। ନ୍ୟାୟ ନକଟରେ ଅନ୍ୟାୟ, ଅତ୍ୟାଚାର ସହି ପାରେନାହିଁ ବୋଲି ମୋତେ ତାର ସଠିକ ସମାଧାନ କରିବା ଲାଗି ନର୍ଦ୍ଦିଷ୍ଟ ସମୟ ରେ ଆସିବାକୁ ପଡେ। (ଦୁଇ ଗୁଣ୍ଡାକୁ ଛାଡିଦିଆନ୍ତି)

ଭରତ- ତୁ ଏ ରୁଦ୍ଧ କୋଠରୀ ଭିତରକୁ ଆସିବାକୁ ରାସ୍ତା ପାଇଲୁ କେମିତି?

ହନୁ- ସତ୍ୟ ରକ୍ଷା କରିବା ଲାଗି ମୋତେ ଆପେ ଆପେ ରାସ୍ତା ଦେଖାଯାଏ।

ଭରତ- ସତ୍ୟ(ହସ) ଦଉଛି ରହ ତୋ ସତ୍ୟ ମିଥ୍ୟା ଛଡେଇ। ଆବେ ହେ ତୁମେ ଦିଇଟା ଠିଆ ହୋଇ ଦେଖୁଛ କଣବେ ପ୍ରଥମେ ଏହାରି ଦେହରେ କରେଣ୍ଟ ଲଗେଇଦିଅ। ସେ ଜାଣୁ ସମାଧାନ କରିବାକୁ ଏଠିକୁ ପଶିବାର ରାସ୍ତା ସିନା ପାଇଛି ବାହାରିବାର ରାସ୍ତା ଯେମିତି ନପାଉ...।

(ଭରତର ଆଦେଶରେ ଗୁଣ୍ଡା ଦୁଇଜଣ ଇଲେକ୍ଟ୍ରିକ ରଡ଼ ଧରି ହନୁମାନ ନିକଟକୁ ଆଗେଇଯାଆନ୍ତି ମାତ୍ର ତାଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ସେ ଫୁଙ୍କ ମାରି ଦୁହିଁଙ୍କୁ ଉଡେଇ ଦିଅନ୍ତି।

ଭରତ- ହ୍ୱାଟ...? ଏକଣ ଦେଖୁଛି ମୁଁ ଦୁହେଁ ଏଇଟାର ଫୁଙ୍କରେ ଶୂନ୍ୟେ ଶୂନ୍ୟେ ଉଡିଯାଉଛନ୍ତି। ଇଏ ଜଣେ ପକ୍କା ଯାଦୁକର ଅଛି। ଶଳା ଏଠିକୁ ଆସି ଫାର୍ସ ଦେଖାଉଛି।(ପିସ୍ତଲ ଦେଖାଇ) ହୁସିଆର ଏଠିକୁ ଆସି ଖୁବ ଅଭିନୟ କଲୁଣି ଏଥର ମରିବା ପାଇଁ ପ୍ରସ୍ତୁତ ହୋଇଯା।

ହନୁ- ଜୟ ଶ୍ରୀରାମ (ପୁଣି ଫୁଙ୍କି ମାରନ୍ତି। ଭରତ ମଧ୍ୟ ଉଡିଯାଏ)

ଓକଲ- ଆଶ୍ଚର୍ଯ୍ୟ ଏ ଲୋକଟା ତାହେଲେ କଏ? ଜଣେ ପରେ ଜଣେ ତାଙ୍କ ଫୁଙ୍କରେ ଉଡିଯାଉଛନ୍ତି। ସତରେ କଣ ହନୁମାନ ଆସିଛନ୍ତି?

ହନୁ-ଜୟ ଶ୍ରୀରାମ (ଓକଲଙ୍କଠାରୁ ଆଟାଚ ରଖିନେଇ ତାଙ୍କୁ ମଧ୍ୟ ଫୁଙ୍କରେ ଉଡେଇ ଦିଅନ୍ତି)

ହନୁ- ସମସ୍ତଙ୍କୁ ମୁଁ ଫୁଙ୍କରେ ଉଡେଇ ବହୁଦୂରରେ ପକେଇ ଦେଇଛି। ଏବେ ମୋତେ ଏଇ ଦଲିଲ ସହିତ ଦଶରଥଙ୍କୁ ମଧ୍ୟ ବଞ୍ଚାଇବାକୁ ହେବ। ସେମାନେ ପୁଣିଥରେ ଏଠିକୁ ଆସିବା

ପୂର୍ବରୁ ଯେତେଶୀଘ୍ର ମୋତେ ଏ ସ୍ଥାନ ପରିତ୍ୟାଗ କରିବାକୁ ହେବ। **(**ଦଶରଥଙ୍କୁ କାନ୍ଧରେ ଲଦି ପ୍ରସ୍ଥାନ**)**

**(**ଭରତ ଓ ଦୁଇ ଗୁଣ୍ଡା ପିସ୍ତଲ ହସ୍ତେ ପୁନଃ ପ୍ରବେଶୀ**)**

ଭରତ- କାହିଁ କୁଆଡେ ଗଲା ସେ ଯାଦୁକର**?** ଆରେ ଏ କାଳ କୋଠରୀରେ କଣ କେହି ନାହାନ୍ତି। ଆବେ ତୁମେ ଦୁହେଁ ଛିଡା ହୋଇ ଦେଖୁଛ କଣ ଯାଅ ଖୋଜ ସେମାନଙ୍କୁ**...**।

**(**ସ୍ୱଳ୍ପ ସମୟ ପାଇଁ ମଞ୍ଚରେ ଆଲୋକ ନିର୍ବାପିତ। ପୁନଶ୍ଚ ଆଲୋକିତ ହେବାରୁ ହନୁମାନ ଦଶରଥଙ୍କୁ କାନ୍ଧରେ ରଖି ହାତରେ ଆଟାଚ ଧରି ପ୍ରବେଶ କରନ୍ତି।**)**

ହନୁ- ମୁଁ ସେମାନଙ୍କଠାରୁ ବହୁତ ଦୂରକୁ ପଳାଇ ଆସିଲିଣି। ଏବେ ମୋତେ କୌଣସି ନିରାପଦ ସ୍ଥାନକୁ ପଳାଇଯିବାକୁ ପଡିବ।**(**ପ୍ରସ୍ଥାନ**)**

**(**ଦୁଇ ଗୁଣ୍ଡା ହାତରେ ପିସ୍ତଲ ଧରି ଧାଇଁ ଧାଇଁ ଆସନ୍ତି**)**

୧ମ- କାହିଁ କୁଆଡେ ଗଲା**?** ଆଖି ପିଛୁଳାକେ ଛୁ**....**।

୨ୟ- ଆବେ କଣା ଦେଖିପାରୁନୁକି। ଏଇ ଦେଖ ଆଗରେ ସେ କେମିତି ଦଶରଥଙ୍କୁ କାନ୍ଧରେ ପକେଇ ଧାଇଁଛି।

୧ମ- ଶୀଘ୍ର ମାଡି ଚାଲ ଯେମିତି ହେଉ ତାକୁ ଧରିବାକୁ ହେବ।

**(**ଦୁହେଁ ଦୌଡ଼ି ଦୌଡ଼ି ପ୍ରସ୍ଥାନ**)**

ହନୁ- **(**ପ୍ରବେଶୀ**)** ଓଃ ଏଇଟା ଗୋଟେ ନିରାପଦ ସ୍ଥାନ ମନ୍ଦିର ପ୍ରାଙ୍ଗଣ। ଏଇଠି ଟିକେ

ଥକ୍କା ମାରିବାକୁ ହେବ। ସେମାନଙ୍କ ଠାରୁ ବହୁଦୂର ପଳାଇ ଆସିଲିଣି ଆଉ ସେମାନେ ଏଠି ପହଞ୍ଚି ପାରିବେନାହିଁ।(ଦଶରଥଙ୍କୁ ଡାଏସ ଉପରେ ଶୋଇବା ସମୟରେ)

ଦଶ- ଆଃ ପାଣି..ପାଣି ମୋତେ ଟିକେ ପାଣି ଦିଅ...।

ହନୁ- ଆପଣ ଏଇଠି ବସିଥାନ୍ତୁ ମୁଁ ସଙ୍ଗେ ସଙ୍ଗେ ପାଣି ଧରି ଫେରୁଛି। (ପ୍ରସ୍ଥାନ ଓ ପାଣି ଧରି ପ୍ରବେଶ)

ହନୁ- ଏଇ ପାଣି ନେଇ ପିଅନ୍ତୁ...

ଦଶ- (ପାଣି ପିଇସାରି) ଓଃ ସତରେ ଜୀବନଟା ବଞ୍ଚିଗଲା।ହେଲେ ତୁମେ କଏ ବନ୍ଧୁ?

ହନୁ- ଜୟ ଶ୍ରୀରାମ। ମୋ ପରିଚୟ ପଛରେ ଜାଣିବେ କନ୍ତୁ ଯେପର୍ଯ୍ୟନ୍ତ ରମଣ ବାବୁ ଜେଲରୁ ଫେରିନାହାନ୍ତି ସେପର୍ଯ୍ୟନ୍ତ ଆପଣଙ୍କୁ ବଞ୍ଚିବାକୁ ହେବ।

ଦଶ- ତୁମେ ମୋ ମନର କଥା କହିଲ ବନ୍ଧୁ। ମୋ..ରମଣକୁ ତୁମେ ଜଣ?

ହନୁ- ରାମାୟଣ ସହିତ ଯିଏ ସଂଶ୍ଳିଷ୍ଟ ସେ କେବଳ ରମଙ୍କୁ ନୁହେଁ ପିତା ଦଶରଥ, ମାତା କୌଶଲ୍ୟା, ମାତା ଜାନକୀ ଓ ଭାଇ ଲକ୍ଷ୍ମଣଙ୍କୁ ମଧ ଜାଣେ। ସତ୍ୟର କଷଟି ପଥରରେ ଗାଲୁ ଗାଲୁ ଆପଣ ବହୁତ ଥକ ପଡିଛନ୍ତି। ଏବେ ଆପଣଙ୍କର ବିଶ୍ରାମ ଦରକାର। ଆପଣ ଆଦୌ ବ୍ୟସ୍ତ ହୁଅନ୍ତୁନାହିଁ। ଅବଶିଷ୍ଟ କାର୍ଯ୍ୟକୁ ମୁଁ ଶେଷ କରିବି। କାରଣ ମୁଁ ଜାଣେ ଆପଣଙ୍କ ଅତୀତ ଜୀବନର ସମସ୍ତ କାହାଣୀ, ସମସ୍ତ ରାମାୟଣ.........
( ମଞ୍ଚ ଅନ୍ଧାର)

କ୍ରମଶଃ.........

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା

# ଗୋଲାପୀ ଚିଠି



ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

କେମିତି କହିବି ମୋ ହୃଦ ବେଦନା
ବାଟ ମୁଁ ପାଉନ ଖୋଜି
ତୁ ବି ଝୁରୁଛୁ ମୁଁ ବି ଝୁରୁଛି
ବିରହ ରେ ହଜି ହଜି ।।

ପାଇଛି ସିନା ମୁଁ ତୋ ଦେଇ ଥିବା ସେ
ପୁରୁଣା ଗୋଲାପୀ ଚିଠି
ଚିଠି ଅଛି ସିନା ନାହିଁତ ସେଥିରେ
ତୁ ଲେଖିଥିବା ପ୍ରେମ ଗୀତି ।।

ଗୋଲାପ କୁ ଦେଖି ମନେ ପଡ଼ିଯାଏ
ଗୋଲାପୀ ଓଠଟି ତୋର
ଯେଉଁ ଓଠେ ତୋର ଅଙ୍କିଥିଲି ଦିନେ
ପ୍ରେମର ପ୍ରଥମ ଗାର ।।

ଦିନ ନାହିଁ ସିନା ରହିଅଛି ଛବି
ଦେଖି ଦୁଃଖ ଲାଗେ ଆଜି
ତୁ ବି ଝୁରୁଛୁ ମୁଁ ବି ଝୁରୁଛି
ବିରହ ରେ ହଜି ହଜି ।।

କାହିଁ ଗଲୁ ସଖୀ ରଖିଦେଇ ସାକ୍ଷୀ
ଆଖିର ଲୁହକୁ ମୋର
ସଦା ବହୁଅଛି ଆଖିକୁ ଭିଜେଇ
ହେଉ ନାହିଁ କେବେ ଦୂର ।।

ପଡି ଅଛି ବୋଲି ଆଜି ସେଇ ତିଥି
ଚେଇଁ ଉଠିଛି ମୋ ମନ
ଦେଇ ଥିଲୁ ଯେଉଁ ମୋ ପ୍ରେମର ମୂଲ
ଆଜି ବି ଅଛି ସେ ଚହ୍ନ ।।

ଦେଖିଯା ଥରେ ପାନ୍ଥଶାଳା ର
କାନ୍ଥ ଚନ୍ଦ ପଟ ଆଜି
ତୁ ବି ଝୁରୁଛୁ ମୁଁ ବି ଝୁରୁଛି
ବିରହ ରେ ହଜି ହଜି ।।

ଚକାପଦା, ବେଗୁନଆ, ଖୋର୍ଦ୍ଧା

# ୟସ ବାତ୍ୟା

ଦୀନବନ୍ଧୁ ବେଜ

## ଅନୁଚିନ୍ତା

ଲଞ୍ଚ ଦିଆଯାଉ ବାନ୍ଧି
ଡଙ୍ଗା ଦିଅ ନାହିଁ ମେଲି
ଆସୁଅଛି ୟସ ହୋଇ ଧସଧସ
ପଛରେ କାନ୍ଦିବ ଖାଲି ।୧

ଯାଅ ନାହିଁ ସମୁଦ୍ରକୁ
ଖୁଣ୍ଟ ନାହିଁ ସାମୁକାକୁ
ସଅସଅ ହୋଇ ଆସୁଅଛି ବାତ୍ୟା
ଧୂଳିସାତ କରିବାକୁ ।୨

ମରାମତି କର ଘର
ପଲିଥିନ ଆଣି ଟାଣ
ଆଶାର କରଣ ଦ୍ୱେଷଣୀ କରିକ
ଭରଷା ପକାଏ ଗ୍ରାଣ ।୩

ରଖ ଶୁଖିଲା ଖାଦ୍ୟକୁ
ଦିଆସିଲି ମହମବତୀ
ସହ ଅଲ୍ପଅତ୍ୟାବଶ୍ୟକ ସାମଗ୍ରୀକୁ
ରଖ ମନେକରି କତି ।୪

ପାଣି ଆସିଗଲେ ମାଡି
ଉଚ୍ଚସ୍ଥାନକୁ ଯିବ ଚଢି
ହେଳା କରିଲେ ଭେଳା ବୁଡିଯିବ
ନହେଲେ ହାରିବ ବଢ଼ି ।୫

ବାଷଠୀ, ବାସୁଦେବପୁର
ଭଦ୍ରକ, ଓଡ଼ିଶା

# ସବୁ ତୁମରି ଲୀଳା



ପ୍ରକାଶ ଚନ୍ଦ୍ର ପଣ୍ଡା

କେତେ ଦିନ ପ୍ରଭୁ ଘାଣ୍ଟିବ ଏମିତି
କେଉଁଠି ଏହାର ଶେଷ,
ଜୀବନ ସଳତା ଜଳ ଜଳ ଯାଏ,
ସତେକ ମୁଠେ ପାଉଁଷ ।
ବଞ୍ଚିବାର ଏହି ଖୋଳପା ଭିତରେ
ପ୍ରତ୍ୟେକ ମୁହୂର୍ତ୍ତ ମରି,
କେତେ ଦିନ ଆଉ ଜିଇଁବ ଜୀବନ
ଏ ମାନବ ଡରି ଡରି ।
ତୁମ ହାତ ଗଢା ଏ ସଂସାର ଆଜି
ଡାକୁଛି ହେ ତ୍ରାହି ତ୍ରାହି,
ଅଦୃଶ୍ୟ ଶତ୍ରୁର କବଳରୁ କେଉଁ
ଦିନ ରଖିବ ହେ ସାଇଁ ।
କେତେ ପୁଣ୍ଡରୁ ଲିଭିବ ହେ ଦୀପ
କେମିତି ପାରୁଛ ସହି,
କେତେ ଘର ହେବ ବେଘର ହେ ପ୍ରଭୁ
ତୁମେ ଦେଖୁଥିବ ରହି ।

ଅଦୃଶ ଶତ୍ରୁର କବଳରୁ କେବେ
ପାଇବ ସମାଜ ମୁକ୍ତି,
କେଉଁଦିନ ଜନ ସମାଜେ ଖେଳବ
ଜଳବ ମୁକ୍ତିର ଜ୍ୟୋତି ।
ସଭିଙ୍କ ମୁଖରେ ଫୁଟିଯିବ ହସ
ଖୁସିର ଲହରୀ ଖେଳ,
ଶାନ୍ତିର ଜ୍ୟୋତିଟା ଝଲସିବ ପୁଣି
ସାଜି ଖୁସିର ଦୀପାଳ ।

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

# କୋଡ଼ିଏ ଏକୋଇଶିର ଅବୋଲକରା କାହାଣୀ



ବିଜୟ କୁମାର ଜେନା

**(ଦୁଆର ସାହି)**

ଏମିତି ବାଟ ଚାଲୁ ଚାଲୁ ପଣ୍ଡିତେ ଓ ଅବୋଲକରା ପହଞ୍ଚିଲେ ମଣିପାଟଣା ରାଜ୍ୟସୀମାର ଗୋଟେ ଛୋଟ ସହରରେ - ନାଆଁ "ଦୁଆର ସାହି"। ଗୋସେଇଁ ବସିଲେ ସହର ମୁଣ୍ଡରେ ଥିବା ଆମ୍ବତୋଟା'ରେ। ହାତରେ ଝୁଲା ମୁଣି ଓ ପଇସା ଧରି ବଜାର ମୁହାଁ ଚାଲିଲା ଅବୋଲକରା।

XXXX

ତାପରେ ସେଠାରୁ ଅଳ୍ପ ଦୂର ଯାଇଛି, ଆଗରେ ଦେଖିଲା ସୁଦୃଶ୍ୟ ମନ୍ଦିର ପରିବେଷ୍ଟିତ ଗୋଟିଏ ଆଶ୍ରମ। ଫାଟକ ପାଖରେ ଲେଖା ଯାଇଛି "ପରମ ପୂଜ୍ୟ ସାଲୱାରୀ ବାବାଙ୍କ ଦର୍ଶନ କରି ମଧୁକୂପର ଅମୃତ ଜଳ ପାନ କରନ୍ତୁ।" କୌତୁହଳ ସହକାରେ ଫାଟକ ଡେଇଁ ଭିତରେ ପ୍ରବେଶ କଲା ଅବୋଲକରା। ସ୍ମିତ ହାସ୍ୟ ବଦନରେ ଦୁଇଜଣ ସୁନ୍ଦରୀ ଯୁବତୀ ତାକୁ ସ୍ୱାଗତ କଲେ। ଭିତରେ ବାବାଙ୍କ ସିଂହାସନ ନିକଟକୁ ଯିବା, ଭୋଗ ଲାଗି ମହୁ ଓ ଚନ୍ଦ ଖର୍ଚ୍ଚ, ପୁଣି ଗୋଟିଏ ବୋତଲ ମଧୁକୂପ ଜଳ ବାବଦରେ ସର୍ବମୋଟ ଏକଶତ ପଚାଶ ଟଙ୍କା ଲାଗିଲା।

ଅବୋଲକରାର ଏଇ ଗୋଟିଏ ବଦଭ୍ୟାସ। କିଛି ବି ନୂଆ ଦେଖିଲା ମାତ୍ରେ ତା ନିକଟକୁ ଯିବ, ତା ବିଷୟରେ ଆମୂଳଚୂଳ ନ ଜାଣିଲେ ତା ଭୋକଶୋଷ ବନ୍ଦ ହେଇଯିବ। ଯାହାବି ହେଉ, ଅବୋଲକରା ର ଏହି ଜାଣିବା ଆଗ୍ରହ ଯୋଗୁଁ କେତେଯେ କାହାଣୀ ସୃଷ୍ଟି ହୋଇଛି।

ହାତରୁ ଏକଶତ ପଚ୍ଚଶ ଟଙ୍କା ଯାଇଛି। ତେଣୁ ତର ତର ହୋଇ ପାଣି ବୋତଲେ ଧରି ପହଞ୍ଚିଲା ପଣ୍ଡିତ ଗୋସେଇଁଙ୍କ ପାଖରେ। ଗୋସେଇଁ ବୋତଲରୁ ଦି ଢୋକ ପାଣି ମୁହଁରେ ଦେଇ କୁଳୁକୁଞ୍ଚା କଲେ ଓ ବାକି ପାଣିକୁ କୌଣସି ଆଗ୍ରହ ନ ଦେଖେଇ ତଳେ ରଖିଦେଲେ। ଅବୋଲକରା ରାଗିଲାଣି ମନେ ମନେ। ଗୋସେଇଁ ବୁଝିପାରିଲେ ସବୁ।

ଖିଆ ପିଆ ସାରିଲା ପରେ ଗୋସେଇଁ କହିଲେ -"ପକା କମ୍ବଳ ପୋତ ଛତା, ବସ ଅବୋଲକରା ଶୁଣ କଥା।" ସତେ ଯେମିତି ଏହି ପଦଟିକୁ ଶୁଣିବା ପାଇଁ ଅପେକ୍ଷା କରିଥିଲା ଅବୋଲକରା। ଜୀବନ୍ୟାସ ପାଇଲାପରି ଚଟାପଟ୍ କମ୍ବଳ ପାରିଦେଇ ପଣ୍ଡିତ ଗୋସାଇଁଙ୍କ ପାଦ ପାଖରେ ବସି ପଡ଼ିଲା। ପଣ୍ଡିତ ଗପ କହିବା ଆରମ୍ଭ କଲେ –

ଥାଏ ଗୋଟିଏ ସାହି, ଲୋକେ କହୁଥିଲେ ସେଇଟା ଡକାୟତ ସାହି। ଋତୁ ଅନୁସାରେ ବିଭିନ୍ନ ଅଞ୍ଚଳରେ ଥିବା ଗୃହସ୍ଥ, ଦୋକାନ, ବ୍ୟାଙ୍କ ଇତ୍ୟାଦିରୁ କଛି କଛି ଲୁଟ୍ କରି ନଜର ଗୁଜୁରାଣ ମେଣ୍ଟାଇ ଥାଆନ୍ତି ସେ ସାହିର ଲୋକମାନେ।

ବିଭିନ୍ନ ଆଡୁ ଲୋକଙ୍କ ଅଭିଯୋଗ ପାଇଲା ପରେ ପୁଲିସ ଥରେ ସେଇ ସାହି ଭିତରେ ଚଢ଼ାଉ କଲେ। ପୋଲିସ୍ ଯେତେବେଳେ ସାହିର ସେ ମୁଣ୍ଡରେ ପ୍ରବେଶ କଲେ, ସେତେବେଳେ ଏ ମୁଣ୍ଡର ବାସିନ୍ଦାମାନେ ତାଙ୍କ ଘରେ ଜମା କରି ରଖିଥିବା ଲୁଟ ଜିନଷକୁ ଇଆଡ଼େ ସିଆଡେ ଲୁଚ୍ଚଇବା ଆରମ୍ଭ କରିଦେଲେ। ଯିଏ ଯେଉଁଠି ପାରିଲା ସେଇଠି ନେଇ ଲୁଟ ଜିନଷ ଫୋପାଡ଼ିଲେ।

ସେମାନଙ୍କ ମଧ୍ୟରୁ କେତେଜଣ ଅଯଥା ପୋଲିସ ଝାମେଲାରେ ନ ପଡ଼ିବା ପାଇଁ ଘରେ ଥିବା ଅତିରିକ୍ତ ଜିନଷ ସବୁକୁ ଲୁଚେଇଲେ କମ୍ବା ଫୋପାଡ଼ିଲେ।

ସେତେବେଳେ ସେ'ମୁଣ୍ଡର ତୃତୀୟ ଘରଟିରେ ରହୁଥିବା ଦୁର୍ବଳ ପତଳା ଦରବୁଢ଼ା ସାଲୁଓ୍ୱାର ମଣ୍ଡଳ'ର ସମସ୍ୟା ସମସ୍ତଙ୍କ ଠାରୁ ବଳଗଲା। କେଉଁ କରାନୀ ଦୋକାନରୁ ଲୁଟିଥିବା ମାଲ୍ ରୁ ସାଲଓ୍ୱାର'ର ଭାଗରେ ଦୁଇ ବସ୍ତା ଚନ ମିଳଥାଏ। ସେଇ ଚନ ଦୁଇ ବସ୍ତା ଏବେ ଅଡୁଆ - କୋଉଠି ଲୁଚେଇବ - କୋଉଠି ଫୋପାଡ଼ିବ !! ସେ ଭିତରୁ ଗୋଟିଏ ବସ୍ତା ବଡ଼

କଷ୍ଟରେ ଘୋଷାଡି ଘୋଷାଡି ଆଣି, ତା ଘର ଅଗଣାରେ ଥିବା କୁଅ ଭିତରେ ଫୋପାଡ଼ି ଦେଲା। ଦ୍ୱିତୀୟ ବସ୍ତାଟି ଆଣିଲା ବେଳକୁ ତା ଦେହରେ ଆଉ ବଳ ନଥିଲା। ବହୁତ ଚେଷ୍ଟାରେ ବସ୍ତାଟି କୁଅ ନନ୍ଦ ଉପରକୁ ଉଠାଇ ପାଣିକୁ ଠେଲିଲା ବେଳେ ଚନ ବସ୍ତା ସହ ସେ ନଜେ ସେ କୂଅରେ ପଡ଼ିଗଲା।

କୂଅରେ କଣ ଗୋଟେ ପଡ଼ି ଯିବାର ଶବ୍ଦ ଶୁଣି ଆଖପାଖର କଛି ଲୋକ ଜମା ହେଇଗଲେ। ରଶିରେ ଶିଢ଼ୀ ତିଆରି କରି ଦୁଇଜଣ ଯୁବକ କୁଅ ଭିତରେ ପଶି ସାଲୁଓ୍ୱାର ମଣ୍ଡଳକୁ ବାହାର କଲେ। କନ୍ତୁ ସେତେବେଳେକୁ ତା ପ୍ରାଣବାୟୁ ଉଡି ଯାଇଥିଲା।

ତହିଁ ଆରଦିନ ଯେତେବେଳେ ଗାଆଁ ଲୋକ କୂଅରୁ ପାଣି ଆଣି ପିଇଲେ, ପାଣି ମିଠା ଲାଗିଲା। ଲୋକେ ଚମତ୍କୃ ତହେଲେ। ଖବର ବ୍ୟାପିଗଲା ସାହିରୁ ଗାଆଁ ପୁଣି ପଞ୍ଚାୟତ ରୁ ଜିଲ୍ଲା। ଡକାୟତ ସାହିର ସାଲୁଓ୍ୱାର ମଣ୍ଡଳଙ୍କ ମହାପ୍ରୟାଣ ପରେ ପରେ ତାଙ୍କ ଅଗଣାର କୁଅ ପାଣି ମିଠା। ଏହା ନଶ୍ଚିତ ଭାବରେ ଈଶ୍ୱରଙ୍କ ଲୀଳା ଏବଂ ଦିବଙ୍ଗତ ସାଲଓ୍ୱାର ମଣ୍ଡଳ ଜଣେ ମହାତ୍ମା ଦିବ୍ୟ ପୁରୁଷ।

ସେହି ଦିନ ଠାରୁ, ସେ କୁଅ ସମେତ ସେହି ଘରଟି ହେଲା ସାଲଓ୍ୱାରୀ ବାବାଙ୍କ ପୀଠ। ସାହି ଲୋକେ ଗୃନ୍ଦା ଆଦାୟ କରି ସେଇଠି ଗୋଟେ ମନ୍ଦିର ନର୍ମାଣ କଲେ ଓ ତା ଭିତରେ ସାଲଓ୍ୱାରୀ ବାବାଙ୍କ ଏକ ପୂର୍ଣ୍ଣ ଅବୟବ ମୂର୍ତ୍ତି ପ୍ରତିଷ୍ଠା କଲେ। ଯେହେତୁ ବାରମ୍ବାର ପୋଲିସ୍ ଚଢ଼ାଉରେ ସେ ସାହି ଲୋକ ବ୍ୟତିବ୍ୟସ୍ତ ହେଇ ଯାଇଥିଲେ, ଡକାୟତି କରି ଚଳବା କଷ୍ଟ ହେଉଥିଲା, ଏବେ ଏହି ସାଲଓ୍ୱାରୀ ବାବାଙ୍କ ଆସ୍ଥାନ ତାଙ୍କୁ ଗୋଟିଏ ନୂଆ ଏବଂ ସ୍ଥାୟୀ ରୋଜଗାରର ବାଟ ଦେଖେଇଲା।

ଡକାୟତ ସାହିର ଲୋକମାନେ ତାଙ୍କ ପୂର୍ବତନ ସର୍ଦ୍ଦାର ମାନଙ୍କର ଅଧକ୍ଷତାରେ ଅତି ଶୀଘ୍ର ଏକ "ସାଲଓ୍ୱାରୀ ବାବା ପୀଠ ପରିଗ୍ଳନା କମିଟି" ଗଠନ କଲେ। ସାହି ଲୋକଙ୍କ ମଧରେ କାମ ବାଣ୍ଟି ଦିଆଗଲା - ପୁଜା, ଭୋଗବିକ୍ରୀ, ମୁଣ୍ଡନ, ପ୍ରଗ୍ଭର ପ୍ରସାର ତଥା ବାକ ସମସ୍ତ ନୀତିକାନ୍ତିର ଖର୍ଚ୍ଚ ଓ ଆଦାୟରୁ କମିଟିକୁ କେତେ ଶତାଂଶ ପ୍ରଦାନ କରାଯିବ ଇତ୍ୟାଦି ବିଷୟରେ ନଷ୍ପତ୍ତି ନଆଗଲା। ସ୍ନାନ, ଧୂପ, ଭୋଗ, ପୋଷାକ ଇତ୍ୟାଦିର ଏକ ପରମ୍ପରା

ବଜାୟ ରଖିବାକୁ ସମସ୍ତେ ଚେଷ୍ଟା କରିବେ ବୋଲି ଶପଥ ନେଲେ। ଗାଆଁ ର ନାଆଁ "ଡକାୟତ ସାହି" କୁ ବଦଳାଇ ରଖାଗଲା ଦୁଆର ସାହି - ଅଖ୍ୟାତ ଡକାୟତ ସାହି ଗାଆଁ ଏବେ ବିଖ୍ୟାତ ଦୁଆର ସାହି ସହର' ହେଲା।

ଗପଟି ଏତିକରେ ସାରି, ପଣ୍ଡିତେ ଅବୋଲକରାକୁ କହିଲେ, -"ସେଠାରେ ନିଯୁକ୍ତ ସେବିକା ଓ କର୍ମଚାରୀ ମାନେ ତୋତେ ଯେଉଁ ନିର୍ଦ୍ଦେଶ ଦେଲେ ଯେ, ବାବାଙ୍କ ରତ୍ନ ସିଂହାସନ ପାଖକୁ ଯିବାପାଇଁ ହେଲେ, ତାଙ୍କ ଦୋକାନରୁ ବସ୍ତ୍ର ଓ ପ୍ରସାଦ କିଣିବାକୁ ହେବ; ବାହାର ପ୍ରସାଦ ଭୋଗ ଲଗେଇବାକୁ ହେଲେ ଟିକେଟ କାଟି ଟୋକେନ୍ ନେବାକୁ ହେବ ଇତ୍ୟାଦି ତାଙ୍କ ଦୈନିକ ରୋଜଗାର; ଯାହାକି ଆଜି ସେଠାରେ ଏକ ପରମ୍ପରା ହେଇଯାଇଛି।

ସେଠାକାର ପରମ୍ପରା ଅନୁସାରେ ଭକ୍ତମାନେ ସାଲଓ୍ୱାରୀ ବାବାଙ୍କ ମୂର୍ତ୍ତି ଉପରେ କେବଳ ମହୁ ଓ ଚିନି ଅର୍ପଣ କରୁଛନ୍ତି, ମୂର୍ତ୍ତି ଚାରିପଟର ପାଦୁକ ପାଣି ଅନବରତ ସେଇ କୁଅ ଭିତରେ ପ୍ରବେଶ କରୁଛି - ତେଣୁ ସେ କୁଅ ପାଣି ମିଠା। ସେହି କୁଅ ପାଣିକୁ ସଂଗ୍ରହ କରି ସେମାନେ ବୋତଲରେ ସିଲ କରି ମଧୁକୂପ ଜଳ ନାଁ'ରେ ବିକୁଛନ୍ତି। ଏବେ ତାଙ୍କର ରୋଜଗାର ପ୍ରବଳ।"

ଅବୋଲକରା ଆଉ କଣ କହିଥାନ୍ତା କି କଣ, ଶୋଇଲା ବେଳେ କେବଳ ଏତିକି ପଣ୍ଡିତେ ଶୁଣିଲେ ତା ଠାରୁ, - "ଏଠାର ଲୋକଗୁଡ଼ା କିନ୍ତୁ ଖୁବ୍ ଚତୁର। ଏମାନଙ୍କ ଠାରୁ ଆମ ଦେଶର ଲୋକେ ବି ଅନେକ କିଛି ଶିଖି ସାରିଛନ୍ତି"।

ଦାମନଯୋଡି

# ପ୍ରେମ ଓ ପ୍ରତାରଣା



ସଞ୍ଜୟ କୁମାର ନାଏକ(ସଞ୍ଜୁ)

ସେ ପ୍ରେମରେ ଥିଲା କେତେ ଛଳନା
ସାଜି ଥିଲି ଦିନେ ତା ପାଇଁ ପାଗଳ ଦିଓ୍ୱାନା
ଭୂଲି ଯାଇଥିଲି ମୁଁ ଏ ସାରା ଜମାନା
ରହି ପାରୁ ନ ଥିଲି ଜମା ତା ବିନା
କଣ ଭୁଲ୍ ଥିଲା ମୋର ଜାଣିପାରେ ନା
ଦେଲା ମୋତେ ସେ ଏତେ ପ୍ରତାରଣା ।
ଶୟନେ ସପନେ ଭାବୁଥିଲି ତା କଥା
କରିବାକୁ ତା କୁ ମୋ ଜୀବନ ନାୟିକା
ତା ପ୍ରେମରେ ଥିଲା ମୋ ମନ ଆଇନା
ପ୍ରତାରଣା ଦେଇ ସେ କଲା ଚୁନା ଚୁନା ।
କଣ ଭୁଲ୍ ଥିଲା ମୋର ଜାଣି ପାରେନା
ଦେଲା ମୋତେ ସେ ଏତେ ପ୍ରତାରଣା ।
ତା ପ୍ରେମରେ ମୁଁ ପାଗଳ ହେଇଥିଲି
ତା ପାଇଁ ଦିବାନ ଶି ସପନ ଦେଖୁଥିଲି
କେମିତି ସେ ଠକ ଦେଲା ବୁଝିପାରେନା
ପ୍ରତାରଣା ଦେଲା ମୋତେ ଏ ମନ ମାନେନା
କଣ ଭୁଲ୍ ଥିଲା ମୋର ଜାଣିପାରେନା
ଦେଲା ମୋତେ ସେ ଏତେ ପ୍ରତାରଣା
କଣ ଭୁଲ୍ ଥିଲା ମୋର ଜାଣିପାରେନା
କଣ ଭୁଲ୍ ଥିଲା ମୋର ଜାଣିପାରେ ନା ॥

ବଡଝାଙ୍କରପାଲି, ପିପଲଡାବର,
ଶିକ୍ଷକ-ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପାଟଣାଗଡ଼

# ପ୍ରଭୁ ବରୁଣେଶ୍ୱର



ଜନ୍ମଜୟ ନାୟକ

ସକାଳୁ ଉଠିଣ            କରଇ ଜଣାଣ
ଦିଅ ମୋତେ ଶରଣ,
ଘେନ ମୋ ପ୍ରଣାମ     କରଇ ଗୁହାରୀ
ଦିଅ ମୋତେ ସତ୍ ଜ୍ଞାନ |୧|
ଦୁଃଖୀର ଦୁଃଖକୁ        ଦୂର କରିଦିଅ
ସୁଖେ କଟୁ ତା'ର ଦିନ,
ହେ ବରୁଣେଶ୍ୱର    ହେ ଭୋଳାଶଙ୍କର
ତୁମେ ଅଟ ଯେ ମହାନ |୨|
ଏ ଭବ ସଂସାର          ଏକ ପରିବାର
ଏକଥା ମୋ ମନେ ରହୁ,
ସତ୍ ବୁଦ୍ଧି ଦିଅ           କରେ ସତ୍ କର୍ମ
ଏ ଜୀବନ ଧନ୍ୟ ହେଉ |୩|
ତବ ଦରଶନେ         ଆଶିଷ ପାଇଣ
ସକଳ ପାପ ନାଶନ,
ହେ ଶିବ ସୁନ୍ଦର      କରୁଣା କର ହେ
ଭକତଙ୍କ ଭଗବାନ |୪|
ପୁଣ୍ୟ କୁଶଭଦ୍ରା         କୂଳରେ ରହିଛ
ବନ୍ଧା ଭକତ ଭାବରେ,
ଜଗତ ପାଳୁଛ          ଧର୍ମ ରକ୍ଷା କରି
ପାପୀଙ୍କୁ ନାଶ କରିରେ|୫|

ମନେ ଭକ୍ତି ରଖି   ପଞ୍ଚାକ୍ଷର ଜପିଲେ
ତୁମ କୃପା ଲାଭ ହୁଏ,
ସକଳ ସନ୍ତାପ   ହୋଇଥାଏ ଦୂର
ସୁଖ ଶାନ୍ତି ପ୍ରାପ୍ତ ହୁଏ ।୬।
ବେଲ ପତ୍ର ତୁମ   ମନ କଣିନଏ
ହେ  ପରମେଶ୍ୱର,
ରାତି ସାରା ଜାଗି   ଜାଗର ପାଳଲେ
ଆଶିଷ ମିଳେ ତୁମର ।୭।
ମକର ସଂକ୍ରାନ୍ତିରେ   ତୁମ ଶୈବପୀଠେ
ହୁଏ   ବଡସିଂହାର,
ଦୂରଦୂରାନ୍ତ ରୁ   ଭକତ ଆସନ୍ତି
ହୁଏ  ଜନସମୁଦ୍ର ।୮।
କ୍ଷୀର ଦୁଦୁରା   ଅରଖ ଗଇଶ
ପ୍ରିୟ ପରା ତୁମର,
ସବୁରି ଅନ୍ତରେ   ଭଲପାଇବାର
ଶକତି ତୁମେ ଭର ।୯।
ନରାଶା ହଜିକ   ଆଶାର କରଣ
ପଡୁ ସଭିଙ୍କ ଉପରେ,
ସଭିଙ୍କ ମନରେ   ନବ ଉଦ୍ଦୀପନା
ହେଉ ତୁମ କୃପାରେ ।୧୦।

ଶିକ୍ଷକ, ଚଲିକା ନୋଡାଲ ହାଇସ୍କୁଲ, ପୁରୀ

# ହଜି ଯାଇଥିବା ଈଶ୍ୱର

[ଏକ ପ୍ରତୀକଧର୍ମୀ ନାଟକ]



ଡକ୍ଟର କଶୋର ମହାନ୍ତି

ଭୂମିକାରେ.....

ପ୍ରବୀଣାନନ୍ଦଜୀ – ସାଧୁ

ନରକାର – ଆଧ୍ୟାତ୍ମିକବାଦୀ ଯୁବକ

ବିସ୍ମୟ – ଯୁବକ

ବିପ୍ଳବ – ଯୁବକ

ବୃଦ୍ଧା – ମା

ନାରୀ – ଯୁବତୀ

ନର୍‌କାର – କଣ ପ୍ରବୀଣାନନ୍ଦଜୀ

ବିସ୍ମୟ – ନା-ମୁଁ ତାଙ୍କ କଥା କହୁନାହିଁ!

ବିପ୍ଳବ – ଜାଣନ୍ତି ତ – ସେ ପୁରୁଣା ତାଙ୍କ ପୁରୁଣା ଗ୍ଲଲି ଆସିଛନ୍ତି – ଖବର କାଗଜ, ରେଡିଓ, ଟେଲିଭିଜନରେ ଖାଲି ତାଙ୍କରି ଚର୍ଚ୍ଚା ଥିଲା ଥିଲା ହଠାତ୍ ଉଭାନ ହୋଇଗଲା ପର୍ ।

ନର୍‌କାର – ପ୍ରବୀଣାନନ୍ଦଙ୍କ ଠାରୁ ଅଧିକ ବା କିଏ କଣ ଜାଣିପାରିବ ! ସେ ତ ବ୍ରହ୍ମଜ୍ଞାନୀ ।

ବିପ୍ଳବ – ପ୍ରବୀଣାନନ୍ଦଜୀଙ୍କ ସଂସ୍ପର୍ଶରେ ଯିଏ ଆସିଛି, ସେ ଭୁଲି ଯାଇଛି ତାର ଘରଦ୍ୱାର । ସମ୍ପର୍କ ସବୁକଛି – ତାଙ୍କର ଦିବ୍ୟବାଣୀ ଚେତନାରେ ଏକ ଶିହରଣ ସୃଷ୍ଟି କରେ । ମନ ଭିତରେ ସାତ୍ତ୍ୱିକ ଭାବ ନେଇଯାଏ ଶୂନ୍ୟ ବ୍ରହ୍ମଙ୍କ ସଂଧାନରେ । ଯେଉଁଠି ପରମ ଦିବ୍ୟ ଜ୍ୟୋତି ଉଦ୍ଭାସିତ ହେଉଥାଏ, ସେଠି ଆନନ୍ଦ ହିଁ ଆନନ୍ଦ-

ଇଏ ଆମର ଆନନ୍ଦ ନଗରକୁ ଯାତ୍ରା ନୁହେଁ ତ !

ବିସ୍ମୟ – ସେ ତ ସେଇ ସତ ଚତ୍ତ ଆନନ୍ଦଙ୍କ ସନ୍ଧାନରେ ସଦାସର୍ବଦା ନିଜକୁ ହଜାଇ ଦେଇଛନ୍ତି ।

ହଉ ଆପଣମାନେ ସମସ୍ତେ ଭିତରକୁ ଆସନ୍ତୁ – ମୁଁ କଛି ଖାଦ୍ୟ ପାନୀୟର ବ୍ୟବସ୍ଥା କରେ । **(ପ୍ରସ୍ଥାନ)**

ନିର୍ବିକାର – ଆସ ବିସ୍ମୟ – ବିପ୍ଳବ ତୁମେ ବି ଯାଇପାର । ମୋତେ ଟିକଏ ଏକାନ୍ତରେ ଧ୍ୟାନ କରିବା ପାଇଁ ସୁଯୋଗ ଦିଅ । ମୁଁ ପରେ ତୁମମାନଙ୍କ ସହ ମିଶିବି ।

ବିପ୍ଳବ – ତାହାହେଲେ ମୁଁ ଆସୁଛି – ଶୀଘ୍ର ଆସିବେ । ବିଳମ୍ବ କରିବେ ନାହିଁ । **(**ଗୋଟିଏ ପିଣ୍ଡି ଉପରେ ନିର୍ବିକାର ଧ୍ୟାନର ଭଙ୍ଗୀରେ ଉପବିଷ୍ଟ ହେଲେ – ଓଁକାର + ଆଜାନ ଓ ଚର୍ଚ୍ଚ ଘଣ୍ଟିର ଶବ୍ଦ**)** – ମ୍ୟୁଜିକ୍**...**

**(**ଦୃଶ୍ୟ ଆରମ୍ଭ-ମଂଚରେ ପ୍ରବୀଣାନନ୍ଦଜୀ ଓ ବିସ୍ମୟ**)**

ବିସ୍ମୟ – ମୁଁ ଜାଣେ, ଆଉ ମୁଁ ଭଲ ଭାବରେ ଜାଣେ ଯେ ଆପଣ ଜଣେ ସାଧୁ ସନ୍ନ୍ୟାସୀ । ଆପଣ ମତେ ଠିକ୍ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇ ପାରିବେ । ସେ ବିଶ୍ୱାସ ମୋର ଅଛି – ତେଣୁ ତ ମୁଁ ଏଠାକୁ ଏମିତି ଏକଲା ପଳେଇ ଆସିଛି ସେ କଳୁଷିତ ସମାଜର ନାଗ ଫାଶକୁ ଛିଡାଇ ଦେଇ ।

ପ୍ରବୀଣ – ତୁମେ ଥରେ ନିଜକୁ ପ୍ରଶ୍ନ କର ବାବା, ନିଜ ଭିତରେ ନିଜକୁ ଦେଖ । ନିଜେ କରିଥିବା ଭୁଲ୍ ପାଇଁ ପ୍ରାୟଶ୍ଚିତ କରିବାକୁ ହୋଇଥାଏ । ମଣିଷ ନିଜେ ଗୋଟିଏ ଭୁଲ୍ ପରେ ଆଉ ଗୋଟେ ଭୁଲ୍, ବାରମ୍ବାର ଭୁଲ୍ କରେ । ସମାଜ ଭିତରେ ତୁମେ ଥିଲ, ଅଥଚ ସମାଜ ପ୍ରତି ତୁମର କର୍ତ୍ତବ୍ୟ ନକରି ତୁମେ ଏଠାକୁ ଚାଲି ଆସିଲ କାହିଁକି?

ବିସ୍ମୟ – ସେ ସମାଜରେ ଥାଉ କଣ ଅଛି ଯେ, କେଉଁମାନଙ୍କର ସେ ସମାଜ? ଫମ୍ପା ସମାଜ ! ଧୂର୍ତ, ଶଠ, ଅହଂକାରୀ ବିଧର୍ମୀ ଆଉ ଆତତାୟୀ ମାନଙ୍କ ସମାଜ-ଯେଉଁଠି ଅହରହ ଚାଲିଛି, ଧର୍ଷଣ ହତ୍ୟା ଲୁଣ୍ଠନ – ଧର୍ମ ନାମରେ ବ୍ୟଭିଚାର – ସେଠି ନାରୀ ପ୍ରତି ସମ୍ମାନ ନାହିଁ – ସେଠି କେବଳ କଂସର ରାଜତ୍ୱ । କଂସର ଆତ୍ମା ଘୁରି ବୁଲୁଚି ଚାରିଆଡେ । ସରଳ ନିଷ୍ପାପ ଜୀବନକୁ ଛିନ୍ନଭିନ୍ନ କରିବା ପାଇଁ, ତାର ରକ୍ତରଞ୍ଜିତ ତରବାରୀ । ମୁକ୍ତି ପାଗଳ ମୁଁ, ଅଣନିଶ୍ୱାସୀ ହୋଇପଡିଲି ମାଡି ଆସିଲି ଏ ଦିଗରେ ମୋତେ ଆପଣ ନୂଆ ମନ୍ତ୍ର ଦିଅନ୍ତୁ । ମୋତେ ବାଟ ବତେଇ ଦିଅନ୍ତୁ । ମୁଁ ଆଜି ବାଟ ହୁଡିଥିବା ମଣିଷ ।

ପ୍ରବୀଣ -ଏଠିତ ସେ ସମାଜଠାରୁ ଆହୁରି କଟକଣା, ନୀତିନିୟମର ଚନ୍ଦ୍ରବଂଧନୀ ବାନ୍ଧି ହୋଇଯିବ-ନା ଆଗକୁ ଯାଇ ପାରିବ – ନା ଫେରିପାରିବ, ପଛକୁ କେବଳ ଅନୁଶୋଚନା ଭିତରେ ହିଁ ତୁମ ଜୀବନ ଅତିବାହିତ ହେବ, ତୁମେ ପାଇବ କଣ ?

ବିସ୍ମୟ – ମୋତେ ଆଉ ବାରଣ କରନ୍ତୁନି, ମୁଁ ଜାଣିଶୁଣି ଏଠାରେ ପାଦ ଦେଇଛି । ଆନନ୍ଦ ପ୍ରାପ୍ତି ମୋର ଚରମ ଲକ୍ଷ୍ୟ । ସେ ଆନନ୍ଦ କଣ ତାହାତ ଆପଣ ଜାଣିଛନ୍ତି । ଆପଣଙ୍କ ପଦାଙ୍କ ଅନୁସରଣ କଲେ ଯାଇଁ ଆନନ୍ଦନଗରକୁ ଯିବାପାଇଁ ପଥ ପରିଷ୍କାର୍ ହେବ । ମୁଁ ଚାହେଁ ନୂଆ ସମାଜ, ନୂଆ ପୃଥିବୀ, କେବଳ ଆନନ୍ଦ ହିଁ ଆନନ୍ଦ ।

ପ୍ରବୀଣ – ଆରେ ବାଃ... ତୁମର ଚିନ୍ତାଧାରା କେତେ ସୁମହତ୍ ଗୋଟିଏ ପରିବର୍ତ୍ତନର ସୁଅରେ ଭାସି ଆସିଛେ ଆମେ ସମସ୍ତେ । ପାଇବା-ଖୋଜିବା ଏବଂ ଖୋଜି ଖୋଜି ପାଇବା ପୁନରାୟ ହଜାଇ ଦେବା ଭିତରେ ସେଇ ଅମୃତ ଅନୁଭବ ଟିକକ ଆମ ଭିତରେ ଜାଗ୍ରତ କରିଦେଇଛି । Arise.....Awake.... and stop not till the goal is reached.

ବିସ୍ମୟ – ନର୍‌କାର ପରଂବ୍ରହ୍ମଙ୍କର ବାଣୀ ହିଁ ମୋତେ ଅଧିକ ଭାବରେ ଆକୃଷ୍ଟ କରିଛି । ମୁଁ ତାଙ୍କର ଅନୁଗାମୀ ଗୋଟିଏ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପଥରେ ପହଞ୍ଚିବା ଆମ ଦୁହିଁଙ୍କର ଏକମାତ୍ର ଲକ୍ଷ୍ୟ ।

ପ୍ରବୀଣ – ନର୍‌କାରଙ୍କୁ ଭେଟିଛନ୍ତି !

ବିସ୍ମୟ – ହଁ ମହାଶୟ ! ହଠାତ୍ ଭେଟ ହେଇଗଲେ ଗୋଟାଏ ଆଶ୍ଚର୍ଯ୍ୟ ରୋମାଞ୍ଚକର ମୁହୂର୍ତ୍ତରେ ।

ପ୍ରବୀଣ – ମୁଁ ତାଙ୍କୁ ବି କହି ଦେଇଛି-ଏ ଆମ ପାଇଁ ଏକ ଅଗ୍ନି ପରୀକ୍ଷା । ସବୁଠାରେ ଯେମିତି ବିପଦ – ବିପଦକୁ ଯଦି ସାହାସର ସହିତ ସମ୍ମୁଖୀନ ହୋଇପାରିବା, ତେବେ ଯାଇ ଆମ ପାଇଁ ସବୁ ଦିଗ ଆଲୋକିତ ହୋଇଯିବ ଓ ଆମେ ଖୋଜିବା ଜିନିଷଟି ପାଇଯିବା ସହଜରେ, ନର୍‌କାରଙ୍କୁ ସାଧିକରି ଲାଗିଯା – ଦେଖିବ ସବୁ କାର୍ଯ୍ୟ କେମିତି ସହଜ ହେଇଯିବ ତୁମ ପାଇଁ । ଦେଖତ କିଏ ଆସୁଛି ! (ବିସ୍ମୟ – ଦ୍ୱାର ପାଖକୁ ଚାଲିଯିବା) (ଫେରିଆସି-)

ବିସ୍ମୟ – ଜଣେ ବୃଦ୍ଧା, ମହାତ୍ମା-

କ୍ରମଶଃ........

ସି.ଡି.ଏ, କଟକ

# ପ୍ରକୃତି



ରୁବ୍ଲିନ୍ ସାହୁ

ସକାଳର ସୂରୁଯ କରଣ
ଦେହେ ଭରିଦିଏ ସତେଜ ମନ ।
ଆହାଃ କ ଆକର୍ଷଣୀୟ ତା ରୂପ
ନୀଳଲୋହିତ ଭିଜା ଆକାଶ ।
କ ସୁନ୍ଦର ଫୁଲର ହସ
ତାଠୁ ମନୋରମ ପୁଣି ତା ମହକ ।
ଭଅଁର ର ଗୁଣୁଗୁଣୁ ଗାନେ
ପ୍ରାଣ ଶାନ୍ତି ହୁଏ, ପଡିଲେ କାନେ ।
ଝରଣାର କୁଳୁକୁଳୁ ନାଦ
ମୋହିନଏ ମନ ପ୍ରାଣୀଙ୍କର ।
ଅଳସ ନଈର ଅଙ୍କାବଙ୍କା ପାଦ
ଦେଖିହୁଏ ଶରୀର ଉଚ୍ଛଳ ।
ନୀଡ ଛାଡି ପକ୍ଷୀ, ଭ୍ରମେ ଆକାଶେ
ନାନା ରଙ୍ଗେ ଡେଣା, ଆଖେ ଝଲକେ ।
ପଶ୍ଚିମ ଦିଗେ ଅସ୍ତ, ହେଲେ ଦିନମଣି
ଦେଖୁଦେଖୁ ଘୋଟି ଆସେ ରଜନୀ ।
ଧୀରେ ଧୀରେ ଅନ୍ଧାର ଗ୍ରରିଆଡେ
ଉଙ୍କି ମାରୁଥାଏ ଜହ୍ନ ଅମ୍ବରେ ।
କୋଟିକୋଟି ତାର୍ ଦିଶେ ସୁନ୍ଦର
ଦୀପ ପରି, ପ୍ରତ୍ୟୟମାନ ଏହାର ।
ଐଶ୍ୱର୍ଯ୍ୟ ରୂପ ଧରିଛି ଏ ପ୍ରକୃତି ରାଣୀ
ପାଳନ କରୁଛି ସାଜି ଜନନୀ ।

ସତଲମା

# ଅବୁଝା ମନ ।।।

ରଶ୍ମିତା ସାହୁ

ତୁମକୁ ଗୁହିଁବାକୁ ତ ଇଛାହୁଏ,
କନ୍ତୁ ଆଖି ଉଠେଇ ଦେଖି ହୁଏନା....
ତୁମକୁ ଛୁଇଁବାକୁ ତ ଇଚ୍ଛାହୁଏ,
ପାଖରେ ପାଇ ବି ସାହାସ ପାଏନା...
ତୁମସହ ମନଭରି କଥା ହେବାକୁ ତ ଇଚ୍ଛାହୁଏ,
କନ୍ତୁ ଶବ୍ଦ ପାଏନା.....

ଏ କୁହତ ମତେ.......

କେଉଁ ଆକର୍ଷଣ ଅଛି ତୁମପାଖେ,
ମୋର ଅଜାଣତେ ଟାଣିନେଲ ନଜ ପାଶେ....
କେଉଁ ଗୁଣି କରିଛ ମତେ,
ତୁମକୁ ହିଁ ଭାବୁଥାଏ ବ୍ୟଗ୍ର ଚଓ୍ବେ....
କେମିତି କମିଆ କରିଛ ମତେ,
ମୁଁ ନଜଠୁ ଅଧିକ ତୁମକଥା ଭାବି ବସେ....
ଆରେ କାହିଁକ ଏମିତି ହୁଏ ମୋ ସହ,
ଟିକେ ବୁଝାଇ କହିବ ମତେ.......

ଛତ୍ରପୁର (ଗଞ୍ଜାମ)

# ଫୁଲର ସୌନ୍ଦର୍ଯ୍ୟ

ରଶ୍ମିତା ସାହୁ

ଶରତ ଋତୁର ସୁନ୍ଦର ସକାଳେ
ଶତ ଭଗବାନଙ୍କ ସୁଆଶିଷ ବଳେ
ଫୁଟି ଅଛୁ ତୁହିଁ ପାଖୁଡା ମେଲାଇ
ସପ୍ତରଙ୍ଗର ସମାବେଶ ଖେଳାଇ
ଦିଶଇ ରୂପ ତୋ କେଡେ ସୁନ୍ଦର
ରୂପତୃଷ୍ଣାରେ କବି ମନ ଅଧିର ।

ଉଷା କାଳ ଗଲେ ଦିଶିବ ସ୍ପଷ୍ଟ
ଫୁଲ ଉପରେ ପ୍ରଜାପତି ଉପବିଷ୍ଟ
ହର୍ଷ ଉଲ୍ଲାସ ମନେ ମଧୁପାନ କରି
ଗାଉଥିବେ ଗୀତ ଗୁଣୁଗୁଣୁ କରି
ସକାଳେ ପାଇବୁ ଭଗବାନଙ୍କ ଶିରେ ଶୋଭା
ଦେଖି କବି ମନ କରେ ଅନେକ ସଭା
କେଡେ ଭାଗ୍ୟବତୀ ହୋଇଛୁ
ଭଗବାନ ଶିରେ ଶୋଭା ପାଇଛୁ
ରୂପ ତୋ ଦେଖି ଅଧିର ମୋ ମନ
ସତେକ ଲାଗୁଛି ପାଇଲି ମୁଁ ମହାପୂଣ୍ୟ
ସାତ ଜନ୍ମର ପାପ ଗଲା ଦୂରେଇ
ସୁଖ ଦେଲା ମତେ ସପ୍ତରଙ୍ଗର ଓଢଣୀ ଘୋଡେଇ ।

ବିଜେପୁର ଡିଗ୍ରୀ ମହାବିଦ୍ୟାଳୟ, ବିଜେପୁର
ଓଡ଼ିଆ ସମ୍ମାନ, ତୃତୀୟ ବର୍ଷ

# ଆମ ସାହିତ୍ୟ



ସିଦ୍ଧେଶ୍ୱର ତ୍ରିପାଠୀ

ସାହିତ୍ୟ ସମାଜର ଦର୍ପଣ । ସାହିତ୍ୟ ଦ୍ୱାରା ସମାଜରେ ଶିକ୍ଷା ସଂସ୍କାର ମଣିଷ ପଣିଆର ପ୍ରଚୁର ପ୍ରସାର ହୁଏ ।

ଏବେ ସାହିତ୍ୟିକ ଟିଏ କହୁଛି ପାରିତୋଷିକ ତ ଦୂରେ ଥାଉ ପଇସା ଦେଲେ ବି ସମ୍ପାଦକ ଠିକ୍ ସମୟରେ ବହି ପଠାଉନାହିଁ । ପଇସା ଦେଇ କେତେ ବହି ଛାପିବା ।

ପ୍ରକାଶକର ମତ ଆଉ ଆଗ ଭଳି ଓଡ଼ିଆ ବହି ପତ୍ର ପତ୍ରିକା ବିକ୍ରି ହେଉନି । ଲାଭ କଥା ଛାଡ ମୂଳ ବି ଉଠୁନି ।

ପାଠକ କହୁଛି ଆଉ ସାହିତ୍ୟରେ ସେ ରସ ନାହିଁ । ସବୁ ଅନ୍ୟ ଭାଷାରୁ କପି(ନକଲ) ହେଉଛି । ଫେସବୁକ ହ୍ୱାଟ୍ସଆପ ଆସିଲା ପରେ ସମସ୍ତେ କବି ସମସ୍ତେ ସାହିତ୍ୟିକ । ଗୁଡାଏ ବହି ଇଣ୍ଟର ନେଟ ରେ ମିଳୁଛି ଏଗୁଡା କିଆଁ କିଣିବା ।

ସମାଲୋଚକଙ୍କ ମତ ସାହିତ୍ୟ ରେ ପ୍ରିୟାପ୍ରୀତି ତୋଷଣ ଚାଲିଛି । ପୁରସ୍କାର ବିକ୍ରି ହେଉଛି। ସାହିତ୍ୟିକ ଆଜି ମାନପତ୍ର ପ୍ରେମରେ ପଡି ଯାଇଛି । ପ୍ରକାଶକ ସାହିତ୍ୟ ଛାପୁନି ଛାପୁଛି ନିଜ ବ୍ୟବସାୟର ଲାଭ ମିଳୁଥିବା ଧନୀକ ଶ୍ରେଣୀର ବ୍ୟକ୍ତିର ଲେଖାକୁ ।

ଚକ ମିକ ଦେହ ବାଣ୍ଟି ପାରିଲେ ଲେଖା ବି ଚକମିକ ବୋଲି ପରିଗଣିତ ହେଉଛି । ଆଖି ବୁଲେଇଲେ ପୁଳା ପୁଳା କବି ଆଉ ମେଞ୍ଚା ମେଞ୍ଚା ସାହିତ୍ୟ ଅନୁଷ୍ଠାନ ଆଉ ରାତି ପାହିଲେ

ସମସ୍ତଙ୍କ ପାଖରେ ଡାଉନ୍ ଲୋର୍ଡ ପ୍ରିଣ୍ଟ ଆଉଟ (ସମସ୍ତେ ବୁଝିବା ଭଳ ଶବ୍ଦ) ହୋଇ ଟଙ୍ଗା ହୋଇଥିବା ମାନପତ୍ର ।

ପୁରାତନ ଛାନ୍ଦ କୁ ଖେଚେଡ଼ି କରି କଦର୍ଯ୍ୟ ଭାବରେ ମନ ମନେକା କବିତା ର ନୂଆ ଧାରା ବି ସୃଷ୍ଟି ହେଲାଣି । ଏଠି ବୟୋଜ୍ୟେଷ୍ଠ ଆର୍ଥିକ ସ୍ୱଚ୍ଛଳ ସାହିତ୍ୟିକ ଆଉ ଫେସବୁକ ହ୍ୱାଟ୍ସଆପ ସଂଘର ସୃଷ୍ଟିକର୍ତ୍ତାଙ୍କ ପିଲାଳଆମୀ ଆଉ ମନମାନ ବି ବେଳେ ବେଳେ ହାଶ୍ୟାସ୍ପଦ ଲାଗେ । କବି ଗାଳ୍ପିକ ପ୍ରାବନ୍ଧିକ ନାଟ୍ୟକାର ଔପନ୍ୟାସିକ ସମସ୍ତେ ହାମବଡା ନୀତିରେ ମାହିର୍ ।

ଏଠି ବ୍ୟକ୍ତିର ନାଁ କୁ କୁଆଡେ ମାନପତ୍ର ଦିଆଯାଏ ଲେଖାକୁ ନୁହେଁ । ଲବି କଲେ ଗାଳ୍ପିକ ବି କବି ହୋଇପାରେ । (ଆଜିକାଲିକା କବିତା ଲେଖି)। ସେଥିରେ ପୁଣି ବ୍ୟଙ୍ଗକବି ଗୀତିକବି ଗୀତିକାର ଆଉ ଏବେକାର କଲିମୀ ଅତ୍ୟାଧୁନକ କବି । ସମସ୍ତଙ୍କ ମୁହଁ ଭିନ୍ନ ଭିନ୍ନ ଦିଗକୁ ।


ଏଠି ପଇସା ପାଇଁ ବ୍ୟଙ୍ଗକବି ମାନେ ହାସ୍ୟ ଅଭିନେତା ହେଇଗଲେଣି । ଆଉ ମୋଟା ଅଙ୍କର ଦରମା ପାଉଥିବା ବ୍ୟକ୍ତି ମାନେ ପଇସା ଫୋପାଡ଼ି ରାତାରାତି ବଡ଼ ଗୀତିକାର ହୋଇଗଲେଣି । ସେ ଗୀତ ବୁଝି ହେଉକ ନହେଉ କନ୍ତୁ ଆଗ ଧାଡ଼ିର କଣ୍ଠଶିଳ୍ପୀ ଗାଇଛନ୍ତି ଆଉ ନାଁ ପୂର୍ବରୁ ଡଃ କ ପ୍ରଫେସର ଲାଗିଥିବା ଲୋକ ଯେହେତୁ ଲେଖିଛନ୍ତି ଲାଇକ କମେଣ୍ଟ ଦି ଗ୍ୟରିଟା ଅଧିକ ମିଳବ ନଷ୍ଟୟ ।

ଅନେକ ପାଠକ ଆଉ ବହି ପଢୁ ନାହାନ୍ତି ମୋବାଇଲ ରେ ଘଣ୍ଟା ଘଣ୍ଟା ଧରି ଖେଳ ଖେଳବାକୁ ପସନ୍ଦ କରୁଛି ।

*ତଥାପି ଲଙ୍କାରେ ବିଭିଷଣ ଥିବା ଭଳ ଆଜିବି ଆମ ସମାଜରେ କଛି ଭଲ କବି ପ୍ରକାଶକ ପାଠକ ଅଛନ୍ତି ଏଥିରେ ସନ୍ଦେହ ନାହିଁ ଦେଖାଯାଉ ପରିବର୍ତ୍ତନର ସମୟ ଆସିଛି*।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

# ହେ ଶିବ !



ଅଜିତ ପାଢ଼ି

ଶିବ ଶିବ ଶିବ ସବୁଠି ଶିବ ହେ
ଶିବ ତ ଜୀବନ ର ଉପହାର
ତୁମେ ତ ଶିବ ମଣିଷ ହୃଦୟେ
ହୃଦୟ ଅଟେ ଦୟା ର ସାଗର
ଶିବ ହିଁ ସତ୍ୟ ଶିବ ହିଁ ପ୍ରାରମ୍ଭ
ତୁମରି ରଚନା ତୁମରି ସଂସାର
ତୁମେ ହିଁ ଶିବ ତୁମେ ହିଁ ସତ୍ୟ
ମେ ଅଟ ତ "ଗଙ୍ଗାରଧାର"
ତୁମେ ଚରନ୍ତନ ଅତୀବ ସୁନ୍ଦର
ତୁମେ ଅଟ ହେ ପ୍ରେମ ର ସାଗର
**ସତ୍ୟ, ଶିବ, ସୁନ୍ଦର; ସତ୍ୟ, ଶିବ ସୁନ୍ଦର........!**

ମେ ଚଘାସିର୍ମ ମାଝୀ ହାଇସ୍କୁଲ୍, ନୂଆଗାଁ

# କେବେ ହବ ଅନ୍ତ ଏହି ମସିହା.....



ଅନଙ୍ଗ ମଞ୍ଜରୀ

ମୁଁ ସେହି ମସିହା
ଆଜି ସମସ୍ତ ଆଖିରେ ଭରିଛି ପାଣି
ସମସ୍ତ ଦୁଃଖର ହୋଇଛି ଭାଗି
କାହାର ମାତା, କାହାର ପିତା
କାହାର ପୁତ୍ର, କାହାର କନ୍ୟା
ସବୁକୁ ମୁଁ ନେଇଛି ଟାଣି ।

ମୋରି ଏହି ମସିହାରେ
ପ୍ରତେକ ସହର, ଗାଁ ରେ ମୁଁ
ସମସ୍ତ ଘରେ ପଶି କରୁଛି ମୁଁ ତାଣ୍ଡବ
ଗ୍ରାସୁଛି ଜ୍ୱର ଆଉ ଥଣ୍ଡା କହି
ତା ପରେ ପଶୁଛି ଫୁସ୍ ଫୁସ୍ ରେ
ବନ୍ଦ କରି ଦେଉଛି ତାର ଶ୍ୱାସ
ବଡ ଜଟିଳ ମୋର ରୂପ ।

ନା ହେଉଛି ବାସନା ନା ହେଉଛି ସ୍ୱାଦ
ଯିଏ ମତେ କହିଲା ଜାଣିଲା
ଗରମ ପାଣି ପିଇଲା, ଗରମ ବାମ୍ଫ ନେଲା
ଆଉ ଜୀଙ୍କ ସିଂଙ୍କ ମେଡିସିନ ଖାଇଲା
ସେ ମତେ ଜିତିଲା ସେ ହେଲା ମୋର ପ୍ରିୟ
ବଡ ବଡ ମୁଣ୍ଡ ନେଲିଣି ମୁଁ

କାଳର ଗର୍ଭ ରେ ସମସ୍ତ ଙ୍କୁ ପଛେ ପକାଇ
ମୁଁ ଜିତିଲିଣି ଏ ଦେଶ, ବିଦେଶର ବିଜ୍ଞାନକୁ ।

କେତେ ଟୀକା ମିକା ନେଲେଣି
ପ୍ରଥମ, ଦ୍ଵତୀୟ କରି ଦୁଇ ଦୁଇ ଥର
ପୁଣି ବି ମୁଁ ଡ଼ରୁ ନାହିଁ
ଛାତିପିଟି କାନ୍ଦିଲେଣି
ପୁଣି ମୁଁ ରୂପ ଦେଲି ବଦଳେଇ
ନାମ ଦେଲି ବ୍ଲାକ ଫଙ୍ଗସ ।

ସମସ୍ୟା ର ଦ୍ଵାର୍ ରେ ମୁଁ ଆଜି
ବଡ ମସିହା ବିଶ୍ୱ ରେ ହେଲିଣି ପ୍ରସିଦ୍ଧ
ପୁର୍ ବିଶ୍ୱ ଲ୍‌ଗିଛନ୍ତି କମର କସି
କନ୍ତୁ ମୁଁ କମର କସିଛି
ନାମ ମୋର ରଖିଛି କୋରେ୍ନା
କଣ ଆଉ କେତେ ଦିନ ରହିବି
ମୁଁ ଆଉ ଜାଣେନା ।

ହାଇଦ୍ରାବାଦ

# ହୃଦୟ



ସାଗରିକା ସାହୁ

ତୁମେ ମୋର ସେହି ହୃଦୟ ର ଜେମା
ମୋ ହୃଦୟେ କରିଛ ଘର
ତୁମ ରୂପ ଛବି ଯେଦିନ ଦେଖିଛି
ହୋଇଛ ଯେମା ଗୋ ନଜର!!

କେଜାଣେ କାହିଁକି ତୁମ ରୂପ ଛବି
ଆସେ କାହିଁ ମୋର ମନେ
ରାତ୍ରି କାଲେ ଯେବେ ପଲକ ମୋ ପଡେ
ତୁମକୁ ଦେଖେ ସପନେ !!

ଛୁଇଁ ବାକୁ ଯେତେ ଇଚ୍ଛା କଲେ ମଧ
ପାରେନା ତୁମକୁ ଛୁଇଁ
କହିବାକୁ ଯେତେ ଇଚ୍ଛା କଲେ ମଧ
ପାରେନା ତୁମକୁ କହି !!

କହିବି କହିବି ବୋଲି କେତେ ମୁଁ ଭାବିଛି
କହିମୁ ପାରୁନ ଖୁଲି
କହିଦେଲେ କାଲେ କଥା ରଖିବନ
ଯିବ ତୁମେ ମତେ ଭୁଲି !!

ଗିଧମାଲ୍, ଗାଇସିଲେଟ, ବରଗଡ଼

# ଛୋଟ ମୋର ନାଆଟି

(ଧାରାବାହିକ)



ପ୍ରଫେସର ଅନନ୍ତା ପଣ୍ଡା

ଛୁଆନନା ସେଦିନ ଅପେକ୍ଷାକୃତ ଶୀଘ୍ର ଆସି ଯାଇଥିଲେ । ବାହାଦୂରୀ ଦେଖାଇ କହିଲି, କେଉଁ କେଉଁ ବାବୁମାନେ ଆସୁଛନ୍ତି, ମୁଁ ଜାଣିଛି, ନାଁ ଗୁଡ଼ା ତୁମକୁ କହିବି?

ଜାଣେ, ମୁଁ ଲିଷ୍ଟ ତିଆରି କରି ବାପାଙ୍କ ଟେବୁଲ୍ ଉପରେ ରଖିଯାଇଥିଲି ।

ମୋ' ମୁହଁ ଶୁଖି ଏଡ଼ିକ ଟିକଏ ହୋଇଗଲା, ଗାଁର ପ୍ରାୟ ସମସ୍ତଙ୍କ ସାମ୍ନାରେ ମୋ'ର ଭିନ୍ନ ଭିନ୍ନ ବାହାଦୂରୀ ପ୍ରକଟ କରି ପ୍ରଶଂସା ପାଇଥାଏ । ହେଲେ ଛୁଆନନାଙ୍କ ପାଖରେ ମୁଁ ସବୁ କଥାରେ ହାର ମାନଥାଏ । ତା'ର କାରଣ ହେଲା ସେ ବେଶି ପାଠ ପଢ଼ିଛନ୍ତି, ତେଣୁ ବୀଚକ୍ଷଣ ।

ମୁହଁ କାହିଁକି ଶୁଖାଇଲୁ? କ'ଣ ହେଲା??

ନାଁ କଛି ନୁହେଁ ଛୁଆନା, ମୁଁ ଭାବୁଥିଲି ଇଏ ସେଇ ମାଟିର ମଣିଷ, ଲେଖକ ଶ୍ରୀ କାଳନ୍ଦୀ ପାଣିଗ୍ରାହୀ ନୁହନ୍ତି ତ! ଯାହାଙ୍କ ଦର୍ଶନ ପାଇଁ ବହିଟି ପଢ଼ିବା ପରେ ମୋ' ଆତ୍ମା କାନ୍ଦି ଉଠିଥିଲା ।

ଠିକ୍ ଚହ୍ନିଲୁ । ଇଏ ସେଇ "ମାଟିର ମଣିଷ" ଲେଖକ ଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀ । ଜାଣିଛୁ, ଏଇ ବହିଟିକୁ (ଗପଟିକୁ) ଭିତ୍ତି କରି ବଡ଼ ପର୍ଦ୍ଦା ଉପରେ ଗୋଟିଏ ଚଳଚ୍ଚିତ୍ର ଗଢ଼ାଯାଉଛି ।

ଚଳଚନ୍ତ୍ର ଉପରେ ମୋ'ର କୌଣସି ଧାରଣା ନ ଥିଲା, ଶବ୍ଦଟି ଶୁଣି ମୋ'ର ମନେ ହେଲା 'ଚଳ' ଅର୍ଥାତ୍ ଚାଲୁଥିବା, 'ଚନ୍ଦ୍ର' ଅର୍ଥାତ୍ 'ଫଟୋ' ବଡ଼ ପର୍ଦ୍ଦା ଉପରେ ବିରଜୁ, ଛକଡ଼ି, ହାଗ୍ ବୋଉ ଏବଂ ନେତ୍ରମଣିର ଫଟୋ ଚାଲୁଥିବ । ଛୁଆନନାଙ୍କୁ କହିଲି, "ଯୋଉ ପର୍ଦ୍ଦା ଉପରେ ଚାଲୁ ପଛକେ ଛକଡ଼ି ଆଉ ନେତ୍ରମଣିକୁ ଦେଖିଲେ ମୁଁ ପାଟି ଫିଟେଇବିନି । କେଡ଼େ ଖରାପ ମଣିଷ ଦି'ଟା । ବାପାଙ୍କର ଅବାଧ ହେଲେ, ଆଉ ଶେଷରେ ରାମ, ସୀତାଙ୍କ ଭଳି ଭାଇ ଭାଉଜଙ୍କୁ ବନକୁ ପଠାଇଦେଲେ । ମନରେ ଅବଶୋଷ ବି ନାହିଁ । ଭରତଙ୍କୁ ଦେଖ, କେଡ଼େ ଅନୁତାପ କରୁଥିଲେ, ରାମଚନ୍ଦ୍ରଙ୍କ କଠାଉ ଦୁଇଟିକୁ ବାରବର୍ଷ ଧରି ପୂଜା କରୁଥିଲେ । ଆଜିକାଲି ଦେଶରେ ଭରତ ନୁହଁ ଛକଡ଼ି ଭର୍ତ୍ତି ହୋଇଛନ୍ତି ।

ସେଇ ଛକଡ଼ି ନାଁ ନେଇ ତୁମେ ବାହାଦୂରୀ ମାରୁଛ! ତୁମେ ବି କ'ଣ ଦିନେ ସେମିତି ବଡ଼ନନାଙ୍କୁ ଘରୁ ବାହାର କରିଦେବ?

ଆମ ପାଟିଗୋଳ ଶୁଣି ବାପା ଚଉପାଢ଼ୀ ଘରୁ କହିଲେ, "କ ରେ କ'ଣ ହେଉଛି?"

କଳ ତକରାଳ ସେଇଠି ବନ୍ଦ ହେଲା, ଚନାବାଦାମ ଡବା ଖୋଲି ତିନିଜଣ ଯାକ ଚନାବାଦାମ ଖାଇବା ଆରମ୍ଭ କରିଦେଲୁ । ଚନାବାଦାମ ଛଡ଼ା ମୋ' ଯୋଗେ ଠିକ୍‌ରେ ହେଉ ନଥିଲା । ମନେ ମନେ ଚନ୍ତା କରି ଚାଲିଥିଲି, ଛୁଆନନା ବଡ଼ନନାଙ୍କର ବହୁତ ସମ୍ମାନ କରନ୍ତି । ତାଙ୍କୁ ଏମିତି କହି ମୁଁ ବଡ଼ ଭୁଲ୍ କରିଛି । ଆମ ଘରର ଆର୍ଥିକ ଅବସ୍ଥା ଖରାପ ହେବା ପରେ ସେ ନଜେ ପାଠ ଛାଡ଼ି ଘର ସମ୍ଭାଳିବାର ଭାର ନେଇ ବଡ଼ନନାଙ୍କ ପଢ଼ାରେ ବ୍ୟାଘାତ ଆସିବାକୁ ଦେଇ ନାହାନ୍ତି । ମୋ'ର ଦୋଷ ହୋଇଗଲା ଭଗବାନ, କ୍ଷମା କର ।

ମୋ' ଉଦାସୀନତା ଦେଖି ଛୁଆନନା କହିଲେ, ଆଜି ତୋ ହାତ ଦି'ଟା କେମିତି ଧିମା ପଡ଼ିଯାଇଛି । ସବୁ ଦିନ ତ 'ରେସ୍'ରେ ଥାଏ!

ମୁଁ ଭାବୁଥିଲି ଏବେ ଆମ ଘରକୁ ସେଇ କାଳନ୍ଦୀ ପାଣିଗ୍ରାହୀ ଆସୁଛନ୍ତି, ତାଙ୍କୁ ନଶ୍ଚେ ପଚାରିବି ଛକଡ଼ି କୋଉଠି ରହେ । ଆମେ ମିଶି ତାକୁ ପୁଲିସ୍‌ରେ ଦେଇଦେବା ।

ଡ଼ିସେମ୍ବର ୨୪ ତାରିଖ । ପାହାନ୍ତାରୁ ଉଠି ନଜର ନତ୍ୟକର୍ମ ସାରି ନାନୀ ରନ୍ଧାଘରେ ବ୍ୟସ୍ତ। ମା(ବଡ଼ନନାଙ୍କର ଦାଇ ମା’) ଗ୍ରେଷେଇ ଘର ବାହାରେ ବସି ପରିବା କାଟୁଥିଲା । ଛୁଆନାନୀ ହେମଦସ୍ତାରେ କ'ଣ କୁଟି ଗ୍ଭଲିଥିଲା । ଶିଳ ପାଖରେ ଗୋଟାଏ ଛୋଟ ଅଧବେଲାରେ ଭର୍ତ୍ତି ହୋଇ ମସଲା ବଟା ରଖା ଯାଇଛି । ଆଉ ଗୋଟାଏ ଅଧବେଲାରେ ଗୁଡ଼ାଏ ମୁଣ୍ଡଗଡ଼ା(ଗୋଟା ଷୋରିଷ), ଖଣ୍ଡେ ହଳଦୀ, ୪-୬ଟା କଞ୍ଚାଲଙ୍କା, ଖଣ୍ଡେ ଅଦା ରଖାଯାଇଛି, ନାନୀ କହେ ଷୋରିଷ ମସଲା ବଟା ହୋଇ ରହିଲେ ପିତା ହୋଇଯାଏ, ହୁଏତ ସେଇଥିପାଇଁ ବଟା ହୋଇନ । ବାହାର ଚୂଲୀ ପାଖରେ ଗୋଟିଏ ପାଛିଆରେ ହଳଦୀ ଲୁଣ ଗୋଳା ହୋଇ ପ୍ରାୟ ଗ୍ଭଳଶ ପଗ୍ଭଶ ଖଣ୍ଡ ମାଛ ରଖା ହୋଇଛି । ଗୋଟିଏ କଡ଼କୁ ତିନ ତିନଟା ବଡ଼ ବଡ଼ ମାଛ ମୁଣ୍ଡ । ଆଜି ନଶ୍ଚୟ ଦୁଇ ପ୍ରକାର ମାଛ ତରକାରୀ ରନ୍ଧା ହେବ । ପାଖରେ ଥିବା ଛୋଟ ଗ୍ଭଙ୍ଗୁଡ଼ିଟି ଉପରେ ନଜର ପଡ଼ିଲା । ଗ୍ଭରିଟା ବଡ଼ ବଡ଼ ମାଛ ମଞ୍ଜି, ଅର୍ଥାତ୍ ତରକାରୀ ସାଙ୍ଗକୁ ମାଛ ମଞ୍ଜି ଭଜା, ବାଃ... ବହୁତ ମଜା ଆସିବ । ଖୁବ୍ ଉତ୍ସାହିତା ହୋଇ ବାହାଦୂରୀ ମାରିବା ଭଙ୍ଗୀରେ କହିଲି, “ମୁଁ କ'ଣ କାମ କରିବି?”

ରନ୍ଧା ଘର ଭିତରୁ ନାନୀ ବଡ଼ ପାଟି କରି କହିଲା, “ତୋ’ ଯୋଗେ କଛି କାମ ହେବନ, ତୁ ବାଡ଼ି ଖଣ୍ଡେ ହାତରେ ଧରି ମାଛ ପାଖେ ଜଗି ବସି ବିଲେଇ ହୁରୁଡ଼ାଉ ଥା । ଆଉ କଛି ସମୟ ପରେ ସଜନା ବାହାରେ ଠିଆ ହୋଇ ପଗ୍ଭରିଲା ଗେହ୍ଲୀ ନାନୀ କ'ଣ ତପସ୍ୟା କରୁଛ?” ବାଡ଼ି ଖଣ୍ଡକ ଖଟ୍ ଖଟ୍ କରି କହିଲି “ବିଲେଇ ଜଗିବା କ'ଣ ଛୋଟ କାମ!” କହିଲି ସିନା, ମାତ୍ର ସତ କହିବାକୁ ଗଲେ ପଙ୍ଗୁ ଭଳ ବସି ବସି ମନେ ମନେ ବିରକ୍ତ ହୋଇ ଯାଉଥିଲି । କ'ଣ କରିବି, କାହାକୁ ଦୋଷ ଦେବି! ନଜ ଅର୍ଜିତ ଫଳ । ଟାଇମ୍ ପାସ କରିବା ପାଇଁ ଆରମ୍ଭ କଲି –

ପଙ୍ଗୁ ଲଙ୍ଘୟତେ ଗିରି
ଯତ୍ କୃପା ତମହଂ ବନ୍ଦେ ପରମାନନ୍ଦ ମାଧବମ୍ ।

ବାରଣ୍ଡାରେ ସପ ଖଣ୍ଡକ ଉପରେ ବସି ଛୁଆନନା କ'ଣ ଗୁଡ଼ାଏ ଖାତା ପଢ଼ିବାରେ ମନ ଦେଇଥିଲେ, ଜୋର୍‌ରେ କହିଲେ, ଭୂଲ୍, ଅଧାରୁ କହୁଛୁ । ମନେ ନାହିଁ । ତୁମେ କହିଦିଅ।

ଏଇଠିକ ଆ, ସେଠି ଗୋଟାଏ ପଙ୍ଗୁ ଭଳ ବସି ପଙ୍ଗୁ ଲଙ୍ଘୟତେ ଗିରି କରି ଗ୍ଭଲିଛି । ସତରେ ମୁଁ ଏବେ ପଙ୍ଗୁ ଛୁଆନା, ଏଠୁ ଉଠିଗଲେ ବିଲେଇ ମାଛ ଖାଇଯିବ, ରୁହ...ରୁହ... ଆଉ ମୋ'ର ଯିବା ଦରକାର ନାହିଁ, ମନେ ପଡ଼ିଗଲା, "ମୂକଂ କରେ୍ାତି ବାଚାଳମ୍, ପଙ୍ଗୁ ଲଙ୍ଘୟତେ..."

ହଁ, ହଁ... ଠିକ୍ ଅଛି, ସେଇଠି ବସି ଥା ହାତରେ ଥାଳଆ ଖଣ୍ଡେ ଧରି ଥା, ପ୍ରଥମ ମାଛ ଭଜାଟା ନଷ୍ଟେ ତତେ ମିଳବ ।

ଦିନ ପ୍ରାୟ ଗ୍ଭରିଟା ହେବ । ଖିଆପିଆ ପର୍ବ ଶେଷ ହୋଇଯାଇଥିଲା । ଅଇଁଠା ବାସନ ଗୁଡ଼ା ନେଇ ମା' କୂଅ ମୂଳେ ମାଜୁଥିଲା । ଏଯାକେ ମତେ କାଳନ୍ଦୀ ବାବୁଙ୍କୁ ଦର୍ଶନ କରିବାର ଆଶା ସଫଳ ହୋଇପାରିନଥିଲା । ଗ୍ଭମ ଭାଇ, ହରି ବାରିକ ଖାଦ୍ୟ ପରଶୁ ଥିଲେ । ମୁଁ କଛି ନେଇ ପରଶିବାକୁ କହିଲି । ନାନୀ ନାଲି ଆଖି ଦେଖାଇଲା । ଗ୍ଭମ ଭାଇଙ୍କ ଠାରୁ ଜାଣିଲି ଯେଉଁ ଅତିଥି ଜଣଙ୍କ କାନ୍ଧ ଉପରେ ଏକ ସୁନ୍ଦର ଉତ୍ତରୀୟ ଅଛି, ସେ ହେଉଛନ୍ତି କାଳନ୍ଦୀ ବାବୁ । ଝରକା ପାଖରେ ରଖା ଯାଇଥିବା ଗୋଟାଏ ମୁଗ ବସ୍ତା ଉପରେ ଛିଡ଼ା ହୋଇ ମୁଁ ଅପଲକ ଦୃଷ୍ଟିରେ କାଳନ୍ଦୀ ବାବୁଙ୍କୁ ଦେଖୁଥିଲି । ସମସ୍ତ ଅତିଥି ମାନେ ଅନର୍ଗଳ କଛି ନା କଛି କହି ଗ୍ଭଲିଥାନ୍ତି, କେତେବେଳେ ଖୁବ୍ ଜୋର୍ ଜୋର୍‌ରେ ହସୁଥାନ୍ତି ତ ପୁଣି କଛି କହି ସମସ୍ତେ ଗମ୍ଭୀର । ବିରକ୍ତିରେ ମୁଗ ବସ୍ତା ଉପରୁ ଓହ୍ଲେଇ ନାନୀ ପାଖକୁ ଗଲି । ନାନୀ ଗୋଟାଏ ବଡ଼ ମାଟି ବଢ଼ାରେ ଗ୍ଭହା ବସାଇଥିଲା । ପାଖରେ ଆଠଟା କାଚ କପ୍ ପ୍ଲେଟ୍, ତିନଟା ଛୋଟ କାଚ ଗ୍ଲାସ୍ (ହୃଷି ଭାଇ, ଗୁମାସ୍ତା, ହୃଷିଜେନା, ଗ୍ଭମ ଭାଇ ଏବଂ ହରି ବାରିକ ପାଇଁ ଉଦ୍ଦିଷ୍ଟ ହେଲା) । ନାନୀ ଗୋଟାଏ ବଡ଼ ରୂପା ଜଗ୍‌ରେ ଗ୍ଭହା ଛାଣି ରଖିଲା । ଗ୍ଭମଭାଇ, ହରି ବାରିକ ଦୁହେଁ ମିଶି ସବୁ ସରଞ୍ଜାମ ଅତିଥି ମାନଙ୍କ ପାଖକୁ ନେଲେ । ପରେ ପରେ ଆଉ ତିନଟି ବଡ଼ ବଡ଼ କାଚ ଥାଳରେ ନାନମାନ, କାକରା ଏବଂ ପୋଡ଼ପିଠା ଗ୍ଭମଭାଇ ନେଇଗଲେ । ହରି ବାରିକ ଦଶଟା ଛୋଟ କାଚ ଥାଳଆ ଏବଂ ଦଶଖଣ୍ଡ ରୂମାଲ୍ ନେଇ ପରଶିବା ଆରମ୍ଭ କଲା ।

ଅତିଥିମାନଙ୍କ ପାଖକୁ ଯିବାକୁ ମନଟା ହମ ହମ ହୋଉଥାଏ, ମାତ୍ର ବାପାଙ୍କ ଡରରେ ବନ୍ଧ ଡ଼େଇଁ ଯାଇ ପାରୁ ନ ଥାଏ, ସେଇଠି ଠିଆ ହୋଇ କାନ ପାତି ଥାଏ ।

ସେଇ ଝିଅଟି କାହିଁ?

ଆନନ୍ଦରେ ଉଚ୍ଛୁଳ ପଡ଼ିଲି, ଅତିଥି ମାନେ ମତେ ଖୋଜୁଛନ୍ତି, ଏଥର ବାପା ନିଶ୍ଚୟ ମତେ ଡାକବେ ।

"କୋଉ ଝିଅ କଥା କହୁଛନ୍ତି" ବାପାଙ୍କ କଣ୍ଠସ୍ୱର ଗ୍ରାମବାଗ ସ୍କୁଲ୍‌ର ସେଇ ଝିଅଟି ।

"ସାର୍ ମାନେ 'ପରୀ' କଥା ପଗ୍ଚରୁଛନ୍ତି ବାପା" । ଗ୍ରାମଭାଇ କହିଲେ ।

"ପରୀ?" ଆଉଥରେ ବାପାଙ୍କ କଣ୍ଠସ୍ୱର ।

ଗ୍ରାମବାଗ ହାଇସ୍କୁଲ୍‌ରେ ପଢ଼େ । ଭାରି ସ୍ମାର୍ଟ ଝିଅଟିଏ ।

ସତରେ ଆଜ୍ଞା, ରିଲିଫ୍ ବାଣ୍ଟିବାରେ ଗୋପବନ୍ଧୁ ସ୍କୁଲ୍ ପ୍ରଥମ ହୋଇଥିଲେ ମଧ୍ୟ ସେଇ ଝିଅଟି ପାଖରେ ଆମେ ମାଡ଼ ଖାଇଗଲୁ । ଆଜି ପର୍ଯ୍ୟନ୍ତ ଆଣ ସ୍କୁଲ୍‌ର କେହି ଝିଅ ରିଲିଫ୍ କାମରେ ଭାଗ ନେଇ ନାହାନ୍ତି । ଆପଣଙ୍କ ତତ୍ତ୍ୱାବଧାନରେ ପ୍ରଥମ ଥର ପାଇଁ ଗ୍ରାମବାଗ ସ୍କୁଲ୍ ସ୍ୱେଚ୍ଛାସେବୀ ଦଳ ଗଢ଼ିଥିଲେ ମଧ୍ୟ ଏଇ ଝିଅଟିର ଦାନ ଅତୁଳନୀୟ କହିଲେ ଗୋପବନ୍ଧୁ ସ୍କୁଲ୍‌ର ମୁଖ୍ୟ ମୋ'ର ସେ ଝିଅଟିକୁ ନେଇ ଗୋଟିଏ ଉପନ୍ୟାସ ଲେଖିବାକୁ ଇଚ୍ଛା ହେଉଛି । କାଳନ୍ଦୀ ବାବୁଙ୍କର କଣ୍ଠ ସ୍ୱର ।

ମୋ' ମୁହଁ ଶୁଖି ଏଡ଼ିକ ଟିକଏ ହୋଇଗଲା । ଏଇ ଅଦୃଶ୍ୟ ପରୀ ନାଁରେ ସେ ଉପନ୍ୟାସ ଲେଖିବେ, ଆଉ ଦି'ଘଣ୍ଟା ହେଲା ମୁଁ ଏଠି ଅଧିଆ ପଡ଼ିଛି ମୋ' ପାଇଁ କଛି ନୁହେଁ!

'ପରୀ' ତ ସ୍ୱେଚ୍ଛାସେବୀ ମାନଙ୍କ ଦଳରେ ନ ଥିଲା । ତେବେ ଆପଣମାନେ ତା' ଦାନ ବିଷୟରେ ଜାଣିଲେ କେମିତି? କହିଲେ ଗ୍ରାମଭାଇ ।

ସ୍ୱେଚ୍ଛାସେବୀ ଦଳର ପିଲାମାନେ ଗୋଟିଏ ଲଫାପାରେ ୨୧ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ହାତରେ ଧରାଇଥିଲେ । ଯାହା ଉପରେ ଲେଖା "ବନ୍ୟା ପୀଡ଼ିତ ମାନଙ୍କ ପାଇଁ ଅନନ୍ଦିତା ଠାରୁ", ଲଫାପାଟି ଦେଖି ମୁଖ୍ୟମନ୍ତ୍ରୀଙ୍କର (ଶ୍ରୀ ନବକୃଷ୍ଣ ଚଉଧୁରୀ) ଆଖି ଛଳ ଛଳ ହୋଇ ଉଠିଥିଲା । ନିଜେ ଆସିବାକୁ ଇଚ୍ଛୁକ ଥିଲେ ମଧ୍ଯ କାର୍ଯ୍ୟବ୍ୟସ୍ତ ଜୀବନରୁ ସମୟ ବାହାର କରି ପାରିଲେ ନାହିଁ ।

ବାପାଙ୍କ ଇଶାରାରେ ରାମ ଧାଇ ଆସି ମତେ ନେଇଗଲେ । ମତେ ସେତେବେଳେ ଛଅ ପୁରି ସାତ ଚାଲିଥାଏ । ମୁଁ ସେଠାରେ ସମସ୍ତଙ୍କୁ... ଆଣ୍ଠୁମାଡ଼ି ମୁଣ୍ଡତଳେ ଲଗାଇ ପ୍ରଣାମ କଲି ।

ଅତିଥିମାନଙ୍କ ମଧ୍ଯରୁ ଜଣେ ପଚାରିଲେ, "ତୋ' ନାମ ଅନନ୍ଦିତା"

ଅନନ୍ଦିତା ବି ଅନ୍ନପୂର୍ଣ୍ଣା ବି ।

ତୋ' ବାପାଙ୍କ ନା କ'ଣ? ଏଇ ଟଙ୍କା ତକ ତୁ ତୋର ବାପା ଦେଇଥିବା ହାତ ଖର୍ଚ୍ଚରୁ କାଟି ପଠାଇଛୁ?

ଏଥର ମୁଁ ସିଧା ହୋଇ ଛିଡ଼ା ହେଲି, ଦୃଢ଼ କଣ୍ଠରେ ପ୍ରତିବାଦ କଲି, "ନାଁ, ଇଏ ମୋ' ଉପାର୍ଜିତ ପଇସା । ସ୍କୁଲ ଛାଡ଼ିବା ଦିନରୁ ବାପା ମତେ ଆଉ ହାତ ଖର୍ଚ୍ଚ ଦିଅନ୍ତିନ । ଜମା ମିଛ କହୁନ, ବାପାଙ୍କୁ ପଚାରନ୍ତୁ ।" ବାପାଙ୍କ ଆଡ଼କୁ ଚାହିଁ କହିଲି ।

"ଇଏ ଆପଣଙ୍କ ଝିଅ! ଯେମିତି ବାପାକୁ ସେମିତି ଝିଅ ।" ହରେ କୃଷ୍ଣ ବାବୁ ବାପାଙ୍କ ଉଦ୍ଦେଶ୍ୟରେ କହିଲେ ।

ଆଲେ ମା', ତୁ ୟାକୁ କେମିତି ଉପାର୍ଜ୍ଜନ କଲୁ?

କାଳନ୍ଦୀ ବାବୁ ମତେ ପଚାରୁଛନ୍ତି, ମୁଁ ଦଶଗୁଣା ଉଲ୍ଲାସିତା ହୋଇ କହିଲି, "ଗତ ଅଗଷ୍ଟ ମାସରେ ଘଟିଥିବା ବନ୍ୟା ପାଇଁ ବାପା ରାମବାଗ ହାଇସ୍କୁଲର ପିଲାମାନଙ୍କୁ ନେଇ ଏଇ

ସ୍ୱେଚ୍ଛା ସେବକ ଦଳ ଗଠନ କରିଥିଲେ । ରିଲିଫ୍ ସାମଗ୍ରୀ ଯେମିତିକି ଚୂଡ଼ା, ଗୁଡ଼, ଚାଉଳ ଏବଂ ଅନ୍ୟାନ୍ୟ ରିଲିଫ୍ ସାମଗ୍ରୀ ମାନ ବାଟ ମାରଣା ନ ହୋଇ କେମିତି ଠିକ୍ ଭାବରେ ବଣ୍ଟା ହେବ ତାହା ବଡ଼ପିଲା ମାନଙ୍କୁ ଟ୍ରେନଂ ଦେଉଥିଲେ ।"

ରିଲିଫ୍, ବନ୍ୟା ଏ ସବୁ କ'ଣ?

ଆପଣ ଜାଣିଛନ୍ତି କ ନାହିଁ ମୁଁ କହି ପାରିବିନ, ମାତ୍ର ଦଳେଇ ଘାଇ ଭାଙ୍ଗିଥିବାରୁ ଜଗତସିଂହପୁର ପୁରା ଭାସିଗଲା ।

"ସତେ ତୁ କେମିତି ଜାଣିଲୁ?" କୌତୁହଳ ଦେଖାଇ କାଳନ୍ଦୀ ବାବୁ କହିଲେ । ଖବରକାଗଜରୁ ପଢ଼ିଥିଲି । ରେଡ଼ିଓରୁ ମଧ୍ୟ ଶୁଣିଥିଲି, ତା'ଛଡ଼ା ଦିନ ରାତି ତ ବାପା ସେଇକଥା ଜପି ହେଉଥିଲେ । ଖାଇବା ପିଇବା ଭୁଲି ସେ ସ୍ୱେଚ୍ଛାସେବୀ ମାନଙ୍କୁ ଟ୍ରେନଂ ଦେଉଥିଲେ । ମୁଁ ନାନୀଙ୍କୁ ପଚାରିଲି । "କଛି ଦାନ ଧର୍ମ କରିବାକୁ ହେଲେ ବାପା ଅଜସ୍ର ଟଙ୍କା ବିଞ୍ଚୁଡ଼ି ଦିଅନ୍ତି, ଏଥର କାହିଁକି ନଜେ ହାଡ଼ ଭଙ୍ଗା ପରିଶ୍ରମ କରୁଛନ୍ତି?"

"ଜମିଦାରୀ ଉଠିଯିବା ପରେ ଆମ ଘରର ଚଳଣୀ ଆଗ ଭଳ ରହିନ । ତେଣୁ ବାପାଙ୍କୁ ପରିଶ୍ରମ କରିବାକୁ ପଡୁଛି ।"

ଏଇ କଥା ଶୁଣି ମୁଁ କଛି ଅର୍ଥ ଉପାର୍ଜନ କରିବାକୁ ଭାବିଲି । ଦୋଳ ମେଲଣ ବେଳେ ଯାତ୍ରା ପାର୍ଟି ମାନେ ଯାତ୍ରା ଦେଖାଇ, ସର୍କସ ପାର୍ଟି ସର୍କସ ଦେଖାଇ ପଇସା ଅର୍ଜ୍ଜନ କରିଥାନ୍ତି । ମେଳା ମାନଙ୍କରେ ନାଚ ଦେଖାଇ ପଇସା ରୋଜଗାର କଥା ମଧ୍ୟ ଶୁଣିଛି । ମାତ୍ର ବାପା କହନ୍ତି "ଅତି ବେଶରମ ସଭାରେ ନାଚେ" । ଅର୍ଥାତ୍ ବାପା ମୋ' ନାଚବା ପସନ୍ଦ କରିବେନ ।

ସରସ୍ୱତୀ ପୂଜା ପରେ ସରସ୍ୱତୀ ମୂର୍ତ୍ତୀକୁ ଥାଳରେ ଘର ଘର ବୁଲାଇ ଗୀତ ଗାଇ ବହୁ ପଇସା ଏକାଠି କରୁ । ତେଣୁ ଭଗବାନ୍‌ଙ୍କ ନାମରେ ରିଲିଫ୍ ଫଣ୍ଡ ପାଇଁ ମଧ୍ୟ କଛି ପଇସା ଏକାଠି କରି ପାରିବି । ସକାଳେ ଯାଜପୁର ଶିବ ମନ୍ଦିରରେ ଭଜନ ଏବଂ ଶିବ ପୁରାଣ ପାଠ

କରି ଏବଂ ଦ୍ୱିପହରରେ ସ୍କୁଲ୍ ଘରେ ବସି ଗାଁବାସୀଙ୍କୁ ଭାଗବତ ଶୁଣାଇ ଏଇ ଉପାର୍ଜିତ ପଇସା ତକ ଲଫାପାରେ ରଖି ସ୍ୱେଚ୍ଛାସେବୀ ମାନଙ୍କ ହାତରେ ରିଲିଫ୍ ପାଇଁ ବାପାଙ୍କୁ ଦେଇଥିଲି । ଦେଲାବେଳେ ଲକ୍ଷ୍ୟ କରିଥିଲି ବାପାଙ୍କ ଆଖି ଏବେ ଯେମିତି ଦିଶୁଛି ସେଇମିତି ଦେଖା ଯାଉଥିଲା ।

"ତୁ ଗୀତା ପଢ଼ିଛୁ**?**" କାଳନ୍ଦୀ ବାବୁ ପ୍ରଶ୍ନ କଲେ

– ହଁ**,** ମାତ୍ର କଛି ବୁଝି ପାରେନ**,** ବାପା କହନ୍ତି ବାରଂବାର ପଢ଼ିଲେ ବୁଝିପାରିବୁ ।

ତେଣୁ ମୁଁ ସବୁଦିନ ଗୋଟିଏ ଅଧ୍ୟାୟ ଗୀତା ପାଠ କରିଥାଏ । ବହୁବାର ପଢ଼ିବା ପରେ ଗୋଟିଏ ଶ୍ଳୋକର ଅର୍ଥ ବୁଝି ପାରିଛି**,** ଶୁଣାଇବି**?**

ଗୋଟିଏ ଖୁବ୍ ଉତ୍ସାହୀ ଶ୍ରୋତା ଜଣେ ବିଖ୍ୟାତ ବକ୍ତାଙ୍କର ବକ୍ତବ୍ୟ ଶୁଣିଲା ଭଳି କାଳନ୍ଦୀ ବାବୁ ମୁଣ୍ଡ ହଲାଇଲେ ।

"ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା
ଚକ୍ଷୁର୍ନ୍ମୀଲିତମ୍ ୟେନ**,** ତସ୍ମୈ ଶ୍ରୀ ଗୁରୁବେ ନମଃ"

ଅର୍ଥାତ୍ ଯେଉଁମାନେ ବିଦ୍ୟାହୀନ ଅଜ୍ଞାନ**,** ଜ୍ଞାନୀ ମାନଙ୍କ ଠାରୁ ସେମାନଙ୍କୁ କୁଭାଷାରେ ଗାଳି ଶୁଣିବାକୁ ପଡ଼ିଥାଏ । ତେଣୁ ଗୁରୁଙ୍କୁ ପ୍ରଣାମ କରି ବହୁ ବିଦ୍ୟା ହାସଲ କରିବା ଉଚତ୍ ।

ମା' ଲୋ**,** ଶ୍ଳୋକଟି ଠିକ୍ କହିଲୁ**,** ମାତ୍ର ତା'ର ଅର୍ଥ ଯାହା କହିଲୁ ଠିକ୍ ସେଇଆ ନୁହେଁ । ବାପାଙ୍କୁ କହିବୁ ଠିକ୍‌ରେ ବୁଝାଇ ଦେବେ ।

ମୋ'ର ବହୁ ଗୁଡ଼ିଏ ଶ୍ଳୋକ ଶୁଣାଇବାର ଉତ୍ସାହ ଥିଲା**,** ମାତ୍ର ଭୁଲ୍ ଅର୍ଥ କହୁଛି ଶୁଣିବା ପରେ ମନ ମରିଗଲା । କେବଳ ଚୁପ୍‌ଚାପ୍ ଛିଡ଼ା ହୋଇ ରହିଲି । ଛକଡ଼ି କଥା ମଧ୍ୟ କହିବାକୁ ସାହସ କଲିନ । ଅତିଥିମାନେ ପ୍ରସ୍ଥାନର ଯୋଜନା କରୁଥିଲେ ।

ଅତିଥିମାନେ ପ୍ରସ୍ଥାନ କରିବାର ଦୁଇଘଣ୍ଟାରୁ ଊର୍ଦ୍ଧ୍ୱ ହୋଇ ଯାଇଥିଏ । ସାଧାରଣତଃ ଘରକୁ କେହି ଅତିଥି ଆସିଲେ ମୁଁ ଓ ଛୁଆନାନୀ ଖୁବ୍ ଖୁସି ହେଉ । ତା'ର କାରଣ ହେଲା ପରିବାରର ସମସ୍ତ ସଦସ୍ୟଙ୍କୁ ବାହାରକୁ ଯିବାର ଅନୁମତି ଥିବା ସ୍ଥଳେ ଆମ ଦୁହିଙ୍କ ପାଦରେ ଜଞ୍ଜୀର । ଅତିଥି ଘର ଛାଡ଼ିଲେ, ଆମେ ଦୁହେଁ ବହୁତ ଦୁଃଖ କରୁ । ଛୁଆ ନାନୀଟା ନାକ କାନ୍ଦୁରୀ, ବେଳେବେଳେ କାନ୍ଦି ପକାଏ । ନାନୀକୁ ମୁଁ ବହୁଥର ଅନୁରୋଧ କରେ ଅତିଥିମାନଙ୍କୁ ଘରେ ବେଶୀ ଦିନ ରଖିବାକୁ, ଘରେ ଅତିଥି ରହିଲେ ବହୁ ମଜା ଆସେ ।

ନାନୀ ଉତ୍ତର ଦିଏ, "ଘରେ ଅତିଥି ରହିଲେ କେତେ ଅଧିକା ଖର୍ଚ୍ଚ । କୋଉଠୁ ଆସିବ? ବାପାଙ୍କ କଥା ମନକୁ ଆସେ ।" ଅତିଥି ଦେବୋ ଭବଃ ।" ଭଗବାନଙ୍କ ପାଇଁ ନାନୀ ଖର୍ଚ୍ଚ କାଣ୍ଟୁଛି! କିଛି ଉତ୍ତର ନ ଦେଇ ମୁଁ ମୁହଁ ମୋଡ଼ି ଅନ୍ୟ ଆଡ଼େ ଚାଲିଯାଏ ।

ସେଦିନର ଅତିଥିମାନେ ଯିବା ପରେ ମତେ ଦୁଃଖ ଲାଗିଲାନ ତା'ର କାରଣ ହେଲା ମୁଁ ମନେ ମନେ ବହୁ ଉତ୍ସାହିତା ହେଉଥିଲି । ଛୁଆନନାଙ୍କୁ କାଳନ୍ଦୀ ପାଣିଗ୍ରାହୀଙ୍କ ବିଷୟରେ କ'ଣ କଣ କହି, ତାଙ୍କ ଲେଖା ଆଉ ଖଣ୍ଡିଏ ବହି ଲାଇବ୍ରେରୀରୁ ଆଣିଦେବେ ବୋଲି ଯୋଜନା କରୁଥିଲି । ଛୁଆନନାଙ୍କୁ ଗପ ବହି ପଢ଼ିବା ପସନ୍ଦ ନୁହେଁ । ମାତ୍ର ମୋ' ଅନୁରୋଧ କେବେ ଭାଙ୍ଗନ୍ତିନ ।

ମୁହଁ ସଞ୍ଜ ହୋଇଯାଇଥିଲା । ସାଇକେଲ୍ ଘଣ୍ଟି ଶୁଣି ଦୌଡ଼ି ଯାଇ ବାହାରେ ପହଞ୍ଚି ଯାଇଥିଲା । ସାଇକେଲ୍‌ଟା କାନ୍ଥରେ ଭରା ଦେଇ ଛୁଆନନା ବ୍ୟାଗ ଦୁଇଟି ବାହାର କରୁଥିଲି। ଛୁଆନାନୀ ହାତରେ ଓଜନଆ ବ୍ୟାଗଟା ଦେଇ ମୁଁ ଅନ୍ୟଟା ଉଠାଇଲି । ଛୁଆନନା ତାଙ୍କ ମଇଳା ହାତ ଦୁଇଟା ଦେଖାଇ କହି ଚାଲିଥିଲେ, ଚନ୍ତା କରିଥିଲି "ଆଜି ରାସ୍ତାରେ ସାଇକେଲ୍‌ର ଚେନ୍‌ଟା ବାହାରି ଗଲା । କେଉଁଠି କ'ଣ ଗୋଟାଏ ଅସୁବିଧା ହୋଇଯାଇଥିଲା, ଯେତେ ଚେଷ୍ଟା କଲେ ବି ଲାଗିଲାନ । ବାଧ୍ୟତ ଅନ୍ୟର ସାହାଯ୍ୟ ନେବାକୁ ପଡ଼ିଲା । ଚନାବାଦାମ ବ୍ୟାଗଟା ଦେଖି ମୁଁ ବହୁତ ଖୁସି ହୋଇଯାଇଥିଲି । ଆଜି ଦିନଟାରେ ଖାଲି ଆନନ୍ଦ ହିଁ ଆନନ୍ଦ, ଉତ୍ସାହ ସହ କହିଲି, "ପାଣି ତଉଲିଆ ଆଣି ଦେଉଛି, ହାତ ପୋଛି ଜଲ୍‌ଦି ଭିତରକୁ ଆସ ।"

"କ'ଣ ମତେ ବାପା ଭାବିଲୁ କ? ମୁଁ ସବୁଦିନ ଭଳି ଆଜି ବି କୂଅ ମୂଳେ ଯାଇ ହାତ, ଗୋଡ଼ ଧୋଇ ଆସିବି । ଗାମୁଛାଟା ଦେଲୁ ।"

ମୋ' ହାତରୁ ଗାମୁଛାଟା ନେଇ ଛୁଆନନା ପୁଣି କହିବା ଆରମ୍ଭ କଲେ, "କହି ଦେ, କହି ଦେ, ଆଜି କ'ଣ ଅର୍ଡ଼ର କରିବାର ଯୋଜନା କରିଛୁ?"

କଛି ନାହିଁ, ଆସ, ଚନାବାଦାମ ଖାଇବା ।

ଅଳ୍ପ ସମୟ ପରେ ଆମେ ତିନ ଭାଇ ଭଉଣୀ ମିଶି ଚନାବାଦାମ ବ୍ୟାଗଟିର ସଦୁପଯୋଗ କରିବାରେ ଲାଗିଲୁ ।

ଛୁଆନନା ଛୁଆନାନୀ କାନ ପାଖରେ ଫୁସ୍ ଫୁସ୍ କରି କହିଲେ, ନାନୀକୁ କହ ଆଜି ଆମେ ଶୀଘ୍ର ଭାତ ଖାଇବା । ନହେଲେ ଚନାବାଦାମ ଗୁଡ଼ା ପେଟରେ ଫୁଲିଗଲେ ବେଶୀ ଖାଇବା ଖାଇ ହେବନ । ଆଜି ଘରକୁ ଅତିଥି ଆସି ଥିଲେ, ବଢ଼ିଆ ବଢ଼ିଆ ଖାଇବା ଥିବ ।

ହଁ ତୁମ ପାଇଁ ମାଣ୍ଡିଆ ତଳେ ଘୋଡ଼ା ହୋଇ ସବୁ ରହିଛି । ଆମକୁ ନ ମିଳପାରେ । ଆମେ ତ ଦିନରେ ଖାଇଛୁ ।

ଖାଇଲ ତ କ'ଣ, ହେଲା ସମସ୍ତେ ମିଶି ଆଉଥରେ ଖାଇବା ।

ଇଚ୍ଛା ହେଲା କହିବି, ଛୁଆନନା ତୁମେ କେତେ ଭଲ । ମାତ୍ର ତାହା ନ କହି ମୋ' ମନରେ ଆସୁଥିବା ବିଷୟଟିକୁ ପ୍ରକଟ କଲି । "ଚନାବାଦାମ ଫୁଲିବା ଆରମ୍ଭ କଲେ ଖାଇଥିବା ଭାତସବୁ ବାହାରକୁ ଆସି ଯିବନ ତ?"

ତୋ'ଠାରୁ ଏମିତି ପ୍ରଶ୍ନ ଶୋଭା ପାଏନା । ଏଇଟା ପଚାରି ତୁ ନଜକୁ ବୋକୀ ବୋଲି ପ୍ରମାଣ କରି ଦେଲୁ ।

ମୁଁ ତ ବୋକୀ, ମୁଁ କ'ଣ 'ପରୀ' ହୋଇଛି ।

ପରୀ! କୋଉ ପରୀ କଥା କହୁଛୁ ।

ରାମବାଗ ସ୍କୁଲ୍‌ର ପରୀ, ସେ କ'ଣ ସତରେ ଏତେ ବୁଦ୍ଧିଆ!

ନାଁ, ବୁଦ୍ଧିମତୀ ନୁହେଁ, ମାତ୍ର ଭାରି ସ୍ମାର୍ଟ । ଅର୍ଥାତ୍ ଖୁବ୍ ତୀବ୍ର । ସାଇକେଲ୍‌ରେ ସ୍କୁଲ୍ ଆସେ ।

ମିଛ ।

କ'ଣ ମିଛ?

ଯେତେ ପ୍ରଖର ହେଲେ ବି ଝିଅ ପିଲାଟା, ସାଇକେଲ୍ କେମିତି ଚଲାଇବ ।

ଝିଅ, ପୁଅ ପାଇଁ ସାଇକେଲ୍ ଚଲାଇବାର କଟକଣା ନାହିଁ । ତୁ ଗାଁରେ ଝିଅ ମାନେ ସାଇକେଲ୍ ଚଲାଇବାର ଦେଖିନୁତ । ଏ ସବୁ କଟକଣା ଗାଁ ପାଇଁ । କଟକ ସହରରେ କେତେ ଝିଅ ସାଇକେଲ୍ ଚଲାନ୍ତି ।

ମୁଁ ତୁମ ସାଇକେଲ୍ ଚଲାଇ ପାରିବି?

ନାଁ, ତୁ ଏବେ ବହୁତ ସାନ ଝିଅ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ସାଇକେଲ୍ ଅଛି ।

'ପରୀ ନନୀ'କୁ ଆମ ଘରକୁ ଡାକବା?

"ଭାତ ବଢ଼ା ହାଲାଣି ।" ନାନୀ ଡାକରେ ତିନହେଁ ଉଠିଗଲୁ । ପରୀନାନୀ ଆସିଥିଲା । ତାକୁ ଦେଖିଲେ ମନେ ହେଉଥାଏ ଯେମିତି, ତା' ହାତ ଗୋଡ଼ କଥା କହୁଛନ୍ତି । ସେ ଆମ ଭଳ ଫ୍ରକ୍ ପିନ୍ଧି ନଥିଲା, କମ୍ବା ଶାଢ଼ୀ ମଧ ନୁହେଁ । ଭିନ୍ନ ଏକ ପୋଷାକ ।

କହିଲି "ତୁମ ସାଇକେଲ୍ ତ ଠିକ୍ ଛୁଆନନାଙ୍କ ସାଇକେଲ୍ ଭଳ ।" କଛି ସ୍ୱତନ୍ତ୍ରତା ନାହିଁ ପରୀନାନୀ ।

ସାଇକେଲ୍‌ରେ ପୁଣି ସ୍ୱତନ୍ତ୍ରତା କ'ଣ? ସାଇକେଲ୍ ତ ସାଇକେଲ୍ । ଚଢ଼ି ଶିଖିଲେ ହେଲା । ସେ ପୁଅ ବା ଝିଅ । ପରୀନାନୀ ଆଖି ଯେମିତି କହୁଥିଲା, "ତୁମେମାନେ ମଫସଲୀ ।ତୁମ ମାନଙ୍କୁ କଛି ଜଣା ନାହିଁ ।"

"ସତ କହୁଛି ପରୀନାନୀ ଛୁଆନନା କହୁଥିଲେ, ଝିଅ ପୁଅଙ୍କ ସାଇକେଲ୍‌ରେ ଫରକ୍ ଅଛି। କେବେ ସହର ଗଲେ ଦେଖିବ ।" ଦୃଢ଼ କଣ୍ଠରେ କହିଲି ।

ଦୁର୍ଗାନନା କହୁଥିଲେ । ହେଇଥିବ ଏଇଟା ବାବୁଲା ଭାଇ ସାଇକେଲ୍ । ସେ ସ୍କୁଲ୍ ବାହାରିବା ପୂର୍ବରୁ ମୁଁ ନେଇ ଗ୍ଭଲିଆସେ । ଆଚ୍ଛା ଛାଡ଼ ସେ ସବୁ । ଦୁର୍ଗାନନା କହୁଥିଲେ ତୋର ଓଡ଼ିଆ ଭାଷା ଉପରେ ବହୁ ଜ୍ଞାନ । ମୋ' ଯୋଗେ ହୁଏନା । 'ବନ୍ୟା' ଉପରେ ଗୋଟିଏ ପ୍ରବନ୍ଧ ପ୍ରତିଯୋଗୀତା ହେଉଛି, ମୁଁ ଭାଗ ନେଉଛି, ତୁ ୟା' ଉପରେ ଥରେ ଆଖି ବୁଲାଇଦେଲୁ ।

ପ୍ରବନ୍ଧଟି ଉପରେ ଆଖି ବୁଲାଇ ଆଣି କହିଲି, "କେଢ଼େ ସୁନ୍ଦର ତ ଲେଖିଛ ପରୀନାନୀ । ଆରମ୍ଭରେ ଏଇ ଦୁଇ ଲାଇନ୍ ଲେଖିବ-

"କୃଷକ ହସିଲେ ହସିବ ଦେଶ, ରାଜ୍ୟରେ ହେବ ବହୁ ବିକାଶ" ତା'ପର ଲାଇନ୍ ହେବ ନଦୀ ପୂର୍ଣ୍ଣ ପ୍ରଦେଶ । ନଦୀ ମାନଙ୍କର ନାମ ଦେଲେ ଭଲ ହେବ । ମହାନଦୀ, କାଠଯୋଡ଼ୀ, ବାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ଖରସୁଆ, ରୁଷିକୁଲ୍ୟା, ବୁଢ଼ାବଳଙ୍ଗ, ମହେନ୍ଦ୍ର ତନୟା ଆହୁରି କେତେ । ଏଇ ନଦୀଗୁଡ଼ିକ ବଙ୍ଗୋପସାଗରରେ ମିଳତ

ହେବା ପୂର୍ବରୁ ବହୁ ଦୂର ବହି ଥାଆନ୍ତି । ତେଣୁ ଅଧିକ ବର୍ଷା ହେଲେ ବନ୍ୟା ହେବାର ସମ୍ଭାବନା ଥାଏ । ଏଇ ନଦୀ ଗୁଡ଼ିକର ସୁଅକୁ ପ୍ରତିରୋଧ କରିବା ପାଇଁ ବହୁ ଗୁଡ଼ିଏ ବନ୍ଧ ବନ୍ଧା ଯାଇଥାଏ । ଯାହାକୁ ଘାଇ କୁହାଯାଏ । ଏତଦ୍ ବ୍ୟତୀତ ସମ୍ବଲପୁର ଏବଂ ବୁର୍ଲା ମଝିରେ ମହାନଦୀ ସ୍ରୋତର ପ୍ରତିବନ୍ଧକ ପାଇଁ ସରକାର ଗୋଟିଏ ବିସ୍ତୃ ତବନ୍ଧ ଗଢ଼ିଛନ୍ତି । ଯାହାକୁ ହୀରାକୁଦ ଡାମ୍ କୁହାଯାଏ । ନକଟରେ ଦଲେଇଘାଇ ଭାଙ୍ଗିବା ଦ୍ଵାରା ଆମ ରାଜ୍ୟର ବହୁ ସ୍ଥାନରେ ଅଧିକ ପରିମାଣରେ କ୍ଷତି ହୋଇଛି ।

ଓଡ଼ିଶାରେ, ଏତେ ଗୁଡ଼ାଏ ନଦୀ ଅଛି । ମତେ ଜଣା ନ ଥିଲା । ପ୍ରବନ୍ଧର ଶେଷଟା ଅତର୍କିତ ହୋଇଛି ପରୀନାନୀ । ଏଇଠାରେ ତୁମେ ସମାଜ ପାଇଁ କଛି ବାର୍ତ୍ତା ଦେଲେ ଖୁବ୍ ଭଲ ହେବ । ଯେମିତିକ ବନ୍ୟା ପ୍ରତିରୋଧ ପାଇଁ ପ୍ରତିକାର, ବନ୍ୟା ପିଡ଼ୀତ ମାନଙ୍କ ପାଇଁ ରିଲିଫ୍, ବନ୍ୟା ପରେ ହଇଜା ହୁଏ ବୋଲି ବାପା କହନ୍ତି, ତେଣୁ ଡାକ୍ତରୀ ସାହାଯ୍ୟ ଇତ୍ୟାଦି ।

ବହୁତ ବହୁତ ଭଲ କଥା ମାନ କହିଲୁ । ପ୍ରତିଯୋଗୀତାରୁ ପୁରସ୍କାର ମିଳଲେ ଅଧା ତୋ'ର। ଏବେ ମୁଁ ଆସୁଛି । ସଂନ୍ଧ୍ୟା ହୋଇଯିବ । ତୁ ଦୁର୍ଗାନନା ସଙ୍ଗେ ଆମ ଘରକୁ ଆସିବୁ ।

ତୋ ନାନୀ ଡାକ ମତେ ବହୁତ ଭଲ ଲାଗୁଛି । ଆମେ ଖଣ୍ଡାୟତ ଗାଁର । ତେଣୁ ଆମର 'ଦେଈ' ଡାକ ଚଳେ । କାହାର ପିଉସୀ ସଂପର୍କ ହେଲେ 'ଅପା' ।

'ନଶ୍ଚୟ ଆସିବି' କହି ପରୀ ନାନୀଙ୍କୁ ବିଦାୟ ଦେଲି।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ରଜ ମଉଜ



ଅମରନାଥ ବାରିକ

ବରଷକେ ଥରେ ରଜ
ଗଣପର୍ବ ଆମ ଗଲ୍‌ଣି ହେଜ
ମୋ ବଉଳ ଲୋ...
କାହିଁ ହଜିଗଲ୍ ସେ ମଉଜ
ବଉଳ ଲୋ...(୦)

ବାସୁନାହିଁ ପିଠା ପଣା ଘରେ
ଶୂନ୍ୟରେ ଶୂନ୍ୟରେ ମଣିଷ ମରେ
ମୋ ବଉଳ ଲୋ...
ଗୂଳ କାରଣ ଖୋଜିବା ଥରେ
ବଉଳ ଲୋ...(୧)

ଆଉ ନାହିଁ ଗଛ ଡ଼ାଳ
ଦୋଳ ଲଗେଇବା ହୋଇଲ୍ କାଳ
ମୋ ବଉଳ ଲୋ...
ମହୀ ହୋଇଗଲ୍ ଟଳମଳ
ବଉଳ ଲୋ...(୨)

ବନ କାଟି କରୁଛି ଟାଙ୍ଗର୍
କଳଯୁଗ ଏହି ମଣିଷ ପର୍
ମୋ ବଉଳ ଲୋ...

ଜର୍‌ଜୀର୍ଣ୍ଣ ହୋଇଯାଏ ଧର୍‌
ବଉଳ ଲୋ...(୩)

ବନ୍ୟା ବାତ୍ୟା ଯେତେ ଆସି
ମହାମାରୀ ସଙ୍ଗେ ଦେଉଛି ଗ୍ରାସି
ମୋ ବଉଳ ଲୋ...
ଜନ ଜୀବନ ଯାଉଛି ଭୁସି
ବଉଳ ଲୋ...(୪)

ଯଦି ନବୁଝିବେ ଜନେ
ପଡ଼ିଯିବ ହାହାକାରଟି ଦିନେ
ମୋ ବଉଳ ଲୋ...
ଆଉ ମିଳବନ ର୍‌ହା ଆନେ
ବଉଳ ଲୋ...(୫)

ବୈଶାଖେ ଲ୍‌ଗିବ ଜାଡ଼
ପଉଷ ମାଘରେ ଉତ୍ତାପ ବଡ଼
ମୋ ବଉଳ ଲୋ...
ମାସ ମାସ ଧରି ହେବ ଝଡ଼
ବଉଳ ଲୋ...(୬)

ବେଳ ଥାଉ ବୁଝରେ ମାନସ
ମହାପ୍ରଳୟ ହେବନ ଅବଶ୍ୟ
ମୋ ବଉଳ ଲୋ...
ସର୍‌ ନମଣ ଧର୍‌କୁ ମନୁଷ୍ୟ
ବଉଳ ଲୋ...(୭)

ଯାଜପୁର, ମଙ୍ଗଳପୁର, କର୍ୟାଁ

# ବାଲ୍ୟ ଜୀବନ



ସରୋଜ କୁମାର ଜେନା

ଭାବନାଟା ଯଦି ସତ ହଉଥାନ୍ତା
ନଇତି ଭାବନ୍ତି ବସି,
ଫେରିଯାନ୍ତି ମୁହିଁ ପୁନଶ୍ଚ ପଛକୁ
ଅତ୍ୟନ୍ତ ହୁଅନ୍ତି ଖୁସି ।
ଯୌବନରୁ ଫେରି ବାଲ୍ୟ ଜୀବନ
ଭୁଲିଯାନ୍ତି ସବୁ କ୍ଲେଶ,
ସତ କହୁଅଛି ଶୁଣହେ ନିୟତି
ଫେରାଇ ଦେ ' ସେ ' ବୟସ ॥

ବାଲିଝରୀ, ନରସିଂହପୁର, କଟକ

# ବିରହି ରାଧା



ସୁଲୋଚନା ବେହେରା

ଯେତେ ପରକାରେ ବୁଝାଇ କହିଲି
ଯାଅନା ଲୋ ବେଣୁପାଣି,
ବଡ଼ ନଟ ଖଟ
ଦଗାଦିଆ କୃଷ୍ଣ
ଏବେ ତ ପାରିଲୁ ଜାଣି।

ତାର ପ୍ରେମେ ବାଇ
ହେଲୁ କାହିଁ ରାଇ
ଭୁଲି ଗଲୁ ଆଗ ପଛ,
ବିରହ ଜ୍ୱଳନ
ସହି ପାରୁ ନାହୁଁ
ଜୀବନ ମଣୁଛୁ ତୁଛ ।

ଭୁଲି ଯାଅ ଧନ
ଛାଡେ ତାର ଧ୍ୟାନ
ନିଜକୁ ନିଜେ ତୁ ବୁଝା,
ଝୁରିଲେ କି ହେବ
ସତେକି ଫେରିବ
ସେତ ଦ୍ୱାରକାର ରାଜା

ପିରତି ର ଗଣ୍ଠି
ଢିଲାରେ ଗଢିଲୁ
ଭାବି ଦୟା ମାୟା ସିନ୍ଧୁ,
ବିଫଳ ପାଉଁଶ
ଦେହେ ବୋଳହୋଇ
ଦିନ ସରେ କାନ୍ଦୁ କାନ୍ଦୁ ।

କଳଙ୍କ କାଳିମା
ରଙ୍ଗେ ଲେପି ହେଲୁ
ପର ପୁରୁଷ ର କୋଳେ,
ବଙ୍କିମା ଭ୍ରୂ ଲତା
ତଳେ ଆଶାବାଦୀ
ରାହିଁ ଅଛୁ ପ୍ରିତୀ ଡୋଳେ।

ବଇଁଚୁଆ,ବାଳକାଟି, ଖୋର୍ଦ୍ଧା।

# ଅଚହ୍ନା ବନ୍ଧନ

## (ଧାରାବାହିକ)



ଜୟଲକ୍ଷ୍ମୀ ସେଠୀ

ଠିକ୍ ଅଛି ତୁମ ଇଚ୍ଛା, ବିକାଶ ଉତ୍ତର ଦେଇ ତାଙ୍କ କାମରେ ଚାଲିଯାଆନ୍ତି । ଏବେ ଏବେ ବହୁତ ଦୁଃଖୀ ଲାଗୁଛନ୍ତି । କଣ ହୋଇଛି କେଜାଣି କିଛି କହୁନାହାନ୍ତି? ବେଶୀ ମନ ଦୁଃଖ ଦେଖିଲେ କୁହନ୍ତି, ମୋ ପରିବାର ପାଇଁ ତୁମେ ମହାନ ପୂଜା । ହେଲେ ମୁଁ କିଛି ଦେଇ ପାରିଲିନାହିଁ । ମୁଁ ଜାଣେ ମତେ ମନେ ମନେ ଘୃଣା କରୁଥିବ । ଅଭିଶାପ ଦେଇ ଦିଅ । କମ ଦିନରେ ଯେମିତି ମରିଯିବି ।

ଛିଃ .... (ପାଟିରେ ହାତ ଦେଇ ଦେଲା ପୂଜା)

ଏମିତି କାହିଁକି କହୁଛନ୍ତି? ବିକାଶ ଚମକି ପଡିଲେ । ଛିଡା ହୋଇ ପୁଣି ବସିପଡିଲେ । ବାହାଘରର ପଚିଶ ବର୍ଷ ବିତି ଯାଇଥିଲେ ବି କେବେ ପୂଜାକୁ ମୁଁ ଛୁଇଁନାହିଁ କି ପୂଜା ମଧ୍ୟ ମତେ ଛୁଇଁବାକୁ ଇଚ୍ଛା କରିନାହିଁ । କାଲି ପରି ଲାଗୁଛି । ସେଦିନ ଥାଏ କାର୍ତ୍ତିକ ପୂର୍ଣ୍ଣିମା । ମୁଁ ଓ ମୋ ମାଆ ମିଶି ପୂଜା ଘରକୁ ଯାଇଥିଲୁ । ତାଙ୍କ ଗାଆଁର ଚେମା ପ୍ରଧାନ ବାହାଘର ପାଇଁ ଖବର ନେଇ ଆସିଥିବାରୁ ସେ ମଧ୍ୟ ଆମ ସାଙ୍ଗରେ ଯାଇଥାଏ । ସବୁକଥା ସରିଲା ପରେ ମା ପୂଜାକୁ ଡାକି ପଚାରିଲେ, ତୋର କିଛି ଆପତ୍ତି ନାହିଁ ତ?

ନା ମାଆ । ବାସ୍ ତାପରେ ଆଖିରେ ଲୁହର ବର୍ଷାକୁ ହାତ ପାପୁଲିରେ ଚାପିଧରି ଚାଲିଯାଇଥିଲେ ପୂଜା । ବିକଳ ଚାହାଣି ଯେମିତି ନୂଆ କାହାଣୀ କହିବାକୁ ଚାହୁଁଥିଲା । ମାର୍ଗଶିର ମାସରେ ବାହାଘର ସରିଗଲା । ପ୍ରଥମ ରାତିରେ ସେ ନ ଛୁଇଁବା ପାଇଁ ଅନେକ ବିନତି କରିଥିଲେ । ମୁଁ ମଧ୍ୟ ତାଙ୍କୁ ବାଧ୍ୟ କରି ନଥିଲି । ବହୁତ ଘୃଣା ଓ ସନ୍ଦେହ ସୃଷ୍ଟି ହୋଇଥିଲା ମୋ ମନରେ । ଅଧିକାଂଶ ବେଳେ ରାତିକରି ନ ଖାଇ ଚାଲିଯାଇଥାଏ, ହେଲେ

ପୂଜା ମଧ୍ୟ ଖାଇ ନଥାଏ । ଘରକୁ ଆସିଲେ ମା ବହୁତ ଗାଳି କରେ । ତା ମୁହଁକୁ ଦେଖିଲେ କିଛି କହିବାକୁ ଇଚ୍ଛା ହୁଏ ନାହିଁ । ଶାନ୍ତ ସରଳ ପ୍ରୀତିଭରା ଆଖିରେ ସଙ୍ଗେ ସଙ୍ଗେ ଲୁହ ଜକେଇ ଆସେ ସତେ ଯେମିତି ତାଙ୍କର ବହୁତ ବଡ ସୁଖଟେ ହଜିଯାଇଛି । ଆଜିଯାଏ ତାଙ୍କ ଦୁଃଖକୁ କାହାକୁ କହି ନାହାନ୍ତି । ମୁଁ ପଚାରିଲେ ଜବରଦସ୍ତ ଟିକିଏ ହସିଦେଇ ଉଠିଯାଆନ୍ତି ।

ଶନିବାର ସକାଳେ ପୂଜାଙ୍କ ଘରୁ ଫୋନ ଆସିଲା ।ବାପା ଆମ ଦୁଇ ଜଣକୁ ଯିବାକୁ କହିଥିଲେ । ତାଙ୍କ ଗାଁରେ ଯାତ୍ରା ଚାଲୁଥାଏ । ସମସ୍ତେ ଯାତ୍ରା ଦେଖିବାକୁ ବାହାରି ପଡିଲେ ଜିନା ଆଉ ସିନା ମଧ୍ୟ ଶାଶୁଘରୁ ଆସିଥାନ୍ତି । ସବୁ ମିଶିକରି ଯାତ୍ରା ଦେଖିବାକୁ ଚାଲିଗଲେ । ମୋ ଦେହ ଭଲ ନ ଥିବାରୁ ଯିବାକୁ ମନା କଲି । ପୂଜାର ରୁମ୍ **(**ଘର**)** ରେ ଶୋଇଥାଏ । ଏକା ଏକା ନିଦ ମଧ୍ୟ ହେଲାନାହିଁ । ବାଧ୍ୟ ହୋଇ ସେ ଘରେ ଥିବା କାଠ ଆଲମିରାରେ ଥିବା ପୁରୁଣା ବହି ସବୁ ଦେଖିଲି । ଏ କଣ**?** ଚିଠିଟି ଆଜିଯାଏ ଖୋଲା ଯାଇନାହିଁ । ପୁଣି ତା ଉପରେକ କହ୍ନେଇର ନାଆଁ ଲେଖାଯାଇଛି । ବହୁତ କିଛି ଜାଣିବାକୁ ଇଚ୍ଛା ହେଲା । କମ୍ପନର ସ୍ମୃତି ମଧ୍ୟ ନାହିଁ । କଣ

ଲେଖିଛି କହ୍ନେଇ । ପୁଣି ପୂଜା ଆଲମିରାରେ । ଅନେକ ସନ୍ଦେହର ପ୍ରଶ୍ନ ନାଚୁଥାଏ ବିକାଶର ମନରେ । କଣ ହୋଇପାରେ**?**

କହ୍ନେଇ**...** ପ୍ଲିଜ୍**...**

ଓଃ**.....**

କିଛି ଭାବି ପାରିଲାନାହିଁ ବିକାଶ । ସଙ୍ଗେ ସଙ୍ଗେ ଚାରିଆଡକୁ ଦେଖିଦେଇ କିଏ କାଳେ ଦେଖିଦେବେ**,** ଚିଠିଟିକୁ ଖୋଲି ପଢିଲେ ବିକାଶ । ଏତେ ବର୍ଷ ହେଲାଣି ହେଲେ କେହି ଏ ଚିଠିକୁ ଖୋଲି ନାହାନ୍ତି କାହିଁକି**?** କଣ ଏ ଚିଠିର ରହସ୍ୟ**???** ଧୀରେ ଧୀରେ ଚିଠି ପଢିବାକୁ ଲାଗିଲେ ।

ଧନରେ**,**

ମୋରେ ପ୍ରଥମରୁ କ୍ଷମା କରିଦେବୁ । ମୋ ସୁନାଟା ପର୍ ।  ମୁଁ ଜାଣିଛି ତୋ ଛଡା ମୋତେ କେହି ବୁଝିପାରିବେ ନାହିଁ । ତୁ ମୋ ଜୀବନରେ ଧନ । ତୋ ପାଖରୁ ଏମିତି ଦୂରେଇ ରହିବି ଭାବି ନ ଥିଲି । ପ୍ରଭୁଙ୍କର କଣ ଇଚ୍ଛା କେଜାଣି, ମୋ ଜୀବନ ପାଖରୁ ମୋ ଶରୀରକୁ ଅଲଗା କରିଦେଇଛନ୍ତି । ମୋତେ ଭୁଲ୍ ବୁଝନାହିଁ ପୂଜା । ବାପାଙ୍କର ତଥା ତୁମର ସମ୍ମାନ ପାଇଁ ଗୀତାକୁ ନେଇ କଲିକତା ଯିବାକୁ ସିଦ୍ଧାନ୍ତ ନେଇଯାଇଛି । ତୁ ମଙ୍ଗୁଳ ଛକରେ ଆସି ଦେଖା କରିବୁ ପ୍ଲିଜ୍ । ଜାଣିଛୁନା, ଆସନ୍ତା କାଲିର ସକାଳକୁ ଅପେକ୍ଷା କରିଥାଏ । ଭାବିଥିଲି, ରାତି ପାହିଲେ ଯାଇ ତୁମ ବାପା ମାଆଙ୍କୁ ସବୁ କହି ତୁମ ହାତ ମାଗି ଆଣିବି । ସେଥିପାଇଁ ମୋତେ ନିଦ ହେଉ ନଥାଏ । ଘର ଭିତରେ ଅଣନିଶ୍ୱାସୀ ହୋଇ ବାହାରକୁ ବାହାରି ଆସିଲି । ଦେଖିଲି ଗୀତା ଆତ୍ମହତ୍ୟା କରିବାକୁ ପୋଖରୀକୁ ଡେଉଁଛି । ତାକୁ ଗୃପୁଡେ ମାରିଲି । ତା ବାପା ମଧ୍ୟ ତା ପଛରେ ଦୌଡୁଥାନ୍ତି । ଗୀତା ଭେ ଭେ ହୋଇ କାନ୍ଦି ପକାଇ କହିଲା ଜଗନର ପାପ ମୋ  ପେଟରେ ରଖି କେମିତି ବଞ୍ଚିବି କହିଲ କହ୍ନେଇ ଭାଇ? ଜଗନ ଏବେ ଆଉ ଗୋଟେ ଝିଅକୁ ବାହା ହୋଇଥିବାରୁ ଶୁଣି ସାରିଲା ପରେ ମୋତେ ଆଉ ବଞ୍ଚିବାକୁ ଇଚ୍ଛା ହେଉନାହିଁ । ମୋ ଭାଇ ଭାଉଜ ଜାଣିଲେ ମୋତେ ଜୀଆନ୍ତା ପୋଡିଦେବେ ଏବଂ ମୋ ବାପାଙ୍କୁ ମଧ୍ୟ ଦୁନିଆ କଟୁ କଥା ଶୁଣିବାକୁ ପଡିବ । ପୁଣି ଏବେ ସେ ଅଭଦ୍ର ବିଚନ୍ଦ ସାଙ୍ଗରେ ବିବାହ ପାଇଁ ଭାଉଜ ଅଡି ବସିଛି । ସେମାନେ ଏ ବିଷୟରେ ଜାଣିଲା ପରେ କଣ ମୋତେ ଶାନ୍ତିରେ ବଞ୍ଚିବାକୁ ଦେବେ? ସେଥିପାଇଁ ମୋର ମରିଯିବା ଠିକ୍ ହେବ । ଭାଇ, ମତେ ଆଉ କେହିବି ଗ୍ରହଣ କରିବେ ନାହିଁ, କି ମୋ ସନ୍ତାନକୁ ଗ୍ରହଣ କରିବେ ନାହିଁ । ବାସ୍ ତା ପରେ ପୂଜା ଜାଣିଛୁ । ଗୋଟେ ଆଦର୍ଶ ଭାଇ ହୋଇ ହାତ ବଢାଇ ଦେଲି ତା ହାତକୁ  ଧରିବାକୁ ମୁଁ ଜାଣିଥିଲି ଆମେ ଗାଁରେ ରହିଥିଲେ ସବୁ ଘଟଣା ସମସ୍ତଙ୍କ ସାମ୍ନାକୁ ନିଶ୍ଚୟ ଆସିଥାନ୍ତା । ଆଉ ତୁମେ ବାପା ଏ ସବୁ ସହିପାରି ନଥାନ୍ତେ । ତୁ ଜମା ମତେ ଭୁଲ ବୁଝିବୁ ନାହିଁ । ମୁଁ ସବୁବେଳେ ତୋର ହୋଇ ରହିଥିବି । ଏବେ ତୁ କହ ମୁଁ କଣ ଭୁଲ୍ କରିଛି? ପୂଜା ତୁ ଯେଉଁଠି ଥାଆ ସୁଖରେ ରହିବୁ ମୋ ଆଶୀର୍ବାଦ ସବୁବେଳେ ତୋ ସୁଖଶାନ୍ତି ତୋଳଦେବ । ଭୁଲ୍ ଥିଲେ କ୍ଷମା କରିଦେବୁ ଧନ । ଜାଣିନି ଦେଖା ହେବ କି ନାହିଁ । ତୋତେ କୋଳରେ ଧରି ଜୀବନ ଶେଷ କରିବାକୁ ସବୁ ସ୍ୱପ୍ନ ଆଜି ଭାଙ୍ଗି ଯାଇଛି । ଶ୍ରୀ ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛି, ଜୀବନରେ ଶେଷ ଥର ପାଇଁ ଟିକଏ ଦେଖା କରିବାକୁ

ଆଶୀର୍ବାଦ ଦେଲେ ମୋ ଜୀବନ ଧନ୍ୟ ହୋଇଯିବ । ମୁଁ ଦୂରରୁ ହେଲେ ବି କଛି ଦୁଃଖ କରିବିନରେ ଧନ । ତୋର କୌଣସି ସୁଖକୁ କ୍ଷତି କରିବାକୁ ଆସିବିନ । ମୋ ମନ, ହୃଦୟ ପ୍ରେମ ସବୁ ତୋ ପାଇଁ ସାଇତି ରଖିଥିବି । କେବେ ଯଦି ଦେଖିବାକୁ ଇଚ୍ଛା କରିବୁ ଦେଖି ପାରିବୁ, ଛାତିର କାନ୍ଥରେ କେମିତି ତୋ ପବିତ୍ରତାକୁ ଛବି କରି ମୋର ରକ୍ତରେ ଆଙ୍କିଛି । ମୁଁ ଏକ ଭାଗ୍ୟହୀନ ପୁରୁଷଟେ ହୋଇ ତୋ ପାଖରୁ ବହୁ ଦୂରକୁ ଚାଲିଯାଉଛି । ମତେ କ୍ଷମା କରିଦେବୁ ଧନ **....** ।

**(ଇତି)**

ତୋ କହ୍ନେଇ ।

କେହି କଛି କହିଲେ କ**?**

ନାଇଁ ମୋ ପୂଜା, ବିକାଶ କହିଲା ।

ଖାଲି ଭାବୁଛି ତୁମେ କେତେ ମହାନ । ତୁମକୁ ଦେଖିଲେ ଲାଗୁନ, ଏତେ ଦୁଃଖକୁ ଚାପିଧରି ଅନ୍ୟମାନଙ୍କୁ ସୁଖ ବାଣ୍ଟୁଛ ବୋଲି । ଜୀବନର ରହସ୍ୟ ଓ ପ୍ରେମର ଗଭୀରତାକୁ ଆକଳନ କରିବାରେ ସମର୍ଥ ପାଇସାରିଛନ୍ତି ବିକାଶବାବୁ । ତାଙ୍କର ଅନୁଭବ ଭିତରେ ସଂସାରରେ ସବୁ ସତ୍ୟ, ଅସତ୍ୟ ହିଁ ମନର ଭ୍ରମ । ସତ୍ୟ ହେଉଛି ଘୃଣା ଉପରେ ପ୍ରେମର ବିଜୟ । ମାନବୀୟ ପ୍ରେମ ଗଭୀରତାରୁ ଅତୀନ୍ଦ୍ରିୟ ପ୍ରେମର ଉନ୍ମେଷ ଅନେକ ଦୂର ।

ହଁ ରେ ପୂଜା, ମୁଁ ବୁଝିସାରିଛି । ଜୀବନ ଭୋଗ ପାଇଁ ନୁହେଁ ଭାବ ପାଇଁ । ଜୀବନ ସାରା କହ୍ନେଇର ବନ୍ଧୁ ହୋଇ ମଧ୍ୟ ଜାଣିପାରିଲି ନାହିଁ ତା ପ୍ରାଣପ୍ରିୟା କେବଳ ପୂଜା ଆଉ ପୂଜା**....** । ଆଜି ଗର୍ବରେ ଛାତି କୁଣ୍ଢେମୋଟ ହୋଇ ଯାଉଛି କହ୍ନେଇ । ତୁ ଯଦି ପାଖରେ ଥାଆନ୍ତୁ ତୋ ପୂଜାକୁ ତତେ ଫେରେଇ ଦେଇଥାନ୍ତି । ହେଲେ ଗୀତାକୁ ନେଇ କୁଆଡେ ଗଲୁ ଯେ ସବୁ ସମ୍ପର୍କର ପୂର୍ଣ୍ଣଚ୍ଛେଦ ପକାଇ ଦେଲୁ, ଆଉ କଛି ଯୋଗାଯୋଗ ନାହିଁ । ତୋର ମହାନତାକୁ ସାଲୁଟ୍ କରୁଛି ବନ୍ଧୁ । ଭଗବାନଙ୍କୁ ପ୍ରାର୍ଥନା କରୁଛି ପୂଜା ଓ କହ୍ନେଇର ମହାମିଳନ ହେଉ । ଆରେ ତ୍ରେତାରେ ପିତା ସତ୍ୟ ପାଇଁ ପ୍ରଭୁ ସ୍ୱୟଂ ଭଗବାନ ଶ୍ରୀ ରାମଚନ୍ଦ୍ର

ବନବାସ ଯାଇଥିଲେ । ରାଜକୀୟ ଭୋଗବିଳାସକୁ ତ୍ୟାଗ କରି ବଣ ଜଙ୍ଗଲର ଯନ୍ତ୍ରଣାମୟ ଜୀବନକୁ ଆନନ୍ଦରେ ତୋଳ ନେଇଥିଲେ । ସବୁ ଦୁଃଖକୁ ଇଜର କରି ମଧ୍ଧ କେବେ ପିତା ଦଶରଥ କିମ୍ବା ମାତା କୈକେଇଙ୍କୁ ଭୁଲ୍ ବୁଝିନଥିଲେ ବରଂ ଭରତକୁ ମା କୈକେଇଙ୍କୁ ସମ୍ମାନ ଦେବାକୁ ଆଦେଶ ଦେଇଥିଲେ । ଆଜି ଏ କଳ ଯୁଗରେ ସମସ୍ତେ କାମନାର ସହର ତୋଳୁଥିବା ବେଳେ ତୁ ତୋ ପୂଜାର ବାପା ମା ସମ୍ମାନ ପାଇଁ ତାଙ୍କର ଆଭିଜାତ୍ୟରେ କଳଙ୍କ ନ ଲାଗିବା ପାଇଁ ନିଜ ଜୀବନର ସବୁ ଖୁସିକୁ ତିଳତିଳ  କରି, ଚିରି ଫିଙ୍ଗି ଦେଲୁ । ସାଙ୍ଗ, ସତରେ ତୁ ଅନେକ ମହାନ୍ ରେ । ତୋର ସେହି ମହାନତା ପାଇଁ ବୋଧେ ତୋ ରାଧା ହୋଇ ଅପେକ୍ଷା କରିଛି ମୋ କୁଡିଆରେ । ମୁଁ ଚନ୍ଦ୍ରଶେଣା ହୋଇ ଜଗିଛି ବନ୍ଧୁ । କେବେ ଫେରିଆସିଲେ ଦେଖିବୁ ତୋ ପ୍ରାଣପ୍ରିୟା ପୂଜା ତୋତେ ଠାକୁର ସଜେଇ ପୂଜା କରୁଛି ଗୋଟେ ତପସ୍ୱିନୀ ପରି, ଆଜି ମୁଁ ବୁଝିପାରୁଛି ।

ବାହାଘର ପରେ ବାସର ରାତିରେ ଫୁଲସଜା ଖଟ ଛାଡି ତଳେ ବସିଥାନ୍ତି ପୂଜା । ମୁଁ ଯେତେବେଳେ ସେ ଘରକୁ ଗଲି, ସେ ଛିଡା ହୋଇ ହାତ ଯୋଡି କ୍ଷମା ଭିକ୍ଷା ମାଗିଥିଲେ, ଠିକ୍ ମନେଅଛି ମୋରେ, ବିକାଶ ବାବୁ ମତେ କ୍ଷମା କରିବେ, ମୁଁ ଆଗରୁ ଜଣକୁ ବିବାହ କରିସାରିଛି । ଆଉ କାହାକୁ ମୋ ଜୀବନକୁ ଆସିବାକୁ ଦେଇପାରିବି ନାହିଁ। ମୋ ହୃଦୟ ମନ୍ଦିରରେ ସେ ଠାକୁରଙ୍କୁ ସଉ ମୁହୂର୍ତ୍ତରେ ପୂଜା କରୁଥିବି । ମୁଁ ମରିଯିବି ସିନା ହେଲେ ଅନ୍ୟ କାହାକୁ ସେ ଜାଗା ଦେଇପାରିବି ନାହିଁ । ମତେ କ୍ଷମା କରିଦେବେ । ମୁଁ କଥା ଦେଉଛି, ଆପଣଙ୍କର ମା ଓ ଭାଇଙ୍କର ପିଲାମାନଙ୍କର ସେବାରେ କିଛି ବି ଉଣା କରିବିନ । ଯଦି ଭରସା ନାହିଁ ମତେ ଏହି ରାତିରେ ବାହାର କରିଦେଇପାର । ମୁଁ ତ ଆଶ୍ଚର୍ଯ୍ୟ ହୋଇଯାଇଥିଲି । କୌଣସି ଝିଅ ବାସରାତିର ତାର ପୂର୍ବ ପ୍ରେମ କରିବା ତ ଦୂର କଥା ତାକୁ ଲୁଚେଇବାକୁ କେତେ ଅଭିନୟ କରିଥାନ୍ତି । ହେଲେ ପୂଜା ତ ଅସାଧାରଣ ମାନବୀ । ମହାନ୍ ବ୍ୟକ୍ତିତ୍ୱ, କହ୍ନେଇର ପ୍ରାଣ ରାଧା ସେ । ତାଙ୍କ ପ୍ରେମର ପବିତ୍ରତା, ଅମୃତ ଯେମିତି ଝରିପଡୁଥିଲା । ମୁଁ ମଧ୍ଧ ତାଙ୍କୁ କେବେ ସେଦିନଠାରୁ ଛୁଇଁ ନାହିଁ, କି ମୁହଁ ଉଠେଇ ଦେଖି ନାହିଁ । ଆଜି କହ୍ନେଇର ଚଠି ପଢି ଲାଗୁଛି, ଯାହା ହେଉ ମୋ ଦ୍ୱାରା ଗୋଟେ ପୂର୍ଣ୍ଣ ଅମୃତ ସୁରକ୍ଷିତ ରହିଛି । କେବେ ଦେଖା ହେଲେ ନିଶ୍ଚୟ ଫେରାଇଦେବି ତୋ ପୂଜାକୁ କହ୍ନେଇ ।

ଆଖିରୁ ଲୁହ ଶ୍ରାବଣ ଧାର୍ ପରି ଝରିପଡୁଥିଲା । ବଲବଲ କରି ପୂଜାକୁ ଅନାଇ ରହିଥିଲେ ବିକାଶବାବୁ । କଛି କହିପାରୁ ନଥିଲେ । କାଳେ ଚଠି ପଢି ପୂଜା ବିକାଶବାବୁଙ୍କୁ ପର କରିଦେବେ କ? ଏମିତି କେତେ ଭାବନାରେ ଛନ୍ଦିହୋଇ ଚଠିକୁ ସତର୍କତାର ସହ ଲୁଗ୍ଚଇ ରଖିଦେଲେ । ସମୟ ଉପଯୁକ୍ତ ହେଲେ ପୂଜାଙ୍କୁ ନଷ୍ଟୟ ଦେବି । ହେଲେ ପୂଜା ବିକାଶଙ୍କ ଏପରି ଭାବବିହ୍ୱଳ ଗୃହାଣିକୁ ଲକ୍ଷ୍ୟ କରୁଥିଲେ । କଛି ବୁଝିପାରୁ ନଥିଲେ । ମନେ ମନେ ଡରିଯାଇଥିଲେ । କାଳେ ସ୍ତ୍ରୀର ଅଧିକାର ଜାହିର୍ କରି ବିକାଶ ବାବୁ କଛି ସମସ୍ୟା ସୃଷ୍ଟି କରିବେ କ? ପଚଶ ବର୍ଷ ପରେ କଣ ବିବାହର ସମ୍ପର୍କ ଉନ୍ମୋଚନ କରିବେ? ଭୟରେ ପୂଜାର ଭାବନା ଶିଥିଳ ହୋଇଯାଇଥିଲେ ବିକାଶଙ୍କ ଆଖିରେ ଲୁହକୁ ଦେଖି, ଭୟଙ୍କର କମ୍ପନ ସୃଷ୍ଟି ହେଉଥିଲା । ହେଲେ ବିକାଶବାବୁ ମହୀୟସୀ ପୂଜାଙ୍କୁ ଗୋଟେ ଦେବୀ ପ୍ରତିମା ସଜେଇ ଦେଖୁଥିଲେ, ତାଙ୍କର ବିଶାଳ ତ୍ୟାଗକୁ । ଅମର ପ୍ରେମର ନୈବେଦ୍ୟ, ପବିତ୍ର ଅନୁରକ୍ତି, ସ୍ନେହ ପ୍ରେମର ଅଗାଧ ସମୁଦ୍ରଟିଏ । ତୁମ ପାଦତଳେ ନତମସ୍ତକ ହୋଇଯାଉଛି ପୂଜା । ମତେ କ୍ଷମା କରିଦେବ ।

କ୍ରମଶଃ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ
ଡ୍ରିମସ୍ ଷ୍ଟାଫ୍ କ୍ୱାଟର,ଟାଙ୍ଗୀ, କଟକ - ୭୫୪୦୨୨
ଭ୍ରାମ୍ୟଭାଷ -୯୯୩୭୩୪୭୩୧୮

# ଏ ସଂସାର ଏକ ରଙ୍ଗମଞ୍ଚ



ଶଶୀକାନ୍ତ ମେହେର

ଆମେ ସଭେ ଏଠି ନାୟକ ନାୟିକା  ଏ ସଂସାର ଏକ ରଙ୍ଗମଞ୍ଚ,
ନିଜ ନିଜ ଅଭିନୟ ସାରି  ସଭେ ଛାଡ଼ିବେ ଏ ରଙ୍ଗମଞ୍ଚ ।
ଜୀବନ ଚରିତ୍ର ଆରମ୍ଭ ଜନ୍ମରୁ ହୁଏ, ମୃତ୍ୟୁ ପରେ ହୁଏ ଶେଷ,
ଜନ୍ମରୁ ଆରମ୍ଭ ଅଭିନୟ ଆମର ମୃତ୍ୟୁ ପରେ ଜାଇଁ ଶେଷ ।
ମାତା,ପିତା, ଭାଇ,ଭଉଣୀ, ସାଥି ସମସ୍ତେ ଗୋଟିଏ ଗୋଟିଏ
ଆଭିନୟ ର ଗୋଟେ ଗୋଟେ ରୂପ,
ଜୀବନ ଭିତରେ ଦୁଃଖ ସୁଖ ସବୁ ଗୋଟେ ଅବସ୍ଥା ର ଏକ ରୂପ ।
ଜୀବନ ଭିତରେ ସବୁ ଅବସ୍ଥାରୁ ଗତିକରିବାକୁ ହୁଏ
ମୃତ୍ୟୁ ଆସିଲେ ହୁଏ ଶେଷ ।
ମୃତ୍ୟୁ ପ୍ରୟନ୍ତ ଏ ଜୀବନ ନାଟକ କରିବାକୁ ହୁଏ ।
କିଏ ଜାଣେ କେବେ ମୃତ୍ୟୁ ଆସି କରିଯାଏ ନିଭିନୟ ଶେଷ ।
କିଏ ଏଠି ଧନୀ କିଏ ଏଠି ଦରିଦ୍ର ର କରୁଅଛୁଁ ଅଭିନୟ,
ଆହୁରି ଅନେକ ରୂପର ଦେଖିବାକୁ ମିଳେ ଅଭିନୟ ।
ସତରେ ଏ ସଂସାର ଏକ ରଙ୍ଗମଞ୍ଚ
ନିଜର ଅଭିନୟ ସାରି ସଭେ ଦିନେ ନିଶ୍ଚେ ଛାଡ଼ିବା ଏ ରଙ୍ଗମଞ୍ଚ ।
ଏ ସଂସାର ଏକ ରଙ୍ଗମଞ୍ଚ, ଏ ସଂସାର ଏକ ରଙ୍ଗମଞ୍ଚ ।

ଜମଲ୍, ପଦ୍ମପୁର,ବରଗଡ଼

# ହେ ! ପ୍ରଥମ ରଜ



ନଲେଶ କୁମାର ଭୋଇ

ପ୍ରକୃତି, ନାରୀ, ଧରିତ୍ରୀ, ଏ ତିନୋଟି ଯାକ ରଜସ୍ୱଳାରେ ନଅନ୍ତି ବିଶ୍ରାମ ।
ବସୁଧା ରଜବତୀ'ରେ ଖାଲିପାଦରେ ଚାଲିବାପାଇଁ ହୋଇଅଛି ବାରଣ ॥
ରଜ-, ବିର୍ଯ୍ୟମିଳନରେ ଭ୍ରୁଣ ସୃଷ୍ଟି'ଯେ ହୁଅଇ ବୈଜ୍ଞାନକ ମତରେ ଜାଣ ।
ରଜସ୍ୱଳା ଝିଅ, ବୋହୂ ସହିତ ସଙ୍ଗମ କରିବା ମନା କୁହଇ ବେଦ, ପୁରାଣ ॥
ଡିମ୍ବାଣୁ'ର ପରିପକ୍ୱ'ରେ କୁଆଁରୀ ଝିଅ ପ୍ରଥମ ରଜସ୍ୱଳା ହୁଅଇ'ଯେ ଜାଣ ।
ସେହି ପ୍ରଥମରଜ ଦିବସ, କୁନେଇ ସଂସାରିକ ଜୀବନେ ହୁଅଇ ବନ୍ଧନ ॥
ସ୍ତ୍ରୀ-ପରାଗରେଣୁ ଦ୍ୱାରା ପ୍ରକୃତିର ବୃକ୍ଷ, ଲତା ପୁଷ୍ପ, ଫଳ ଦେଇ ଥାନ୍ତି ।
ଏହି ଧରିତ୍ରୀ ମାତା ସେହି ସବୁଜ ବୃକ୍ଷଲତା, ଗହଣେ ଶୋଭନୀୟ ଅଟନ୍ତି ॥
ସେହି ସବୁଜ ପରିବେଶ ଧ୍ୱଂସ ଯୋଗୁଁ ବୃଦ୍ଧି ହେଉଅଛି ଜାଣ ବିଶ୍ୱତାପନ ।
ସେହି ସବୁଜ ଓଢଣୀରେ କ-ଶୋଭା ଦିଶୁଥାଇ ପୃଥିବୀପୃଷ୍ଠ ଆବରଣ ॥
ନାରୀ ନର୍ଯ୍ୟାତନା ବଢୁଅଛି  ସାରା ବିଶ୍ୱରେ ଅ-ନୀତିଶିକ୍ଷା ଏହାର ମୂଳ ।
ସେହି ନୀତି ଶିକ୍ଷା, ପ୍ରଚାର,  ପ୍ରଶିକ୍ଷଣ ହେଲେ ସବୁହେବ ସମତୁଲ ॥

ବଲାଙ୍ଗୀର

# ଇତିଶ୍ରୀ



ଖଗେଶ୍ୱର ବାଗ

ବନ୍ଧୁତ୍ୱର ବସା ବାନ୍ଧିଲ ଯତନେ
ପ୍ରତିଛବି ତୋର ହୃଦୟ ପରାଣେ
ଅତି ଆପଣାର ହୋଇ ଏକା କରି
ବାନ୍ଧବୀ ହେ ଗଲ ଛାଡି ଗୋ
ମୁଁ କି ଜାଣିଥିଲେ ଯାଇଥା'ନ୍ତି ସାଥେ
ତୋ ଇଚ୍ଛା ବିରୁଦ୍ଧେ ଚାଲି ଗୋ।।
ଯିବି କାଲି ବୋଲି କହିଲୁ ଯେ କାହିଁ
ଫେରିବାର ପ୍ରତିଶ୍ରୁତି ଦେଲୁ ନାହିଁ
ପୁଣି ଦେଖାହେବ କହିଥିଲେ ମିଛେ
ବଞ୍ଚିଥା'ନ୍ତି ସ୍ମୃତି ନେଇ ଗୋ
ତତେ କି ଅଜଣା ହୃଦୟ ବେଦନା
ରହିଥିଲୁ ସାଥୀ ହୋଇ ଗୋ।।
ମନେପଡେ ସଖୀ ଆଳାପ ତୋ ବେଶୀ
ଆଖି ଇସାରାରେ କଥା ହେଉ ହସି
ଲାଜକୁଳୀ ଲତା ପରାକ୍ରମ ତୋର
ବାଲୁଙ୍ଗାକୁ ଦେଲା ଭୀତ ଗୋ
କୋଟିଏ ଭିତରେ ଗୋଟିଏ ହୀରକ
ତୁ ତ ମିତ ଭଳି ମିତ ଗୋ।।
ଜନ ସମାବେଶେ ଖୋଜିଛି ଲୋ ତତେ
ପୁଣି ବିଦ୍ୟାଳୟ ପରିସରେ କେତେ
ଯାହାକୁ ଦେଖିଛି ପଥରେ ଭେଟିଛି
ପଚାରିଛି ଛବି ଧରି ଗୋ
ଇତିଶ୍ରୀ ଲୋ ତୋର ଇତି ଖୋଜିବାରେ
ନିଗାଡିଛି ଅଶ୍ରୁ ଝରି ଗୋ।।
ତତେ ଜଣା ନୀଡ ଗଢ଼ିବା କୌଶଳ
ଆପଣାର ଭାବ ତୋ ଠାରେ ଅତୁଳ
ନିମିଷକେ ମନ କିଣି ନେଉ ସଖୀ
କି ମନ୍ତ୍ରର କରି ସତେ ଗୋ
ଖୁସି ଲାଗେ ଚିହ୍ନି ପଦଚିହ୍ନ ତୋର
ଉଚ୍ଚ ଅଭିଳାଷ ପଥେ ଗୋ।।

ବୁଦ୍ଧିକୋମନା, ଜିଲ୍ଲା ନୂଆପଡ଼ା

# ମାଲକାନଗିରି "ବଣ୍ଡା ଜନଜାତି" ମାନଙ୍କର ଜୀବନ ଶୈଳ-ଚୁମ୍ବକରେ



ପ୍ରତାପ ଚନ୍ଦ୍ର ସାହୁ

ବଣ୍ଡା ଜନଜାତି ସମ୍ପ୍ରଦାୟର ମା ଭଉଣୀମାନେ ତଥା ଭାଇମାନେ ଆମରି ପରି ସେମାନେ ବି ମଣିଷ ଅଟନ୍ତି । କିନ୍ତୁ ସେମାନେ ଆଜିକାଲି ସଭ୍ୟତାର ପାଳିତ ସନ୍ତାନ ନୁହନ୍ତି । ସେମାନେ ପ୍ରକୃତି କୋଳର ମଣିଷ । ସେମାନଙ୍କର ଦେହରେ ଅତି ଅଳ୍ପ ସଂଖ୍ୟକ ବସ୍ତ୍ର ରହୁଛି ବୋଲି ସେମାନେ ଉଲଗ୍ନ, ଲଙ୍ଗଳା ଏବଂ ଫୁଙ୍ଗୁଳା । ବଣ୍ଡାର ଆକ୍ଷରିକ ଅର୍ଥ ହେଉଛି ଖୋଲା, ଖାଲି, ଲଙ୍ଗଳା ତଥା ଫୁଙ୍ଗୁଳା । ଏଇ ଜନଜାତିର ସମ୍ପ୍ରଦାୟର ଲୋକମାନେ ଖାଲି ଦେହରେ ରହୁଥିବା ଯୋଗୁଁ ଏଇ ମାନଙ୍କୁ ବଣ୍ଡା ଜନଜାତି ନାମରେ ଅଭିହିତ କରାଯାଇଛି । ସେମାନଙ୍କର ଏଇ ଭଳିଆ ବିଚିତ୍ର ବେଶ ପୋଷାକ ନଗ୍ନତା ସ୍ୱାଧୀନତାର ୭୩ ବର୍ଷ ପରେବି ନଗ୍ନତାକୁ ନେଇ କେବଳ ଓଡିଶା କାହିଁକି ସମଗ୍ର ଭାରତରେ ଏକ ବିସ୍ମୟର କାରଣ ପାଲଟିଛି । ତେଣୁ ଏଇ ଆଦିବାସୀ ତଥା ବଣ୍ଡା ଜନଜାତି ସମ୍ପ୍ରଦାୟ ହେଉଛି ପ୍ରାଚୀନତମ ସଂସ୍କୃତିର ଅଧିବାସୀ । ଆମରିପରି ସେମାନଙ୍କର ମଧ ଅଙ୍ଗ ପ୍ରତ୍ୟଙ୍ଗ ରକ୍ତମାଂସ ହାଡ ଇତ୍ୟାଦି ରହିଛି । କିନ୍ତୁ ଆଜିକାଲିର ମଣିଷ (ଅଭିନୟ) ଭଳିଆ ସେଇମାନଙ୍କର ନାହିଁ କୃତ୍ରିମ ହେବାର ପ୍ରୟାସ । ଆଧୁନିକ ମଣିଷ ପରି ସେମାନଙ୍କର ଆଖିରେ ନାହିଁ ରଙ୍ଗୀନ ଚଷମା, ପାଦରେ ନାହିଁ ହାଇ ହିଲ ଚପଲ, ଚପା ପ୍ୟାଣ୍ଟ ଟି ସାର୍ଟ, ଓଠରେ ନାହିଁ ଲିପଷ୍ଟିକ କାରଣ ସେମାନେ ପ୍ରକୃତିର ମାନସ ସନ୍ତାନ । ସେଇମାନଙ୍କ ପାଖରେ କୁଟିଳତା ନାହିଁ କଟାକ୍ଷ ନାହିଁ କାହାପ୍ରତି । ଏକଦମ ସାଧାସିଧା ସବୁ ଖୋଲା ସବୁ ସ୍ୱାଭାବିକ ଆମପରି ସେଇମାନଙ୍କର ହାତ ଗୋଡ ପିଠି ଥିଲେବି ସେମାନେ ଅନ୍ୟପ୍ରକାର ଦେଖାଯାନ୍ତି । ମଣିଷ ବୋଲି କହିଲେ ଆମେ ସମସ୍ତେ ଯାହା ବୁଝୁ ସେମାନେ କିନ୍ତୁ ସେଇଆ ନୁହଁନ୍ତି । ବଣ ପାହାଡରେ ଘୁରି ଘୁରି ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କୃଷି, ପଶୁପାଳନ, ଜମି କାମ ମାଟି କାମ ପଥର କାମ ସହ ନିଜକୁ ମିଶାଇ ହାଡଭଙ୍ଗା ପରିଶ୍ରମ କରିବା ପରେ ନୃତ୍ୟଗୀତରୁ

ଜୀବନ ଜିଇଁବାର କୌଶଳ ଶିଖି କର୍ମକ୍ଳାନ୍ତ ଜୀବନକୁ ସରସ ସୁନ୍ଦର ଭାବେ ଉପଭୋଗ କରିଥାନ୍ତି । ଜଙ୍ଗଲରେ ରହିବାକୁ ପସନ୍ଦ କରିଥାନ୍ତି । ସଭ୍ୟତା ଠାରୁ ବହୁ ଦୂରରେ ଅସ୍ୱାସ୍ଥ୍ୟକର ପରିବେଶ, ଜଙ୍ଗଲ ମଧ୍ୟରେ ଖାଦ୍ୟାଭାବ, ପ୍ରକୃତିର ଅତ୍ୟାଚାର ପ୍ରପୀଡିତ ଆଦି ସେଇମାନଙ୍କର ଚର ସହଚର ।

ପର୍ବପର୍ବାଣିରେ ନୃତ୍ୟ ସକାଶେ ଅଲଗା ପ୍ରକାର ବେଶପୋଷାକ ପରିଧାନ କରିଥାନ୍ତି । ନୃତ୍ୟ ସକାଶେ ଭିନ୍ନ ଧରଣର ପୋଷାକ ପରିଧାନ କରିଥାନ୍ତି । ନୃତ୍ୟ ଗୀତ ସମୟରେ ସଫାସୁତରା ପୋଷାକ ହେଉକ ନୂଆ ପୋଷାକରେ ନାଚଗୀତ ପରିବେଷଣ କରିଥାନ୍ତି । ପ୍ରତ୍ୟେକ ଆଦିବାସୀ ସମ୍ପ୍ରଦାୟର ଏକ ଏକ ବିଶେଷ ନୃତ୍ୟ ରହିଛି । ଏଇ ଯେମିତିଆ କନ୍ଧ, ପରଜା, ଭୂମିଆ, ଭତରା, ମାଟିଆ ଏବଂ ଡିଡାୟୀ ସମ୍ପ୍ରଦାୟର ଆଦିବାସୀ ମାନେ ଢେମସା ନୃତ୍ୟ କରୁଥିବା ବେଳେ ବିନଝୋଳମାନେ କରମା ସାନ୍ତାଳମାନେ ଦାସାଇ ନାଚ, ଜୁଆଙ୍ଗ ମାନେ ଚାଙ୍ଗୁ ପରିବେଷଣ କରିଥାନ୍ତି । ଏମାନଙ୍କର ନୃତ୍ୟ ବର୍ଣ୍ଣାଢ୍ୟ, ରୁଚପୂର୍ଣ୍ଣ ଏବଂ ଦର୍ଶନୀୟ । କିନ୍ତୁ ବଣ୍ଡା ସମ୍ପ୍ରଦାୟର ନୃତ୍ୟ ସେତେ ଆକର୍ଷଣୀୟ ନହେଲେବି ଦର୍ଶନୀୟ । ଏମାନଙ୍କର ନୃତ୍ୟ ଅତ୍ୟନ୍ତ ଅନୁନ୍ନତ ହେଲେ ବି ଭୟଙ୍କର ମନେହୁଏ । ଏଥିରେ ତାଳ ଲୟ ଆଦି ନଥାଏ । ବାହ୍ୟ ଜଗତ ସହ ଏମାନଙ୍କର ଯୋଗସୂତ୍ର ନଥିବା ହେତୁ ମିଳାମିଶା ଦେଖା ଚାହାଁ କମ ହେତୁ ବଣ୍ଡା ନୃତ୍ୟଗୀତ ଉନ୍ନତି ତଥା ଅଗ୍ରଗତି କରୁପାରୁନାହିଁ ।

ପାର୍ବତ୍ୟାଞ୍ଚଳର ମାରିଆ ମାନଙ୍କ ପରି ବଣ୍ଡାମାନେ ମଧ୍ୟ ପର୍ବପର୍ବାଣି ଦଶାକ୍ରିୟା ଦିନମାନଙ୍କରେ ନୃତ୍ୟ ପରିବେଷଣ କରିଥାନ୍ତି । ବଣ୍ଡାମାନେ ପ୍ରାୟ ସବୁବେଳେ ନିଶାଗ୍ରସ୍ତ ଥାଆନ୍ତି । ଏପରିକି ନିଜକୁ ଆୟତ୍ତ କରି ପାରିନଥାନ୍ତି, ଗୋଡ ସବୁବେଳେ ଟଳମଳ । ସାମାନ୍ୟ କଥାରେ ମାରପିଟ ପାଟିତୁଣ୍ଡ ଇତ୍ୟାଦି । ଏସବୁ କଳହର ସମାଧାନ କରୁକରୁ ସମୟ ଗଡିଯାଏ । ବାଜାର ତାଳେ ତାଳେ ନିଶାଗ୍ରସ୍ତ ହୋଇ ବଣ୍ଡା ଯୁବକ ମାନେ ନାଚଥାନ୍ତି । ସେଇ ନୃତ୍ୟ ହୁଏତ ଆମପାଇଁ ଗ୍ରହଣୀୟ ହୋଇନପାରେ ହେଲେ ବି ସେମାନେ ନାଚଥାନ୍ତି । ସେମାନଙ୍କ ଜୀବନ ସହ ସଂଶ୍ଳିଷ୍ଟ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବିଭବ । ସେମାନେ ନାଚନ୍ତି ଅନ୍ୟମାନଙ୍କର ଖୁସି ପାଇଁ ନୁହଁ, କେବଳ ନିଜପାଇଁ । ଯଦିଓ ନୃତ୍ୟ ପରିବେଷଣ

କଷ୍ଟକର ହୋଇଥାଏ, କିନ୍ତୁ ଏହା ଭଲପାଇବାର ପ୍ରେମର ଦୁର୍ବାର ଆକର୍ଷଣ ଏମାନଙ୍କୁ ଟାଣି ନେଇଥାଏ । ଝଡବର୍ଷା ଶୀତ କାକର ବାଘଭାଲୁ ସାପର ଭୟକୁ ଭ୍ରୁକ୍ଷେପ ନକରି ଏମାନେ ନିଜନିଜ ପ୍ରେମିକା ପାଖକୁ ଧାଇଁ ଯାଇଥାନ୍ତି । ଯଦିଓ ନୃତ୍ୟ ଗୀତରେ ସେମିତି ଖାସ ତାଳମେଳ ନଥାଏ । କିନ୍ତୁ ଏହା ସାଧାରଣ କଳା ନୁହଁ, ଏହାକୁ ଅକ୍ତିଆର କରିବାକୁ କଠୋର ସାଧନା କରିବାକୁ ହୋଇଥାଏ । କିନ୍ତୁ ବଣ୍ଡାମାନଙ୍କ କ୍ଷେତ୍ରରେ ନୃତ୍ୟଗୀତ ପାଇଁ ସେମିତି ପରିଶ୍ରମ କରିବାର ଦେଖିବାକୁ ମିଳିନଥାଏ । ବଣ୍ଡା ନୃତ୍ୟ ଓ ସଉରା ନୃତ୍ୟ ମଧ୍ୟରେ କିଛିଟା ସାମଞ୍ଜସ୍ୟ ଥିବା ପରି ମନେହୁଏ । କୋୟାମାନେ ବିଭିନ୍ନ ପ୍ରକାର ପଶୁପକ୍ଷୀ ମାନଙ୍କ ମୁଖା ଧାରଣ କରି ଆକ୍ରମଣାତ୍ମକ ଢଙ୍ଗରେ ନୃତ୍ୟ କରିଥାନ୍ତି । ସବରମାନେ ଚଙ୍ଗୁୟା ନୃତ୍ୟ ପତରସଉରା ନୃତ୍ୟ ସବରସବରୁଣି ନୃତ୍ୟ କେଳାକେଳୁଣୀ ନୃତ୍ୟ ପରିବେଷଣ କରିଥାନ୍ତି ଯାହାକି ବାସ୍ତବରେ ଅତିବ ଆକର୍ଷଣୀୟ ଏବଂ ମନୋରଞ୍ଜନକାରି । ବିଶେଷ ପର୍ବପର୍ବାଣିରେ ସିନ୍ଧିବୋର ନିକଟରେ ନୃତ୍ୟଗୀତର ଆୟୋଜନ ହୋଇଥାଏ । ଗ୍ରାମର ଆବାଳ ବୃଦ୍ଧମାନେ ସିଧିବୋର ଉପରେ ବସିଥାନ୍ତି । ଏବଂ ସିନ୍ଧିବୋରର ଅନ୍ୟଏକ ପାର୍ଶ୍ୱରେ ସଙ୍ଗୀତଜ୍ଞ ମାନେ ନିଜ ନିଜର ବାଦ୍ୟ ଉପକରଣ ନେଇ ବସିଥାନ୍ତି । ବଣ୍ଡାମାନେ ଏହି ନୃତ୍ୟ କଲାବେଳେ ଢୋଲ, ଟାମକ, ଫମ୍ପାଙ୍ଗବାଦ୍ୟ, ଶିଙ୍ଘବାଦ୍ୟ, ସିଙ୍ଗା, ଗୁଞ୍ଜୁଗୁ, ସାଗା ଆଦି ବ୍ୟବହାର କରାଯାଇଥାଏ । ନୃତ୍ୟଗୀତ ଆନନ୍ଦ ଉତ୍ସବ ଦିନରେ ମନୋରଞ୍ଜନ ପାଇଁ ପରିବେଷଣ କରାଯାଉଥିଲେ ହେଁ ବଣ୍ଡା ରମଣୀମାନେ ଏକ ଅନାଗତ ଭୟ ଆଶଙ୍କାରେ ମନେ ମନେ ଶିହରି ଉଠିଥାନ୍ତି । ସେମାନଙ୍କ ଛାତି ପଡୁଥାଏ ଉଠୁଥାଏ । ସିନ୍ଧିବୋର ନିକଟରେ ଥିବା ଫାଙ୍କା ଜାଗାରେ ଅବିବାହିତବଣ୍ଡା ରମଣୀମାନେ ଏକ ନିର୍ଦ୍ଦିଷ୍ଟ ସ୍ଥଳରେ ଠିଆହୋଇଥାନ୍ତି । ସମସ୍ତେ ନୂତନ ବସ୍ତ୍ର ପରିଧାନ କରି ନଥିଲେ ମଧ୍ୟ ସଫାସୁତୁରା ରିଙ୍ଗା ପରିଧାନ କରିଥାନ୍ତି । ଛାତିକୁ ଆବରଣ କରିବା ପାଇଁ ବିଭିନ୍ନ କିସମର ମାଳ ବେକର ଖଗଳା ହାତରେ ଖଡୁ, ମୁଣ୍ଡରେ ତରାବୁ, ଗିତୁ ବା ମୁଣ୍ଡମାଳ କାନରେ କାନଫୁଲ ଲିମ୍ବିଲୁ । ସେମାନଙ୍କର ପୁରିଲା ପୁରିଲା ଦେହକୁ ଏଇ ଅଳଙ୍କାର ଗୁଡିକ ବହୁତ ଶୋଭା ପାଇଥାଏ । ମୁହଁରେ ମୃଦୁମୃଦୁ ହସ । ସେମାନଙ୍କର ଚଉପାଶରେ ଘେରି ରହିଥାନ୍ତି ବିଭିନ୍ନ ବେଶଭୂଷାରେ ନିଜକୁ ସଜ୍ଜିତ କରିଥିବା ବଣ୍ଡା ଯୁବକମାନେ । ଏଇ ନୃତ୍ୟଗୀତ ଆସରରେ ସମସ୍ତ ଅବିବାହିତ ଯୁବକଯୁବତୀମାନେ ରୁହିଁ ରହିଥାନ୍ତି ପରସ୍ପରକୁ ଆକୃଷ୍ଟ କରିବା ପ୍ରେମଫାସରେ

ବାନ୍ଧିନେବା ପାଇଁ । ବଣ୍ଡା ଯୁବକମାନେ ନୂଆ ନୂଆ ବସ୍ତ୍ର ପରିଧାନ କରିଥାନ୍ତି ଅତି ବିଚକ୍ଷ ବେଶ ଭୂଷାରେ ସଜ୍ଜିତ ହୋଇଥାନ୍ତି, ଅଣ୍ଟାରେ ଏକ ପାର୍ଶ୍ୱରେ ଛୁରୀ, ମୁଣ୍ଡାରେ ମୟୁର ପୁଚ୍ଛ, ହାତରେ ଛାତ୍ତୁ, ଛୁରୀ, ଧନୁଶର, ନାନା ରଙ୍ଗର ଛୋଟଛୋଟ କନାରେ ନିର୍ମିତ ହୋଇଥିବା ଫୁଲଗଛ, ଅଣ୍ଟାରେ ବା ଦେହରେ ବାଘ ଚର୍ମ ପରି ଦେଖାଯାଉଥିବା ଗାରଗାରିଆ କନା ମୁଣ୍ଡାରେ ପଗଡି ଏବଂ ପଗଡିରେ ଖୋସା ଯାଇଥାଏ ଅନେକ ପକ୍ଷୀଙ୍କ ପର । ଯୁଦ୍ଧ ବାଜା ବାଜିଲେ ଯୋଦ୍ଧାମାନଙ୍କ ଭିତରେ ଯେପରି ଯୁଦ୍ଧ ପାଇଁ ପ୍ରେରଣା ଜାଗିଉଠେ ଠିକ୍ ସେମିତି ନୃତ୍ୟ ପାଇଁ ପ୍ରତୀକ୍ଷାରତ ଯୁବକଯୁବତୀମାନଙ୍କ ଭିତରେ ଉଦ୍ଦୀପନା ଉନ୍ମାଦନା କମ୍ପା ପ୍ରେରଣା ଜାଗ୍ରତ କରିବାପାଇଁ ଆଗରୁ ପ୍ରସ୍ତୁତ ହୋଇଥିବା ବାଦକମାନେ ବାଦ୍ୟ ପରିବେଷଣ କରିଥାନ୍ତି । ନୃତ୍ୟରତ ଯୁବକଯୁବତୀ ମାନଙ୍କ ଚଉପାର୍ଶ୍ୱରେ ଥିବା ବଣ୍ଡା ରମଣୀମାନେ ହାତରେ ଖଡୁରେ ଖଡୁ, ମୁହଁରେ ଚୁନୁଗୁ ବଜେଇ ଥାନ୍ତି । ବାଜା ବାଜିବା ପରେ ମଧ୍ୟସ୍ଥଳରେ ଦଣ୍ଡାୟମାନ ହୋଇଥିବା ଯୁବତୀମାନେ ଅଛିଣ୍ଡା ଗୀତରେ ସୁରଲେଲୋ, ଲୋଲୋ ସରୁଲିରେ ବାସୁଲିଲେ ସେମାନଙ୍କ କୋକିଳ କଣ୍ଠରେ ଗାଉଥାନ୍ତି । ବଣ୍ଡାମାନେ ପଉଷ ମାସରେ ଆରକ ପର୍ବ ପାଳନ କରିବା ଅବସରରେ ଏକ ପ୍ରକାର ସ୍ୱତନ୍ତ୍ର ଖେଳାନୃତ୍ୟ ପରିବେଷଣ କରିଥାନ୍ତି । ଏହିନୃତ୍ୟର ବିଶେଷତ୍ୱ ହେଲା ମୈତ୍ରିଭାବ, ବନ୍ଧୁତ୍ୱ ଭାବକୁ ବଜାୟ ରଖିବା । ସବୁ ପ୍ରକାର ରାଗ ହିଂସା, ଦ୍ୱେଷକୁ ଭୁଲିଯାଇ ମିଳମିଶି ଭାଇଭାଇ ହୋଇ ଚଳିବା । ଏଇ ନୃତ୍ୟ ଅତିବ ସାଂଘାତିକ ନାଟକୀୟ ବିସ୍ମୟକର ଏବଂ ଉପଦେଶାତ୍ମକ ମଧ୍ୟ । ଏହି ନୃତ୍ୟ ଅଶିକ୍ଷିତ ଅନୁନ୍ନତ ସରଳ ଅମାୟିକ ଗ୍ରାମ୍ୟ କଳାକାରମାନଙ୍କ ଦ୍ୱାରା ଅଭିନିତ ହେଉଥିଲେ ଏଁ ଏହାର କଳା ନୈପୁଣ୍ୟ ଅତ୍ୟନ୍ତ ମନମୁଗ୍ଧକର । ନୃତ୍ୟ ସମୟର ଦୃଶ୍ୟ ଯୁଦ୍ଧ ଭଳି ଅନୁଭୁତ ହୋଇଥାଏ । ଦୁଇଦଳ ହାତରେ ଦୁଇ ଦୁଇଟି ବାଉଁଶ ବାଡି ଧରି ନୃତ୍ୟ କରିଥାନ୍ତି । ଏହାର ଅଗ୍ରଭାଗ ଗୁରିଫଡା ହୋଇଥାଏ । ବାଉଁଶ ଫଡା ହୋଇଥିବାରୁ ଆଘାତ ପାଇଲେ ଠ-ଠଅ ଶବ୍ଦ ହୋଇଥାଏ । ଏବଂ ନୃତ୍ୟକାରୀ ଦଳ ଏହାର ପ୍ରତ୍ୟୁତରରେ ଓ ଓହ ଭଳି ଶବ୍ଦ କରିଥାନ୍ତି । ବିଶେଷ କରି ଏହା ରବିବାର ଦିନ ପରିବେଷଣ କରିବାର ଦେଖାଯାଏ । ଏହି ଦିନଟି ପାଖେଇ ଆସିଲେ ଗାଁ ଦାଣ୍ଡାରେ ଢୋଲ ବଜାଇ ସିନ୍ଧିବୋର ଉପରେଶିଶା (ମୁଖିଆ) ଘୋଷଣା କରିଥାନ୍ତି ପରବ ଆରମ୍ଭ ହେବାର ବାର୍ତ୍ତା । ତା ପରେ ଆରମ୍ଭ ହୋଇଯାଇଥାଏ ଗାଁର ଆବାଳବୃଦ୍ଧବନିତା ଠୁଳ ହେବାର ଏହି ନୃତ୍ୟକୁ ଉପଭୋଗ କରିବା ସକାଶେ ।

ସମସ୍ତେ ପ୍ରାୟ ମଦ ପିଇଥାନ୍ତି । ହାତରେ ଝଟି, ସଲପଡାଳ ନତୁବା ସଲପର କେରା, ଦେହରେ ଯୁବକ ସୁଲଭ ଚପଳତା, ଉଦ୍ଧିପନା, ବୀରତ୍ୱର ଭାବ, ପରସ୍ପରକୁ ଝାଟିରେ ଅବା କୋରଡା ରେ ଆଘାତ ଦେଇଥାନ୍ତି । ପରେ ହଳଦୀ ତେଲ ସେଇ ଆଘାତ ଜାଗାରେ ଲେପ ଦେଇଥାନ୍ତି । ପରେ ପରସ୍ପରକୁ ଛୁଇଁ କୋଳେଇ ନିଜନିଜ ଭିତରେ ରାଗ ହିଂସା ଭୁଲି ଯାଇଥାନ୍ତି । ସେମାନଙ୍କର ବିଶ୍ୱାସପ୍ରାପ୍ତ ହୋଇଥିବା ଆଗାମୀ ବର୍ଷରେ ତାର ଅଧିକ ଫସଲ ଅମଳ ହେବ । ତାହା ଅନ୍ଧବିଶ୍ୱାସ ବି ହୋଇଥାଇପାରେ । କିନ୍ତୁ ସେଇ ମାନଙ୍କର ବିଶ୍ୱାସ ଅଟଳ । ପ୍ରକୃତି ଉପରେ ସେଇମାନଙ୍କର ଅଗାଢ ବିଶ୍ୱାସ ରହିଛି । ସେମାନେ ବୁଝିଛନ୍ତି ପ୍ରକୃତି ସହିତ ମିଶି ରହିବାକୁ ହେଲେ ଧୈର୍ଯ୍ୟ, ଦୃଢତା, ଆତ୍ମବିଶ୍ୱାସ, ପ୍ରକୃତିର ସନ୍ତାନ ଭାବେ ତାରି ଉପରେ ବିଶ୍ୱାସ ରହିବା ନିତ୍ୟାନ୍ତ ଆବଶ୍ୟକ । ଏମାନଙ୍କର ବିକାଶ ନିମିତ୍ତ ବଣ୍ଡା ଉନ୍ନୟନ ସଂସ୍ଥା ନାମକ ଏକସଂସ୍ଥା କାର୍ଯ୍ୟକାରି ହେଉଛି । ଯାହାରି ଫଳରେ ଆଜି ସେମାନଙ୍କ ମଧ୍ୟରୁ ଅନେକ ଓଡିଶା ପ୍ରଶାସନିକ ସେବା, ପୋଲିସ ସେବା ତଥା ମେଡିକାଲ ସେବାରେ ଯୋଗ ଦେବା ଆରମ୍ଭ କଲେଣି ।

ନବରଙ୍ଗପୁର

# ଅଭିସାର

ଡ଼ଃ.ମଧୁମିତା ଷଡଙ୍ଗୀ

କାଶତଣ୍ଡୀ ଆସିଥାଏ
ପାର୍ବଣର ଋତୁ ନେଇ
ଭକ୍ତିର ଅର୍ଘ୍ୟ ସହ
ବନ୍ଦନାର ଥାଳ ନେଇ....
ପ୍ରିୟା ମୋର ଆସିଥାଏ
ସୌନ୍ଦର୍ଯ୍ୟ ପସର୍ ନେଇ
ପ୍ରୀତିର ସଂଭାର ସହ
ଉନ୍ମାଦର ଭାବ ବିହି ||
ସଜେଇ ହେଇଛି ସିଏ
ହଜେଇ ଦବାକୁ ମତେ
ତା'ର ଆଞ୍ଜୁଳାଏ ପ୍ରେମରେ
ଭିଜେଇ ଦବାକୁ ମତେ ||
ଗନ୍ଧର କୁସୁମ ତା'ର
ଚହଟାଏ ବାସନା
ମନରେ ମୋ ଭରିଦିଏ
ମହାର୍ଘ କାମନା ||
ବାସ୍ ପ୍ରିୟା ଆଉ ମୁଁ ଥିବୁ
ଥିବ ପୁଣି ମିଳନ ମଧୁର
ତା'ପ୍ରେମ ମୋ ପାଇଁ
ପ୍ରୀତି ଉପହାର ||

ମାଣିକଗୋଡ଼ା, ଖୋର୍ଦ୍ଧା

# ବର୍ଷା...



କେଶରୀ ପ୍ରସାଦ ମହାନ୍ତି

ନଦାଘ କୁ ଦେଇ ବିଦାୟ ଆସିଗଲ୍ ବରଷା ।
ଆକାଶ ରେ ମେଘ ଦେଖିଣ ପ୍ରୀତ ହୁଅଇ ଚଷା ॥
ବିଜୁଳ ଘଡଘଡି ସହ ମେଘ ବରଷା ।
ସଂଚଲ୍ କୃଷକ ପିଣ୍ଡ ରେ ଜୀବନ ଆଶା ॥
କୋଦାଳ ଧରିଣ ହାତରେ ଗ୍ଷୀ କ୍ଷେତ କୁ ଯାଏ ।
ତିନ ମୁଣ୍ଡ ଦଶ ଗୋଡ଼ କ୍ଷେତ ରେ ଶୋଭ୍ ପାଏ ॥
କ୍ଷେତ ରୁ କୃଷକ ବାଛଇ ବାଲୁଙ୍ଗା ଘାସ ।
ପୋକ ପାଇଁ ଖେତେ ମାରନ୍ତି ନନା ରକମ ବିଷ ॥
ନଦୀ ନାଳ ସବୁ ପୁରିଲ୍ ଜଳ ସଙ୍କଟ ଦୂର ।
ବନ୍ୟା  ପ୍ରଖର ସ୍ରୋତ ରେ ଭ୍ଙ୍ଗେ ଗ୍ଳ ଘର ॥
ସବୁଜ ଶ୍ୟାମଳ ଦିଶଇ ମର୍ତ୍ତ୍ୟ ପୁର ।
ଗ୍ତିରେ ସୁଭଇ ମାଣ୍ଡୁକ କର୍କଶ ସ୍ୱର ॥
ଧରିତ୍ରୀ ମଙ୍ଗଳ କାରିଣୀ ପର୍ୱ ଅଟେ ବରଷା ।
ସଂସାର ସାଗରେ ସଭିଙ୍କ ସେତ ଆଶା ଭରସା ॥

ଛାତ୍ର, ଉଦ୍ଭିଦ ବିଜ୍ଞାନ ଛାତ୍ର,
ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଳୟ, ଯାଜପୁର

# ମୃତ୍ୟୁ



ଲଲ୍ଟେନ୍ଦୁ ବାରିକ

ଏ ମହୀ ମଣ୍ଡଳେ ନେଇ ଜନମ
ରୁହନ୍ତି ନାହିଁ ଏଠି ହୋଇ ଅମର
ପ୍ରାଣ ଘଟ ପୁରି ଗଲେ ସଭିଙ୍କ ର
ଶରୀର ଠୁ ଆତ୍ମା ହୋଇ ଯାଏ ଦୂର
ଜନମ ପରେ ମୃତ୍ୟୁ ଏହାହିଁ ସତ୍ୟ
କାଳ ଚକ୍ର ପରି ଏହା ଘୂରଇ ନିତ୍ୟ
ବୃଦ୍ଧ କ ବାଳୁତ କିଛି ବୁଝେ ନାହିଁ
ସ୍ଥାନ କାଳ ପାତ୍ର ସେ ଦେଖେ ନାହିଁ
ଧନ ଯଉବନ ସବୁ ତା ଆଗେ ତୁଚ୍ଛ
ମରଣ ବୁଝେ ନାହିଁ ଏ ସବୁର ମୂଲ
ଆୟୁ ଯେବେ ଆସେ ପିଣ୍ଡେ ସରି ସରି
କେହି ପାରନ୍ତି ନାହିଁ ତାକୁ ଅଟକାଇ
ବିନା ନିମନ୍ତ୍ରଣ ବିନା ସ୍ୱାଗତରେ ସେ
ନେଇ ଯାଏ ପରାଣ ଜୀବ ଶରୀରେ
ସଂସାର ରେ ସେ ନାନା ସ୍ମୃତି ଥୋଇ
ଗ୍ଲଲି ଯାଏ ପରାଣ ସଭିଙ୍କୁ କନ୍ଦାଇ
ଗରବ ଅହଙ୍କାର ସବୁ ଭୁଲି ଯାଇ
ଖୁସି ଆନନ୍ଦେ ଜୀବନ ଦିଅ ବିତାଇ
କେ ଜାଣେ କାହାର ପୁରିବ ଘଡ଼ି

ଯିବା ଦିନେ ଆମେ ଏ ଦୁନିଆ ଛାଡି
ଦୁନିଆ ଆସି ଛେ ଶୂନ୍ୟ ହସ୍ତରେ
କିଛି ନେବା ନାହିଁ ଗଲେ ସାଙ୍ଗରେ
ଛ ଖଣ୍ଡ ବାଉଁଶ ଖଇ କଉଡ଼ି ରେ
ଲୀନ ହେବା ସଭିଏଁ ଶ୍ମଶାନ ଭୂଇଁରେ

ବାସୁଦେବପୁର, ଭଦ୍ରକ

# ରଜ



ତପନ ଦୀକ୍ଷୀତ

ଉତ୍କଳ ର ଗଣପର୍ବ । ଅର୍ଣ୍ଣଦାତ୍ରୀ ଙ୍କୁ ସମ୍ମାନ ପ୍ରଦାନ କରିବାର ଉତ୍ସବ । "ର" ଅର୍ଥ ସଂସାର ଓ "ଜ"" ଅର୍ଥ ଯୋଚବା ।

ସନାତନ ଧର୍ମ ରେ କୌଣସି ନାରିର ଋତୁସ୍ରାବ ପ୍ରଥମ ତିନଦିନ  ଯଥାକ୍ରମେ- ଗ୍ଣ୍ଡାଳ, ବ୍ରହ୍ମଘାତିନୀ, ଓ ରଜକୀ ହୋଇଥାଏ  | ଚତୁର୍ଥ ଦିନରେ ଶୁଦ୍ରା ଓ ପଞ୍ଚମ ଦିନରେ ରମଣ ଯୋଗ୍ୟ ହୋଇଥାଏ  | ଭୂମି ଙ୍କୁ ଦେବୀ ରୂପେ ଗ୍ରହଣ କରାଯାଇଛି । ଏହା ହିଁ ରଜ ପର୍ବର ଶାସ୍ତ୍ରୀୟ ଆଧାର ।

"ବନସ୍ତେ ଡାକଲା ଗଜ........", ଓଡିଆ ଘର ର ଝିଅ ଭୁଆଷୁଣି ମାନଙ୍କର ରଜ ରେ ବହୁ ଚର୍ଚ୍ଚିତ ଲୋକ ଗୀତ । ଏହା ମୂଳ ରେ ନହିତ ଅଛି ଜଗନ୍ନାଥୀ ପରମ୍ପରା । ସଂସାର ଏକ ବନସ୍ତ ବା ଜଙ୍ଗଲ, ଏଥିରେ ହସ୍ତି ସ୍ୱୟଂ ନୀଳବ୍ରହ୍ମରାଶି ପରଂବ୍ରହ୍ମ ଶ୍ରୀଜଗନ୍ନାଥ । ରତ୍ନ ସଂହାସନ ର ଭୂଦେବୀ ରଜସ୍ବଳା ହେବେ, ତିନ ଦିନ ପରେ ପ୍ରକୃତି-ପୁରୁଷଙ୍କର ମିଳନ ହେବ । ସତରେ କେତେ ନଆରା ଓ ମହାନ ଆମ ପ୍ରଥା, ପରମ୍ପରା । ମହାନ ଆମ ସଂସ୍କୃତି, ସଭ୍ୟତା । ପବିତ୍ର ଆମ ପର୍ବପର୍ବାଣି ।

ରଜ ଓଡ଼ିଶାର ଏକ ପାରମ୍ପାରିକ ପର୍ବ ଓ ରାଜ୍ୟର ଗଣପର୍ବ । ଏହା ତିନଦିନ ଧରି ପାଳନ କରାଯାଇଥାଏ । ଏହାର ଦ୍ୱିତୀୟ ଦିନରେ ମିଥୁନ ମାସର ଆରମ୍ଭ ଓ ଏହା ପରେ ବର୍ଷା ଋତୁ ଆରମ୍ଭ ହୁଏ । ରଜ ସଂକ୍ରାନ୍ତିର ପୂର୍ବଦିନ ପହିଲି ରଜ, ଦ୍ୱିତୀୟ ଦିବସ ହେଉଛି ରଜ ସଂକ୍ରାନ୍ତି, ତୃତୀୟ ଦିବସ ହେଉଛି ଭୂମିଦାହ ବା ଭୂମି ଦହନ, ଚତୁର୍ଥ ତଥା ଅନ୍ତିମ ଦିବସ ହେଉଛି ବସୁମତୀ ସ୍ନାନ । ଏହା କୃଷର ଆରମ୍ଭକୁ ସୂଚାଇଥାଏ | ରଜ ଶବ୍ଦର ଆକ୍ଷରିକ ଅର୍ଥ ରଜବତୀ ହେବା, ଯାହା ପୃଥିବୀକୁ ମାତା ଭାବରେ ବିବେଚନା କରି ବର୍ଷାର ଆଗମନରେ ସେ ରଜସ୍ୱଳା ହେବାର ଓ ନୂଆ ଶସ୍ୟ ଜନ୍ମ ହେବାର ସାଙ୍କେତିକ ଭାବ ବହନ

କରିଥାଏ । ଏହି ଦିନରେ ଚାଷୀମାନେ ବସୁମତୀ ତଥା ହଳଲଙ୍ଗଳ ପୂଜନ କରିବା ସହ ଚାଷ କାମରୁ ତିନ ଦିନ ପାଇଁ ବିରତି ନେଇଥାନ୍ତି । ରଜରେ ପୋଡ଼ ପିଠା ଓ ପାନ ଖିଆ ସହିତ ଝିଅମାନଙ୍କ ରଜ ଦୋଳି ଓ ପୁଚ ଖେଳ ସହ ପୁଅମାନଙ୍କ ଲୁଡୁ, ତାସ, ବାଗୁଡ଼ି ଆଦି ଖେଳ ଏହି ଦିବସଟି ପାଳନ କରାଯାଇଥାଏ ।

ଆଷାଢ ମାସ ଚତୁର୍ମାସ୍ୟା ବ୍ରତର ପ୍ରଥମ ମାସ । ଏ ଚାରି ମାସ ମୁନି ଋଷି ଓ ସାଧବମାନେ ସେମାନଙ୍କ ପରିଭ୍ରମଣ ତ୍ୟାଗ କରି ଏକସ୍ଥାନରେ ନିବିଷ୍ଟ ହୋଇ ସାଧନା କରିଥା'ନ୍ତି । ଏହି ମାସକୁ ଦାମ୍ପତ୍ୟ ଜୀବନର ସର୍ବଶ୍ରେଷ୍ଠ ସମ୍ଭୋଗର ମାସ ବୋଲି ଗ୍ରହଣ କରାଯାଏ । ବିରହ, ବିଧୂର ଯକ୍ଷର ପ୍ରିୟା ଉଦ୍ଦେଶ୍ୟରେ ମେଘ ମାଧ୍ୟମରେ ପ୍ରେରିତ ବାର୍ତ୍ତାକୁ ନେଇ ମହାକବି କାଳିଦାସଙ୍କ ରଚିତ "ମେଘଦୂତ' ମହାକାବ୍ୟ ଏକ ଅନବଦ୍ୟ ସାଂସ୍କୃତିକ ବୌଦ୍ଧିକ ପ୍ରତିଲିପି ଓ ଇତିକଥା । ଆଷାଢ଼ ମାସରେ ପ୍ରଥମ ବର୍ଷାର ଆଗମନରେ ମେଘ ଓ ମାଟିର ମିଳନ ହୁଏ । ମାଟି ମା' ହୁଏ ରଜସ୍ୱଳା । କୃଷିପ୍ରଧାନ ଦେଶ ଭାବେ ଖ୍ୟାତି ଲାଭ କରିଥିବା ଆମ ଦେଶରେ ମାଟି ମା' ବହୁ କିସମର ଫସଲ ଫଳାଇ ଆମରି ହାତରେ ଅଜାଡ଼ି ଦିଏ । ମା'ଟିଏ ଯେମିତି ପ୍ରଜନନ ପୂର୍ବରୁ ବିଶ୍ରାମ ଆବଶ୍ୟକ କରେ, ସେମିତି ପ୍ରଜନନକ୍ଷମ ହେବାକୁ ଯାଉଥିବା ମାଟି ମା'କୁ ରଜ ତିନିଦିନ ବିଶ୍ରାମ ଦିଆଯାଏ ବୋଲି ବିଶ୍ୱାସ ଅଛି । ପହିଲି ରଜରେ ଆରମ୍ଭ ହୁଏ ପ୍ରସ୍ତୁତି ପର୍ବ । ତିନିଦିନ ଧରି ଧରଣୀ ମାତାକୁ ବିଶ୍ରାମ ଦିଆଯାଏ, ଯେଉଁଥିପାଇଁ ଭୂ-ଖନନ ବାରଣ କରାଯାଇଥାଏ । ମାତୃଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ପାଳନ କରାଯାଇଥାଏ ରଜପର୍ବ । କୁମାରୀମାନଙ୍କ ପାଇଁ ରଜପର୍ବ ହେଉଛି ତାଲିମ ପ୍ରଦାନକାରୀ ପର୍ବ । ଆଷାଢ଼ର ପହିଲି ବର୍ଷାରେ ମାଟି ମା'ର ପ୍ରଜନନ ଶକ୍ତି ଜାଗ୍ରତ ହୋଇଥାଏ, ଏହି କାରଣରୁ ଧରଣୀମାତାକୁ ରଜସ୍ୱଳା ସ୍ତ୍ରୀ ସହିତ ତୁଳନା କରାଯାଏ । ଅବିବାହିତା ଝିଅଙ୍କ ପାଇଁ ଗର୍ଭଧାରଣ କ୍ଷମତା ପ୍ରାପ୍ତିର ଏକ ସାଙ୍କେତିକ ପର୍ବ ହେଉଛି ରଜ । ଜଣେ ନାରୀଭାବେ ଆଗାମୀ ଦିନରେ କପରି କର୍ତ୍ତବ୍ୟ ସମ୍ପାଦନ କରିବାକୁ ହେବ, ତାହା କୁମାରୀ ମାନଙ୍କୁ ଶିଖିବାକୁ ପଡ଼ିଥାଏ, ଏହି ରଜ ପର୍ବ ପାଳନ ଅବସରରେ । କୁମାରୀମାନେ ରଜପର୍ବର ମଉଜ ଭିତରେ ଜଣେ ନାରୀର ଚଳଣି, ଆଚାରସଂହିତାକୁ ବିଧିଭାବେ ପାଳଥାଆନ୍ତି ଏବଂ ଭବିଷ୍ୟତରେ ଯେତେବେଳେ ଝିଅଟିଏ ନାରୀଭୂମିକାରେ ଅବତୀର୍ଣ୍ଣ ହୋଇ କର୍ତ୍ତବ୍ୟ ସମ୍ପାଦନ କରେ, ଏହି ଆଚାରସଂହିତା ତାକୁ ସହାୟ ହୋଇଥାଏ । ରଜ ତିନିଦିନ ଧରି ରଜସ୍ୱଳା ନାରୀଭାବେ ଧରଣୀମାତାକୁ କଷ୍ଟ ନ ଦେଇ ଭୂମି କର୍ଷଣ ନ କରି ବିଶ୍ରାମ ଦେଲାଭଳି କଟା, ବଟା ଆଦି ଗୃହକର୍ମ ନ କରି କୁମାରୀମାନେ ବିଶ୍ରାମ କରନ୍ତି । ଧରଣୀ ମାତା ଶସ୍ୟଶ୍ୟାମଳାପୂର୍ଣ୍ଣ ହେବା ପାଇଁ ପ୍ରାଥମିକ

ପ୍ରସୁତି ଭାବେ ରଜ ତିନଦିନ ବିଶ୍ରାମ ମିଳଥାଏ ତାଙ୍କୁ । ଠିକ ସେହିପରି ଝିଅବୋହୂମାନଙ୍କ ଭବିଷ୍ୟତ ସାଂସାରିକ ଜୀବନ ସୁଖମୟ କରିବାକୁ ରଜପର୍ବର କଳ୍ପନା କରାଯାଇଛି । ରଜପର୍ବର ବିଧିବିଧାନକୁ ସେମାନେ ନିଜେ ପାଳନ କରି ଜଣେ ମାତାର କର୍ତ୍ତବ୍ୟକୁ ସୁଚାରୁରୂପେ ତୁଲାଇପାରିବେ ଏବଂ ଭବିଷ୍ୟତରେ ନିଜ ଝିଅମାନଙ୍କୁ ସ୍ୱଅନୁଭୂତିରୁ ଶିଖି ସଂସାର ନିୟମ ଶିଖାଇବେ ।

ପରମ୍ପରା ଅନୁସାରେ ଏହି ଦିନ ଭୂମି ଉପରେ ଖାଲିପାଦରେ ଚାଲିବାକୁ ମନା କରାଯାଇଥାଏ। କୁମାରୀମାନେ ଖାଲି ପାଦରେ ଚାଲନ୍ତି ନାହିଁ, ଅଧିକାଂଶ ସମୟ ଦୋଳରେ ଝୁଲନ୍ତି ଏବଂ ଗୁଆ ଖୋଳପା କମ୍ବା ଚପଲ ପିନ୍ଧି ଚଳପ୍ରଚଳ ହୁଅନ୍ତି ।

ବସୁମତୀ ସ୍ନାନ ହେଉଛି ରଜ ପର୍ବର ଅନ୍ତିମ ଦିବସ । ଏହା ବସୁଧାମାତାଙ୍କ ଶୁଦ୍ଧ ସ୍ନାନ । ଏହା ଧରାସ୍ନାନ, ମହାଲକ୍ଷ୍ମୀ ସ୍ନାନ, ମହାଲକ୍ଷ୍ମୀ ଗାଧୁଆ ଓ ଶୁଦ୍ଧ ସ୍ନାନ ରୂପେ ପ୍ରଖ୍ୟାତ । ବଡ଼ି ସକାଳୁ ଶିଳପୁଆରେ ହଳଦୀ କନା ଗୁଡ଼ାଇ ସିନ୍ଦୂର, କଜଳ ଦେଇ ଧରଣୀ ମାତାଙ୍କ ସ୍ୱରୂକୁ ସଜାଇ ପିଢ଼ା ଉପରେ ସ୍ଥାପନା କରି କଳସ ଆମ୍ବଡ଼ାଳ ରଖି କ୍ଷୀର ଦେଇ ସ୍ନାନ କରାଯାଏ । ମାସିକ ଧର୍ମର ବିଧି ଅନୁଯାୟୀ ଧରଣୀ ମାତା ତିନଦିନ ବିଶ୍ରାମ ପରେ ସ୍ନାନ କରି ଶୁଦ୍ଧ ପବିତ୍ର ହୋଇଥା'ନ୍ତି ।

ମାର୍ଗଶୀର ଶେଷ ଗୁରୁବାରଦିନ ବନ୍ଦ ହୋଇଥିବା ମହାଲକ୍ଷ୍ମୀ ପେଡ଼ି ଏହି ଦିନ ଖୋଲାଯାଇଥାଏ । ରଜସ୍ୱଳାନାରୀ ସଦୃଶ ତିନଦିନ ଅସ୍ପୃଶ୍ୟ ହୋଇ ରହିବାପରେ ଚତୁର୍ଥ ଦିନ ପ୍ରାତଃ କାଳରେ ଏହି ଶୁଦ୍ଧ ସ୍ନାନ ପର୍ବ । ଏହି ଦିନ ରଜପର୍ବର ଆନନ୍ଦ ଉଲ୍ଲାସ ମଉଳ ଯାଇ ଆଧାତ୍ମିକତା ସ୍ଥାନ ନେଇଥାଏ । ଏହି ବସୁମତୀ ସ୍ନାନ ଦିବସରେ ଧରଣୀ ମାତା ପ୍ରତି ଭକ୍ତିଭାବ ଜାଗ୍ରତ ହୋଇଥାଏ । ବସୁମାତା ରଜସ୍ୱଳା ହୋଇ ଶୁଦ୍ଧସ୍ନାନ ପରେ ସୃଜନ କ୍ଷମତାଶୀଳା ଅର୍ଥାତ ଶସ୍ୟ ବୀଜ ଧାରଣକାରିଣୀ ହୋଇପାରିଥାନ୍ତି ।

ଏହି ପର୍ବରେ ବୋଲାଯାଉଥିବା ଜଣାଶୁଣା ଗୀତ ଯାହା ଆଗେ ଗାଆଁ ଗହଳରେ ଜନ୍ମ ନେଇଥିଲା ଏବଂ ଲୋକ ମୁଖରେ ବୋଲାଯାଉଥିଲା ପୁରୁଷ ପୁରୁଷ ଧରି ଓ ଧିରେ ଧିରେ ତାହା ଓଡ଼ିଆ ସାହିତ୍ୟ ଭିତରକୁ ଆସିଲା ।

"ବନସ୍ତେ ଡାକଲା ଗଜ,

ବରଷକେ ଥରେ ଆସିଛି ରଜ,
ଆସିଛି ରଜ ଲୋ
ଘେନ ନୂଆ ସଜବାଜ ।

ରଜ ଦୋଳ କଟ କଟ,
ମୋ ଭାଇ ମଥାରେ ସୁନା-ମୁକୁଟ,
ସୁନା ମୁକୁଟ ଲୋ
ଦିଶୁଥାଏ ଝଟମଟ ।"

ଝିଅ ମାନଙ୍କର ଖୁବ୍ ମନୋଖୋଲା ଗୀତ ଏହି ପର୍ବରେ ବେଶ ରୁଚପୂର୍ଣ୍ଣ । ସେହି ଗୀତରୁ କଛି ରଜଦୋଳ ଗୀତ :

ବନସ୍ତେ ଡାକଲା ଗଜ,
ବରଷକେ ଥରେ ଆସିଛି ରଜ ଲୋ,
ଘେନ ନୂଆ ସଜବାଜ ।
ଘଶିରୁ ଛାଡ଼ିଲା ଗ୍ଲେପା,
ଗୋଡ଼ରେ ନାଇଛୁ ସରୁ ଅଳତା ଲୋ,
ମଥାରେ ସିନ୍ଦୂର ଟୋପା ।
ଉଡ଼ିଲା ଶୁଆ ନାହାକା,
ଦୋଳଟା କାହିଁକି ଲାଗୁଛି ଏକା ଲୋ,
କାହା ବିନା ଏକା ଏକା ।
ପାଚଲା ବଇଁଚ କୋଳ,
ବେକରେ ନାଇଚ ଗଜରା ମାଳ ଲୋ,
ଝୁଲାଅ ରଜର ଦୋଳ ।

ପଣସ ପାଚଲା ବନେ,

ବନ ପୋଡ଼ିଗଲେ ଦୁନଆ ଜାଣେ ଲୋ,
ମନକଥା କଏ ଜାଣେ ।

ଶଙ୍ଖ ମଲମଲ ଗିନା,
ଦରଦ ଜାଣେଲୋ ଦରଦୀ ସିନା ଲୋ,
ବଣିଆ ଚହ୍ଲେଟି ସୁନା ।
ନମ୍ବର ବୁକେ ଚନ୍ଦନ,
ଦେବତା ଗଢ଼ାଇଲା ନାରୀ ଜୀବନ ଲୋ,
ଦେଲା ତହିଁ ଯଉବନ ।
ଢମଣା ଛାଡ଼ିଲା କାତି,
ପୁରୁଷ ସିନାଲୋ ଭ୍ରମର ଜାତି ଲୋ,
ନୂଆ ଖୋଜୁଥାନ୍ତି ନତି ।
ଗୁନ୍ଦରେ କଳଙ୍କ ଚହ୍ନ,
ନବ ଯଉବନ କଆଁ ଗୁମାନ ଲୋ,
ଆସିଲେଣି ଜୀବ ଧନ ।
ପୋଖରୀ ତୁଠ ପଥର,
ତତେ ଦେଖିଥିଲି ବାଲି ବନ୍ଧରେ ଲୋ,
ଆଖି ଥିଲା ଏଣେ ତୋର ।
ସାହାଡ଼ା ଗଛର ଛାଇ,
ସେଦିନ କଥାକ ତୋ ମନେ ନାଇଁ ଲୋ,
ଏତେ ଆନମନା କାହିଁପାଇଁ ।
ଖୋସାରେ ଖୋସିଲି ଫୁଲ,
କେତେ ଦେଖାଉଛୁ ନୁଖୁରା ଗେଲରେ,
ଭାଙ୍ଗି ଦେବି ତୋର ଗାଲ ।
ନଈର ଶୁଖିଲା ବାଲି,
କେତେ ଫୁଲି ହେଉ ପୁଚୁକଗାଲି ଲୋ,
ଦେଖାଉଛୁ କେତେ ବେଲି ।

ବାଜିଲା ତେଲିଙ୍ଗି ବାଜା,
ରସିକ ଯେ ଜାଣେ ସ୍ନେହର ମଜା ରେ,
ସେ ସିନା ମୋ'ମନ ରଜା ।
ଲୁଚଗଲା ମେଘେ ଗୃନ୍ଦ,
ଦୋଳ କଟକଟ କରେ ଶବଦ ଲୋ,
ବହନ୍ତେ ପବନ ମନ୍ଦ ।
ଦୋଳ ହୁଏ ରଟରଟ,
ମୋ ଭାଇ ମୁଣ୍ଡରେ ସୁନା ମୁକୁଟ ଲୋ,
ଦିଶୁଥାଏ ଝଟଝଟ ।
ପରବତେ ଜଳେ ନିଆଁ,
ପହଞ୍ଚାଇ ଦୋଳ ତେଣେ ନ ଗୃହାଁ ଲୋ,
ପୁଣି ହେବ ବାଆଁ ଡାଁ ।
ଉତୁରି ପଡ଼ିଲା ଦୁଧ,
ଉଙ୍କି ମାରି ମାରି ଅନାଉ ଥାଏ ଲୋ,
ନନ୍ଦର ଉଦିଆ ଗୃନ୍ଦ ।
ଛତର ବଜାର ହାଟ,
ଛକ ବସିଥିବ ଚଗଲା କାହ୍ନୁଲୋ,
ଛନ୍ଦରେ ମାଗିବ ଘାଟ ।
ଥୋଡ଼ମଞ୍ଜା କଲି ରାଇ,
କଣ ନ କଲେ କଳା କହ୍ନାଇ ଲୋ,
ମୁହଁକୁ ଯା ନ ଅନାଇ ।
କରମଙ୍ଗା କଲି ରାଇ,
ମଥୁରାକୁ ଗଲେ କଳା କହ୍ନାଇ ଲୋ,
କଷ୍ଟ ଦେଇ ଗଲେ କାହିଁ ।
ସାଉଁଟିଲି ବିଲ ଘଷି,
କମ୍ପାଇଁ ରାଧିକା ବସିଲା ରୁଷି ଲୋ,
ଫୁଲ ଶେଜ ହେଲା ବାସି ।

କଟକଟ ହୁଏ ଦୋଳ,
ଘାଉଜଙ୍କ ମନ ଯାଇଛି ଜଳ ଲୋ,
  ଘାଇ ବିଦେଶୁ ନଇଁଲେ ବୋଲି ।
ଗରଜେ କଳା ବଉଦ,
ମୋତେ ତ ବରଷ ହେଲା ଚଉଦ ଲୋ,
  ଗଲାଣି ପିଲା ସୁଆଦ ।
ବଇଁଶୀ ବାଜିଲା କୁଞ୍ଜେ,
ବଡ଼କଥା ବଡ଼ ଲୋକଙ୍କୁ ସାଜେ ଲୋ,
  ଛୋଟ କଲେ ଛାଟ ବାଜେ ।
ଲାଞ୍ଜ ଟେକଗଲା ବାଘ,
ନଇଁ ଚାଲୁଥିବ ବଡ଼ଙ୍କ ଆଗେ ଲୋ,
  ଲାଗିବ ନାହିଁଟି ଦାଗ ।
ଛତୁ ଫୁଟେ ବରଷାରେ,
ଛତରାଟା କେତେ ଛଇ ଦେଖାଉ ରେ,
  ଅଛି କ ତୋ ଭରଷାରେ ।
କରଡ଼ି ଖସିଲା ଆମ୍ବ,
ପର କାହୁଁ ଘର ପରାଣୀ ହେବେ ରେ,
  ମନ ଜାଣି ଖଞ୍ଜି ଦେବ ।
ବିରାଡ଼ି ଛିଙ୍କିଲା ବଣେ,
ଆଗରେ ଯାଉଛି ନାଗର ଜଣେ ଲୋ,
  ମୁଣ୍ଡି ଝାଡୁ ଖାଲି ପଣେ ।
ଅଦିନେ ପଣସ ସିଠା,
ବଚନରେ ଯାର ନଥଏ ମିଠା ଲୋ,
  ସେଟା ବାଡ଼ ପକା କଣ୍ଟା ।
ପାହାନ୍ତି ରାବିଲେ ପେଚା,
ଯିଏ ହୋଇଥିବ ସିଂହର ବଚ୍ଚା ଲୋ,
  ନ ଦେବ ପଛଘୁଞ୍ଚା ।

ମଇଁଷି ଶିଙ୍ଗରେ ଖସା,
ମଉସା ପୁଅଟା ଏଡ଼େ ସହସା ଲୋ,
ମତେ କଲା ଲୋକହସା ।
ଜାଗା ମାରିଦେଲା ବାଣ ,
ଯାହାଠାରେ ଯାର ମିଶିଛି ମନ ଲୋ,
ସେହି ଜାଣେ ତାର ଗୁଣ ।
କାଟି ଗଲି କଳା ଦୁବ,
ଝିଅ ଜନମରେ ଏତିକ ଲାଭ ଲୋ,
ବନ୍ଧୁ ଘର ଅରଜିବ ।
କାଳୀଗାଇ ଦୁଧ କ୍ଷୀରି,
ନୂଆ ପୀରତିରେ ମଉଜ ଭାରି ଗୋ,
ପୁରୁଣାଟି ନମ୍ବ ପରି ।
ଆମ୍ବ ପତ୍ର ଗହଳଆ,
ପ୍ରୀତି ପଙ୍କେ ତୁହି ହେବୁ ଗୋଳଆ ଲୋ,
ତୋଫା ହେବଟି ଧୁଳଆ ।
ଥିରି ଥିରି ଗ୍ଲେ ହାତୀ,
ଥୟ ନ ହେଉଛି କମ୍ପା ଏ ଛାତି ଲୋ,
ଥକା ଦୋଳ ହେଲା ଗ୍ତି ।

ରଜରେ ପିଠାପଣା ବ୍ୟତୀତ  ପାନଖିଆ ଏକ ପୁରୁଣା ଓଡ଼ିଆ ପରମ୍ପରା । ପ୍ରୀତିର ବନ୍ଧନ ହେଉଛି ପାନ । ପ୍ରୀତି, ପ୍ରେମ, ବନ୍ଧୁତାର ଛ'ଲକ୍ଷଣ ଏ ଦେଶରେ ନର୍ଦ୍ଧାରିତ କରାଯାଇଛି । ଦିଏ, ନଏ, ଖାଏ, ଖୁଆଏ, ଗୋପନ କଥା କହେ ଓ ପଗ୍ରେ, ଏ ଛ'ଟି ଆନ୍ତରିକତା ଓ ନବିଡ଼ତାର କଥା | ଭୋଜନ ଶେଷରେ ତାମ୍ବୁଳ ସେବା ଏକ ପ୍ରାଣମୟ ବ୍ୟବସ୍ଥା । ଓଡ଼ିଆଙ୍କ ଠାକୁର ବଡ଼ଠାକୁର ଜଗନ୍ନାଥ ପ୍ରତିଦିନ ଭୋଜନାନ୍ତେ ତାମ୍ବୁଳ ସେବା କରି ନଦ୍ରା ଯାଆନ୍ତି । ପାନ ହେଉଛି ମୁଖବାସ, ପରିତୋଷ । ରଜ ସହିତ ପାନ ଯୋଡ଼ିହେବା ପଛରେ କଥା ଅଛି, ଏଡା ବନ୍ଧୁତାର ଡୋରିକୁ ସୁଦୃଢ କରିବ । ରଜରେ ଝିଅମାନେ ସମସ୍ତଙ୍କୁ ପାନ

ଦବାନବା କରିଥାନ୍ତି । ଆୟୁର୍ବେଦ ଶାସ୍ତ୍ର ଅନୁସାରେ ପାନ ଜୀର୍ଣ୍ଣକାରକ ଏବଂ କୃମିନାଶକ । ପାନରେ ଦିଆଯାଉଥିବା ଚୂନ ଲୌହଶକ୍ତି ପୂର୍ଣ୍ଣ (କ୍ୟାଲସିଅମ) ଓ ଖଇର ଦାନ୍ତକୁ ମଜଭୁତ କରିଥାଏ । ପାନ ଖାଇଲା ବେଳେ ପତ୍ରରୁ ଶିରା ଛେଦନ କରାଯାଇଥାଏ କାରଣ ପାନଶିରା ହେଉଛି ବୁଦ୍ଧି ବିନାଶିନୀ । ରଜପାନର ଚମକ ଓ ମହକ ସାରାବର୍ଷର ପାନକୁ ବଳିଯାଏ, ରଜ ଆଭୂଷଣକୁ ଆହୁରି ମୁଗ୍ଧକର କରିଦିଏ । ରଜପାନରେ ଗୁଆ, ଅଳେଇଚ, ଗୁଜୁରାତି, ଭଜା ଧଣିଆ, ଗୁଅଳ ଓ ନଡିଆ ଖଣ୍ଡ, ଚେରି, ଲବଙ୍ଗ, କବାବଚନି, ଚୁଆ, ପାନ ମହୁରି, ସୁବାସିତ ଜାଫ୍ରାନ କେଶର, ଖଇର ପରି ୧୦ରୁ ୧୨ ପ୍ରକାର ମସଲା ବ୍ୟବହୃତ ହୁଏ । ଏହାକୁ ବିଭିନ୍ନ ଢଙ୍ଗରେ ତ୍ରିଭଙ୍ଗି, ଚଉଭଙ୍ଗି ଆକୃତି ଦେଇ ଉପରେ ଲବଙ୍ଗ ଖୋସି ଅତି ସୁନ୍ଦର ଭାବେ ଥାଳରେ ସଜାଇ ଦିଆଯାଏ । ସାଧାରଣ ଦିନର ପାନଠାରୁ ରଜପାନର ସ୍ୱାଦ ସ୍ୱତନ୍ତ୍ର ।

ଓଡ଼ିଆଙ୍କ  ପର୍ବପର୍ବାଣୀ ଖୁବ୍ ନିଆରା ଏଥିରେ ସ୍ନେହ ବନ୍ଧନ ସହ ପ୍ରକୃତି ତଥା ଓଡ଼ିଆଙ୍କ ଭକ୍ତି, କଳାନିପୁଣତା ସ୍ପଷ୍ଟ ବାରିହୋଇପଡେ ।

ରିଙ୍ଗନୱାଡା, ସୋମନାଥ,
ଦମନ ୩୯୬୨୧୦

# ଆନମନା ମନ



ପ୍ରିୟଦର୍ଶିନୀ ମହାନ୍ତି

ବୟସର ଅପରାହ୍ନେ ଖୋଜେ ଆଜି
ପ୍ରେୟସୀ ଜହ୍ନକୁ,
ଜହ୍ନରେ ଦିଶେନି ଆଉ ପ୍ରେମିକାର ଛାପ
କି ପ୍ରେମର ଗପ
ଦିଶେଯାହା ନିରାଶ, ହତାସ ଆଉ
ଜୀବନର ଅନ୍ତ ।

ଦେଇଥିଲି କେବେ ଥରେ ଆଖି ମିଟିକାରେ
ପ୍ରେମର ସନ୍ଦେଶ,
ହସିଦେଇ ଲାଜେ କରିଥିଲା ସେ ମୋତେ
ମନର ମଣିଷ ।

କ୍ଷୀଣ ଦେହ ଅବଶ ମନରେ
ମନ ପଡେ ଘଟିଛି ଯା' ଯୁବାକାଳେ
ପ୍ରେମ, ବିରହ ଆଉ ମିଳନର ରାଗ
ଭୋଗିଥିଲୁ ଦୁହେଁ ମିଶି
ଆଜି ତାହା ଭୁଲେ...

କ୍ଷଣ ଭଙ୍ଗୁର ଏ ଜୀବନ ଯୌବନ
କ୍ଷଣସ୍ଥାୟୀ ଏ ତନୁ
କିନ୍ତୁ ତଥାପି ଖୋଜୁଛି ପ୍ରିୟାର ପରଶ
ଆନମନା ମନ...

ପ୍ରିୟା ମୋର ବହୁ ଦୂରେ
କରିଛି ଜହ୍ନ ପାଖେ ଘର,
ତାରାମେଳେ ତାର ଗହଳ ଚହଳ..
ମୁଁ ପଞ୍ଜରା ହାଡ଼ ଉପରେ
ପତଳା ଚମଡା ଧରି
ଅପେକ୍ଷା ଯିବା ପାଇଁ ପାଶେ ତା'ର...

ଶିକ୍ଷୟିତ୍ରୀ
ଜଟଣୀ, ଖୋର୍ଦ୍ଧା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

www.editor.vedantimagazine@gmail.com

# ଶିଳ୍ପୀ



ସ୍ୱର୍ଣ୍ଣମୟୀ ଷଡଙ୍ଗୀ

ଶିଳ୍ପୀ ତୁମ ନିହାଣ ମୁନର
ଯାଦୁକରୀ ସ୍ପର୍ଶରେ
ଅଲୋଡ଼ା ଆଖୋଜା ଭଙ୍ଗାରୁଜା ପଥର
ଛାତିରେ ଜାଗେ ପ୍ରାଣର ସ୍ପନ୍ଦନ,
ପଥର କଥା କହେ, ତୁମ ଆମ ଜୀବନର
କଥା, ଚୁପି ଚୁପି ହସେ, ଗୀତ ଗାଏ, ମିଳନର
ଗୀତ, ନିଝୁମ୍ ରାତିରେ ଶୁଭେ ତାର ଘୁଙ୍ଗୁରର
ରୁଣୁଝୁଣୁ ଶବ୍ଦ,ତୁମ ଅଲକ୍ଷ୍ୟରେ ସେ ପାଲଟି
ସାରିଥାଏ,ତୁମ ମନର ମାନସୀ, ଅପରୂପା
ଅନନ୍ୟା ସୁନ୍ଦରୀ।।

ଶିଳ୍ପୀ ତୁମେଇତ ବିଶୁ ମହାରଣା
ତୁମେଇତ ବାରଶ ବଢେଇ, ଲହୁ
ଢାଳ ଲୁହ ଢାଳ ଦିନ ନାହିଁ ରାତି ନାହିଁ
ଶ୍ରମ ଝାଳ ନଗାଡି ନଗାଡି ତୁମେ ଗଢ଼ିଥିଲ
କଳାର କୋଣାର୍କ, ସେଇ ମନ୍ଦିର ଗାତ୍ରରେ
ଲେଖିଥିଲ ତୁମେ ଶିଳାର ଛାତିରେ ତୁମ
ହୃଦୟ ର କୋହ, ତୁମ ଅସହାୟ ପିତୃତ୍ୱ
ତୁମ ମନର ଜ୍ୱାଳା ଯନ୍ତ୍ରଣା।।

ସେଦିନ ପାହାନ୍ତି ରାତିରେ ତୁମ ଅସହାୟ
ପଣ ସୀମା ଟପି ବରିଥିଲ୍ ସଲୀଳ ସମାଧୀ
ହସୁଥିଲ୍ କଳାର ପାଗୋଡ଼ା, ହସୁଥିଲେ

ସୂର୍ଯ୍ୟ ଦେବ, ଢାଳ ଦେଉଥିଲେ ସୁନାର
କରଣ, ତୁମେ ଝାରୁଥିଲ ଲୁହର ଝରଣା
ସେ ଝରଣା ମିଶିଯାଉଥିଲା ସୀମା ହୀନ
ଦରିଆ ଛାତିରେ, ସେ ଦରିଆ ଦରଦୀ ,
ବୁଝୁଥିଲା ତୁମ ଅନ୍ତର କୋହକୁ, ନିରନ୍ତର
ମଥା ପିଟୁଥିଲା ମନ୍ଦିର ବେଢାରେ ।।

ରାଜା ଲାଙ୍ଗୁଳା ସେତ ହୃଦୟ ହୀନ,
ବୁଝିଲେନ ଶିଳ୍ପୀ କୁଳ ବ୍ୟଥା, ବୁଝିଲେନ
ତୁମ  ଲୁହବୁହା ଆଖିର ଅକୁହା ଭାଷାକୁ,
ଅମର  କୀର୍ତ୍ତି ରାଜିରେ ମୁକୁଟ ମଣ୍ଡିତ ହେଲେ,
ରଚଗଲେ ଯଶ ଗୌରବ ତୁମ କୋହ ତୁମ ଲୁହ
ସାଗର ଛାତିରେ ।।

ଶିଳ୍ପୀ ତୁମେ ସେଦିନ ପାଷାଣ ଛାତିରେ
ରଚଥିଲ ଯେଉଁ ପାଷାଣୀ  ଅହଲ୍ୟା ଆଜିବି
ସେ ଶାପ ଗ୍ରସ୍ତ, ତା ଆଖିର ଲୋହିତ ଝର
ରେ  ଭଗ୍ନ ସ୍ତୁପଟିଏ ପାଲଟିଛି  ରାଜାଙ୍କର
ଅହଙ୍କାର, ବାରଶ ବଢ଼େଇର ଶ୍ରମଝାଳ
କଳାର କୋଣାର୍କ ।।

କେନ୍ଦ୍ରାପଡା, ଓଡିଶା

# ଜଗାକୁ କାହିଁକ ଆମେ ଦୋଷ ଦେବା



ସୌମ୍ୟ ରଞ୍ଜନ ମିଶ୍ର

ଡାଆଣି ଡିଡାଣି ଡାଆଣି
କେଳର୍ ପଡିଆ, ଛାମୁ ଗଲ୍‌ବେଳେ
ସବୁଜ ଗାଲିଚ୍ଚ ଦେଇ ପାଦତଳେ
ପାରିଥିଲେ ଯୋଉ ମାଗୁଣି
ବେଳ ଗଲ୍‌ପରେ କାଳ ଗଲ୍‌ପରେ
ବାଳ ପରି ତାକୁ ଛାମୁ ପାସୋରିଲେ
ବଜଉଥା ଏବେ ଖଞ୍ଜଣି
ଡାଆଣି ଡିଡାଣି ଡାଆଣି ।

ଡାଆଣି ଡିଡାଣି ଡାଆଣି
ନଗଡିଲେ ଏବେ ବ୍ରହ୍ମ ତାଳଧ୍ୱଜ
କୋଉ ବେଦଟା ବା ହୋଇବ ଆସଜ
ଛାମୁ ଭ୍ବମୂର୍ତ୍ତି ହୋଇ ରହିଥାଉ ଉର୍ଷଣି
ଲକଡାଉନରେ ନୟମ ନମାନ
ଗ୍ଗ ଦୋକାନୀର ପିଗ୍ଗ ନାଲି ହଉ
ବେପାର ବଢିଆ ଗନ୍ଧିନୀ
ଡାଆଣି ଡିଡାଣି ଡାଆଣି ।

ଡାଆଣି ଡିଡାଣି ଡାଆଣି
ଅମଲ୍‌ଙ୍କୁ ନେତା ଫାଇଲି ଠେଲିବେ
ଓଳପାଣି ତଳ ଧଇଲ୍ ବେଳକୁ

ନ୍ୟାୟତନ୍ତ୍ର ଏଠି ନେତାଙ୍କୁ ମାରିବେ କହୁଣୀ
ଚତୁର୍ଥ ସ୍ତମ୍ଭର ବାନାକୁ ଉଡାଇ
ବିତର୍କ ହୋଇବ ଟିଆରପି ପାଇଁ
ତାଙ୍କ ଗୋଜରୁ ଚଡ୍ଢିବ ଜନନ
ଡାଆଣି ଡିଡାଣି ଡାଆଣି ।

ଡାଆଣି ଡିଡାଣି ଡାଆଣି
ପକେଟରେ ଯଦି ପୂରିଛି ନୋଅଟ
ଯେମିତି ଗୁହିଁବୁ ସେଇମିତି ନାଟ
ଗଙ୍ଗାଠାରୁ ନେଇ ତପନୀ
ପୁରୀ ରଥଯାତ୍ରା ଦେଉଛି ବାରତା
ହରିବୋଲ ସାଥେ ହୁଳହୁଳ ପକା
ଗଣତନ୍ତ୍ରର ଏ କାହାଣୀ
ଡାଆଣି ଡିଡାଣି ଡାଆଣି ।

ମଧଖଣ୍ଡୀ, ଶ୍ରୀ ବଳଦେବ ଜୀଉ,
କେନ୍ଦ୍ରାପଡା

# ରକ୍ତ ର ପ୍ରତିଦାନେ



ସୁଶୀଲ କୁମାର ମହାପାତ୍ର

ରାତ୍ରି ର ଦ୍ୱିତୀୟ ପ୍ରହର । ନିଦ ଭାଙ୍ଗିଗଲା । ଆଉ ନିଦ ହେଲାନି । କଡ ଲେଉଟାଇଲେ ବି ନିଦ ଆସୁନି । ମନେ ମନେ ଏପଟ ସେପଟ ଦୁନିଆ ଚିନ୍ତା । କଣ କଣ ମୁଣ୍ଡରେ ଆସୁଥାଏ ଜାଣି ପାରୁନଥାଏ ମାନସ । କେତେବେଳେ ଯେ ମନ ଆଉ ବିବେକ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇ ଯାଇ ଥାଏ ଜାଣିପାରିନି । ମନ ତ ବହୁତ ବଡ, କ୍ଷିପ୍ର ଗତି, କିନ୍ତୁ ବିବେକ ବହୁତ ମନ୍ଥର । ସବୁଠି ବ୍ରେକ ଏଇଟା ଠିକ ନୁହଁ କରିବା କଥା ନୁହଁ ଯେମିତି ନିଜେ ଜ୍ଞାନ ର ଭଣ୍ଡାର ।

ମନ କହୁଥାଏ ସେଦିନ ଯଦି କହିପାରିଥାନ୍ତି ହୁଏତ ଆଜି ପଶ୍ଚାତାପ ନିଆଁ ରେ ଜଳିବାକୁ ପଡି ନଥାନ୍ତା । ବିବେକ କହୁଛି ତୁ ଠିକ କରିଛୁ କିଛି ବି ଭୁଲ କରିନୁ ଏମିତି ଅନ୍ତଦ୍ୱନ୍ଦ୍ୱ ମଧ୍ୟରେ ନିଦ ଆସିଗଲା ଜାଣିପାରିଲାନି ।

ସକାଳ ପୁଣି କର୍ମମୟ ଜୀବନ ଆରମ୍ଭ । ସକାଳୁ ବ୍ରସ କରିବା ଠୁ ପୁଣି କାମ ହିଁ କାମ । ଅଫିସ ର ଟାର୍ଗେଟ ପୂରଣ ଚିନ୍ତା । ନିତ୍ୟ କର୍ମ ସାରି ଅଫିସ ଯିବାକୁ ରେଡ୍ଡୀ ହୋଉଥାଏ ମାନସ । ଠିକ ଏହି ସମୟରେ କଲିଂ ବେଲ... ଗେଟ ଖୋଲି ଦେଖେ ତ ଲଗ୍ନା । ନିଜାଣିଲା ଭଳି ପଚାରିଲା ଆପଣ?

ହଁ, ମୁଁ ଲଗ୍ନା ଦାସ .... ଆପଣ ମାନସ ନା? ମାନସ କିଛି କହିବା ପୂର୍ବରୁ ଲଗ୍ନା ଭେ ଭେ ହୋଇ କାନ୍ଦି ଉଠିଲା କହିଲା ମୋତେ ମାଫ କରିଦିଅ, ତୁମ ପାଇଁ ଆଜି ମୁଁ ନୂଆ ଜୀବନ ପାଇଛି, ତୁମେ ସତରେ ମହାନ... ତୁମକୁ ଭୁଲ ବୁଝୁଥିଲି ହେଲେ, ତୁମେ ନ ଥିଲେ ମୁଁ ଆଜି ଏ ଦୁନିଆରେ ନଥାନ୍ତି । ସତରେ ତୁମ ପରି ମଣିଷ ଏ ଦୁନିଆ ରେ ବିରଳ । ଗର୍ବ

ଅହଂକାର ମଣିଷ କୁ ଅନ୍ଧ କରିଦିଏ କିନ୍ତୁ ତୁମ ପରି ମଣିଷ ସତରେ ଭାଗ୍ୟ ରେ ଥିଲେ ମିଳେ ।

ଧନ୍ୟବାଦ ଆଉ ପ୍ରଶଂସା ରେ ପୋତି ଦିଅନ୍ତୁନି । ମୁଁ ତ ମୋ କର୍ତବ୍ୟ କରିଛି । ହଉ ଛାଡ ଅଫିସ ପାଇଁ ଡେରି ହୋଉଚି ପରେ କଥା ହେବା, ଏମିତି କହି ମାନସ ଚାଲିଗଲା ଅଫିସ ।

ଅଫିସ ରେ ମନ ଲାଗିଲାନି । କିଛି କାମ କରିବାକୁ ଇଛା ହେଉ ନଥାଏ । ଚଳଚିତ୍ର ର ରଙ୍ଗୀନ ଛବି ପରି ମାନସ ଆଖି ଆଗରେ ସବୁ ଭାସି ଆଉଥାଏ । ଲଗ୍ନା ଦାସ... ଯେମିତି ସୁନ୍ଦରୀ ସେମିତି ପାଠରେ ବି ଆଗୁଆ, ନା ରୂପ ନା ଧନ ରେ ଅଭାବ ତାର । କଲେଜ ର ସବୁ ପୁଅ ଙ୍କ ଡ୍ରିମ ଗାର୍ଲ ଲଗ୍ନା । କିନ୍ତୁ ସରଳ ମନ ହେଲେ ବି ସୁନ୍ଦରତା ର ଗର୍ବ ବୋଧେ ତା ମନକୁ ଆଚ୍ଛାଦିତ କରିକି ରଖିଥିଲା । ସମସ୍ତେ ତାର ଗୋଟିଏ ଝଲକ ପାଇବାକୁ ଅନେଇ ବସିଥାନ୍ତି । ସେଦିନ କ୍ଲାସ ସାରି କମନରୁମ କୁ ଫେରୁଥାଏ ମାନସ । ହଠାତ ପଛରୁ ସସ୍ମିତା ଡାକିଲା, ମାନସ ଭାଇ ଲଗ୍ନା କଥା ହେବ । ମାନସ କହିଲା ତାର କଣ କାମ ଯେ!!ସେ କହିପାରିବନି କି?

ବାସ ଏତିକି, ଦୂରରେ ଥିବା ଲଗ୍ନା ପାଖକୁ ଆସି କହିଲା କଣ ତୁମେ ଏଥର ସେମିଷ୍ଟାର ରେ ଟପର ହୋଇଛ ବୋଲି ଏତେ ଗର୍ବ, ଭୁଲି ଯାଅନି... ନିଜ ଔକାତ କୁ । ସାଙ୍ଗ ମାନଙ୍କ ହସ ଆଉ ଲଗ୍ନା ର ଏମିତି କଥାରେ ମାନସ ଅପମାନିତ ହୋଇ ଫେରି ଆସିଲା ସତ । ସେଦିନର ଅପମାନ ମାନସକୁ ୟୁନିଭର୍ସିଟି ଟପର ହେବା ପାଇଁ ଖୋରାକ ଯୋଗାଇଥିଲା । ଯୋଉଦିନ କଲେଜ ର ଶେଷ ଦିନ ଫାରୁୟାଲ ସଭା ରେ କଲେଜ ର ଅଧକ୍ଷ ମାନସ ସମ୍ବର୍ଧନା ଦେଲା ବେଳକୁ ମାନସ ଲକ୍ଷ୍ୟ କରିଛି ଲଗ୍ନା ମୁଁହ ତଳକୁ କରି ବସିଥାଏ । ସଭା ପରେ ମାନସ ଲଗ୍ନା ପାଖକୁ ଯାଇ କହିଲା ଲଗ୍ନା ତୁମକୁ ବହୁତ ଧନ୍ୟବାଦ । ଆଜି ଯଦି ମୁଁ ସଫଳତା ପାଇଛି ତୁମ ପାଇଁ । ତୁମର ସେଇ ଅପମାନ ମୋ ପାଇଁ ଆଶୀର୍ବାଦ ହୋଇଚି । ବାସ ଲଗ୍ନା ପାଖରେ ଭାଷା ନଥିଲା, ଅଭିନନ୍ଦନ  ମାନସ କହି ଚାଲିଗଲା ।

ତାପରେ ଆଉ ଲଗ୍ନା ସାଙ୍ଗରେ ଭେଟ ନାହିଁ । ହଠାତ ସେଦିନ ଅଫିସ ରୁ ଫେରିବା ବେଳେ ଲୋକ ଭିଡରେ ଲଗ୍ନା.... ଚେତା ନଥାଏ । ରକ୍ତ ଜୁଡୁବୁଡୁ । ଖାତିର ନକରି ନିଜ ଗାଡ଼ିରେ ଲଗ୍ନା କୁ ମେଡିକାଲ ନେଇ ନିଜ ଦେହରୁ ରକ୍ତ ଦେଇ ତା ପରିବାର କୁ ଖବର ଦେଇ ଚାଲିଆସିଲା ମାନସ । ଏମିତି ଭାବୁଭାବୁ ହଟାତ ଆଖି ଆଗରେ ସବୁ ଷ୍ଟାଫ । ହାତରେ

ଫୁଲତୋଡ଼ା, ଅଭିନନ୍ଦନ ର ସୁଅ... କଛି ବୁଝି ପାରୁ ନଥାଏ ମାନସ । କାହିଁକ ଯେ ଏ ଅଭିନନ୍ଦନ, ୟୁନଭରସିଟି ଟପର ପରେ ବି ସରକାରୀ ଗ୍ଧକରୀ ମିଳଲାନ । ବହୁ କଷ୍ଟ ରେ କମ୍ପାନୀ ରେ ଗ୍ଧକରୀ । ପୁଣି କଣ ପାଇଁ ଏ ମାନେ ଏମିତି..

ସ୍ମୃତି କହିଲା ମାନସ ଆଜ୍ଞା ଆପଣ ଆଜିଠୁ ଆମର MD. ଆଜି ବୋର୍ଡ ଆପଣଙ୍କୁ ମନୋନୀତ କରିଛି । ଆପଣଙ୍କୁ MD ଙ୍କୁ ସାକ୍ଷାତ କରିବାକୁ ଆପଣଙ୍କୁ ଡାକର୍... ଯାଆନ୍ତୁ ଆସିଲେ ପାର୍ଟି ଆପଣ ଦେବେ ନା । ମାନସ କଛି ବୁଝି ପାରୁନଥାଏ, MD ଙ୍କ ଚ୍ୟମ୍ବର ଭିତରେ ଲଗ୍ନା !! ଲଗ୍ନା କୁ ଦେଖି ଆଶ୍ଚର୍ଯ୍ୟ ହୋଇ ପଗ୍ଧରିଲା ତୁମେ ଏଇଠି, ଆମ କମ୍ପାନୀ ରେ? ଚୌକିରୁ ଉଠିଆସି ଲଗ୍ନା ମୁହଁ ତଳକୁ କରି କହିଲା ମାନସ ମୋ ଭୁଲ ପାଇଁ କ୍ଷମା ନାହିଁ... ବାସ ଆଜିଠୁ ଏଇ ଚୌକି ତୁମର.... ଏ କମ୍ପାନୀ ତୁମର... ଯୋଉ ଦେହ ରେ ତୁମ ରକ୍ତ ସେଠି ମୋ ଗର୍ବ ମୋ ଅହଂକାର ର ସ୍ଥାନ କୋଉଠି ? ଯଦି ପାରିବ ତୁମ ପାଦ ତଳର ଦାସୀ ହେବାକୁ ଅନୁମତି ଦେଇ ପାରିବ ?

ମାନସ ନର୍ବିକାର । ପାଟିରେ ଭାଷା ନାହିଁ.... ଭଗବାନ ଙ୍କ ଲୀଳା ର ଏକ ଝଲକ ସତେ । କେମିତି କହିବ ଯେ କଲେଜ ଦିନରୁ ଯୋଉ ସାହସ ଜୁଟେଇ ପାରିନ ଆଜି କେମିତି କହିଦେବ ? ତଥାପି ବାହୁ ବନ୍ଧନରେ ଲଗ୍ନା କୁ ଗ୍ଧପି ଧରି କହିଲା... ତୁମେ ସତରେ ବଦଳ ଯାଇଛ ଲଗ୍ନା......

ସାନବରଡ଼ାକଟା, ବୀରମହାରାଜପୁର,
ସୁବର୍ଣ୍ଣପୁର

# ମହାମାରୀରୁ କରରକ୍ଷା



ସଂଯୁକ୍ତା ମେହେର

ହେ ଦିଅଁ ଦେବତା
କରୋନା ମହାମାରୀରୁ କର ରକ୍ଷା!
କେତେ ଯେ ପରିବାର ହେଲାଣି ଛାରଖାର
ବୁଢ଼ା ବାପା ପୁଅ ର ଚିତାକୁ ଦଉଛି ନିଆଁ
ସବୁଆଡ଼େ ହାହାକାର ସବୁଆଡ଼େ ଚିତ୍କାର।
ହେ ଦିଅଁ ଦେବତା
ହୋଇଥିଲ ଦଶ ଅବତାର
ନାଶିଥିଲ ଅବନୀର ଭାର ।
ହେ ବିଶ୍ୱରୂପୀ ସକଳ ଘଟେ ଅଛ ବ୍ୟାପି
ହେ ଅଗତିର ଗତି ଅନାଥର ନାଥ
ତୁମ୍ଭେ ଚାହିଁଲେ ସବୁ ସମ୍ଭବ
ଆଉ ଗୋଟେ ନୂଆ ଅବତାର କରୋନାରୁ ରକ୍ଷା କର।
ଦୟା କର ପ୍ରଭୁ ତୁମ୍ଭେ ଦୟା କର।
କଳିଯୁଗ ଭାବ ଦେଖି ହୋଇଛକି ମୌନ ପ୍ରଭୁ
ଆକୁଳେ ଡାକୁଛନ୍ତି ପ୍ରଭୁ ଜଣ ସାଧାରଣ ତ୍ରାହିମାମ୍ ତ୍ରାହିମାମ୍।
ହେ ଦିଅଁ ଦେବତା କରୋନା ମହାମାରୀ ରୁ କର ରକ୍ଷା!

ପଞ୍ଚଭୟା, ପଦ୍ମପୁର, ବରଗଡ

# ସୁଖ ନିଜ ହାତରେ

ସଂଯୁକ୍ତା ସାହୁ

ଜୀବନର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ

ଭାବନାର ରାସ୍ତା କେବେ ସରେନାହିଁ

ଯଦି ସେଇ ଇଛାର ବାଟ ଚାଲିବାକୁ

ଠିକ୍ ନିର୍ଣ୍ଣୟ ଥିଲେ ମୂଲ୍ୟହୀନ ହୁଏନାହିଁ

ସେଇ ଦୁର୍ବାର ଆଶା ଲାଗଇ ମହାନ

ଏମିତି ବି ହୁଏ ସମୟ ରହିଥାଏ

କିନ୍ତୁ ଶେଷ ହୋଇଯାଏ ଆୟୁଷ

ସେଇ ଜିଇଁବାର ବାଟରେ ସ୍ନେହଁ

ପ୍ରେମ, ଆପଣାପଣର ସବୁ ସମ୍ପର୍କକୁ

ନିଜର କରିନେଲେ ଜୀବନ ହୁଏ ସଫଳ

ଚାରିଆଡ଼ ଭଲ ଲାଗେ ସବୁ କିଛି

ଅନ୍ତରର ଖୋଲା ହସଟିଏ ଫିଙ୍ଗିଦିଅ

ତୁମ ଆଖ ପାଖ ଆତ ଜାତ ସମ୍ପର୍କକୁ

ଝରିଯିବ ମହୁ ତୁମ ଅମୃତ ବଚନରେ

ଜୀବନର ଠିକଣା ଖୋଜାରେ ବୃଥାରେ

ସମୟକୁ ବରବାଦ୍ କରନାହିଁ ଜମା

ଏମିତି ଖୋଜା ଖୋଜିରେ ଜୀବନଟା

ଖାଲି ବ୍ୟର୍ଥ ହୋଇଯିବ ପ୍ରାପ୍ତିରେ

ଆଉ ଅନୁଶୋଚନା ଥିବ ଅପ୍ରାପ୍ତିରେ

ହୁଅ ନାହିଁ ନିରାଶ ଜୀବନକୁ ଖୁସିରେ

ଉପଭୋଗ କର ପାନ କରି ପୀୟୂଷ

ସବୁଠୁ ଖୁସି ଥାଏ ଆଉ କାହାପାଇଁ

ଜିଇଁବାରେ, ଉପକାର କରିବାରେ

ସଦା ବାଣ୍ଟୁଥିବ ପ୍ରେମ ଅଙ୍ଗନେ ଅଙ୍ଗନେ

ସବୁ ଖୁସି ତ ଅଛି ନିଜ ହାତରେ ।

ଗ୍ରହାମା, ଜଗତସିଂହପୁର

# ସକାଳର ଅପେକ୍ଷାରେ



ସୌଭାଗ୍ୟବତୀ ଗିରି

ମୁଁ ସେମିତି ଏକ ସୁନ୍ଦର ସକାଳର ଅପେକ୍ଷାରେ ।
ଯେଉଁଦିନ ସମ୍ବାଦପତ୍ର ଖୋଲୁଖୋଲୁ ଦିଶିଯିବନି
ହତ୍ୟା, ଧର୍ଷଣ ଓ ଅପହରଣର ଖବର,
ଯୌତୁକ ପାଇଁ ବଧୂହତ୍ୟାର ଖବର,
ଅବା ଲୁଟତରାଜ ର ବର୍ବରତାର ଖବର ।

ମୁଁ ସେମିତି ଏକ ସୁନ୍ଦର ସକାଳର ଅପେକ୍ଷାରେ ।
ଯେଉଁଦିନ ରାଜଧାନୀର ରାଜରାସ୍ତାରେ
ଶିକ୍ଷକଟିଏ ବସି ମାଗୁ ନଥିବ ତାର ମାସିକ ପ୍ରାପ୍ୟ,
ଶୁଭୁ ନଥିବ ବେକାର୍ ଛାତ୍ରଙ୍କ ବୁକୁଫଟା ସ୍ଲୋଗାନର ସ୍ୱର,
ମାନସିକ ଚନ୍ତାର ବଶବର୍ତ୍ତୀ ହୋଇ ଗୁଟଖା,ସିଗାରେଟ୍ ଓ ମଦର ନିଶାରେ
ମତୁଆଲା ହେଉ ନଥିବ ଯୁବସମାଜ ।

ମୁଁ ସେମିତି ଏକ ସୁନ୍ଦର ସକାଳର ଅପେକ୍ଷାରେ ।
ଯେଉଁଦିନ ମଣିଷ ତା'ର ବୁଦ୍ଧି, ବିବେକ ଓ ସଂଜ୍ଞା ହରାଉ ନଥିବ ସୁରାପାତ୍ରରେ,
ବିଳାସପୂର୍ଣ୍ଣ ବନ୍ଦକୋଠରୀର ତୂଳୀତଳ୍ପ ଶଯ୍ୟାରେ ହେଉ ନଥିବ ନାରୀର ସତୀତ୍ୱ ହରଣ,
ଘରକୁ ଫେରୁଫେରୁ ସଞ୍ଜ ହେଇଗଲେ ବି ଭୟରେ ଥରି ଉଠୁ ନଥିବ ସୁନ୍ଦରୀ ତରୁଣୀର ହୃଦୟ ।

ମୁଁ ସେମିତି ଏକ ସୁନ୍ଦର ସକାଳର ଅପେକ୍ଷାରେ ।
ଯେଉଁଦିନ ମଣିଷତ୍ୱ ବଳି ପଡି ନଥିବ ପଶୁତ୍ୱ ପାଖରେ,
ସରକାରୀ ଅଫିସ୍ ର ଟେବୁଲ ତଳେ ହେଉ ନଥିବ ଲାଞ୍ଚ କାରବାର,

'ବ୍ଲାକ୍ ମନ' ଶବ୍ଦଟି ନେଇ ସାରିଥିବ ସଲୀଳ ସମାଧି ।

ମୁଁ ସେମିତି ଏକ ସୁନ୍ଦର ସକାଳର ଅପେକ୍ଷାରେ ।
ଯେଉଁଦିନ ଦି' ହାତ ଜାଗା ପାଇଁ ଭାଇଭାଇ ଭିତରେ ହେଉ ନଥିବ ତରବାରୀ ଯୁଦ୍ଧ,
ବୃଦ୍ଧ ପିତାମାତାଙ୍କୁ ଅଦରକାରୀ ଭାବି ରଖା ଯାଉ ନଥିବ ବୃଦ୍ଧାଶ୍ରମରେ,
ପାରିବାରିକ ଶାନ୍ତି ଟିକେ ପାଇଁ ମଣିଷ କରୁ ନଥିବ ଆକୁଳ ଚତ୍କାର ।

ମୁଁ ସେମିତି ଏକ ସୁନ୍ଦର ସକାଳର ଅପେକ୍ଷାରେ ।
ଯେଉଁଦିନ ସୀମାନ୍ତରୁ ଶୁଭୁ ନଥିବ ଗୁଳିଗୋଳା ଆଉ ତୋପକମାଣର ଶବ୍ଦ,
କେହି ଜଣେ ବି ଖେଳୁ ନଥିବେ ରକ୍ତର ସେ ହୋଲିଖେଳ,
ହିନ୍ଦୁ, ମୁସଲିମ, ଜୈନ, ଖ୍ରୀଷ୍ଟିୟାନ ଭିତରେ ନଥିବ ବାଛବିଗ୍ଭର ।

ମୁଁ ସେମିତି ଏକ ସୁନ୍ଦର ସକାଳର ଅପେକ୍ଷାରେ ।
ଯେଉଁଦିନ ପାଶ୍ଚାତ୍ୟ ସଭ୍ୟତାର ସେ ଆଧୁନିକତା କବଳରୁ ମୁକ୍ତ ହେଇ ସାରିଥିବ ଆମ ସଂସ୍କୃତି ଓ ପରମ୍ପରା,
ମନେ ପଡିଯିବ 'ସର୍ବେ ଭବନ୍ତୁ ସୁଖୀନଃ, ସର୍ବେ ସନ୍ତୁ ନିରାମୟାର ସେଇ କେତେ ଧାଡି,
ଭାଙ୍ଗି ଯାଇଥିବ ଅନ୍ୟାୟ, ଦୁର୍ନୀତିର ପ୍ରାଚୀର,
କବର ତଳୁ ଜାଗିଉଠିବ ମଣିଷର ମାନବିକତା, ବିବେକ ଆଉ ବିଗ୍ଭରଶକ୍ତି,
ଛାଣି ହୋଇ ଅଲଗା ହେଇ ସାରିଥିବ ସବୁ ଛନ୍ଦକପଟ,
ସଫା ହୋଇ ଯାଇଥିବ ପ୍ରତିଟି ମନରୁ ଅଳଆ ଆବର୍ଜନା,
ଗ୍ଭରିଆଡେ ଥିବ ଶାନ୍ତି, ମୈତ୍ରୀ ଓ ପ୍ରୀତିର ବାତାବରଣ,
ହିନ୍ଦୁ, ମୁସଲିମ, ଜୈନ, ଖ୍ରୀଷ୍ଟିୟାନ ବାନ୍ଧି ହେଇଥିବେ ସମ୍ପର୍କର ମଜବୁତ୍ ସୂତାରେ,
ସମସ୍ତେ ବୁଝି ସାରିଥିବେ ଯେ ମନ୍ଦିର, ମସଜିଦ୍, ଗୀର୍ଜା, ଗୁରୁଦ୍ୱାର ଓ ଚର୍ଚ୍ଚ ରେ ପୂଜା ପାଆନ୍ତି କେବଳ ଜଣେ,
ଈଶ୍ୱର, ଆଲ୍ଲା, ଯୀଶୁ କେବଳ ଭିନ୍ନ ଭିନ୍ନ ନାମ ମାତ୍ର,
ଏକ ବ୍ରହ୍ମ, ଦ୍ୱିତୀୟ ନାସ୍ତି ।
ମୁଁ ସେମିତି ଏକ ସୁନ୍ଦର ସକାଳର ଅପେକ୍ଷାରେ.....
ମୁଁ ସେମିତି ଏକ ସୁନ୍ଦର ସକାଳ ଅପେକ୍ଷାରେ........

କେନ୍ଦ୍ରାପଡା

# ଆଧୁନିକ ମୃଗତୃଷ୍ଣା

ମୟଙ୍କ

ସୁଉଚ୍ଚ ଅଟ୍ଟାଳିକା ପରି
ଇଚ୍ଛା ଅଭିଳାଷାର ମହଲ
ଆକାଶକୁ ଚୁଇଁବାର ବୃଥା ଭାବନା
ମହ ମହ ବାସୁଥିବା ପାରିଜାତର ସୁଗନ୍ଧ
ସବୁ କଳ୍ପନା ଲାଗେ ମୃଗତୃଷ୍ଣା
ସକାଳର ସୂରୁଜ ସଜାଗ କରେ
ନିଶିସ୍ୱପ୍ନରେ ମସଗୁଲ ଥିବା ମଣିଷକୁ ।

କିଛି ପାଇବା ଆଶାରେ
ହରାଇବାକୁ ପଡେ ଅନେକ
ତାକୁ କେହି ଜାଣେନା
ସମ୍ପର୍କ ଏଠି ସମୁଦ୍ର କୂଳର ବାଲିଘର
ହଠାତ୍ ସମୟ ଢେଉରେ ମିଳିଯାଏ
ନିଶ୍ଚିହ୍ନ ହୋଇ ଯାଏ ସ୍ୱପ୍ନରେ ସାଇତି
ରଖିଥିବା ସୁନ୍ଦର ମହଲ ।

ଆକାଶକୁ ଛୁଇଁବା ଆଶାରେ
ଦୂରେଇ ଯିବାକୁ ହୁଏ
ମମତାମୟୀ ମାଟି-ମାଁ-ଗାଁ ଠାରୁ
ସୁଉ ଐଶ୍ୱର୍ଯ୍ୟରେ ଭରା କଂକ୍ରିଟ୍ ମହଲରେ
ମଣିଷ ଖୋଜିବାକୁ ଲାଗେ ଆତ୍ମୀୟ ସ୍ୱଜନ
ଯୁବାବସ୍ଥାରେ ଗାଁର ଛଣଛପର ଘରେ

ଛାଡି ଆସିଥିବା ସମୟ
ବାରମ୍ବାର ଅଟ୍ଟହାସ୍ୟ କରେ
ଗୁଞ୍ଜରିତ ହୁଏ ପୁଣି ଫେରି ଆସେ
କୋଠରୀର ଚକ୍ ମକ୍ କରୁଥିବା
କାନ୍ଥରେ ବାଡେଇ ହୋଇ
ପାଖକୁ ନିମିଷକେ ପହଞ୍ଚି ଯାଏ ।

ଅସହାୟ ମନୁଷ୍ୟ ନିଜ ପାଖେ
ଅଭିନୟ – ଅଭିମାନ କରେ
ବୃଥା ଐଶ୍ୱର୍ଯ୍ୟ, ସୁଖମୟ ଜୀବନର
ଅନ୍ତରର କୋହ ବିସ୍ଫୋରିତ ହୁଏ
ଯେବେ ପୁଣି ସେ ଏକା ହୋଇଯାଏ
ଜନ୍ମିତ ସନ୍ତାନ ଅନୁଗାମୀ ହୁଏ
ଚ୍ଚଲିଯାଏ ବିଦେଶ !
ପୁଣି ତାର ସ୍ୱପ୍ନ ସାକାର ସକାଶେ
ଯେମିତି ଦିନେ ଗାଁରୁ ସହରକୁ
ଆସିଥିଲା ବାପା ଦିନେ ଯୁବାବସ୍ଥାରେ ।

ବୌଦ୍ଧ

# ମହୁଲ ଫୁଲର ଟୋକେଇ



ଦୁଷ୍ମନ୍ତ ବେହେରା

ଘଞ୍ଚ ଜଙ୍ଗଲ ପାହାଡ ତଳେ ଛୋଟିଆ ଗାଁ ଟିଏ। ଗାଁ ଚାରିପାଖ କୁ ଘେରି ରହିଛି ବଣ ଜଙ୍ଗଲ। ସେହି ପାହାଡ ତଳେ ବାସ କରନ୍ତି ଧୂଳିଆ କୁଡ ପରିବାର କହିଲେ ସ୍ତ୍ରୀ-ତଲି କୁଡ, ପୁଅ-ରୋଧୀ, ଝିଅ-ତନୁଜା ।ଘର ଚଳିବା ପେଟକୁ ଗଣ୍ଡିଏ ଖାଇବା ନିତିଦିନିଆ ଆଖି ର ଚାହାଣୀ ପେଟର ଭୋକ ନିଜ ଉପରେ ଦାଉ ସାଜୁଥିଲା ।ଜୀବନ ବଞ୍ଚିବା ର ଆଶା ଜଙ୍ଗଲ ଉପରେ ନିର୍ଭର କରିବାକୁ ପଡୁଥିଲା । ଯାହା ଜଙ୍ଗଲ ରୁ ମିଳିଯାଏ ପରିବାର ସେଥିରେ ଚଳନ୍ତି। କିନ୍ତୁ ପେଟକୁ ଭୋକ ସିନା ବୁଝିଯାଏ, ଗରିବ ମନର ଭୋକକୁ ବୁଝିଲେ ବୁଝିହୁଏ ନା । ଏ ଦେହତ ଭୋକ ପାଇଁ ଜୀବନ ନେଉଛି ।

ଧୂଳିଆ କୁଡ ଉପରେ ପରିବାର ବୋଝ ପ୍ରତିଦିନ ଜଙ୍ଗଲ କୁ ଯାଇ ଗଛର ଫଳ ଫୁଲ କାଠ ପତ୍ର ଘରକୁ ଆଣନ୍ତି । ଆଉ କିଛି ବିକ୍ରି କରି ଦିଅନ୍ତି । ସେଇ ପଇସା ରେ ଚାଉଳ ତେଲ ଡାଲି କିଣି ଘରକୁ ଆଣନ୍ତି । ପ୍ରତିଦିନ ଗୁଜୁରାଣ ମେଣ୍ଟିଯାଏ ।

ସକାଳ ହୋଇ ବେଳ ବୁଡିବାକୁ ବସିଲାଣି କିନ୍ତୁ ଧୂଳିଆ କୁଡ ଘରକୁ ଫେରି ପାରନ୍ତି ନାହିଁ । ଖଇଫୁଟା ଦେହଟା ତାତିରେ ଖଇ ଫୁଟୁଛି ଦେହରେ ବଳ ନାହିଁ କି ପାଦେ ଚାଲି ଘରକୁ ଯିବା ପାଇଁ ଶକ୍ତି ନାହିଁ । ତନୁଜା ବାପାଙ୍କ ବାଟକୁ ଅପେକ୍ଷା କରି ବେଳ ବୁଡି ଗଲାଣି ଏଣେ ଘରେ ମାଆ ରୋଗୀଣା ଅବସ୍ଥା ରେ ବିଛଣା ରେ ଶୋଇ ରହିଛି । ବେଳେବେଳେ ପଚାରୁଛି ତ ବାପା ଆସିଲେଣି ଭାରି ଭୋକ ଲାଗୁଛି ତନୁଜା ।

ତନୁଜା ଡିମିରି ଆଲୁଅକୁ ଅନାଇ  ଘର ଦ୍ୱାର ମୁହଁ ରେ ବସି ଅପେକ୍ଷା କରିଥାଏ।ବାପାଙ୍କ ବାଟକୁ ପେଟର ଭୋକକୁ ମନକୁ କେତେ ବା ବୁଝାଇବ ଏ ପେଟ କଣ ଭୋକ ବୁଝିପାରୁଛି ସମୟ ବେଳ କଛି ମାନୁନ। ଏ

ନଆଁ ଲଗା ପେଟଟା ଭରି ଦାଉସାଦୁଛି। ସେଇ ସମୟରେ ସାନ ଭାଇ ରୋଧୀ କହିଲା କେତେଥର ପାଣି ପିଇ ପିଇ ରହିବି। ଏଇ କହୁଚୁ ବାପା ଆସିବେ ହେଲେ କାଇଁ ବାପା ଆସୁନାହାନ୍ତି ଆସି ସଞ୍ଜ ହେଲାଣି ।

ଏଣେ ଡିବିରି ଆଲୁଅ ରୁ କରୋସିନ ସରି ଆସିଲାଣି ଅପେକ୍ଷା ର ବାଟ କେତେ ବେଳେ ସରିବ ଆଉ କେତେବେଳେ ବାପା ଆସିବେ।

ଧୂଳଆ କୁଡ଼ିଆ କଷ୍ଟେ ମଷ୍ଟେ ଗୋଟିଏ ଗୋଟିଏ ପାଦ ପକେଇ ଘର ଦୁଆରେ ପହଞ୍ଚି ଡାକଲା ମା ତନୁଜା । ବାପାଙ୍କ ପାଟିରୁ ଡାକ ଶୁଣି ତନୁଜା ଦୁଆର କୁ ଧାଇଁ ଆସି ଦେଖିଲା ଦୁଆର ଆଗରେ ବାପା ଶୋଇ  ରହିଛନ୍ତି। ଦେହରେ ହାତମାରି ଦେଖିଲା ତାତିରେ ଖଇ ଫୁଟୁଛି ବାପା ଙ୍କ ଦେହରେ ତ ଜ୍ୱର । ରୋଧୀ ଟିକେ ଆସିଲୁ ବାପାଙ୍କୁ ଟେକ ଘର ଭିତରକୁ ନେଇ ଯିବା......

ମିଞ୍ଜି ମିଞ୍ଜି ଆଲୋକରେ
ଦୁଃଖ ଆଶା ଠାରୁ ଲକ୍ଷ୍ୟ
ଦେଖେଇ ଜୀବନ ଶୋଷ
ଶୋଷି ନେଉଛି ଭୋକ......

ରେ ଡିବିରି ତୁ ବି ସରିବୁ, ମୋ ଦୁଃଖ କାଇଁ ସରୁ ନାହିଁ । ହେ ରାତି ତୁ ବି ସରିବୁ ମୋ ଦୁଃଖର ଦିନ କାଇଁ ସରୁନାହିଁ । ସକାଳୁ ରାତି ପର୍ଯ୍ୟନ୍ତ ପେଟକୁ ପୋଷେ ଖାଦ୍ୟ ଖାଇ ନାହିଁ। ଏଣେ ମାଆ ବାପା ବିଛଣାରେ ଜ୍ୱର ରେ ପଡିଛନ୍ତି । କଣ କରିବି ଭାବୁ ଭାବୁ ସକାଳ ପାହିଗଲା

ଘରର ଦୁଃଖ ପେଟର ଭୋକ ବା  କରୁଥିଲା ରୋଜଗାର କରିବା ପାଇଁ। କଣବା କରିବ, ଜଙ୍ଗଲ ଉପରେ ନିର୍ଭର କରି ଘର ଚଳୁଥିଲା । ଏମିତି ଭାବୁଭାବୁ ମନେ ପଡିଲା ମହୁଲ ଫୁଲ କଥା । ଗଛରେ ମହୁଲ ଫୁଲ ଅଛି ବି ତଳେ ପଡୁଥିବ ମୁଁ ଗଲେ ମହୁଲ ଫୁଲ ଆଣିବି ଓ ଟୋକେଇକ ପନ୍ଦର ଟଙ୍କା ରେ ମହାଜନ ପାଖେ ବିକ୍ରିକରିବି ।

ତନୁଜା ଟୋକେଇ ଧରି ମହୁଲ ଫୁଲ ପାଇଁ ଜଙ୍ଗଲ କୁ ବାହାରି ପଡିଲା । ମହୁଲ ଗଛ ପାଖରେ ପହଞ୍ଚି ଗଛ ମୂଳରେ ବସି ପଡି ମହୁଲ ଫୁଲ ଗୋଟିଏ ଗୋଟିଏ ପଡୁଥିବାର ଦେଖି ତନୁଜା କହିଲା ଏ ମହୁଲ ଫୁଲ ଗଛ ଗୋଟିଏ ଫୁଲ ଦେଲୁ ଯେ ଦେଲୁ କେମିତି ମୋ ଦୁଃଖ ଦେଖି ପାରୁନୁ। ଗୋଟିଏ ଫୁଲ ରେ ମୋ  ଦୁଃଖ କଣ ସରିଯିବ ଏଣେ ମୋ ପରିବାର ର ଅନେକ ଦୁଃଖ । ତୋ ଡାଳ ଉପରକୁ କେତେ ଅନେଇବି ଏଠି ମୋ ଅପେକ୍ଷା ର ପରିହାସ କରୁଛୁ । ତୁ ମହୁଲ ଗଛ ଶେଷ ରେ ତୁ ମୋ ଗରିବ ଦେଖି ମିଠା ହସଟେ ହସୁଛୁ। ମୁଁ ତ ଜନମ ରୁ ଗରିବ କଣ ଦେଖି ତୁ ଆଉ ହସିବୁ ମୋ ଯୌବନ ଗରିବ, ମୋ ହସ ଗରିବ, ମୋ ସୁନ୍ଦରତା ବି ଗରିବ ।

ମହୁଲ ଫୁଲ ଗୋଟିଏ ଗୋଟିଏ ପଡୁଥାଏ ଟୋକେଇ ରେ ଗୋଟିଏ ଗୋଟିଏ ଫୁଲ ଥୋଉଥାଏ । ଏଇ ଟୋକେଇ ବି ଜମାରୁ ପୁରୁ ନାହିଁ | ଶେଷରେ ମୋ ସାଥି ରେ ଆସିଲୁ ମୋ ପରିହାସ ଦେଖି ତୁ ବି ହସିଲୁ .......

ସମୟ ସ୍ରୋତ ରେ ଭାସି
ଯାଉଛି ମୋ ହସ
ଗରିବ ଦେଖି ଦୁନିଆ ହସୁଛି
ତୁ ବି ଟୋକେଇ ହସିଲୁ .....

ମହୁଲ ଗଛ କହିଲା ରେ ତନୁଜା ମୁଁ ତ ଦୁଃଖ ଦେଖି ହସୁ ନାହିଁ । ମୁଁ ଗଛ ସମସ୍ତଙ୍କ ର ଉପକାର କରେ କିନ୍ତୁ ମୋ ଉପକାର ଏଠି କେହି ବୁଝନ୍ତି ନି, ମୁଁ ସବୁ ଦାନ କରେ ମୋ କାଠ, ଡାଳ, ପତ୍ର, ଫୁଲ, ଫଳ କିନ୍ତୁ ମୋତେ ଶେଷ ରେ ହାଣି ସଫା କରି ଦିଅନ୍ତି। ତୁମେତ ଧାଇଁ ଆସିଛ ତୁମ ଜୀବନ ବଞ୍ଚାଇବାକୁ ମୋ ପାଖକୁ ମୁଁ ତୁମ ଜୀବନ ରଖିବି ।

ମହୁଲ ଗଛ ବନ୍ଧୁ ମୋ ଗରିବ ଭେକ ପାଇଁ ମୁଁ ତୁମ ପାଖକୁ ଧାଇଁ ଆସିଛି । ମୋ ଦୋଷ ମୁଁ ଜାଣି ନାହିଁ । ହଁ ମୁଁ ଜନମରୁ ଗରିବ ।

ମହୁଲ ଗଛ ଖୁସି ହୋଇ ହଲିବାକୁ ଲାଗିଲା ଡାଳ ଗୁଡିକ ପବନରେ ହଲି ମହୁଲ ଫୁଲ ତଳେ ପଡିଲା । ଯେତେ ନେଉଛୁ ନେ ଏବେ ତୋ ଟୋକେଇ ଫୁଲ୍ ହୋଇଯିବ । ତନୁଜା ଜଙ୍ଗଲ ରୁ ମହାଜନ ପାଖରେ ପହଞ୍ଚି ମହୁଲ ଫୁଲ ଟୋକେଇ ବିକ୍ରି କଲା ପନ୍ଦର ଟଙ୍କା ହେଲା ସେଇ ପନ୍ଦର ଟଙ୍କା ରେ ଗୁଣ୍ଡଳ, ତେଲ, ଡାଲି କିଣି ଘରକୁ ଫେରିଲା । ସ୍ନେହୀ ଭଉଣୀ କୁ ଦେଖି ଖୁସି ହୋଇ କହିଲା ମୋ ପାଇଁ ଖାଇବା ଆଣିଛୁ । ହଁ ରେ ଗୁଣ୍ଡଳ, ତେଲ, ଡାଲି ଆଣିଛି । ଗୁଲ ମିଶି ସ୍ନେଷେଇ କରିବା ।

ବିଛଣା ରେ ପଡିଥିବା ମାଆ ବାପା ଦେଖି କହିଲେ ମୋ ଝିଅ ଯେଉଁ ବୟସ ରେ ହସ ଖୁସିରେ ଖେଳବା କଥା ସେଇ ବୟସ ରେ ଘରର ବୋଝ ବୁଝୁଛି । ଏ ଦୋଷ ଆମ ଗରିବ ର ହେ ଭଗବାନ......

ହେ ଭଗବାନ ଦୁଃଖ ଭିତରେ ଯେଉଁ ହସ ଫୁଟେ ସେଇ ହସ ସରଗ ଠାରୁ ବେଶୀ ହୋଇଯାଏ ..... ମୋ ଝିଅ ସୁନା ଝିଅ ମନ ହସିଲେ ଶରୀର ଆପେ ଆପେ ହସି ଉଠେ ତା ସାଙ୍ଗ କୁ ମୁହଁ ହସି ଉଠେ।

ତନୁଜା ମାଆ ବାପା ଙ୍କ ସବୁଦିନ ପାଇଁ ଆଶା ଆଉ ଭରସା ହୋଇ ରହିଗଲା ।

ସ୍ନେହୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

# ଦେଖୁଚ ତୁମରି ପଥ



ମନୋରଞ୍ଜନ ସୁରୁଜାଲ

ଜୀବନର ମୂଲ୍ୟ କେ ବୁଝିଚ ଏଠି
ଦି'ପଦ ଛାଡିର କୋହ
ସୁମଧୁର ଗୀତ ତାଳ ଓ ସଂଗୀତ
ଅଧେ ହସ ଅଧେ ଲୁହ।
ବରଷାରେ ଗ୍ରଣୀ ସବୁଜ ଧରଣୀ
ମୁଖେ ଖିଲିଖିଲି ହସ
ଲୁହ ଢାଳେ ସହି ନିଷ୍ଠୁର ବାସ୍ତବ
ରୌଦ୍ର ଶୋଷିନେଇ ରସ।
ଦୁଃଖର ଶୂଳଟି ହୃଦେ ବାଜେ ସିନା
ଲୁଚଛପି କାନ୍ଦେ ଆଖି
ଛପାଇ ହୁଏନା ଚେହେର୍ ର ରଂଗ
ମନଟି ଅଟଇ ସାକ୍ଷୀ।

ଓଦା ହସ ଟିକେ ଦେବ କ ସାନ୍ତ୍ୱନା
ମେଘରେ ଚୋପାଏ ପାଣି
ହସ ବଦଳରେ ମିଳୁ ପଛେ ଲୁହ
ସୁଖର ଦିନକୁ ଗଣି।
ଜାମଲାର୍ଜ୍ଜୁନରେ ବନ୍ଧା ହେଲ ଯେବେ
ମୁକତ କରିବା ପାଇଁ
ପାଦ ବାଜୁବାଜୁ ଅହଲ୍ୟା ପାଷାଣି
ଉଠି ପଡି ଥିଲ୍ ଚେଇଁ।
ବନ୍ଧନେ ଏ ଡେଣା ଛାଟେ ମୁହିଁ ସିନା
ମିଳେନ ମୁକତି ରଥ
ସଂସାର ଜଞ୍ଜାଳ ପାଷାଣ ମୂର୍ତ୍ତି ଟି
ଦେଖୁଚ ତୁମରି ପଥ।

ଅଇଁଲ୍‌ପାଲି ଧମା ସମ୍ବଲପୁର

# ବୋଉ

ଶିବରାମ ଦଳେଇ

ଚାଲିଗଲୁ ଦୁନିଆ ରୁ
ଅନାଥ କରି
ସଂସାରରେ ହେବ କିଏ
ତୋହରି ସରି ।

ତୋ ଡାକରୁ ମିଳୁଥିଲା
ଅମୃତ ଜାତ
ତୋ ପଣତ ମୋ ପାଇଁ
ଆକାଶ ଛାତ ।

ତୋ ହାତ ରନ୍ଧା ସତେ
ପଉଟି ଭୋଗ
ତୋ ଛୁଆଁ ରେ ଚାଲିଯାଏ
ଅନେକ ରୋଗ ।

ତୋ ମମତା ବିନା ଆଜି
ଜୀବନ ଫିକା
ସବୁ ଥାଇ ତୋ ବିନା
ଲାଗୁଛି ଏକା ।

ଜୀବନ ର ରାସ୍ତା ଏଠି
ଅତି ଅବାଗ
କୋଟିଏ ଦେବତା ପଛ
ତୁ ପରା ଆଗ ।

କରିବିନି ଅଳି ଆଉ
ଯିବିନି ରୁଷି
ଥରୁଟିଏ ଫେରିଆଲେ
ହୁଅନ୍ତି ଖୁସି ।

ଲେଖନପୁର, ସାଲେପୁର

# ସୁନା ସଂସାର

ଶାନ୍ତନୁ କୁମାର ରାଉତ

ସୁନାର ସଂସାର ଗଢିବା ଯେ ଆମେ
ଦୁଇ ମନ ଏକ କରି
ଖରା, ଛାଇ ରାସ୍ତା କରିବାରେ ଏକ
ସୁଖ,ଦୁଃଖ କୁ ଆଦରି....!!

ଜୀବନର ମାନେ ଅବ୍ୟକ୍ତ ଜଞ୍ଜାଳ
ଯନ୍ତ୍ରଣା ରହିବ ଘେରି
ସେ ଯନ୍ତ୍ରଣାରୁ ଆମେ ସୁଖ ସାଉଁଟିବା
ସାଉଁଟା ମୁକୁତା ପରି.....!!

କେତେ ବାଧା ବିଘ୍ନ ଆସିବ ଜୀବନେ
ହୋଇବନ ନିରୁପାୟ
ସବୁ ସମସ୍ୟା ର ସମାଧାନ ତମେ
ଉପାୟ ଦବ ସମୟ.....!!

ସମ୍ପର୍କ ସୁଦୃଢ ରହିବ ଆମର
ଜାଗି ରହିବ ବିଶ୍ୱାସ
ଦୁହେଁ ଦୁହିଁଙ୍କର ହାତ ଛାଡିବନ
ଥିବା ଯାଏ ଶେଷ ଶ୍ୱାସ....!!

ପାଟରଙ୍ଗା, ଯାଜପୁର

# ଗୁରୁ



ଦିନେଶ ମେହେର

ଯା ପ୍ରତି ତୁମେ କୃପାକର
ସମସ୍ତ ଶକ୍ତି ତା ଗୃକର।
ଶକ୍ତି ଗୃଲେ ତମ ଇଚ୍ଛାରେ
ପଞ୍ଚତତ୍ତ୍ୱ ତମ ଆଜ୍ଞାରେ।

ହଁ ସିଏ ଗୁରୁ! ଗୁରୁ ହିଁ ସକଳ ଶକ୍ତିର ଆଧାର। ଗୁରୁ ବିନା ଜୀବନର କିଛି ଅସ୍ତିତ୍ୱ ନାହିଁ। ଏମିତି ଏକ ଗୁରୁଙ୍କ ତତ୍ତ୍ୱାବଧାନରେ ମୋ ବାଲ୍ୟ କାଳ ଅତି ଆନନ୍ଦରେ ରେ ବିତିଥିଲା।| ଏକପଦ ରେ ସେ ଜଣେ ମାର୍ଗଦର୍ଶକ, ତତ୍ତ୍ୱାବଧାରକ କହିଲେ କୌଣସି ଅତ୍ୟୁକ୍ତି ହେବ ନାହିଁ। ଅତି ଯୁବାବସ୍ଥାରୁ ସେ ଶିକ୍ଷକତା ଆରମ୍ଭ କରିସାରିଥିଲେ ଆଜି ପର୍ଯ୍ୟନ୍ତ ମଧ୍ୟ ସେ ତାଙ୍କର ଶିକ୍ଷକତା କରୁଛନ୍ତି ଓ ମୋ ପରି ଅନେକ ପିଲାଙ୍କୁ ଉଚିତ୍ ମାର୍ଗ ଦେଖାଉଛନ୍ତି। ମୋର ମନେ ଅଛି ଯେତେବେଳେ ମୁଁ କିଛି ଜାଣିନଥିଲି ସେତେବେଳୁ ତାଙ୍କ ଠାରେ ଶିକ୍ଷା ଲାଭ କରି ଆସୁଥିଲି । ଆଜି ବି ସେଦିନର କଥା ସବୁ ମନେ ପଡିଗଲେ ଆଖିରୁ ଦି ଟୋପା ଲୁହ ବାହାରି ଯାଏ। ଆଜିବି ତାଙ୍କ ସେଇ ମାଡ଼ ବହୁତ ମନେପଡେ। ଏହା ଏକ ହାସ୍ୟସ୍ପଦ କଥା ହେଇପାରେ କିନ୍ତୁ ଏହା ନିରାଟ ସତ୍ୟ। ସେତେବେଳେ ତାଙ୍କ ମାଡ଼ ବହୁତ କଷ୍ଟ ଲାଗୁଥିଲା ଆଉ ତାଙ୍କୁ ମନେ ମନେ ଗାଳି ମଧ୍ୟ ବହୁତ ଦେଇଛି। କିନ୍ତୁ ଏବେ ଜାଣୁଛି କି ତାଙ୍କ ମାଡ଼ ମୋ ପାଇଁ ଆଶୀର୍ବାଦ ଥିଲା ଓ ସେ ନିଜେ ମୋ ପାଇଁ ଭଗବାନ ଥିଲେ। ଆଜି ବି ସେଇ ପିଲାଦିନ କଥା ମନେ ପଡିଲେ ସେଇ ଗୁରୁଙ୍କ କଥା ମନେ ପଡେ। ମାତ୍ର ତାଙ୍କୁ ସବୁଦିନ ଦେଖୁଛି କିନ୍ତୁ କେବେ କଥା ହେବାର ସାହସ କରିପାରିନାହିଁ ଆଜି ପର୍ଯ୍ୟନ୍ତ। ସେ ଯାହାହେଉ ସେ ଯେଉଁଠି ବି ରହିଥାନ୍ତୁ ସେଇ ଦୟାମୟ ନୀଳାଚଳ ବିହାରୀ ତାଙ୍କୁ ଘଣ୍ଟ ଘୋଡ଼େଇ ରଖିଥାନ୍ତୁ।

ଜୁନାଗଡ଼, କଳାହାଣ୍ଡି

# !!କାଳ !!

ସନ୍ତୋଷ ସାହୁ

ଅଦୃଶ୍ୟ କାଳ ଅଟେ ସର୍ବବ୍ୟାପୀ
ଅଜଣା, ଅଚହ୍ନା କାଳ ସର୍ବଗ୍ରାସୀ ।
କାଳାଧୀନ ସାରା ସଂସାର
ଜୀବନକୁ କରଇ ଛାରକାର ।
ଆକାର ନାହିଁ ନିରାକାର କାଳର
ଯାର ମୁଖାଗ୍ରେ ସାରା ଏ ସଂସାର ।
ମାୟା ସଂସାର ପ୍ରତି ହେଲେ ଆସକ୍ତ
ଜାବୁଡ଼ି ଧରେ ଜୀବନକୁ ହୋଇ ଶକ୍ତ ।
ଛାୟା ଯେମନ୍ତ ଯାଏ ବଢ଼ି
ତେମନ୍ତ ଆସେ ଜୀବନ ଶେଷ ଘଡ଼ି ।
କାଳକୁ କରଇ ଯେ ଉପହାସ
ଶେଷ ହୁଏ ଶୀଘ୍ର ତା ଆୟୁଷ ।
କାଳର ନାହିଁ କଳନା କଳ୍ପନା
ହାବୋଡ଼ିଯାଏ ହୋଇ ତତକ୍ଷଣା ।
ମହାକାଳର ନାହିଁ ତୁଳନା
ଅଟଇ ସେ ଜନଲାଗି ଅଜଣା ।
ଗ୍ରାସିଲେ କାଳ ଶେଷ ଆୟୁଷ
ଧରାଧାମେ ନ ରହେ ତା ବିଶେଷ ।
କୋହ କାନ୍ଦଣା ଦେଇଯାଏ ପ୍ରିୟଜନଙ୍କୁ
ଗ୍ରାସି ତାଙ୍କ ଅତି ଆତ୍ମୀୟଙ୍କୁ ।

ନାହିଁ ତାର ବନ୍ଧୁବାନ୍ଧବ ପିତୃକୁଟୁମ୍ବ
ନ ଜାଣଇ ସେ ସୁଖଦୁଃଖ ହସକାନ୍ଦ ।
କାଳ ଆସି ଧରଇ କରାଳ ରୂପ
ଜୀବନକୁ କରଇ ସେ ବିଲୋପ ।
ନାହିଁ ତା ପାଖେ ଭେଦାଭାବ ଆଳ
ଯାନ୍ତି ଦିନେ ଗୋଟି ଗୋଟି ସକଳ ।
ଧନୀ ଦରିଦ୍ର ସମସ୍ତଙ୍କ ଲାଗି ସମାନ
କାହା ପାଇଁ ସେ ନୁହେଁ ସ୍ୱତନ୍ତ୍ର ଜାଣ ।
ନିର୍ଦ୍ଦୟ ନିର୍ମମ ଅଟଇ କ୍ରୂରକାଳ
ଗ୍ରାସିଲେ ଖାଲି ଜନ ହୋନ୍ତି ବିକଳ ।
କାଳପ୍ରତି ସର୍ବେ ହୁଅ ସଚେତନ
କାମନା ବାସନାରୁ ବାହୁଡ଼ାଇ ମନ ।
କାର୍ଯ୍ୟପ୍ରତି ହେଲେ ବିମୁଖତା
କାଳ ଗ୍ରାସିଯିବ ଶୀଘ୍ରତା ।
କାର୍ଯ୍ଯ କରିଥିଲେ ଆପ୍ରାଣ ଦେଇ
ହେଇଯିବ ଜନ କାଳଜୟୀ ।

ଚତାବେଡ଼ା
ଝରିଗାଁ, ନବରଙ୍ଗପୁର

# ଗଳ୍ପ ରେ ଅଳ୍ପ



ଦେବେନ୍ଦ୍ରନାଥ ବଳ

## ଭାଗ – ଦିତୀୟ (ଝୁମି ବଡବୋଉ)

ସେଦିନ ଛୁଟିରେ ଗାଁ ରେ ବୁଲୁ ବୁଲୁ, ମୋ ଅଜାଣତରେ ଝୁମି ବଡବୋଉ ଘରେ ପହଞ୍ଚି ଯାଇଥିଲି । ମତେ ଦେଖି ବହୁତ୍ ଖୁସି ହେଲେ, ବସିବାକୁ ପିଢା ଖଣ୍ଡେ ଦେଲେ । ତାଙ୍କୁ ଦେଖି ହବନ ସେ ଯେମିତି ହେଲେଣି, ଘରର ସବୁ ଜିନଷ ସବୁ ଏଣେତେଣେ ପଡିଥାଏ । ତାଙ୍କ ପାଟିରୁ ହଠାତ୍ "ସନା ଆସିଥିଲା ମାସେ ରହିଲା, ତୁ ତ ଆଉ ଆମ ଘର ଆଡ଼େ ଆସୁନୁ । ସେଦିନର କଥା ଆଖି ଆଗରେ ନାଚ ଉଠୀଲା(ଏଇ କାନ୍ଧରେ ମୁଁ ତାକୁ......), ସନା ହେଉଛି ଝୁମି ବଡ ବୋଉ ର ଏକ ମାତ୍ର ପୁଅ । ଦଶମ ଫେଲ ପରେ କଟକର ଏକ ଦୋକାନରେ ଗ୍ୟାରେଜ କାମ ଶିଖେ ।  ଗାଁ ରେ ମା ଏକୁଟିଆ ବୋଲି ବହୁତ୍ ସମୟ ଗାଁ କୁ ଆସେ । ଏହାରି ଭିତରେ ସେ ଆର ଗାଁ ଝିଅ ରୂପାର ପ୍ରେମରେ ପଡିଯାଏ । ଏମିତି କଛି ଦିନ ପରେ ରୂପା ମନାକରେ ତା ସହ ମିଶା ମିଶି ପାଇଁ ।  କାରଣ ତା  ବିବାହ ଅନ୍ୟ ଜାଗାରେ ସ୍ଥିର ହେଇଛି, ଯେତେବେଳେ ସେ ରୂପା ପାଟିରୁ "ମୁଁ(ରୂପା) ପ୍ରେମ ରେ ପଶିବିନ ମତେ ଭୁଲିଯା,  ମୋ ବିବାହ ସ୍ଥିର ସରିଛି" ବିଗୃର ସନା ଟା.....

ମୋ ଆଖିରୁ ଲୁହ ଆସିଗଲା, ଉଠିଲି କହିଲି ଯାଉଛି ବଡ ବୋଉ, "ହଁ ଯା  ସନା ଆସିବ ରଜକୁ, ଆସିଲେ ତୁ ଆସିବୁ ସେ ତତେ ବହୁତ୍ ଦିନ ହେବ ଦେଖିନ କହୁଥିଲା" । ପଛକୁ ଅନେଇ ଅନେଇ ବଡବୋଉ କୁ ଦେଖି ଭାବୁଥାଏ । ତୁ କଣ କଲୁ ରେ ପାଗଳ, ଏ ମା ଟା କଥା ଟିକେ ଭାବିଲୁନ । ସତରେ ସନା ଟା ଫେରିଆସନ୍ତାନ । ଏ ଅଝଟ ମା ଟାର ମନ ଟିକେ ଶାନ୍ତି ପାଆନ୍ତା   । ଉପରକୁ ଅନେଇ ସନା କୁ, ଆ ଦେଖିବୁ ଆ ତୋ ପାଗୀଳ ମା କୁ, କେମିତି ତତେ ଅପେକ୍ଷା କରିଛି ରଜକୁ ଆସିବୁ ବୋଲି........

ଉସୁମା, ମାହାଙ୍ଗା, କଟକ

# ଜୀବନର ଅନ୍ତେ



ରୁଦ୍ର ନାରାୟଣ ଦାଶ

ଜୀବନର ଅନ୍ତ ସମୟ ଆଜ ହେଲା ଆଗତ,
ପ୍ରଶ୍ୱାସ ବାୟୁରେ ମିଶଇ ଭଲ ମନ୍ଦର ଚିହ୍ନ।।

ସେ ଚିହ୍ନେ ଭାଷଇ ମୋହର ଭଲ ଓ ମନ୍ଦ କର୍ମ,
ସେ କର୍ମ ଆଜି ଯେ ବିଚାରେ ମୋର ପାପ ଓ ପୁଣ୍ୟ।।

ମନ୍ଦ ମନ୍ଦ ଭାଷେ ଭାଷଇ ରୁକ୍ଷ ବଦନ ନେଇ,
ତୋହରି କାଳଯେ ତତେ ତ ରହିଅଛି ଅନାଇ।।

କେତେ ତୁ ଲୁଟିଲୁ ଧନ ଯେ ପର ତଣ୍ଟିକୁ ଚିପି,
ରାଜଘରୁ ତୁହି ଲୁଟିଲୁ ଟିକେ ଅଧିକ ମାପି।।

ଏପଟେ ନେଲୁ ତୁ ପଇସା ଠନ ଠନ କରିଣ,
ସେପଟେ କହୁଛୁ ଲାଞ୍ଚ ନିଅ ନାହିଁ ମୁଖେଣ।।

ଶୈଶବ କାଳରୁ ଶିଖିଲୁ କ୍ରୋଧ, ହିଂସା ଓ ଈର୍ଷା,
କାମନା ମଦରେ ବୁଡ଼ିଣ କଲୁ ଅଧର୍ମ ବର୍ଷା।।

ସେ ବର୍ଷା ଆସିଣ ପଡ଼ିଲା ତୋ'ର ଛାତ ଉପରେ,
ଛାତରୁ ଝରୁଛି ସେ ପାଣି ଆଜି ପାପ ହୋଇରେ।।

ବିନ୍ଦୁ ବିନ୍ଦୁ କରନ ପାପର ନେବ ସିଏ ହିସାବ,
କରିତପାରୁନୁ ହିସାବ ଦେଉ ଶାନ୍ତ୍ୱନା ଲେପ।।

ପୁଣ୍ୟ ଏଠି ସ୍ୱଳ୍ପ ରହିଣ ପାପ ବଢ଼ିଣ ଯାଏ,
କହ କେଉଁ ଫଳ ଭୋଗିବୁ କାଳ ପଚାରୁଥାଏ।।

ଜୀବନ ଯେ ଏକ ବସନ୍ତ ଭରି ଉଚ୍ଛନ୍ନ କଲା,
ସେ ବସନ୍ତ ମଧୁକୂପରେ ମୋର ଗୋଡ଼ ପଡ଼ିଲା।।

ଥିଲା ସିଏ କୃଷ୍ଣ ଗର୍ତ୍ତ ଯେ ଜାଣିପାରିଲି ନାହିଁ,
ଚେ଼ତା ପଶିବା ର କ୍ଷଣରେ ବୁଦ୍ଧି ଦିଶିଲା ନାହିଁ।।

ଭୁବନେଶ୍ୱର

# ପୃଥିବୀ



ସନାତନ ଦାସ

ପୃଥିବୀ ନବ ଗ୍ରହ ମଧ୍ୟେ ସବୁଜ ଗ୍ରହ
ଅଟଇ ପୃଥିବୀ ଆମର,
ମାଆ ପରି ସିଏ ପଳଛି ଆମକୁ
ପାଟିରେ ଦେଇ ଆହାର..!!

ବାୟୁ ଅଗ୍ନି ଜଳ ଭୂମି ଆକାଶ
ପଞ୍ଚ ଭୂତରେ ଶରୀର,
ସବୁ ଗୁଣ ମିଶି ଜୀବ ସୃଷ୍ଟି ହୁଏ
ପୃଥିବୀ କରେ ନଜର..!!

ଗଛ ଲତା ସବୁ ତାହାରି କୋଳରେ
ଆନନ୍ଦେ ବିରାଜିଛନ୍ତି,
ନଦୀ ଝରଣା ସମୁଦ୍ର ସମୂହ ପାଦ
ତାର ଧୋଇଥାନ୍ତି..!!

ତା ଯୋଗୁ ଆମେ ଏ ଯୁଗରେ ବଞ୍ଚିଛୁ
ଆମେ ତାର ଚିର ଋଣୀ,
ଯେତେ ଗାଇଲେ ବି ଗାରିମା ତାର
ସରିବନି ତାର ବାଣୀ..!!

ଅସମ୍ଭାଳ ଏବେ ଜଳବାୟୁ ଏଠି
ଉତ୍ତପ୍ତ ତା ସବୁ ଦେହ,
ମଣିଷ ନିଜକୁ ସର୍ବଜ୍ଞ ଭାବି
ବଢ଼ାଉଛି ନିଜ ମୋହ..!!

ଧ୍ୱଂସ କରି ଚାଲେ ସୌନ୍ଦର୍ଯ୍ୟ ତାର
ସ୍ୱାର୍ଥରେ ଅନ୍ଧ ହୋଇ,
ବେଳ ଥାଉ ଥାଉ ନ ଚେତିଲେ
ରକ୍ଷା କରିବେନି କେହି..!!

ସଅଁରା, ଜଗତସିଂହପୁର

# ମୁଇଁ ତ ଗରିବ ଛାତ୍ର

## ଭାଗ-୬



ମହେଶ୍ୱର ସାହୁ

ଅର୍ଦ୍ଧରାତ୍ର ସମୟ, ଚାରିଆଡ଼ ଶାନ୍ତ ଓ ନୀରବ ପରିବେଶ । ହଠାତ ନିଦ ଭାଙ୍ଗି ଯାଇଥିଲା ତପନର । ଓଃ ମୋ ମାଆର କଣ ହେଉଛି ! କହି ମାଆ ମାଆ ଡାକ ଛାଡିଲା ତପନ । ଭୀଷଣ ଜ୍ୱରରେ କମ୍ପୁଛନ୍ତି ଓ ସର୍ବାଙ୍ଗ ଶରୀର ଥରୁଅଛି । ଉଁ ଉଁ ଶବ୍ଦରେ ଥରି ଯାଉଛି ସମ୍ପୂର୍ଣ୍ଣ କୁଡ଼ିଆ ଘର । ତପନ ଦେହରେ ଓ ମୁଖ ମଣ୍ଡଳରେ ଘାଆର ଯନ୍ତ୍ରଣା ସହିତ ମାଆଙ୍କର ବୁକୁଫଟା କରୁଣ ଶବ୍ଦ, ତପନକୁ ବିଚଳିତ କରିଦେଇଥିଲା । ଅର୍ଦ୍ଧ ରାତ୍ର ସମୟରେ କୁଆଡେ ଯିବ ଓ କଣ କରିବ ଭାବି ବହୁ କଷ୍ଟରେ ଘରର ଡିବିରି ବତୀ ଜଳେଇ ଥିଲା ତପନ । ମାଆ ଥରୁଥିବାର ଦେଖି ତପନ ଛିଣ୍ଡା ଗୁନ୍ଥା କମଳ ଓ କନ୍ଥା ଘୋଡେଇ ଦେଇଥିଲା ମାଆଙ୍କୁ । ପାଦରେ କରଞ୍ଜ ତେଲ ଥାପି ଦେଇ ଜୋରରେ ଘଷି ଦେଇଥିଲା । ମୁଣ୍ଡରେ ହାତ ମାରି ଦେଖିଲା ଭୀଷଣ ଗରମ ଲାଗୁଛି, କପଡା ଖଣ୍ଡେ ଭିଜେଇ ମୁଣ୍ଡର କପାଳ ଉପରେ ରଖି ଦେଇଥିଲା ।

ଟିକେ ଆରାମ ଲାଗିଥିଲା ମାଆ ଯମୁନାଙ୍କୁ । ଆଖି ଖୋଲି ପୁଅର ସେବାକୁ ଅନୁଭବ କରିଥିଲେ ମାଆ ଯମୁନା । ଯିଏ ବାପା ମାଆଙ୍କର ସେବା ମନ ପ୍ରାଣ ଦେଇ କରିଥାଏ ସିଏ ହିଁ ପ୍ରକୃତ ସନ୍ତାନ । ଅର୍ଥାତ "ପିତା ମାତାଙ୍କ କଲ୍ୟାଣରୁ ସନ୍ତାନ ସୁଖୀ ହୋଇଥାଏ ।" ଅର୍ଦ୍ଧ ରାତ୍ର ସହିତ ସୁନ ସାନ ଜାଗାରେ ଘର । ଯେତେ ଡାକିଲେ ବି କେହି ଶୁଣିଲା ଭଳି ନୁହେଁ ।

ଶେଷରେ ତପନ ଭଗବାନଙ୍କୁ ଡାକିବାକୁ ଲାଗିଲା । ହେ ଭଗବାନ ମୋ ମାଆ ଛଡା ଏହି ଦୁନିଆରେ କେହି ନାହାନ୍ତି । ମୁଁ ମୋର ହେତୁ ହେବା ଠାରୁ ମୋ ମାଆର ଏମିତି ଅବସ୍ଥା

କେବେ ଦେଖି ନ ଥିଲି । ଆଜି ମୁଁ ମୋ ମାଆର ସେବା କରିବାର ସୁଯୋଗ ପାଇଛି । ହେଲେ ଜ୍ୱର କମୁନାହିଁ କାହିଁକି ! କଣ କରିବି ରାତ୍ର ସମୟରେ ?

ମାଆ କହିଲେ "ବାପାରେ ମୁନ୍ଦେ ପାଣି ଦେଲୁ ।" ତପନର ନିଦୁଆ ସନ୍ତାପ ରୂପକ ଜୁଆରରେ ଭଟ୍ଟା ଆସିଲା ଯେମିତି । ସଙ୍ଗେ ସଙ୍ଗେ କହିପକାଇଲା "ମୋ ମାଆ ଏବେ କଥା କହିଲା । ମୋ ମାଆ ଏବେ କଥା କହିଲା "ଭାବନା ଭିତରେ ଆଶ୍ୱାସନା ତାକୁ ଟିକେ ଆଶ୍ୱାସିତ ହେଲା । ଦଉଡି ଯାଇ କଳସିରୁ ଢାଳରେ ପାଣି ଆଣି ମାଆଙ୍କୁ ପିଆଇ ଦେଲା । ଢକ ଢକ କରି ଦୁଇ ଢୋକ ପାଣି ପିଇ ଥାଉ ବୋଲି କହିଲେ ମାଆ । ଏବେ ଆଉ କୌଣସି ଶବ୍ଦ ନ ଥିଲା ମାଆଙ୍କ ମୁହଁରୁ । କେବଳ ଉଁ ଉଁ । ଉପାୟ ଶୂନ୍ୟ ଭାବନା ଭିତରେ ଏକ ବୁଦ୍ଧି ପଶିଲା ତପନର । ସେ ନିଶ୍ଚୟ ମାମୁଙ୍କ ଘରକୁ ଯିବ । ରାତ୍ର ସମୟ ଭୟ ଲାଗୁଥିଲେ ବି ତପନ ସାହସ କରି ଘରୁ ବାହାରିଲା । ମାଆଙ୍କୁ କହିଲା ମାଆ ଯେମିତି ହେଉ ମୁଁ କିଛି ଉପାୟ କରୁଛି । ଆମେ ଡାକ୍ତର ପାଖକୁ ଯିବା ।

ମାଆଙ୍କୁ ଶୁଆଇ ଦେଇ ତପନ ସେଇ ଅନ୍ଧାର ରାତିର ବୁକୁ ଚିରି ବିରଦର୍ପରେ ବାହାରି ପଡ଼ିଲା । ମାଆଙ୍କର ମଧ୍ୟ ବାରଣ କରିବାର ଶକ୍ତି ନ ଥାଏ । ଭୀଷଣ ଜ୍ୱରର କବଳରେ ମାଆ ସମ୍ପୂର୍ଣ୍ଣ କବଳିତ । ଘରର କବାଟ ଖୋଲି ଦେଇ ବାହାରକୁ ଅନେଇ ଦେଲା ତପନ । ଆଗରୁ ରାତିରେ ବାହାରକୁ ଉଠିଲେ ମାଆଙ୍କୁ ଡାକେ, କାରଣ ତାକୁ ଅନ୍ଧାରକୁ ଭାରି ଭୟ । ହେଲେ ଆଜି ସେ ନିଃସହାୟ । ନିରୁପାୟ ମଧ୍ୟ ।

ଅନ୍ଧାରରେ ପାଦ ବାହାରକୁ ପକେଇବା ପୁଣି ଏକୁଟିଆ, ତା' ପାଇଁ ଜୀବନର ପ୍ରଥମ । ଭାବିଲା ହାତରେ ଖଣ୍ଡେ ବାଡ଼ି ଧରିବି କାରଣ କୌଣସି ସାପ, କୁକୁର, ଓ ଶିଆଳଙ୍କ ଆକ୍ରମଣରୁ ବଞ୍ଚିବାକୁ ହେଲେ ନିଶ୍ଚୟ ବାଡ଼ି ଟିଏ ଦରକାର । ରାସ୍ତା ଖୋଜିଲା ଭଳି ଅଣ୍ଡାଳି ଅଣ୍ଡାଳି ଆଗକୁ ଆଗକୁ ଗଲିଲା ତପନ । ଘର ଠାରୁ କିଛି ବାଟ ଆସିଲା ପରେ ଗୋଟଏ ବିଶାଳ ବଟ ବୃକ୍ଷ (ବର ଗଛ) ରହିଥାଏ । ତପନ ଆଗରୁ ଶୁଣିଥିଲା ବର ଗଛରେ ଡାହାଣୀ ଓ ପ୍ରେତାତ୍ମା ରୁହନ୍ତି। କାହାକୁ ଏକୁଟିଆ ପାଇଲେ ଖାଇ ଯାଇଥାନ୍ତି । ଏଇ କିଛି ଦିନ ତଳେ କାହାର କଟା ମୁଣ୍ଡ ସେଇ ବରଗଛରେ ଝୁଲୁଥିବାର ସେ ଶୁଣିଥିଲା । ଆଜି ଏକୁଟିଆ ତପନ ଘରୁ ବାହାରିଛି । ପୁଣି ନିଜର ମାମୁଁ ଘରକୁ ଯିବ ସେଇ ବର ଗଛଦେଇ।

ବର ଗଛ ଯେତିକି ପାଖକୁ ଆସୁଥାଏ ତପନର ଭୟ ସେତିକି ବଢୁ ଥାଏ । ହୃଦୟର ସ୍ପନ୍ଦନ ଦୁଇଗୁଣ ହୋଇଗଲା । ବର ଗଛ କଛି ବାଟ ଥାଏ ତପନ ଏକ କ୍ଷୀଣ ଆଲୋକ ଦେଖିବାକୁ ପାଇଲା । ହୃଦୟର ସ୍ପନ୍ଦନ ଓ ମନର ଆବେଗ ବଢିବାକୁ ଲାଗିଥାଏ । ସେ ଶୁଣିଥିବା କାହାଣୀ ସତ ହେବାକୁ ଯାଉଛି ବୋଲି ଭାବିନେଲା । ମୋତେ ନିଶ୍ଚୟ ଏହି ପିଶାଚ ଓ ରାକ୍ଷସ ଛାଡିବେ ନାହିଁ !

ଦମ୍ଭର ସହିତ ଆଗକୁ ଯାଉଥାଏ ତପନ । ହଁ ମରିବାର ଥିଲେ ମରିବି ହେଲେ ମୋ ମାଆଙ୍କୁ ବଞ୍ଚେଇବାକୁ ନିଶ୍ଚୟ ଚେଷ୍ଟା କରିବି । ମାଆଙ୍କ ସେବାରେ ଯଦି ମୋ ଜୀବନ ଚାଲିଯାଏ ତେବେ ମୋର ଜନ୍ମ ସାର୍ଥକ ହେବ । ଯେଉଁ ମାଆ ମୋତେ ଏକୁଟିଆ ପାଳ ପୋଷି ମଣିଷ କରିଛି ମୁଁ କେବେ ତାର ସୁରକ୍ଷା ପାଇଁ ପଛ ଘୁଞ୍ଚା ଦେବୀ ନାହିଁ । ନାଁ ନାଁ ନାଁ..... ଆଗକୁ ଆଗକୁ ଚାଲୁଥାଏ ତପନ କହୁଥାଏ "ମାଆ ରକ୍ଷାକର" କହି କହି ଚାଲିଥାଏ ଆଗକୁ ଆଗକୁ । ତପନ ହାତରେ ଆଲୁଅ ନ ଥାଏ । ରାତିର ଅନ୍ଧାରର ବୁକୁଚିରି ଆଗକୁ ଆଗକୁ ଯାଉଥିବା ତପନ ଆଜି ଏକୁଟିଆ ବରଗଛର ନିକଟରେ । ଅପର ପାର୍ଶ୍ୱରେ ଜଳୁଥିଲା ଆଲୁଅ । ଧୀର ପାଦ ପକେଇ ତପନ ମନ୍ଥର ଗତିରେ ଆଗକୁ ଆଗକୁ ଚାଲୁଥାଏ । ତପନର ସାହସ ନ ଥିଲା ସେ ଆଲୁଅ ଆଡକୁ ଅନେଇବାକୁ । ହେଲେ ଆଲୁଅ ପାଖରେ ଶୁଭୁଥିଲା ଫୁସୁରୁ ଫାସର କଥା ବାର୍ତ୍ତା । ତପନ ଠିଆ ହେଇଗଲା ।  ଶୁଣିବାକୁ ଚେଷ୍ଟା କଲା କଏ ଓ କଣ କଥା ହେଉଛନ୍ତି !

କେହି ଜଣେ କହୁଥିଲା "ଆବେ ଜଗା ତୁ କାଲି କାହିଁକି ଆସିଲୁ ନାହିଁ ଯେ । କାଲି ରୋଜଗାର ଉତ୍ତମ ଥିଲା । ଆମର ସାତ ଜଣିଆ ଦଳରୁ ଜଣେ ଯଦି ଅନୁପସ୍ଥିତ ରୁହେ ଜମାରୁ ମୋତେ ଭଲ ଲାଗେ ନାହିଁ । "ଜଗା କହିଲା," ମୋ ଦେହଟା କାଲି ଆଦୌ ଭଲ ଲାଗିଲା ନାହିଁ ତା ସହିତ ତୋ ଭାଉଜ ମଧ ଆଜି କାମକୁ ଯାଅ ନାହିଁ କହିଲେ । ହେଲେ ଆମେ ରାତିରେ ଚୋରି କରନ୍ତି ବୋଲି ତୋ ଭାଉଜକୁ କେବେ କହିନାହିଁ, ଆଉ ତମେ ମାନେ କେହି କହିଛ କି ?"

ସମସ୍ତେ ଏକ ସ୍ୱରରେ କହିଲେ "କଣ ଛାଞ୍ଚୁଣୀ ପିଟା ଖାଇବାକୁ କହିବୁ । ଆମକୁ ଚୋର କହି ଛାଡି ପଳେଇବେ ।"

ଦଳର ଅନ୍ୟଜଣେ କହିଲା, "ଆମେ ଚୋର, ଡକାୟତ ସହିତ ଆମେ ମଧ୍ୟ ଭୂତ ଓ ପ୍ରେତ। ଏହି ଅଞ୍ଚଳର ଏମିତି ଲୋକ ନାହିଁ ଯାହାର ସାହସ ହେବ ଏହି ବରଗଛ ଦେଇ ଯିବାକୁ । ହଁ ଯିଏ ଚାଲିଗଲା ଚାଲିଗଲା ହେଲେ ଆମ ପାଖକୁ ଆସି ଚନ୍ଦା ଦେବ ଓ ବଞ୍ଚିବ ସେଇଟା ତାର ଭାଗ୍ୟ । ଆମେ ଚୋରି କରନ୍ତି ତା ସହିତ ଦିନ ସାରା ମଉଜ ମଜଲିସ ମଧ୍ୟ କରନ୍ତି । ଆମର ଅଭାବ କଣ ଅଛି ଯେ । ଆମେ ମାନେ ଏହି ଅଞ୍ଚଳର ଜଣେ ଜଣେ ଧନୀ ଲୋକ।"

ଅନ୍ୟ ଜଣେ କହିଲା, "ହଁ ରେ ଭାଇ କେତେ କଷ୍ଟ କରିବାକୁ ପଡେ, କାହାର ଲୁହା କବାଟ ଓ ପକ୍କା କାନ୍ଥ ଭାଙ୍ଗିବା ଏତେ ସହଜ ନୁହେଁ ।"

ପୁଣି ଜଣେ କହିଲା, "ଶୁଣ ସମସ୍ତେ ଜାଣିଛ ମୋ ଭଣଜା କାଲିର ରାଜ୍ୟ ସ୍ତରୀୟ କ୍ରୀଡା ପ୍ରତଯୋଗୀତାରେ ଓଡିଶାରେ ପ୍ରଥମ ହେଲା । ହେଲେ ସେ ମୋର ଭଣଜା ଯେ ! କେବେ ତା ସହିତ ମୁଁ କଥା ହୁଏନ । କେଉଁ ବଣ ପଡିଆରେ ପଡିଲା ଭଳ ପଡିଛନ୍ତି ଛି ଛି..। "

ପୁଣି ଜଣେ କହିଲା, "ହଁ ଭାଇ ତମେ ନିଜ ଭଉଣୀକୁ ଅଣ ଦେଖା କରୁଛ । ହେଲେ ଠିକ କରୁନ । ଯାହା ହେଲେ ବି ଭଣଜା ପୁଅ ସମାନ । ତାଙ୍କୁ ଅବହେଳା କରିବା ଉଚତ ନୁହେଁ। ଭିଣେଇ ମରିଗଲେ ବୋଲି ଭଉଣୀଟାକୁ ଅଳଆ ଗଦାରେ ପକେଇଲା ଭଳ ପକେଇ ଦେଇଛ । ତାଙ୍କର ଯତ୍ନ ନେବା ନିହାତି ଆବଶ୍ୟକ ।"

ଏମିତି କଥା ବାର୍ତ୍ତା ଗୁଡିକ ତପନ ଶୁଣୁ ଥାଏ । ଭାବିଲା ମୋ ମାମୁଁ ବଡ଼ ଲୋକଆ ବୋଲି ମୁଁ ଜାଣିଛି ହେଲେ ସେମାନେ ମୋ ଅଜାଙ୍କ ସମ୍ପତ୍ତିରେ ଆମକୁ ଘର ଖଣ୍ଡେ କରିବାକୁ ଜାଗାଟିକେ ଦେଲେ ନାହିଁ । ହେଲେ ସେ କଣ ଚୋରି କରି ବଡ଼ ଲୋକ ହୋଇଛନ୍ତି ! ମୁଁ ତ ଏତିକ ଜାଣିଛି ଯିଏ ପରିଶ୍ରମ କରେ ସେ ବଡ଼ଲୋକଆ ହୋଇଥାଏ । ହେଲେ ଏଇଟା ବି ଜାଣିଲି ଯେ ଚୋରି କରି ମଧ୍ୟ ଲୋକ ବଡ଼ଲୋକଆ ହୁଅନ୍ତି । ମନରେ ଅନେକ ପ୍ରଶ୍ନ ଉଙ୍କିମାରୁଥାଏ ତପନର ।

ପୁଣି ତପନ ଭାବିଲା ଲୋକଙ୍କ ମଧ୍ୟରେ ଏହି ବରଗଛର କକୁଆ ଭୟର କାହାଣୀ ଏହି ସାତ

ଜଣ । ଏମାନେ ମଣିଷ ନୁହନ୍ତି ସତରେ ଜଣେ ଜଣେ ଭଦ୍ରମୁଖା ପିନ୍ଧା ଭୁତ, ପ୍ରେତ ଓ ରାକ୍ଷସ । ଛି ଛି ଛି ....ସତ ଧିକ୍କାର ଏମାନଙ୍କର କର୍ମକୁ । ହେଲେ ମାମୁଁ ତ ଏହି ଚୋରର ଦଳର । ମୁଁ କାହା ପାଖକୁ ଯିବି ! ଆଜି ମୁଁ ଗୋଟିଏ କଥା ବୁଝି ପାରିଲି ଯେ ଭୁତ କଣ ଓ ଏହା କାହିଁକ ଭୟଙ୍କର ! ମୋତେ ମୋ ମାଆ ପାଖକୁ ଫେରିଯିବାକୁ ପଡିବ କାରଣ ଏମାନେ ମଦ୍ୟ ପାନ କରିଛନ୍ତି ତେଣୁ ଏମାନଙ୍କୁ ଭଲ ଖରାପ କଛି ଜଣା ପଡିବ ନାହିଁ । ସମ୍ପର୍କ କଣ ଜାଣିପାରିବେ ନାହିଁ । ହେ ଭଗବାନ ମୋ ମାଆର କଣ ହେଲା ମୋତେ ଯାଇ ଦେଖିବାକୁ ହେବ । ଏମିତି ମନରେ ଚନ୍ତା କରି, ତପନ ଘରକୁ ଫେରିବାକୁ ପଛକୁ ବୁଲି ପଡିଲା ବେଳକୁ ଅନ୍ଧାରରେ ଏକ ପଥରରେ ଝୁଣ୍ଟି ପଡି ତଳକୁ ପଡିଗଲା । "ଆଃ" ବୋଲି ତା ମୁହଁରୁ ବାହାରିଗଲା । ଆବାଜ ଯାଇ ଚୋରମାନଙ୍କ କାନରେ ବାଜିଲା । "କିଏ ବେ" କହି ଚୋର ମାନେ କୁଦି ପଡିଲେ । ହାତରେ ଖଣ୍ଡା ଓ ଲମ୍ବା ବାଡ଼ି ଧରି । କେହି ଜଣେ ଲମ୍ବ ବାଡ଼ିରେ ତପନର ଅଣ୍ଟା ପାଖକୁ ଏକ ନର୍ଘାତିଆ ପାହାର ଦେଲା । ତପନ ଆହାଃ କହି ଡାକ ପକେଇଲା ମାଆ ମାଆ । ଖସି ଯିବାର ବାଟ ନ ଥାଏ । ଚାରି ପାଖରୁ ଚୋର ମାନେ ଘେରି ରହିଥାନ୍ତି । ତପନ ଜୀବନ ବିକଳରେ କହି ପକେଇଲା "ମାମୁଁ ମୁଁ ତପନ ।"

କେହି ଜଣେ କହିଲା "ରହିଯାଅ ରହିଯାଅ, ଭାଇ ତୁମ ଭଣଜା" ହେଲେ ମାମୁଁ ସଙ୍ଗେ ସଙ୍ଗେ ମାମୁଁଙ୍କ ମୁହଁରୁ ବାହାରିଲା, "ଆବେ ଏକୁ ଶେଷ କରିଦିଅ । ଚହ୍ନା ହେଉକ ଅଚହ୍ନା, ଆମ ଧନ୍ଦାରେ ଏଠାରୁ କେହି ବଞ୍ଚିଲେ ଆମକୁ ବିପଦ ।"

ତପନ ଜାଣିନେଲା ଏମାନେ ମୋତେ ମାରିଦେବେ ! ଜୀବନ ବିକଳରେ କହିଲା, ମାମୁଁ ମୋତେ ଛାଡିଦିଅ, ମୋ ମାଆ" ଏତକ କହିଲା ବେଳକୁ ଆଉ ଗୋଟେ ପାହାର ଦେଇଥିଲେ ମାମୁଁ ଓ ଗର୍ଜନ କରିକହିଥିଲେ, "ତୁ ବଞ୍ଚିବୁ ଓ ତୋ ମାଆକୁ ମୋ କାହାଣୀ କହିବୁ, ତୋ ମାଆ ଗାଁ ସାରା ଡିଣ୍ଡିମ ପିଟିବ ।" ଏତକ କହି ମାମୁଁ ପୁଣି ଏକ ପାହାର ଦେଲେ ।

**(ଭାଗ-7 ନିଶ୍ଚୟ ପଢିବେ ଆଗାମୀ ଅଧ୍ୟାୟ )**

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ
ବାଲେଶ୍ୱର(ଭଦ୍ରକ)

# ମୁଁ ଜୋକର



ମେନନ୍ ସାହୁ

ମୁଁ ଜୋକର
ମୋ ହସରେ ଲୁଚଛି ମୋ ଦୁଖଃ
ମୋ ଦେହର ଯନ୍ତ୍ରଣା ମନର ନିର୍ଜନତା
ଧମନୀର ରକ୍ତ ଆଉ  ଆଖିର ଲୁହ
ଏସବୁକୁ ରଙ୍ଗ କରି ମୋ ଦେହ ସାରା ମାଖେ
ରଙ୍ଗବେରଙ୍ଗ ଚେହେରା ଦେଖି ଲୋକେ ହସନ୍ତି
ହେଲେ ଭିତରେ ମୁଁ କଣ ଈଶ୍ୱର ହିଁ ଜାଣନ୍ତି   ।

ମୁଁ ବିଭିନ୍ନ ପ୍ରକାରର ଅଙ୍ଗଭଙ୍ଗୀ କରି
ଭିନ୍ନ ଭିନ୍ନ ଶୈଳୀରେ ମୋ ହାତ ଗୋଡ ମୋଡେ
ଲୋକେ ଭାବନ୍ତି ଜୋକର
ଏମିତି ଶୈଳୀର ଦେଖାଇବାଟା ତା'ର ଅଭ୍ୟାସ
ହେଲେ କାହାକୁ ଜଣା ଏ ହେଉଛି ମୋ ଜୀବନର ବାସ୍ତବତା
ଯେଉଁଠି ପାଇଛି ମୁଁ କେତେ ଅଭିଜ୍ଞତା
କେଉଁଠି ଧୋକାର ତ କେଉଁଠି ଅପମାନର
କେଉଁଠି ହତାଶର ତ କେଉଁଠି ନିରାଶ
କେଉଁଠି ଅଭାବର ତ କେଉଁଠି ଉପେକ୍ଷାର

ମୋ ମୁଣ୍ଡରେ ଅଛି ଏକ ଲମ୍ବା ଟୋପି

ସମସ୍ତେ ଜାଣନ୍ତି ଏ ହେଉଛି ଜୋକର ଟୋପି
ଏଇଟା ମୁଣ୍ଡକୁ ଓଜନ ନଥାଏ
କିନ୍ତୁ କଏ ଜାଣିଛ ଏ ଓଜନ ବିହୀନ ଟୋପି ତଳେ
ମୁଁ ମୋ ଜୀବନର ଦୁଃଖ ଭାରକୁ ଲୁଚେଇ
ସମସ୍ତଙ୍କୁ ଦେଖାଣିଆ ହସ ଦେଖାଇ
ମୁଁ ବୁଲୁଥାଏ ଏ ମଞ୍ଚରୁ ସେ ମଞ୍ଚ ଆଉ ଏ ସହରରୁ ସେ ସହର

ପର୍ଜଙ୍ଗ, ଢେଙ୍କାନାଳ

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ । ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ଭକ୍ତି ବନ୍ଦନା
# ଚଉତିଶା



ଆନନ୍ଦ ସାହୁ

କରୁଛି ଭକ୍ତି ବନ୍ଦନା ହେ କରୁଛି ଭକ୍ତି ବନ୍ଦନା
କରଯୋଡି ତବ ପୟରେ ମଡୁଛି ଘେନ ମୋ ଏହି ପ୍ରାର୍ଥନା ହେ,
କେଶବ ! କରୁଣା ଏତିକ ଥିବ ।

ଖଳ ପ୍ରକୃତି କ ତେଜି ହେ ଭକ୍ତି ଭାବ ମନେ ଚନ୍ତି
ଖଟିବି ନତି ମୁଁ ଭକ୍ତି ଭାବ ଘେନ କରିବି ନାହିଁ ଅନତି ହେ,
ଅଖିଳ ! ଖିଆଲେ ନୋହିବି ଖଳ ।

ଗର୍ବରେ ଅନ୍ଧ ନୋହିବି ହେ କଟୁବାର୍ତ୍ତା ନ ବୋଲବି
ଗର୍ବକଲେ ପ୍ରଭୁ ଅନର୍ଥେ ପଡିବି ନରକ ପାପ ଭୋଗିବି ହେ,
ଗୋବିନ୍ଦ ! ଗାଉଥିବି ଭକ୍ତି ଛନ୍ଦ ।

ଘୋର କଳି କାଳ ହେଲା ହେ ଘରେଘରେ ମିଥ୍ୟା ବାଦ
ଘରକରିବିମୁଁ ଭକ୍ତିର ମାର୍ଗରେ ଦେଖାଇବ ସଦା ପଥ ହେ,
କାଳିଆ ! ଘେନବି ଭକ୍ତି ଥାଳିଆ ।

ଉଣା ହେଉଛି ବୟସ ହେ ଅଳ୍ପ ଆଉ କେତେଦିନ

ଅଳ୍ପ ଦିନଆର ଅଟେ ମୁଁ କୁଣିଆଁ ଗାଉଥିବି ତୁମ ନାମ ହେ,
ଉପେନ୍ଦ୍ର ! ଉପାୟ ଦିଅ ନାଗେନ୍ଦ୍ର ।

ଚଉ ବିନୋଦିଆ ବୋଲ ହେ ସଂସାରେ ପ୍ରଭୁ ବିଖ୍ୟାତ
ଚଉରେ ନତ୍ୟେ ତୁମ ନାମ ଖାଉଥିବି ହୋଇ ଧିରେ ଭକତ ହେ,
କହ୍ନେଇ ! ଗୁପିଲ ବଲିକ ଭୂଇଁ ।

ଛନ୍ଦ କଥା ମାନ କେଭେ ହେ ନକହିବି କାହାଠାରେ
ଛାଡିଣ ସକଳ କୁକର୍ମକୁ ଯେତେ ଗ୍ଭଲବି ସତ୍ୟ ପଥରେ ହେ,
ଗୋପାଳ ! ଛନ୍ଦେ ତୋ ବିଶ୍ୱ ମଣ୍ଡଳ ।

ଜଗତ କରତା ବୋଲ ହେ କରୁଛି ଏତେ ବିନତୀ
ଜଗତରନାଥ ଆହେ ଜଗନ୍ନାଥ ଦିଅନ୍ତୁ ମତେ ସୁବୁଦ୍ଧି ହେ,
ଯୁଗଳ ! ଜାହା ହସ୍ତେ ଏମଣ୍ଡଳ ।

ଝଗଡା କରିବି ନାହିଁ ହେ ଶାନ୍ତିରେ ଦିନ କାଟିବି
ଝାଉଁଲି ପଡିଲା ବେଳକୁ ନୟନେ ତୋ ବିଶ୍ୱ ରୂପ ଦେଖିବି ହେ,
କଂସାରୀ ! ଝଳଶ ରୂପ ତୋହରି ।

ନନ୍ଦିତ କରି କାହାକୁ ହେ ଅପମାନ ନ କରିବି
ନାନାଦି ପ୍ରକାରେ ଭକ୍ତିର ମାର୍ଗରେ ସତ୍ୟ ପଥ ଦେଖାଇବି ହେ,
ନାଗର ! ନଥିବ ପାତ ଅନ୍ତର ।

ଟାଣ ନକରି କାହାକୁ ହେ ଅନ୍ତରେ ଭ୍ରବ ପାଞ୍ଚିବି
ଟାଣ କଲେ ମେରୁ ଭାଙ୍ଗିବ ନଷ୍ଟୟ ଆଦି, ଅନ୍ତ ହରାଇବି ହେ,
ସୁରେଶ ! ଟାଣହୁଏ ସର୍ବନାଶ ।

ଠକବି ନାହିଁ କାହାକୁ ହେ କରିବିନ ହଇରାଣ
ଠାବରେ ଯିବି ମୁଁ ଅଠାବକୁ ତେଜି ଭକ୍ତିର ମାର୍ଗ ପାଞ୍ଚିଣ ହେ,
ଠାକୁର ! ଠାବେ ଯିବି ତୋ ମନ୍ଦିର ।

ଡଗର ପରାୟ ହୋଇ ହେ କହୁଥିବି ସତ୍ୟ କଥା
ଡର ଜଞ୍ଜାଳକୁ ଖାତିରି ନକରି ଟେକଥିବି ସଦା ମଥା ହେ,
ରତନ ! ଡରେ ନ ଜୀବ ଜୀବନ ।

ଢମ ନ କରିବି କେବେ ହେ ଶାନ୍ତିରେ କାଟିବି ଦିନ
ଢମ କଲାରୁଯେ ନାଶ ହେଲା ପରା ଲଙ୍କାର ଈଶ ରାବଣ ହେ,
ମୁରାରୀ ! ଢମେ ନାଶ ଲଙ୍କାପୁରୀ ।

ଆକୁଳେ କରେଁ ଗୁହାରି ହେ ପ୍ରଭୁ ଦିଅ ମୋତେ ସୁବୁଦ୍ଧି
ଆକୁଳ ପରାୟେ ଡାକଲା ସୁଦାମା ଭାବରେ ଯେ ଘେନ ଭକ୍ତି ହେ,
ଅନନ୍ତ ! ଅନ୍ତରେ ଜାଣ ସମସ୍ତ ।

ତାରି ଗଉତମ ନାରୀ ହେ ମୁକତି ସେହୁ ଲଭିଲା
ତରୁ ବନସ୍ଥରେ ପଡି କେତେ କାଳ ଚରଣେ ମୁକ୍ତି ପାଇଲା ହେ,
ତ୍ରିନାଥ ! ତହୁଁ ହୋଇଲା ବିଖ୍ୟାତ ।

ଥୟ ନ ରହୁଛି ମନ ହେ ସର୍ବଦା ଭ୍ରମି ବୁଲୁଛି
ଥିରବାଦି ଭାବ ହେବାକୁ ପ୍ରଭୁ ହେ ତୁମ ଚରଣ ସେବୁଛି ହେ,
ଥବିର ! ଥାଉ କର୍ତ୍ତି ହେ ତୁମର ।

ଦରିଦ୍ର ସେବା କରିବି ହେ ନୋହିବି କେବେ କୃପଣ
ଦିନ-ହୀନ-ଜନ ସେବା କରୁଥିବି ହୃଦୟେ କର୍ମ ପାଞ୍ଚିଣ ହେ,
ଦେବେନ୍ଦ୍ର ! ଦୟା-ଧର୍ମ-କର୍ମ-ମନ୍ତ୍ର ।

ଧନ ମୋର ଲୋଡ଼ା ନାହିଁ ହେ ଲୋଡ଼ା ମୋର ଧର୍ମ ପଥ
ଧନି ହେବନାହିଁ ଏମନ ସଂସାରେ ଆହେ ପ୍ରଭୁ ଜଗନ୍ନାଥ ହେ,
ଧର୍ମେନ୍ଦ୍ର ! ଧର୍ମ ରସ ମକରନ୍ଦ ।

ନ ପାଞ୍ଚିବି ବଡ ସାନ ହେ ଧନୀ ଆଉ କେ ଗରିବ
ନଷେଧ ବୋଲ ମୁଁ ତୁମଠୁ ଜାଣିଛି ଭକ୍ତି ମୋ ସଦା ରହିବ ହେ,
ନତାଇ ! ନାମ ତୋ କଳା କହ୍ନେଇ ।

ପାପ ଭାର ମୁଁ ଭୋଗିବି ହେ ପରକୁ ନନ୍ଦିବି ଯେବେ
ପାପ କର୍ମ ଛାଡି ତୁମନାମ  ଭଜି ମୁକତି ଲଭିବୀ ତେବେ ହେ,
ପିନାକୀ ! ପୁଣ୍ୟପଥ ପାଇବିକ ।

ଫକୀର ପର୍ଯ୍ୟ ହୋଇ ହେ ଗାଉଥିବି ତୁମ ନାମ
ଫେରି ଯିବ ଆସି ତୁମ କୃପାବଳେ ବାନ୍ଧିନ ପାରିବ ଯମ ହେ,
ଶ୍ରୀକୃଷ୍ଣ ! ଫାନ୍ଦ ଫାନ୍ଦୁ ରାତ୍ର-ଦିନ ।

ବ୍ରହ୍ମାଣ୍ଡ କରତା ବୋଲ ହେ ବ୍ରହ୍ମାଣ୍ଡେ ତୁମରି ଯଶ
ବାହୁଡିଲା  ବେଳେ ଶେଷ ଇଚ୍ଛା ମୋର ଦେଖିବି ତୋତେ ନମିଷ ହେ,
ବହ୍ଲବ ! ବୈକୁଣ୍ଠ କୁ ଆତ୍ମାଯିବ ।

ଭାବ ବିନୋଦିଆ ପ୍ରଭୁ ହେ ଭକ୍ତିରେ ଭାବ ତୁମର
ଭାବ ରଖିଥିବି ତୁମଠାରେ ସଦା ନଥିବ ପାତ ଅନ୍ତର ହେ,
ଭୂପତି ! ଭ୍ରମିବ ନାହିଁ ମୋ ମତି ।

ମନ୍ଦ କାର୍ଯ୍ୟ ନ କରିବି ହେ ଉତ୍ତମ କର୍ମ କରିବି

ମକରନ୍ଦ ପଗ୍ ଭକ୍ତିର ରସରେ ମୋମନକୁ ରସାଇବି ହେ,
ମୋହନ ! ମିଥ୍ୟାରେ ଭ୍ରମୁଛି ମନ ।

ଯଦୁ କୂଳେ ହୋଇ ଯାତ ହେ ପାର୍ଥର ହେଳ ସାରଥି
ଜଞ୍ଜାଳ ମୁହଁରୁ ଉଦ୍ଧାର ହେବାକୁ ଗାଇବି ପୁରାଣ ପୋଥି ହେ,
ଯାଦବ ! ଜଗତରେ ଥାଉ ଭାବ ।

ରହିଲ ଜଳରେ ପ୍ରଭୁ ହେ କୁର୍ମରୂପ ଅବତରି
ରଖିଳ ଶରୀରେ ସମୁଦ୍ର ମନ୍ଥନେ ବିରାଟ ମନ୍ଦର ଗିରୀ ହେ,
ରାଘବ ! ରିପୁ ହେଲା ରାହୁ ଦୈତ୍ୟ ।

ଲଳତା, ବିଶାଖା ଆଦି ହେ ଜନ୍ମିଲେ ଯାଇ ଗୋପରେ
ଲଭି ତୁମ୍ଭପାଦ ପଙ୍କଜନଧି ସେବାକଲେ ଭକତିରେ ହେ,
ଲୋଚନ ! ଲଭି ପୂଣ୍ୟ ହେଲା ପ୍ରାଣ ।

ବଡ ଦେଉଳଆ ପ୍ରଭୁ ହେ ରଥ ତୁମ ନନ୍ଦିଘୋଷ
ବେଳୁ ବେଳ ମୋର ହୃଦ ଦଗ୍ଧ ହୁଏ ଦେଖିବି ବୋଲ ନମିଷ ହେ,
ବାମନ ! ବେଳେ ଦିଅ ଦରଶନ ।

ଶାନ୍ତି ପରିହରୀ ପ୍ରଭୁ ହେ ଶ୍ୟାମ ମାଧବ ମୁରାରୀ
ଶ୍ରୀହସ୍ତରେ  ତବ ଦିଅ ଆଶିର୍ବାଦ ନହେଲେ ଛିଡିବ ଶିରୀ ହେ,
ଶ୍ରୀହରି ! ଶ୍ୟାମ ନାମ ଯେ ତୁମ୍ଭରି ।

ଷଡାନନ ଆଶ୍ରେ କରି ହେ ଭକ୍ତି ଭାବ ମନେ ଚନ୍ତି
ସେବା କରୁଥିବି ସର୍ବଦା ପୟର ମନେ ନରଖି ଅସାନ୍ତି ହେ,
ଶ୍ରୀଧର ! ସଂସାରେ ବିଜେ ତୁମର ।

ସଂସାର ଅଟଇ ମିଥ୍ୟା ହେ ନାହିଁ ଏଠି କଛି ସତ୍ୟ
ସଂସାର ମଧ୍ୟରେ କେବଳ ଅଟଇ ରାମ ହରିନାମ ସତ୍ୟ ହେ,
ଶ୍ରୀରାମ ! ସର୍ବ ହୃଦେ ତୁମଧାମ ।

ହସ୍ତରେ କରେ ପ୍ରଣତୀ ହେ ଘେନ ମୋର ନବେଦନ
ହୀରା ଲାଗୁନାହିଁ ନୀଳା ଲାଗୁନାହିଁ  ସେବିବୀ ତୁମ ଚରଣ ହେ,
ହେନାଥ ! ହୀନ ଦୟାଳୁ ଭକତ ।

କ୍ଷିତିରେ ଜନମ ମୋର ହେ କ୍ଷଣକ ପାଇଁ ଜୀବନ
କ୍ଷିଣ ହୋଇଯିବି ପ୍ରଭୁ ଏସଂସାରୁ ଗାଇ ଗାଇ ତୁମ ନାମ ହେ,
ଅଚ୍ୟୁତ ! ଲେଖିଲା ଗୀତେ ଆନନ୍ଦ ।

ସିଲେଟପଦର,
ସଇଁନ୍ତଲା, ଜି-ବଲାଙ୍ଗୀର

# ତିନୋଟି ଡାଏରୀ ର କାହାଣୀ



କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ

## ଡାଏରୀ -1

ରାତି ରେ ପ୍ରବଳ ବର୍ଷା, ବିଜୁଳି ଘଡଘଡି ତୁହା କୁ ତୁହା ପବନ । ମୁଁ ଝରକା ର କାଚ ଖୋଲି ଦେଖୁଥାଏ, ବର୍ଷା ଛିଟା ରେ ମୋ ଦେହ ପୁରା ଭିଜିଯାଇଥାଏ । କିନ୍ତୁ ମୁଁ ଆଜି ବର୍ଷା କୁ କାହିଁକି ଦେଖୁଥିଲି, ବର୍ଷା ତ କେବଳ ବାହାରେ ହେଇ ନଥାଏ ବେଳେ ବେଳେ ମନ ରେ ଓ ହୃଦୟ ରେ ବି ବର୍ଷି ଥାଏ । ଆଜି ମୋତେ ଏତେ ଭୟ କାହିଁକି ଲାଗୁଛି, ଆଜି ତ ମୁଁ ଖୁସି ହେବା କଥା ଯେ ମୋର ଏତେ ଦିନ ର ଯୋଜନା ଆଜି ସଫଳ ହେବାକୁ ଯାଉଛି । ଆଜି ତ ତରୁଣ ଚେତନ ରୂପୀ ଚରିତ୍ର କୁ ଏ ଦୁନିଆ ରୁ ସବୁଦିନ ପାଇଁ ପୋଛି ଦେବାକୁ ଯାଉଛି । ଚେତନ ମୋ ସ୍ୱାମୀ, ଆମ ବିବାହ କୁ ଚାରି ବର୍ଷ ହେଇଗଲାଣି, ଏବେ ଧୀରେ ଧୀରେ ମୁଁ ତରୁଣ କୁ ଭୁଲି ଚେତନ ଙ୍କୁ କଦର କରିବାକୁ ଚେଷ୍ଟା କରୁଥିଲି । ବିବାହ ର ଅନେକ ଦିନ ପର୍ଯ୍ୟନ୍ତ ମୁଁ ମାନସିକ ବିଷାଦ ଗ୍ରସ୍ତ ଥିଲି ତରୁଣ କୁ ଭୁଲି ପାରି ନଥିଲି । ଏଥିପାଇଁ ବହୁତ ବଡ଼ ବଡ଼ ଡାକ୍ତର ଙ୍କ ପରାମର୍ଶ କ୍ରମେ ଔଷଧ ଖାଇ ଧୀରେ ଏ ମାନସିକ ରୋଗ ରୁ ସୁସ୍ତ ଆଡକୁ ଗତି କରୁଥିଲି । କିନ୍ତୁ ଏଇ ନିକଟ ରେ ପୁଣି ଥରେ ତରୁଣ ଙ୍କ ସହ ଦେଖା ହେଇଗଲା । ତରୁଣ ଙ୍କ ସହ ଦେଖା ହେବା ପରେ ପୁଣି ଥରେ ତରୁଣ ଙ୍କୁ ପାଇବାର ଇଚ୍ଛା ପ୍ରବଳ ହେଲା । ମୁଁ ଏବଂ ତରୁଣ ପୂର୍ବ ଭଳି ପୁଣି ମିଳାମିଶା ଆରମ୍ଭ କରିଦେଲୁ । ଚେତନ ତ ସବୁବେଳେ କାମ ରେ ବ୍ୟସ୍ତ ରୁହନ୍ତି, ସେ ଏ ବିଷୟ ରେ କିଛି ବି ଜାଣି ନଥିଲେ । କିନ୍ତୁ ଦିନେ ହଠାତ ଚେତନ ତରୁଣ ଙ୍କୁ ଧରି ଘରେ ଆସି ପହଞ୍ଚିଗଲେ, ମୁଁ ଆଶ୍ଚର୍ଯ୍ୟ ହେଇ ଚାହିଁ ରହିଲି ଆଉ ଡରିଗଲି ଯେ ଚେତନ ଆଉ ଆମ ବିଷୟରେ ଜାଣି ଯାଇନାହାନ୍ତି ତ ? କିନ୍ତୁ ଚେତନ ସ୍ୱାଭାବିକ ଭାବେ କହିଲେ ଏ ହେଉଛନ୍ତି ତରୁଣ ସାମନ୍ତରାୟ ମୋ ବନ୍ଧୁ କେଉଁ ଗୋଟେ ସେମିନାର ରେ ଦେଖା ହେଇଥିଲା ବୋଲି କହୁଥିଲେ ଓ ତା ପରେ ଘନିଷ୍ଠତା କଥା କହୁଥିଲେ । କିନ୍ତୁ ଏ ଘଟଣା ର ବହୁ ପୂର୍ବରୁ ମୁଁ ଓ ତରୁଣ

ଦୁହେଁ ଚେତନ ର ହତ୍ୟା ର ଯୋଜନା କରିସାରିଥିଲୁ ଓ ଯୋଜନା ମୁତାବକ ସମୟ ଓ ପରିସ୍ଥିତି ଦେଖି ତରୁଣ ଚେତନ କୁ ହତ୍ୟା କରିବେ ତା ପରେ ତରୁଣ ଓ ମୁଁ ଆମର ସଂସାର ଆରମ୍ଭ କରିବୁ । ଚେତନ ହେଉଛନ୍ତି ବାପା ମା ଙ୍କ ଏକମାତ୍ର ସନ୍ତାନ ଅଚଳା ଚଳ ସମ୍ପତି ର ମାଲିକ ଏଣୁ ମୁଁ ସେ ସମ୍ପତି ଓ ସୁଖ ସ୍ୱଚ୍ଛନ୍ଦ ହରେଇବାକୁ ଚାହିଁ ନଥିଲି । ଆମର ଯୋଜନା ଏମିତି ଥିଲା ଯେମିତି ଚେତନ ର ହତ୍ୟା ହେବ ଓ ଆମ ଉପରେ କାହାର ବି ସନ୍ଦେହ ହେବନ । ହତ୍ୟା ଚୋରି ପାଇଁ ହେଇଛି ବୋଲି ଧରି ନଆଯିବ । ଏବେ ତ ତରୁଣ ଚେତନ ଙ୍କ ତଥାକଥିତ ବନ୍ଧୁ, ତେଣୁ ଚେତନ ନଥିଲା ବେଳେ ତ ତରୁଣ ଆସନ୍ତି ଆଉ ଚେତନ ଥିଲା ବେଳେ ବି ଆସନ୍ତି । ଆମେ ରହୁଥିବା ଏହି ଭଡା ଘର ର ଡ୍ରଇଂ ରୁମ ରେ ପ୍ରାୟତଃ ଚେତନ ଓ ତରୁଣ ବସି ଚେସ୍ ଖେଳନ୍ତି, ଆଉ ମୋତେ ଚାହା ଓ ପକୁଡି ବନେଇବା ପାଇଁ କୁହାଯାଏ, ଏମିତି ଖେଳନ୍ତି ଓ ପରସ୍ପର କୁ ଆଲିଙ୍ଗନ କରନ୍ତି ଯେମିତି ସେମାନେ ସତରେ ବାଲ୍ୟ ବନ୍ଧୁ । ମୁଁ ଭାବେ ନିଜ ପତ୍ନୀ ର ପ୍ରେମିକ ସହ କିଏ କଣ ଏତେ ଘନିଷ୍ଠ ହେଇ ପାରେ । ସେମାନେ ସାଙ୍ଗ ହୋଇ ଚେସ ଖେଳନ୍ତି ବ୍ୟାଡ ମିଣ୍ଟନ ଖେଳନ୍ତି ଆଉ ବହୁ ସାମାଜିକ ଓ ରାଜନୈତିକ ପ୍ରସଙ୍ଗ ଉପରେ ବିତର୍କ କରନ୍ତି । ପରେ ଲକ୍ଷ କଲି ତରୁଣ ଆଉ ଚେତନ ନଥିଲା ବେଳେ ବେଶି ଆସୁନାହାନ୍ତି, ଆଉ ଚେତନ ଥିଲା ବେଳେ ଯେତେବେଳେ ଆସୁଛନ୍ତି ମୋ ଠାରୁ ଦୂରେଇ ରହୁଛନ୍ତି ଏହାର କାରଣ ମୁଁ ଜାଣି ପର ନଥାଏ, ତରୁଣ ଙ୍କ ଠାରୁ ଏମିତି ଦୁରେଇ ରହିବା ମୋତେ ବହୁତ କଷ୍ଟ ଦେଉଥିଲା, ଯାହାଙ୍କୁ ପାଇବା ପାଇଁ ମୁଁ ଚେତନ କୁ ମାରିବାକୁ ଯୋଜନା କରୁଛି କିନ୍ତୁ ଏ କଣ ହେଉଛି ?

ଏମିତି ଥରେ ତରୁଣ ଆସି ପହଁଚିଲେ **4** ଟା ବେଳେ ସେତେବେଳେ ଚେତନ ଘରେ ନଥାନ୍ତି ସେ ଆସି ପହଂଚିବା ପରେ ବର୍ଷା ଆରମ୍ଭ ହେଇଯାଇଥିଲା । ମୁଁ ତାଙ୍କୁ ମୋ ବାହୁ ବନ୍ଧନ ରେ ବନ୍ଦୀ କରିନେଲି । କିନ୍ତୁ ସେ ଖୁବ୍ କମ ସମୟ ରେ ମୋ ବାହୁ ବନ୍ଧନ ରୁ ନିଜକୁ ମୁକ୍ତ କରିଦେଲେ । ଆଉ ପଚାରିଲେ ଚେତନ କେତେବେଳେ ଆସିବେ ।ତମର ସେ ଚେତନ ପାଖେ କଣ ଏତେ କାମ ଯେ । ତୁମେ କଣ ଭୁଲି ଯାଇଛ ଯେ ଆମେ ତାଙ୍କୁ ମାରିବାର ସବୁ ଯୋଜନା କରି ସାରିଛେ ବୋଲି । ସେ ମୋ କଥା ଶୁଣିବା ଭିତରେ ଚେତନ କୁ ଫୋନ କରି ବୁଝିଦେଲେ ଯେ କେତେବେଳେ ଆସିବେ ବୋଲି ଆଉ ଚେତନ କହିଲେ **2**ଘଣ୍ଟା ଲାଗିବ ଓ ତାଙ୍କୁ ଘରେ ଅପେକ୍ଷା କରିବାକୁ କହିଲେ । ତରୁଣ ବାଲକୋନୀ କୁ ଚାଲିଗଲେ ଏବଂ ମୋତେ ଗୋଟେ କପ ବ୍ଲାକ କଫି ଆଣିବାକୁ କହିଲେ ଓ ମୁଁ ଦୁଇ କପ କଫି ଆଣି ଆସିଲି

ତରୁଣ କୁ କହିଲି କଣ ଦୁଇ ଘଣ୍ଟା ଏଇଠି ଏମିତି ଅପେକ୍ଷା କରି ଆମ ପ୍ରେମ ପାଇଁ ସଞ୍ଚିତ ଥିବା ସମୟ ଟିକୁ ନଷ୍ଟ କରିଦେବ ନା କଣ**?** ଆଜି କଣ ତୁମର ପ୍ରେମ ବର୍ଷା ରେ ମତୁଆଲ୍ ହେବା ର ଇଛା ନାହିଁ **?** କଫି ପିଉ ପିଉ ତରୁଣ କହିଲେ କଫି ଟା ବହୁତ ଭଲ ହେଇଛି ମୋତେ କଫି ସହ ଏ ଅଦିନଆ ବର୍ଷା କୁ ଉପଭୋଗ କରିବାକୁ ଦିଅ ଆଉ ବାକ ରହିଲା ପ୍ରେମ କଥା ସେଥିପାଇଁ ଦୁଇ ଘଣ୍ଟା କଣ ସାରା ଜୀବନ ବି ପର୍ଯ୍ୟାପ୍ତ ନୁହେଁ । ଛାଡ଼ । ଆଉ ଦାର୍ଶନକ ହୁଅନ ମୁଁ କହି ଉଠିଲି ତମେ କୁହ ଚେତନ କୁ କେବେ ହତ୍ୟା କରିବ**?** ତରୁଣ କହି ଉଠିଲେ ଚେତନ ଆଉ କେଉଁଠି ଜୀବିତ ଅଛନ୍ତି ଯେ ଯେତେବେଳେ ସେ ସବୁଠୁ ବିଶ୍ୱାସ କରୁଥିବା ନଜ ପତ୍ନୀ ଓ ବନ୍ଧୁ ତାଙ୍କ ସହ ବିଶ୍ୱାସ ଘାତକତା କରନ୍ତି ଏହା ହିଁ ତାଙ୍କର ହତ୍ୟା ସହ ସମାନ । ପୁଣି ତରୁଣ କହିଲେ ତମେ ଚେତନ କୁ ନଜ ରାସ୍ତା ର କଣ୍ଟା ବୋଲି ଭାବୁଛ ନା ଅନନ୍ଦିତା **?** ତେବେ ତମ ଜୀବନ ର କଣ୍ଟା କାଲି ହିଁ ଶେଷ ହେଇଯିବ ଏତିକ କହି ସେ ଗ୍ଲିଯାଇଥିଲେ ।

ଆଜି ସେ ଦିନ ଆସି ପହଂଚଛି କନ୍ତୁ ଏତେ ସମୟ ହେଲାଣି ତରୁଣ ଆସିନାହାନ୍ତି । ଆଜି କାହିଁକ କେଜାଣି ମୋତେ ବହୁତ ଭୟ ଲାଗୁଛି । ଆରେ ଏ କଣ ବେଡ଼ ରୁମ ରେ ଥିବା ଗୋଟିଏ କାଗଜ ରେ ଲେଖାଯାଇଛି ଅନନ୍ଦିତା ମୁଁ ଚେତନ**,** ଭାବି ନେବ ଯେ ମୋର ହତ୍ୟା ହେଇଯାଇଛି**,** ଆଉ କେବେ ଦେଖା ହେବନ ଆଉ ତରୁଣ କୁ ନେଇ ଖୁସି ରେ ରୁହ ।।

**..ଅନନ୍ଦିତା..**

## ଡାଏରୀ- 2

ମୁଁ ଜୀବନ କୁ ଏକ ଭିନ୍ନ ଦୃଷ୍ଟି କୋଣ ରେ ଦେଖୁଥିବା ମଣିଷ ଟିଏ । ଅନନ୍ଦିତା ଜୀବନ ରେ ମୋ ପାଇଁ ଯେ ସ୍ଥାନ ନାହିଁ ଏକଥା ମୁଁ ବହୁ ପୂର୍ବରୁ ଜାଣି ସାରିଥିଲି **,**ଆମର ବିବାହ ପରିବାର ର ସ୍ୱୀକୃତି କ୍ରମେ ହେଇଥିଲା ତେଣୁ ଅନନ୍ଦିତା ର ମନ କଥା ଜାଣିବାର ସୁଯୋଗ ମୁଁ ପାଇଲିନ । ଅତୀତ ର ପୃଷ୍ଠା କୁ ଅତୀତ ରେ ହିଁ ସମାଧି ଦେଇ ବର୍ତ୍ତମାନ ରେ ବଞ୍ଚିବାକୁ ଜୀବନ ବୋଲି ଭାବେ ମୁଁ । ନଜର ଅମାପ ସମ୍ପତ୍ତି ଓ ବ୍ୟବସାୟ ଥିବା ସତ୍ତ୍ୱେ ବି ମୁଁ ଅଧ୍ୟାପନା କୁ ନଜ ର ବୃତ୍ତି ଭାବେ ଗ୍ରହଣ କରି ନେଇଛି । ଅନନ୍ଦିତା ସହ ବିବାହ

ପରେ ମୁଁ ତାର ମାନସିକ ରୋଗ ବିଷୟରେ ରେ ଜାଣିଲି । ବହୁତ ବଡ଼ ବଡ଼ ଡାକ୍ତର ତଥା ମନସ୍ତତ୍ତ୍ୱବିଦ୍ ଙ୍କ ପରାମର୍ଶ କ୍ରମେ ତାହାର ଚକିତ୍ସା ଚାଲିଲା କୌଣସି ଗୋଟିଏ ଜିନିଷ ପ୍ରତି ଅତ୍ୟଧିକ ଆସକ୍ତ ହେଇଯିବା ତାର ମୁଖ୍ୟ ଲକ୍ଷଣ ଥିଲା । ପରେ ଜାଣିବାକୁ ପାଇଲି ଅନନ୍ଦିତା ର ପ୍ରେମିକ ଚେତନ ବିଷୟରେ, ଯଦିଓ ଅତୀତ ର ପୃଷ୍ଠା ଓଲଟେଇ ମୋତେ କିଛି ବି ଆନନ୍ଦ ମିଳୁ ନଥିଲା । ବିବାହ ପରେ ବି ପ୍ରେମିକ ସହ ସମ୍ପର୍କ ଯେ ମୋତେ ଅଜଣା ଥିଲା ତାହା ନୁହେଁ ମୁଁ ଜାଣି ଜାଣି ଚୁପ ରହୁଥିଲି କାଳେ ତରୁଣ କୁ ପାଖରେ ପାଇ ଅନନ୍ଦିତା ଙ୍କୁ କିଛି ମାନସିକ ତୃପ୍ତି ମିଳିବ ଭାବି । ସେ ଯେ ମୋ ଆଖିରେ ଧରା ନ ପଡି ଯାଉ ସେଥିପାଇଁ ମୁଁ ବହୁ ସମୟ ଧରି ବାହାରେ ରହୁଥିଲି । ଗୋଟେ ଆର୍ଟ ଏକ୍ସଇବିସନ ରେ ତରୁଣ ସହ ମୋର ଦେଖା ହୁଏ ମୁଁ ତାକୁ ଘରକୁ ଡାକି ଆଣିଥିଲି । ତରୁଣ ସହ ଘନିଷ୍ଠ ହେବାର ଅଭିନୟ କରୁଥିଲି କିନ୍ତୁ ତରୁଣ ସାମନ୍ତରାୟ ଙ୍କ ବ୍ୟକ୍ତିତ୍ୱ ଏତେ ବଳିଷ୍ଠ ଯେ ମୁଁ ସତ ସତିକା ତାଙ୍କର ଘନିଷ୍ଠତା ବନ୍ଧୁ ହୋଇ ସାରିଥିଲି । ଅନନ୍ଦିତା ଙ୍କ ସବୁ ସର୍ତ୍ତ ମାନିବାକୁ ମୁଁ ହିଁ କହିଥିଲି ତରୁଣ କୁ । ମୁଁ ଏକଥା ଜାଣି ସାରିଥିଲି ଅନନ୍ଦିତା ଜୀବନ ରେ କେବଳ ତରୁଣ ହିଁ ଖୁସି ଭରି ପାରିବେ । ପରେ ଯେତେବେଳେ ଏ କଥା ଜାଣିଲି ଯେ ଅନନ୍ଦିତା ତରୁଣ ଦ୍ୱାରା ମୋର ହତ୍ୟା କରିବାକୁ ଚାହୁଁଛି, ମୁଁ ସ୍ଥାଣୁ ହୋଇ ଯାଇଥିଲି । ମୁଁ ଏହା ନିଶ୍ଚିନ୍ତ ହେଲି ହେ ଅନନ୍ଦିତା ମୋର ମୃତ୍ୟୁ ଚାହୁଁଛି । ମୁଁ ଏକଥା ମଧ୍ୟ ଜାଣିଥିଲି ତରୁଣ ମୋର ହତ୍ୟା କରିବା କଥା ଭାବି ବି ପାରିବନି ଆଉ ଆତ୍ମହତ୍ୟା ଭଳି କାର୍ଯ୍ୟ ତ ମୁଁ କରିପାରିବିନି । ତେଣୁ ମୁଁ ଆଜି ସବୁ କିଛି ଛାଡି ଚାଲିଯାଉଛି ବହୁତ ଦୂରକୁ ଯୋଉଠି ଅନନ୍ଦିତା ର ଜୀବନ ପରିଧି ମୋତେ ସ୍ପର୍ଶ ବି କରିପାରିବନି। ଆଉ ତରୁଣ ର ବନ୍ଧୁତ୍ୱ ମୋ ଜୀବନ ର ସ୍ମୃତି ହେଇ ରହିଯିବ ।

***ଚେତନ**

## ଡାଏରୀ -3

ମୁଁ ତରୁଣ ସାମନ୍ତରାୟ ଜଣେ ଚିତ୍ରକର କିନ୍ତୁ ଏହା ମୋର ପେଶା ନୁହେଁ, ପେଶା ରେ ଅଧ୍ୟାପକ ରାଜନୀତି ବିଜ୍ଞାନ ର । ଅନନ୍ଦିତା ମୋ କଲେଜ ବେଳ ର ବାନ୍ଧବୀ, କଲେଜ ସମୟ ରୁ ଅନନ୍ଦିତା ଓ ମୁଁ ଦୁହେଁ ଦୁହିଁଙ୍କୁ ମନ ଦେଇଥିଲୁ । ଅନନ୍ଦିତା କୁ ମୁଁ ଯେତିକି

ଜାଣିଥିଲି ସେ ବହୁତ ଜିଦଖୋର, ସେ ଚାହିଁବା ଜିନିଷ ନ ମିଳଲେ ସେ ପାଗଳ ପ୍ରାୟ ହେଇଯାଏ । କଲେଜ ପଢା ଶେଷ ପରେ ତାର ପରିବାର ତାର ଚିକିତ୍ସା ପାଇଁ ଦୂର କୁ ନେଇ ଯାଇଥିଲେ ଏବଂ ପରେ ତାର ବିବାହ ସେଠାରେ କରାଇ ଦେଇଥିଲେ । ମୁଁ ମଧ୍ୟ ନିଜକୁ ବୁଝେଇ ଦେଇଥିଲି । କିନ୍ତୁ ଚାରି ବର୍ଷ ପରେ ହଠାତ ଦିନେ ଅନିନ୍ଦିତା ସହ ଦିଲ୍ଲୀ ରେ ଦେଖା ହେଇଗଲା, ଏବଂ ଘର ଠିକଣା ଦେଇ ଘରକୁ ଆସିବାକୁ କହିଲା । ଆଉ ମୁଁ ମଧ୍ୟ ସମୟ ଦେଖି ଆସିଥିଲି କିନ୍ତୁ ଅନିନ୍ଦିତା ମୋତେ ବିବାହ କରି ମୋ ସହ ସଂସାର କରିବା କଥା ଚିନ୍ତା କରୁଥିଲା । ପୁଣି ଥରେ ପ୍ରେମ ପ୍ରଣୟ ରେ ଭିଜିବାକୁ ଚାହୁଁଥିଲା । ମୁଁ କିନ୍ତୁ ଚାହୁଁଥିଲି ସେ ତା ସଂସାର ରେ ଖୁସି ରେ ରହୁ କିନ୍ତୁ ବିଧି ର ବିଧାନ କିଛି ଅଲଗା

। ପରେ ମୋର ଚେତନ ଙ୍କ ସହ ବନ୍ଧୁତା ଗଢି ଉଠିଲା ଆଉ ସେ ମୋତେ ଅନିନ୍ଦିତା ର ସବୁ ସର୍ତ୍ତ ରେ ହଁ ଭରିବାକୁ କହୁଥିଲେ । ଚେତନ ଥିଲେ ଜଣେ ମେଧାବୀ ଓ ଉଦାର ବ୍ୟକ୍ତିତ୍ୱ । ଜୀବନ କୁ ନେଇ ତାଙ୍କର ଦର୍ଶନ ଟିକେ ଅଲଗା । ମୋର ସବୁ ଦମ୍ଭ, ପ୍ରେମ, ପୁରୁଣା ବନ୍ଧୁତା ସରିଯାଇଥିଲା ଯେତେବେଳେ ଅନିନ୍ଦିତା ଚେତନ କୁ ହତ୍ୟା କରିବାର ଷଡ଼ଯନ୍ତ୍ର ରଚିଥିଲା । ଚେତନ ଏକଥା ଜାଣି ଭାଙ୍ଗି ପଡ଼ିଥିଲେ ମୋ ହିଁ ବୋଧେ ଅନିନ୍ଦିତା ରାସ୍ତା ର କଣ୍ଟା ଥିଲି । କଥା ମୁତାବକ ଚେତନ ର ହତ୍ୟା କରିବାର ଦିନ ମୁଁ ଆସିକି ପହଂଚଲି । ଚେତନ କୁ ମାରିବାକୁ ନୁହେଁ ଏସବୁ ର ଅନ୍ତ କରିବାକୁ କିନ୍ତୁ ଆସି ଦେଖେ ଚେତନ ନାହାନ୍ତି ଆଉ ଏ ଲେଖା ଛାଡି ଯାଇଛନ୍ତି, ଆଉ ମୁଁ ବି ଅନିନ୍ଦିତା କୁ ଆଖି ଉଠେଇ ଦେଖି ନାହିଁ କେତେବେଳେ ଆସି ମୁ ଘରେ ପହଂଚଛି ମୁଁ ଜାଣିନି ।ଆଉ ମୁଁ କୁଆଡେ ଯାଉଛି ମଧ୍ୟ ମୁଁ ଜାଣି ନଥିଲି । ***ତରୁଣ**

ଏହି ତିନି ଟି ଡାଏରୀ ମୋତେ କେଉଁ ଏକ ପରିତ୍ୟକ୍ତ କୋଠରୀ ରୁ ମିଳିଥିଲା । ପରେ ଜାଣିବାକୁ ପାଇଲି ଚେତନ ଓ ତରୁଣ ବହୁ ପୂର୍ବରୁ ନିରୁଦ୍ଦିଷ୍ଟ ସେହି ଅଞ୍ଚଳ ରୁ ଆଉ ଅନିନ୍ଦିତା ର ହତ୍ୟା ହୋଇଥିଲା ବୋଲି ପ୍ରମାଣ ମିଳିଥିଲା କିନ୍ତୁ ଅନିନ୍ଦିତା ର ହତ୍ୟା କିଏ କଲା ତାହା ଆଜି ବି ରହସ୍ୟ ଘେର ରେ।

**(ବି. : କାହାଣୀ ଟି ସମ୍ପୂର୍ଣ୍ଣ କାଳ୍ପନିକ ଯଦି କେଉଁ ଜୀବିତ ଅଥବା ମୃତ ବ୍ୟକ୍ତି ଙ୍କ ସହ କୌଣସି ସାମଞ୍ଜସ୍ୟ ଥାଏ ତାହା ଏକ ସଂଯୋଗ ମାତ୍ର)**

# ବିଶ୍ୱାସ



ଉମେଶ କୁମାର ବିଶ୍ୱାଲ

କହିଥିଲ ଜୀବନଯାକ ବିତେଇ ଦେହ ସାଥେ
ଜୀବନର ପ୍ରତ୍ୟେକ ରାହାରେ
ସାଥେ ଚାଲିବାକୁ
ଘଣ୍ଟାର କଣ୍ଟା ଯେପରି ଚାଲିଥାଏ
ପଥିକର ପଥସଙ୍ଗୀ ହୋଇ ।

ଅନେକ ଅନେକ ସ୍ମୃତିର ପାହାଡ
ତାଆଗେ ନାଚୁଛନ୍ତି
ରଣର ବିଭୀଷିକା ପରି
ତାଣ୍ଡବଲୀଳା କରୁଛନ୍ତି ସ୍ମୃତି ଗୁଡାକ
ଆଖିରେ ଢଳ ଢଳ ହୋଇ ।

ରାଧାର ପାଉଁଜିକୁ ଝୁରି ଝୁରି
ଆଖିରେ ଯମୁନାକୁ ଧରି
ମାଧବ ଏକାନ୍ତରେ ତରୁ ଉହାଡରେ
ହୃଦୟକୁ ସମ୍ମୁଖେ ରଖିଛି
କଥା ବିନିମୟ କରି ।

ଇଚ୍ଛା ହୁଏ ତାର ପ୍ରବଳରୁ ପ୍ରବଳତର
ମନ ମାନସୀକୁ ନଜର କରିଦେବାକୁ
ମରୁଭୂମିର ବାଲି ପରି

କ୍ଷୀଣ ଆଲୋକର ଆଶା ରଖି
ଗଢିହୋଇ ପାହାଡ ବନେଇ ଦେବାକୁ ।

ଦୂର ଦିଗବଳୟରୁ ଫେରନ୍ତା ପକ୍ଷୀଯୁଗଳମାନେ
ପ୍ରେମ ବାର୍ତ୍ତାଳାପେ
ପ୍ରତ୍ୟୁଷର ଉହାଡରେ କଷ୍ଟିହ୍ନ ହେଉଛନ୍ତି
ମାଧବର ମରୁଦେହେ ପର୍ଣ୍ଣ ସଂଗ୍ଭରି ।

କଳ୍ପତରୁ ବୃକ୍ଷଗୁଡା ନୃତ୍ୟ କରୁଛନ୍ତି
ଅବଲୟ ହୋଇ
ଭିଡ ଜମାଇଲେଣି ଗ୍ଭରିଆଡେ
ନଜେନଜେ ପୂର୍ଣ୍ଣ ହେବା ପାଇଁ
ଆଉ ମାଧବକୁ ପୂର୍ଣ୍ଣତାର ପରଶଦେବା ପାଇଁ ।

ଶରୀରର ଅବୟବ ସବୁତୋ ଅପେକ୍ଷାରେ
ଚନ୍ଦ୍ର-ସୂର୍ଯ୍ୟ-ତାରକାର ଦରଶନ ନାହିଁ
ତା ଗଗନରେ
କେବଳ ପ୍ରତିଛବି ତୋର
ଆଙ୍କିଛି ମନରେ ।

କଥା ଦେଇଥିଲ ତୁମେ
ଆକାଶକୁ ସାକ୍ଷୀ ରଖି
କରିବାକୁ ଏକାସାଥେ ନୀଡର ରଚନା
କଣହେଲା କେଜାଣି ଆଜି
ଫୁଲ ଲାଗେ କଣ୍ଟାର ନବୀନା ।

ଗୁରିଆଖି ଦୁଇଆଖି ହୋଇ
ହାତ ସାଥେ ହାତକୁ ଧରି
ସଜେଇ ଥିଲି ସପନ
କ୍ଷଣିକରେ ଆଖି ଫିଟିଗଲା
ଚୁର୍ ମାର୍ ହୋଇ ଛିନ୍ନ ହେଲା ପ୍ରେମର ବନ୍ଧନ ।

ଏକ ଆତ୍ମା ଭିନ୍ନ ଦେହ ହୋଇ
ପରସ୍ପର ଜାକହୋଇ
ଜାଳଥିଲ ମନ ଆଉ ଆତ୍ମା
ତତ୍ କ୍ଷଣାତ୍ ଉଭା ହୋଇ ଜଳଦ ବରଷା
ଶାନ୍ତ କରିଦେଲା ବାସନା ପ୍ରେତାତ୍ମା ।

ମଳୟ ପରଶ ବଦଳେଇ ପାରିନାହିଁ
ଫଗୁଣଟି ଦଶଦିବେ ଚହଟାଇନାହିଁ
ମନର ଆବେଗମାନ
କରୁଛନ୍ତି ବିଷାଦର ସତତ ପ୍ରହରୀ ।

ଅନ୍ଧାରର ପଥମାନେ ଧାଇଁ ଆସୁଛନ୍ତି
ଗତିରୋଧ ପାଇଁ
ତଥାପିଯାଉଛି ଜୀବନ ପଥରେ
ବାଦଲ ପରି
କୁଳଶର ଭୟକୁ ନ ଡରି ।

ସାନଟୀକା, ଲୋଇସିଂହା, ବଲାଙ୍ଗୀର

# ଅନୁତାପ



ଟୋନସ ରୋହିଦାସ

ଜୀବନ ରେ କେତେ ଆପଣାର ହୋଇ ରୁହନ୍ତି ନଜର।
କିଛି କିଛି ଭୁଲ ପାଇଁ ଆମ ଠାରୁ ହୋଇଯାନ୍ତି ଦୂର।।
ଭୁଲ କଲା ବେଳେ ମଣିଷ ଭାବନ କିଛି।
ଯେତେ ବେଳେ ହୋଇ ଯାଏ ଭୁଲ ତା ପରେ ବସି ଭାବୁଛି।।
ଏକା ଯେବେ ହୋଇ ଯାଏ ପଛ ଦିନ କଥା ମନେ ଭାବି କରେ ଅନୁତାପ।।
ଭାବି ଭାବି ନଜ ମନ କୁ ପଛରେ ମୁଁ କରିଛି କେଉଁ ପାପ।।
ମୋ ପାଇଁ ଆଜି ସବୁ ଲାଗୁଛି ଫିକା ସତରେ କି ମୁଁ ହୋଇ ଯାଇଛି ଏକା।।
କେତେ ଥିଲେ ବନ୍ଧୁ ସହଦର ସଭିଏ ମିତେ କରି ଦେଲେ କି ଏକା।।
ଜୀବନ ବାଟରେ କାହାକୁ ଭାବିବି ନଜର କେହି ହୁଅନ୍ତି ନ ଦେଖା।।
ସ୍ନେହ ପ୍ରେମ ଶ୍ରଦ୍ଧା ରେ ବନ୍ଧା ଏ ଜୀବନ।
ସୁଖ ଦୁଃଖ ର ରାତିରେ ଆଖି ଦେଖୁଛି ସପନ।।
ଭୁଲ ପାଇଁ କ୍ଷମା ମାଗିଲେ ଲାଗୁଛି ଲାଜ।।
କେଉଁ ମୁହଁ ନେଇ ଯିବି ସେହି ପୟର ମୋତେ ଲାଗୁଛି ଲାଜ।।
ଆଜି ବୁଝି ପାରୁଛି କରୁଛି ଅନୁତାପ ଭୁଲ ମୋର ହେଲା କରିଛି ବଡ଼ ପାପ।।

ଗାଁ-ପାମରା
ଜିଲ୍ଲା-ସୁନ୍ଦରଗଡ଼

# ଅତୀତକୁ ଯିବି ଫେରି



ଦୀପକ କୁମାର ନାୟକ

ଜୀବନ ର କାନଭ୍ସ ରେ
କଲମ ର ତୁଳ ଧରି ଆଜି ଆଙ୍କିଛି ।
ଅତୀତ ର ସେହି ସ୍ମୃତି କୁ
ଲ୍ଗେ ଦେଖ୍ ସ୍ୱପ୍ନ ପରି ।
ଆଜି ହଜିଯାଇଛି ମୋର
ସେ ଶାନ୍ତ ନୀରବ ଚୁପ୍ ଗୁପ୍ ଦିନ ।
ଆଜି ସେ ଦିନକୁ ଖୋଜେ ମୁଁ
କାନଭ୍ସ ର ଚନ୍ଦ୍ରର କଳ୍ପନା ରେ ।
ସ୍ମୃତି ର ମରୁଭୂମିରୁ ଭ୍ଷିବୁଲେ
ଜୀବନର ଅନେକ କଛି ।
ମୁଁ ବାସ୍ତବ କୁ ଛାଡି ଦେଇଚ
ଅବାସ୍ତବ ରେ ଯାଉଛି ହଜି ।
ମିଛ ସମ୍ପର୍କରେ ବଞ୍ଚି ରହେନା
ବେଶିଦିନ ସେନେହ ଆଦର ।
କେତେ ଭଲ ଥିଲ୍ ଅତୀତର ଦିନ
ମୁଁ ଦେଇଛି ଆଜି ହଜେଇ ।
ହେ ଅତୀତ ତୁ ଫେରିଆ
ମୋର ସେ ଅଭୁଲ୍ ଦିନ ।
ଖୋଜେ ଆଜି ନୀରବରେ
ହେଲ୍ ପାଉନାହିଁ ସେ ଦିନ ।

# ଗୁରୁବାର

କ୍ଷୀରମୋହନ ପଟେଲ

ସେ ଦିନ ଥିଲା ବୈଶାଖ ମାସ । ଧୁ ଧୁ ଟାଣ ଖରା, ଗଛ ପତ୍ର ସବୁ ଝଡି ପଡୁ ଥିଲା, ନଈ ନାଲ ସବୁ ଶୁଖି ଯାଇ ଥାଏ। ଆକାଶ ମାର୍ଗରୁ ଅଙ୍ଗାର ପଡିଲା ଭଳି ଟାଣ ଖରା ହେଉଥାଏ। ଠିକ୍ ଠିକ୍ ଏତିକ ବେଳେ ପଦୁ ରିକ୍ସା ଧରି ପେଟ ପାଇଁ ଖରାରେ ହାତ ଝାଳ ତୁଣ୍ଡେ ମାରି ବସ୍ ଷ୍ଟାଣ୍ଡରେ ଅପେକ୍ଷା କରିଥାଏ। କେତେବେଳେ ଲୋକ ବସ୍ ରୁ ଓହ୍ଲେଇବେ ଆଉ ରିକ୍ସା ଭଡା କରି ନିଜ ନିଜ ଲକ୍ଷ୍ୟ ସ୍ଥଳକୁ ଯିବେ। ଏହି ଆଶାରେ ପଦୁ ରିକ୍ସା ଧରି ବସ୍ ଷ୍ଟାଣ୍ଡରେ ଧୂ ଧୁ ଖରାରେ ଅନାଇ ବସିଥାଏ।

ସେଦିନ ଥିଲା ଗୁରୁବାର। ସକାଳୁ ୮ ରୁ ୧୦ ବାଜିଲା, ହେଲେ ବସ୍ ଆସିଲା ନାହିଁ। ୧୦ ରୁ ୧୨ ବାଜିଲା ହେଲେ ଗୋଟିଏ ମଧ ବସ୍ ଆସିଲା ନାହିଁ। ଏମିତି ସନ୍ଧ୍ୟା ହୋଇଗଲା କିନ୍ତୁ ଗୋଟିଏ ମଧ୍ୟ ବସ୍ ଆସିଲା ନାହିଁ। ବିଚରା କଣ ଜାଣିଥିଲା ସେଦିନ ପରା କୃଷୀ ଆନ୍ଦୋଳନ ପାଇଁ Strike କରାଯାଇଛି। ଗାଡି ମଟର ବନ୍ଦ କରାଯାଇଛି। ସେ ଏମିତି ଅପେକ୍ଷାରେ ଥାଏ। କଣ କରିବ ସେ ବିଚରା ଗରିବ ଲୋକ ଯଦି ତା ରିକ୍ସାରେ ଆଜି କେହି ବସିବେନ ତା ପରିବାରକୁ ଖାଇବାକୁ ମିଳବ ନାହିଁ।

ଯେଉଁ ଦିନ ତାର ରିକ୍ସାରେ କେହି ବସନ୍ତି ନାହିଁ, ସେ ଦିନ ତାକୁ ଆଉ ତା ପରିବାରକୁ ଖାଇବାକୁ ମିଳେନ। ତା ଛଡା ତା ପରିବାର କହିଲେ ତା ସ୍ତ୍ରୀ ଓ ତାର ଗୋଟିଏ ୧୦ ବର୍ଷର ପୁଅ। ତାର ସ୍ତ୍ରୀ ନାମ ହେଉଛି ଶକୁନ ଓ ପୁଅ ହେଉଛି ରୁଦ୍ର।

ଯେତିକ ଯେତିକ ସନ୍ଧ୍ୟା ହୋଇଯାଇଥାଏ, ସେତିକ ସେତିକ ତାର ଚିନ୍ତା ବଢି ବଢ଼ି ଯାଉଥାଏ। ବିଚରା କଣ କରିବ ଘରକୁ ଗଲେ ପୁଅଟିଏ କହିବ ବାପା ମୋ ପାଇଁ କଣ ଆଣିଛ। ସ୍ତ୍ରୀ ପଚାରିବ ଚାଉଳ ଆଣିଛ ଶୀଘ୍ର ଦିଅ ମୁଁ ରୋଷେଇ କରିଦିଏ। ଏହି କଥା ଚିନ୍ତାରେ ସେ ପଡ଼ି ଯାଉଥାଏ। ଏକଥା ତା ମନକୁ କଷ୍ଟ ଦେଉଥାଏ। ଏମିତି ଚିନ୍ତା କରୁ

କରୁ ସନ୍ଧ୍ୟା ହୋଇଗଲା ଆକାଶରେ ତାରା ମାନେ ମିଞ୍ଜି ମିଞ୍ଜି ଦିଶୁଥାନ୍ତି। ଠିକ୍ ଏତିକ ବେଳେ ସେ ଧିରେ ଧିରେ ରିକ୍ସାକୁ ନେଇ ତା ଘରକୁ ଯିବା ଆରମ୍ଭ କଲା।

ଠିକ୍ ରାତ୍ର ୭:୩୦ ରେ ସେ ଘରକୁ ପହଞ୍ଚିଲା। ଘରକୁ ପହଞ୍ଚିଲା ବେଳେ ଦେଖିଲା ଯେ ତା ସ୍ତ୍ରୀ ଶକୁନ୍ତ ଶୋଇଛି। ତା ମୁଣ୍ଡ ପାଖରେ ବସି ତା ପୁଅ ରୁଦ୍ର ମାଆ ର ମୁଣ୍ଡରେ ଓଦା କପଡ଼ା ଦେଇ ପାଣି ଛାଟୁ ଥାଏ। ବିଚରା ପଦୁ ସକାଳୁ ସେ ମଧ କଛି ଖାଇ ନଥାଏ, ତା ପେଟରେ ମୂଷା ଖେଳୁଥିଲା ପରି ଲାଗୁଥାଏ।

ସେ ଆଉ କଣ କରିବ ପାଣି ଗୋଟିଏ ଗ୍ଲାସ୍ ପିଇଲା। ତା ପରେ ହଟାତ୍ ତାର ସ୍ତ୍ରୀ ମୁଣ୍ଡକୁ ଛୁଇଁ ଦେଖିଲା ତ ବହୁତ୍ ଜ୍ୱର ହେଉଛି। କଣ କରିବ ବିଚରା ତା ପାଖରେ ଟଙ୍କା ଗୋଟିଏ ବି ନାହିଁ, କ ଘରେ ଖୁଦ ଗଣ୍ଡେ ବି ନାହିଁ। ସେ ପଟେ ପୁଅ ଭୋକରେ ଅଛି, ସ୍ତ୍ରୀ ଜ୍ୱରରେ ଶୋଇଛି। ତାକୁ ଆଉ କଛି ଉପାୟ ଦିଶୁ ନଥାଏ। ସେ କଣ କରିବ? କେମିତି ତା ସ୍ତ୍ରୀକୁ ଡାକ୍ତରଖାନା ନେବ। ଏ ଚନ୍ତାରେ ସେ ପଡ଼ି ଯାଉଥାଏ। ଏତିକ ବେଳେ ହଠାତ୍ ତାର ମନେ ପଡିଲା ତା ଗାଁର ଜମିଦାର କଥା। ସେ ମନେ ମନେ ଭାବିଲା ମୁଁ ଯାଏ ଜମିଦାର ପାଖକୁ ସେ ନହାତି ମୋର ଦୁଃଖ ବୁଝିବେ। ସେ ଆଉ କାଳ ବିଳମ୍ବ ନକରି ଶୀଘ୍ର ଜମିଦାର ଘର ଆଡ଼କୁ ଗ୍ଲିଲା। ସେ ଯାଇ ଜମିଦାର ଘରକୁ ଯାଇ ପହଞ୍ଚି ଦେଖିଲା ଯେ ଜମିଦାର ଡାଇନଂ ଟେବୁଲ ଉପରେ ବସି ରାତ୍ରି ଭୋଜନ ଖାଉଛନ୍ତି। ବିଚରା ତ ଗରିବ ଲୋକ ସେ କଣ ସିଧା ସିଧା କହିପାରିବ! ଖାଉଥିବା ଦେଖି ସେ ବାହାରେ ଟିକେ ଅପେକ୍ଷା କଲା। କଛି ସମୟ ପରେ ଜମିଦାର ଖାଇ ସାରି, ଆସି ସଫାରେ ବସି ପଡିଲେ। ପଦୁ ଜମିଦାରକୁ ହସ ହସ ମୁହ କରି ଦେଖୁଥାଏ, ଆଉ ଟିକେ ଟିକେ ମୁଣ୍ଡକୁ ଆଉଁସୁ ଥାଏ।

ହଠାତ୍ ଜମିଦାରଙ୍କ ଆଖି ପଡ଼ି ଗଲା ପଦୁ ଉପରେ। ସେ ପଦୁକୁ ପଚାରିଲେ, ଆରେ ପଦୁ ତୁ କଣ ପାଇଁ ଏତେ ରାତିଟା ରେ ବାହାରେ ଆସି ଠିଆ ହୋଇଛୁ? ଏହା ଶୁଣି ପଦୁ ଡରି ଡରି କହିଲା - ମହାଜନେ ମୋର ସ୍ତ୍ରୀର ଦେହ ଖରାପ ସେଥି ପାଇଁ ମୁଁ ଆପଣଙ୍କ ପାଖକୁ ଆସିଥିଲି। ଏମିତି କହି କହି ମୁଣ୍ଡକୁ ଆଉଁସି ଆଉଁସି କହୁଥାଏ। ଏ କଥା ଶୁଣି ଜମିଦାର କହିଲେ - ତୋ ସ୍ତ୍ରୀ ଦେହ ଖରାପ ସେଠୁ କଣ ହେଲା? ମୁଁ କଣ କରିବି? ମୁଁ କଣ ଡାକ୍ତର ଯେ ମୋ ପାଖକୁ ଆସିଛୁ? ତୁ ଡାକ୍ତର ପାଖକୁ ଯାଉନୁ। ଏଠାକୁ କଣ ପାଇଁ ଆସିଛୁ?

ଜମିଦାରଙ୍କ ମୁହଁରୁ ଏହି ପଦେ କଥା ଶୁଣିବା ପରେ ପଦୁକୁ ଟିକେ ସାହାସ ମିଳଗଲା। ସେ ଆଉ ବିଳମ୍ବ ନକରି ସିଧା ସିଧା କହିବା ଆରମ୍ଭ କଲା - ହେ ମହାଜନେ ମୋତେ କଛି ଟଙ୍କା ଦେଇଥାନ୍ତେ। ମୋ ପାଖରେ ଟଙ୍କା ଟିଏ ବି ନାହିଁ, ମୁଁ କେମିତି ଡାକ୍ତର ଙ୍କ ପାଖକୁ ନେଇକ ଯିବି।

ଏ କଥା ଶୁଣି ଜମିଦାର କହିଲେ - ହଉ ଦେବି ତୁ ସକାଳେ ଆସିବୁ। ନେଇକ ଯିବୁ ଏବେ ତୁ ଘରକୁ ଯା।

ଆଜି ପରା ଗୁରୁବାର ମୁଁ ଟଙ୍କା କାହାକୁ ଦିଏ ନାହିଁ। ତୁ କାଲି ଆସି ଟଙ୍କା ନେଇ ଯିବୁ। ବିଚରା ପଦୁ ସେ ତ ଗରିବ ଲୋକ ସେ କଣ ମହାଜନକୁ ଉତ୍ତର ଫେରାଇ ପାରିବ। ସେ ଏ କଥା ଶୁଣି ସେଠାରୁ ଦୁଃଖୀ ହୋଇ ଧିରେ ଧୀରେ ଗ୍ଲାଲି ଆସିଲା। ଘରକୁ ଯେମିତି ଆସିଛି ତା ସ୍ତ୍ରୀ ଆଉ ଶୋଇ ନାହିଁ। ପୁଅ ସହିତ ବସିଛି। ସେତେବେଳକୁ ତାର ଜ୍ୱର ଭଲ ହୋଇଯାଇଥିଲା। ଏହା ଜାଣି ସେ ବିଚରା ପଦୁ ବହୁତ ଖୁସି ହୋଇ ଭଗବାନଙ୍କୁ ଡାକଲା - ହେ ଭଗବାନ ତୁମେ ପ୍ରକୃତରେ ଅଛ। ଏ ଦୁଃଖିର ଦୁଃଖ ବୁଝି ପାରିଛ। ତୁମ ଛଡା ଏ ଦୁନଆରେ କଏ ଅବା ଅଛି? ତୁମେ ହିଁ ମୋର ଦୁଃଖର ସାଥି ବୋଲି ସେ ମନେ ମନେ ଭଗବାନଙ୍କୁ ଧନ୍ୟବାଦ ଦେଲା।

ଛିଲିପା, ଧର୍ମଗଡ଼, କଳାହାଣ୍ଡି

# ଅଭିଳାଷ

କ୍ଷୀରେନ୍ଦ୍ର କୁମାର ସାହୁ

ସବୁ ହୋଇ ଯାଆନ୍ତା କ
ସତ୍ୟ ର ସାମ୍ରାଜ୍ୟ ଏକ ଏକ
ଦୀପ୍ତିମନ୍ତ ଆଲୋକ ବର୍ତ୍ତୀକା ।
ମିଛ ସବୁ ହଜି ଯାଆନ୍ତା କ
ସତ୍ୟାବୃତ ସୂର୍ଯ୍ୟ ର ଆଲୋକ ଶିଖାରେ ।
ସବୁ ଆଡେ ଗୁଞ୍ଜରୀ ଉଠନ୍ତା
ଶାନ୍ତି ର ମଧୁର ଗାନ
ମୋହନ ମୁରଲୀ କେବଳ ମୈତ୍ରୀ ର ।
ଆଉ ହୁଅନ୍ତା ନ
ବଳାତ୍କାରି ଧର୍ଷଣ କ ଶଠତା
ବ୍ୟଭିଚ୍ଛର, ଭ୍ରଷ୍ଟାଚ୍ଛର
ଦୁର୍ନୀତି, ଅନଏ, ଅତ୍ୟାଚ୍ଛର ।
ଚ୍ଛରିଆଡେ କେବଳ ପ୍ରେମ ଆଉ ପ୍ରେମ ।
ଋତୁ ଚକ୍ର ବର୍ଷ ତମାମ
ଲାଗି ରୁହନ୍ତା କ
ଫଗୁଣ ର ଫଳଗୁ ରେ
ଶ୍ରାବଣ ର ଝିପି ଝିପି ବର୍ଷାରେ
ଦଶରା ର ପାର୍ବଣ ରେ ।
ରାତି ତମାମ ଦିନ ତମାମ ଖାଲି
ପ୍ରୀତି ଆଉ ପ୍ରେମ ର
ସ୍ନେହ ବୋଲା ଅବିର ।

ବରପିଟା, ପାଟଣାଗଡ଼
ବଲାଙ୍ଗୀର

# ଦିନେ ତୁମେ ଫେରିବ



କାହ୍ନୁ ଚରଣ ସାହୁ

ଶାଶ୍ୱତ ପ୍ରେମର ପରିଚୟ ଦେଇ
ଆପଣାର କରି ନେଲ
ସିଂଥିରେ ସିନ୍ଦୂର ହାତରେ କଙ୍କଣ
ଦେବାକୁ ଭରଷା ଦେଲ ।

ମୁକ୍ତ ଆକାଶର ବିହଙ୍ଗଟେ ଥିଲି
ବନ୍ଦୀ ତୁମେ କରିଦେଲ
ଶାଶ୍ୱତ ପ୍ରେମକୁ ସମ୍ମାନ ମୁଁ ଦେଲି
ତୁମେ ମତେ ଭୁଲି ଗଲ ।

ଗର୍ଭରେ ମୋହର ତୁମରି ସନ୍ତକ
ନୟନେ କୋହର ଜଳ
ବୁଝିଲନ ତମେ ପ୍ରେମର ମହତ୍ତ୍ୱ
ଅଧାବାଟେ ଛାଡ଼ି ଦେଲ ।

ଦୁନଆ କୁହଇ କୁଆଁରି ଜନନୀ
ବିଶ୍ୱାସେ ଜହର ଦେଲ
ପରିଚୟ ଦେବା ବାହାନାରେ ତମେ
କଳଙ୍କ ଯେ ବୋଳଦେଲ ।

ଦିନେ ତୁମେ ଫେରିବ ସେ ଅପେକ୍ଷାରେ
ପ୍ରତୀକ୍ଷଣ ମୁହିଁ ଜଳେ
ପବିତ୍ର ପ୍ରେମକୁ କଳଙ୍କିତ କରି
ସନ୍ତାନ କୋଳରେ ଖେଳେ ।

ପଣ୍ଡକାମାଳ, ମ.ରାମପୁର, କଳାହାଣ୍ଡି
ସମ୍ପାଦକ : ସୃଷ୍ଟି ସମ୍ଭାର

# ତୁମରିଠାରେ



ଜ୍ୟୋତି ପଧାନ

ମୁଁ ପ୍ରତିକ୍ଷଣ ସମର୍ପିଛି
ମୋ ହୃଦୟକୁ
ତୁମରିଠାରେ ।

ଶ୍ରାବଣର ଯେମିତି
ଅସରନ୍ତି ବର୍ଷା ଧାର୍
ମୋ ନୟନରୁ ଝଙ୍କୃତ ହୁଏ
ତୁମ ପ୍ରେମ
ହୋଇ ଅବାରିତ ଅଶ୍ରୁଧାର୍ ।

ତୁମଠାରେ ସେଇ
କଟ୍ଟିଟା ମୁହୂର୍ତ୍ତ
ଖେଳାଇ ଦେଇଥିଲ୍
ରୋମାଞ୍ଚର ସିହରଣ
ସଦ୍ୟ ସକାଳର
ସୁନେଲି କରଣ
ସବୁଜ ବନାନୀରେ
ସାଧବ ବୋହୂ ର ସ୍ୱପ୍ନ ।

ସେଇ ସ୍ମୃତି ମୋର
ନେନ୍ତ ଭରୁଥାଉ
ଅସୀମ ଗଭୀର ପ୍ରେମରେ
ମୁଁ ସର୍ବଦା ନଜକୁ
ସମର୍ପିତ କରେ
ତୁମରି ଠାରେ ।

ବିଜେପୁର ଡିଗ୍ରୀ କଲେଜ, ବିଜେପୁର
ଯୁକ୍ତ ତିନ ତୃତୀୟ ବର୍ଷ କଳା
ଓଡ଼ିଆ ସମ୍ମାନ

# ମଶାଣି ରେ ଅଗ୍ରୀମ...



ଜୁମର ନାଥ ପାତ୍ର

ସାଆରେ ଘରେ ଅଛ ନା, ନମସ୍କାର। ଆରେ ନୂଆଉ ଜୁହାରେ। ସାଆରେ ଅନଲାଇନ୍ ରେ କ୍ଲାସ କରୁଛନ୍ତି ବୋଧେ ହଁ ତ ଶୁଭୁଚ।

ହେ ନେଟୱର୍କ ପ୍ରବଲେମ କହି ବାହାରି ଆସିଲେଣି ରୁମ୍ ରୁ। ମୋତେ ଦେଖି ଅଧା ଚମକବା ଭଳ ଗୃହିଁ କ'ଣ ବରବର ହେଇ କହୁଛନ୍ତି ତ...।

ହଁ ଏତିକ ଶୁଣିଲି ଯାହା କହିବାକୁ ଲାଜ ଲାଗୁଚ। ସାଆରେ ଙ୍କ ପ୍ରଶ୍ନ ' କହୋ ମଧୁ ସାଆରେ କୁଆଡ଼େ ଆଇଲ। ହେ ତୁମେ ପିଣ୍ଡାରେ ଢାଳରେ ଥିବା ପାଣି ଆଉ ଲାଇବୟ ସାବୁନରେ ହାତ ଧୋଇ ଆସିଛ ନା ସିଧା ଏ ଅଗଣାକୁ ପଶି ଆସିଲ...'!

ହଁ ହେ ସାଆରେ ସବୁ କରିଚ। ତୁମ ପ୍ଲାଷ୍ଟିକ ଚେୟାର ତିନଟା କ'ଣ କନା ଗୁଡ଼ାଇ ଓଗ୍ରେ ଟାଙ୍ଗିଛ ର ଉତ୍ତର ରେ କହିଲେ ଏ ଯୋଉ ମହାମାରୀ ବାବା। ନୂଆଉ କହିଲେ ବସ ମଧୁ ଭାଇ ଗୃହା ଟିକେ ଆଣେ। ଏତିକ ପାଟିରୁ ନଶରୁଣୁ 'କହୋ ଚନ ପା ନାହିଁ କହୁଥିଲ' କହି ତର୍ଟିକ ଗୃହିଁଲେ ଶ୍ରୀମତୀ ଙ୍କୁ।

ଥାଉ ନୂଆଉ ଗୃ'ମୁଁ ପିଇକ ଆସିଚ ଘରୁ । ହଁ ମଧୁ ସାରେ କ'ଣ କୁହ କୁଆଡ଼େ ଆଇଛ ଜଲଦି କୁହ। ଏଇଠି ଏଇ ତାଳପଟିଆ ରେ ବସ।

କ'ଣ ଆଉ କହିବି ସାଆରେ ରକ୍ତଦାନ କରିବ କ...

ବାତ୍ୟା ସହାୟତା କଛି ଦବ କ...

ମୋଫତରେ ପଢେଇବ କ...

ଚହିଁକ ଉଠି ଗର୍ଜିଲେ ମୋତେ ଏସବୁ ଫାଲତୁ କଥା କୁହନ। କେତେ ଫନ୍ଦି କରି ଟଙ୍କା କେଇଟା ରଖି ଇଟାଭାଟି ଚମିନ ସେପଟେ ଗୁଣ୍ଠେ କଣିଛି। ରକତ କୋଉ ହାଉଯାଉ ହଉଛି ମୋ'ଠି।

ତୁମେ ଗଲ ସାରେ, ସକାଳୁ ମୁଣ୍ଡ ଖାଅନ।

ହେ ସାଆରେ ସେଟା ପା ମଶାଣି...!

ମଧୁ ସାରେ ତୁମେ ବୁଝି ପାରିବନ। ମଶାଣି କ'ଣ କହୋ। ଦଲାଲ ପୋଡ଼ା କାଠ ପାଉଁଶ ସବୁକୁ ସଫା କରି ପାଖ ନାଳକୁ ପେଲିଦେଇ ପ୍ଲଟିଙ୍ଗ କରି ଦେଇଛି ମୋତେ ଗୁଣ୍ଠେ।

କ'ଣ ଭାବୁଛ କହୋ ମଧୁ ସାରେ। ମୁଣ୍ଡ ଘାଇଁ ମାରିଗଲା ନା। ଯାଅ ଯାଅ ମୋ'ର ଅନଲାଇନ କ୍ଲାସ ଆଉ ଗୋଟେ ଅଛି ନମସ୍କାର।

ଭାବୁଥାଏ ରାସ୍ତାରେ ଗ୍ଲୁଗ୍ଲୁ କ ଅଜବ ଲୋକ ଏ। ବଞ୍ଚି ଥାଉଥାଉ ନଜ ପାଇଁ ମଶାଣିରେ ଜାଗାଟିଏ ଥୟ କରି ସାରିଲେଣି ଟଙ୍କା ଦେଇ।

କ'ଣ କହିବା ଏମିତି ଲୋକକୁ...

ବୁଦ୍ଧିଆ ନା ଗ୍ଲାକ୍...!!!

ବାଲେଶ୍ୱର

# କାହିଁକି ପଛରେ ରହିଗଲେ?



ହରିବନ୍ଧୁ ମେହେର

ପୁରାଣ ଶାସ୍ତ୍ର ସବୁଠି
ଏହି କଲମ ଲେଖାରେ ବି
ମାଆଁଙ୍କ ବିଷୟରେ
ଅନେକ ଲେଖା ଅଛିତ
ଏହି କଲମର ଅବଦାନ
ବାପାଙ୍କ ପାଇଁ ବହୁତ କମ୍ !!

ମାଆଁର ଭଲ ପାଇବା
ସଭିଙ୍କୁ ଦେଖାଯାଇଥାଏ
ହେଲେ ବାପାଙ୍କ ଅତି ନଅଣ୍ଟ !!

ବାହାରୁ ଆସି ଘରେ ପାଦଦେଲେ
କଛି କାମ ନଥିଲେ ମଧ
ମାଆଁର ଡାକଟିଏ ପଡିଥାଏ
ହେଲେ ବାପା କାହିଁକି ପଛରେ !!

ବିପଦ ବେଳେ ବିକଳ ସ୍ୱରରେ
ମା ର ଡାକ ଆସିଥାଏ
ହେଲେ ବାପାଙ୍କ ସବୁ କାମ
ତଥାପି ବାପା ପଛରେ ରହିଲେ !

ମାଆଁ ଦଶମାସ ଗର୍ବରେ
ସନ୍ତାନ ଭାର ବୋହିଥାନ୍ତି
ବାପା କର୍ମବଳ ଦେଇ
ସନ୍ତାନ ଭାର ବୋହିଥାଆନ୍ତି !!

ସମାନ ଭାର ବୋହି ଥିଲେବି
ବାପା କାହିଁକି ପଛରେ ରହିଗଲେ
କାରଣ ବାପା ହେଉଛନ୍ତି
ଗୋଟିଏ ଗୋଟିଏ ମେରୁଦଣ୍ଡ !!

ପଛରେ ରହିଛି ବୋଲି
ଆଖି ବାଜି ପାରୁନାହିଁ
କନ୍ତୁ ତାଙ୍କ ପାଇଁ ହିଁ
ଠିଆ ହୋଇ ପାରିଅଛୁ !!

ସାଲେଭଟ, ବଲାଙ୍ଗିର

# ନୀଳ ନୟନା



ହରେଗ୍ରାମ ପଣ୍ଡା

ପ୍ରେମରେ ବତୁରା ନହୁଲୀ ବୟସୀ
କଏ ସେହି ନୀଳ ନୟନା,
ଲୁଚିଛୁପି ଆସି ଧରିନେଲା ଆଖି
କରୁଥିଲା କେତେ ବାହାନା ।

ବଧୂଲି ଓଠରେ ଅମାନିଆ ହସ
କୁନ୍ତଳରେ ମଧୁ ବିଳାସ,
ଗଣ୍ଡରେ ଗଜରା ରଜନୀ ଗନ୍ଧା କ
ଭାଙ୍ଗୁଥିଲା ସତେ ଅଳସ ।

ଠାଣୀରେ ବାଣୀରେ ନୁପୂର ଛନ୍ଦରେ
କହୁଥିଲା ଯେଉଁ କାହାଣୀ,
ହଜି ଯାଉଥିଲା ମଜ୍ଜି ଯାଉଥିଲା
ମନ ମୋ କାହିଁକି କେଜାଣି ।

ଓଠ ପିଆଲାରେ ପ୍ରେମର ମଦିରା
ମତୁଆଲା କଲା ମୋତେ,
ଚୁପିଚୁପି କାନେ କହି ଯାଉଥିଲା
ଅକୁହା କଥା ଯେ କେତେ ।

ମୋ ମନର କଥା କହିଲା ବେଳକୁ
ଦୂରେ କେଣେ ଯାଏ ଚାଲି,
ପରୀଟିଏ କି ସେ ଜହ୍ନ ରାଇଜେ
ଚାହୁଁଚାହୁଁ ଗଲା ବୁଲି ।

ଆଜି ମୁଁ ବିଜନେ ଭାବେ ମନେମନେ
ସେ ସବୁ ସପନ ଥିଲା,
ନେହୁରା ହେଉଛି ବୟସକୁ ମୋର
ସବୁ ଦୋଷ ତା'ର ଥିଲା ।

କୁଆଁସ, ମେର୍ଦ୍ଧା କାଟିଆ ଛକ, ଯାଜପୁର
ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ

# ରଙ୍ଗୀନ ଅନ୍ଧାର



ଗଜାନନ ମିଶ୍ର

ଥାଉ,
ଭଲ ପାଇବା ଏତିକରେ।
ଥାଉ,
ପ୍ରେମ କରିବା ବୃଥାରେ।

ନମସ୍କାର
କରିବାକୁ ହେବ ପ୍ରେମକୁ।
ଥୋଇଦେବାକୁ ହେବ ସେପଟେ
ଗଳ୍ପକୁ, କବିତାକୁ।

ଶୁଖିଲା ପଥର ହୋଇ
ପଡି ରହିବା ଭଲ
କୋଉ ଅଜଣା ଅପନ୍ତରା
ଇଲାକାରେ।

ଭାଇବନ୍ଧୁ ପରିବାରକୁ
ନେବାକୁ ହେବ ନ ସାଥୀରେ।
ଥାଉ, ଯେ ଯେମିତି,
ଯାହା ଯୋଉଠି, ଏଠାରେ
ସେଠାରେ।

ସାହସ ବାନ୍ଧିବାକୁ ହେବ
ସାମ୍ନାସାମ୍ନି ହେଲାବେଳେ
ଧୂଆଁ ସହିତ,
କ୍ଷତିକୁ କହିବାକୁ ହେବ
କଏରେ ତୁ
କାହାପାଖକୁ
କଣ ପାଇଁ ଆସିଛୁ !

ଅଜଣା ନୁହଁ,
ଭଲପାଇବାର ଫାଏଦା
କେମିତି ନଆଯାଏ ଏଠି
ସରଳ ତରଳ ଦେଖି।
ଜଣା ଭଲ କରି
ପ୍ରେମକୁ ଫୁ କରି
ଦକ୍ଷିଣାପବନ ଉଡାଇ
ନେଇଯାଏ କେଉଁଆଡକୁ କପରି!

ଥାଉ, କୁହ ନା ଆଉ
ଭଲ ପାଅ, ପ୍ରେମ କର!
ଏଠି ନାଇଁ ସତ୍ୟ,
ଏଠି ନାଇଁ ଆଲୁଅ।
ନଜ ଭିତରକୁ ନଜେ
ପଶିଯାଅ ଏଥର,
ପ୍ରିୟ ମଣିଷ!
ଦେଖ, କେତେ
ଦେବାକୁ ତରତର ଆନନ୍ଦ
ନଜ ଭିତରର ରଙ୍ଗୀନ ଅନ୍ଧାର।

ତପୋବନ, ଟିଟିଲାଗଡ, ବଲାଙ୍ଗୀର

# ମହାଭାରତ କଥା..
# (୬)



ନରେନ୍ଦ୍ର ପ୍ରସାଦ ବେହେରା

## ଦ୍ୱିତୀୟଥର ପଶା ଖେଳରେ କ'ଣ ଘଟିଲା

ଧୃତରାଷ୍ଟ୍ର ପିତୃବ୍ୟଙ୍କ ଆଦେଶ ପାଳନ କରି ପାଣ୍ଡବମାନଙ୍କୁ ସମ୍ମାନର ସହିତ ଇନ୍ଦ୍ରପ୍ରସ୍ଥକୁ ପଠାଇଦେଲେ । ଧୃତରାଷ୍ଟ୍ର ନାମକୁ ମାତ୍ର ରାଜା ଥାଇ ସିଂହାସନର ଶୋଭାବର୍ଦ୍ଧନ କରୁଥିଲେ କିନ୍ତୁ ତାଙ୍କର ଜ୍ୟେଷ୍ଠ ପୁତ୍ର ଦୁର୍ଯ୍ୟୋଧନ ବସ୍ତୁତ ରାଜ୍ୟ ଶାସନ କରୁଥିଲା । ଭୀଷ୍ମ ସମସ୍ତଙ୍କର ପୂଜ୍ୟ ମୁରବି ହୋଇ ରହିଥିଲେ ସୁଦ୍ଧା, ତାଙ୍କୁ ମଧ୍ୟ ଦୁର୍ଯ୍ୟୋଧନ ଭ୍ରୂକ୍ଷେପ କରୁ ନ ଥିଲା । ସେ ବେଳେ ବେଳେ ପିତାମହ ଭୀଷ୍ମଙ୍କ ପ୍ରତି କଟୁ ବାକ୍ୟ ପ୍ରୟୋଗ କରୁଥିଲା । ପାଣ୍ଡବମାନେ ଇନ୍ଦ୍ରପ୍ରସ୍ଥକୁ ଫେରିଯିବାର କିଛିଦିନ ପରେ ଦୁର୍ଯ୍ୟୋଧନ ଚିନ୍ତା କରିବାକୁ ଲାଗିଲା, ପାଣ୍ଡବମାନଙ୍କୁ ସେ କିପରି ସେମାନଙ୍କ ରାଜ୍ୟରୁ ସବୁଦିନ ପାଇଁ ବିତାଡିତ କରିଦେବ । ସେ ପୁଣି ତାର ମାମୁଁ ଶକୁନି ଓ ବନ୍ଧୁ କର୍ଣ୍ଣ ସହିତ ମନ୍ତ୍ରଣା କରି ଆଉଥରେ ପଶାଖେଳର ଆୟୋଜନ କରିବାକୁ ମନସ୍ଥ କଲା । ସମସ୍ତେ ଯାଇ ଧୃତରାଷ୍ଟ୍ରଙ୍କ ନିକଟରେ ପହଞ୍ଚି କହିଲେ, ପାଣ୍ଡବମାନଙ୍କୁ ଯଦି ସେମାନଙ୍କ ରାଜ୍ୟରୁ ସମ୍ପୂର୍ଣ୍ଣ ରୂପେ ବିତାଡିତ କରା ନ ଯାଏ, ତା' ହେଲେ ସେମାନେ ଆମକୁ ଧ୍ୱଂସ କରିଦେବେ । ପୁଣି ଥରେ ପଶାଖେଳ କରିବା ପାଇଁ ଆପଣ ଆମକୁ ଅନୁମତି ଦିଅନ୍ତୁ । ଏଥର ମଧ୍ୟ ପଶାଖେଳରେ ନିଶ୍ଚିତ ଭାବରେ ହାରିଯିବ ଏବଂ ଦୀର୍ଘ ବାରବର୍ଷ ପାଇଁ ସେମାନଙ୍କୁ ବନବାସ ଯିବାକୁ ପଡିବ ଏବଂ ଆଉ ଗୋଟିଏ ବର୍ଷ ଅଜ୍ଞାତ ବାସ କରିବାକୁ ପଡିବ । ଏହି ସମୟ ମଧ୍ୟରେ ସେମାନଙ୍କର ସମସ୍ତ

ଦର୍ପ ଚୂର୍ଣ୍ଣ ହୋଇଯିବ । ଭୀମ ରାଜସଭାରେ ଦେଇଥିବା ଧମକ କଥା ସେମାନେ ସ୍ମରଣ କରାଇ ଦେବାରୁ ଅନ୍ଧରାଜା କୌଣସି ଆପତ୍ତି ନ କରି ପାଣ୍ଡବମାନଙ୍କୁ ଡାକ ଆଣିବା ଲାଗି ଜଣେ ଦୂତ ପଠାଇଲେ । ଏଥର କିନ୍ତୁ ଭୀଷ୍ମ, ଦ୍ରୋଣ ଓ ବିଦୁର ପ୍ରଭୃତି ଘୋର ପ୍ରତିବାଦ କରିଥିଲେ । ମାତ୍ର ରାଜା ସେମାନଙ୍କ କଥା ପ୍ରତି କର୍ଣ୍ଣପାତ କଲେ ନାହିଁ । ଦୁର୍ଯ୍ୟୋଧନ ଯାହା କହୁଥିଲା ସେ ତାହା କରୁଥିଲେ । ଯୁଧିଷ୍ଠିର ଥିଲେ ଜଣେ ଧର୍ମପ୍ରାଣ ବ୍ୟକ୍ତି । ସେ ଗୁରୁଜନମାନଙ୍କ କଥାକୁ ଆଦୌ ଅମାନ୍ୟ କରୁ ନ ଥିଲେ । ଏତେ ଅପମାନ ଓ ନିର୍ଯାତନା ସହି ମଧ୍ୟ ଧୃତରାଷ୍ଟ୍ରଙ୍କ ଆଦେଶ ପାଇ ସେ ଦ୍ୱିତୀୟ ବାର ପଶା ଖେଳିବା ଲାଗି ସପରିବାର ହସ୍ତିନାପୁରରେ ଆସି ପହଞ୍ଚିଲେ ।

ପୁଣି ସଭାକକ୍ଷରେ ସମସ୍ତଙ୍କ ଉପସ୍ଥିତିରେ ଦ୍ୱିତୀୟବାର ପଶାଖେଳ ହେଲା ଏବଂ ଦୁର୍ଯ୍ୟୋଧନ ପକ୍ଷରୁ ତାର ମାମୁଁ ଖେଳରେ ବସିଲେ । ଏଥର ମଧ୍ୟ ଶକୁନି ପୂର୍ବପରି ତାର କପଟ କୌଶଳ ପ୍ରୟୋଗ କରି ଖେଳରେ ଯୁଧିଷ୍ଠିରଙ୍କୁ ହରାଇ ଦେଲା । ଏହା ଫଳରେ ସେମାନଙ୍କୁ ସେମାନଙ୍କ ରାଜ୍ୟ ତ୍ୟାଗ କରି ସର୍ତ୍ତ ଅନୁସାରେ ବାରବର୍ଷ ବନବାସ ଏବଂ ଆଉ ଗୋଟିଏ ବର୍ଷ ଅଜ୍ଞାତବାସ କରିବା ପାଇଁ ଯିବାକୁ ପଡିଲା । ସେମାନେ ମାତା କୁନ୍ତୀଙ୍କୁ ସେମାନଙ୍କ ହିତୈଷୀ ବିଦୁରଙ୍କ ଘରେ ଛାଡି ଦେଇ ଦ୍ରୌପଦୀଙ୍କୁ ସଙ୍ଗରେ ଧରି ଚାଲିଲେ ଅରଣ୍ୟକୁ । ସେମାନଙ୍କର ବିଦାୟକାଳୀନ ଦୃଶ୍ୟ ଅତ୍ୟନ୍ତ ମର୍ମନ୍ତୁଦ ଥିଲା । ହସ୍ତିନାପୁର ଓ ଇନ୍ଦ୍ରପ୍ରସ୍ଥର ନଗରବାସୀ ଆକୁଳ କ୍ରନ୍ଦନ କରି ସେମାନେ ଅରଣ୍ୟ ମଧ୍ୟରେ ପ୍ରବେଶ କରିବାଯାଏ ସେମାନଙ୍କ ପଛରେ ଧାଇଁଲେ । ଏହି ବାରବର୍ଷବ୍ୟାପୀ ଅରଣ୍ୟବାସ କାଳରେ ଅର୍ଜୁନ ଘୋର ତପସ୍ୟା କରି ଶିବଙ୍କଠାରୁ ଭୟାନକ ପାଶୁପତ ଅସ୍ତ୍ର ଏବଂ ଇନ୍ଦ୍ରଙ୍କଠାରୁ ଅବ୍ୟର୍ଥ ଅସ୍ତ୍ର ବଜ୍ର ସମେତ ଅନ୍ୟାନ୍ୟ ଶକ୍ତିଶାଳୀ ଦିବ୍ୟ ଅସ୍ତ୍ରମାନ ପ୍ରାପ୍ତ ହୋଇଥିଲେ। ସେମାନଙ୍କ ଅରଣ୍ୟବାସ କାଳରେ ପାଣ୍ଡବମାନେ ଯେପରି କ୍ଷୁଧାରେ କଷ୍ଟ ନ ପାଇବେ, ସେଥିଲାଗି ସୂର୍ଯ୍ୟ ଦେବତା ସେମାନଙ୍କୁ ଅକ୍ଷୟପାତ୍ର ପ୍ରଦାନ କରିଥିଲେ, ଯାହାକି ଦିନସାରା ଖାଦ୍ୟ ପଦାର୍ଥରେ ଭରପୂର ହୋଇରହୁଥିଲା ଏବଂ ଦ୍ରୌପଦୀ ରାତିରେ ଖାଇ ସାରିବା ପରେ ଏହା ପରଦିନ ସକାଳ ପର୍ଯ୍ୟନ୍ତ ଖାଲି ହୋଇଯାଉଥିଲା ।

ପାଣ୍ଡବମାନେ କାମ୍ୟକ ଅରଣ୍ୟରେ ରହିଥିବା ସମୟରେ ଦିନେ ଶ୍ରୀକୃଷ୍ଣ ସେମାନଙ୍କୁ ଦେଖିବା ପାଇଁ ବଡ଼ଭାଇ ବଳରାମଙ୍କ ସହିତ ଦ୍ୱାରକାରୁ ଆସି ପହଞ୍ଚିଲେ ସେଠାରେ । ସେମାନଙ୍କର ସୁହୃଦ ଶ୍ରୀକୃଷ୍ଣଙ୍କୁ ଦେଖି ପାଣ୍ଡବ ଭ୍ରାତାଗଣ ଓ ଦ୍ରୌପଦୀ ଆନନ୍ଦରେ ଅଧିର ହୋଇଗଲେ । ପାଣ୍ଡବମାନଙ୍କର ବନବାସ ଅବସ୍ଥା ଦେଖି ଶ୍ରୀକୃଷ୍ଣଙ୍କ ହୃଦୟ ଦୁଃଖରେ ଭରିଗଲା । ସେ ସେମାନଙ୍କୁ ସାନ୍ତ୍ୱନା ଦେଇ କହିଲେ, ଦେଖ, ସେଦିନ ପାଖେଇ ଆସୁଛି ଯେତେବେଳେ କି ତୁମମାନଙ୍କୁ ଏ ଦଶା ଭୋଗ କରିବାକୁ ଦେଇଥିବା ପାପୀମାନଙ୍କ ରକ୍ତରେ ଧରା ଭିଜିଯିବ । ତୁମମାନଙ୍କର ଦୁଃଖର ଦିନ ଶେଷ ହୋଇ ଆସୁଛି । ଦ୍ରୌପଦୀ ଶ୍ରୀକୃଷ୍ଣଙ୍କ ନିକଟରେ ଭାବବିହ୍ୱଳ ହୋଇ କହି ଉଠିଲେ, ହେ କୃଷ୍ଣ, ମୋର ଏହି ପାଞ୍ଚ ପତିଙ୍କ ସମ୍ମୁଖରେ ମୁଁ କୁରୁ ସଭାରେ ଯେଉଁ ଲାଞ୍ଛନା ପାଇଛି ତାହା ତ ତୁମେ ଜାଣିଥିବ । ତୁମ ସକାଶେ ହିଁ ମୋର ସମ୍ମାନ ରହିଲା । ଏହା କହି ଦ୍ରୌପଦୀ ଭେ ଭେ କରି କାନ୍ଦି ଉଠିଲେ । ଶ୍ରୀକୃଷ୍ଣ ଉତ୍ତେଜିତ କଣ୍ଠରେ କହିଲେ, ଶୁଣ ଦ୍ରୌପଦୀ, ତୁମକୁ ଯେଉଁମାନେ କନ୍ଦାଇଛନ୍ତି, ସେମାନଙ୍କ ପତ୍ନୀମାନେ ବିଧବା ହୋଇ ଏହା ଅପେକ୍ଷା ଶତସହସ୍ର ଗୁଣ ଅଧିକ କ୍ରନ୍ଦନ କରିବାର ଦିନ ଆଉ ବେଶି ଦୂର ନାହିଁ ବୋଲି ଜାଣ । ଏହା କହି ଶ୍ରୀକୃଷ୍ଣ ପାଣ୍ଡବମାନଙ୍କୁ ନାନା ପ୍ରକାର ଆଶ୍ୱାସନା ଦେଇ ଦ୍ୱାରକା ଫେରିଗଲେ ।

ଏହିପରି ଭାବରେ ଦୀର୍ଘ ବାରବର୍ଷ କାଳ ଅରଣ୍ୟ ମଧ୍ୟରେ ବିତାଇ ପରବର୍ତ୍ତୀ ଗୋଟିଏ ବର୍ଷ ପାଣ୍ଡବମାନେ ଛଦ୍ମବେଶରେ ରାଜା ବିରାଟଙ୍କ ଘରେ ରହିଲେ । ସେମାନଙ୍କ ଅଜ୍ଞାତବାସ ସମ୍ପୂର୍ଣ୍ଣ ହୋଇଯିବା ପରେ ପାଣ୍ଡବମାନେ ହସ୍ତିନାପୁରକୁ ଫେରିଆସି ନିଜ ରାଜ୍ୟ ଫେରସ୍ତ ପାଇବା ଲାଗି ଯେତେବେଳେ ଦାବୀ ଜଣାଇଲେ, ସେତେବେଳେ ଦୁର୍ଯ୍ୟୋଧନ ତାହା ସେମାନଙ୍କୁ ଫେରାଇବା ତ ଦୂରର କଥା, ଛୁଞ୍ଚି ଅଗରେ ରହୁଥିବା ଟିକିଏ ଜାଗା ମଧ ଦେବି ନାହିଁ ବୋଲି ରୋକଠୋକ ମନା କରି ଦେଲା । ପାଣ୍ଡବମାନେ ଅନନ୍ୟୋପାୟ ହୋଇ ହସ୍ତିନାପୁର ଠାରୁ ଅଳ୍ପ କିଛି ଦୂରରେ ଏକ ଗ୍ରାମରେ ଆଶ୍ରୟ ନେଇ ରହିଲେ ଏବଂ ଶ୍ରୀକୃଷ୍ଣଙ୍କ ନିକଟକୁ ଆସିବା ଲାଗି ଖବର ପଠାଇଲେ । ଏଣେ ହସ୍ତିନାପୁରରେ ଧୃତରାଷ୍ଟ୍ରଙ୍କ ସାନଭାଇ ବିଦୁର ଓ ପିତାମହ ଭୀଷ୍ମ ଦୁର୍ଯ୍ୟୋଧନର ଏପ୍ରକାର କାର୍ଯ୍ୟକଳାପ ଯୋଗୁଁ ଘୋର

ଅସନ୍ତୁଷ୍ଟ ହୋଇ ପାଣ୍ଡବମାନଙ୍କୁ ସେମାନଙ୍କ ରାଜ୍ୟ ଫେରାଇ ଦେବା ଲାଗି ଦୁର୍ଯ୍ୟୋଧନକୁ ଯେତେପ୍ରକାର ବୁଝାଇଲେ ସୁଦ୍ଧା ସେ ସେମାନଙ୍କ କଥା ତିଳେ ମାତ୍ର ଶୁଣି ନ ଥିଲା ବରଂ ପାଣ୍ଡବମାନଙ୍କ ପ୍ରତି ସମବେଦନା ଦେଖାଉଥିବାରୁ ସେମାନଙ୍କୁ ଘୋର ଭର୍ତ୍ସନା କରିଥିଲା ।

ଇତି ମଧ୍ୟରେ ଶ୍ରୀକୃଷ୍ଣ ଦ୍ୱାରକାରୁ ଆସି ପାଣ୍ଡବମାନଙ୍କ ନିକଟରେ ପହଞ୍ଚିଲେ ଏବଂ ସେମାନଙ୍କ ପକ୍ଷରୁ ଏକ ଶାନ୍ତି ପ୍ରସ୍ତାବ ନେଇ ହସ୍ତିନାପୁର ଗଲେ । ପାଣ୍ଡବମାନଙ୍କୁ ସେମାନଙ୍କ ରାଜ୍ୟ ଫେରାଇ ଦେବା ପାଇଁ ସେ ଦୁର୍ଯ୍ୟୋଧନକୁ ଅନେକ ବୁଝାଇଲେ । ଏପ୍ରକାର ଅନୈତିକ ଓ ଅଧର୍ମ କାର୍ଯ୍ୟରୁ ବିରତ ରହିବାକୁ ସେ ଯେତେ ବୁଝାଇଲେ ବି ଦୁଷ୍ଟବୁଦ୍ଧି ଦୁର୍ଯ୍ୟୋଧନ ସେଥିପ୍ରତି କର୍ଣ୍ଣପାତ କରି ନ ଥିଲା ବରଂ ରାଗିଯାଇ ଶ୍ରୀକୃଷ୍ଣଙ୍କୁ ବନ୍ଦୀ କରିବା ପାଇଁ ଉଦ୍ୟତ ହୋଇଥିଲା । କିନ୍ତୁ ଶ୍ରୀକୃଷ୍ଣଙ୍କର ପ୍ରଚଣ୍ଡ ଉଗ୍ର ମୂର୍ତ୍ତି ଦେଖି ସେ ଭୟଭୀତ ହୋଇ ଏହି କୁକାର୍ଯ୍ୟରୁ କ୍ଷାନ୍ତ ହୋଇଥିଲା । ଶ୍ରୀକୃଷ୍ଣ ବିଫଳ ମନୋରଥ ହୋଇ ଫେରିଯିବା ପୂର୍ବରୁ ଦୁର୍ଯ୍ୟୋଧନକୁ ସତର୍କ କରାଇ ଦେଇ କହିଥିଲେ, ତୁମେ ପାଣ୍ଡବମାନଙ୍କୁ ସେମାନଙ୍କ ରାଜ୍ୟ ନ ଫେରାଇବା କାରଣରୁ ଏକ ଧର୍ମଯୁଦ୍ଧ ହେବ ଏବଂ ସେଥିରେ ତୁମମାନଙ୍କ ବଂଶ ସମୂଳେ ଧ୍ୱଂସ ହୋଇଯିବ । ଦୁର୍ଯ୍ୟୋଧନ ଶ୍ରୀକୃଷ୍ଣଙ୍କ କଥାକୁ ଏକ ଅଟ୍ଟହାସ୍ୟରେ ଉଡାଇ ଦେଲା ।

କ୍ରମଶଃ....

ସଂଗ୍ରହକାରୀ-ନରେନ୍ଦ୍ର ପ୍ରସାଦ ବେହେରା
ସମ୍ପାଦକ-ମୋ ଅନୁଷ୍ଠାନ, ଆଳଦା, ଖଇରା, ବାଲେଶ୍ୱର

# ମାଆ



ଧନଞ୍ଜୟ ସ୍ୱାଇଁ

ସୁନ୍ଦର କଳନର ଗଣ୍ଠା ଘର
ଶ୍ରେଷ୍ଠ ମମତାରେ ଭର୍‌ କୋଳ ତାର
ସଭିଏଁ କୁହନ୍ତି ସେ ପର୍‌ ମାଆ ଆମର,
ହୃଦୟଟି ପୃଥିବୀ ଠୁଁ ବଡ଼
ସ୍ନେହ ତା ସମୁଦ୍ର ଠୁ ଗଭୀର
ସେ ପର୍‌ ମାଆ ଆମର,
ଆଶୀର୍ବାଦ ରେ ଭର୍‌ ତାର ଲକ୍ଷ୍ମଣ ଗାର,
ଅଭିସାପେ ବ୍ରହ୍ମା ଶନ ହୁଏ ଢ଼ଳ ଢଳ,
ବିଘ୍ନ ମାନାସେନ ସେ କାହାର
ସେ ପର୍‌ ମାଆ ଆମର,
ନୂତନ ସୃଷ୍ଟି ର ସର୍ଜନରେ ଗତିବିଧି ସେ
ନୂତନ ଆୟାରମ୍ଭ ର ସଂଖାଧୋନ ସେ
ଧର୍ମ ର ବିଜୟୀନ
ମାଆ ପଦ୍ମାସନୀ ।।।।।

ମହାକାଳପଡ଼ା, କୁମାରପଡ଼ା

# ମାରୁଛ ଆମକୁ ତୁମେ ନକ୍ସଲ ସଜାଇ

ସୁଶୀଲ୍ କୁମାର ଢେଇ

"ଏଇ ବନ ଉପବନ ପାହାଡ଼ି ଝରଣା
ଆମ ପାଇଁ ସୁଖ-ଦୁଃଖ, ଶାନ୍ତିର ବେଦନା
ତରୁଲତା ନିର୍ଜନ ଅରଣ୍ୟ ଆମ ପାଇଁ ହାସ୍ୟ-କ୍ରନ୍ଦନର ସ୍ୱର
ପର୍ବତ ମାଳାର ଗୁହାଘରେ ଅମୂଲ୍ୟ ପଦାର୍ଥ
ଆମର ହୋଇବି ଆମେ କରୁନାହୁଁ ଲୋଭ।

ପୁଞ୍ଜିବାଦୀ ସରକାର ବାଣିଜ୍ୟଙ୍କ ସାଥେ
ଶୋଷଣ କରନ୍ତି ବସି ସାଶକଙ୍କ ହିତେ
ଏଇ ଜଙ୍ଗଲ ଏଇ ମାଟି ଏଇ ଖଣି, ପାଣି
ଲୁଟି ଲୁଟି ସାରିଦେଲ ଶୋଷକ କାରିଣୀ
ସର୍ବହରା କରିଦେଲ ପୁଞ୍ଜିବାଦୀ ଗୋଷ୍ଠୀ।

ସାଶନ କରୁଛ ତୁମେ ଆମ ସରଳତାକୁ ନେଇ
ଆମ ସରଳତାକୁ ତୁମେ ସୁଯୋଗ ଭାବ ନାହିଁ
ଆମ ସ୍ୱପ୍ନ ନୁହଁ ବଡ଼ ଅଟାଳିକା ଘର ଦ୍ୱାର
ଆମ ସ୍ୱପ୍ନ ସୁଖ ଶାନ୍ତି ପ୍ରେମର ଭଣ୍ଡାର
ତା'କୁ ତୁମେ ସବୁବେଳେ ନେଉଛ ଛଡ଼ାଇ

ତଥାପି ଆମେ ସହୁଛୁ ମୁଣ୍ଡପାତି ରହି
ସେତିକରେ ଶାନ୍ତି ନୁହଁ ତୁମ ମନ ଭାବ
ଲୁଟୁଛ, ସୋଶୁଛ ଆମ ଶରୀରରୁ ରକ୍ତ
କରୁଛ ଆମକୁ ତମ ଶତ୍ରୁର ଭେଷ
ପୁଣି ଦମନ କରୁଛ ତୁମ ରଖି ସ୍ୱାର୍ଥ ଆଗ |

ମୁହେଁ ସ୍ୱର୍ଜ ମନେ ସ୍ୱାର୍ଥ ମାନ ରଖି |
ନକ୍ସଲ ସଜାଇ କେବେ ଦେଶ ଦ୍ରୋହୀ କହି
ମାରୁଛ ଆମକୁ ଆମ ଭିତରେ ଲଢ଼େଇ
ସଜାଇ କେବେ ନକ୍ସଲ ପୁଣି ଦେଶ ଦ୍ରୋହୀ କହି।
ମାରୁଛ ଆମକୁ ତୁମ ନିଜ ସ୍ୱାର୍ଥ ପାଇଁ।"

ଭୁବନେଶ୍ୱର

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ | ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ମୁଁ ଫେରିଯିବି.....



ସୂର୍ଯ୍ୟକାନ୍ତ ମଲିକ

ମୁଁ ଅପେକ୍ଷା କରିଥିଲି, ତୁମ ଫେରିବାକୁ !
ନିଜ ମୁଣ୍ଡରେ ସବୁ ଦୋଷ ବୋଳି ଦେଇ
ତୁମର ପ୍ରତ୍ୟେକ ଦୋଷକୁ
ନୀରବରେ ପ୍ରବାହିତ କରିଦଉଥିଲି
ମୋର ଏହି ଦେହର ନଦୀରେ ।

ଯେତେ ସବୁ କଷ୍ଟ, ଯନ୍ତ୍ରଣା ଆଉ କୋହର ଲୁହ
ବର୍ଷା ବାହୁଥିଲେବି ଏ ମନରେ ତଥାବି ମୁଁ ଅପେକ୍ଷା କରିଥିଲି
ପାଷାଣ ଅହଲ୍ୟା ହୋଇ ତୁମକୁ,
ହେଲେ ଜାଣିନଥିଲି ଏହା ଭିତରେ ତୁମେଯେ ପାଲଟିଯାଇଛ
ପାଷାଣ ଅହଲ୍ୟାଟେ ହୋଇ ।
ଆଶା ଥିଲା ! ତୁମେ ଦିନେ
ତୁମର ସେହି ହୃଦୟ ବୃକ୍ଷରେ
ମହକତ ପୁଷ୍ପପରି ମହକେଇବ ମତେ କିନ୍ତୁ ସେ ସବୁ.... ।

ମୁଁ ଫେରିଯିବି
ଆଉ ଅପେକ୍ଷା କରିବିନି ଗୋଟିଏ ଶୁଖିଲା ନଦୀ ଟିଏ ହୋଇ,
ମୁଁ ଫେରିଯିବି, ଆଉ ଅପେକ୍ଷା କରିବିନି ଗୋଟିଏ ଥୁଣ୍ଟା ଗଛଟିଏ ହୋଇ
ମୁଁ ଫେରି ଯିବି ଆଉ ଅପେକ୍ଷା କରିବିନି ଗୋଟିଏ ଶୁଖିଲା ତୁଠ ପଥରଟିଏ ହୋଇ ।

ଯିବାବେଳେ ଖାଲି ଏତିକି କହିବି
ମୋ ସ୍ମୃତି ଯଦି କେବେ ଭିଜାଏ ତୁମ ମନ
ଭିଜିବ ନାହିଁ ସେଥିରେ ଆଦୌ ନହେଲେ ଝରୁଥିବ ଲୁହ ॥

ଘଣ୍ଟପଦା, କେନ୍ଦ୍ରାପଡ଼ା

# ତାଲା ବନ୍ଦ



ବିଶ୍ୱ ରଞ୍ଜନ ମହାନ୍ତି

ସତରେ ସମୟ ବଡ଼ ବଳବାନ । ତାହା ନହୋଇଥିଲେ ସମୟର କାଳଚକ୍ରରେ ସମଗ୍ର ବିଶ୍ୱ ଆଜି କରୋନା ଜନତ ସଂକ୍ରମଣରେ କବଳତ ହୋଇ ଅସହାୟ ମଣି ନଥାନ୍ତା । ବିଜ୍ଞାନର ଶୀର୍ଷରେ ପାଦ ଥାପିଥିବା ମାନବ ଜାତିଟା ବ୍ୟସ୍ତ ବହୁଳ କର୍ମମୟ ଜୀବନରୁ ଟିକେ ବି ଆରାମ ପାଉନଥିବା ମଣିଷଟି ଆଜି ଗୃହ ବନ୍ଦୀ ଜୀବନ ବିତାଉ ନଥାନ୍ତା । ଗୃହବନ୍ଦୀ କାହାପାଇଁ ଖେଳ ତ କାହାପାଇଁ କାଳ ।

ଏଇ ତାଲା ବନ୍ଦଟା ବି ମଣିଷ ସହ ଭେଦଭାବ କରିବାରେ କିଛି ପଛୁଆ ନୁହେଁ । କାହାପାଇଁ ପୁଷମାସ ତ କାହାପାଇଁ ସର୍ବନାଶ । ଏ କରୋନା ମହାମାରୀ ଆଉ ତା ସହିତ ତାଲା ବନ୍ଦ ଆମ ଭଳି ମଣିଷଙ୍କ ପାଇଁ ଗୋଟେ ଖଳନାୟକ । ଗୋଟିଏ ମୁହୂର୍ତ୍ତରେ ସବୁକିଛି ଛାରଖାର ହୋଇଯାଇଛି । ସମଗ୍ର ଦେଶ ଏବେ କରୋନା ମୟ, ସମସ୍ତଙ୍କ ମୁହଁରେ ତାହାରି ଚର୍ଚ୍ଚା । ଅସମ୍ଭବ ଭୟ ଓ ଆଶଙ୍କାର ବାତାବରଣ ସବୁଆଡେ ।

ମାନବିକତା ଏବେ ଧ୍ୱଂସ ମୁଖରେ । ନିଜ ବିନା ଅନ୍ୟ କାହାପାଇଁ କାହାର ବି ସମ୍ବେଦନଶୀଳତା ନାହିଁ କି ବିଶ୍ୱାସ ବି ନାହିଁ । କେବଳ ଅର୍ଥ ହିଁ ଅର୍ଥ ଚିନ୍ତା ଘାରିଛି ସଭିଙ୍କୁ । ଏପରି ସ୍ଥିତିରେ ବି କଳାବଜାରୀ ଲୋକ ଲାଭ କମାଇବାକୁ କୁଣ୍ଠାବୋଧ କରୁନାହାନ୍ତି । ମାନବିକ ମୂଲ୍ୟବୋଧର ଗଭୀର ଅବକ୍ଷୟ ଘଟିଛି ଦିନ କେଇଟା ରେ ।

ଏଇ ତାଲା ବନ୍ଦ କାହାପାଇଁ ହୋଇଥିବ ସ୍ମୃତି ମଧୁରକ୍ଷଣ । ପ୍ରିୟଜନର ସାନିଧ୍ୟ ଲାଭରେ କିନ୍ତୁ ମୋ ପରି ମଣିଷଟିଏ ପାଇଁ ଅକଥନୀୟ ଅତ୍ୟାଚାର ଏବଂ ଅସହ୍ୟ ଦୁଃଖ ଭରା ଅନୁଭୂତି । ଭୟଙ୍କର ଦୁର୍ଦ୍ଦଶା ର ଜ୍ୱାଳା ଯେ କେତେ ଭୟଙ୍କର ଓ ସର୍ବଗ୍ରାସୀ ମର୍ମେ ମର୍ମେ

ଅନୁଭବ କରିଛି ପ୍ରଥମ ଥର l ଅନିଶ୍ଚିତ ଭବିଷ୍ୟତକୁ ନେଇ କାଟୁଥିବା ପ୍ରତିଟି ମୁହୂର୍ତ୍ତ ବହୁ କୁଟୁମ୍ବି ପରିବାର ପ୍ରତିପୋଷଣ କରିବା କେତେଯେ କଷ୍ଟକର ତାହା ବର୍ଣ୍ଣନା କରିବା ବହୁତ ଯନ୍ତ୍ରଣା ଦାୟକ l

ଏଇଟା ମୋର ଅନୁଭବ, ଆମପରି ଖଟିଖିଆ ପରିଶ୍ରମୀ ଲୋକ ସଦାସର୍ବଦା ଲୁଟିଖିଆଙ୍କ ଦ୍ୱାରା ଶୋଷିତ l ଆମର ଶୋଣିତ ରେ ସେମାନେ ପ୍ରତିପାଳିତ l ଅଥଚ ଏ ଦୁର୍ଦ୍ଦିନରେ ଆମକୁ ରାସ୍ତାରେ ଠିଆ କରେଇଦେଇ ନିଜେ ଘରର ଚାରିକାନ୍ଥ ମଧ୍ୟରେ ସୁରକ୍ଷିତ l ହୃଦୟହୀନ ସମ୍ବେଦନଶୀଳ ଶୂନ୍ୟ ଏଇ ତଥାକଥିତ ଭଦ୍ରମୁଖା ପିନ୍ଧା ପୁଞ୍ଜି ଐଶ୍ୱର୍ଯ୍ୟବନ୍ତ ମାନେ ଆମର ଦୁର୍ଦ୍ଦଶା ରେ ବି ଲୁଟୁଛନ୍ତି ପୈଶାଚିକ ଆନନ୍ଦ l ଦୁନିଆ ଦାଣ୍ଡରେ ପ୍ରତ୍ୟେକ ମଣିଷର ଅଭିନୟର ତ ମୂଲ୍ୟ ଅଛି କିନ୍ତୁ ମଣିଷଙ୍କ ଅସରନ୍ତି ଦୁଃଖ ଦୁର୍ଦ୍ଦଶା ରେ କିଛି ଉପଶମ ନାହିଁ ଏଇ ତାଲା ବନ୍ଦ ହିଁ ଆଜି ଚହ୍ଲାଇ  ଦେଇଛି ମଣିଷ ରୂପୀ ଅମଣିଷ ମାନଙ୍କୁ...... l

ସଦାସର୍ବଦା ଜନ କୋଳାହଳ ପୂର୍ଣ୍ଣ ସବୁବେଳେ ନଜରକୁ ଆସିଥାଏ ଭୁବନେଶ୍ୱର ସହରର ମୁଖ୍ୟ ରାସ୍ତା l ରାଜ୍ୟ ସରକାରଙ୍କ ତାଲା ବନ୍ଦ ର କଡାକଡି ନିର୍ଦ୍ଦେଶ ସର୍ତ୍ତେ ଅମାନିଆ ହୋଇ ବିଭିନ୍ନ ବାହାନା ଦେଖାଇ ଘର ଲକ୍ଷ୍ମଣରେଖା ଡେଇଁ ପ୍ରାୟ ପ୍ରତ୍ୟେକ ଦିନ କିଏ ଗାଡ଼ିରେ, ସାଇକେଲ ରେ ନଚେତ ଚାଲି ଚାଲି ଯାଉଥାନ୍ତି l ଏହି ଖବର ପ୍ରାୟ ଟିଭି ନ୍ୟୁଜ ରେ ବାରମ୍ବାର ପ୍ରସାରିତ ହେଉଥାଏ l ମୁଁ ବି ପ୍ରାୟ ସାମ୍ନାରେ ଦେଖେ l

କିନ୍ତୁ ଆଜି ନିସ୍ତବ୍ଧ ଲାଗୁଥିଲା ସମ୍ପୂର୍ଣ୍ଣ ରାସ୍ତା l ନଥିଲା ଗାଡିର ବିକଟାଳ ଶବ୍ଦ l ଯୁଆଡେ ଚାହିଁଲେ ରାଜରାସ୍ତା ଖାଁ ଖାଁ ଦିଶୁଥିଲା l ଭୁବନେଶ୍ୱର ପୁରା ବନ୍ଦ, କେବଳ ସହର ରାସ୍ତାକୁ କବ୍ଜା କରିଥିଲେ କିଛି ବୁଲା କୁକୁର, ଗାଇ ଓ ଷଣ୍ଢ l

ସେମାନେ ମୁକ୍ତ ଭାବେ ବିଚରଣ କରିବାକୁ ସୁବିଧା ପାଇ ପାରୁଥିଲେ l ସେମାନଙ୍କୁ ଆଟକ କରିବାକୁ କେହି ନଥିଲେ l ସେମାନେ ବୋଧେ ଭାବୁଥିବେ ଏ ମାନବ ସମାଜ କୁଆଡେ ଗଲେ। ସବୁଆଡେ ଖାଲି ଖାଁ ଖାଁ l ଯେଉଁ ଛକରେ ରାତି ପାହିଲେ ଭିଡ଼ ଜମୁଥିଲା ଆଜି ଥିଲା ପୁରା ନିଃଶବ୍ଦ ଶୂନଶାନ l ମଝିରେ ମଝିରେ ଖାଲି ଶୁଭୁଥିଲା ପୋଲିସ ଗାଡି ଓ ଆମ୍ବୁଲାନସ ର ଶବ୍ଦ.... l

କରୋନା ଭୁତାଣୁର ସଂକ୍ରମଣ ଉପରେ ବ୍ରେକ ଲଗେଇବାକୁ ହେଲେ ସାମାଜିକ ଦୂରତ୍ୱ ଅବଲମ୍ବନ କରିବା ଏକ ମାତ୍ର ମାଧ୍ୟମ । ମହାମାରୀ କରୋନା ଠାରୁ ରକ୍ଷା ପାଇବା ପାଇଁ ଏହାହିଁ ଗୋଟିଏ ବାର୍ତ୍ତା । କିନ୍ତୁ ଏହି ମହାମାରୀ କରୋନା କୁ ଦୃଷ୍ଟିରେ ରଖି ସରକାର କିଛି ଛୋଟ ବ୍ୟବସାୟୀ ଙ୍କ ପାଇଁ କିଛି ସମୟ ନିୟମ କୋହଳ କରିଛନ୍ତି । ଯଥା -କ୍ଷୀର, ପନିପରିବା, ଗ୍ରୋସରୀ, ଫଳ, ସମ୍ବାଦ ପେପର ଇତ୍ୟାଦି ଇତ୍ୟାଦି..... ।

ବାତ୍ୟା ପରଦିନ ଗୁରୁବାର ଘଟଣା ସେଦିନ ୨୭/୫/୨0୨୧ ତାରିଖ ହୋଇଥାଏ । ମୁଁ ସେଦିନ ୟୁନିଟ ୯ ସହରାଞ୍ଚଳ ଡାକ୍ତରଖାନା କୁ ଟୀକା ନେବାକୁ ଯାଇଥାଏ । ମୋର ପ୍ରଥମ ଡୋଜ ଥିଲା । ଟୀକାକରଣ ସରିଲା ପରେ ବାହାର କୁ ବାହାରିଲା ବେଳକୁ ଦିନ ପ୍ରାୟ ବାରଟା ହେବ । ଧୂ ଧୂ ଖାରବେଳ । ଗମ ଗମ ଦେହରୁ ବାହାରୁଛି ଝାଳ, ଉତ୍ତପ୍ତ ପାଣିଚିଆ ଖରା ସାଙ୍ଗକୁ ଗୁଳୁ ଗୁଳର ପ୍ରଚଣ୍ଡ ପ୍ରକୋପ । ତାଲା ବନ୍ଦ ପାଇଁ ରାସ୍ତା ଘାଟ ପ୍ରାୟ ଜନଶୂନ୍ୟ।

ମୁଣ୍ଡରେ ଗାମୁଛା ଖଣ୍ଡେ ଭିଡି ଡାକ୍ତରଖାନା ପାଚେରୀ କୁ ତାର ସାଇକେଲ ଟିକୁ ଆଉଜେଇ ଦେଇ ଡାକ ଛାଡୁଛି ଜଣେ ବୃଦ୍ଧ.....

ବାବୁ ପେପର ନିଅ.... ପେପର

ଆଜି ଶେଷ ଆଶା ତାର, ଏଇ ଡାକ୍ତରଖାନା ଉପରେ... ।

ଏଠିକି ଯାହାହେଲେ ଲୋକ ଆସିବେ ଆଉ ଖବର କାଗଜ କିଛିଟା ବିକ୍ରିକରି ତା ପେଟର ଭୋକକୁ ସେ ଉପଶମ କରିବ ।

ବୟସକୁ କିଏ ବା ଭୋକ ସାମ୍ନାରେ ଦେଖେ । ତଥାପି ବୃଦ୍ଧକୁ ସତୁରି ପାଖାପାଖି ହେବ । ସେ କି ଜାଣେ ଆଧୁନିକ ଦୁନିଆର ଲୋକ କାଗଜ ଧରି ପଢିବା ଅପେକ୍ଷା ମୋବାଇଲ ରେ ଇ - ସମ୍ବାଦ ପଢି ଦିଅନ୍ତି ।

ତଥାପି ଆଶା, କିଛି ଲୋକ ଯଦି କିଣନ୍ତି ଦି ପଇସା ତ ରୋଜଗାର ହେବ ।

ଅନ୍ୟପଟୁ ସିକ୍ୟୁରିଟି ହୁଇସିଲ ମାରି ରଡି କରି ଆସୁଥାଏ ତୁମକୁ ମଉସା କଣ ରୋଗ ବିଷୟରେ ଜଣାନାହିଁ । ମୁହଁରେ ମାସ୍କ ନାହିଁ କି ରୁମାଲ ଟେ ବି ଦେଇନ ଯାଅ... ଗୁଲି ଯାଅ।

ବୃଦ୍ଧ ବିଚର୍ ମୁଣ୍ଡର ଝାଳକୁ ପୋଛୁ ପୋଛୁ ଆଖିବି ପେଟର ଭୋକ ଜ୍ୱାଳାକୁ ସହି ନପାରି ଅଜାଣତରେ ଦିଟୋପା ଲୁହ ଅଦିନଆ କାଳବୈଶାଖୀ ର ବର୍ଷା ପରି ଘନୀଭୂତ ହୋଇ ଝରିପଡୁଥାଏ ସିକ୍ୟୁରିଟି ର ତାଗିଦ ଶୁଣି.... ।

ଆଉ ମନେମନେ କହୁଥାଏ, କି ରୋଗ ହେଲା କେଜାଣି ପେଟ ପାଇଁ ଦାନା ମୁଠାଏ ବି ମିଳୁନ । କେତେଦିନ ଢୋକେ ପାଣି ଆଉ ଚୁଡ଼ା ମୁଠାଏ ରେ ଦିନ କଟିବ କେଜାଣି !!!

ସବୁ ସେଇ ଭଗବାନ ଙ୍କ ଇଛା !!

ନମ ବସନ୍ତ, ଜଟଣୀ

# ପ୍ରୀତି ବିରହ



ରଞ୍ଜନ କୁମାର ପ୍ରଧାନ

ତୁମେ ସୁଖ ସମୃଦ୍ଧି ଓ ପ୍ରୀତି ପୂର୍ଣ୍ଣକୁମ୍ଭ
ଉନ୍ମତ୍ତ ଯୌବନ ଯଜ୍ଞର,
ଟୋପାଏ ନର ମୁଁ କଳସୀ ମଧର
ଆଶାୟୀ ତୃଷ୍ଣାର୍ତ୍ତ କୁଆର ।

ତୁମେ ସୁସଜ୍ଜିତ ପ୍ରଣୟ ବଲ୍ଲରୀ
କେଉଁ ନାମଧାରୀ କବିର,
ମୁଁ ଯେ ଏଣୁତେଣୁ ଲେଖା କେଇପଦ
ଅବୋଧ ଅଜ୍ଞାନ ଶିଶୁର ।

ରଜନୀଗନ୍ଧାର ବାସ୍ନା ତୁମେ ପ୍ରିୟା
ସଯତ୍ନେ ପାଳବା ମାଳର,
ମୁଁ ଯେ ର୍ଘ୍ତାକଡ କୃଷ୍ଣଚୂଡ଼ା ଫୁଲ
ନଘା ନାହିଁଟି କେକାହାର ।

ତୁମେ ଶଯ୍ୟାଶାୟୀ ରୋଗୀ ପାଇଁ ଅଙ୍କା
ପାର୍ଶ୍ୱ କାନ୍ଥ ଲତା ଛବିଟେ,
ମୁଁ ଯେ ନଷ୍ଟେସିତ କୋହେ ଜର୍ଜରିତ
ସତେ ର୍ଘ୍ତାକଡ ଶିଳାଟେ ।

ପାଇକଆଁଣ୍ଠ,ତିଗିରିଆ,କଟକ

# ମୌସୁମୀ



ଶୁଭେନ୍ଦୁ ମେହେର

ଏଠି ଏବେ ଡହଡ଼ହ ଝାସ
ଗ୍ରୀଷ୍ମର
ଯୌବନ ବେଶ,
ଉଲଗ୍ନ ଆକାଶ ତଳେ
ଉନ୍ମନା ବୈଶାଖୀ
ଘୁରିବୁଲେ
ପ୍ରତି ଅଙ୍ଗେ ଅଙ୍ଗେ
ଚହଟାଇ
ଡହ ଡ଼ହ ରଡ଼ ।

ଶୁଖିଯାଏ ଝାଉଁବଣ
ହଜିଯାଏ କୁହୁର କାକଳ
ଡମ ଡମ ଡମ୍ବରୁର ତାଳେ ତାଳେ
ଶିବ ନାଚନ୍ତି ତାଣ୍ଡବ
ନଦା ଦ୍ୱିପ୍ରହରେ !

ଶୁଖିଯାଏ ନଦୀ ଓ ନର୍ଝର
ହଜିଯାନ୍ତି ପତ୍ର ସବୁ ଅନନ୍ତ ହିଲ୍ଲୋଳେ
ପାହାଡ଼ ଦେହରେ ଲାଗିଯାଏ
ନିଆଁ,
ପାହାଡରେ ନୁହେଁ ତ !
ଯୌବନରେ, ପାହାଡି କନ୍ୟାର
ହଜିଯାଏ ସୌନ୍ଦର୍ଯ୍ୟ ଗାମ୍ଭିର୍ଯ୍ୟ
ଅବଶ ଶରୀରେ
କୁହେ,
ଆ ଆରେ ମୌସୁମୀ
ସିତଳେଇ ଦେ ଥରେ
ମୋ ପ୍ରିୟର ରଙ୍ଗୀନ ସହର ।।

ଯାଲ୍ଲେଏ, ସୁବର୍ଣ୍ଣପୁର

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ| ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ନିରୁପାୟ



ସୁଭଦ୍ରା ର୍ଉତ

ନିରୁପାୟ ଆଜି ଇଷ୍ଟ ଦେବଗଣ
ନିରୁତ୍ତରେ ମନସ୍ତାତ୍ତ୍ୱିକ
ସ୍ୱପ୍ନ ପୁଞ୍ଜା ସବୁ ମାଟିରେ ମିଶିଛି
ଗ୍ଢଲେ ସ୍ୱପ୍ନିଳ ଆଭ୍ର ସଂଗ୍ରାମ

ଛଳନା ବାଲିରେ ପାଦ ଥାପି ସିଏ
ଫସିଛି ମରୁଭୂମିରେ
ଚନ୍ତାଚେତନା ର ଭ୍ବନା ର୍ଜ୍ୟରେ
ଆଜି ଚନ୍ଦ୍ରମା ଖୋଜୁଛି ତୀରେ

ମରିନାହିଁ କେବେ ସାଇତା ସ୍ୱପ୍ନ ଏ
ମରିବନି କେବେ ସ୍ମୃତି
ମିଛ ଆସର୍ ର ପାଉଣା ମିଳବ
ହେବନାହିଁ କେବେ ଡେରି

ଅଭ୍ଗି କପାଳ ଚେଷ୍ଟିତ ହୃଦୟ
ଦୁହେଁ ଆଜି ନିରୁତ୍ତର
ମାଗିଥିବା ବରଦାନ ନିର୍ବାପିତ ଆଜି
ଆଜି ନିରୁତ୍ତରେ ଦେବଗଣ

ଧର୍ମଶାଳା, ଯାଜପୁର
ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଓଡ଼ିଆ

# ପଥର



ଶୁଭ ପଧାନ୍

ଛଳନାର ନଈ ରେ ଗାଧୋଇ ପାଧୋଇ
ତୋଫା  ସଫେଦ୍ ଦେଖାଯାଉଛି
ନଈ ପଠାର ନିର୍ବିକାର ପଥର
ବେଶରମ ଟା ତ!
ଠୋଠୋ ହେଇ ବେଦମ ହସୁଛି
ଦାନ୍ତ ନିଖୁଟେଇ ଦେଖି -
ତା ନିକଟତମ ଭଙ୍ଗା ବାଲିଘର ।
ଶିଉଳର ସବୁଜିମା କୁ ନିଶ୍ଚିହ୍ନ କଲାପରେ ବି
ଯେମିତି କି ସେମିତି ନଗ୍ନନୃତ୍ୟ କରି
ଆଗେଇ ଗଳିଛି କିନ୍ତୁ ତଳକୁ ତଳକୁ
ବେଫିକର.....
ଅନାହତ ଶୀତଳତା ରେ.....
ତଥାପି ସେ ଶୀତଳତା ଭିତରେ
ଜଳ ସାରିଥିବା ଶିଉଳର ଜୁଇ
ଏବେବି କୁହୁଳୁଛି... ନିରନ୍ତର ।।

# ଧାରେ ଲୁହ



ସମ୍ବିତ ଦାଶ

ଦୁଃଖ ଆସୁଛି ଦୁଃଖ ପାଖକୁ
ହୃଦୟେ ରହିବା ପାଇଁ,
ସଂସାରେ ସବୁ ମିଳଅଛି ହେଲେ
ଲୁହ ଯାଉଛି ବହି ।।

ବଞ୍ଚିବା ମାରିବା ନୁହଇ ସମାନ
ସୁଖ ଦୁଃଖ କଛି ରହିଥାଏ,
ଦୁଃଖରେ ଥିଲେ କାହିଁକ କେଜାଣି
ଲୁହ ଧାରେ ଆସିଯାଏ ।।

ଦୁଃଖ ନ ସେହି ଆସିଯାଏ
ସେ ଆଖି ପତାରେ,
ସମୁଦ୍ର ରୂପରେ ବାହିଯାଏ
ସେ ଧିରେ ଧିରେ ।।

ଛଳ ଛଳ ହୋଇ ଲୁହ ଦିଟୋପା
ଝରିପଡେ ଧୀରେ ଧୀରେ,
ମନ କଥା ଭାବିଲେ ଆଖିରୁ ପଡେ
ସେ ବର୍ଷା ରୂପରେ ।।

ଇ ଏ କ ମହାମାରୀ ଆସିଲା
ଦେଇ ଗ୍ଲଲିଛି ଦୁଃଖ,
ସଭିଙ୍କ ଆଖିରୁ ଗଡୁଅଛି ଲୁହ
ଦେହ ହୁଏ ଧକ ଧକ ।।

ପଲ୍ଲୀକଣ୍ଠା,ଏରସମା,
ଜଗତସିଂହପୁର

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ବୁଢ଼ା ବରଗଛ



ପ୍ରଶାନ୍ତ କୁମାର ନାଥ

କାହିଁ କେତେ କାଳରୁ ଗାଁର ମୁଣ୍ଡରେ ଠିଆ ହୋଇଥିଲା ଏକ ବୁଢ଼ା ବରଗଛ । ବିଶାଳ ଚେର ଆଉ ଓହଳ ବିଶିଷ୍ଟ ଏହି ବରଗଛଟି କେତେ କାହିଁ ପଶୁପକ୍ଷୀଙ୍କ ବାସଗୃହ ସାଜିଥିଲା । ଗଛର କୋରଡରେ ପଶୁମାନେ ଯେମିତି ନିଜ ପାଇଁ ଏକ ସୁରକ୍ଷିତ ଘର ତିଆରି କରି ଦେଇଥିଲେ । ଗଛର ଡାଳରେ ପକ୍ଷୀ ମାନେ ବସା ବାନ୍ଧି ରହିଥିଲେ । ସକାଳ ଆଉ ସଞ୍ଜରେ ପକ୍ଷୀ ମାନଙ୍କ ସୁମଧୁର ସ୍ୱରରେ କମ୍ପି ଉଠୁଥିଲା ଆଖପାଖର ଏରିଆ । ବର୍ଷା ହେଲେ କଲେଜ ପିଲାମାନେ ସେହି ଗଛତଳେ ବର୍ଷା ଦାଉରୁ ରକ୍ଷା ପାଇବା ସହିତ ପ୍ରେମଳାପ କରୁଥିଲେ । ଖରାଦିନେ ବାଟୋଇ ମାନଙ୍କୁ ଅଂଶୁଘାତରୁ ରକ୍ଷା କରୁଥିଲା ଏହି ବରଗଛ । କୃଷକ ଭାଇଟି ନିଜର ଚାଷ କାମସାରି ଏହି ଗଛମୂଳରେ ନିଜର ଥକ୍କା ମେଣ୍ଟାଉଥିଲା ।

ଅନେଶତ ମସିହାର ବାତ୍ୟା କି ୨୦୧୪ର ହୁଡ଼ହୁଡ଼ କିଛିବି ପ୍ରଭାବ ପକେଇ ପାରିନଥିଲା ତା'ଉପରେ । ସେମିତି ଠିଆ ହୋଇ ରହିଥିଲା ଏକ ଶକ୍ତ ପ୍ରାଚୀର ଭଳି । ବନ୍ୟା ଆସିଲେ ପଶୁପକ୍ଷୀଙ୍କ ବସା ଭଳି ମଣିଷ ମାନେ ମଧ୍ୟ ସେହି ଗଛ ଉପରେ ମଞ୍ଚା ବାନ୍ଧି ରୁହନ୍ତି । ଖରାଦିନେ ଗାଈ ଗୋରୁ ମାନେ ମଧ୍ୟ ସେଇଠି ବିଶ୍ରାମ ନିଅନ୍ତି । ମୋଟ ଉପରେ କହିବାକୁ ଗଲେ ସମସ୍ତଙ୍କ ସୁଖ ଦୁଃଖର ସାଥି ଥିଲା ଏହି ବୁଢ଼ା ବରଗଛଟି ।

ସବୁ ଗାଁକୁ ପକ୍କା ସଡକ ନିର୍ମାଣ କରା ଯାଉଥିଲା । ରାସ୍ତା ଗୁଡିକୁ ସମ୍ପ୍ରସାରଣ କରି ଚଉଡା କରା ଯାଉଥିଲା । ରାସ୍ତାକଡରୁ ଗଛ ଗୁଡିକ କଟା ଯାଉଥିଲା । ରାସ୍ତା କଡରେ ଥିବା ଘର ଗୁଡିକୁ ମଧ୍ୟ ଭାଙ୍ଗି ଦିଆ ଯାଉଥିଲା । ସେହି ଗାଁରେ ପଦନା ସାହୁର ଘର । ପଦନା ସାହୁ ବହୁତ ଗରିବ । ଯା ତା ଘରେ ମୁଲ ଲାଗି ଚଳେ । ଚାଳ ଛପର ବିଶିଷ୍ଟ ମାଟି କାନ୍ଥରେ ତିଆରି ତା'ର ଘରଟି କାହିଁ କେତେ ବର୍ଷରୁ ରାସ୍ତାକୁ ଲାଗି ଠିଆ ହୋଇଥିଲା । ଘରଟି ଭାଙ୍ଗି ଗଲେ ସେ ରହିବ କେଉଁଠି । ଯେହେତୁ ସରକାରଙ୍କ ନିୟମ ତାକୁ ଭାଙ୍ଗିବାକୁତ ପଡିବ । କିନ୍ତୁ ସମସ୍ତେ ମନା କରୁଥିଲେ ସେହି ବୁଢା ବରଗଛଟି ଭାଙ୍ଗିବା ପାଇଁ । ସେଥିପାଇଁ ଗାଁରେ

ବହୁତ ଥର ଏନେଇ ଆଲୋଚନା ମଧ୍ୟ କରାଯାଇଛି । ସମସ୍ତଙ୍କର ଗୋଟିଏ କଥା ଗଛଟି କଟାଯିବ ନାହିଁ । ବହୁତ ଥର ଠିକାଦାର ଡୋଜର ଆଣି ଫେରେଇ ନେଲାଣି । ଗାଁ ଲୋକମାନେ ଜଗି ରହୁଛନ୍ତି । ସମସ୍ତଙ୍କର ଏକା ଜିଦ ଆମ ଗାଁକୁ ରାସ୍ତା ନହେବନାହିଁ ହେଲେ ଗଛଟି କଟାଯିବ ନାହିଁ । ଏମିତିକି ପଦନା ସାହୁ ନିଜଘର ଭାଙ୍ଗିବାକୁ କୁଣ୍ଠାବୋଧ କରୁନଥିବା ବେଳେ ସେହି ଗଛମୂଳେ ଜଗି ରହୁଥିଲା ଗଛ ନକାଟିବା ପାଇଁ । ନିଜ ଘରଠାରୁ ଯେମିତି ସେହି ଗଛଟିରେ ଅଧିକ ମାୟା ଲାଗିଥିଲା ତା ପାଇଁ । ଆଉ ଠିକାଦାରଙ୍କୁ କହୁଥିଲା ମୋ ଘର ଭାଙ୍ଗିଦିଅ ମୁ ଏହି ଗଛମୂଳେ ରହିଯିବି କିନ୍ତୁ ଏ ଗଛଟି କାଟିଦେଲେ ମୁଁ କେଉଁଠି ରହିବି ।

ସେଦିନ ରାତି ପାହିଲା ବେଳକୁ ପକ୍ଷୀମାନେ କଚରି ମିଚରି ଶବ୍ଦ କରି ଏଣେ ତେଣେ ଉଡି ବୁଲୁଥିଲେ । ସତେ ଯେମିତି ସମସ୍ତେ କାନ୍ଦି କାନ୍ଦି ଦୁଃଖରେ ଆଖିରୁ ଲୁହ ଝରାଇ ବାହୁନି ହେଉଛନ୍ତି । ଗାଁ ଲୋକମାନେ ଖବର ପାଇ ଧାଇଁଗଲେ ଗାଁମୁଣ୍ଡ ସେହି ବରଗଛ ପାଖକୁ । ସେଠାରେ ପଡି ରହିଥିଲା କାହିଁ କେତେ ପଶୁପକ୍ଷୀଙ୍କ ମର ଶରୀର । ଯେଉଁମାନେ ସେହି ଗଛରେ  ନିଜର ଆଶ୍ରୟସ୍ଥଳୀ ବନେଇଥିଲେ । ଆଉ ଯେତେକ ବଞ୍ଚି ରହିଥିଲେ, ନିଜର ପରିବାର ବର୍ଗଙ୍କପାଇଁ ଯେମିତି ଆଖିରୁ ଲୁହ ଝରାଉଥିଲେ । ଖାଲି ସେମାନେ କାହିଁକି ସବୁ ଗ୍ରାମବାସୀଙ୍କ ଆଖିରେ ମଧ୍ୟ ଲୁହ ଜକେଇ ଆସୁଥିଲା । ସମସ୍ତେ ରାଗରେ ଗର ଗର ହେଉଥିଲେ କିନ୍ତୁ ସେତେବେଳକୁ ଠିକାଦାର ନିଜର କାମ ସାରି ଚାଲି ଯାଇଥିଲା କେଉଁଆଡ଼େ । ଗ୍ରାମବାସୀ ମାନେ ରାଗରେ ଯେମିତି ନିଆଁ ହୋଇ ଯାଇଥିଲେ । ସେହିଦିନଠୁଁ ଠିକାଦାର ଆଉ କେବେ ସେଠାକୁ ଆସିବାକୁ ସାହସ କରିନି । ଆଜିବି ସେହି ବୁଢାବରଗଛଟି ସେମିତି ଭଙ୍ଗା ହୋଇ ପଡି ରହିଛି ସେଇଠି । ଆଉ ରାସ୍ତା କାମ ଯେମିତି ଥିଲା ସେତିକରେ ସେମିତି ଅଛି । ଆଉ ସେହି ବୁଢା ବରଗଛଟି ଆଜି ମୃତ ଅବସ୍ଥାରେ ମଧ୍ୟ ପୁଣି ଅନେକ ପକ୍ଷୀଙ୍କ ପାଇଁ ବାସସ୍ଥାନ ହୋଇ ପଡିରହିଛି ।

~~~\*\*\*~~~

ସୁନ୍ଦରପୁର, ଉତ୍ତରକୂଳହାଟ,
ପ୍ରୀତିପୁର, ଯାଜପୁର
~~~

# କର୍ମ ର ଫଳ



ରୀକ୍ଷିଗ୍ମ ମେହେର

ଜୀବନ ଏକ ଗୋଲାପ ସଦୃଶ୍ୟ
ନୀତି କଣ୍ଟାର,
ଆଘାତ ସହିବାକୁ ହୁଏ। ।1
ନିଜ ମାର୍ଗ ସ୍ଥଳ ପହଞ୍ଚିବାକୁ
ଅନେକ ଦୁଃଖ,
ଯନ୍ତ୍ରଣାକୁ ଭୋଗିବା ପଡେ। ।2
କର୍ମମୟ ଜୀବନେ କର୍ମ କଲେ
ଧୀରେ ଧୀରେ,
ପାହାଚ ଚଢି ଆଗେଇଯାଏ। ।3
ଯିଏ ନିଜ କର୍ମକୁ ଭଲ ପାଏ
ସେହି ମଣିଷ,
ଦିନେ ନା ଦିନେ ଲକ୍ଷ୍ୟ ଭେଦେ। ।4
ନିଜ ଆତ୍ମ ବିଶ୍ୱାସକୁ ଜଗେଇ
ନିଜ କାମକୁ,
ସନ୍ତୋଷ ଯିଏ କରିଥାଏ। ।5
ତାହା ଠାରୁ ଭଲ ଏହି ଦୁନିଆରେ
ଆତ୍ମଶାନ୍ତି କେହି,
ଜୀବନେ ପାଇ ନ ପାରେ। ।6
କର୍ମ ହିଁ ଈଶ୍ୱର କର୍ତ୍ତବ୍ୟ
ପରମେଶ୍ୱର,

ଅନେକ ପୁରାଣେ ବର୍ଣ୍ଣିତ ଅଛି।।7
ନିଜ କର୍ତ୍ତବ୍ୟ ଯେ କରିଗ୍ଲଲିଛ
ସେ ହିଁ ସଂସାରେ,
ସୁଖମୟ ଜୀବନ ବିତୋଉଛି।।8
ଆଳସ୍ୟ ପରିତ୍ୟାଗ କରି ଯିଏ
ଶ୍ରମ କରୁଥିବ,
ସଂସାର ତାକୁ ହିଁ ସମ୍ମାନ ଦିଏ।।9
ସମୟ ଆସିଲେ ସେହି ମଣିଷ
ନିଜ କର୍ମ ବଳେ,
ଯସକୀର୍ତ୍ତୀ ଦୁନିଆରେ ରଖିଯାଏ।।10

ସାନପୋଡ଼ାଗୁଡା,
ଦେବସେନା ସଂଯୁକ୍ତ ସଚିବ,କଳାହାଣ୍ଡି

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ପ୍ରଶ୍ନ



ପୂର୍ଣ୍ଣଚନ୍ଦ୍ର ରଣା

ଅଧ୍ୟାୟର ଆରମ୍ଭରେ
ପ୍ରଶ୍ନର ସମାହାର
ଆସେ ଉବଡ ଖାବଡ ରାସ୍ତା ପରି
କେତେ ବେଳେ ପ୍ରଶ୍ନର ହୁଏ ସମାଧାନ
ଆଉ କେବେ ମିଳେ ନାହିଁ
କଛି ପ୍ରଶ୍ନର ଉତ୍ତର,
ଆଉ କଛି ପ୍ରଶ୍ନ ପସେ
ଚଡ଼େ ଯେ ଧସେଇ
ଅମାନଆଁ ଢେଉ ପରି
ଲଙ୍ଘେ ଚାରିଦିଶା
କୋଉଠି ହୁଏ ଶିଘ୍ର ସମାଧାନ
ଆଉ କୋଉ ପ୍ରଶ୍ନ
ଢେଉ ପରି ବହି ଚାଲିଥାଏ
ପହଞ୍ଚି ପାରେନା କୋଉ କୂଳେ ସେ
ଅନ୍ତିମେ ମିଶେ ପୁଣି
ସାଗର ରୂପି ଏ ବୃହତ ମନ ଭିତରେ
କେଜାଣି ?
ସେ ପଶ୍ନର କେବେ ହୁଏ ସମାଧାନ
କ'ଣ ସେ ପ୍ରଶ୍ନର ଅଛି କ ଉତ୍ତର ?
ନା ସେ ପ୍ରଶ୍ନ ପରି
ଏ ମନ ରୂପକ ଗଭୀର ସାଗର ମଧ୍ୟରେ
ମିଶେ ଯାଇ

ସାତ ତଳ ପଙ୍କରେ ,
କ'ଣ ପୁଣି ସେ ପ୍ରଶ୍ନ
ସାତ ତଳ ପଙ୍କରୁ ଉଠିପାରେ କେବେ ?
କ ସେ ପ୍ରଶ୍ନ କାଳକ୍ରମେ
ବିଲୀନ ହୋଇଯାଏ
ସେ ବୃହତ୍ ମନ ଭିତରେ ?

ହାଟସିଂହାପୁର ଯାଜପୁର

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ମୌସୁମୀ



ପବିତ୍ର ବେହେରା

ମୌସୁମୀ କେବେ ଆସିବ ତୁମେ
ମୋ ହୃଦୟର ମରୁଭୂମି କୁ

ହୃଦୟ ଭିତର ର ବେଦରଦି ସୂର୍ଯ୍ୟ ଟା
ଜାଳ ଦେଲାଣି ମୋ ଦେହର ଗୋଚର ଭୂମିକୁ

ଭିତରଟା ଏତେ ଗରମ ହେଲାଣି
ଜମା ସହି ହେଉନାହିଁ ସେ ଉତ୍ତାପକୁ

""ତୁମେ ଆସିଥିଲେ""

ଓଦା, ଓଦା ତୁମ ଦେହର ପ୍ରିତି ବାସ୍ନାରେ
ଭିଜି ଯାଆନ୍ତା ମୋ ଦେହର ତନୁ ମନ ।

ତୁମ  କଇତ ଅନ୍ଧାର ବର୍ଷା ଛିଟାରେ
ଭରନ୍ତା ମୋ କାମନା ରଜନୀ ର କ୍ଲାନ୍ତି ।

ବାସନା ର ପବନରେ  ତୁମ ମୃଦୁ ବାସ୍ନାରେ
ଦେହସାରା ମୋର ସୃଷ୍ଟି ହୁଅନ୍ତା ନୂତନ ଉନ୍ମାଦନା ।

ଆସନ୍ତ ତୁମେ କଳାମେଖ ଗଭକୁ ମଣ୍ଡନ କରି
ମୋ ଦେହରେ ଭରନ୍ତ  ତୁମ ଶୀତଳତା ର ସ୍ପର୍ଶ ।

ଭିଜା ଭିଜା ତୁମ ଦେହର ନବୀନ ସ୍ପର୍ଶରେ
ଜୁଡୁବୁଡୁ ରଜନୀର ଗଭୀର ମିଳନରେ
ମୋ ଗୋଚର ଭୂମିରେ ଫୁଟନ୍ତା ଗୋଲାପ।

ଅଠା ଅଠା ଓଠରେ ମୋର ଭରି ଦିଅନ୍ତେ
ପ୍ରିତିଭରା ଚୁମ୍ବନ ର ଗଭୀର ଛିଟା ।

ତୁମ ଆଗମନ ର ଶୀତଳ ମଳୟ ପବନରେ
ମୋ ଦେହର ମରୁଭୂମି ଶଯ୍ୟାରେ
ଆଲିଙ୍ଗନ ହୋଇ କରନ୍ତେ କ୍ରିଡ଼ାକ୍ରିଡି ।

ମୌସୁମୀ କେବେ ଆସିବ ତୁମେ
ମୋ ହୃଦୟର ମରୁଭୂମି କୁ ।

ବାହାଲପୁର, ଗଞ୍ଜାମ

# ପ୍ରକୃତି



ନକୁଞ୍ଜ କୁମାର ଘୋଷ

ପ୍ରକୃତିର କୁଳ  ସବୁଜ ସୁନ୍ଦର
ଗଛ ଲତା ବନ ବିଲ
ପ୍ରଜାପତି ଉଡେ  ଚୁମିବା ଆଶାରେ
ନାନା ପ୍ରଜାତିର ଫୁଲ ।।

ପାହାଡ ଶିଖରୁ  ଝରଣାଟି ଝରେ
କୁଳୁ କୁଳୁ ନାଦ କରି
ପକ୍ଷି ଶାବକର  କଚରି ମିଚରି
ମନେ ତୃପ୍ତି ଦିଏ ଭରି ।।

ବସନ୍ତ ଆସିଲେ  କୋଇଲିର ଶବ୍ଦ
ଶୁଣିବାକୁ ମିଳୁଥିଲା
ଗଛ କଟା ଲାଗି  ପ୍ରକୃତିର ଆଜି
ପାଣିପାଗ ବଦଳିଲା ।।

ବନେ ଉପବନେ  ଆଗପରି ଆଉ
ଫୁଟୁ ନାହିଁ ଫୁଲ ଆଜି
କଷ୍ଟ ହୁଏ ଛଅ  ଋତୁ ଚହ୍ନିବାକୁ
ଲୁହରେ ଯାଉଛୁ ଭିଜି ।।

ପ୍ରକୃତିରୁ ସୃଷ୍ଟି କେତେ ଜୀବ ଜନ୍ତୁ
ଗଲେଣି କୋଉଁଠି ହଜି
ପ୍ରକୃତିର ହସ ଛଡେଇ ନେଇଛି
ମଣିଷ ରାକ୍ଷସ ଆଜି ।।

ସା-ମାଧବପୁର, ପୋ-ଲକ୍ଷ୍ମଣନାଥ,
ଥାନା-ଜଳେଶ୍ୱର, ଜିଲ୍ଲା-ବାଲେଶ୍ୱର

ବେଦାନ୍ତୀର ହ୍ୱାଟସଆପ୍ ଗ୍ରୁପ୍ ରେ ମେମ୍ବର ହେବାପାଇଁ
୯୫୯୪୯୯୩୭୩୩ ରେ ମ୍ୟାସେଜ୍ ପଠାନ୍ତୁ ।

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ବୃଦ୍ଧାଶ୍ରମରେ ସ୍ଥାନ ନାହିଁ



ବାଲ୍ମୀକ ନାୟକ

ଏହି ଶୀର୍ଷକରେ Times of India ରେ ପ୍ରକାଶ ପାଇଥିବା ଏକ ଖବର ପଢିବା ପରେ ଆମ ମନରେ ଏକ ତୀବ୍ର ପ୍ରତିକ୍ରିୟା ଜାତ ହୋଇଛି । କର୍ଣ୍ଣାଟକ ପ୍ରଦେଶର ବେଙ୍ଗାଲୁରୁ, ମାଂଗାଲୋର ଏବଂ ଧାରୱାଡ଼ ସହରରେ ଶତାଧିକ ବୃଦ୍ଧାଶ୍ରମ ତିଆରି ହୋଇଛି । ସରକାରୀ ସ୍ତରରେ ପରିଚାଳିତ ବୃଦ୍ଧାଶ୍ରମଗୁଡିକରେ ରହିବା ଓ ଖାଇବା ମାଗଣା ହୋଇଥିଲେ ବି ବ୍ୟବସ୍ଥା ସନ୍ତୋଷ ଜନକ ନୁହେଁ । ସ୍ୱେଚ୍ଛାସେବି ଲୋକମାନଙ୍କ ଦ୍ୱାରା ନିର୍ମିତ ବୃଦ୍ଧାଶ୍ରମଗୁଡିକ, ଆଶ୍ରମରେ ରହିବାକୁ ଆସୁଥିବା ବୟୋଜ୍ୟେଷ୍ଠ ଲୋକମାନଙ୍କ ଧନରେ ହିଁ ପରିଚାଳିତ ହୋଇଥାଏ । ପ୍ରକାଶିତ ଖବର ଅନୁସାରେ, ପ୍ରତି କୋଠରୀର ଭଡା ମାସିକ ୧୦ ହଜାରରୁ ୩୦ ହଜାର ପର୍ଯ୍ୟନ୍ତ ଦେବାକୁ ପଡିଥାଏ । ସେହି ଅନୁସାରେ ରହିବା, ଖାଇବା ଓ ଚିକିତ୍ସା ସୁବିଧା ମିଳଥାଏ । ବେଙ୍ଗାଲୁରୁର ଜଣେ ସମାଜସେବିକା Karen pinto କହିଛନ୍ତି - ସହରର ୧୦ ରୁ ୨୦ ପ୍ରତିଶତ ବୟୋଜ୍ୟେଷ୍ଠ ନାଗରିକ ବୃଦ୍ଧାଶ୍ରମ ଭଲ କୋଠରୀଟିଏ ପାଇବାପାଇଁ ପ୍ରତୀକ୍ଷା ତାଲିକାରେ ରହିଛନ୍ତି । ବୃଦ୍ଧାଶ୍ରମରେ କୋଠରୀ ଖାଲି ହେବାପାଇଁ ଦୁଇଟି ମାତ୍ର କାରଣ ରହିଛି । ପ୍ରଥମ - କେହି ଅନ୍ତେବାସୀ ମୃତ୍ୟୁବରଣ କରିବା । ଦ୍ୱିତୀୟ - ଅନ୍ତେବାସୀଙ୍କ ପରିବାରର ଲୋକ ଆସି ତାଙ୍କୁ ଘରକୁ ଫେରାଇ ନେବା । ଏହି ଦୁଇଟିଯାକ କାରଣର ସମୟ ସୀମା ନିର୍ଦ୍ଧାରିତ ନୁହେଁ । ତେଣୁ ଆହୁରି ଅଧିକ ବୃଦ୍ଧାଶ୍ରମ ନିର୍ମାଣ କରିବା ଜରୁରୀ ହୋଇପଡିଛି । ଓଡ଼ିଶାରେ ସମସ୍ତ ସୁବିଧା ସମ୍ପନ୍ନ ବୃଦ୍ଧାଶ୍ରମ କେଉଁଠି ଓ କେତୋଟି ଅଛି ? ସେକଥା ଗଣମାଧ୍ୟମ କିମ୍ବା ସରକାରୀ ତଥ୍ୟପତ୍ରରୁ ଜାଣିହେବ ।

### ବୃଦ୍ଧାଶ୍ରମର ଆବଶ୍ୟକତା :

ହିନ୍ଦୁଧର୍ମର ପରମ୍ପରାରେ ଚାରିଗୋଟି ବର୍ଣ୍ଣାଶ୍ରମ ଯଥା: ବ୍ରହ୍ମଚର୍ଯ୍ୟ, ଗୃହସ୍ଥ, ବାନପ୍ରସ୍ଥ ଓ ସନ୍ନ୍ୟାସରେ ଜୀବନ ଅତିବାହିତ କରିବା ଉଚିତ ବୋଲି ନିର୍ଦ୍ଦେଶ ରହିଛି । ଏଇଠି ଆମେ

କେବଳ ବାନପ୍ରସ୍ଥ ଧର୍ମର ଚର୍ଚ୍ଚା କଲେ ଯଥେଷ୍ଟ ହେବ । ମଣିଷମାନେ ଗୃହସ୍ଥ ଧର୍ମ ଶେଷ କଲାପରେ ପରିଣତ ବୟସରେ ବାନପ୍ରସ୍ଥ ଧର୍ମ ପାଳନ କରିବାପାଇଁ ଗୃହତ୍ୟାଗ କରି ବଣଜଙ୍ଗଲକୁ ଯାଇ ରହୁଥିଲେ । ଜଙ୍ଗଲରେ ସେମାନେ କେଉଁଠି ରହୁଥିଲେ? କ'ଣ ଖାଉଥିଲେ? ସେମାନଙ୍କର ଚିକିତ୍ସା ବ୍ୟବସ୍ଥା କିପରି ଥିଲା? ସେ ବିଷୟରେ ଚିନ୍ତା କଲେ ବିଶ୍ୱାସ କରି ହେଉନି ଯେ ଜଣେ ଗୃହସ୍ଥ ମଣିଷ ସମସ୍ତ ପ୍ରକାର ସୁଖ ଓ ସୁବିଧା ତ୍ୟାଗକରି, ସତରେ କିଏ ସ୍ୱଇଚ୍ଛାରେ ବଣଜଙ୍ଗଲକୁ ଯାଇ ରହୁଥିଲେ? ଜଣା ନାହିଁ । ସେହି ଯୁଗ କଥାକୁ ବାଦ ଦିଆଯାଉ । ଏହି ଯୁଗରେ କିନ୍ତୁ ଅନେକ ବୟୋଜ୍ୟେଷ୍ଠ ନର ଓ ନାରୀ ଗୃହ ତ୍ୟାଗ କରିବାକୁ ଏକ ପ୍ରକାର ବାଧ୍ୟ ହେଉଛନ୍ତି । ଏବେ ଅବଶ୍ୟ କେହି ଜଙ୍ଗଲକୁ ଯାଉନାହାନ୍ତି, ତଥାପି ନିଜ ଗୃହର ସୁଖ ଓ ଶାନ୍ତି କୌଣସି ବୃଦ୍ଧାଶ୍ରମରେ ମିଳେ ନାହିଁ ।

ନିଜର ସନ୍ତାନମାନଙ୍କ ଦ୍ୱାରା ଅବହେଳିତ, ଉପେକ୍ଷିତ ହୋଇ ନିରାଶ୍ରୟ ଓ ଅସହାୟ ବୟୋଜ୍ୟେଷ୍ଠ ଲୋକମାନେ ବାଧ୍ୟ ହୋଇ ଗୃହ ତ୍ୟାଗ କରି ବୃଦ୍ଧାଶ୍ରମ ଗୁଡିକରେ ରହିବାକୁ ଆସୁଛନ୍ତି । ସରକାର କିମ୍ବା କେତେକ ବଦାନ୍ୟ ବ୍ୟକ୍ତିଙ୍କ ଧନରେ ଆଶ୍ରମଗୁଡିକ ପରିଚାଳିତ ହେଉଛି । ସେଠାରେ ମାଗଣାରେ ରହିବା ଓ ଖାଇବା ବ୍ୟବସ୍ଥା ହୋଇଥାଏ । ଅସଲ ସମସ୍ୟା ହେଉଛି - ଜରାଜୀର୍ଣ୍ଣ, ଦୁର୍ବଳ ଓ ବୟସ୍କ ଲୋକମାନଙ୍କ ଆବଶ୍ୟକତା ଅନୁସାରେ ମନଜାଣି, ଧୈର୍ଯ୍ୟର ସହ ସେବା କରିବାପାଇଁ ସୁସ୍ଥ ମଣିଷ କେତେଜଣ ମିଳିପାରିବେ? ମନସ୍ତାତ୍ତ୍ୱିକମାନଙ୍କ ମତରେ ଛୋଟ ପିଲା ଓ ବୟସ୍କ ବ୍ୟକ୍ତିଙ୍କ ମାନସିକ ସ୍ଥିତି ପ୍ରାୟ ଏକାପ୍ରକାର ହୋଇଥାଏ । ଦୁହେଁ ଅଝଟ ହୁଅନ୍ତି, ଜିଦ କରନ୍ତି, ରୁଷିଯା'ନ୍ତି ଏବଂ କଥା ମାନନ୍ତି ନାହିଁ । ତେଣୁ ବୃଦ୍ଧାଶ୍ରମରେ କର୍ମଚାରୀ ମାନଙ୍କପାଇଁ ଏହା ଏକ ବିକଟ ସମସ୍ୟା । ନିଜେ ଏହିସବୁ ଗୁଣ ଯୋଗୁଁ ଗୃହ ତ୍ୟାଗ କରିଥିବା କିମ୍ବା ପରିବାର ଲୋକ ବିରକ୍ତ ହୋଇ ଘରୁ ବାହାର କରି ଦେଇଥିବା ଲୋକମାନେ ବୃଦ୍ଧାଶ୍ରମକୁ ଦ୍ୱିତୀୟ ଓ ଶେଷ ଘର ଭାବି, ଭାଗ୍ୟକୁ ଆଦରି ପଡ଼ିରହନ୍ତି । ବୃଦ୍ଧାଶ୍ରମରେ ରହୁଥିବା ଲୋକମାନଙ୍କୁ ଦୟାର ପାତ୍ର ଭାବି ସମାଜ ଉଚିତ ସମ୍ମାନ ଦେଇ ନଥାଏ ।

ଆଜିର ଆଧୁନିକ ଯୁଗରେ କିନ୍ତୁ ସେଭଳି ରୁଢ଼ିବାଦୀ ବିଚାର ଆଉ ନାହିଁ । ବୟସ୍କମାନଙ୍କ ସୁରକ୍ଷା, ଆତ୍ମସମ୍ମାନ ରକ୍ଷା ଏବଂ ଶେଷ ଜୀବନ ସୁଖ ଓ ଶାନ୍ତିରେ ବଞ୍ଚିବାପାଇଁ ଆଧୁନିକ ସୁବିଧା ସମ୍ପନ୍ନ ବୃଦ୍ଧାଶ୍ରମ ତିଆରି ହେଉଛି । ନିଜର ଯୌବନ ସମୟରେ ଅର୍ଜନ କରିଥିବା

ଧନରାଶି ବ୍ୟୟକରି ନିଜକୁ ଏକ ସୁରକ୍ଷିତ ପରିବେଶରେ ସ୍ଥାପନ କରିବା ପାଇଁ ବୟସ୍କ ଲୋକମାନେ ନିର୍ଣ୍ଣୟ ନେଉଛନ୍ତି । ନିଜ ସନ୍ତାନମାନେ ଇଛା ଥିଲେ ସୁଦ୍ଧା ଆଜିର ବ୍ୟସ୍ତ ଜୀବନ ଭିତରେ ବୃଦ୍ଧ ପିତାମାତାଙ୍କୁ ସେବା କରିବାକୁ ସମୟ କିମ୍ବା ସୁବିଧା ପାଉନାହାନ୍ତି । ତେଣୁ ବିଦେଶରେ ଚାକରୀ କରୁଥିବା ଅନେକ ଶିକ୍ଷିତ ଓ ଧନୀ ସନ୍ତାନମାନେ ନିଜ ପିତାମାତାଙ୍କ ଉଚିତ ସଂରକ୍ଷଣ ପାଇଁ, ନିଜ ରାଜ୍ୟରେ ମହଙ୍ଗା ବୃଦ୍ଧାଶ୍ରମକୁ ଏକ ବିକଳ୍ପ ରୂପେ ଗ୍ରହଣ କରୁଛନ୍ତି । ସେମାନେ ସମୟ ଓ ଶ୍ରମ ଦେଇପାରିବେ ନାହିଁ ବୋଲି, ଅଧିକ ଟଙ୍କା ଖର୍ଚ୍ଚ କରି ବୃଦ୍ଧାଶ୍ରମରେ ଭଲ ଡାକ୍ତର ଓ ନର୍ସମାନଙ୍କୁ ସେବା କରିବା ପାଇଁ ନିଯୁକ୍ତ କରି ଦେଉଛନ୍ତି । ତେଣୁ ସ୍ୱଇଚ୍ଛାରେ  ନହେଲେ ବି ଚାକରି ଲୋଭରେ ସେମାନେ ବୟସ୍କ ଲୋକମାନଙ୍କ ସେବା କରିବାକୁ ବାଧ୍ୟ ହୁଅନ୍ତି । ଆଉ ଗୋଟିଏ ଭଲ କଥା ଯେ ବୃଦ୍ଧାଶ୍ରମରେ ପ୍ରାୟ ଏକା ବୟସର ଅନେକ ଲୋକ ରହିଲେ, ସେମାନଙ୍କ ଭିତରେ ଭାବର ଆଦାନ ପ୍ରଦାନ ସହଜ ହୋଇଥାଏ । ପରସ୍ପର ଭିତରେ ମନଖୋଲି କଥାବାର୍ତ୍ତା ହୋଇଥାଏ । ସେମାନେ ନିଜକୁ ଅପମାନିତ କିମ୍ବା ଅବହେଳିତ ଅନୁଭବ କରନ୍ତି ନାହିଁ ବରଂ ବନ୍ଧନ ମୁକ୍ତ ଓ ସ୍ୱାଧୀନ ଜୀବନର ସ୍ୱାଦ ଅନୁଭବ କରନ୍ତି ।

ଏଇଠି ଆମେ ବୃଦ୍ଧାଶ୍ରମର ଆବଶ୍ୟକତା ଉପରେ ଆଲୋଚନାକୁ ସୀମିତ ରଖି, ବୃଦ୍ଧାଶ୍ରମଗୁଡିକର ସଂଖ୍ୟା କିଭଳି ବୃଦ୍ଧି ପାଇବ ଏବଂ ଆଶ୍ରମ ଗୁଡିକର ସୁବ୍ୟବସ୍ଥା କିପରି ବୃଦ୍ଧି ପାଇବ, ସେହି ବିଷୟରେ ଗମ୍ଭୀରତାର ସହିତ ବିଚାର କରିବା ସମୟ ଆସିଯାଇଛି । ବେଙ୍ଗାଲୁରୁ ସ୍ଥିତ "ନାଇଟିଙ୍ଗେଲ ମେଡିକାଲ ଟ୍ରଷ୍ଟ"ର ସଂସ୍ଥାପକ ଓ ପରିଚାଳକ ଡ଼. ରାଧା ଏସ. ମୂର୍ତ୍ତି କହିଛନ୍ତି - "ପ୍ରଥମତଃ ଭାରତରେ ମୃତ୍ୟୁର ବୟସ ସୀମା ବଢିଯାଇଛି । ଆଜି ବି ୯୦ ବର୍ଷରୁ ଉର୍ଦ୍ଧ୍ୱ ମଣିଷମାନେ ଜୀବିତ ଅଛନ୍ତି । ୮୦ ରୁ ୯୦ ବର୍ଷ ବୟସ୍କ ଲୋକମାନଙ୍କର ସନ୍ତାନମାନେ ୬୦ ବର୍ଷ ପାର କରିସାରିଲେଣି । ସେମାନେ ବି ଅଧିକାଂଶ ମଧୁମେହ, ଉଚ୍ଚ ରକ୍ତଚାପ କିମ୍ବା ସେହିଭଳି କିଛି ଘାତକ ରୋଗରେ ଆକ୍ରାନ୍ତ ହୋଇପଡୁଛନ୍ତି । ଦ୍ୱିତୀୟତଃ ଯେଉଁବାପା ଓ ମାଆମାନେ ଶଯ୍ୟାଶାୟୀ ସେମାନଙ୍କୁ ସେବା କରିବା ଆହୁରି ବେଶୀ କଷ୍ଟକର । କୌଣସି ଡାକ୍ତରଖାନାରେ ଦୀର୍ଘ ସମୟ ପାଇଁ ରୋଗୀଙ୍କୁ ରଖିବା ସମ୍ଭବ ନାହିଁ । ତୃତୀୟତଃ - ଯେଉଁମାନଙ୍କର ସନ୍ତାନମାନେ ବିଦେଶରେ ରହି ଚାକରି କରୁଛନ୍ତି, ସେମାନେ ସହରରେ ବିରାଟ ବଙ୍ଗଳାଟିଏ ସିନା ଛାଡି ଯାଉଛନ୍ତି କିନ୍ତୁ ଘରେ ବୃଦ୍ଧ ପିତାମାତାଙ୍କ ସୁରକ୍ଷା

ଦାୟିତ୍ୱ ନେଉଛି କଏ? ଆଜିକାଲି ଏକାକୀ ରହୁଥିବା ବୃଦ୍ଧ ଲୋକମାନଙ୍କୁ ହତ୍ୟାକରି ଧନ ଲୁଣ୍ଠନ କରାଯାଉଥିବା ଘଟଣା ପ୍ରତିଦିନଆ ଖବର ହୋଇଗଲାଣି ।"

ଶେଷରେ ଏହି ସମସ୍ୟାର ସମାଧାନ ପାଇଁ ଅନେକ ଉପାୟ ମଧ୍ୟରୁ ଗୋଟିଏ ସହଜ ଓ ସରଳ ଉପାୟ ଉପରେ ସମସ୍ତେ ଗମ୍ଭୀରତା ସହିତ ବିଚାର କରିବା ଉଚତ । ଭାରତୀୟ ସଂସ୍କୃତିରେ ମା'ଙ୍କୁ ଧରିତ୍ରୀ ଓ ବାପାଙ୍କୁ ଆକାଶ ସହ ତୁଳନାକରି ସେମାନଙ୍କୁ ତନ, ମନ ଓ ଧନ ଦ୍ୱାରା ସେବା କରିବାପାଇଁ ପ୍ରତ୍ୟେକ ଧର୍ମଶାସ୍ତ୍ରରେ ଉଲ୍ଲେଖ କରାଯାଇଛି । ସେହିସବୁ ଶ୍ଳୋକକୁ ଆବୃତ୍ତି କରି ପ୍ରତ୍ୟେକ ଧର୍ମଗୁରୁମାନେ (ଯଦିଓ ସେହିମାନେ ତାଙ୍କର ବାପା ଓ ମାଆଙ୍କୁ ଘରେ ରହି ସେବା କରୁନାହାନ୍ତି) ପ୍ରତିଦିନ ମାଇକ ସାମନାରେ ଗଳାଫଟେଇ ପ୍ରବଚନ ଦେଉଛନ୍ତି । କିନ୍ତୁ ଯେଉଁ ଧର୍ମଗୁରୁମାନେ ନିଜ ଭକ୍ତମାନଙ୍କୁ ବ୍ରେନୱାସ କରି ହଜାର ହଜାର କୋଟି ଟଙ୍କା ସଂଗ୍ରହ କରି ପାରୁଛନ୍ତି, ଯେଉଁମାନେ ଶହ ଶହ ଏକର ସରକାରୀ ବା ବେନାମୀ ଜମି ହଡପ କରି ମଠ, ଆଶ୍ରମ ଓ ମନ୍ଦିର ନିର୍ମାଣ କରି ପାରୁଛନ୍ତି, ସେମାନେ ଯଦି ସେହି ସ୍ଥାନରେ କିଛି କିଛି ଅଂଶ ଧନଖର୍ଚ୍ଚ କରି ସାରା ଦେଶରେ ଆବଶ୍ୟକ ମୁତାବକ ବୃଦ୍ଧାଶ୍ରମ ନିର୍ମାଣ କରିଦିଅନ୍ତେ, ତା'ହେଲେ ଖୁବ ଶୀଘ୍ର ଆମ ଦେଶର ଚଳନ୍ତା ଦେବତାମାନଙ୍କ (ବୃଦ୍ଧ ପିତା ଓ ମାତା) ଜୀବନରେ ସତରେ ସ୍ୱର୍ଗସୁଖ ପ୍ରାପ୍ତ ହୋଇପାରନ୍ତା । ବିଡମ୍ବନା ହେଉଛି - "ବାଘ ମୁହଁରୁ ଖାଦ୍ୟ ଛଡେଇ ଆଣି ପାରିବ କଏ?" ସହୃଦୟ ଧର୍ମଗୁରୁମାନେ ଅନ୍ତତଃ ଆମର ଏହି ପ୍ରସ୍ତାବ ଉପରେ ଉଦାର ଚିତ୍ତରେ ବିଚାର କଲେ ଗୁରୁଜନ ଜଗତର କଲ୍ୟାଣ ହୁଅନ୍ତା?

Mob:9482016260

# ସକଳ ତୀର୍ଥ ତୁମ ଚରଣେ

ଦମୟନ୍ତୀ ରଥ

ବିଶ୍ୱ ପିତାମାତା ଦିବସରେ ଅରପି ଦେଉଛି ମୋର ସଂଗୀତ
ସରଗ ଠାରୁ ଉଚ୍ଚରେ, ସାଗର ଠାରୁ ଗଭୀର, ଧରଣୀ ପରି ସହିଷ୍ଣୁତା ଗୁଣରେ,
ଆମର ପିତା ମାତା ଯାହାଙ୍କ ଗୁଣ ଅବର୍ଣ୍ଣନୀୟ, ଯାହାର ଚରଣ ସେବା ଆମର କାମ୍ୟ,
ତାଙ୍କ ପାଦତଳେ କୋଟି ନମସ୍କାର ।

ଯାହା ପାଇଁ ମୁଁ ଆଜି ସମାଜରେ ଠିଆ ହୋଇଛି  ସେଇ ନନା ଓ ବୋଉଙ୍କ ପାଇଁ
ମୋର ଜୀବନର ସ୍ମୃତି ଓ ଅନୁଭୂତି
ସରଗ ସେପାରେ ନନା ଆଜି
ନୟନରୁ ଝରୁଛି ଅବାରିତ ଅଶ୍ରୁ
ସ୍ନେହ ଶ୍ରଦ୍ଧା ଓ ମମତାର ଗନ୍ତାଘର
ଆଜି ଆମ ଠାରୁ ବହୁତ ଦୂରରେ

## ସକଳ ତୀର୍ଥ ତୁମ ଚରଣେ

-------------------------------

କୋଟି ଜନ୍ମ ପୂଣ୍ୟ ଫଳରେ
ପିତା ମାତା ରୂପରେ
ତୁମ ଅଙ୍କେ ଜନ୍ମ ଲଭିଲି
ମଣେ ଭାଗ୍ୟବାନରେ............(୧)

ସରଗ ଠାରୁ ତ ଉଚ୍ଚରେ
ଥିଲ ନନା ଆମରି
ସାଗର ଠାରୁତ ଗଭୀର
ତୁମ ସେନେହ ଡୋରି...........(୨)

ଅମୃତମୟୀ ଗୋ ଜନନୀ
ଅମୃତର ଝରରେ
ତୃଷା ନିବାରଣେ ଭରିଲ
ମୋର ଜୀବନ ବାରେ........(୩)

ସହନଶୀଳାରେ ବୋଉ ମୋ
ଧରଣୀଠୁ ଉଚ୍ଚରେ
ଶାନ୍ତ ଧୈର୍ଯ୍ୟଶୀଳା ସୁଗୁଣେ
ସଭିଙ୍କ ମନ ହରେ........(୪)

ଜୀବନ୍ତ ଦେବତା ତୁମେତ
ସଂସାରରେ ଆମର
ମନ୍ଦିର ଓ ଗୀର୍ଜା ମସଜିଦ୍
ତୁଚ୍ଛ ସବୁ ଅସାର.......(୫)

ଯା ରକ୍ତରେ ଗଢା ଜୀବନ
ପ୍ରଣିପାତ କରଇ
ଶିକ୍ଷା ଦୀକ୍ଷା ଦେଇ ଗଢିଲ
ଗର୍ବ କରୁଛି ମୁହିଁ..........(୬)

ହାତ ଧରି ଚାଲି ଶିଖାଇ
ଥିଲ ଜୀବନେ ମୋର
ଖଡି ଧରି ପାଠ ପଢାଇ
ଅଜ୍ଞାନ କଲ ଦୂର.........(୭)

ମଣିଷ ପରିକା ମଣିଷ
କରି ଗଢି ତୋଳିଲ
ହିଂସା ରାଗ କ୍ରୋଧ ମନରୁ
ସବୁ ଦୂରେଇ ଥିଲ......(୮)

ସଭିଙ୍କର ମନ ତୋଷିଲ
ମିଠା ମିଠା ବଚନେ
ଭକ୍ତି ଶ୍ରଦ୍ଧା ଗୁଣେ ମୋହିଲ
ଗୁରୁ ଓ ଲଘୁଜନେ......(୯)

କେତେ ଆମ ଅଳ ଅର୍ଦ୍ଦଳ
ଦୁଃଖ ଯନ୍ତ୍ରଣା ସହି
ସଂସାରରେ ଛିଡା କରିଲ
ଲହୁ ଲୁହକୁ ପିଇ......(୧୦)

ସକଳ ତୀର୍ଥ ମୁଁ ପାଇଛି
ପୂଜି ତୁମ ଚରଣ
ତୁମ ପାଦ ସେବି ସାର୍ଥକ
ହେଲା ମୋର ଜୀବନ....(୧୧)

ଝଡ଼ଫୁଲ ପରି ନନା ହେ
ତୁମେ ଝଡି ପଡିଲ
ସେନେହ ବନ୍ଧନ ରଜ୍ଜୁକୁ
ତୁମେ ଛିଡାଇ ଦେଲ.......(୧୨)

ଆଶୀର୍ବାଦ କର ଆମକୁ
ଥାଇ ସରଗପୁରେ
ସଂସାରର ନାଆ ବାହିବୁ
ଦୁଃଖ ପକାଇ ଦୂରେ........(୧୩)

ଦେଇନାହୁଁ କେବେ ତୁମକୁ
ଦେବୁ ନାହିଁଟି ଦୁଃଖ
ସେବାରୁ ଅନ୍ତର କରିବୁ
ନାହିଁ ଜୀବନ ଯାକ.........(୧୪)

ଆସୁ ଝଡଝଞ୍ଜା ଜୀବନେ
ସତ କର୍ମ କରିବୁ
ତୁମ୍ଭ ଉପଦେଶ ମାନଣ
ସତ ମାର୍ଗେ ଚଳବୁ........(୧୫)

ଆଜିର ପବିତ୍ର ଦିବସେ
ସର୍ବେ ପିତା ମାତାଙ୍କୁ
ଜର୍ ନବାସେ ନ ରଖିବ
ଜୀବନରେ ତାହାଙ୍କୁ...........(୧୬)

ଫୁଟାଇବା ତାଙ୍କ ମୁଖରେ
ସେଇ ଦରୋଟି ହସ
ଭୁଲିଯିବେ ବୃଦ୍ଧା ବୟସେ
ରୋଗ ଦୁଃଖ ଓ ଶୋକ.......(୧୭)

ତାଙ୍କ ପଦ ରେଣୁ ମଥାରେ
ସଦା ମାରିବା ନେଇ
ବିଶ୍ୱ ପିତା ମାତା ଦିବସେ
ଶପଥ କର ଯହିଁ.........(୧୮)

ଶିକ୍ଷୟିତ୍ରୀ
ନରସିଂହପୁର,କଟକ

ବେଦାନ୍ତୀର ହ୍ୱାଟସଆପ୍ ଗ୍ରୁପ୍ ରେ ମେମ୍ବର ହେବାପାଇଁ
୯୫୯୪୯୯୩୭୩୩ ରେ ମ୍ୟାସେଜ୍ ପଠାନ୍ତୁ ।

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ଇଚ୍ଛା ହୁଏ



ଆଶିଷ କୁମାର ବଣିଆ

ଦୀର୍ଘ ଦିନର ନୀରବତା ପରେ
ଆଜି ପୁଣିଥରେ ଇଚ୍ଛାହୁଏ
ଲେଖିବାକୁ ନୂଆ ଏକ କବିତା
ତୁମକୁ ମୋ କବିତାର ନାୟିକା କରି ।।
ଇଚ୍ଛା ହୁଏ ମନର କାନଭ୍ସରେ
ଆଙ୍କିବାକୁ ତୁମର ଏକ ରଙ୍ଗୀନ ଛବି ।।
ଇଚ୍ଛା ହୁଏ ଡାଏରୀରେ ଲେଖିନେବି
ତୁମର ସ୍ମୃତି ସବୁକୁ ଶବ୍ଦରେ ସଜାଇ ।।
ଇଚ୍ଛା ହୁଏ ଏଇ ଶୀତୁଆ ସକାଳେ
କାକର ଭିଜା ଗାଳଗ୍ସରେ ବସିବାକୁ
ତୁମ ସହ, ହାତରେ କପେ ଗ୍ଭ ନେଇ ।।

ବଲ୍ଙ୍ଗୀର

# ମୁଁ କଣ



ଆନନ୍ଦ କୁମାର ମାଇତି

ଅହରହ ମୋତେ ଲାଗେ
ମୁଁ ଗୋଟିଏ କଣ!
ଅବଶ୍ୟ ଅନ୍ତର ଆତ୍ମାଟି ମୋତେ ବୁଝାଏ
ଗୋଟି ଗୋଟି କରି
ନୂଆ ନୂଆ ଚଳରାଶି ର ଅଙ୍କ ଶିଖୁଥିବା
ଛାତ୍ରର ଟିଉସନ ଶିକ୍ଷକ ଭଳି।
ଲଗାମ ପିନ୍ଧା ପତଙ୍ଗ ମୁଁ
ଝଡ଼ ତୋଫାନ ରେ ମୋ ଖେଳ
ମୋ ବେକରେ ବନ୍ଧା ଲଗାମ ଖିଅଟା
ଅନ୍ୟ ହାତରେ,
ମୁଁ ନିସଂଗ ଏକ ଶୂନ୍ୟତାର ଗୁଡ଼ି।

କେତେ ଆତଙ୍କିତ ମୋ ଅପେକ୍ଷା
ସାଥିଟେ ଆସି ପାଖେ ଠିଆ ହେବ
ସଳଖି ଦେବ ମୋ ଝୁଙ୍କା ମେରୁକୁ
ତା ପରେ ହୁଏତ ସେ କହିପାରେ
ଧନାତ୍ମକ ଆଉ ଋଣାତ୍ମକ କଥା।
ସାଥି କଣ ବୁଝିପାରେ ପ୍ରକୃତ କଷ୍ଟଟି
ଧୈର୍ଯ୍ୟ ର ବାଣ୍ଡିଜ୍ ଲଗେଇ
ଅଟକାଇ ରଖିଥିବା ରକ୍ତ ସ୍ରୋତ ବେଦନା ନା
ସ୍ୱାର୍ଥ ରେ ମୋହଗ୍ରସ୍ତ

ଆପଣା ପର ସମ୍ପର୍କ ର ଛୋଟ ବଡ଼
ସାଂସାରିକ ତରଙ୍ଗ ଊର୍ମିମାଳା।

ନିର୍ଜନରେ ବସି ଏଠି ନିଜକୁ ଆବିଷ୍କାର କରିବାରେ
ରସାୟନ ର ସ୍ୱାଦ ଥାଉ ଅବା ନ ଥାଉ
ନିଜେ କଣ ବୋଲି ଜାଣିବାଟା ଭାରି ଦୁଷ୍କର,
ତେଲ ଲୁଣ ଜୀବନ ଜୀବିକା ସଂସାର
ମର୍ଦ୍ଦ ଟା ସତରେ ଏକ ବିପଦ ଗାମୀ ପଥର ପଥିକ
ଜନଗ୍ରଣ୍ୟ ବାଟରେ ସେ ଯେମିତି ଏକା ଚାଲିଛି
ସାମିଲ ହୋଇ ହୋଇ ଏକ ସ୍ୱାର୍ଥ ଲୋଭି ଚାଲିରେ।
ସେ ସଭିଙ୍କୁ ଦେଖୁଛି, ସଭିଏଁ ତାକୁ ଆଦର କରେ
ତଥାପି ତାକୁ ଲାଗେ ତାର କେହି ନୁହେଁ!
ଅଥଚ ସେଇ ସଭିଙ୍କ ଲାଗି
ଏକ ନିର୍ଭେଜାଲ ପତିଶ୍ରୁତ ସକାଳକୁ ଖୋଜି ଚାଲିଛି
ନିଜ ଦେହରୁ ରକ୍ତ ଲହୁ ନିଗାଡି
କେବଳ ଆଖି ଦେଖାଣିଆ ମୁଦୁଏ ପାଣି ପିଇ
ପ୍ରବଳ ପ୍ରାଣ ଶକ୍ତି କୁ ଛିନଭିନ୍ କରି
ପଞ୍ଚଭୂତ ରୁ ଭିଡ଼ି ଆଣୁଛି ନିଜକୁ।

ତେବେ ମୁଁ କଣ ସେଇ ଗୁଡ଼ି
ଖାଲି ତା ଖୁସି ପାଇଁ ଏମିତି ଉଡୁ ଥିବି
ଶୂନ୍ୟ ଆକାଶରେ?

ଝାଟିପାରି, ଆମ୍ବିକ, ଏରସମା,ଜଗତସିଂହ ପୁର

# ଗୃକରିଆ ବୋହୂ



ରାଧାମୋହନ ପୂଜାହାରୀ

କଏ ଗୃହିଁଥାଏ ସୁନ୍ଦରୀ ବୋହୂ ଟେ
କଏ ପୁଣି ଗୃହେଁ ଧନ,
କଏ ଗୃହିଁଥାଏ ପାଠ ପଢ଼ା ବୋହୂ
କଏ ଗୃହେଁ ଭଲ ମନ ।
କଏ ଗୃହେଁ ସବୁ କାମ କରୁଥାଉ
କଏ ଗୃହେଁ ଗୃକରିଆ,
କଏ ଗୃହେଁ ସବୁ ଭଲ ଗୁଣ ଥାଉ
କଏ ଗୃହେଁ କାମିକଆ । (୧)

ଘରକୁ ଆସିଲେ ଗୃକରିଆ ବୋହୂ
ସଭିଏଁ ଖୁସି ହୁଅନ୍ତି,
କେତେ ଶରଧାରେ ସ୍ନେହଭର୍ ହୃଦେ
ତା' ପାଖେ ବସି ରୁହନ୍ତି ।
ପାଖ ଛାଡ଼ି ଜମା କେହି ଯାଆନ୍ତିନ
କରୁଥା'ନ୍ତି ପ୍ରେମାଳାପ,
କନ୍ତୁ ମନେ ତାଙ୍କ ସ୍ପଷ୍ଟ ବାରି ହୁଏ
ସ୍ୱାର୍ଥ ଲୋଭର ସେ ଛାପ । (୨)

କଛି ଦିନ ପରେ ଫେରେ ବୋହୂ ନଜ
କର୍ମମୟ ଜୀବନକୁ,
ଏକାକାର କରେ ସୁଖ ଓ ଦୁଃଖ କୁ
ବୁଝାଇ ନଜ ମନକୁ ।

ଗୃହକରୀ ଓ ଘର ଉଭୟ ଦାୟୀତ୍ୱ
ନର୍ଦ୍ୱନ୍ଦରେ ବହିନଏ,
ଉଭୟଙ୍କ ମଧ୍ୟେ ରଖେ ସମନ୍ୱୟ
ସବୁକଛି ସହିନଏ । (୩)

ସମ୍ପର୍କୀୟ ଆସି ଚୁଗୁଲି କରନ୍ତି
ବୋହୂ ନାମେ ପରିବାରେ,
କେଜାଣି ସେମାନେ କ ଲାଭ ପାଆନ୍ତି
ଏହି କର୍ମ କରିବାରେ ।
ଘର ଲୋକ ଯେବେ ଗଞ୍ଜଣା ଦିଅନ୍ତି
ଜୀବନକୁ ତା'ର ବାଧେ,
ସବୁ ଶୁଣି କନ୍ତୁ ନୀରବେ ସବୁକୁ
ସହେ ବିନା ପ୍ରତିବାଦେ । (୪)

ସମସ୍ତେ ଭାବନ୍ତି ଗୃହକରିଆ ବୋହୂ
କରେ ଅର୍ଥ ଉପାର୍ଜନ,
କନ୍ତୁ ନାହିଁ ସୁଖ ଜୀବନେ ତାହାର
ଦୁଃଖେ ଜର୍ଜରିତ ମନ ।
ପୂରୁବ ପିଢ଼ି ର ଲୋକଙ୍କ ଗହଣେ
ନୀତି ନୟମ କୁ ଧରି,
ଚଳବାଟା ଭାରି କଷ୍ଟ ହୁଏ ତା'କୁ
ନୟନାଶ୍ରୁ ପଡ଼େ ଝରି । (୫)

ଖାଇବା, ପିନ୍ଧିବା, ବୁଲିବା ଆଦିକୁ
ନେଇ ଶୁଣେ କେତେ କଥା,
ନନ୍ଦା ଅପବାଦେ, ଟାହି ଟାପରାରେ
ନଇଁ ଯାଏ ତାର ମଥା ।
ବୋହୂ ହୋଇ ଆସେ କେତେ ଆଶା ନେଇ
ରହିଥାନ୍ତା ଝିଅ ହୋଇ,

ଭାଗ୍ୟ ଆଜି ତାର ବଇରୀ ସାଜିଛି
ନଏ ମଥା ପାତି ସହି । (୬)

ଆହା କହିବାକୁ ପଦେ କେହି ନାହିଁ
ଦୁଃଖ ନ ଦେଖନ୍ତି କେହି,
ଅନ୍ୟର ସହିତ ତୁଳନା କରନ୍ତି
ଉଦାହରଣ ଯେ ଦେଇ ।
ନିଜ କୋହ ନିଜ ଛାତି ତଳେ ଗୁପି
ନୀରବରେ ଶୋଇ ଯାଏ,
ମନର ବେଦନା ପ୍ରକାଶି ନ ପାରି
ଭାଗ୍ୟକୁ ଆଦରି ଥାଏ । (୭)

ଝିଅ ଆଜି ଆମ ଅତୀତ ହୋଇଲା
କୁଳ ବଧୂ ବର୍ତ୍ତମାନ,
ଘରଣୀ ହେଉ କ କର୍ମଜୀବୀ ହେଉ
ସେହି ପର୍ ସ୍ୱାଭିମାନ ।
ଝିଅ ବୋହୂ ମଧ୍ୟେ ଏ ନିଷ୍ଠୁର ଭେଦ
ସମାଜୁ ଦୂରେଇ ଯାଉ,
ଉଭୟଙ୍କ ପ୍ରତି ସନେହ ଶରଧା
ସମ ପରିମାଣେ ଥାଉ । (୮)

ଗ୍ରାମ : ବାଗମାରୀ
ପୋ/ଥାନା : ବୀରମହାରାଜପୁର
ଜିଲ୍ଲା : ସୋନପୁର (ଓଡ଼ିଶା)

# ଆଞ୍ଚଳିକ

# ପାଏନ୍ ଗଲିଗଲ୍ କଂକର୍ ଭୁଲେ



ବାଙ୍କାବିହାରି ମହାକୁର

ବୁଢା ସାହୁକାର୍ ହୁଁକାର୍ ମାରି
କୁଠିଆଁ ଡାକ କହେଲ୍
କେନ୍ତାକରି ବାଁଧୁଛ ତୁମେ ଘାଇ
ଡୁଲି'ଟା ପଡିଛେ ମେଲ୍ ।

ଗୁରିକୁଡିଁ ତ ପାଏନ୍ ଭରିଛେ
ମଝି ଡୁଲି କାଏଁ ହେଲ୍
କବାର୍ ନାଆଁରେ ମାରୁଛ ମଜା
କରୁଛ କେଁ ନାଟ୍'ପାଲ୍ ।

ପାଏନ୍ ଅଭିବେ ଧାନ୍ ନ ହେଲେ
କରିଦେବି ଊନା ଭୁତି
ଗୁହାରୀ କଲେ ଭର୍ନା ନାଇଁ ହିଏ
ପାଏବ ତୁମେ ଶାସ୍'ତି ।

ଆରକୋ ଦିନେଁ କୁହାକୁହି ହେଇ
କୁଠିଆଁ ଯେତେଁ ଧାଏଁଲେ
ଡୁଲିକେ ଦେଖି ହେଲେ ଗୁଲ୍'ଗୁଲ୍
ଆଏଉପେ ନ ପାଏଲେ ।

କୁହାକୁହି ହେଲେ ନ ଥିଲ୍‌ବେଲେ
କଏ ଗୁଟେ ଆଇ କରି

ମୁଲ୍ ଘାଇକେ ବିଦେରେଇ ଦେଇ
ପାଏନ୍ କରୁଛେ ଚୁରୀ ।

ପାଲି କରି ସଭେଁ ଜୁଗ୍'ଲେ ଡୁଲି
ଦିନ୍'ର୍ବତ୍ ଗୁଟେ କରି
ମୁଲ୍ ଘାଇକେ ନଘା ରଖିଥାନ୍
କୁଡି ଶାବଲ୍'କେ ଧରି ।

ଘାଇ ମୁହଁନେଁ ମନ୍ ମାରି ସଭେଁ
କରୁଥାଆନ୍ ବିଗ୍ଚର୍
ଏତ୍'କ ବେଲ୍'କେ କଂକର୍ ଗୁଟେ
ଲଂବି ଗଲା ତର୍'ତର୍ ।

କଂକର୍‌କେ ଦେଖି ନର୍ଦାଲେ ସଭେଁ
ଉଠି ପଡି ଡୁଲି ଭିନେ
କେନ୍ ଭିତରେ ସେ ଦେଲା ସର୍ପଟି
ନାଇଁ ଆଏଲା ନଜରେ ।

ସମ୍ଲାକେ ଦେଖ୍'ଲେ ଡୁଲି ଭିତ୍'ରୁ
କଂକର୍ କରିଛେ ଭୁଲୋ
ତଲି ଡୁଲିକେ ପାଏନ୍ ଭାଗୁଛେ
ଧାର୍ ବୁହି ଖଲ୍ ଖଲ୍ ।

ପାଏନ୍ ଗଲିଗଲା କଂକର୍ ଭୁଲେ
ଦୋଷି ମାରୁଛେ ମଜା
କୁଠିଆଁ ଯେତେଁ ଜୁଗି ଦିନ୍'ର୍ବତ୍
ପାଏଲେ ବିଚ୍'ରେ ସଜା ।

ବୁରୁବୁଡା, ବୀରମହାରାଜପୁର, ସୁବର୍ଣ୍ଣପୁର

# ଗୃହେଁନ ମାହେଜୀ

ପ୍ରମୋଦ କୁମାର ସାହୁ

ଗୃହେଁନ ମାହେଜୀ ପାଇଛେ ମୁଇ
ତାର୍ ଗୁନ୍ ନାଇଁ କ ଧରମ୍ ନାହିଁ
ମନ୍ କେ ଜାନୀ କହେସି କଥା
କଥା ସୁନ ଫାଟି ଯାଏସି ମଥା
ମୁବେଲ୍ ଫୁନ୍ ଥି କରୁଛେ ମିଟିଙ୍ଗ୍
କହେଲେ କହୁଛେ କରୁଛେ ଗୃଟିଙ୍ଗ୍ ।।

ମାଁ ଟା ମୋର୍ କରୁଛେ କବାର୍
ମାହେଜି ମୋର୍ ଖଉଛେ ଉପ୍ ରେ ହାଓ୍ବ ।
ମାଁ ମୋର୍ କହୁଛେ ହଏ ଗୋ ବହ
ଖୁରି ଗିନା ଟା ହେଲେ ଧୁଇ ଦିଅ ।।

ବହ କହୁଛେ ନାଇ ମାଜେ ରେ ବୁଢୀ
ମାଜି କରି ଆନ୍ ଜଲ୍ ଦି କରି
ଗରମ୍ ଗୃହା ବନେଇ ଦେଇଥା ଥୁଇ
ଉଠ୍ ଲା ଧାପୁ ଗୃହା ପିଇ ମି ମୁଇଁ ।।

ଆର୍ ଗୁଟେ କଥା ମନେ ରଖିଥା
ସର୍ କା ବୁଲେଇ ଖର୍ ସି ପକା
ସାଢି ପଟା ନେଇ କର୍ ବୁ ସଫା
ନାଇଁ କଲେ ମାର୍ ମି ଥୁତ୍ ନା ଦେଖା ।।

ସହି ନାଇଁ ପାରେ କ କହି ନାଇଁ ପାରେ
ଉଲ୍ ଟା କହେସି ମୋର୍ ଘରୁ ପଲ୍
ସାଦ୍ ନା ବେଦ୍ ନା ମୋର୍ ମାଁ ବୁଆର୍ ଟା
ମାଏନ୍ ମହତ୍ ସବୁ ସାରିଦେଲ୍ ।।

## ବେଦାନ୍ତୀର ହ୍ୱାଟସଆପ୍ ଗ୍ରୁପ୍ ରେ ମେମ୍ବର ହେବାପାଇଁ ୯୫୯୪୯୯୩୭୩୩ ରେ ମ୍ୟାସେଜ୍ ପଠାନ୍ତୁ ।

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ମୋର୍ ମନର କଥା



ତ୍ରିଲୋଚନ ସାହୁ

ଯଦି ମତେ ଭଲ ପାଉଛ ସଭେ
ପୁରା ଦିଲ ଭିତରୁ,
ଜାନଛେ ମୁଇ ଦୁଃଖ ଲାଗବା ତାକୁ
ମୁଇ ମଲା ଉତାରୁ ।।
ଜୀବନ କେ କାଏଁ ଭରସା କରମା
ଆଜି ଅଛେ କାଲି ନାଇ
ଜି ଥାଉ ଥାଉ କହି ଦେଇ ଥିଶୀ
ଯାହା ଭାବୁଛେ ମୁଇ ।।
ନାଇ ପଛେ ଦେବ ମୁବୁଲେ ଷ୍ଟାଟସ୍
ଓଁ ଶାନ୍ତି  ଲେଖି ଦେଇ
ଗଛ ଟେ ଜଗାବ ସେଦିନ ଏକା
ମୋର୍ ନା ଥି ଭାଇ ।।
ଭଲ ବଲସ ହୋ ଯିଏ ଯିଏ  ମତେ
ଆହା କରୁଥିବ ମନୁ
ସେଦିନ ଜଗାବ ଗଛ ଗୁଟେ ହେଲେ
ଆନ କରି ଜେନୁ ସେନୁ   ।।
ଉପୁରୁ ଥାଇ ଦେଖୁ ଥିମି ସମକୁ
କଏ କରୁଛନ  ସୋର
ଉପରୁ ମୋର୍ ବଲୁ ଥିଲେ ମତେ
ନଥେଇ ଭାବର ଡୋର ।।

ତମିଆଁ

# ଗଛ୍

ଗୁପ୍ତେଶ୍ୱର ନନ୍ଦ

ଦେଖଲେ ଲାଗସି,
ମାହାପୁରୁ ବନେଇଛେ ତତେ
ବନେ ଫୁରସତରେ
କାଏଁଯେ କ ମନ ମତୁଆଲ୍ ହେସି
ତୋର ଖୁଲା ହଁସି ରେ ।
ଅନୁଭବ କରସିଁ,
ଦାନ୍ ଦେବାର ବଢେଟେ ଇଚ୍ଛା
ରହିଛେ ତୋରନେ ଭରି
କାଏଁଯେ କ ଖୁନା ମାନକେ
ଦାନ ଦେଇ ତୋର ମନ ଯାଏସି ପୁରି ।
ଜୁଲେଇ କରି ପାଏସିଁ,
ସମୁନଦରର ଗହୀର ନୁ ବଲି
ତୋର ଗୁନର ଗହୀରତା
କାଏଁଯେ କ ପରର୍ ଉପକାରରେ
ଜୀବନ୍ ଦେବାର ଟା ତୋର୍ ମହାନତା ।
ସମୀକ୍ଷା କରି ଜାନସିଁ,
ନଜର-ପର ଭେଦଭାବ ନୁ ବନେ ଉପରେ
ମୁଡ ଟେକ ହଁସୁଛୁ ତୁଇ
କାଏଁଯେ କ ପତର ପନତର ଶୀତଲ ଛାଏଁ
ଶତ୍ରୁ କେ ବି ଦାନ କରସୁ ତୁଇ ।

ଏତେ ଗୁନ ଥାଇ ବି,
ଖାଏନା ପିନ୍ଧନ ବାସଠାନ ଆରୁ
ଅମ୍ଳଜାନ ଦେଇକରି
ଧ୍ୱଂସ ହେଉଛୁ ମୁନଷର୍ ହାତେ, ଯାହାର ଲାଗି
ତୁଇ ସବୁବେଲେ ଉପକାରୀ ।
ଗୁହେର କରୁଛେଁ,
ହେ ମାନବ୍ ସମାଜ ହେଇ ସଚେତନ
ଛାଡି ଦିଅ ଗଛ୍ କଟା
କାଏଁଯେ କ, ମୁନଷର ସତ୍ତା ସେତେ ସମ୍ଭବ
ଯେତେ ଆମେରେ ଜଗାମା ଇ ଗଛ୍ ଟା ।

ଶଙ୍କର୍, ବିନକା, ସୁବର୍ଣ୍ଣପୁର

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ| ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ପଥର୍



ସନୟ ଭୁଷଣ ମେହେର (ମିନ କଂସ)

ଦେଖତ ହୋ ଭାଇ ରଂଗିନ୍ ଦୁନିଆଁ
ଦିଶୁଛେ କେଂତା ଅଏନ୍,
ଧର୍ ଆକାଶ୍ ସାଗରର୍ ଲହଡା
ପାଉଛେ କେତେ ମାଏନ୍,
ଝରେନ୍ ଅଉଛେ ଝରି
ଛାଏଁ ଦେଖା ପାନି ଭିତରେ ପଥର୍
ମନକେ ଦଉଛେ ଘାରି ।।

ବେଲ୍ ଦେବତାର୍ ଟାନୁଆ କରିନ୍
ପଡଲେ ନଦିର୍ ବାଲି,
ଖୁଦ୍ ମୁଗ୍ ଲେଖେଁ ପଥର୍ ମାନନେ
ତେଜଟା ଝକସି ଝଲି,
ଏଂତା ମାରସି ଚକ
ନୁଆଁହେଇ ଯିଏ ଦେଖବା ସତେରେ
ସୁନା ବଲି ହେବା ଫିଙ୍କ ।।

ପଥରର୍ ବଲେ ପାହାଡ୍ ଡଂଗର୍
ହେଇଛେ ତ କୁଚ କୁଚ,
ଦୁଖ୍ ଭର୍ ମନ୍ ଦେଖି ଦେଲେ ଘାଏ
ମନକେ ନେସିରେ ଘିଚ,
ତାର୍ ବଲେ ମାଁ ମାଟ.
ଗଛ୍ଲତା ସଥେଁ ରହିଛନ୍ ଥାବେ
ସେ ତ ଆଏ ମେର୍-ଖୁଟି ।।

ରେହେବାର୍ ବାସ୍ ଗାଧୁଆ ଘାଟଥିଁ
ଭାବ୍ ତାର୍ ସବୁ ଦିନେ,
ଉସତ୍ ମନଟା କିଁଦରି ଯାଏସି
ଦେଖ୍ ତ ଗା ତାର୍ ବିନେ
ମନ୍ ଦେଇ ଟିକେ ଶୁନ୍
ଦେବି ଦେବତାର୍ ମୁରତି ବାହାରେ
ଆର୍ ବି ଭରିଚେଁ ଗୁନ୍ ।।

ଇ ପଥର୍ ବଲେ ରାମଚଁଦର୍ ହୋ
ସେତୁବଁଧ୍ ଦେଲେ ବାଁଧ.
ହେଲା ଭାବୁଥିଲା ଦଶ୍ ମୁଡିଆ ଗା
ଧରିଦେଲା ଟାନେ ସଁଧି,
କେତେ କହେମା ହୋ କହ
ତାର୍ ବଲେ ଲଁକା ଖାର୍ ହେଇଗଲା
ଝରଲା ଆଁଖିର୍ ଲହ ।।

ଫେର୍ ଭି ଦେଖତ ସୁନାରୁପା ସାଂଗେ
ମସତେଁ ପାଏସି ଠାନ୍
ଗଢଲାବାଲାରେ ଛିନହିଛେ ତାହାକେ
କେତେ ଅଛେ ତାର୍ ମାନ୍,
କହୁଛେ ସନୟ ଥାକ
ଯେତେ ଦେଖୁଥିଲେ ନାଇଁ ଲାଗେ ଡଟା
ବତରେ ମାରସି ଝଁକ ।।

ସାଇପାଲି, ବେଜେପୁର, ବରଗଡ଼

# କାଁଚ୍

ସୁନୀଲ କୁମାର ଅଗସ୍ତି

ଇଫାଲ୍ ସେଫାଲ୍
ତଲ୍ ଉପର୍
ଢେବରୀ ଭୁଜନୀ
'କାଚ'ର୍ କାଁଥି,
ଗୁରହି କୁଡି
ଟିପି ନୁ' ଲେଞ୍ଜ୍
ହର୍ ମୁନୁଷ୍ ସୋରର୍ ମୁନୁଷ୍
ତମେ ଆର୍ ମୁଁଇଁ ତ' ଜିନ୍ଛୁଁ
ଅବଗା କାଁଚ ଆର୍ କାଁଚ୍,
କେତେବେଲେ ଚଟକ ଯିବା
ଇତାର୍ କାଏଁ ଆଏତ୍,,
ତବଭି, କାଁଚର୍ ଇଫାଲେ
ତମର୍ ମୋର୍ ସେ ଫଗୁନ୍ ମନ୍
ସେ ଫାଲେ ଶର୍ବନର୍ ଝଡି
ଇ'ଫାଲେ ତତଲା ଝାଉ
ସେ ଫାଲେ ମହୁ ଝରନ୍
ଇ'ଫାଲେ ସେ ମହର୍ ମିଶା
ତମେ ଆର୍ ମୁଁଇଁ ବନାଲା
ସେ ସରବତ୍ ଆଏ ତ',,

ଟିଟିଲାଗଡ଼, ବଲାଙ୍ଗୀର

# ଶିଶୁ ବିଭାଗ



# ଅତି ଚପୁଡ଼ିଲେ ଲେମ୍ବୁ ପିତା



ଡ଼ଃ ରଞ୍ଜିତ କୁମାର ସାହୁ

ଜେଜେମା ବାଡ଼ିଆଡୁ ଥୋଡାଏ ଲେମ୍ବୁ ନେଇ ଆସିଲେ । ଖର୍ ଦିନେ କେହି ଆସିଲେ ଜେଜେମା ଆଉ ଚା ଦିଅନ୍ତି ନାହିଁ, ଲେମ୍ବୁ ପଣା କରି ଦିଅନ୍ତି । ଜେଜେମା ବାଡ଼ିରେ ଅନେକ ଗଛ ଲଗେଇଛନ୍ତି, ଫଳ ଆଉ ପରିବା ପାଇଁ । ସେଥିରୁ ଗଜ ଲେମ୍ବୁ ଆଉ କାଗଜି ଲେମ୍ବୁ ରେ ବର୍ଷ ସାର୍ ଫଳ ହେଉଥାଏ । ଅଧିକାଂଶ ସମୟରେ ଜେଜେମା ତାକୁ ଆଚାର କରନ୍ତି ଆଉ ସାହି ପଡିଶାଙ୍କୁ ବାଣ୍ଟନ୍ତି । ସିଲୁ ବସିକି ଚାହିଁଥାଏ ।

ଜେଜେମା ଆଣିଥିବା ଗଜ ଲେମ୍ବୁ ର ମୋଟା ଚେପା ସବୁ ବାହାର କରିକି ଅଲଗାରେ ରଖିଲେ । ମୋଟା ଚେପା ବାହାରିଲା ପରେ ଲେମ୍ବୁ ର ରସ ବାହାର କରିବା ବହୁତ ସହଜ ହେଇଗଲା । କଥାବାର୍ତ୍ତା ସାରି ପଣା ପିଇକି ଘରକୁ ଆସିଥିବା ଅତିଥି ମାନେ ଚାଲିଗଲେ । ଜେଜେମା ବଳକା ଥିବା ଚେପା ଗୁଡିକୁ କାଟିକି ଗୋଟାଏ ବୋତଲରେ ଲୁଣ ଆଉ ହଳଦୀ ଦେଇକି ଭର୍ତ୍ତି କରିଦେଲେ ।



ସିଲୁ ଜେଜେମାଙ୍କୁ ପଚାରିଲା , "ଏ ସବୁ ଚୋପା କଣ ହେବ?"

"ମୁଁ ଯେତେବେଳେ ଆଚାର କରିବି ଏହି ସବୁକୁ ସେଥିରେ ମିଶେଇ ଦେବି । ଲେମ୍ବୁ ଚୋପାରେ ବହୁତ ମହତ୍ୱପୂର୍ଣ୍ଣ ତତ୍ୱ ସବୁ ଥାଏ ଯାହା ସ୍ୱାସ୍ଥ୍ୟ ପ୍ରତି ହିତକାରି କନ୍ତୁ ଆମେ ତାହାକୁ ଫୋପାଡ଼ି ଦେଉ । ଆଉ ଚୋପା ସହ ଅଧିକ ଚପୁଡ଼ିଲେ ଲେମ୍ବୁ ରସ ମଧ ପିତା ହେଇଯାଏ ଆଉ ସରବତଟିର ସ୍ୱାଦ ନଷ୍ଟ କରେ । ଖରାରେ ଶୁଖେଇଦେଲେ ମଧ ଲେମ୍ବୁ ର ଥିବା ଅନେକ ତତ୍ୱ ଆଉ ଭିଟାମିନ ନଷ୍ଟ ହେଇଯାଏ । ତେଣୁ ଏହାକୁ ତେଲ ଲୁଣ ଆଉ ମସଲା ଦେଇକ ଛାଇରେ ହିଁ ରଖିକ ଆଚାର କରେ," ଜେଜେମା କହିଲେ ।

"କନ୍ତୁ ଅଧିକାଂଶ ସମୟରେ ତ ଆମେ ଲେମ୍ବୁ ଚୋପା ସବୁ ଫୋପାଡ଼ି ଦେଉ," ସିଲୁ କହିଲା।

"ହଁ ଗୋଟାଏ କ ଦୁଇଟା ଲେମ୍ବୁ ହେଲେ ତାହାର ଅଧିକ କଛି ହେଇ ପାରେନା କନ୍ତୁ ସେହି ଚୋପାକୁ ପାଣିରେ କଛି ସମୟ ରଖି ସେଥିରେ ମୁଁହ ମଧ ପରିଷ୍କାର କରି ହୁଏ," ଜେଜେମା କହିଲେ ।



"ଓଃ, ଏବେ ବୁଝିଲି ଟିକଲି କାହିଁକି ବୋଉ ଲେମ୍ବୁ ପଣା କଲା ବେଳେ ଲେମ୍ବୁ ଗ୍ରେପା ସବୁ ନେଇ ଯାଉଥିଲା ତାହାର ରୁମକୁ I ନିଶ୍ଚୟ ଏହାହିଁ କରୁଥିବ," ସିଲୁ କହି I

"ଆଛା ? ତାହା ହେଲେ ସିଏ ମୋ କଥା ମାନିଲା?" ଜେଜେମା କହିଲେ I

"ଓଃ ତମେ ତାକୁ କହିଥିଲ କି? ମୁଁ ମଧ୍ୟ ଭାବୁଥିଲି ସିଏ ଏତେ ଗ୍ଲାନିକ କେମିତି ହେଇଗଲା! ସିଏ କିଛି ଲେମ୍ବୁ ମଞ୍ଜି ମଧ୍ୟ ପୋତି ଥିଲା ଗୋଟିଏ କୁଣ୍ଡରେ ଏବଂ ଛୋଟ ଛୋଟ ଗଛ କିଛି ଉଠିଛି, " ସିଲୁ କହିଲା I ମୁଁ ତ ଏତେ କଥା ଜାଣି ନଥିଲି ଲେମ୍ବୁ ବିଷୟରେ I ମୁଁ ଖାଲି ଜାଣିଥିଲି ଏଥିରେ ପ୍ରଚୁର ଭିଟାମିନ ସି ଥାଏ ଏବଂ ତାହା ଉତ୍ତାପରେ ନଷ୍ଟ ହେଇଯାଏ I ଲେମ୍ବୁରେ ଆଚାର, ଜୁସ ତିଆରି ହୁଏ ଏବଂ କିଛି ଲୋକ ଏଥିର ଗ୍ରେପାକୁ ଶୁଖେଇ ଗୁହା ଭଳି ମଧ୍ୟ ବ୍ୟବହାର କରନ୍ତି I ଏହାର ଗ୍ରେପାକୁ କୁଆଡେ କେକ ଏବଂ ବେକିଂ ରେ ବ୍ୟବହାର କରା ଯାଏ? ଅନ୍ୟ କିଛି ରୋଚକ ତଥ୍ୟ କୁହ ଲେମ୍ବୁ ବିଷୟରେ," ସିଲୁ କହିଲା I

"ଟିକଲି ସେହି ଗଛ ସବୁକୁ ବନସାଇ କରିବ I ଏହା ଏକ ପ୍ରକାର ଜାପାନୀ କଳା ଯେଉଁଥିରେ ଗଛ ଗୁଡିକ କୁ ଛୋଟ ରଖିକି ଗହଳ କରାଯାଏ ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ଉପଯୋଗ କରା ଯାଏ I ଯେହେତୁ ଲେମ୍ବୁ, କମଳା ଇତ୍ୟାଦିରେ ସୁନ୍ଦର ଫଳ ହୁଏ ଏବଂ ଏହା ଦ୍ରୁତ ଗତିରେ ଫଳ ଦିଏ, କିଛି ଲୋକ ଏହାକୁ ପସନ୍ଦ କରନ୍ତି, ଯେଉଁ ମାନେ ଫଳନ୍ତି ଗଛକୁ ପସନ୍ଦ କରନ୍ତି I ଯେଉଁ ମାନେ କେବଳ ଘଞ୍ଚ ଗଛ ଚାହାନ୍ତି ସେମାନେ, ବର, ଅଶ୍ୱସ୍ଥ ଭଳି ଗଛ କୁ ବନସାଇ ପାଇଁ ଚୟନ କରନ୍ତି I ସହରରେ ତୁମର ତିନି ମହଲାରେ ଫ୍ଲାଟ I ତେଣୁ ଅଳ୍ପ ଜାଗାରେ ଗଛ କେମିତି କରିବ ଟିକଲି? ତେଣୁ ମୁଁ ତାକୁ ଏହି ପ୍ରସ୍ତାବଟି ଦେଇଥିଲି I ହଁ ଆଉ ଗୋଟିଏ କଥା, ଲୋକେ ଭାବନ୍ତି କାଗଜି ଲେମ୍ବୁ ଆଉ ଗଜ ଲେମ୍ବୁ ସମାନ, କିନ୍ତୁ ତାହା ସତ ନୁହେଁ ଯଦିଓ ଉଭୟ ଫଳରେ ଭିଟାମିନ ସି ଥାଏ I ଗଜ ଲେମ୍ବୁ ରେ ଅଧିକ ଭିଟାମିନ ସି ଥାଏ କିନ୍ତୁ ସ୍ୱାଦ ଯୋଗୁଁ ଲୋକେ କାଗଜି ଲେମ୍ବୁ ଅଧିକ ପସନ୍ଦ କରନ୍ତି! "



"ଓଃ, ସେଥିପାଇଁ ସିଏ ଗଛ ଗୁଡାକୁ ନିୟମିତ କାଟି ଦେଉଛି? ସେ ଗୁଡିକ ଦିନକୁ ଦିନ ଘଞ୍ଚ ହେଇ ଗ୍ଲଲିଛି," ସିଲୁ କହିଲା ।

"ଲେମ୍ବୁ ପତ୍ରକୁ ଲୋକେ ଚଲ୍ହା ରେ ପକାନ୍ତି ଏବଂ  କିଛି ଲୋକ ଏହାକୁ ଗ୍ଲହା ଭଳ ମଧ୍ୟ ବ୍ୟବହାର କରନ୍ତି  । ଗନ୍ଧରାଜ ନାମକ ଲେମ୍ବୁଟି ବଙ୍ଗାଳ ମାନଙ୍କର ବହୁତ ପ୍ରିୟ ଅଟେ । ଆମର ଜାଣିଥିବା ଫଳ ମଧ୍ୟରୁ ଲେମ୍ବୁର ଉତ୍ପତି ଭାରତର ଉତ୍ତରପୂର୍ବ ଅଂଚଳରେ ବୋଲି ଉଦ୍ଭିଦ ବିଜ୍ଞାନୀ ମାନେ ମାନନ୍ତି," ଜେଜେମା କହିଲେ  ।

"ହଉ ଏଥର ମୁଁ ମଧ୍ୟ ଲେମ୍ବୁ ଚୋପା ଆଉ ମଞ୍ଜିକୁ ଫୋପାଡ଼ିବି ନାହିଁ । ବାପା ମଧ୍ୟ କୁହନ୍ତି ସମ୍ବଳ କୁ ସଠିକ ପ୍ରୟୋଗ କରିବାରେ ହିଁ ଜୀବନର ସଫଳତା ଥାଏ । ପ୍ରତ୍ୟେକ ଜିନିଷର ଉପଯୋଗୀତା ବୁଝି ତାହାକୁ ବ୍ୟବହାର କରିବାରେ ହିଁ ବୁଦ୍ଧିମତ୍ତା ରହିଛି, "ସିଲୁ କହିଲା ।

ଜେଜେମା ମୁରୁକି ହସିଲେ ।

ଯୁକ୍ତରାଷ୍ଟ୍ର ଆମେରିକା

# ନିଦାଘର ଆଗମନ



ଅମୂଲ୍ୟ କୁମାର ପଣ୍ଡା

ବୈଶାଖର କାଳବୈଶାଖୀ ସଙ୍ଗତେ
ନିଦାଘର ଆଗମନ
ଧରିତ୍ରୀ ବୁକେ ଆଜି ଅନଳର ନିଆଁ
ବାରିଧି ଖୋଜଇ ମନ।

ଆମ୍ରକୁଞ୍ଜ ମଧ୍ୟେ ଲୁଚି ପିକରଣୀ
ଗାଉନାହିଁ କୁହୁ ଗୀତ
ମଳୟ ବହୁନି ତହ ତହ ଖରା
ଭୟ ଆଶଙ୍କାରେ ଚିତ୍ତ।

ଥୁଣ୍ଟା ବଟ ବୃକ୍ଷ ଗାଆଁ ଶେଷ ମୁଣ୍ଡେ
ଶୂନ୍ୟକୁ ରହିଛି ଗୁହିଁ
କଚରି ମିଚରି ବିହଙ୍ଗଙ୍କ ରାବ
ଆଉ କାହିଁ ଶୁଭୁ ନାହିଁ।

ଟାଇଁ ଟାଇଁ ଖରା ଝାଞ୍ଜି ବାଆ ବହେ
ଦେହରୁ ନିଗିଡ଼େ ଝାଳ
ହାଟୁଆ ବାଟୁଆ ଗୃହ ଅଭିମୁଖେ
ପଛେ ଗୋଡାଇଛି କାଳ।

ଗ୍ରାମ ଜଳାଶୟ ଗାଡ଼ିଆ ପୋଖରି
ଶୁଖି ଗ୍ଯରିଆଡ଼େ ଫାଟ

ମରୁଭୂମି ସମ ଲାଗେ ସବୁଜିମା
ବିଲ ଗୋହିରୀ ଓ ପାଟ।

ଦାରୁଣ ଗ୍ରୀଷମେ ନଦୀ ଜଳ ସ୍ତର
ଧୀରେ ଧୀରେ ହୁଏ ହ୍ରାସ
ଜଳଚର ଜୀବ ମତ୍ସ୍ୟ ଭେକ ସର୍ପ
ପାଇନାହିଁ ଆଉ ବାସ।

ମଝିରେ ମଝିରେ କାଳବୈଶାଖୀଟି
ଦେଖାଏ ତାହାର ଭୁଉ
ଉତ୍ତପ୍ତ ବାୟୁକୁ ସହି ନ ପାରିଣ
ମରି ପଡେ ବଣି କାଉ।

ଜୀବନ ଜୀବିକା କଷ୍ଟସାଧ୍ୟ ହୁଏ
ପ୍ରଚଣ୍ଡ ରୌଦ୍ରର ପାଶେ
ସବୁଜିମା ଭରା ଉଦ୍ଭିଦ ଜଗତ
ଝାଉଁଳେ ଉତ୍ତାପ ଧାସେ।

ବୈଚିତ୍ର୍ୟମୟୀ ଏ ଉତ୍ତପ୍ତ ଧରିତ୍ରୀ
ଚାତକ ପରିକା ଚାହିଁ
ଆମନ୍ତ୍ରଣ କରେ ବରଷାର ଧାରା
ସବୁଜିମା ଧରା ପାଇଁ।

ଅରଙ୍ଗାବାଦ, ବରୀ, ଯାଜପୁର

# ଟିକି ପୂଜାରୀ



ମୀନାକ୍ଷି ପାଢ଼ୀ

ମୋ ହାତରେ ଗଢ଼ିଛି ମୁଁ
ତୁମ ଟିକି ରଥ,
ସେ ରଥକୁ ଆସ ଥରେ
ପ୍ରଭୁ ଜଗନ୍ନାଥ।

ନାଲି, ନେଳ ବାନାରେ ଯେ
ଦେଇଛି ସଜାଡ଼ି,
ଝୁଲାଇଛି ମାଳ ମାଳ
ଗୁନ୍ଥି ଫୁଲ କଢ଼ି।

ଟାଣି ନେବି ନନ୍ଦିଘୋଷ
ମୁଁ ନିଜ ହାତରେ,
ରଥେ ବସି ହସୁଥିବ
ତୁମେ ମଉଜରେ।

ବୋଉ ମୋର କରିଅଛି
ଛେନା ପୋଡ଼ ପିଠା,
ସେ ପିଠାରୁ ଖଣ୍ଡେ ଦେବି
ଲାଗେ ବଡ଼ ମିଠା।

ନିରାଶ ନ କରିବ ହେ
ଜଗତର ନାଥ,
ରଥକୁ ନିଶ୍ଚେ ଆସିବ
ଏଇ ମନ ଯାତ।

ଚକଟୀ, ଗଞ୍ଜାମ

# ଶ୍ରେଷ୍ଠ ଚନ୍ଦ୍ରକର

ବିନୟ ଭୂଷଣ ପାଣିଗ୍ରାହୀ (ମିଟୁ)

ବିକ୍ରାନ୍ତ ନଗରର ମହାରାଜ କନକବର୍ଦ୍ଧନ ଜଣେ ପ୍ରଜାବତ୍ସଳ ରାଜା ଥିଲେ। ରାଜ୍ୟର ସୁଶାସନ ଏବଂ ସମଗ୍ର ରାଜ୍ୟରେ ବିକାଶକୁ ସମନ୍ୱିତ କରିବାପାଇଁ ସେ ନିଜର ରାଜ୍ୟକୁ ଭୌଗଳିକ ଅବସ୍ଥିତି ଅନୁଯାୟୀ ଚାରି ଭାଗରେ ବିଭକ୍ତ କରି ଚାରିଜଣ ଦିଗପାଳଙ୍କ ହାତରେ ସେଇସବୁ ଭାଗର ଶାସନ କ୍ଷମତା ଅର୍ପଣ କରିଥିଲେ। ଦେଶର ସୀମାସୁରକ୍ଷା, କର ବ୍ୟବସ୍ଥା, ନ୍ୟାୟ ବ୍ୟବସ୍ଥା ପରି କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ କେନ୍ଦ୍ରୀୟ ଶାସନ ତାଲିକା ଭିତରେ ରଖିଥିଲେ। ଦିଗପାଳ ମାନେ ସେମାନଙ୍କର ପ୍ରତ୍ୟେକ କାର୍ଯ୍ୟପାଇଁ ମହାରାଜଙ୍କ ନିକଟରେ ଉତ୍ତରଦାୟୀ ଥିଲେ।

ମହାରାଜ କନକବର୍ଦ୍ଧନଙ୍କର ପୁତ୍ର ସନ୍ତାନ ନଥିଲେ। ଏକମାତ୍ର କନ୍ୟା ଶଶୀପ୍ରଭା ଉଭୟ ଶସ୍ତ୍ରବିଦ୍ୟା ଏବଂ ଶାସ୍ତ୍ରବିଦ୍ୟାରେ ସୁଦକ୍ଷା ଥିଲେ। ତେବେ, ଚନ୍ଦ୍ରକଳା ପ୍ରତି ତାଙ୍କର ବିଶେଷ ଦୁର୍ବଳତା ଥିବାରୁ ସେ ଜଣେ ଅନନ୍ୟ ପ୍ରତିଭା ସମ୍ପନ୍ନ ଚନ୍ଦ୍ରକରଙ୍କୁ ବିବାହ କରିବାର ଇଚ୍ଛା ରଖିଥିଲେ। ରାଜକୁମାରୀଙ୍କର ଏହି ଇଚ୍ଛା ବିଷୟରେ ମହାରାଜ ଅବଗତ ଥିବାରୁ ସେ ନିଜରାଜ୍ୟ ଭିତରେ ଏମିତି ଜଣେ ସୁଯୋଗ୍ୟ ଯୁବକ ଅନ୍ୱେଷଣରେ ଥିଲେ ଯିଏ ସର୍ବଶ୍ରେଷ୍ଠ ଚନ୍ଦ୍ରକର ହେବା ସଙ୍ଗେ ସଙ୍ଗେ ଜଣେ ପ୍ରଜା ହିତକାରୀ ରାଜା ମଧ୍ୟ ହେଇପାରିବ।

ଥରେ ମହାରାଜ ବିଭିନ୍ନ ଅଞ୍ଚଳରୁ ପ୍ରାପ୍ତ ଖବର ଆଧାରରେ ଜାଣିବାକୁ ପାଇଲେ ଯେ ଦିଗପାଳ ମାନେ ପ୍ରଜାହିତକର କାର୍ଯ୍ୟ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥସାଧନ ଉପରେ ଅଧିକ ଧ୍ୟାନ ଦେଉଥିବାରୁ ପ୍ରାନ୍ତୀୟ ଅଞ୍ଚଳମାନଙ୍କରେ ପ୍ରଜାମାନଙ୍କର ଜୀବନଧାରଣର ମାନ ବେଳକୁବେଳ ଅବକ୍ଷୟମୁଖୀ ହେଉଥିଲା। ମହାରାଜ ସେଇସବୁ ଅଞ୍ଚଳର ବାସ୍ତବ ଖବର ଜାଣିବାପାଇଁ ଯେଉଁ ଗୁପ୍ତଚର ମାନଙ୍କୁ ପଠାଉଥିଲେ ସେମାନେ ଦିଗପାଳ ମାନଙ୍କ ଠାରୁ ଲାଞ୍ଚ ଖାଇ ମିଥ୍ୟା ସୂଚନା ପ୍ରଦାନ କରୁଥିଲେ। ଯଦି କୌଣସି ଗୁପ୍ତଚର ସଚ୍ଚୋଟ ହେବାକୁ ଚେଷ୍ଟା କରୁଥିଲେ ତେବେ କିଛିଦିନ ପରେ ତାଙ୍କର କୌଣସି ଖୋଜଖବର ମିଳୁନଥିଲା। ମଝିରେ

ମଝିରେ ଦିଗପାଳ ମାନଙ୍କୁ ବଦଳାଇ ଅନ୍ୟକୁ ଦାୟିତ୍ୱ ଦେଉଥିଲେ ମଧ୍ୟ ଅବସ୍ଥାରେ ସୁଧାର ଆସୁନଥିଲା।ସମସ୍ତ ପ୍ରୟାସ ସତ୍ତ୍ୱେ ନିଜ ରାଜ୍ୟବାସୀମାନଙ୍କର ପ୍ରକୃତ ସ୍ଥିତି ଜାଣିନପାରୁଥିବାରୁ ସେମାନଙ୍କ ସମସ୍ୟା ଦୂର କରିବା ସମ୍ଭବପର ହେଉନଥିଲା। ମହାରାଜ ଚିନ୍ତାକଲେ ଯଦି ପ୍ରାନ୍ତୀୟ ଅଞ୍ଚଳର ପ୍ରଜାମାନେ ଦୀର୍ଘଦିନ ଧରି ନିଜକୁ ଅବହେଳିତ ଅନୁଭବ କରିବେ ତେବେ ସେମାନେ ବିକ୍ଷୋଭ କରିବା ସଙ୍ଗେସଙ୍ଗେ ପଡ଼ୋଶୀରାଜ୍ୟର ରାଜା ମାନଙ୍କର ଆନୁଗତ୍ୟ ସ୍ୱୀକାର କରିବାକୁ ଅଧିକ ପସନ୍ଦ କରିବେ।

ଦିନେ ମହାରାଜ କନକବର୍ଦ୍ଧନଙ୍କ ମୁଣ୍ଡକୁ ଗୋଟିଏ ବିଚିତ୍ର ଉପାୟ ଜୁଟିଲା। ସେ ତାଙ୍କ ରାଜ୍ୟର ଚାରିଜଣ ବିଖ୍ୟାତ ଚିତ୍ରକରଙ୍କୁ ଦରବାରକୁ ଡକାଇଲେ ଏବଂ କହିଲେ 'ମୁଁ ତୁମମାନଙ୍କର ଚିତ୍ରକଳାରେ ଥିବା ପାରଙ୍ଗମତା ବିଷୟରେ ବହୁତ କିଛି ଶୁଣିଛି। ମାତ୍ର, ତୁମମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଚିତ୍ରକର କିଏ ତାହା ମୁଁ ପରୀକ୍ଷା କରିବାକୁ ଚାହେଁ। ଶ୍ରେଷ୍ଠ ଚିତ୍ରକରଙ୍କୁ ବାର୍ଷିକ ଉତ୍ସବରେ ବିଶେଷଭାବେ ସମ୍ମାନିତ କରାଯିବା ସହ ଦରବାରରେ ଏକ ବିଶେଷ ପୁରସ୍କାର ପ୍ରଦାନ କରାଯିବ । ଚାରିଜଣ ଯାକ ଚିତ୍ରକର ଚାରି ଭିନ୍ନ ଦିଗକୁ ଯାଇ ନିଜନିଜ ଜୀବନକାଳର ଅଭିଜ୍ଞତାକୁ ନେଇ ଦୁଇଟି ଲେଖାଏଁ ଶ୍ରେଷ୍ଠ ଚିତ୍ର ଆଙ୍କିବାକୁ ଚେଷ୍ଟା କରିବେ। ଚିତ୍ରଦ୍ୱୟ ପୂର୍ବାପର ସଂଗତ ହେଇଥିବା ନିହାତି ଜରୁରୀ। ଏତଦବ୍ୟତୀତ ଦ୍ୱିତୀୟ ଚିତ୍ରଟି ଏକ ଉଜ୍ଜ୍ୱଳ ଭବିଷ୍ୟତକୁ ସୂଚିତ କରୁଥିବା ଆବଶ୍ୟକ। ଏଥିପାଇଁ ପ୍ରତ୍ୟେକଙ୍କୁ ଚାରିମାସ ସମୟ ଦିଆଗଲା। ସେଇ ଚାରିମାସ ସମୟ ଭିତରେ ଆପଣମାନଙ୍କର ରହଣି, ଖାଦ୍ୟପେୟ, ପୋଷାକ ପରିଛଦ, ନିରାପତ୍ତା ଓ ଭ୍ରମଣ ସଂକ୍ରାନ୍ତୀୟ ସମସ୍ତ ଖର୍ଚ୍ଚ ଦିଗପାଳ ମାନେ ସେମାନଙ୍କ ରାଜସ୍ୱରୁ ବହନ କରିବେ।' ଏଥିଅନ୍ତେ, ଯେଉଁ ଚିତ୍ରକର ଯେଉଁ ଦିଗକୁ ଯିବାପାଇଁ ଆଗ୍ରହ ପ୍ରକାଶ କଲେ ମହାରାଜ କନକବର୍ଦ୍ଧନ ସେମାନଙ୍କ ହାତରେ ସେଇ ଭାଗର ଦିଗପାଳଙ୍କ ନିକଟକୁ ସେ ସମ୍ବନ୍ଧୀୟ ଆଜ୍ଞାପତ୍ର ଲେଖି ଧରାଇଦେଲେ।

ତହିଁ ଆରଦିନ ଚାରିଜଣଯାକ ଚିତ୍ରକର ଚାରି ପୃଥକ ଦିଗାଭିମୁଖେ ଯାତ୍ରାରମ୍ଭ କରିଦେଲେ। ଯିବାର ଏକମାସ ପରେ ପ୍ରଥମ ଚିତ୍ରକର ଜଣକ ଯିଏ ଦକ୍ଷିଣ ଦିଗକୁ ଯାଇଥିଲେ, ଦୁଇଟି ଚିତ୍ରପଟ୍ଟ ଧରି ଫେରିଆସିଲେ। ମହାରାଜ ଦେଖିଲେ ଦୁଇଟି ଯାକ ଚିତ୍ରପଟ୍ଟ ବେଶ ଆକର୍ଷଣୀୟ ହେଇଥିଲା। ଗୋଟିଏରେ ସବୁଜ ବନଲତା ଆଚ୍ଛାଦିତ ଏକ ସୁଦୀର୍ଘ ତଥା ସୁଉଚ୍ଚ ପାହାଡର ଚିତ୍ରଟିଏ ଥିଲା ଏବଂ ଅନ୍ୟ ଚିତ୍ରଟିରେ ସେଇ ପାହାଡଟି ଲଣ୍ଡା, ଧୂସର ଏବଂ ଅବକ୍ଷୟିତ ଥିଲା। ମହାରାଜ ଚିତ୍ର ଦୁଇଟି ମଧ୍ୟରେ ଥିବା ପୂର୍ବାପର ସମ୍ବନ୍ଧ ଜିଜ୍ଞାସା

କରନ୍ତେ ଶିଳ୍ପୀ ଉତ୍ତର ଦେଲେ,' ମହାରାଜ, ଲଣ୍ଡା ପାହାଡଟିକୁ ଦେଖିଲାପରେ ସ୍ଥାନୀୟ ନିବାସୀ ମାନଙ୍କୁ ପଚାରିଲି ଯେ ପାହାଡଟି ଏମିତି ମୂଳରୁ ଥିଲା ନା ସମୟକ୍ରମେ ଏମିତି ଶ୍ରୀହୀନ ହେଇଯାଇଛି। ସେମାନଙ୍କ ଉତ୍ତରରୁ ଜାଣିଲି ,ଅଳ୍ପ କେଇବର୍ଷ ପୂର୍ବରୁ ପାହାଡଟି ବିଭିନ୍ନ ପ୍ରକାରର ଦାମୀ ବୃକ୍ଷ ଏବଂ ଔଷଧୀୟ ଲତାଗୁଳ୍ମରେ ଭରପୁର ଥିଲା। ମହାରାଜଙ୍କ ଆଦେଶରେ ଦିଗପାଳ ରାଜକୋଷକୁ ସମୃଦ୍ଧ କରିବାପାଇଁ ପଡ଼ୋଶୀରାଜ୍ୟର ବ୍ୟବସାୟୀମାନଙ୍କୁ ଅନୁମତି ପ୍ରଦାନ କରିବାରୁ ସେମାନେ ସେଇସବୁ ପ୍ରାକୃତିକ ସମ୍ପଦକୁ ସ୍ୱଳ୍ପ ମୂଲ୍ୟ ଦେଇ ନେଇଗଲେ। ତାପରେ ଖରାବର୍ଷା ପ୍ରକୋପରେ ପାହାଡର ଦ୍ରୁତ ଅବକ୍ଷୟ ହେବାକୁ ଲାଗିଲା। ଫଳସ୍ୱରୂପ, ସେଇସବୁ ଅଞ୍ଚଳରେ ପ୍ରକୃତିର ବ୍ୟବହାର ବଦଳବାକୁ ଲାଗିଲା । ବର୍ତ୍ତମାନ ସେଇ ପ୍ରଜାମାନଙ୍କ ଭିତରୁ ଅଧିକାଂଶ ପଡୋଶୀ ରାଜ୍ୟରେ କାମଧନ୍ଦା କରି ଗୁଜୁରାଣ ମେଣ୍ଟାଉଛନ୍ତି। ମୋର ପ୍ରଥମ ଚିତ୍ରରେ ପାହାଡ଼ର ପୂର୍ବ ଅବସ୍ଥା ଏବଂ ଦ୍ୱିତୀୟ ଚିତ୍ରରେ ବର୍ତ୍ତମାନ ସମୟର ଅବସ୍ଥାକୁ ନିଖୁଣ ଭାବେ ପରିସ୍ଫୁଟ କରିବାର ପ୍ରଚେଷ୍ଟା କରିଛି।'

ଚିତ୍ରକରଙ୍କ ଠାରୁ ଏସବୁକଥା ଶୁଣି ମହାରାଜ ଅଶେଷ ମାନସିକ କଷ୍ଟ ଅନୁଭବ କଲେ। ସେ ପୁଣି ଚିତ୍ରକରଙ୍କୁ ପଚାରିଲେ, 'ଆଚ୍ଛା, ତୁମେ ସେମାନଙ୍କର ଭ୍ରାନ୍ତି ଦୂର କରିବାପାଇଁ କିଛି କହିଲକ**?**' ଶିଳ୍ପୀ କହିଲେ,' ନାଇଁ ମହାରାଜ, ମୁଁ କେବଳ ସେମାନଙ୍କର ସହଯୋଗ ପାଇଁ ସେମାନଙ୍କୁ ଧନ୍ୟବାଦ ଜଣାଇଲି।' ମହାରାଜ କହିଲେ, 'ଠିକ ଅଛି, ତମେ ଏବେ ସ୍ୱଗୃହକୁ ପ୍ରସ୍ଥାନ କର, ନିର୍ଦ୍ଧାରିତ ସମୟରେ ପୁନର୍ବାର ଦରବାରକୁ ଆସିବାପାଇଁ ତୁମପାଖକୁ ସମ୍ବାଦ ପ୍ରେରଣ କରାଯିବ।'

ଚିତ୍ରକର କକ୍ଷତ୍ୟାଗ କରିବାପରେ ମହାରାଜ ତାଙ୍କର ମହାମନ୍ତ୍ରୀ ଓ ସେନାପତିଙ୍କୁ ଡକାଇ ଦକ୍ଷିଣଖଣ୍ଡର ଅବସ୍ଥା ବିଷୟରେ ଅବଗତ କରାଇଲେ ଏବଂ ତୁରନ୍ତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଦେଶ ଦେଲେ।

ଦ୍ୱିତୀୟ ମାସ ପୂରିବାର ଦିନେ-ଦୁଇଦିନ ପରେ ପଶ୍ଚିମଖଣ୍ଡକୁ ଯାଇଥିବା ଚିତ୍ରକର ଦୁଇଟି ଚିତ୍ରପଟ୍ଟ ଧରି ଫେରିଆସିଲେ। ମହାରାଜ ଦେଖିଲେ ସେ ଦୁଇଟି ଯାକ ଚିତ୍ରପଟ୍ଟ ପୂର୍ବାପେକ୍ଷା ଅଧିକ ଆକର୍ଷଣୀୟ ହେଇଥିଲା। ପ୍ରଥମ ଚିତ୍ରରେ ବିସ୍ତୀର୍ଣ୍ଣ ଜଙ୍ଗଲ ଭିତରେ ନାନା ଜାତିର ପଶୁପକ୍ଷୀ ମାନେ ବିଚରଣ କରୁଥିଲେ। ସ୍ଥାନେ ସ୍ଥାନେ ଜଙ୍ଗଲଭୂଇଁ ଉପରେ ଭିନ୍ନ ଭିନ୍ନ

କସମର ରତ୍ନପଥର ମାନ ଦୃଷ୍ଟିଗୋଚର ହେଉଥିଲେ। ଦ୍ୱିତୀୟ ଚନ୍ଦ୍ରେର ଜଙ୍ଗଲ ସେମିତି ଥିଲା ମାତ୍ର, ଜଙ୍ଗଲରେ ବିଚରଣ କରୁଥିବା ପଶୁପକ୍ଷୀ ମାନଙ୍କର ସଂଖ୍ୟା ଆଶାତୀତ ଭାବେ କମ ଥିଲା। ସବୁଠାରୁ ବଡ଼କଥା, ଦ୍ୱିତୀୟ ଚନ୍ଦ୍ରରେ କାଁଭାଁ କେଉଁଠି କେମିତି ରତ୍ନପଥରଟିଏ ପରିଦୃଷ୍ଟ ହେଉଥିଲା। ଚନ୍ଦ୍ରଦ୍ୱୟର ତୁଳନାତ୍ମକ ବ୍ୟାଖ୍ୟା କରି ମହାରାଜ ଏକପ୍ରକାର ନିଶ୍ଚିତ ହେଲେ ଯେ ସେଇ ଭାଗରେ ରତ୍ନପଥର ମାଫିଆ ଏବଂ ଶିକାରୀମାନଙ୍କର ପ୍ରାଦୁର୍ଭାବ ବହୁମାତ୍ରାରେ ବୃଦ୍ଧି ପାଇଥିଲା। ସେ ଚନ୍ଦ୍ରକରଙ୍କୁ ପ୍ରଶଂସା କରିସାରି ପଚାରିଲେ,' ତୁମେ ସେଠାକାର ସ୍ଥାନୀୟ ପ୍ରଜାମାନଙ୍କର ମହାରାଜଙ୍କ ପ୍ରତି କିଛି ଭିନ୍ନ ମନୋଭାବ ଦେଖିବାକୁ ପାଇଲ କି?' ଶିଳ୍ପୀ ଜଣଙ୍କ ସାମାନ୍ୟ ଚିନ୍ତାକରି କହିଲେ,' ମହାରାଜ, ସେଇ ପ୍ରଜାମାନେ ଅତ୍ୟନ୍ତ ସରଳ, ନିଷ୍କପଟ ଏବଂ ପ୍ରବଳ ପରିଶ୍ରମୀ। ସେମାନେ ଶାରୀରିକ ଶ୍ରମକୁ ଈଶ୍ୱରଙ୍କ ଆରାଧନା ବୋଲି ବିବେଚନା କରନ୍ତି। ମୋର ଅନୁଭବ ହେଲା, ସେମାନେ ଆପଣଙ୍କ ବିଷୟରେ ଆଦୌ ଅବଗତ ନୁହଁନ୍ତି। କାରଣ, ମୁଁ ସେମାନଙ୍କ ଗହଣରେ ଏତିକି ସମୟ ରହିବା ଭିତରେ ମୋର ଦୃଢ଼ ଧାରଣା ହେଲା ଯେ ଜଙ୍ଗଲ ଦେବତା ହେଉଛନ୍ତି ସେମାନଙ୍କର ମହାରାଜ ଏବଂ ବାହାରୁ ଯେଉଁମାନେ ସେଠାକୁ ଆସନ୍ତି ସେମାନେ ମହାରାଜଙ୍କର ପ୍ରତିନିଧି ।'

ମହାରାଜ କହିଲେ, 'ଠିକ ଅଛି, ତୁମେ ଏବେ ସ୍ୱଗୃହକୁ ପ୍ରସ୍ଥାନ କରିପାର। ତୁମର ଚିତ୍ର ସର୍ବଶ୍ରେଷ୍ଠ ବିବେଚିତ ହେଲେ, ନିର୍ଦ୍ଧାରିତ ସମୟରେ ଦରବାରକୁ ଆସିବାପାଇଁ ତୁମକୁ ନିମନ୍ତ୍ରଣ କରାଯିବ।'

ଚିତ୍ରକର କକ୍ଷତ୍ୟାଗ କରିବାପରେ ମହାରାଜ ତାଙ୍କର ମହାମନ୍ତ୍ରୀ ଓ ସେନାପତିଙ୍କୁ ଡକାଇ ପଶ୍ଚିମଖଣ୍ଡର ଅବସ୍ଥା ବିଷୟରେ ଆଲୋଚନା ଓ ବିଚାରବିମର୍ଷ କରି ସେ ଅଞ୍ଚଳରେ ରତ୍ନପଥର ମାଫିଆ ଓ ଶିକାରୀ ମାନଙ୍କୁ ଦମନ କରିବା ନିମନ୍ତେ ତୁରନ୍ତ କଠୋରରୁ ଅତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଦେଶ ଦେଲେ।

କିଛିଦିନ ପରେ ଉତ୍ତର ଭାଗକୁ ଗମନ କରିଥିବା ତୃତୀୟ ଚିତ୍ରକର ମଧ ପ୍ରତ୍ୟାବର୍ତ୍ତନ କଲେ। ସେ ନିଜର ଚିତ୍ରଦ୍ୱୟ ମହାରାଜ କନକବର୍ଦ୍ଧନଙ୍କୁ ଅର୍ପଣ କଲେ। ଉଭୟ ଚିତ୍ରକୁ ଧ୍ୟାନ ସହକାରେ ଦେଖି ମହାରାଜ ବୁଝିପାରିଲେ ଯେ ସେଇ ପ୍ରାନ୍ତ ର ଯେଉଁ ପ୍ରଜାମାନେ ପୂର୍ବରୁ ସେମାନଙ୍କର କଳା ନୈପୁଣ୍ୟ, ସାହିତ୍ୟ-ସଂସ୍କୃତି, ଏବଂ କୁଟୀରଶିଳ୍ପ ପାଇଁ ଖ୍ୟାତି

ସମ୍ପନ୍ନ ଥିଲେ ପରବର୍ତ୍ତୀ ସମୟରେ ସେଇମାନେ କଳା-ଭାସ୍କର୍ଯ୍ୟ ଓ ଶିଳ୍ପ ପ୍ରତି ବିମୁଖ ହେଇ ବିଭିନ୍ନ ପ୍ରକାରର ନିଶାଦ୍ରବ୍ୟ ଉତ୍ପାଦନ ଓ ସେସବୁର ବ୍ୟବସାୟ ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଏସବୁ ଅନୈତିକ କାର୍ଯ୍ୟକଳାପ ପାଇଁ ସେଇ ଭାଗର ଦିଗପାଳ ସେମାନଙ୍କୁ ଉଭୟ ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଭାବେ ଅନୁପ୍ରେରିତ କରୁଛନ୍ତି। କୌଳିକବୃତ୍ତିକୁ ହତୋତ୍ସାହିତ କରିବାପାଇଁ ସେମାନଙ୍କ ଉପରେ ଅତିରିକ୍ତ କର ବସାଯାଉଛି। ସେଇ ଭାଗର ଉତ୍ତରରେ ଥିବା ପଡୋଶୀ ରାଜ୍ୟର ନିଶା ବ୍ୟବସାୟୀମାନଙ୍କ ଠାରୁ ପର୍ଯ୍ୟାପ୍ତ ଅର୍ଥ ବିନିମୟରେ ସମ୍ପୃକ୍ତ ଦିଗପାଳ ନିଜ ରାଜ୍ୟର ସମ୍ମାନ ଓ ସ୍ୱାତନ୍ତ୍ର୍ୟକୁ ଜଳାଞ୍ଜଳି ଦେବାପାଇଁ ଆଦୌ କୁଣ୍ଠିତ ହେଉନାହାଁନ୍ତି।

ଚନ୍ଦ୍ରକରଙ୍କ ସହ ବାର୍ତ୍ତାଳାପ ଶେଷ ହେଲାପରେ ମହାରାଜ କହିଲେ, 'ଠିକ ଅଛି,ତୁମେ ଏବେ ସ୍ୱଗୃହକୁ ପ୍ରସ୍ଥାନ କରିପାରନ୍ତି। ଯୋଗ୍ୟ ବିବେଚିତ ହେଲେ ପୁନର୍ବାର ନିର୍ଦ୍ଧାରିତ ସମୟରେ ଆସିବାପାଇଁ ତୁମ ପାଖକୁ ନିମନ୍ତ୍ରଣ ପଠାଯିବ।'

ଚନ୍ଦ୍ରକର କକ୍ଷତ୍ୟାଗ କରିବାପରେ ମହାରାଜ ତାଙ୍କର ମହାମନ୍ତ୍ରୀ ଓ ସେନାପତିଙ୍କୁ ଡକାଇ ଉତ୍ତରଖଣ୍ଡର ସାମ୍ପ୍ରତିକ ସମସ୍ୟା ବିଷୟରେ ପ୍ରାପ୍ତ ସୂଚନା ଉପରେ ବିଶଦ ଭାବେ ଆଲୋଚନା ପର୍ଯ୍ୟାଲୋଚନା କରିବା ପରେ ସମ୍ପୃକ୍ତ ଦିଗପାଳଙ୍କୁ ତୁରନ୍ତ କ୍ଷମତାଚ୍ୟୁତ କରି ବନ୍ଦୀ କରି ଆଣିବାପାଇଁ ଆଦେଶ ଦେବା ସହିତ ସେଇ ଅଞ୍ଚଳର ପ୍ରଜାମାନେ ପୁନର୍ବାର କପରି ନିଜନିଜର କୌଳିକବୃତ୍ତି, କଳା, ସାହିତ୍ୟ, ଭାସ୍କର୍ଯ୍ୟ ଓ କୁଟୀରଶିଳ୍ପ ପ୍ରତି ଆଗ୍ରହ ପ୍ରଦର୍ଶନ କରିବେ ସେ ଦିଗରେ ସମସ୍ତ ପ୍ରକାର ଗଠନାତ୍ମକ ଉଦ୍ୟମ ଆରମ୍ଭ କରିବାପାଇଁ ଆଦେଶ ଦେଲେ ଏବଂ ସେଥିପାଇଁ ପର୍ଯ୍ୟାପ୍ତ ପୁଞ୍ଜି ଯୋଗାଣର ବ୍ୟବସ୍ଥା ମଧ୍ୟ କରାଇଲେ।

ସମୟ ଗଡିଚାଲିଲା। ଚତୁର୍ଥ ମାସ ପୁରି ପଞ୍ଚମ ମାସର ଅଧାଅଧି ହେଲାପରେ ମଧ୍ୟ ପୂର୍ବଦିଗକୁ ଯାଇଥିବା ଚନ୍ଦ୍ରକର ଜଣକ ଫେରିଲେ ନାହିଁ। କନକବର୍ଦ୍ଧନଙ୍କ ମନରେ ବିଭିନ୍ନ ପ୍ରକାର ଆଶଙ୍କା ସୃଷ୍ଟି ହେଲା। ସେ ଚିନ୍ତାକଲେ, ଜଣେ ଅଭିଜ୍ଞ ଚନ୍ଦ୍ରକରଙ୍କୁ ପୂର୍ବାପର ସଂଗତି ଥିବା ଦୁଇଟି ଚିତ୍ର ଆଙ୍କିବାକୁ ଦୀର୍ଘ ଚାରିମାସ କଦାପି କମ ଅବଧି ହେଇନପାରେ। ହେଇପାରେ, ଚନ୍ଦ୍ରକର ଜଣଙ୍କ କୌଣସି ପଶୁଜନ୍ତୁର ଶିକାର ହେଇଛନ୍ତି କିମ୍ବା କୌଣସି କାରଣରୁ ଦିଗପାଳଙ୍କ ରୋଷର ଶିକାର ହେଇ ପ୍ରାଣ ହରିଛନ୍ତି। ଏମିତି ନାନାପ୍ରକାର ଭାବନାରେ ଛନିହେଇ କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ଉପନୀତ ନହେଇପାରିବାରୁ ସେ

ଏବିଷୟରେ ମହାମନ୍ତ୍ରୀ ଏବଂ ଦରବାରୀ ପଣ୍ଡିତ ମାନଙ୍କ ସହ ସେ ସମ୍ବନ୍ଧରେ ଆଲୋଚନା କରିବାପାଇଁ ସ୍ଥିରକଲେ।

ତହିଁପରଦିନ ରାଜସଭାରେ ସେ'ବିଷୟରେ ଆଲୋଚନା ଆରମ୍ଭ ହେବାର ସ୍ୱଳ୍ପ ସମୟ ପୂର୍ବରୁ ପ୍ରହରୀ ଆସି ସମ୍ବାଦ ଦେଲା ଯେ ପୂର୍ବଭାଗରୁ କେହିଜଣେ ବ୍ୟକ୍ତି ଚିତ୍ରପଟଟିଏ ଧରି ମହାରାଜଙ୍କୁ ପ୍ରଦାନ କରିବା ପାଇଁ ଅନୁମତି ପ୍ରାର୍ଥନା କରୁଛନ୍ତି। ମହାରାଜ କନକବର୍ଦ୍ଧନ ତାଙ୍କୁ ଅବିଳମ୍ବେ ସଭାକକ୍ଷକୁ ନେଇଆସିବାପାଇଁ ପ୍ରହରୀକୁ ଆଦେଶ ଦେଲେ।

କିଛିକ୍ଷଣ ପରେ କୃଷକ ପରି ଜଣାପଡୁଥିବା ଜଣେ ବ୍ୟକ୍ତି ରେଶମ କନାରେ ଆଚ୍ଛାଦିତ ଚିତ୍ରପଟଟିକୁ ଧରି ସଭାକକ୍ଷକୁ ପ୍ରବେଶ କଲେ। ବିନମ୍ରତାର ସହ ଓଳଗି ହେଇ ଅତି ଭଦ୍ରଭାବେ କହିଲେ, 'ମହାରାଜ, ମୁଁ ବିକ୍ରାନ୍ତ ନଗରର ପୂର୍ବୋତ୍ତର ଅଞ୍ଚଳରେ ଥିବା କୁସୁମପୁର ଗ୍ରାମର ଜଣେ ସାଧାରଣ କୃଷକ। ଏକ ଜରୁରୀ ବ୍ୟକ୍ତିଗତ କାର୍ଯ୍ୟରେ ରାଜଧାନୀକୁ ଆସିଲାବେଳେ ଛାମୁ ଆମ ଅଂଚଳରେ କୃଷି ଓ ଶିକ୍ଷାର ବିକାଶପାଇଁ ପ୍ରେରଣ କରିଥିବା ଅଧିକାରୀ ଆପଣଙ୍କୁ ହସ୍ତାନ୍ତର କରିବାପାଇଁ ମୋ ହାତରେ ଖଣ୍ଡିଏ ଚଟାଉ ଏବଂ ଏହି ଚିତ୍ରଟି ପ୍ରେରଣ କରିଛନ୍ତି । ନିଜ ଜରୁରୀ କାର୍ଯ୍ୟ ନିମନ୍ତେ ସମୟର ସ୍ୱଳ୍ପତା ଦୃଷ୍ଟିରୁ ସେ ଚିତ୍ରପଟ ଓ ଚଟାଉକୁ ମହାରାଜଙ୍କୁ ହସ୍ତାନ୍ତର କରି ପ୍ରସ୍ଥାନ ନିମନ୍ତେ ଆଜ୍ଞା ନେଇ ଦରବାରରୁ ନିଷ୍କ୍ରାନ୍ତ ହେଲେ। ମହାରାଜ କନକବର୍ଦ୍ଧନ ଅତି ଉତ୍ସୁକତା ସହକାରେ ଚିତ୍ରପଟକୁ ଅନାବରଣ କରିବାପାଇଁ ଆଦେଶ ଦେଲେ। ଅନାବୃତ ଚିତ୍ରଟିରେ ଜଳସେଚନ ସୁବିଧା ସମ୍ବଳିତ ବିସ୍ତୀର୍ଣ୍ଣ ସବୁଜ ଶସ୍ୟକ୍ଷେତ୍ରର ମନଲୋଭା ଶୋଭା ବ୍ୟତିରେକ ଶସ୍ୟକ୍ଷେତ୍ର ସଂଲଗ୍ନ ଅଞ୍ଚଳରେ ସୁସଙ୍ଗଠିତ ହେଇ ରହିଥିଲା କୃଷକ ମାନଙ୍କର ବାସଗୃହ ମାନ। ସ୍ୱଚ୍ଛ ବସ୍ତ୍ର ପରିଧାନ କରି ଶୃଙ୍ଖଳିତ ଶୈଳୀରେ ପିଲାମାନେ ବିଦ୍ୟାଳୟକୁ ଯାଉଥିବାର ଦୃଶ୍ୟ ଏକ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ପ୍ରଦାନ କରୁଥିଲା। ରାସ୍ତାର ଉଭୟତଃ ବିବିଧ ଫଳପୁଷ୍ପ ବୃକ୍ଷରାଜି ଭବିଷ୍ୟତ ବଂଶଧର ମାନଙ୍କ ପାଇଁ ଏକ ନିର୍ମଳ ବିଶ୍ୱର ପ୍ରତିଶ୍ରୁତି ଦେଉଥିଲା। ଚିତ୍ରଟିରେ ପରିବେଷିତ ହେଇଥିବା ଅଭୂତପୂର୍ବ ମନୋଜ୍ଞ ଦୃଶ୍ୟ ସମ୍ପୂର୍ଣ୍ଣ ଭାବେ ଜୀବନଧର୍ମୀ ଥିଲା। ଚିତ୍ରପଟଟିକୁ ଦେଖିଲାବେଳେ ମହାରାଜ କନକବର୍ଦ୍ଧନଙ୍କୁ ଲାଗିଲା ସତେଯେମିତି ସେ ସେଇ ମନୋରମ ପରିବେଶ ଭିତରେ ଚିନ୍ତାମୁକ୍ତ ହେଇ ବିଚରଣ କରୁଛନ୍ତି। ମାତ୍ର, ଦ୍ୱିତୀୟ ଚିତ୍ର ନଥିବାରୁ ପୂର୍ବାପର ସଂଗତିକୁ ଅଧ୍ୟୟନ କରି ସେଠାକାର ପ୍ରଜାମାନଙ୍କର ଅବସ୍ଥା ଏବଂ

ସୁବିଧା ଅସୁବିଧା ସମ୍ପର୍କରେ କଛି ଗୋଟାଏ ନର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ପହଂଚବା ସମ୍ଭବପର ନଥିଲା । ଚଟାଉରେ ନଶ୍ଚୟ ସେ ଜାଣିବାକୁ ଇଚ୍ଛୁକ ଥିବା ବିଷୟ ଗୁଡିକ ଉପରେ ସବିଶେଷ ବର୍ଣ୍ଣନା ଥିବ ବୋଲି ଚନ୍ତାକରି ସେଇଟିକୁ ଖୋଲି ପଢିଲାପରେ ତାଙ୍କ ମନର ଦ୍ୱନ୍ଦ ଆହୁରି ବଢ଼ିଗଲା । କାରଣ, ଚଟାଉରେ ଲେଖାଥିଲା,' ମହାରାଜ, ନର୍ଦ୍ଧାରିତ ସମୟସୀମା ଭିତରେ ଆପଣଙ୍କ ଆଜ୍ଞା ଅନୁଯାୟୀ ଦୁଇଟି ଚତ୍ର ପ୍ରଦାନ କରି ନପାରିଥିବାରୁ ନଜକୁ ଦୋଷୀ ସ୍ୱୀକାର କରୁଛି। ସେଥିପାଇଁ ଛାମୁ ଯାହା ଦଣ୍ଡ ବିଧାନ କରିବେ ତାହାକୁ ଏ ଅଧମ ଚତ୍ରକର ବିନା ପ୍ରତିବାଦରେ ମୁଣ୍ଡ ନୁଆଁଇ ସ୍ୱୀକାର କରିନେବାକୁ ପ୍ରସ୍ତୁତ। ପୁନଶ୍ଚ, ଦୁଇଟି ଚତ୍ର ବଦଳରେ ଗୋଟିଏ ମାତ୍ର ଚତ୍ର ପଠାଇଥିବାରୁ ଆପଣ କେତେବେଶୀ ଅସନ୍ତୁଷ୍ଟ ହେଇଥିବେ ତାହା ମୁଁ ବୁଝିପାରୁଛି। ତେବେ, ଏକଥା ମିଥ୍ୟା ନୁହେଁ ଯେ ମୁଁ ଆଙ୍କିସାରିଥିବା ଦ୍ୱିତୀୟ ଚତ୍ରଟି ଆପଣଙ୍କ ସମ୍ମୁଖରେ ଥିବା ଚତ୍ରଠାରୁ ମଧ ଅନେକ ଗୁଣା ସୁନ୍ଦର ଏବଂ ତାହା ମୋ ଚତ୍ରକର ଜୀବନର ସର୍ବଶ୍ରେଷ୍ଠ ଚତ୍ର ବୋଲି। ମାତ୍ର, ମୋର ଏଇ ଚତ୍ରଟି ଏତେ ବିଶାଳ ଯେ ମୁଁ ଶତଚେଷ୍ଟା କଲେ ମଧ ଏହାକୁ ଏହିସ୍ଥାନରୁ ସୁତାଏ ଆଗକୁ କମ୍ବା ପଛକୁ ନେଇପାରିବିନାହିଁ। ତେଣୁକରି ଶ୍ରୀଛାମୁରେ ମୋର ବିନମ୍ର ନବେଦନ, ମୋର ଏଇ ଚତ୍ରଟିକୁ ଦେଖିବାପାଇଁ ସ୍ୱୟଂ ମହାରାଜ ଏଠାକୁ ଆସିବାପାଇଁ କୁଣ୍ଠିତ ହେବେନାହିଁ। ଇତି, ଆପଣଙ୍କର ଦର୍ଶନାଭିଳାଷୀ ଅଧମ ଚତ୍ରକର।'

ଅସାଧାରଣ ପ୍ରତିଭାସମ୍ପନ୍ନ ମହାରାଜ କନକବର୍ଦ୍ଧନ ପ୍ରଖର ଜ୍ଞାନୀ ଏବଂ ପ୍ରବଳ ପ୍ରତ୍ୟୁତ୍ପନ୍ନମତିତା ସମ୍ପନ୍ନ ବ୍ୟକ୍ତିତ୍ୱର ଅଧିକାରୀ ହେଇଥିବାରୁ ଚଟାଉରେ ସନ୍ନିବେଶିତ ଶବ୍ଦାବଳୀରୁ ଚତ୍ରକରଙ୍କ ବ୍ୟକ୍ତିତ୍ୱ ଓ ବ୍ୟବହାରରୁ ରାଜାଜ୍ଞାର ଅବମାନନା, ଔଧତ୍ୟ କମ୍ବା ଅହମିକା ଭଳ ନକରାତ୍ମକ ମନୋଭାବ ଖୋଜିବା ପରିବର୍ତ୍ତେ ତହିଁରୁ ତାଙ୍କର ସ୍ପଷ୍ଟବାଦୀତା, ଚତୁରପଣ, ସଚ୍ଚୋଟତା ଓ ବିଶେଷ ବ୍ୟକ୍ତିତ୍ୱର ଆଭାସ ପାଇଲେ। ତେଣୁକରି, ସେ ସେଇଦିନ ମହାମନ୍ତ୍ରୀ ଏବଂ ସ୍ୱଳ୍ପସଂଖ୍ୟକ ବିଶେଷ ତାଲିମପ୍ରାପ୍ତ ଅଙ୍ଗରକ୍ଷୀଙ୍କୁ ସାଥିରେ ନେଇ କୁସୁମପୁର ଅଭିମୁଖେ ଯାତ୍ରାରମ୍ଭ କରିଦେଲେ।

ଗୋଟିଏ ପାନ୍ଥଶାଳାରେ ରାତ୍ରିଯାପନ କରି ବଡିଭୋରରୁ ପୁନଶ୍ଚ ଗନ୍ତବ୍ୟ ଅଭିମୁଖେ ଅଗ୍ରସର ହେଇ ସନ୍ଧ୍ୟା ସମୟରେ କୁସୁମପୁରରେ ପହଂଚ ରାତ୍ରିଯାପନ ନମନ୍ତେ ସେଠାରେ ବହୁଦିନରୁ ଅବ୍ୟବହୃତ ହେଇ ପଡିଥିବା ଏକ ପାନ୍ଥଶାଳାରେ ପହଁଚଲେ। ମହାରାଜଙ୍କ ସମେତ ସମସ୍ତେ ଛଦ୍ମବେଶ ଧାରଣ କରିଥିବାରୁ ସେମାନଙ୍କୁ ଚହ୍ନିବା କାହାରି ପକ୍ଷରେ ସମ୍ଭବପର ନଥିଲା।

ରାତିରେ ଖାଦ୍ୟପେୟର ବନ୍ଦୋବସ୍ତ କପରି କରାଯିବ ସେ ବିଷୟରେ ଆଲୋଚନା ଆରମ୍ଭ କଲାବେଳକୁ ସେଇ ଗ୍ରାମର ମୁଖିଆ କେତେଜଣ ଯୁବକଙ୍କ ସହାୟତାରେ ସମସ୍ତଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟପେୟ ଏବଂ ଶୋଇବାପାଇଁ ପରିଷ୍କାର ବିଛଣାପତ୍ର ଧରି ଆସି ଉପସ୍ଥିତ ହେଲେ। ସେ ଯୋଡହସ୍ତ ହେଇ ନମ୍ରଭାବେ କହିଲେ, 'ହେ ମହାଶୟ ଗଣ, ଆପଣମାନେ କୁସୁମପୁରର ଅତିଥି ଅଟନ୍ତି। ଅପ୍ରତ୍ୟାଶିତ ଆଗମନ କାରଣରୁ ଆମ୍ଭେମାନେ ଆପଣମାନଙ୍କର ସ୍ୱାଗତ ସମ୍ବର୍ଦ୍ଧନା ଏବଂ ତାତ୍କାଳକ ସେବା ନିମନ୍ତେ କୌଣସି ପ୍ରକାର ପୂର୍ବପ୍ରସ୍ତୁତି କରିନପାରିଥିବାରୁ ବିଶେଷ ଭାବେ ଦୁଃଖିତ। ସେଥିପାଇଁ ଗ୍ରାମବାସୀ ମାନଙ୍କ ତରଫରୁ ମୁଁ କ୍ଷମାପ୍ରାର୍ଥୀ। ତେବେ, ମୁଁ ଆପଣମାନଙ୍କୁ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଉଛି ଯେ ଏଠାରେ ଯେପର୍ଯ୍ୟନ୍ତ ଅଛନ୍ତି ସେପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କୁସୁମପୁର ଆପଣମାନଙ୍କ ସେବାରେ ସାମାନ୍ୟତମ ଅବହେଳା ପ୍ରଦର୍ଶନ କରିବନାହିଁ। ଆପଣମାନେ ପଥଶ୍ରାନ୍ତ ହେତୁ କ୍ଲାନ୍ତ ଜଣାପଡୁଛନ୍ତି। ତେଣୁକରି, ଭୋଜନ କରି ନିଶ୍ଚିନ୍ତରେ ବିଶ୍ରାମ ନିଅନ୍ତୁ। ଗ୍ରାମର ଯୁବକମାନେ ଆପଣମାନଙ୍କର ସମସ୍ତ ପଦାର୍ଥ ଏବଂ ଅଶ୍ୱମାନଙ୍କର ସୁରକ୍ଷା ପାଇଁ ସାରାରାତି ଏଠାରେ ଉପସ୍ଥିତ ରହିବେ।' ଛଦ୍ମବେଶରେ ଥିବା କନକବର୍ଦ୍ଧନ ସେଇ ସାଧୁ ସମ୍ଭାଷଣରେ ଅଶେଷ ଆପ୍ଲୁତ ହେଇ ସେଇ ଅଯାଚିତ ସେବାକୁ ସ୍ୱୀକୃତି ପ୍ରଦାନ କରନ୍ତେ ଗ୍ରାମମୁଖ୍ୟ ସେ ସ୍ଥାନ ପରିତ୍ୟାଗ କରି ଗ୍ରାମାଭିମୁଖେ ଗମନ କଲେ।

ରାତିପାହି ସକାଳ ହେବାମାତ୍ରେ ଗ୍ରାମାମୁଖ୍ୟ ପ୍ରାତଃ ଭୋଜନ ନିମନ୍ତେ ସମସ୍ତ ବନ୍ଦୋବସ୍ତ ସହ ଆସି ଉପସ୍ଥିତ ହେଲେ। ନିତ୍ୟକର୍ମ ସମାପନ କରି ସମସ୍ତେ ଭୋଜନ କରିସାରିବାପରେ ଗ୍ରାମାମୁଖ୍ୟ ଯୋଡହସ୍ତ ହେଇ ଅତି ବିନମ୍ରତାର ସହ ଛଦ୍ମବେଶରେ ଥିବା କନକବର୍ଦ୍ଧନଙ୍କ ଉଦ୍ଦେଶ୍ୟରେ କହିଲେ,' ହେ ଅତିଥି ମହୋଦୟ ଧୃଷ୍ଟତା ମାର୍ଜନା କଲେ କୁସୁମପୁରକୁ ଆସିବାର କାରଣ ଜିଜ୍ଞାସା କରିବି।' ମହାରାଜ ଉତ୍ତର ଦେବାକୁ ଯାଇ କହିଲେ, ' ମୁଁ ମହାରାଜ କନକବର୍ଦ୍ଧନଙ୍କର ଜଣେ ସାମନ୍ତ ଏବଂ ଏମାନେ ମୋର ଅଙ୍ଗରକ୍ଷୀ। ଏକ ଜରୁରୀ ରାଜକାର୍ଯ୍ୟରେ ପଡୋଶୀ ରାଜ୍ୟ ରାମଗଡ଼କୁ ଯାତ୍ରାକରିବା ବେଳେ ଏଇ ଅଂଚଳର ସ୍ୱଚ୍ଛ ପ୍ରାକୃତିକ ପରିବେଶ, ସ୍ଥାନୀୟ ବାସିନ୍ଦା ମାନଙ୍କର ହାଭଭାବ, ଚାଲିଚଳଣୀ, ଆଚାର-ବ୍ୟବହାର ଇତ୍ୟାଦି ଆମ୍ଭକୁ ଆକୃଷ୍ଟ କରିବାରୁ ଏଠାରେ ଦିନେ ଦୁଇଦିନ ରହିଯିବାକୁ ଇଚ୍ଛା ହେଲା। ଆପଣ ଅନୁମତି ଦେଲେ ଆଜି ଆମ୍ଭେ କୁସୁମପୁର ଗ୍ରାମ ବୁଲି ଦେଖିଲାପରେ ଏ ଅଞ୍ଚଳର ଉନ୍ନତି ନିମନ୍ତେ ଅନ୍ୟ ଯାହାକିଛି ଆବଶ୍ୟକ ମାନେହେବ ସେସବୁ ଯୋଗାଇ ଦେବାପାଇଁ ମହାରାଜଙ୍କ ନିକଟରେ ସୁପାରିଶ କରିବୁ।'

ମୁଖିଆ କହିଲେ,'ହେ ମହାଭାଗ, ଗତ ରିମାସ ପୂର୍ବପର୍ଯ୍ୟନ୍ତ ଆମର ଏ ଅଞ୍ଚଳର ଅବସ୍ଥା ଅତି ଦୟନୀୟ ଥିଲା। ଲୋକମାନେ ଭୋକଓପାସରେ କାଳାତିପାତ କରୁଥିଲେ। କାରଣ, ପାଞ୍ଚବର୍ଷ ତଳେ ବାତ୍ୟା ସମୟରେ ବହୁବର୍ଷ ଧରି ମରାମତ ହେଇନଥିବା ଲୁଣାବନ୍ଧ ଭାଙ୍ଗିଯିବାରୁ ସମୁଦ୍ରର ଲୁଣା ଜୁଆର ମାଡ଼ିଆସିବା କାରଣରୁ ଏ ଅଞ୍ଚଳର ସୁବର୍ଣ୍ଣପ୍ରସୂ ଚାଷଜମି ସବୁ କୃଷି ଅନୁପଯୋଗୀ ହେଇଗଲା। ଲୁଣାବନ୍ଧ ମରାମତି କରି କୃଷକ ମାନଙ୍କୁ ଆବଶ୍ୟକୀୟ ଉର୍ବରକ, ବିହନ ଏବଂ ସର୍ବନିମ୍ନ ସମ୍ଭବ ସହଯୋଗ ରାଶି ଯୋଗାଇ ଦେବାପାଇଁ ଦିଗପାଳଙ୍କ ନିକଟରେ ବାରମ୍ବାର ଗୁହାରିକରି କିଛି ଲାଭ ହେଲାନାହିଁ। ତେଣୁ, ଆମେମାନେ ଅତି ନିରାଶା ଭିତରେ ଜୀବନ ବ୍ୟତୀତ କରୁଥିଲୁ। ମାତ୍ର, ଏଥର ଏକ ଚମତ୍କାର ଘଟଣା ଘଟିଲା। ଚାଷଋତୁ ଆରମ୍ଭ ହେବାର ଅବ୍ୟବହିତ ପୂର୍ବରୁ ଦେବବ୍ରତ ନାମକ ଜଣେ ଚିତ୍ରକର ଆସି କୁସୁମପୁରରେ ପହଁଚଲେ। ଲୋକମାନଙ୍କର ଦୁଃଖଦୁର୍ଦଶା ଦେଖି ଦୁଃଖିତ ହେବାସହ ଏ ଅବସ୍ଥାରୁ ମୁକୁଳିବା ପାଇଁ କଣ କଣ କରାଯାଇପାରିବ ସେ ବିଷୟରେ ସମସ୍ତଙ୍କ ସହ ଆଲୋଚନା କଲେ। ସାରାଦିନ ଲୋକମାନଙ୍କ ସହ ମିଶି ଲୁଣାବନ୍ଧ ବାନ୍ଧିବା ସହିତ ପ୍ରାକୃତିକ ଉପାୟରେ ଉର୍ବରକ ତିଆରି କରିବାର ଉପାୟ ବତାଇଲେ। ସାରଦିନର ଅକ୍ଳାନ୍ତ ପରିଶ୍ରମ ପରେ ସଂଧ୍ୟାପରେ ସୁନ୍ଦର ସୁନ୍ଦର ଚିତ୍ରମାନ ଆଙ୍କିଲେ। ସେଇ ଚିତ୍ରସବୁ ପଡୋଶୀ ରାଜ୍ୟ ମାନଙ୍କରେ ବହୁମୂଲ୍ୟରେ ବିକ୍ରୀ ହେଲା। ଚିତ୍ର ବିକ୍ରିଲବ୍ଧ ଅର୍ଥରେ ସେଇସବୁ ରାଜ୍ୟରୁ ଉନ୍ନତ କିସମର ବିହନ ଓ କୃଷି ଉପକରଣ ମାନ କିଣି କୃଷକମାନଙ୍କୁ ଯୋଗାଇଦେଲେ। ପିଲାମାନଙ୍କୁ ଶିକ୍ଷିତ କରିବାପାଇଁ ଗ୍ରାମର ଶିକ୍ଷିତ ଯୁବକଯୁବତୀ ମାନଙ୍କୁ ଅନୁପ୍ରେରିତ କଲେ। ସ୍ୱଚ୍ଛତା ସମ୍ବନ୍ଧରେ ସମସ୍ତଙ୍କୁ ସଚେତନ କରାଇ ଗ୍ରାମର ପରିମଳ ବ୍ୟବସ୍ଥାକୁ ସୁସଙ୍ଗଠିତ କରେଇଲେ। ତାଙ୍କ ସହଯୋଗ ଏବଂ ନିଷ୍ଠା ଯୋଗୁଁ ଗ୍ରାମବାସୀମାନଙ୍କ ଭିତରେ ପୂର୍ବର ମନୋବଳ ପ୍ରତ୍ୟାବର୍ତ୍ତନ କଲା ଯାହାର ପରିଣାମ ଆଜି ଏ ଅଞ୍ଚଳର ଚିତ୍ରକୁ ଏମିତି ଆକର୍ଷଣୀୟ କରିପାରିଛି।'

ଗ୍ରାମମୁଖ୍ୟଙ୍କ ମୁହଁରୁ ଏସବୁକଥା ଶୁଣିସାରିବାପରେ ମହାରାଜ ନିଜେ ଯାଇ ଚିତ୍ରକରଙ୍କ ସହ ସାକ୍ଷାତ କରିବାର ଆଗ୍ରହ ପ୍ରଦର୍ଶନ କରିବାରୁ ମୁଖିଆ ତାଙ୍କୁ ଚିତ୍ରକରଙ୍କ କୁଟୀର ନିକଟକୁ ବାଟ କଢାଇ ନେଲେ।

ଚତୁର୍ପାର୍ଶ୍ୱରେ ସବୁଜ ଶସ୍ୟକ୍ଷେତ୍ର ପରିବେଷ୍ଟିତ ଅପେକ୍ଷାକୃତ ଉଚ୍ଚ ଏକ କ୍ଷୁଦ୍ର ପ୍ରାନ୍ତର ଭିତରେ ଥିବା ଝାଟିମାଟିରେ ନିର୍ମିତ କୁଟୀର ନିକଟରେ ପହଂଚିଲାବେଳକୁ ଚିତ୍ରକର

ଦେବବ୍ରତ ନବିଷ୍ଟ ଚତ୍ତରେ ହାତରେ ତୁଳ ଧରି ଚନ୍ଦ୍ରଟିଏ ଆଙ୍କିବାରେ ମଗ୍ନଥିଲେ। କିଛି ସମୟ ନୀରବ ରହି ମହାରାଜ ନରମ ସ୍ୱରରେ କହିଲେ,' ହେ ମହାନ ଶିଳ୍ପୀ, ସର୍ଜନାମନସ୍କତାରୁ ମୁହୂର୍ତ୍ତେ ବିରତି ନେବେକି? ମହାରାଜ ତମର ଦ୍ୱିତୀୟ ଚନ୍ଦ୍ର ଦେଖି ବିମୋହିତ ହେଇଛନ୍ତି। ସେ ତମ ସହ ସାକ୍ଷାତ କରିବାପାଇଁ ଏଠାରେ ଉପସ୍ଥିତ।' ବେଶ ପରିଚତ କଣ୍ଠସ୍ୱର ଶୁଣି ଚନ୍ଦ୍ରକର ମହାରାଜଙ୍କ ମୁହଁକୁ ଗ୍ରହିଁଲେ। ଛଦ୍ମବେଶରେ ଥିବା ମହାରାଜ କନକବର୍ଦ୍ଧନ ସେତେବେଳକୁ ଛଦ୍ମବେଶ ପରିତ୍ୟାଗ କରିସାରିଥିଲେ। ଚନ୍ଦ୍ରକର ଦେବବ୍ରତ ମହାରାଜଙ୍କୁ ଦଣ୍ଡବତ ହେବାପୂର୍ବରୁ ମହାରାଜ ତାଙ୍କୁ ଆଲିଙ୍ଗନ କରି ସହାସ୍ୟ ବଦନରେ କହିଲେ,' ଧନ୍ୟ ତମେ ଶିଳ୍ପୀ, ଧନ୍ୟ ତମ ଚନ୍ଦ୍ରକଳା। ତମେ କେବଳ ବିକ୍ରାନ୍ତନଗରର ଶ୍ରେଷ୍ଠ ଚନ୍ଦ୍ରକର ନୁହେଁ, ତମେ ହେଉଛ ସମଗ୍ର ଆର୍ଯ୍ୟାବର୍ତ୍ତର ସର୍ବଶ୍ରେଷ୍ଠ ଚନ୍ଦ୍ରକର। ତୁମକୁ ପୁରସ୍କାର ଦେବା ମୋ ସାମର୍ଥ୍ୟ ବହିର୍ଭୂତ । ତେଣୁ ଏତିକି ଅନୁରୋଧ କରିବି, ଯଦି ଅନିଚ୍ଛା ନଥାଏ ତେବେ ରାଜକୁମାରୀ ଶଶୀପ୍ରଭାଙ୍କୁ ବିବାହ କରି ବିକ୍ରାନ୍ତନଗରର ପରବର୍ତ୍ତୀ ମହାରାଜ ହେବାପାଇଁ ନିଜକୁ ପ୍ରସ୍ତୁତ କରିବ।'

ଏହାଶୁଣି ଚନ୍ଦ୍ରକରଙ୍କ ଆଖିରୁ ଦୁଇଧାର ଆନନ୍ଦାଶ୍ରୁ ବୋହିଗଲା।

ହରସିଂହ ପୁର, ପୀରହାଟ ବଜାର
ଭଦ୍ରକ-୭୫୬୧୩୧

# ତୃଣଭୂମି ଓ ଏହାର ପରିବେଶ



ନୀଳମାଧବ ସାହୁ

ସନ୍ଧ୍ୟା ହଉ ହଉ ଗାଁର ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଯାଏ ଖଟି | ଗାଁ'ଠୁ ଆରମ୍ଭ କରି ଦେଶ ବିଦେଶ ସବୁ ବିଷୟ ଚର୍ଚ୍ଚା ଚାଲିଥାଏ | ମନୁ ଗାଁର ପୋଖରୀ ରାସ୍ତା ଦେଇ ଯାଉଥାଏ| କିଛି ଲୋକ ଗାଁ ବାହାରେ ଥିବା ଗୋଚର ବା ତୃଣଭୂମିକୁ ଚାଷଜମି କିମ୍ବା କୌଣସି ଫାର୍ମ କରିବେ ବୋଲି କଥା ହେଉଥାନ୍ତି | କିନ୍ତୁ ଗ୍ରାମର ଜଣେ ଶିକ୍ଷକ ତାହାକୁ ଗୋଚର ଜମି ରୂପେ ହିଁ ରଖିବାକୁ ଉପଦେଶ ଦିଅନ୍ତି | ଏହାର କାରଣ ଜାଣିବା ପାଇଁ ମନୁ ଚାହିଁଲା |

ଦିନେ ଶିକ୍ଷକ ରାସ୍ତାରେ ଯାଉଥିବା ସମୟରେ ମନୁ ତା'ଙ୍କୁ ଭେଟିଲା ଓ ଗୋଚର ଜମି ବିଷୟରେ ପଚାରିଲା | ଶିକ୍ଷକ କାହିଁକି ଗୋଚର ଜମିରେ ଆଉ କିଛି କରିବା ପାଇଁ ମନା କଲେ, ତାହା ଜାଣିବା ପାଇଁ ଚାହିଁଲା | ଶିକ୍ଷକ ବି ଠିକରେ ବୁଝାଇବେ ବୋଲି ମନୁକୁ କହିଲେ | ତୃଣଭୂମି ବିଷୟରେ କ'ଣ ଜାଣିଛ ବୋଲି ଶିକ୍ଷକ ମନୁକୁ ପଚାରିଲେ | ମନୁ ଏ ବିଷୟରେ ବିଷୟରେ ବିଶେଷ କିଛି ଜାଣିନ ବୋଲି କହିଲା | ତାପରେ ଶିକ୍ଷକ ତୃଣଭୂମି ବିଷୟରେ ଅବଗତ କରାଇଲେ |

ସାଧାରଣତଃ ଲୋକମାନେ ତୃଣଭୂମି ବା ଘାସ ପଡିଆକୁ ଅଦରକାରୀ ଜମି ବା ୱେଷ୍ଟଲାଣ୍ଡ ବୋଲି ଭାବନ୍ତି ଓ ତାହାର ଉପକାର ବିଷୟରେ ଜାଣନ୍ତି ନାହିଁ | ପକୃତରେ ତାହାର ବହୁତ ଉପକାର ଅଛି ଆମେ ସମସ୍ତେ ଜାଣିବା ଦରକାର | ତୃଣଭୂମି ମୁଖ୍ୟତଃ ଘାସ ଓ ଗୁଳ୍ମରେ ଭରପୁର ଥାଏ, କାଁଭାଁ କେତୋଟି ବଡ ଗଛ ଦେଖିବାକୁ ମିଳେ | ତୃଣଭୂମିରେ ବିଭିନ୍ନ କୀଟପତଙ୍ଗଠୁ ଆରମ୍ଭ କରି ବେଙ୍ଗ, ଏଣ୍ଡୁଅ, ମୂଷା, ସାପ, ହରିଣ, କୃଷ୍ଣସାର ମୃଗ,

ନୀଳଗାଇ, ବିଲୁଆ, କୋକଶିଆଳ ଓ ବିଭିନ୍ନ ପକ୍ଷୀ ଦେଖିବାକୁ ମିଳେ । ସେହିପରି ବିଭିନ୍ନ ଗୃହପାଳିତ ପଶୁ ଗାଇ, ମଇଁଷି, ଛେଳି ଓ ମେଣ୍ଢା ଆଦି ଚରିବାର ବି ଦେଖାଯାଏ ।



ଜଙ୍ଗଲ ପରି ତୃଣଭୂମିରେ ବି ଜୀବମାନଙ୍କ ସନ୍ତୁଳନ ବଜାୟ ରହିଥାଏ । ଛୋଟ କୀଟପତଙ୍ଗମାନଙ୍କୁ ସରୀସୃପ ଓ ଚଢ଼େଇମାନେ ଖାଇଥାନ୍ତି । ସେହିପରି ଛୋଟ ସରୀସୃପକୁ ଚିଲ, ଛଞ୍ଚାଣ ଓ ଅନ୍ୟ ପକ୍ଷୀମାନେ ଖାଆନ୍ତି । ବିଲୁଆବି ସୁଯୋଗ ଦେଖି ଶିକାର କରିଥାଏ । ଅନ୍ୟ ତୃଣଭୋଜି ଜୀବ ଘାସ ଚରନ୍ତି । ଏହିପରି ସେମାନଙ୍କ ସନ୍ତୁଳନ ବଜାୟ ରହେ ଓ ପରସ୍ପର ପ୍ରତି ନିର୍ଭର ଥାଆନ୍ତି । କହିବାକୁ ଗଲେ ସେମାନେ ଖାଦ୍ୟ ଖାଦକର ଭୂମିକା ନିଭାଇଥାନ୍ତି ।

ତୃଣଭୂମି ପରୋକ୍ଷରେ ମଣିଷଙ୍କ ପାଇଁ ଉପକାରୀ ଅଟନ୍ତି । ମହୁମାଛି, ପ୍ରଜାପତି ଓ ଅନ୍ୟ କୀଟପତଂଗ କୃଷଜମିରେ ପରାଗସଙ୍ଗମରେ ସହଯୋଗ କରନ୍ତି । ଯାହା ଫଳରେ ଖାଦ୍ୟ ଶସ୍ୟ ଭଲ ଉତ୍ପାଦନ ହୁଏ ଓ ଆମେ ଖାଦ୍ୟ ପାଉ । ଗାଈର କ୍ଷୀର ମଣିଷଙ୍କ ବହୁତ କାମରେ ଆସେ, ଦହି, ଛେନା, ମିଠା ଓ ଘିଅ ପ୍ରସ୍ତୁତ ହୁଏ । ସେହି ଗାଇ ତୃଣଭୂମିରୁ ହିଁ ଘାସ ଖାଇଥାଏ । ତେଣୁ ମନୁଷ୍ୟମାନଙ୍କ ଜୀବନ ଧାରଣ ପାଇଁ ତୃଣଭୂମିର ଆବଶ୍ୟକତା ମଧ୍ୟ ନିତାନ୍ତ ଆବଶ୍ୟକ ।

ତୃଣଭୂମି ଜୀବଜନ୍ତୁଙ୍କ ବାସସ୍ଥାନ ହେବ ସହ ଆହୁରି ଉପଯୋଗୀ ବି ଅଟେ । ବର୍ଷାରେ ମୃତିକାକୁ ସହଜରେ ଧୋଇହୋଇ ଯିବାକୁ ଦିଏ ନାହିଁ, ଯାହାଫଳରେ ମୃତିକା ସଂରକ୍ଷଣ ହୁଏ । ନ୍ୟୁଟ୍ରିଏଣ୍ଟ ସାଇକେଲରେ ବି ସହଯୋଗ କରେ । ବର୍ଷା ଜଳ ସଂରକ୍ଷଣରେ ମଧ୍ୟ

ତୃଣଭୂମିର ଭୂମିକା ମୁଖ୍ୟ | ବିଭିନ୍ନ ଔଷଧୀୟ ଗୁଳ୍ମ ଓ ଲତା ମଧ୍ୟ ତୃଣଭୂମି ଥିବା ଯୋଗୁଁ ବଂଚପାରନ୍ତି ଓ ତାହା ମନୁଷ୍ୟ ଉପଯୋଗୀ ହୋଇଥାଏ | କେତକ ଦୁର୍ଲଭ ପଶୁପକ୍ଷୀଙ୍କ ବି ବାସସ୍ଥାନ ତୃଣଭୂମି ଅଟେ | ଯେପରିକ ଗ୍ରେଟ ଇଣ୍ଡିଆନ ବୁଷ୍ଟର୍ଡ ରାଜସ୍ଥାନର ତୃଣଭୂମିରେ ରହେ, ଯାହାକ ଆଇ.ଏଉ.ସି.ଏନ (ଅଂନ୍ତଃରାଷ୍ଟ୍ରୀୟ ପ୍ରକୃତି ସଂରକ୍ଷଣ ସଂସ୍ଥା) ଦ୍ୱାରା କ୍ରିଟିକାଲି ଇଣ୍ଡେନଜେରଡ଼ ଅଟେ | ତେଣୁ ଏହାର ସଂରକ୍ଷଣ ଉପରେ ବିଶେଷ ଧ୍ୟାନ ଦିଆଯାଏ | ଏହିପରି କ୍ଷେତ୍ରରେ ତୃଣଭୂମିର ସଂରକ୍ଷଣ ନିତାନ୍ତ ଆବଶ୍ୟକ ଅଟେ |



ବିଭିନ୍ନ ବିକାଶମୂଳକ କାମ ଯେପରିକ ରାସ୍ତାଘାଟ, ରେଳ ଧାରଣା, ସହରୀକରଣ ଓ କଳକାରଖାନା ଗଢିବା ଦ୍ୱାରା ତୃଣଭୂମିର ଆକାର ଦିନକୁ ଦିନ କମିବାରେ ଲାଗିଛି ଓ ତୃଣଭୂମିକୁ ଆମେ ଗୁରୁତ୍ୱ ଦେଉନାହୁଁ | କେତେକ ସ୍ଥାନରେ ବିସ୍ତୃତ ଘାସ ପଡିଆକୁ ଚାଷଜମିରେ ପରିଣତ କରାଯାଉଛି ତ କେତେକ ସ୍ଥାନରେ ଗଛ ରୋପଣ କରି ବନୀକରଣ କରାଯାଉଛି | ବିକାଶ ଓ ଉନ୍ନତିକରଣ ସହ ଆମମାନଙ୍କୁ ଘାସଜମି ଓ ତୃଣଭୂମିର ଲାଭ ଓ ଉପକାରିତା ବିଷୟରେ ଆମ ସମସ୍ତଙ୍କୁ ଅବଗତ ହେବାକୁ ହେବ ଓ ସରକାର ବି ଏଥିପ୍ରତି ଦୃଷ୍ଟି ଦେବାକୁ ହେବ | ଘାସ, ଗୁଳ୍ମ ଓ ଲତା ଇତ୍ୟାଦିର ରୋପଣ ମଧ୍ୟ ବିଭିନ୍ନ ଉଦ୍ୟାନ ଓ ଖାଲି ସ୍ଥାନରେ କରିବାକୁ ହେବ |

ଲୋକମାନଙ୍କୁ ତୃଣଭୂମିର ଉପକାରିତା ଓ ଦରକାରୀ ବିଷୟରେ ଲୋକଙ୍କୁ ସଚେତନ କରିବା ପାଇଁ ଶିକ୍ଷକ ମନୁକୁ ଉପଦେଶ ଦେଲେ | ତା'ସହ ଘାସ ପଡିଆରେ ଘାସ ମାରିବା ପାଇଁ ଯେଉଁ ରାସାୟନିକ ପଦାର୍ଥ ବ୍ୟବହାର ହୁଏ ତାକୁ ବନ୍ଦ କରିବାକୁ କହିଲେ | ସରକାର ମଧ୍ୟ

ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁ ହେବ ବୋଲି କହିଲେ | ମନୁ ତୃଣଭୂମି ବିଷୟରେ ଜାଣି ବହୁତ ଖୁସି ହେଲା ଓ ଅନ୍ୟ ସାଙ୍ଗମାନଙ୍କୁ ଅବଗତ କରାଇଲା |

ପରିବେଶ ପ୍ରଦୂଷଣ ଓ ପାଣିପାଗ ପରିବର୍ତ୍ତନର ଏହି ଯୁଗରେ ମଣିଷକୁ ବଂଚବାକୁ ହେଲେ ପରିବେଶର ସନ୍ତୁଳନକୁ ରକ୍ଷା କରିବାକୁ ହେବ | ସେଥିପାଇଁ ତୃଣଭୂମିର ସଂରକ୍ଷଣ କରି କୀଟପତଙ୍ଗ ଓ ଅନ୍ୟ ପକ୍ଷୀପଶୁଙ୍କ ବି ସଂରକ୍ଷଣ ସୁନିଶ୍ଚିତ କରିବାକୁ ହେବ | ତୃଣଭୂମି ବଞ୍ଚିଲେ କୀଟପତଙ୍ଗ ବଞ୍ଚିବେ, କୀଟପତଙ୍ଗ ବଞ୍ଚିଲେ ଆମ ଖାଦ୍ୟ ବଞ୍ଚିବ, ଓ ଖାଦ୍ୟ ବଞ୍ଚିଲେ ମନୁଷ୍ୟ ବଂଚବ |



ସମରଝୋଲ, ଗଂଜାମ, ଓଡିଶା

# ଦୁଇ କେ ଦୁଇ



ରାମ ଚନ୍ଦ୍ର ପ୍ରଧାନ

ଦୁଇ କେ ଦୁଇ
ଭଲ ମଣିଷଟେ ହେବା
ପାଠରେ ମନ ଦେଇ ।
ଦୁଇ ଦୁଗୁଣେ ଚାରି
ବିଦ୍ୟାଳୟ ଯିବା ଆସ
ସିଲଟ ଖଡ଼ି ଧରି ।
ଦୁଇ ତିରିକ ଛ'
ନିଜ ସ୍ୱାର୍ଥ ପାଇଁ କେବେ
କହିବା ନାହିଁ ମିଛ ।
ଦୁଇ ଚଉକୁ ଆଠ
ସର୍ବେ ଏକତ୍ରିତ ହୋଇ
ପଢିବା ଆସ ପାଠ ।
ଦୁଇ ପଞ୍ଚା ଦଶ
ବିପଦେ ଧୈର୍ଯ୍ୟ ଧରିବା
ମନେ ବାନ୍ଧି ସାହସ ।
ଦୁଇ ଷୋହକ ବାର
ଭକତି ଚିତ୍ତେ ଗାଇବା
ବନ୍ଦନା ବିଭୁଙ୍କର ।
ଦୁଇ ସତା ଚଉଦ
ସଭିଙ୍କ ସଙ୍ଗେ ମିଶିବା
ନ ରଖି ଜାତିଭେଦ ।

ଦୁଇ ଅଷ୍ଟା ଷୋହଳ
ନୀତି ନିୟମ ମାନିବା
ନ କରି ହଟଗୋଳ ।
ଦୁଇ ନୂଆଁ ଅଠର
ବୁଦ୍ଧି ବିଚାରି ଚଳିବା
ନ କରି ଧାର ଉଧାର ।
ଦୁଇ ଦଶା କୋଡିଏ
କରିବାନି କେବେ ଭୁଲ
ଜୀବନେ ଥରୁଟିଏ ।

ଶିକ୍ଷକ,ସାନ୍ତରାପଲ୍ଲୀ, ଗଞ୍ଜାମ

# ଚିତ୍ର



ରିୟାନ୍ସ ପଣ୍ଡା



ଷ୍ଟାଣ୍ଡର୍ଡ ୧, ରବୀନ୍ଦ୍ର ଭାରତୀ ଗ୍ଲୋବାଲ ସ୍କୁଲ,
ବାଙ୍ଗାଲୋର

# ଜୁଲାଇ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୫/୦୭/୨୦୨୧ | ଖଳଲାଗି ଏକାଦଶୀ |
| ୦୬/୦୭/୨୦୨୧ | ପଠାଣି ସାମନ୍ତଙ୍କ ତିରୋଧାନ ଦିବସ |
| ୦୭/୦୭/୨୦୨୧ | ଅଣସର ତ୍ରୟୋଦଶୀ |
| ୦୯/୦୭/୨୦୨୧ | ଅମାବାସ୍ୟା, ନେତ୍ରୋତ୍ସବ |
| ୧୦/୦୭/୨୦୨୧ | ଉଭାଯାତ୍ରା ଓ ନବଯୌବନ ଦର୍ଶନ |
| ୧୧/୦୭/୨୦୨୧ | ଉଭାଯାତ୍ରା ଓ ଦ୍ୱୀତୀୟାର ଚନ୍ଦ୍ରଦର୍ଶନ |
| ୧୨/୦୭/୨୦୨୧ | ଶ୍ରୀଗୁଣ୍ଡିଚ୍ଚ (ରଥଯାତ୍ରା) |
| ୧୫/୦୭/୨୦୨୧ | ଗୁରୁ ପଞ୍ଚମୀ ବ୍ରତ |
| ୧୬/୦୭/୨୦୨୧ | ହେରା ପଞ୍ଚମୀ, ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି |
| ୧୭/୦୭/୨୦୨୧ | ପର୍ଶୁରାମାଷ୍ଟମୀ |
| ୧୮/୦୭/୨୦୨୧ | ନବମୀର ସନ୍ଧ୍ୟାଦର୍ଶନ |
| ୨୦/୦୭/୨୦୨୧ | ବାହୁଡା ଯାତ୍ରା |
| ୨୧/୦୭/୨୦୨୧ | ଗରୁଡ ଶୟନ, ରଥ ଉପରେ ସୁନାବେଶ ଓ ଇଦୁଲ୍‌ଜୁହା |
| ୨୪/୦୭/୨୦୨୧ | ବ୍ୟାସ ଓ ଗୁରୁ ପୂର୍ଣ୍ଣିମା |
| ୨୬/୦୭/୨୦୨୧ | ବୋଲବମ ଆରମ୍ଭ |
| ୨୮/୦୭/୨୦୨୧ | ମନସା ପଞ୍ଚମୀ |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା –vedantimagazine@gmail.com/ editor.vedantimagazine@gmail.com

## ଜୁନ ମାସର ବିଜେତାଙ୍କ ନାମ



ଆମ୍ବ ଫଳ ରଜା ମନ୍ତ୍ରୀ ପଣସ
ଖଜା ପଣସର ସ୍ୱାଦ ସରସ
ପେନ୍ଥା ପେନ୍ଥା ହୋଇ ଗଛରୁ ଝୁଲେ

ପାଚଲେ ମହକ ଦୁନଆ ଖେଳେ
କଠା ପଣସର ସାଦା ବ୍ୟଞ୍ଜନ
ମାଂସ ତରକାରୀ ସଂଗେ ସମାନ
ପଣସ ରସର ଅପୂର୍ବ ସ୍ୱାଦ
ଲୋଭ କରି ବେସି ଖାଇଦେଲେ କନ୍ତୁ
ପେଟ ପାଇଁ ହୁଏ ବଡ଼ ବିପଦ ।

<u>ବିଜେତା: ସୁମିତ୍ରା ପଣ୍ଡା, ଶ୍ରୀ ବିହାର, ପଟିଆ, ଭୁବନେଶ୍ୱର</u>

ଦାରୁଣ ନଦାଘ କ୍ଲେଶ
ଭୁଲି ଯିବା ଦେଖି
ଆମ୍ବ ପଣସ ର ରସ,
ପାଚଲା ପଣସ ଖୋଷା
ସାବିତ୍ରୀ, ରଜର ଗୁହିଦା ଅନେକ
ଘର ବେଘର ରେ ଆଶା,
ପଣସ କଠା ର କଷା
ମାଉଁସ ତିଅଣ କ ହେବ ଆମର
ଯେବେ ଖାଇବା ବେଳେ ପରୋଷା
ବରଷ କୁ ଥରେ ଆସେ
ସଭିଙ୍କ ଆଦର ଫଳ ଟିଏ ଜାଣ
*ପଣସ* ନାଁ ରେ ରସେ ।

<u>ବିଜେତା: ମୀନାକ୍ଷି ପାଢୀ, ଥାନେ, ମହାରାଷ୍ଟ୍ର</u>

ମନଲୋଭା ଦିସେ ସବୁଜ ପଣସ
ମନରେ ଭରେ ହରସ
ଶାଖା ପ୍ରଶାଖାରେ ଓହଳ ରୁହଇ

ଖଦଡ ତା ପୃଷ୍ଠଦେଶ
କଞ୍ଚା ଥିବା ବେଳେ ହୁଏ ତରକାରୀ
କାଟିଲେ ଲାଗେ ତା' ଅଠା
ଗ୍ରୀଷ୍ମ ପ୍ରକୋପରେ ପାଚେ ସହଜରେ
ଲାଗଇ ସୁଆଦ ମିଠା ।

ବାଙ୍କାବିହାରୀ ମହାକୁର, ବୁରୁବୁଡା, ବୀରମହାରାଜପୁର, ସୁବର୍ଣ୍ଣପୁର

ପଣସ, ଉପରେ ତୁ ବାପାଙ୍କ ପରି ଟାଣ
ଭିତରେ ତୁ ମାଆର ମମତା ପରି କଅଁଳ
କଞ୍ଚାରେ ତୋ ଆଦର କାହିଁରେ କଣ
ଡାଲମା, ବେସର, ଭଜା ଆଉ ରାଇ
ଯିଏ ଖାଏ ସେ ବୁଝେ ତୋ ସୁଆଦ
ଯାନ ଯାତ, ବାହାବ୍ରତ, ଶ୍ରାଦ୍ଧ-ତିଳତର୍ପଣ
ତୋ ପନ୍ଥ ବିନା ହୁଏ ସବୁ ଅସାର
ପାଚଲେ ତୁ ବାସ ମହକେ ଚଉଦିଗେ
ମଣିଷ ଆଉ ପଶୁପକ୍ଷୀ ତାକୁ ଖାଇ ହୁଅନ୍ତି ଖୁସି ।

କୀର୍ତ୍ତି ଦେବୀ, ସିଭିଲଟାଉନ୍ ସିପ୍, ରାଉରକେଲା

ସବୁଜ ରଂଗରେ   ଦିଶୁ  ତୁ ସୁନ୍ଦର
ଅଟୁ ତୁ ସବୁରି ପ୍ରିୟ
ଫଗୁଣେ ଜନମି   ବଇଶାଖେ ଦେଲୁ
ତୋ  ଅବୟବର ପରିଚୟ ।

ବାଡି ବଗିଚାରେ  ରଜା ବୋଲାଉ ତୁ
କେଡେ ସୁନ୍ଦର ତୋ ତନୁ

ମୋଟୁ ପେଟୁ ହୋଇ    ଝୁଲୁଥାଉ ତୁହି
ଶରୀରେ ତୋ କଣ୍ଟା ଘେନୁ ।

ପିଲାଦିନେ ତୋର    ଏ କଣ୍ଟା ଶରୀର
ଭିତରେ କୋମଳ ତନୁ
ଘରଣୀଙ୍କ ପ୍ରିୟ    ହୋଇଥାଉ ସିନା
ପାଚ ସମସ୍ତଙ୍କୁ ଘାଣ୍ଟୁ ।

ଆମ୍ବ ଫଳ ସାଥେ    ସମ୍ବନ୍ଧରେ ଥାଉ
ସାବିତ୍ରୀ ପୂଜାରେ ଭାଉ
ରଜ ପରବରେ    ତୋ କାଟତି ଦେଖି
ହଂସା ମୋର ଉଡିଯାଉ ।

ଦେବଯାନୀ ସ୍ୱାଇଁ, ଗୋରେଗାଓଁ, ମୁମ୍ବାଇ

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚିତ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚିତ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା –vedantimagazine@gmail.com

# ଆପଣଙ୍କ ମତାମତ

ଜୁନ, ୨୦୨୧ ସଂଖ୍ୟାରେ ଶ୍ରୀ ସୌଭାଗ୍ୟ ରଞ୍ଜନ ମହାପାତ୍ର ଙ୍କର 'ଯୁବ ସଂଗ୍ରାମୀ ଭଗତ ସିଂ' ଙ୍କ ଦୁଃସାହସିକ କାମ ଉପରେ ଆଲୋକ ପାତ ଅତ୍ୟନ୍ତ ପ୍ରେରଣା ଦାୟୀ, ସାଇତି ରଖିବା ଭଳ ଲେଖା ଟି, ଲେଖକ ଙ୍କୁ ଅନେକ ସାଧୁବାଦ

(ଏଇଠି ସ୍ମରଣ କରାଯାଇପାରେ; ଯେ ଏହି ବିଶ୍ୱାସ ଘାତୀ ଓ ବର୍ବରୋଚିତ ଜାଲିଓ୍ୱାନାବାଗ୍ massacre ର ଗୁଳକାଣ୍ଡ, ଜେନେରାଲ ଓ ଡାୟାର୍ ଙ୍କ ନର୍ଦ୍ଦେଶ ରେ ୧୩.୦୪.୧୯୧୯ ଦିନ ସଂଗଠିତ ହୋଇଥିଲା, ଯାହାର ଉପଯୁକ୍ତ ପ୍ରତିଶୋଧ ଏବଂ ଐତିହାସିକ ଜବାବ ଦେଇ ଥିଲେ ଭାରତ ର ବରପୁତ୍ର ବୀର ଉଦ୍ଧାମ ସିଂ, ଯୀଏ ଲଣ୍ଡନ ର westminister Caxton hall ରେ ଭରି ସଭାରେ ତା ୧୩.୦୩.୧୯୪୦ ରିଖ ରେ ସମସ୍ତ ଙ୍କ ସମ୍ମୁଖରେ, ମାଇକେଲ ଓ ଡାୟାର ଙ୍କୁ ଗୁଳ କରି ହତ୍ୟା କରିଥିଲେ। ମାଟିର ଏହି ବୀର ସନ୍ତାନ ମାନଙ୍କୁ କୋଟି କୋଟି ପ୍ରଣାମ।)

ପ୍ରଦୀପ ପଣ୍ଡା, ଜଗନ୍ନାଥନଗର, ଭୁବନେଶ୍ୱର-୧୦

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ । ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତି ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁ ନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇ ପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.com visit କରନ୍ତୁ ।

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ଲକ୍ଷ୍ନୌ ରୁ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ:vedantimagazine@gmail.com। ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**